ଘାସଫୁଲ

ସପ୍ତଦଶ ବର୍ଷ ତୃତୀୟ ସଂଖ୍ୟା ରଥ-୨୦୨୬
17th Year 3rd Issue Ratha -2026

ପ୍ରତିଷ୍ଠାତା ସମ୍ପାଦକ: **ବିଷ୍ଣୁ ସେଠୀ**

ସଂପାଦିକା : **ଉର୍ମିଳାରାଣୀ ପାଣିଗ୍ରାହୀ**
ଅତିଥି ସଂପାଦକ : **ସୂର୍ଯ୍ୟବଂଶୀ ସୂରଜ**

ସୃଜନୀ ସମ୍ପାଦକ : **ଅଭୟ ଦ୍ୱିବେଦୀ**

ନିର୍ବାହୀ ସଂପାଦକ: **ବ୍ୟୋମକେଶ ସେନାପତି**
କଳା-ସଂପାଦକ : **ଚୂଡ଼ାମଣି ଦାସ**


ଅକ୍ଷର ସଜ୍ଜା : **ମା' ସନ୍ତୋଷୀ କମ୍ପ୍ୟୁଟର**
ମୁଦ୍ରଣ : **ରିକି ପ୍ରମୋଟର**

ଅବତାର କୃତହ୍ୟେଷ
ଲୋକାନୁଗ୍ରହକାମ୍ୟୟା ।
ତଦେହି ଭଗବାନ୍ ପ୍ରିତ୍ୟା
ଚରଣଂ ନ୍ୟସ୍ୟ ଭୂତଳେ ।
- ସ୍କନ୍ଦପୁରାଣ

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ: ୭୦୦୮୫ ୯୮୮୩୨, ୯୯୩୭୬ ୧୧୨୨୮
E-mail: ghasaphula02@gmail.com

ମୂଲ୍ୟ
୫୦ଟଙ୍କା ମାତ୍ର

ସୃଜନୀର ସ୍ୱର ଓ ସ୍ୱାକ୍ଷର





ତୋରାଣୀ କଂସାର ଭାଇ

ମ.ାଳ୍ୟାର ୮ାଳ ପ୍ରଭୁ କନ୍ଦରରେ ନୀଳମାଧବ । ସନ୍ନିକଟରେ ନୀଳ ସମୁଦ୍ର । କଠିନ ପର୍ବତ ଓ ଛଳଛଳ ସମୁଦ୍ରର ଅପୂର୍ବ ସମନ୍ୱୟ । ମୁଣ୍ଡ ଉପରେ ତମାମ ନୀଳାମ୍ବର ।

ବଡ଼ ଠାକୁର ବଡ଼ ଦାଣ୍ଡରେ ବଡ଼ ଥାଟପଟାଳରେ ଶ୍ରୀଜୀଉମାନଙ୍କ ଗହଣରେ ବର୍ଷକରେ ଥରେ ବିରାଜ କରନ୍ତି ।

ହସ୍ତପାଦ ବିହୀନ ମହାମେରୁଙ୍କର ବଡ଼ ଦାଣ୍ଡରେ ରଥଯାତ । ବୋଧେ ହାତପାଦ ନାହିଁ ବୋଲି ପ୍ରକାଣ୍ଡ ରଥରେ ବିଜେ ହୁଅନ୍ତି ।

ବଡ଼ବଡ଼ ରଥ ପାଇଁ ବଡ଼ ବଡ଼ ଚଉପାଟ, ଅଖ, ଚକ । ସେଥିପାଇଁ ମହାଭୂତର ଚେତନାରେ ସଂଲଗ୍ନିତ ଦାରୁ ସଂସ୍କୃତି - ନିମ୍ବବୃକ୍ଷ । ଗ୍ଲୋବାଲ ୱାର୍ମିଂର ବିହିତ ପ୍ରତିକାରର ପ୍ରାଚୀନ ବୌଦ୍ଧିକତା ବି ଆମ ଜାତି ସଂସ୍କୃତିର । ନିରୁତା ନିରୀହ, ନିଷ୍କପଟ ଜନଜାତିଙ୍କର ପାରମ୍ପରିକ ପୂଜାର୍ଚ୍ଚନା ।

ପାଦପାଣି ବିହୀନ ବିଗ୍ରହଙ୍କ ରଙ୍ଗରେ ଭରିଯାଇଛି ନିଖିଳ ବିଶ୍ୱବାସୀଙ୍କର ପ୍ରତିନିଧିତ୍ୱ । ଚତୁର୍ଦ୍ଧା ମୂରତି ଶ୍ରୀଜୀଉମାନଙ୍କ ମଧ୍ୟରୁ ଶ୍ରୀସୁଦର୍ଶନ ଲୋହିତ ରଙ୍ଗ ବିଶ୍ୱର ତମାମ ଲୋହିତ ଭାରତୀୟମାନଙ୍କର ବର୍ଣ୍ଣକୁ ପରିପ୍ରକାଶ କରୁଥିଲାବେଳେ - ମାତେଃ ସୁଭଦ୍ରାଙ୍କ ପୀତବର୍ଣ୍ଣ ସାରା ମଙ୍ଗୋଲୀୟ ଜାତି - ଗୌହାଟୀ ଠାରୁ ଅର୍ଦ୍ଧାଧିକ ଏସୀୟ ରାଷ୍ଟ୍ରସମୂହ ଜନସମୁଦାୟର ପ୍ରତୀକ ।

ହଳଧର ମହାପ୍ରଭୁ ବଳଭଦ୍ରଙ୍କର ଶୁଭ୍ରରଙ୍ଗ - ସମଗ୍ର ପାଶ୍ଚାତ୍ୟ ଦେଶସମୂହର ଗୋରା ଲୋକର ପ୍ରତିନିଧିତ୍ୱ କରୁଥିଲାବେଳେ - ସ୍ୱୟଂ ଜଗନ୍ନାଥଙ୍କର ତ୍ରିପଣ୍ଡ କୃଷ୍ଣବର୍ଣ୍ଣ ସମଗ୍ର ନିଗ୍ରୋ ଜାତିମାନଙ୍କର ପ୍ରତୀକାତ୍ମକ ପରିଚୟ । କେଉଁ ସେ ଅଶିକ୍ଷିତ ଆଦିବାସୀବର୍ଗ ଯେ' ରଙ୍ଗକୁ ବିଗ୍ରହମାନଙ୍କ ଅବୟବରେ ସେଦିନରୁ ନେସି ଦେଇଛନ୍ତି ଯେ ସେ ରଙ୍ଗ ବିଚ୍ଛୁରି ବିଚ୍ଛୁରି ଯାଉଛି ଓଡ଼ିଶାରୁ ଓମାନ୍ ଯାଏ, ଉତ୍କଳରୁ ୟୁକ୍ରେନ୍ ଯାଏ, କଳିଙ୍ଗରୁ କୁଆଲାଲାମ୍ପୁର ଯାଏ ।

ଆମ ଠାକୁର ଆମ ପରି । ଚଢ଼େଇନଦା ପରି ଦୁର୍ଲଭ ପ୍ରସାଦ ସହ ଦହି ପଖାଳରେ ବି ଆମ ମହା'ପ୍ରୁ ଶାନ୍ତି । ପେଟେ ଖାଇ ପହୁଡ଼ ପକାଇ ଶୋଇଯାଆନ୍ତି ଦଣ୍ଡେ ଶ୍ରୀମନ୍ଦିରରେ ଓଡ଼ିଆଙ୍କ ପରି । ଖରା ଗଡ଼ିଗଲେ ଉଠେ, ଦେବଦାସୀ ନାଚ ଦେଖି, ସିଂହାରୀ ହାତରେ ସଜ ହୁଏ । ପୁଣି ରାତିଟାଏ ଶୋଇଯାଏ ନିଶ୍ଚିନ୍ତରେ । ପ୍ରତ୍ୟୁଷରୁ ଅଳସମଗ୍ନା ବୋହୂକୁ ଶାଶୁ ନିଦରୁ ଉଠାଇଲା ପରି ମଙ୍ଗଳ ଆଳତୀରେ ଉଠାଇ ଦିଅନ୍ତି ଭକ୍ତି - ଆତୁର ଭକ୍ତବୃନ୍ଦ ଶ୍ରୀମନ୍ଦିରରେ । ଝରଝର ଲୁହରେ ଭକ୍ତ ନିବେଦନ କରୁଥାଏ "ପ୍ରଭୁ ହେ ! ଗହଳ ନିଦରେ ଶୋଇଲେ ଏ ସୃଷ୍ଟି ତିଷ୍ଠିବ କେମିତି ! ଉଠ ମଣିମା, ଜଲ୍‌ଦି ଉଠ !"

ନିର୍ମାୟା, ନିର୍ଘୋଷ, ନିରଞ୍ଜନ ମହାପ୍ରଭୁଙ୍କର ଅପଲକ ନୟନ । ସାରା ସଂସାରକୁ ଅବଲୋକନ କରୁଛନ୍ତି କି ନିର୍ମେଷ ଦୃଷ୍ଟିରେ - ସେ ସ୍ୱୟଂ ସେ କଥା ଜାଣନ୍ତି । ଅବୟବ ବିହୀନ ପ୍ରଭୁ ଚକ୍ରଧାରୀ । କେଉଁ ଶବ୍ଦରେ ଯେ ତାଙ୍କୁ ସମ୍ବୋଧିତ କରିହେବ, ସେ ତ' ଖୋଦ୍ ଶବ୍ଦବ୍ରହ୍ମ । ମାନବୀୟ ପ୍ରକୃତିରେ ବ୍ରହ୍ମ ଅପସାରଣ ପ୍ରକ୍ରିୟା ବିଗ୍ରହରୁ ବିଗ୍ରହ ମଧ୍ୟକୁ । ସତରେ କ'ଣ ମହାପ୍ରଭୁ ସେ ବ୍ରହ୍ମରେ ସୀମିତ, ନିୟନ୍ତ୍ରିତ ! ଜଗନ୍ନାଥଙ୍କ ଲୀଳାଖେଳା ପାଗଳାମୀରେ ଉଦ୍‌ବୁଦ୍ଧ ଓଡ଼ିଆଟିଏ କେଉଁ କାଳରୁ ନିମଜ୍ଜିତ । ଶାବରୀୟ ସଂସ୍କୃତିର ଉତ୍ତରଦାୟାଦ ଦଇତାପତିମାନେ ତାଙ୍କୁ ସ୍ୱସମ୍ଭୂ ବୋଲି ବିବେଚନା କରନ୍ତି । ବ୍ରାହ୍ମ୍ୟ ସଂସ୍କୃତିର ପଣ୍ଡା, ପଢ଼ିହାରୀମାନେ ବି ସେଇ ଶ୍ରୀମନ୍ଦିରରେ ଶ୍ରୀହରିଙ୍କର ସେବକ । ଗଜପତିଙ୍କ ସମ୍ମାନାର୍ଥେ ଯେଉଁ ଦିଅଁ କଳାଧଳା ଘୋଡ଼ାରେ ବିଜେ ହୋଇ କାଞ୍ଚି ରାଜନଙ୍କ ଦର୍ପ ଚୂର୍ଣ୍ଣ କରିଥାନ୍ତି, ଅଶ୍ୱାରୋହୀ ଭାବେ ମାଣିକ ଗଉଡୁଣୀକୁ ରତ୍ନମୁଦି ଦେଇ ନିଃସ୍ୱ ମଣିଷକୁ ଗଣତାନ୍ତ୍ରିକ ଢ଼ାଂଚାରେ ଆପଣେଇ ନେବାର ନଜିର ଛାଡ଼ିଯାଆନ୍ତି । କେବେ କେବେ ରକ୍ତବାହୁ ଠାରୁ କଳାପାହାଡ଼ମାନଙ୍କର ଆକ୍ରୋଶରେ ପ୍ରଭୁ ପାତାଳୀ ହୁଅନ୍ତି । ସତରେ ପ୍ରଭୁ କ'ଣ ଓ କ'ଣ ନୁହନ୍ତି । ଏକଥା ଭାବି ଭାବି ଓଡ଼ିଆଟିଏ ତାଙ୍କ ନିକଟରେ ଚିରକାଳ, ପୁରୁଷାଦିକ୍ରମେ ସମର୍ପିତ । ଯେତେ ସିଏ ଜଗତର ନାଥ ହୁଅନ୍ତୁ କି ବିଶ୍ୱ ଜୀବନ ହୁଅନ୍ତୁ, ଓଡ଼ିଆଟିଏ ମାନସିକସ୍ତରରେ ତାଙ୍କୁ ଏତେ ଆପଣାର ଭାବେ ଯେ, ଭାବିନିଏ ମହାପ୍ରୁ ତା' ଭଙ୍ଗା ଦଦରା ସାଂସାରିକ ଜୀବନର ଜନୈକ ପାରିବାରିକ ସଦସ୍ୟ । ତା ଭଲ - ମନ୍ଦର ମୁରବୀ, ତା ଦୁଃଖ - ସୁଖର ବନ୍ଧୁଟିଏ, ତା' ତୋରାଣି କଂସାର ଭାଇଟିଏ, ତା ଜୀବନ ରଙ୍ଗମଞ୍ଚର ନିର୍ଦ୍ଦେଶକ, ପ୍ରଯୋଜକ ଓ ସହ ଅଭିନେତା । ତା' ନିଃଶ୍ୱାସ - ପ୍ରଶ୍ୱାସର ନିୟନ୍ତ୍ରକ । ଓଡ଼ିଆଣୀଟିଏ ତା' ଭଗ୍ନକୁଟୀରର କେଉଁ ନିଭୃତ କୋଣରେ ଥୋଇ ଦେଇଥାଏ ରଙ୍ଗୀନ କାଗଜ

ଛାପା କିମ୍ବା ବଢ଼େଇ ହାତ ତିଆରି କାଠର କୁନି କୁନି ବିଗ୍ରହ ଓ ପାର୍ଶ୍ୱରେ ଲାଲକପଡ଼ାରେ ବନ୍ଧା ମହାପ୍ରସାଦ । ଅତୀତ ଓଡ଼ିଶାରେ କେତେ ଯେ କ୍ଷୁଧାର୍ତ୍ତ ଓଡ଼ିଆ ଗାଧୋଇ ପାଧୋଇ ସାରି ସେଇ ମହାପ୍ରସାଦକୁ ଛୁଇଁ ଆଖିରୁ ଲୁହ ଗଡ଼ାଇ ଗଡ଼ାଇ ସମର୍ପି ଦିଅନ୍ତି ନିଜକୁ ଓ ବିଲିବିଲି ହେଉଥାନ୍ତି "ଜଗନ୍ନାଥେ ବୋଧେ ଆଜି ଅନ୍ନଜଳ ଛୁଇଁ ନାହାନ୍ତି, ସେଥିପାଇଁ ମୁଁ ଓ ମୋ ପରିବାର ଆଜି ଭୋକିଲା ।" ଯେଉଁଦିନ ଭୁରିଭୋଜନରେ 'କାମନାର ବିନାଶରେ, ଦୁଃଖର ବିନାଶ' ତତ୍ତ୍ୱର ବିଶ୍ୱାସୀ ଓଡ଼ିଆଟିଏ ଆପ୍ୟାୟିତ ହୁଏ, ସେଦିନ ବି ସେ ସେଇଘରର ନିଭୃତ କୋଣର କାଗଜଫଟୋ, ସାମ୍ନାରେ କହୁଥାଏ "ପ୍ରଭୁ ! ସବୁ ତୋର ମାୟା, ତୋର ସବୁ ଦୟା । ମୁଁ ବାଡ଼କୁ ବତା, ନିମିତ୍ତ ମାତ୍ର !

ଏଭଳି ଭାବୋଚ୍ଛ୍ୱାସରେ ବାନ୍ଧି ଦେଇଥିବା ଠାକୁରଟିଏ ବୋଧେ ସାରା ବିଶ୍ୱରେ ବିରଳ ଏବଂ ଏଭଳି ପରମ ଭାବୋଚ୍ଛ୍ୱାସରେ ନିଜକୁ ବାନ୍ଧି ଦେଇଥିବା ଓଡ଼ିଆ ଭକ୍ତଟିଏ ମଧ୍ୟ ବିରଳ ।

ଏହି ଆଲେଖ୍ୟର ଆରମ୍ଭ କେଉଁଠୁ, ଶେଷ କେଉଁଠି ହେବ ମୁଁ ଜାଣେନି । ହେଲେ ଲେଖିଲାବେଳେ ତାଙ୍କୁ ଦର୍ଶନ କଲି ଦୂରଦର୍ଶନର ଏକ ଚ୍ୟାନେଲରେ । ଲେଖିଲା ବେଳେ ଆଖିରେ ଯେ କାହିଁକି ଲୁହ ଭର୍ତ୍ତି ହୋଇଗଲା- ମୁଁ ଜାଣେନା । ସତରେ ତାଙ୍କ ପାଇଁ ପ୍ରତି ଓଡ଼ିଆ ଲୁହ ଛଡ଼ା ଆଉ କେଉଁ ନୈବେଦ୍ୟରେ ନିଜକୁ ସମର୍ପିପାରେ ? ଦୂରଦର୍ଶନର ଯାନ୍ତ୍ରିକବାକ୍ସ ମୋ ସାମ୍ନାରେ । ନୀଳକନ୍ଦରର ନୀଳମାଧବ ବି ମୋ ସାମ୍ନାରେ । ମୋ କଲମ ଯାହା ଯାହା ଲେଖିଯାଉଛି ସେଇ ବର୍ତ୍ତୁଳାକାର ଚକ୍ଷୁ ଦୁଇଟିରେ ବର୍ତ୍ତୁଳାକାର ଅକ୍ଷରମାନଙ୍କରେ ଯେମିତି ବିରାଜିତ । ଜାଣେନା - ଜୀବନରେ ଆଉ ଥରୁଟିଏ ନବକଳେବର ପର୍ବର ରୋମାଞ୍ଚିତ ସାନ୍ନିଧ୍ୟ ପ୍ରାପ୍ତି ହେବ କି ନାହିଁ । ସବୁଥର ପତ୍ରିକାର ଅଗ୍ରଲେଖ ସଂପାଦକୀୟ (ଶିରୋଧାର୍ଯ୍ୟ ..... ଶିରୋନାମା) ସବାଶେଷରେ ଲେଖୁଥିଲାବେଳେ ଏଥର ପତ୍ରିକା ପ୍ରସ୍ତୁତ ପୂର୍ବରୁ କାହିଁକି ଲେଖିଲି ? ଲେଖିଲାବେଳେ ତ ମଶା ଘାରି ପକାଉଥିଲେ ଚେୟାର ତଳ ପାଦଯୋଡ଼ାକୁ । ବାହାମୂଳରେ ମଶା ବସି କାମୁଡୁଛି ବୋଲି ଭାବି ହାତ ମାରିଲା ବେଳକୁ ଜାଣିଲି ଆଖିରୁ ଝରିଥିବା ଲୁହ ଟୋପାଟିଏ । ସବୁଦିନ ମଶାଙ୍କୁ ହାତର ଚାପୁଡ଼ାରେ ମାରିଦେଉଥିଲା ବେଳେ ଆଜି, ଏବେ ଖାଲି ଘଉଡ଼ାଇ ଦେଉଛି କାହିଁକି ? ମୋତେ ଲାଗୁଛି ଜୀବନ୍ତ ସେଇ ମଶାର ଘୁଁ ଘୁଁ ରାଗିଣୀରେ ବି ସିଏ ବିରାଜିତ । ସବୁ ପାର୍ଥିବ, ଅପାର୍ଥିବ, ବସ୍ତୁ, ଅବସ୍ତୁରେ, ଜୀବନ୍ତ ମୃତ - ମଧ୍ୟରେ 'ଈଶ୍ୱର କଣିକା' କୁଆଡ଼େ

ଜୀଇଁ ରହିଥାଏ । ବହୁବର୍ଷ ତଳେ ହାଇସ୍କୁଲରେ ପାଠ ପଢୁଥିବା ପୁଅ ତା' ମାଆକୁ କହିଥିଲା "ମଶାଙ୍କୁ ମାରନା ମାଆ ! କେଡ଼େ ଟିକି ଜୀବଟିଏ ଦେଖୁନୁ" । ମନେ ପଡ଼ିଗଲା ସେଇଦିନର କଥା ଆଜି କାହିଁକି ? ଯଦି ମଣିଷ ପରି ଜୀବନକୁ ଜଗନ୍ନାଥେ ତିଆରିଛନ୍ତି, ମଶାପରି କ୍ଷୁଦ୍ରାତିକ୍ଷୁଦ୍ର କୀଟ, ପତଙ୍ଗମାନଙ୍କୁ କିଏ ତିଆରିଛି ? ସକଳ ଘଟେ ନାରାୟଣଙ୍କୁ ତ ଅତିବଡ଼ି ଜଗନ୍ନାଥ ଦାସେ କେଉଁ ଅମଳରୁ କହିସାରିଛନ୍ତି । ସେଥିପାଇଁ ବୋଧେ ପ୍ରଭୁ ବୃକ୍ଷ ସହ ମଣିଷକୁ ଯୋଡ଼ି ହୋଇଯାଇଛନ୍ତି କେଉଁ କାଳରୁ । ମହାପ୍ରସାଦ ନାଁରେ ଯୋଡ଼ିଯାଇଛି ସାମାନ୍ୟ ଖୁଦ କଣିକାରେ 'ଗଡ୍‌ସ ପାର୍ଟିକିଲ୍' । ସେଥିପାଇଁ ସାମାନ୍ୟ ତୁଳସୀ ପତ୍ରଟିଏ ହୋଇଯାଏ ବୃନ୍ଦାଏ ଜଳରେ ପାଦୁକା ପରି ମହାର୍ଘ୍ୟ । ଟୋପାଏ ସିନ୍ଦୂର, ଚନ୍ଦନ କି ମାଟି ଲାଗିଯାଏ ତା' କପାଳରେ ପ୍ରଭୁଙ୍କର ନିଦର୍ଶନ ସ୍ୱରୂପ । ପୁରସ୍ତମଧାମରୁ ଫେରୁଥାଏ ନିପଟ ମଫସଲର ସଂସାରୀ ଗାଁର ଜୀବନକୁ ଗାମୁଛାରେ ବାନ୍ଧି ଦେଇ ସାମାନ୍ୟ ଶୁଖିଲା ଶାଳପତ୍ରରେ ଗୁଡ଼ା ହୋଇଥିବା ରେଂଚାଏ ଗୁଡ଼ । ସେଇ ମହାପ୍ରସାଦ ଛୁଇଁ ସେ ଝିଅ ବିଦା କରେ ତ ବୋହୂଟିଏ ଚାଳଘରକୁ ଆଣେ । ପୂଜାପର୍ବାଣୀ ଠାରୁ ମୃତାହ କର୍ମ ପର୍ଯ୍ୟନ୍ତ ସେ ସାକ୍ଷୀ ରଖେ ସେଇ ଚକା ଆଖିକୁ ।

ଆଜି ମହାପ୍ରୁ'ଙ୍କ ପାଖରେ ଆମେ କେତେମତେ ଅଛନ୍ତି - ମୁଁ ଜାଣେନା । ଭବିଷ୍ୟତରେ ବି ଯେ' ଏକ ଅମୀମାଂସିତ ପ୍ରଶ୍ନ ଆମ ସମସ୍ତଙ୍କ ପାଇଁ । କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଭାଷାରେ *"ଜୀବନ ପାତ୍ର ମୋ ଭରିଛି କେତେ ମତେ / ନ ଦେଲେ କିଛି ବୋଲି କହିବି କି ହେ ଆଉ / ଜୀବନ ପ୍ରିୟତମ ହରିଛି ମୋ ଭରମ / ତରଣୀ ମୋର ତବ ସାଗରେ ଭାସିଯାଉ ।"*

ଜୟଜଗନ୍ନାଥ

❐❐❐



ଉର୍ମିଳାରାଣୀ ପାଣିଗ୍ରାହୀ

ବିଷ୍ଣୁବାବୁଙ୍କ ଯିବା ପରେ 'ଘାସଫୁଲ' ପ୍ରକାଶନର ଦୁଇ ବର୍ଷ ପୂରଣ ହେଲା । ରାଜ୍ୟକୁ ନୂଆ ସରକାର ଆସିବାର ଶୁଭ ମୁହୂର୍ତ୍ତରେ 'ଘାସଫୁଲ'ର ସଂପାଦନା ଦାୟିତ୍ୱ ଗ୍ରହଣ କରିଥିଲି । ଘାସଫୁଲ ପ୍ରତି ବିଷ୍ଣୁବାବୁଙ୍କର ଆନ୍ତରିକତା ଓ ନିଷ୍ଠା ଥିଲା ମୋର ପ୍ରେରଣାର ପୃଷ୍ଠଭୂମି । ଏହି ଅବସରରେ ତାଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହ ସ୍ମରଣ କରୁଛି । ତାଙ୍କ ଅଲିଅଳୀ କନ୍ୟା ଘାସଫୁଲର ଲାଳନ ଯତ୍ନର ସହିତ ପାଳନ କରିବୁ, ଏ ଆଶ୍ୱାସନା ମଧ୍ୟ ଦେଉଛି । ବିଷ୍ଣୁବାବୁଙ୍କର ସାରସ୍ୱତ ବନ୍ଧୁ ଅଭୟବାବୁଙ୍କ ସହଯୋଗ ମୋତେ ଶକ୍ତି ଯୋଗାଇଛି । ତାଙ୍କୁ ଅଶେଷ ଧନ୍ୟବାଦ ।

ଆର୍ଥିକ ଅନଟନ ଓ ସାଂସାରିକ ଜଞ୍ଜାଳରେ ବିବ୍ରତ ରହି ମୁଁ ଅନେକ ସମୟରେ ବିଷ୍ଣୁବାବୁଙ୍କୁ ପ୍ରଶ୍ନ କରୁଥିଲି - 'ଏତେ ସମୟ ଓ ଅର୍ଥ ବଦଳରେ ଘାସଫୁଲ ପତ୍ରିକାରୁ ପାଉଛ କ'ଣ ?' ସେ କେବଳ ହସି ଦେଇ ବାଁରେଇ ଯାଉଥିଲେ । ସିଧାସଳଖ ଉତ୍ତର କିଛି ପାଉ ନ ଥିଲି । କିନ୍ତୁ ଏହି ଦୁଇ ବର୍ଷ ମଧ୍ୟରେ ମୁଁ ଘାସଫୁଲ ସହିତ ଅନ୍ତରଙ୍ଗ ଭାବେ ସଂଶ୍ଳିଷ୍ଟ ହେବା ଫଳରେ ତାହାର ମହକ-ମାଧୁର୍ଯ୍ୟ ଅନୁଭବ କରିପାରୁଛି । ଯଦି କେହି ମୋତେ ପଚାରନ୍ତି, -ଘାସଫୁଲ ପତ୍ରିକା ସଂପାଦନାରୁ କ'ଣ ପାଉଛ, ମୁଁ ମଧ୍ୟ ବିଷ୍ଣୁବାବୁଙ୍କ ଭଳି ହସି ଦେଇ ବାଚେଁଇଯିବି । ସେ ଅନୁଭବକୁ ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ ।

ଘାସଫୁଲ କେବଳ ଏକ ସାହିତ୍ୟ ପତ୍ରିକା ନୁହେଁ, ଏହା ଏକ ସାଂସ୍କୃତିକ ଆନ୍ଦୋଳନ । ସେହି ମର୍ମରେ ଏହି ସଂଖ୍ୟାରେ କେନ୍ଦ୍ରପଡ଼ା ଜିଲ୍ଲା ରାଜକନିକାର ସନ୍ଥ କବି ମିର୍ଜା ଉଜିର ବେଗ୍ (୪ ଏପ୍ରିଲ ୧୮୭୯- ୧୪ ଜୁଲାଇ ୧୯୩୭) ଙ୍କ ସଂପର୍କରେ ଏକ ସ୍ୱତନ୍ତ୍ର ଆଲେଖ୍ୟ ପ୍ରକାଶ ପାଇଛି । ପୌରାଣିକ କଥାବସ୍ତୁ ଆଧାରରେ ସେ ଅନେକ ଗୀତିନାଟ୍ୟ ରଚନା କରିଛନ୍ତି । 'ନନ୍ଦୋତ୍ସବ' ତାଙ୍କର ସର୍ବଶ୍ରେଷ୍ଠ କୃତି । ସେହି ଲୋକକବିଙ୍କ ସ୍ମୃତିକୁ ଉଜ୍ଜିବୀତ ରଖିବା ସହିତ ତାଙ୍କ କାବ୍ୟ ପ୍ରତିଭା ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା, ଏହାର ଆଭିମୁଖ୍ୟ ।

ଏଠାରେ ସ୍ମରଣ କରାଇ ଦେଉଛି, ୨୦୨୫ ମସିହା ଘାସଫୁଲ ପୂଜାସଂଖ୍ୟାରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଅମର କୃତି 'ଦୁଃଖିନୀ କନିକା' ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ଆଲୋଡ଼ଣ ଖେଳିଯାଇଥିଲା । ପ୍ରାୟ ସମସ୍ତେ 'ଦୁଃଖିନୀ କନିକା' ନାମ ସହିତ ପରିଚିତ ଥିଲେ, କିନ୍ତୁ ତାହାର ପୂର୍ଣ୍ଣାଙ୍ଗ ରୂପ ସହିତ ନୁହେଁ । ସେଥି ନିମନ୍ତେ ବହୁ ପାଠକ ବନ୍ଧୁମାନଙ୍କଠାରୁ ଶୁଭେଚ୍ଛା ଓ ଅଭିନନ୍ଦନ ପାଇଛି । ସେହି ପ୍ରକାଶନ ଆଧାରରେ କେନ୍ଦ୍ରପଡ଼ାସ୍ଥ 'ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି' ଭୁବନେଶ୍ୱରରେ କବିଙ୍କର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ରାଜ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନନୀୟ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ । ଆନନ୍ଦର କଥା, ତାହା ମଂଜୁର ହୋଇଛି ।

ଚଳିତ ବର୍ଷ ବିଶ୍ୱ ସାରସ୍ୱତ ଜଗତ, ବିପ୍ଳବିନୀ ମହାଶ୍ୱେତା ଦେବୀଙ୍କର ଜନ୍ମଶତବାର୍ଷିକୀ ପାଳନ କରୁଛି । ତାଙ୍କର ଅନେକ ପୁସ୍ତକ ଭୂମିହୀନ, ବିସ୍ଥାପିତ ଜନଜାତି ସଂପ୍ରଦାୟର ଭାଗ୍ୟ ପରିବର୍ତ୍ତନରେ ସହାୟକ ହୋଇଛି । ସେମାନଙ୍କ ଭୋକ, ବିସ୍ଥାପନ ଓ ରଣବୋଝକୁ ସାହିତ୍ୟରେ ଲିପିବଦ୍ଧ କରି ସେ ସେମାନଙ୍କୁ ପରିଚୟ ପ୍ରଦାନ କରିଛନ୍ତି, ଫଳରେ ବିସ୍ମୃତିର ଅନ୍ଧାରରେ ତାହା ହଜି ନ ଯାଉ । ଲେଖିକାଙ୍କ ପାଇଁ ସାହିତ୍ୟ କେବଳ କଳ୍ପନାପ୍ରସୂତ କାହାଣୀ ନ ଥିଲା, ଏ ସମାଜ ଯେଉଁ ସତ୍ୟକୁ ଦେଖିବାକୁ ଚାହେଁ ନାହିଁ, ତାହା ଦୃଶ୍ୟମାନ କରିବାର ନୈତିକ ଦାୟିତ୍ୱ । ସେହି ଦୃଷ୍ଟିରୁ ମହାଶ୍ୱେତା ଦେବୀ କେବଳ ଜଣେ ଲେଖିକା ନ ଥିଲେ, ତାହାର ବହୁ ଉର୍ଦ୍ଧ୍ୱରେ ସେ ଥିଲେ ପ୍ରତିବାଦ ଓ ପ୍ରତିରୋଧର ଶକ୍ତିଶାଳୀ ସ୍ୱର । ସେ ଥିଲେ ବୌଦ୍ଧିକ ପ୍ରଖରତା, ସାରସ୍ୱତ ପ୍ରତିଭା ଏବଂ ତୃଣମୂଳସ୍ତରରେ ସାମାଜିକ ସକ୍ରିୟତାର ଦୁର୍ଲ୍ଲଭ ସମନ୍ୱୟର ପ୍ରତୀକ । ତାଙ୍କ ପାଇଁ ସାହିତ୍ୟ କେବେହେଲେ ନିରପେକ୍ଷ ସୌନ୍ଦର୍ଯ୍ୟ-ଚର୍ଚ୍ଚା ନ ଥିଲା, ସାହିତ୍ୟ ଥିଲା ନ୍ୟାୟର ସପକ୍ଷରେ ନୈତିକ ହସ୍ତପେକ୍ଷ । ସେ ସାହିତ୍ୟକୁ ଜୀବନରେ ଅନୁଭବ କରିଥିଲେ, ସାହିତ୍ୟକୁ ଜୀଇଁଥିଲେ । ତାଙ୍କ କଥା-ସାହିତ୍ୟ କଳ୍ପନାପ୍ରସୂତ ନ ଥିଲା, ସେଗୁଡ଼ିକ ଥିଲା କାହାଣୀର ପୋଷାକ ପିନ୍ଧିଥିବା ଲିପିବଦ୍ଧ ସତ୍ୟ । ତାଙ୍କ ସାହିତ୍ୟ ଏପରି ଅଫୁରନ୍ତ ଶକ୍ତିରେ ପରିପୂର୍ଣ୍ଣ ଥିଲା, ଯାହା କଳ୍ପନା ଜଗତରେ ବିଚରଣ କରୁଥିବା ଲେଖକଙ୍କ ପାଇଁ ଦୁର୍ଲ୍ଲଭ ଓ ଅପ୍ରାପ୍ୟ ।

ଏହି ଅବସରରେ ଘାସଫୁଲ ପରିବାର ତରଫରୁ ସୃଜନୀ ସଂପାଦକ ଅଭୟ ଦ୍ୱିବେଦୀ ଏକ ସ୍ୱତନ୍ତ୍ର ନିବନ୍ଧରେ ସେହି ମହିୟସୀ ସାରସ୍ୱତ ସାଧିକାଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରିଛନ୍ତି । ଆଶା କରୁଛି, ଆମ ସାହିତ୍ୟ ମନୋରଂଜନର ମାଧ୍ୟମ ନ ହୋଇ ଅନ୍ୟାୟ ଓ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ମାରଣାସ୍ତ୍ରରେ ପରିଣତ ହେଉ ।

ପବିତ୍ର ଘୋଷଯାତ୍ରା ଅବସରରେ ଘାସଫୁଲର ଅଗଣିତ ଲେଖକ-ଲେଖିକା ଓ ଶୁଭେଚ୍ଛୁଙ୍କୁ ଅସୁମାରୀ ଅଭିନନ୍ଦନ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ।

ଉର୍ମିଳା ରାଣୀ ପାଣିଗ୍ରାହୀ

❑❑❑



ସୃଜନୀ ସମ୍ପାଦକଙ୍କ ପୃଷ୍ଠା

ଅଭୟ ଦ୍ୱିବେଦୀ

ମହାଶ୍ୱେତା ଦେବୀ : ଶତାବ୍ଦୀର ଶ୍ରଦ୍ଧାଞ୍ଜଳି

(୧୪ ଜାନୁୟାରୀ ୧୯୨୬ - ୨୮ ଜୁଲାଇ ୨୦୧୬)

"ମୁଁ ଏଠାରେ କେବଳ ଜଣେ ଲେଖିକା ଭାବେ ନୁହେଁ, ସାକ୍ଷୀ ଭାବେ ଦଣ୍ଡାୟମାନ ହୋଇଛି ; ଯେଉଁମାନେ ଆମ ସମାଜର ଶେଷ ପାହାଚରେ ନିଷ୍ପେଷିତ ହୋଇ ରହିଛନ୍ତି ସେହିମାନଙ୍କ ନିରବ ଯନ୍ତଣାର ସାକ୍ଷୀ । .... ମୁଁ ଦୃଢ଼ତାର ସହ କହିପାରିବି, ସେମାନଙ୍କ କାହାଣୀ ପୁସ୍ତକରେ ପ୍ରକାଶ ପାଇନି, ରକ୍ତ ଓ ସଂଘର୍ଷରେ ଲିପିବଦ୍ଧ ରହିଛି । ଜଣେ ଲେଖକ ସମାଜ-ସଚେତନ ହେବା ଆବଶ୍ୟକ । ସାହିତ୍ୟ ବିଳାସର ସାମଗ୍ରୀ ନୁହେଁ , ବୌଦ୍ଧିକ ଆନନ୍ଦ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହାର ଆଭିମୁଖ୍ୟ ରହିଛି : ଜାଗ୍ରତ କରିବା, ପ୍ରଶ୍ନ କରିବା ଓ ପ୍ରତିରୋଧ କରିବା । ଯଦି ଆମେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବାରେ ବିଫଳ ହେଉ, ତେବେ ଆମ ସାହିତ୍ୟ ମୂଲ୍ୟହୀନ ।"

ଏହା ହେଉଛି ୧୯୯୬ ମସିହାରେ ମହାଶ୍ୱେତା ଦେବୀ ଜ୍ଞାନପୀଠ ପୁରସ୍କାର ଗ୍ରହଣ ଅବସରରେ ପ୍ରଦତ୍ତ ଅଭିଭାଷଣର କିଛି ଅଂଶର ଓଡ଼ିଆ ପ୍ରତିଶବ୍ଦ । ସେତେବେଳକୁ ମହାଶ୍ୱେତା ଦେବୀ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସାହିତ୍ୟ ଜଗତର ମହାନାୟିକା ଭାବେ ପ୍ରସିଦ୍ଧି ଅର୍ଜନ କରିସାରିଥିଲେ ; ଯାହାଙ୍କର ଲେଖନୀ ସତ୍ୟ ଓ ନ୍ୟାୟର ଶକ୍ତିଶାଳୀ ଅସ୍ତ୍ରରେ ପରିଣତ ହୋଇ ସାରିଥିଲା । କେବଳ ଜଣେ ସାରସ୍ୱତ ସ୍ରଷ୍ଟା ନୁହେଁ, ସେ ଥିଲେ ଅବହେଳିତଙ୍କ ଜୀବନ-ଧାରାର ଲିପିକାର,ବିସ୍ଥାପିତଙ୍କ ଉଚ୍ଚାଙ୍ଗ ସ୍ୱର ଏବଂ ଶ୍ରେଣୀ ସଂଘର୍ଷ ଓ ସଂଗ୍ରାମର ନିର୍ଭୀକ ସାକ୍ଷୀ । ତାଙ୍କର ପ୍ରାୟ ସମସ୍ତ ସାରସ୍ୱତ କୃତି ଜନଜାତି ସଂପ୍ରଦାୟ, ଭୂମିହୀନ ଶ୍ରମିକ ଓ ଅସହାୟଙ୍କ ରକ୍ତାକ୍ତ ସଂଗ୍ରାମକୁ ସାମୂହିକ ଚେତନାର କେନ୍ଦ୍ରରେ ପରିବେଷଣ କରିଥିଲା । ତାଙ୍କ ପାଇଁ ସାହିତ୍ୟ ଥିଲା ପ୍ରତିରୋଧର ଶକ୍ତିଶାଳୀ ଉପକରଣ, ଯାହା ମାଧ୍ୟମରେ ଶୋଷିତଙ୍କ ଜୀବନ ସଂଘର୍ଷ ଓ ମାନବୀୟ ମର୍ଯ୍ୟାଦା

ରୂପାୟିତ ହୋଇଥିଲା । ତାଙ୍କର ସାରସ୍ୱତ କୃତି ସାହିତ୍ୟ ଜଗତ ଓ ସାମାଜିକ ନ୍ୟାୟ କ୍ଷେତ୍ରରେ ଯୁଗାନ୍ତକାରୀ ଅବଦାନ ଭାବେ ଜାଜ୍ୱଲ୍ୟମାନ ରହିଥିବ ।

ନିଜ ସାହିତ୍ୟିକ ଜୀବନର ଆଭିମୁଖ୍ୟ ସଂପର୍କରେ ମହାଶ୍ୱେତା ଦେବୀ 'ଅଗ୍ନିଗର୍ଭ' ସଙ୍କଳନର ପ୍ରସ୍ତାବନାରେ ସ୍ପଷ୍ଟ କରିଦେଇଛନ୍ତି - "ମୁଁ ଦେଖିପାରୁଛି ଭୂମିହୀନ,ଅସୁରକ୍ଷିତ ମୋରି ଆପଣାରମାନେ ଭୋକ ଓ ଋଣ ଭାରରେ ଜର୍ଜରିତ ହେଉଛନ୍ତି । ଯେଉଁ ବ୍ୟବସ୍ଥା ସେମାନଙ୍କୁ ଏହି କ୍ରୁର ବନ୍ଧନରୁ ମୁକ୍ତ କରିବାରେ ବିଫଳ ହୋଇଛି, ତାହା ବିରୁଦ୍ଧରେ ମୋ ଅନ୍ତରର ଦୀପ୍ତିମନ୍ତ, ଜ୍ୱଳନ୍ତ ଓ ଆବେଗମୟ କ୍ରୋଧ ହିଁ ମୋ ସମସ୍ତ ସାହିତ୍ୟ ସୃଷ୍ଟିର ଏକମାତ୍ର ଅନୁପ୍ରେରଣା । ମୁଁ ଯଥାସାଧ୍ୟ ସେହିମାନଙ୍କ କଥା ଲେଖି ଚାଲିଛି, ଫଳରେ ଅପରାଧବୋଧ ଓ ଲଜ୍ଜା ବିନା ନିଜର ଅନ୍ତରାତ୍ମାକୁ ସାମ୍ନା କରିପାରିବି ।'

ଏହି ମନ୍ତବ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉକ୍ତି ରହିଛି । ମହାଶ୍ୱେତା ଦେବୀ ନିଜର କ୍ରୋଧକୁ 'ଦୀପ୍ତିମନ୍ତ' ବୋଲି ବର୍ଣ୍ଣନା କରିଛନ୍ତି; ଏହା ତିକ୍ତତା ବା ହତାଶାର ଅନ୍ଧକାରରୁ ଜନ୍ମ ନେଇଥିବା କ୍ରୋଧ ନୁହେଁ; ଏହା ଆଲୋକମୟ କ୍ରୋଧ ଯାହା ଆବୃତ ସତ୍ୟକୁ ଉନ୍ମୋଚିତ କରେ । ନିଜ କ୍ରୋଧକୁ ମହାଶ୍ୱେତା ଦେବୀ ଜ୍ୱଳନ୍ତ ଭାବେ ଅଭିହିତ କରିଛନ୍ତି । ଏହା ଏପରି କ୍ରୋଧ ନୁହେଁ, ଯାହା ସମୟର ପ୍ରବାହରେ ଶାନ୍ତ, ନିଷ୍ପ୍ରଭ କିମ୍ବା ଶୀତଳ ହୋଇଯାଏ । ପୁନଶ୍ଚ ନିଜ କ୍ରୋଧକୁ ମହାଶ୍ୱେତା ଦେବୀ ଆବେଗମୟ ବୋଲି କହିଛନ୍ତି । ଏହା ନିର୍ଲିପ୍ତ କିମ୍ବା ନିର୍ବିକାର ନୁହେଁ; ଏହା ମୂଳରେ ରହିଛି ଗଭୀର ଭଲ ପାଇବା । ଯେଉଁମାନଙ୍କ ବିଷୟରେ ଲେଖନ୍ତି, ସେମାନଙ୍କ ପ୍ରତି ଅତୁଟ ଶ୍ରଦ୍ଧା ; ସେମାନଙ୍କ ମାନବୀୟ ମର୍ଯ୍ୟାଦା,ଅସୀମ ସହନଶୀଳତା ପ୍ରତି ଭଲ ପାଇବା । ତାଙ୍କ ପାଇଁ କ୍ରୋଧ ଓ ପ୍ରେମ ପରସ୍ପର ଠାରୁ ପୃଥକ ନୁହେଁ, ଦୁହେଁ ଏକାକାର ।

ମହାଶ୍ୱେତା ଦେବୀ ନିଜର ପ୍ରତିଟି ସାହିତ୍ୟ କୃତିରେ ଏକ ସୁସଂହତ, ସୁଦୀର୍ଘ ଏବଂ ଆପୋଷହୀନ ଦାର୍ଶନିକ ଦୃଷ୍ଟିକୋଣ ପ୍ରତିପାଦନ କରିଛନ୍ତି , ଯାହାର ମୂଳ ତତ୍ତ୍ୱ ହେଉଛି - ସାହିତ୍ୟ ମନୋରଂଜନର ମାଧ୍ୟମ ନୁହେଁ, ଅନ୍ୟାୟ ଓ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ମାରଣାସ୍ତ୍ର, ସମାଜର ବଞ୍ଚିତବର୍ଗଙ୍କ ଅବହେଳିତ ଜୀବନକୁ ସଠିକ ଉପସ୍ଥାପନା କରିବା ଜଣେ ଲେଖକର ନୈତିକ ଦାୟିତ୍ୱ , ସଂପନ୍ନ ବର୍ଗର ଜୀବନଶୈଳୀ ନୁହେଁ । ଏହି ବିଚାରଧାରା ଆଧାରରେ ଆମେ ମହଶ୍ୱେତା ଦେବୀଙ୍କ ସର୍ବାଦୃତ ଉପନ୍ୟାସ 'ଅରଣ୍ୟର ଅଧିକାର' ଏବଂ ଶିହରଣ ସୃଷ୍ଟିକାରୀ ଗଳ୍ପ 'ଦ୍ରୌପଦୀ' ଅନୁଶୀଳନ କରିବା ।

୧୯୭୭ ମସିହାରେ ପ୍ରକାଶିତ 'ଅରଣ୍ୟର ଅଧିକାର' ଉପନ୍ୟାସ ମହାଶ୍ୱେତା ଦେବୀଙ୍କର ମହତ୍ତ୍ୱାକାଂକ୍ଷୀ, ସୃଜନଶୀଳ କୃତି । ଜନଜାତି ଅନ୍ତର୍ଗତ ମୁଣ୍ଡା ସଂପ୍ରଦାୟର କିମ୍ବଦନ୍ତୀ ପୁରୁଷ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ ଉପନ୍ୟାସ । ସେ ୧୮୯୯-୧୯୦୦ ମସିହାରେ 'ଉଲଗୁଲାନ' -ମହାବିଦ୍ରୋହର ନେତୃତ୍ୱ ନେଇ ବ୍ରିଟିଶ

ଔପନିବେଶିକ ଶାସନ ଓ ଜମିଦାରୀ ବ୍ୟବସ୍ଥା ବିରୋଧରେ ସଂଘର୍ଷ କରିଥିଲେ । କିନ୍ତୁ ଏହାକୁ କେବଳ ଜୀବନୀ ଉପନ୍ୟାସ ଆଖ୍ୟା ଦେଲେ ଉପନ୍ୟାସର ବିଶାଳତା ସଙ୍କୁଚିତ ହୋଇଯିବ । ଏହା ଏକାଧାରରେ ଇତିହାସ, ପୌରାଣିକ ଆଖ୍ୟାନ, ଶୋକଗାଥା ଓ ରାଜନୈତିକ ଘୋଷଣାପତ୍ରର ସମନ୍ୱିତ ପ୍ରତିରୂପ । ଏହି ଉପନ୍ୟାସ ବିଭିନ୍ନ ସ୍ତରରେ ପର୍ଯ୍ୟବସିତ । ପ୍ରତିଟି ସ୍ତର ଭିନ୍ନ ଭିନ୍ନ ପରିପ୍ରେକ୍ଷୀରେ ଏକାଧିକ ଅର୍ଥ ବହନ କରେ । ତେଣୁ ଏହା କେବଳ ଜଣେ ବ୍ୟକ୍ତିଙ୍କ ଜୀବନ କାହାଣୀ ନୁହେଁ, ଏହା ଜନଜାତି ସଂପ୍ରଦାୟର ଅସ୍ତିତ୍ୱ,ପ୍ରତିରୋଧ ଓ ସ୍ୱାଧିକାରର ମହାକାବ୍ୟିକ ଆଖ୍ୟାନ ।

ଦ୍ରୌପଦୀ : ପ୍ରତିବାଦର ଶାଣିତ ଅସ୍ତ୍ର

ସଂକ୍ଷିପ୍ତ ଟୀପ୍ପଣୀ ସହ ଏକ ତାଲିକାରୁ କାହାଣୀର ଆରମ୍ଭ । ସେଥିରେ ରହିଛି ପୋଲିସ ରେକର୍ଡ଼ରେ ଥିବା ସନ୍ଦିଗ୍ଧ ନକ୍ସଲଙ୍କ ନାମ ଏବଂ ସେଥିରେ ଦୋପଦୀ ମାଝିଁ ଅନ୍ୟତମ , କାହାଣୀର ମୁଖ୍ୟ ଚରିତ୍ର । ସେ ହେଉଛନ୍ତି ବିଶ୍ୱସାହିତ୍ୟର ସବୁଠାରୁ ଗଭୀର ରାଜନୈତିକ ତାତ୍ପର୍ଯ୍ୟପୂର୍ଣ୍ଣ ଚରିତ୍ରମାନଙ୍କ ମଧ୍ୟରୁ ଅନ୍ୟତମ । କାହାଣୀର ପ୍ରାରମ୍ଭିକ ଅଂଶରେ ମିଲିଟାରୀ ଏବଂ ପୋଲିସ ଦୋପଦୀକୁ ଖୋଜିବୁଲୁଛନ୍ତି ଏବଂ ଜଣେ ସୂଚନାଦାତାଙ୍କ ତଥ୍ୟ ଆଧାରରେ ଆରେଷ୍ଟ କରିଛନ୍ତି । ସାମରିକ ଶିବିରରେ ସେନାନାୟକ ନିର୍ଦ୍ଦେଶ ଦେଇଛନ୍ତି - ରାତିକ ପାଇଁ ତାଙ୍କୁ ଶିବିରରେ ଅଟକ ରଖାଯିବ । ସକାଳ ବେଳକୁ ଦୋପଦୀ ଏକାଧିକ ସୈନିକଙ୍କ ଦ୍ୱାରା ଗଣଦୁଷ୍କର୍ମର ଶୀକାର ହୋଇଛନ୍ତି । ତାଙ୍କ ଶରୀରରେ ନିର୍ଯାତନାର ଚିହ୍ନ ସ୍ପଷ୍ଟ : କ୍ଷତ, ରକ୍ତ ଏବଂ ଶାରୀରକ ଯନ୍ତ୍ରଣା ; ଆଉ କୌଣସି ପ୍ରମାଣର ଆବଶ୍ୟକତା ନାହିଁ ।

ଜଣେ ସୈନିକ ଉଲଗ୍ନ ଦୋପଦୀକୁ ବସ୍ତ୍ର ଆଣି ଦେଇଛନ୍ତି, ଫଳରେ ସେ ସେନାନାୟକଙ୍କ ସମ୍ମୁଖକୁ ଯିବେ । ଦୋପଦୀ ତାହା ପ୍ରତ୍ୟାଖାନ କରିଛନ୍ତି ,ବସ୍ତ୍ରକୁ ଚିରି ଛିଣ୍ଡେଇ ଦେଇଛନ୍ତି । କ୍ଷତାକ୍ତ ,ଆହତ ଓ ଉଲଗ୍ନ ଅବସ୍ଥାରେ ସେ ସେନାନାୟକଙ୍କ ଆଡ଼କୁ ମାଡ଼ି ଆସିଛନ୍ତି । ସେନାନାୟକ ଆଶା କରିଥିଲେ - ବନ୍ଦୀ ଆଦିବାସୀ ମହିଳା ଭୟଭୀତ ହୋଇ ତାଙ୍କ ଠାରୁ କୋଶେ ଦୂରରେ ଲଜ୍ଜାରେ ମଥାନତ କରି ଠିଆ ହୋଇ ରହିବ । କିନ୍ତୁ ଦୋପଦୀ ଆଗେଇ ଆସି ସେନାନୟକର ସାମରିକ ପୋଷାକର କଲାର ଧରି ପ୍ରଶ୍ନ କରିଛନ୍ତି - 'କପଡ଼ାର ଆଉ ଆବଶ୍ୟକତା କ'ଣ ଅଛି ? ତୁମେ ମୋତେ ଉଲଗ୍ନ କରିପାର, କିନ୍ତୁ ଲୁଗା ପିନ୍ଧେଇ ପାରିବ ନାହିଁ ।' ଦୋପଦୀର ଅନ୍ତିମ ବାକ୍ୟରେ ସେନାନାୟକ ହତଚମ୍ବିତ ହୋଇଯାଇଛନ୍ତି । ସେ ଶରୀରକୁ ବନ୍ଦୀ କରିପାରନ୍ତି, କିନ୍ତୁ ଆତ୍ମମର୍ଯ୍ୟାଦାକୁ ନୁହେଁ ।

ମହାଶ୍ୱେତା ଦେବୀଙ୍କ ଜୀବନ-ନକ୍ସା :

ଗୋଟିଏ ସ୍ୱଚ୍ଛଳ, ସମ୍ଭ୍ରାନ୍ତ ବଙ୍ଗାଳୀ ପରିବାରରେ ୧୯୨୬ ମସିହା ଜାନୁୟାରୀ

୧୪ ତାରିଖରେ ମହାଶ୍ୱେତା ଦେବୀଙ୍କ ଜନ୍ମ । ତାଙ୍କ ବାପା ମନିଶ ଘାତକ ଥିଲେ ବଙ୍ଗଳା ସାହିତ୍ୟର ପ୍ରସିଦ୍ଧ କବି, ମାତା ଧରିତ୍ରୀ ଦେବୀ ଦେବୀ ଜଣେ ବିଖ୍ୟାତ ଲେଖିକା, ଯିଏ ନୋବେଲ ବିଜୟୀନୀ ପର୍ଲ ବକ୍‌ଙ୍କ ଅନେକ ଉପନ୍ୟାସ ବଙ୍ଗଳା ଭାଷାକୁ ଅନୁବାଦ କରିଥିଲେ । ତାଙ୍କ ଦାଦା ରିତ୍ୱିକ ଘାତକ ଥିଲେ ସିନେମା ଜଗତର ଅନ୍ୟତମ ମଉଡ଼ମଣି । ମାତା ଧରିତ୍ରୀ ଦେବୀ ଅଧିକାଂଶ ସମୟ ସମାଜର ଅବହେଳିତ ପିଲାମାନଙ୍କ ପାଠପଢ଼ା ନେଇ ମଗ୍ନ ରହୁଥିଲେ । ତାଙ୍କ ମାମୁଁ ଶଙ୍ଖ ଚୌଧୁରୀ ଥିଲେ ଖ୍ୟାତନାମା ସ୍ଥପତି , ଯିଏ ଥିଲେ ଲଳିତ କଳା ଏକାଡ଼େମୀର ଅଧ୍ୟକ୍ଷ । ମହାଶ୍ୱେତା ଦେବୀଙ୍କ ପରିବାର ଏହିଭଳି ସୃଜନାତ୍ମକ ଅଭିବ୍ୟକ୍ତିର ପ୍ରତିଭାବନ୍ତଙ୍କ ଗହଣରେ ପରିପୂର୍ଣ୍ଣ ଥିଲା ।

୧୯୪୭ ମସିହାରେ ମହାଶ୍ୱେତା ବିଜନ ଭଟ୍ଟାଚାର୍ଯ୍ୟ ନାମକ ଜଣେ ବିଖ୍ୟାତ ଅଭିନେତାଙ୍କୁ ବିବାହ କରିଥିଲେ,ଦୁର୍ଭାଗ୍ୟବଶତଃ ୧୯୬୫ ମସିହାରେ ବିଜନ ଭଟ୍ଟାଚାର୍ଯ୍ୟଙ୍କ ସହ ମହାଶ୍ୱେତା ଦେବୀଙ୍କ ବିବାହ ବିଚ୍ଛେଦ ହେଲା ।୧୯୬୩ ମସିହାରେ ମହାଶ୍ୱେତା କଲିକତା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ପାସ କଲା ପରେ ୧୯୬୪-୮୪, ଦୁଇ ଦଶନ୍ଧି କାଳ ଗୋଟିଏ ବେସରକାରୀ କଲେଜରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ଜଣେ ଉଦୀୟମାନ ସାହିତ୍ୟିକ ଅସିତ ଗପ୍ତାଙ୍କ ସହିତ ଦ୍ୱିତୀୟ ବିବାହ ସଂପନ୍ନ ହେଲା, କିନ୍ତୁ ୧୯୭୬ ମସିହାରେ ତାହା ମଧ୍ୟ ବିଚ୍ଛେଦ ଘଟିଲା । ୧୯୬୫ ମସିହାରେ ମହଶ୍ୱେତା ଦେବୀଙ୍କ ଝାଡ଼ଖଣ୍ଡ ରାଜ୍ୟର ପାଲାମୌ ଗସ୍ତ ତାଙ୍କ ଜୀବନ ଓ ସାହିତ୍ୟିକ ଚେତନାରେ ଯୁଗାନ୍ତକାରୀ ମୋଡ଼ ଆଣିଥିଲା । ସେଠାରେ ବନ୍ଧୁଆ ଶ୍ରମିକ ବ୍ୟବସ୍ଥାର ନଗ୍ନ ନିଷ୍ଠୁରତା , ବିଶେଷକରି ନାରୀମାନଙ୍କ ଉପରେ ଚାଲିଥିବା ନିର୍ମମ ଶୋଷଣର ଦୃଶ୍ୟ ତାଙ୍କୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା । ସେ ଗାଁ ଗାଁ ପାଦରେ ବୁଲି ସେହିମାନଙ୍କ ଘରେ ରାତି ବିତାଇ ସେହି ବନ୍ଧୁଆ ଶ୍ରମିକମାନଙ୍କୁ ସଂଗଠିତ କରିବାକୁ ଲାଗିଲେ । ପରବର୍ଷ ମହାଶ୍ୱେତା ଦେବୀଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାର ବନ୍ଧୁଆ ଶ୍ରମିକ ଜିଲା ସଦର ମହକୁମା ଡାଲଟନଗଞ୍ଜରେ ଏକତ୍ରିତ ହୋଇ ଜିଲ୍ଲା କମିଶନରଙ୍କୁ ଏହି ବର୍ବର ପ୍ରଥାର ବିଲୋପ ନିମନ୍ତେ ଦାବୀପତ୍ର ପ୍ରଦାନ କରିଥିଲେ ।

୧୯୮୦ ମସିହାରୁ ମହାଶ୍ୱେତା ଦେବୀ 'ବର୍ତ୍ତିକା' ପତ୍ରିକା ସଂପାଦନା ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ପିତା ଏହା ଆରମ୍ଭ କରିଥିଲେ । କିନ୍ତୁ ମହାଶ୍ୱେତାଙ୍କ ସ୍ପର୍ଶରେ ଏହା ଜୀବନ୍ତ ହୋଇ ଉଠିଲା । ସେ ଏହି ପତ୍ରିକାକୁ ସମାଜର ଅବହେଳିତବର୍ଗ ଯଥା: ଆଦିବାସୀ ସଂପ୍ରଦାୟ,ବନ୍ଧୁଆ ଶ୍ରମିକ, ଭୂମିହୀନ କୃଷକ ଏବଂ ସମାଜର ଅନ୍ୟାନ୍ୟ ବଂଚିତବର୍ଗର ସ୍ୱର ଏବଂ ମଂଚରେ ପରିଣତ କରିଥିଲେ ।

୧୯୭୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର , ୧୯୮୬

ମସିହାରେ ପଦ୍ମଶ୍ରୀ ସମ୍ମାନ, ୧୯୯୬ ମସିହାରେ ଜ୍ଞାନପୀଠ ପୁରସ୍କାର, ୧୯୯୭ ମସିହାରେ ରମନ୍ ମାଗାସେସେ ପୁରସ୍କାର ଏବଂ ୨୦୦୬ ମସିହାରେ ପଦ୍ମବିଭୂଷଣ ସମ୍ମାନ - ମହାଶ୍ୱେତା ଦେବୀଙ୍କ ଜୀବନର ଉଲ୍ଲେଖନୀୟ ସମ୍ମାନ ଓ ପୁରସ୍କାର ଭାବେ ବିବେଚନା କରାଯାଇପାରେ । ୨୦୧୨ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ତାଙ୍କ ନାମ ମନୋନୀତ ହୋଇଥିଲା । ୨୦୧୬ ମସିହାରେ ତାଙ୍କର ଏକମାତ୍ର ପୁତ୍ରର ଦେହାନ୍ତ ପରେ ସେ ଭାଙ୍ଗି ପଡ଼ିଥିଲେ । ୨୮ ଜୁଲାଇ ୨୦୧୬ ମସିହାରେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଦେହତ୍ୟାଗ କଲେ ।

ଶତାଧିକ ପୁସ୍ତକର ରଚୟିତା ମହାଶ୍ୱେତା ଦେବୀ ଥିଲେ ସାହିତ୍ୟ ଓ ସାମାଜିକ କର୍ମର ସମନ୍ୱିତ ରୂପ । ମହାଶ୍ୱେତା ଦେବୀଙ୍କ ବ୍ୟକ୍ତିଗତ ଜୀବନ ଗୋଟିଏ କ୍ଲାସିକ ଉପନ୍ୟାସର ମୁଖ୍ୟ ଚରିତ୍ର ଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ । ଶ୍ରେଷ୍ଠ ସାହିତ୍ୟର ମୁଖ୍ୟ ଚରିତ୍ରରେ ଯେଉଁ ନୈତିକ ସଂହତି ପରିଲକ୍ଷିତ ହୁଏ, ତାହା ହିଁ ତାଙ୍କ ସମଗ୍ର ଜୀବନର କଥାବସ୍ତୁ । ପରିସ୍ଥିତିର ଚାପ,ବ୍ୟକ୍ତିଗତ ଆବଶ୍ୟକତା, ସୁଖ ସ୍ୱାଚ୍ଛନ୍ଦ୍ୟର ଆକର୍ଷଣ - ଜୀବନରେ ଅସତ୍ୟ ଓ ଅନୀତି ସହିତ ସାଲିସ କରିବାକୁ ବାଧ୍ୟ କରିଥାଏ , ଫଳରେ ଗୋଟିଏ ଆଦର୍ଶ ପ୍ରତି ବ୍ୟକ୍ତିର ନିରନ୍ତର ପ୍ରତିବଦ୍ଧତା ପ୍ରାୟ ଅସମ୍ଭବ ହୋଇଥାଏ । କିନ୍ତୁ ଏ ସମସ୍ତ କ୍ଷେତ୍ରରେ ମହାଶ୍ୱେତା ଦେବୀ ଜୀବନର କୌଣସି ପରିସ୍ଥିତି ସହିତ ସାଲିସ କରି ନ ଥିଲେ । ପ୍ରାଚୁର୍ଯ୍ୟର ଭଣ୍ଡାର ଭିତରେ ଉତ୍କଟ ଦାରିଦ୍ର୍ୟ , ପାରିବାରିକ ନିଃସଙ୍ଗତା ତାଙ୍କୁ ଆଦର୍ଶରୁ ପଥଚ୍ୟୁତ କରି ନ ଥିଲା । ତାଙ୍କ ପାଇଁ ସାଲିସବିହୀନ କ୍ରାନ୍ତି ଥିଲା ଦିବ୍ୟ ଆଧ୍ୟାତ୍ମିକ ଅନୁଭବ । ସେ ଯଦି ନିଜ ଜୀବନକୁ ନେଇ ଏକ ଉପନ୍ୟାସ ଲେଖିଥାନ୍ତେ, ତେବେ ସମାଲୋଚକମାନେ ଉଚ୍ଚସ୍ୱରରେ କହିଥାନ୍ତେ - ଅବିଶ୍ୱସନୀୟ : ଏହା ବିଶ୍ୱାସଯୋଗ୍ୟ ନୁହେଁ; । ହୁଏତ ପ୍ରଶ୍ନ କରିଥାନ୍ତେ - ଜୀବନରେ ଏତେ ଯନ୍ତ୍ରଣା, ଏତେ ମୋଡ଼ କ'ଣ ଆସିପାରେ ? ଏତେ ସାହସ ଆସିଲା କେଉଁଠୁ ? ସାରା ଜୀବନ କ'ଣ ଜଣେ ସତରେ ସାଲିସ ବିହୀନ ହୋଇପାରେ ? ଏହିଭଳି ଥିଲେ ମହାଶ୍ୱେତା ଦେବୀ । ଏହା ହିଁ ଥିଲା ତାଙ୍କ ଜୀବନ ।

ସୁବ୍ରତ କୁମାର ମହାପାତ୍ର

□□□

"ଘାସଫୁଲ" ସଂପର୍କରେ

୧. ଘାସଫୁଲ ପତ୍ରିକା ବର୍ଷରେ ୪ଥର ପ୍ରକାଶ ପାଇଥାଏ - ମକର ସଂଖ୍ୟା (ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ) ବିଷୁବ ସଂଖ୍ୟା (ଏପ୍ରିଲ, ମଇ, ଜୁନ୍) ରଥ ସଂଖ୍ୟା (ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର) ପାର୍ବଣ ବିଶେଷାଙ୍କ (ଅକ୍ଟୋବର, ନଭେମ୍ବର, ଡିସେମ୍ବର) ।

୨. ଘାସଫୁଲ ପତ୍ରିକାରେ ଗବେଷଣାଧର୍ମୀ ନିବନ୍ଧ, ସୁଖପାଠ୍ୟ ଗଳ୍ପ ଏବଂ ରୁଚିଶୀଳ କବିତା ପ୍ରକାଶ ପାଇଥାଏ ।

୩. ଓଡ଼ିଆ ଅକ୍ଷରରେ ଡି.ଟି.ପି. ମାଧ୍ୟମରେ ଲେଖା ପଠାଇବାକୁ ଅନୁରୋଧ ।

୪. ଅମନୋନୀତ ଲେଖା ଫେରସ୍ତ ଦେବା ସମ୍ଭବ ନୁହେଁ ।

୫. ଦୟାକରି ଜେରସ୍କ ଏବଂ ହ୍ୱାଟସଆପ ମାଧ୍ୟମରେ ଲେଖା ପଠାନ୍ତୁ ନାହିଁ ।

୬. ଲେଖା ସହିତ ନିଜର ସଂକ୍ଷିପ୍ତ ପରିଚୟ, ପୂର୍ଣ୍ଣ ଡାକ ଠିକଣା ଏବଂ ଏବେକାର ଫଟୋ ପଠାଇବାକୁ ଅନୁରୋଧ ।

୭. ଇତିହାସ ସଂପର୍କୀୟ ସ୍ୱତନ୍ତ୍ର ଫିଚରକୁ ଅଗ୍ରାଧିକାର ଦିଆଯାଇଥାଏ ।

୮. ଗ୍ରନ୍ଥ ସମୀକ୍ଷା ନିମନ୍ତେ ପୁସ୍ତକର ଦୁଇଟି କପି ପଠାଇବାକୁ ଅନୁରୋଧ ।

୯. ଲେଖା ପ୍ରକାଶ ସଂପର୍କରେ ସଂପାଦକମଣ୍ଡଳୀର ନିଷ୍ପତ୍ତି ଚୂଡ଼ାନ୍ତ ।

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦

ମୋ: ୯୪୩୭୧୯୧୩୫୦, ୯୯୩୭୬୧୧୨୮

E-mail: ghasaphula02@gmail.com

ସୂଚିପତ୍ର

କ୍ରମାଙ୍କ	ବିଷୟ	ଲେଖକ	ପୃଷ୍ଠା
୦୧.	ପ୍ରତିଷ୍ଠାତାଙ୍କ ପୃଷ୍ଠା	ବିଷ୍ଣୁ ସେଠୀ	୦୩
୦୨.	ସମ୍ପାଦିକାଙ୍କ ପୃଷ୍ଠା	ଉର୍ମିଳାରାଣୀ ପାଣିଗ୍ରାହୀ	୦୭
୦୩.	ସୃଜନୀ ସମ୍ପାଦକଙ୍କ ପୃଷ୍ଠା	ଅଭୟ ଦ୍ୱିବେଦୀ	୦୯
୦୪.	ଆର୍ଯ୍ୟ ଦାସର ଆମ୍ବଲିପି	ସୂର୍ଯ୍ୟବଂଶୀ ସୂରଜ	୨୦୭
	ରଥ ସ୍ୱତନ୍ତ୍ର		
୦୫.	ରଥଯାତ୍ରା	ସ୍କନ୍ଦପୁରାଣ	୧୭
୦୬.	ଶ୍ରୀଜଗନ୍ନାଥ ସଂସ୍କୃତି	ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର	୨୪
୦୭.	ନିଳାଦ୍ରିନାଥ ସ୍ତୁତି ଷଷ୍ଠକମ୍	ପଣ୍ଡିତ ଭାଗୀରଥି ନନ୍ଦଶର୍ମା	୩୧
୦୮.	ଭିନ୍ନ ଏକ 'ନୀଳାଦ୍ରିବିଜେ'	ଅସିତ ମହାନ୍ତି	୩୨
୦୯.	ଭକତି ଧନ	ପଦ୍ମନାଭ ବେହେରା	୩୯
	ସଂସ୍କୃତି ଓ ପରଂପରା		
୧୦.	ସନ୍ତ କବି ମୀର୍ଜା ଉଜିର ବେଗ	ଭାଗୀରଥି ସାମଲ	୪୬
୧୧.	ଚାନ୍ଦବାଲି ନୌବାଣିଜ୍ୟ	ପ୍ରଫୁଲ୍ଲ କୁମାର ଦାସ	୭୩
	ଜୀବନାନୁଭୂତି		
୧୨.	ମୁଁ ଓ ଉତ୍କଳ ବିଶ୍ୱବିଦ୍ୟାଳୟ	ଡ. ଶ୍ରୀରାମ ଚନ୍ଦ୍ର ଦାଶ	୮୦
୧୩.	ଓଡ଼ିଆ ସାହିତ୍ୟ ଅକାଦମୀ...	ସୁରେନ୍ଦ୍ର ମହାନ୍ତି	୯୫
	ଜୀବନଦର୍ଶନ		
୧୪.	ସମନ୍ୱୟ	ନିତ୍ୟାନନ୍ଦ ମହାପାତ୍ର	୧୦୮
	ଅନ୍ତରଙ୍ଗ ଆଳାପ		
୧୫.	ବାଦଲ ସିକଦାର	ଅଭୟ ଦ୍ୱିବେଦୀ	୧୧୫
	ପ୍ରବନ୍ଧ ସ୍ୱତନ୍ତ୍ର		
୧୬.	ଓଡ଼ିଶା ସଂସ୍କୃତି...	ଡ. ଗୌରହରି ଦାସ	୧୨୪
୧୭.	ଅମୃତ କଥା	ଡ. ପ୍ରମୋଦ କୁମାର ନାୟକ	୧୩୯


ଗଳ୍ପ ସ୍ୱତନ୍ତ୍ର

୧୮. ଲୁହର ସମୁଦ୍ର	ରବି ପଣ୍ଡା	୧୪୪
୧୯. ଛେଉଣ୍ଡ	ଝରଣା ପଟ୍ଟନାୟକ	୧୫୦
୨୦. ମାତୃମୟ	ଚୌଧୁରୀ ବରଦା ପ୍ରସନ୍ନ ଦାଶ	୧୫୭
୨୧. ଏ ଜୀବନ ପ୍ରେମମୟ	ରସାନନ୍ଦ ମହାପାତ୍ର	୧୬୩
୨୨. ବର୍ଷାର ଗନ୍ଧ(ଅନୁବାଦ)	ଗୀତାରାଣୀ ଆଇଚ	୧୬୬

କବିତା ସ୍ୱତନ୍ତ୍ର

୨୩. କେତେଦୂର ଶୀତରୁ ବସନ୍ତ	ସୁଚିତ୍ରା ପାଣିଗ୍ରାହୀ	୧୮୦
୨୪. ନିଆଁ	ପୀତାମ୍ବର ତରାଇ	୧୮୧
୨୫. ପବନର ଚିକ୍କଣ ଆଇନାରେ	ସୌଭାଗ୍ୟବନ୍ତ ମହାରଣା	୧୮୩
୨୬. ଭୁଲ୍ ବୁଝାମଣା	ଧନଞ୍ଜୟ ସ୍ୱାଇଁ	୧୮୫
୨୭. ଅଳ୍ପ ଅଳ୍ପ ଶୀତ ଆଉ...	ଅବନ୍ତୀ ମଲ୍ଲିକ	୧୮୬
୨୮. ପ୍ରଶ୍ନୋତ୍ତର	ନିମାଇଁ ପଟ୍ଟନାୟକ	୧୮୭
୨୯. ଚତୁର୍ଦ୍ଦିଗ ଚତୁର୍ଭୁଜ	ଜ୍ୟୋତି ପ୍ରକାଶ କର	୧୮୮
୩୦. ଘାସଫୁଲ	ପୀତାମ୍ବର ମିଶ୍ର	୧୮୯
୩୧. ଜୀବନର ସାର୍ଥକତା	ଡ. ପୁରୁଷୋତ୍ତମ ଧଳ	୧୯୦
୩୨. ହସ ହିଲ୍ଲୋଳ	ଉପେନ୍ଦ୍ର ନାଥ ପାତ୍ର	୧୯୧
୩୩. ଆକାଶର ତାରା	ସାରଥି ପଣ୍ଡା	୧୯୨
୩୪. ଅଧାଗଢା	ଡ. ଅନିଲ ନନ୍ଦ	୧୯୩
୩୫. ବାପା	ବିଜୟ କୁମାର ଜେନା	୧୯୪
୩୬. ଫଗୁଣ ଆସିଛି	ବାବୁଲାଲ ଦାସ	୧୯୫
୩୭. ବିଶ୍ୱନାୟକ	ସଂଯୁକ୍ତା ଶରଣ	୧୯୬
୩୮. ଭଲପାଏ ବୋଲି	କସ୍ତୁରୀ ମଞ୍ଜରୀ ବାରିକ୍	୧୯୭
୩୯. ଅକୁହା ବ୍ୟଥା	ଡା. ମନୋରଞ୍ଜନ ଦାଶ	୧୯୮
୪୦. ଶୀତ ନାନୀ	ମନୋରମା ରାୟ	୨୦୦
୪୧. ସ୍ୱାଗତିକା	ଶକୁନ୍ତଳା ନାୟକ	୨୦୧
୪୨. ତୁହି ମୋର ଗଳାମାଳିଆ	ମମତାରାଣୀ ଦାଶ	୨୦୨
୪୩. ନିଝୁମ ରାତିର ଝଡ଼	ଜଗନ୍ନାଥ ନାୟକ	୨୦୩
୪୧. ମୁଁ	ରମେଶ ଚନ୍ଦ୍ର ସ୍ୱାଇଁ	୨୦୪
୪୨. ପ୍ରେମ	ମହାପାତ୍ର ସୁମତି ନାୟକ	୨୦୫
୪୩. ଘାସଫୁଲର ଅବସୋସ	ଚୈତନ୍ୟ ପ୍ରସାଦ ବେହେରା	୨୦୬

ରଥଯାତ୍ରା



ସ୍କନ୍ଦପୁରାଣରୁ ସଂଗୃହୀତ

“ ଜୟ ଜୟ ଧ୍ୱନି ମଧ୍ୟରେ ସମବେତ ହୋଇ ପ୍ରଥମେ ବଳଭଦ୍ର, ସୁଭଦ୍ରା ତାପରେ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରି ରଥ ନିକଟକୁ ନେଇଯିବେ । ଭଗବାନଙ୍କର ଅଗ୍ରରେ ସୁନ୍ଦର ଛତ୍ର ସମୂହ ଧାରଣ କରି ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତେ ନିଜକୁ ସମାନ ମଣୁଥିବେ । ପହଣ୍ଡିରେ କ୍ଲାନ୍ତ ସେବକମାନେ ରାସ୍ତାର ତୁଳିକା ଆସ୍ତରଣ (ଗଦି) ଉପରେ ଶ୍ରୀବିଗ୍ରହମାନଙ୍କୁ ବିରାଜମାନ କରାଇ ପୁନର୍ବାର ପହଣ୍ଡି କରିବେ । ”

ମହାବେଦୀ ମହୋତ୍ସବ ମାନେ ରଥ ନିର୍ମାଣ ପାଇଁ କାଷ୍ଠଚୟନ, ରଥ ନିର୍ମାଣ ଏବଂ ରଥମାନଙ୍କରେ ଶ୍ରୀବିଗ୍ରହମାନଙ୍କର ଆରୋହଣ ଅର୍ଥାତ୍ ରଥଯାତ୍ରା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା (ଅକ୍ଷୟ ତୃତୀୟା), ରୋହିଣୀ ନକ୍ଷତ୍ର ଯୁକ୍ତହେଲେ ସକଳ ପାପନାଶିନୀ ହୁଏ । ଏହି ଦିନ ନୃପତି ଆଚାର୍ଯ୍ୟ, ପାରିଷଦମାନଙ୍କୁ ନେଇ ଅରଣ୍ୟ ଯାତ୍ରା କରିବେ ଏବଂ ରଥ ନିର୍ମିତ ଉଦ୍ଦିଷ୍ଟ କାଷ୍ଠ ପାଇଁ ନିର୍ଦ୍ଦିଷ୍ଟ ବୃକ୍ଷ ମୂଳରେ ଘୃତ ଧାରା ଦେଇ ହୋମ ଆରମ୍ଭ କରିବେ । କ୍ଷେତ୍ରପାଳମାନଙ୍କୁ ବଳି ପ୍ରଦାନ କରି ବୃକ୍ଷମାନଙ୍କୁ କ୍ଷୀର, ଅରୁଆ ଚାଉଳ ଦେଇ ବରଣ କରିବେ । ଭଗବାନ ଗରୁଡ଼ଧ୍ୱଜଙ୍କୁ ଚିନ୍ତା କରି ବୃକ୍ଷମାନଙ୍କୁ ଅଳ୍ପ ଛେଦନ କରିବେ । ବୃକ୍ଷ ଛେଦନ ପାଇଁ କଟାଳିମାନଙ୍କୁ ନିଯୁକ୍ତ କରି ଗୀତ, ବାଦ୍ୟ ନାଦରେ ଛେଦନ କାର୍ଯ୍ୟ କରିବେ । ଯଦି ରଥ ନିର୍ମାଣ ପାଇଁ ପୂର୍ବରୁ ରଖାଯାଇଥିବା କାଷ୍ଠ ଉପଯୁକ୍ତ ବିବେଚନା କରାଯାଏ ତେବେ ତାହାକୁ ହୋମାଦି ସଂସ୍କାର ବିଧାନ କରି କାର୍ଯ୍ୟରେ

ଲଗାଇବେ । ବିଘ୍ନ ବିନାଶନ ଗଣପତିଙ୍କୁ ପୂଜାର୍ଚ୍ଚନା କରି ରଥ ନିର୍ମାଣ ଆରମ୍ଭ କରିବେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥର ଚକ ସଂଖ୍ୟା ଷୋହଳ ହେବ ଏବଂ ପ୍ରତ୍ୟେକ ଚକରେ ଷୋହଳଟି ଅର ରହିବ, ପହି ଏବଂ ତୁମ୍ବି ଅତି ଦୃଢ ଭାବରେ ନିର୍ମିତ ହେବା ଆବଶ୍ୟକ । ଦୁଇ ଚକକୁ ସଂଯୋଗ କରୁଥିବା ଅଖ ମଧ୍ୟ ଖୁବ୍ ମଜଭୁତ୍ ହେବା ଦରକାର । ରଥର ମଧ୍ୟ ଭାଗରେ ସୁଦୃଢ ବେଦୀକା ଏବଂ ଚତୁଃପାର୍ଶ୍ୱରେ ବିଭିନ୍ନ କାଷ୍ଠ ପୁତ୍ତଳିକା ଶୋଭା ପାଇବେ । ରଥର ଚାରୋଟି ଦ୍ୱାର ଏବଂ ଚାରୋଟି ତୋରଣ ରହିବ । ରଥଟି ନାନାଦି କାରୁକାର୍ଯ୍ୟରେ ବିମଣ୍ଡିତ ହେବ । ରଥ ଉପରେ ୨୨ହାତ ପତାକା ଲଗାଇବେ ଏବଂ ପତାକା ରକ୍ତ ଚନ୍ଦନରେ ଗରୁଡଙ୍କର ଛବି ଅଙ୍କିତ ହେତୁ ତାହାକୁ ଗରୁଜଧ୍ୱଜ କୁହାଯିବ । ଗରୁଡର ଦେହ ସ୍ଥୁଳ, ନାଶିକା ଦୀର୍ଘ, କର୍ଣ୍ଣଦ୍ୱୟ କୁଣ୍ଡଳ ବିଭୁଷିତ ଏବଂ ସର୍ବାଙ୍ଗ ବିବିଧ ଅଳଙ୍କାରରେ ସଜ୍ଜିତ କରିବେ । ଚଞ୍ଚୁରେ ଗରୁଡ ଏକ ସର୍ପ ଧରିଥିବେ ଏବଂ ପକ୍ଷଦ୍ୱୟ ଏପରି ଭାବରେ ଚିତ୍ରିତ କରିଥିବେ ଯେମିତି ଦେଖିଲେ ମନେହେବ ଗରୁଡ ପକ୍ଷଦ୍ୱୟ ବିସ୍ତାର କରି ଆକାଶ ମାର୍ଗରେ ଉଡ୍ଡୀୟମାନ । ଭଗବାନ ହରିଙ୍କର (ଶ୍ରୀଜଗନ୍ନାଥ) ରଥ ସୁସଜ୍ଜିତ, ପରିଷ୍କୃତ କରି ବେଦୀକାମଧ୍ୟରେ ଭଗବାନ ଉପବେଶନ କରିବା ପାଇଁ ସମସ୍ତ ପ୍ରଯତ୍ନ କରିବେ ।

ଏହିପରି ଭାବରେ ବଳଭଦ୍ରଙ୍କ ଚତୁର୍ଦ୍ଦଶ ଚକ ବିଶିଷ୍ଟ ରଥ ଏବଂ ସୁଭଦ୍ରାଙ୍କର ଦ୍ୱାଦଶ ଚକଯୁକ୍ତ ରଥ ନିର୍ମାଣ କରିବେ । ବଳଭଦ୍ର ଲାଙ୍ଗଳ ଧ୍ୱଜ ଏବଂ ଦେବୀ ସୁଭଦ୍ରା ପଦ୍ମଧ୍ୱଜ ହୋଇଥିବାରୁ ସେମାନଙ୍କ ଧ୍ୱଜାରେ ଲଙ୍ଗଳ ଏବଂ ପଦ୍ମ ଚିହ୍ନିତ କରିବେ । ଏହିପରି ତିନିଗୋଟି ରଥ ନିର୍ମାଣ କରି ବିଧାନ ଅନୁସାରେ ରଥ ପ୍ରତିଷ୍ଠା କରିବେ । ଭଗବାନ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ବ୍ରାହ୍ମଣମାନଙ୍କୁ ପ୍ରତିଷ୍ଠା କାର୍ଯ୍ୟରେ ନିୟୋଜିତ କରିବେ । ଆଷାଢ ମାସ ଶୁକ୍ଳ ପକ୍ଷରେ ଶୁଭ ତିଥି ଦେଖି ରଥ ପ୍ରତିଷ୍ଠା କରିବେ । ଦୃଷ୍ଟିରେ ରଖିବେ ଯେପରି ରଥ ଉପରେ ମନୁଷ୍ୟ, ପକ୍ଷୀ, ମାର୍ଜାର, ନେଉଳ କିମ୍ବା ଅନ୍ୟ ଅଶୁଭ ପ୍ରାଣୀ ଆରୋହଣ ନ କରନ୍ତି । ତିନିଦିନ ପରେ ରଥ ତ୍ରୟୋର ଉତ୍ତର ଦିଗରେ ଅଙ୍କୁରାରୋପଣ କରିବେ । ଭଗବାନ ରଥ ଆରୋହଣ କରି ଯେଉଁ ମାର୍ଗରେ ମହାବେଦୀଙ୍କୁ ଗମନ କରିବେ ସେହି ମାର୍ଗକୁ ସଂସ୍କାର କରିବେ ଏବଂ ଦୈବବଶରେ ମାର୍ଗରେ କିମ୍ବା ରଥ ଉପରେ ଯଦି କିଛି ଅଘଟଣ ଘଟେ ତେବେ ତାହାର ଶାନ୍ତି ବିଧାନ ନିମନ୍ତେ ଶାସ୍ତ୍ରୀୟ ମତରେ ବିଧାନ କରିବେ । ରାସ୍ତାର ଉଭୟ ପାର୍ଶ୍ୱକୁ ପୁଷ୍ପମାଲ୍ୟ, ତୋରଣ, ଚାମର ଦ୍ୱାରା ସଜ୍ଜିତ କରି ଗୁଳ୍ମ ଲତା ଆଦି ରଖିବେ ଯେପରି ତାହା ଅରଣ୍ୟର ଭ୍ରମ ସୃଷ୍ଟି କରିବ । ଗମନ ରାସ୍ତା, କଙ୍କରିଳ, ପଙ୍କିଳ କିମ୍ବା ଉଠାଣି ଗଡାଣି ନ ହୋଇ ସମତଳ ହେବା ଆବଶ୍ୟକ ଯେପରି ସମସ୍ତେ ରାସ୍ତାରେ ସୁଖରେ ବିଚରଣ କରିପାରିବେ । ମାର୍ଗରେ ସୁଗନ୍ଧ ଦ୍ରବ୍ୟର ସମ୍ଭାର ଏବଂ ଚନ୍ଦନ ଜଳ ସିଞ୍ଚନ କରିବେ । ନୃତ୍ୟଗୀତାଦିରେ ରଥ ଗମନ ରାସ୍ତା ମୁଖରିତ ହେଉଥିବ,

ପୁଷ୍ପବର୍ଷଣ କରାଯାଉଥିବ ଏବଂ ନଗରବଧୂ (ବେଶ୍ୟାମାନେ) ଅଳଙ୍କାର ଭୂଷିତା ହୋଇ ନୃତ୍ୟ କରୁଥିବେ । ଧ୍ୱଜଦଣ୍ଡ ମାନଙ୍କରେ ବିଭିନ୍ନ ରଙ୍ଗର ପତାକା ଉଡୁଥିବ ଏବଂ ବାଦ୍ୟ ନାଦରେ ଦାଣ୍ଡ ମୁଖରିତ ହେଉଥିବ । ଅଶ୍ୱ, ଗଜମାନଙ୍କୁ ସୁସଜ୍ଜିତ କରି ପଟୁଆର ଆଗରେ ଚଲାଉଥିବେ । ନୃପତି ସମସ୍ତ କାର୍ଯ୍ୟକୁ ନିରୀକ୍ଷଣ କରି ପରମ ଭକ୍ତିରେ କାର୍ଯ୍ୟ ସମ୍ପାଦନ କରିବେ ।

ଆଷାଢ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟ ପୁଷ୍ୟା ନକ୍ଷତ୍ରଯୁକ୍ତ ତିଥିରେ ପ୍ରଭାତରୁ ମହାପ୍ରଭୁ ଜଗନ୍ନାଥଙ୍କୁ କୃତାଞ୍ଜଳି ପୁଟରେ ରଥଯାତ୍ରା ନିମନ୍ତେ ପ୍ରାର୍ଥନା କରିବେ - ହେ ପ୍ରଭୋ । ଆପଣଙ୍କର ଜୟ ହେଉ । ପୂର୍ବେ ଆପଣ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ରଥଯାତ୍ରା ପାଇଁ ଯେଭଳି ଆଦେଶ କରିଥିଲେ ମୁଁ ଠିକ୍ ସେହିପରି କାର୍ଯ୍ୟ କରିବାକୁ ଉଦ୍ୟତ ହୋଇଛି । କୃପାକରି ତାହା ପୂର୍ଣ୍ଣ କରନ୍ତୁ ଏବଂ ଆପଣଙ୍କ କଟାକ୍ଷ ପାତରେ ଚରାଚର ସମସ୍ତେ ପବିତ୍ର ହୁଅନ୍ତୁ ଏବଂ ମୁକ୍ତିଲାଭ କରନ୍ତୁ ।

ଅବତାର କୃତହ୍ୟେଷ ଲୋକାନୁଗ୍ରହକାମ୍ୟୟା ।
ତଦେହି ଭଗବାନ୍ ପ୍ରିତ୍ୟା ଚରଣଂ ନ୍ୟସ୍ୟ ଭୂତଳେ ।

ହେ ପ୍ରଭୋ !ଲୋକମାନଙ୍କୁ ଅନୁଗ୍ରହ କରିବାପାଇଁ ଆପଣ ଏ ଘୋଷ ଯାତ୍ରାର ସୃଷ୍ଟି କରିଛନ୍ତି । ଏବେ ପ୍ରସନ୍ନ ହୋଇ ଭୂ ପୃଷ୍ଠରେ ପାଦ ପକାଇ ଆଗମନ କରନ୍ତୁ । ଗମନ କାଳରେ ସେବକମାନେ ଶାକୁନସୂକ୍ତ ପାଠ କରୁଥିବେ ଏବଂ ଶ୍ରୀ ଜୀଉଙ୍କ ଅଙ୍ଗରେ କସ୍ତୁରୀ, କୁକୁମ, କର୍ପୂର ଚୂର୍ଣ୍ଣସହ ପୁଷ୍ପ ବର୍ଷଣ କରୁଥିବେ । ସେହି କାଳରେ "ଜିତଂ" ମନ୍ତ୍ର । ଜୟଧ୍ୱନି ଏବଂ ମଙ୍ଗଳ ଗୀତ ପାଠ ହେଉଥିବ । ସୂତ,ବନ୍ଦୀ,ମାଗଧଗଣ ଭଗବାନଙ୍କର ସ୍ତୁତି ପାଠ କରୁଥିବେ ଏବଂ ନାରୀମାନଙ୍କର କରକଙ୍କଣ ଧ୍ୱନୀ ଉତ୍ସବକୁ ମୁଖରିତ କରୁଥିବ । ଜୟ ଜୟ ଧ୍ୱନି ମଧ୍ୟରେ ସମବେତ ହୋଇ ପ୍ରଥମେ ବଳଭଦ୍ର, ସୁଭଦ୍ରା ତାପରେ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରି ରଥ ନିକଟକୁ ନେଇଯିବେ । ଭଗବାନଙ୍କର ଅଗ୍ରରେ ସୁନ୍ଦର ଛତ୍ର ସମୂହ ଧାରଣ କରି ଆଚାଣ୍ଡଳ ବ୍ରାହ୍ମଣ ସମସ୍ତେ ନିଜକୁ ସମାନ ମଣୁଥିବେ । ପହଣ୍ଡିରେ କ୍ଲାନ୍ତ ସେବକମାନେ ରାସ୍ତାର ତୁଳିକା ଆସ୍ତରଣ (ଗଦି) ଉପରେ ଶ୍ରୀବିଗ୍ରହମାନଙ୍କୁ ବିରାଜମାନ କରାଇ ପୁନର୍ବାର ପହଣ୍ଡି କରିବେ । ଗୀତ, ବାଦ୍ୟ, ନାଦ ଏବଂ ଜୟଜୟକାର ଧ୍ୱନି ମଧ୍ୟରେ ତ୍ରିମୂର୍ତ୍ତିଙ୍କୁ ନିଜ ନିଜ ରଥ ଅଭିମୁଖେ ନେଇ ପୁଷ୍ପ, ମାଲ୍ୟ, ବସ୍ତ୍ର, ଅଳଙ୍କାର ଦ୍ୱାରା ସୁଶୋଭିତ ରଥବେଦୀମାନଙ୍କ ମଧ୍ୟରେ ବିରାଜମାନ କରାଇବେ । ସମ୍ପୂର୍ଣ୍ଣ ଭକ୍ତି ସହକାରେ ଷୋଡ଼ଶ ଉପଚାର ଦ୍ୱାରା ପୂଜାର୍ଚ୍ଚନା କରିବେ । ଭଗବାନ ସ୍ୱୟଂ ନିଜେ କହିଥିବା ଅନୁସାରେ ଗୁଣ୍ଡିଚା ମଣ୍ଡପକୁ ଗମନ କରୁଥିବାରୁ ଏହାଠାରୁ ଉତ୍କୃଷ୍ଟ ଯାତ୍ରା ଅନ୍ୟ କିଛି ନାହିଁ । ଏହି ମହାବେଦୀ ମହୋତ୍ସବ ଯାତ୍ରା ଦର୍ଶନ କଲେ ବୈକୁଣ୍ଠ ବାସ ହୁଏ, କାରଣ ଏପରି ଅନ୍ୟ କିଛି ପାବନ ଯାତ୍ରା ଶାସ୍ତ୍ରମାନଙ୍କରେ ଉଲ୍ଲେଖ ନାହିଁ ।

ଦେବତାମାନେ ସ୍ୱର୍ଗରୁ ଏହି ଉତ୍ସବକୁ ଦର୍ଶନ କରି ଧନ୍ୟ ହୋଇଥାନ୍ତି । ଏହି ମହୋତ୍ସବର ନାମ ସଂକୀର୍ତ୍ତନ ସକଳ ପାପହାରୀ । ଅଧିକ କ'ଣ କହିବା ? ରଥାରୁଢ ଭଗବାନଙ୍କୁ ଦର୍ଶନ କଲେ ମନୁଷ୍ୟ ମାନଙ୍କର ସାତକୋଟି ଜନ୍ମର ପାପ କ୍ଷୟ ହୋଇଥାଏ । ରଥ ଛାୟା ସ୍ପର୍ଶ କଲେ ବ୍ରହ୍ମହତ୍ୟା ପାପ ବିଦୂରିତ ହୁଏ । ରଥଧୂଳି ଶରୀରରେ ଲାଗିଲେ ତ୍ରିତାପର ବିନାଶ ହୁଏ । ବୃଷ୍ଟିପାତ ହେତୁ ରଥମାର୍ଗ ପଙ୍କିଳ ହୋଇଥିଲେ ମଧ୍ୟ ତାହାକୁ ଖାତିର ନକରି ରଥଯାତ୍ରା ସମାପନ କରିବେ । ରଥାରୁଢ ଭଗବାନଙ୍କୁ ପ୍ରଣିପାତ କଲେ କୋଟି ଗୋଦାନ, କନ୍ୟାଦାନ, ଅଶ୍ୱମେଧ ଯଜ୍ଞରଫଳ ଲାଭହୁଏ । ଅନ୍ତରରେ ଭକ୍ତି ନଥାଇ କେବଳ କୌତୁକ ବଶତଃ ରଥଯାତ୍ରା ଦର୍ଶନ କଲେ ଦେବତା ମଧ୍ୟ ତାହାର ପଶ୍ଚାତ୍‌ଗମନ କରିଥାନ୍ତି ।

ଏହି ସମୟରେ ଯେଉଁମାନେ ସନାତନ ଦାରୁବ୍ରହ୍ମଙ୍କର ସ୍ତୋତ୍ର, ମନ୍ତ୍ରାଦି କିମ୍ବା ସ୍ୱରଚିତ ପଦାବଳୀ ଗାନ କରି ତାଙ୍କୁ ସନ୍ତୁଷ୍ଟ କରିଥାନ୍ତି ସେମାନେ ନିଷ୍ପାପ ହୋଇ ନାରଦାଦି ମହର୍ଷିମାନଙ୍କ ସହ ବୈଷ୍ଣବ ଭାବରେ ନିତ୍ୟାନନ୍ଦ ଲାଭ କରିଥାନ୍ତି । ଯେଉଁମାନେ ଜୟଜୟକାର ଉଚ୍ଚାରଣ କରୁଥାନ୍ତି, ନୃତ୍ୟ ଗୀତପ୍ରତି ଆକୃଷ୍ଟ ହୋଇପଡନ୍ତି କିମ୍ବା ତାଳ, ଲୟ ଛନ୍ଦ କିଛି ଜାଣିନଥାନ୍ତି ସେମାନେ ମଧ୍ୟ ଉପଯୁକ୍ତ ବୈଷ୍ଣବଙ୍କ ମର୍ଯ୍ୟାଦା ଲାଭ କରନ୍ତି । ଯେଉଁମାନେ ଭଗବାନଙ୍କର ନାମ କୀର୍ତ୍ତନ କରି କରି ତାହାଙ୍କ ଅନୁଗମନ କରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି ସେମାନଙ୍କୁ ଆଉ ଗର୍ଭବାସ କଷ୍ଟ ଭୋଗିବାକୁ ପଡେନାହିଁ । ଯେଉଁମାନେ ପରଂବ୍ରହ୍ମଙ୍କ ସମ୍ମୁଖରେ ଚାମର ବ୍ୟଜନ କରନ୍ତି, ପୁଷ୍ପ ବୃଷ୍ଟି କରନ୍ତି ଆଲଟ ପକାନ୍ତି ସେମାନେ ଅପସରା ପରିବେଷ୍ଟିତ ହୋଇ ସ୍ୱର୍ଗକୁ ଗମନ କରି ବହୁ କଳ୍ପ ପର୍ଯ୍ୟନ୍ତ ବ୍ରହ୍ମଲୋକ ପ୍ରାପ୍ତ ହୋଇ ପରିଶେଷରେ ମୁକ୍ତିଲାଭ କରିଥାନ୍ତି । ଯେଉଁମାନେ ପ୍ରଭୁଙ୍କର ସହସ୍ରନାମ ପାଠ କରି ରଥ ସହିତ ଗମନ କରନ୍ତି ସେମାନଙ୍କୁ ଦେବତାମାନେ ମଧ୍ୟ ମାନ୍ୟ କରନ୍ତି ଏବଂ ତାଙ୍କର ବୈକୁଣ୍ଠ ବାସ ହୁଏ । ରଥଯାତ୍ରା କାଳରେ ସ୍ୱୟଂ ବ୍ରହ୍ମ ନିଜ ମାୟା ବଳରେ ତ୍ରିଧାରେ ବିଭକ୍ତ ହୋଇ ରଥଯାତ୍ରାରେ ଯାଇଥାନ୍ତି । ଏହି ମହୋତ୍ସବ ସମସ୍ତ ନରପତିମାନେ ନିଜ ନିଜ ରାଜ୍ୟରେ କରିବା ଉଚିତ । ରଥଯାତ୍ରା କାଳରେ ଇନ୍ଦ୍ରାଦି ଦେବତାମାନେ, ସ୍ୱୟଂ ଭଗବାନ ବ୍ରହ୍ମା, ସମସ୍ତେ ଆତ୍ମ ସମ୍ମାନ ଏବଂ ଅଭିମାନ ତ୍ୟାଗକରି ରଥ ଯାତ୍ରାରେ ସାମିଲ ହୋଇ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି ଏବଂ ରାସ୍ତାରେ ଅନେକ ବୈଦିକ ମନ୍ତ୍ରରେ ଭଗବାନଙ୍କୁ ସ୍ତବ, ସ୍ତୁତି କରିଥାନ୍ତି । ଯଦିଓ ଭଗବାନ ଜଗନ୍ନାଥ ଏବଂ ବ୍ରହ୍ମାଙ୍କ ଭିତରେ କିଛି ପ୍ରଭେଦ ନାହିଁ; ତଥାପି ମହୋତ୍ସବରେ ମହିମା ଦୃଷ୍ଟିରୁ ଏହା କୁହାଯାଇଛି । ଏହି ରଥଯାତ୍ରା ଅବସରରେ ଭଗବାନଙ୍କୁ ସମର୍ପିତ କିଞ୍ଚିତ୍ ମାତ୍ର ଦ୍ରବ୍ୟ ମେରୁତୁଲ୍ୟ ଫଳପ୍ରଦାନ କରିଥାଏ । ଯାହା କିଛି ସତ୍‌କାର୍ଯ୍ୟ ବା ଶୁଭାନୁଷ୍ଠାନ ରଥଯାତ୍ରାରେ ଅନୁଷ୍ଠିତ ହୁଏ ସେଥିରେ କୌଣସି ବିଧି ନିଷେଧ ଦେଖାଯାଏ ନାହିଁ ଏବଂ ତାହା ଅକ୍ଷୟ

ପୁଣ୍ୟ ଫଳପ୍ରଦ ହୋଇଥାଏ । ଧୂଳି ଧୂସରିତ ହୋଇ ମଧ୍ୟ ନିଜକୁ ସଂପୂର୍ଣ୍ଣ ଭାବେ ରଥଯାତ୍ରାରେ ନିୟୋଜିତ କରିଥିବା ଭକ୍ତମାନେ ସମସ୍ତ ବ୍ରତ, ଯଜ୍ଞ ତୀର୍ଥର ଫଳ ଲାଭ କରିଥାନ୍ତି । ଭକ୍ତବତ୍ସଳ ଭଗବାନ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ସହିତ ରଥଯାତ୍ରା ଛଳରେ ଦଶ ଦିଗକୁ ପୁଣ୍ୟମୟ କରି ନିଜର ଶ୍ରୀଅଙ୍ଗ ସ୍ପର୍ଶିତ ବାୟୁଦ୍ୱାରା ଜୀବମାନଙ୍କର ସମସ୍ତ ପାପପୁଞ୍ଜକୁ ବିଦୂରିତ କରିଥାଆନ୍ତି ।

ଭଗବାନ ଜଗନ୍ନାଥ ସ୍ୱୟଂ ମୁକ୍ତିପ୍ରଦ ହେଲେ ମଧ୍ୟ ମାୟାଗ୍ରସ୍ତ, ବିଶ୍ୱାସହୀନ ଜୀବମାନଙ୍କର ବିଶ୍ୱାସ ଜନ୍ମାଇବା ନିମନ୍ତେ ରଥଯାତ୍ରାର ଲୀଳା କରିଥାନ୍ତି । ରଥଯାତ୍ରା କାଳରେ ମଧ୍ୟାହ୍ନ ସମୟ ଉପସ୍ଥିତ ହେଲେ ସୂର୍ଯ୍ୟଙ୍କ କିରଣରେ ସମସ୍ତେ ସନ୍ତାପିତ ହୋଇଯାନ୍ତି ଏଣୁ କ୍ଲାନ୍ତି ଆସେ । ରଥାରୂଢ ଭଗବାନ ମଧ୍ୟ ଏଥିରେ ସନ୍ତାପିତ ଏହା ଭାବି ଚନ୍ଦନ କସ୍ତୁରୀ, କର୍ପୂରଦ୍ୱାରା ସେମାନଙ୍କ ଶ୍ରୀଅଙ୍ଗ ବିଲେପନ କରିବେ । ସୁଶୀତଳ ଜଳ ଦ୍ୱାରା ସେମାନଙ୍କର ଦର୍ପଣିଆ ସ୍ନାନକରାଇବେ ଏବଂ ଶୀତଳ ଉପଚାର ମାନ କରିବେ । ଶର୍କରା, ସୁମଧୁର ପେୟ, ମିଷ୍ଟାନ୍ନ, ଖଜୁରୀ ନଡିଆ, କଦଳୀ, ପଣସ, ଆଖୁ, ଦୁଗ୍ଧ ଏବଂ ନାନାବିଧ ସୁସ୍ୱାଦୁ ଫଳ ଭଗବାନଙ୍କୁ ନୈବେଦ୍ୟ କରି କର୍ପୂର ଲବଙ୍ଗ, ତାମ୍ବୁଳ ଅର୍ପଣ କରିବେ । ଏହି ସମୟରେ ଶ୍ରୀହରିଙ୍କର ଦର୍ଶନ, ସ୍ତବ, ସ୍ତୁତି ମନୁଷ୍ୟମାନଙ୍କୁ ପ୍ରଶଂସନୀୟ କରିଥାଏ । ରଥସ୍ଥିତ ଦେବତାମାନଙ୍କୁ ଯେଉଁମାନେ ତ୍ରିବାର, ଚତୁର୍ବାର ସପ୍ତବାର ବା ଦଶବାର ପ୍ରଦକ୍ଷିଣ କରି ବ୍ରହ୍ମାକର୍ତ୍ତକସ୍ତୋତ୍ର ମନ୍ତ୍ରାଦି ପାଠ କରିଥାଆନ୍ତି ସେମାନେ ଦେହାନ୍ତ ପରେ ନିଶ୍ଚୟ ବ୍ରହ୍ମଲୋକକୁ ଗମନ କରିଥାଆନ୍ତି । ଅପରାହ୍ନରେ ପୂର୍ବବାର ପହଣ୍ଡି ଆରମ୍ଭ କରିବେ । ସେତେବେଳେ ସୁଶୀତଳ ଦକ୍ଷିଣାପବନ ବହୁଥିବ । ବୀଣା, ବେଣୁ, କାହାଳୀ ଧ୍ୱନିରେ ଗାୟକମାନେ ସଂଗୀତଗାନ କରି ଗମନ କରିବେ । ସୂର୍ଯ୍ୟାସ୍ତ ସମୟ ହେଲେ ସହସ୍ର ସହସ୍ର ଦୀପମାଳା ପ୍ରଜ୍ୱଳିତ କରିବେ ଯେପରି ସେହି ଆଲୋକରେ ପଥ ଆଲୋକିତ ହେଉଥିବ । ଏଥି ସହିତ ସନ୍ଧ୍ୟା ବନ୍ଦାପନା, ଆରତ୍ରିକ କରିବେ ଯାହାକୁ ଦେଖିବାକୁ ପ୍ରବଳ ଜନଗହଳି ହୋଇଥାଏ । ଗୁଣ୍ଡିଚା ମନ୍ଦିରର ବେଦୀ ପୂର୍ବରୁ ସୁସଜ୍ଜିତ ହୋଇଥାଏ । ତଥାପି ତାହାକୁ ଚନ୍ଦ୍ରାତପ, ମାଲ୍ୟ, ଚାମର ଦ୍ୱାରା ସୁଶୋଭିତ କରିବେ । ବିଭିନ୍ନ ରତ୍ନ ଖଚିତ ତୋରଣ, ଆଭ୍ୟନ୍ତରର ସ୍ୱର୍ଣ୍ଣ ବେଦୀକା, ଚତୁର୍ଦ୍ଦିଗର ପ୍ରାଚୀର ସବୁ କିଛି ସୁଧାଲିପ୍ତ ହୋଇଥିବା ଦରକାର । ଆସ୍ଥାନ ମଣ୍ଡପକୁ ପାବଚ୍ଛ ଶ୍ରେଣୀ ଏବଂ ସୁପ୍ରଶସ୍ତ ଚାରି ଗୋଟି ଦ୍ୱାର ସଂଯୁକ୍ତ ହୋଇ ଏପରି ବୋଧ ହେଉଥିବ ଯେ ଏହି ସ୍ଥାନଟି ତ୍ରୈଲୋକ୍ୟର ଆଡମ୍ବରଯୁକ୍ତ ଯଜ୍ଞ ମହାବେଦୀ, ଯହିଁରେ ସ୍ୱୟଂ ମହାପ୍ରଭୁ ଦାରୁବ୍ରହ୍ମ ବିରାଜମାନ ହୋଇଛନ୍ତି ।

ମହାବେଦୀରେ ନବ ଦିନାତ୍ମକ ବ୍ରତ ଦର୍ଶନ

ଜୈମିନି କହିଲେ - ହେ ମୁନିଗଣ। ଇନ୍ଦ୍ରଦ୍ୟୁମ୍ନ ସରୋବର ଏବଂ ଶ୍ରୀନୃସିଂହଦେବଙ୍କ ଦକ୍ଷିଣରେ ଅବସ୍ଥିତ ଗୁଣ୍ଡିଚା ମଣ୍ଡପରେ ପରଂବ୍ରହ୍ମ ଅଚିନ୍ତ୍ୟ ମହିମାମେରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ ହେବାରୁ ମନେ ହେଲା ଯେପରି ସେ ମନୁଷ୍ୟ ଦେହରେ ଅବତୀର୍ଣ୍ଣ ହୋଇ ଲୀଳା କରୁଛନ୍ତି। ମହାପ୍ରଭୁଙ୍କର ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନକାଳରେ ନାନାଦି ପୁଷ୍ପମାଲ୍ୟ ସୁଗନ୍ଧ କୃଷ୍ଣାଗୁରୁ, ଭକ୍ଷ, ଭୋଜ୍ୟ, ଲେହ, ପେୟ ଆଦି ସମସ୍ତ ଅନ୍ନବ୍ୟଞ୍ଜନ ପ୍ରଭୁଙ୍କୁ ନିବେଦନ କରିବେ। ପୂର୍ବେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଭଗବାନ ଏହି ବର ଦେଇଥିଲେ ଯେ ପ୍ରତିବର୍ଷ ସେ ବିନ୍ଦୁତୀର୍ଥ (ଇନ୍ଦ୍ରଦ୍ୟୁମ୍ନ ସରୋବର) ନିକଟ ଗୁଣ୍ଡିଚା ମନ୍ଦିରରେ ସପ୍ତମଦିନ ଅବସ୍ଥାନ କରିବେ ଏବଂ ସମସ୍ତ ତୀର୍ଥ ସେହି ସମୟରେ ଇନ୍ଦ୍ରଦ୍ୟୁମ୍ନରେ ପତିତ ହେବେ। ତେଣୁ ଏବେ ସେ ସେଠାରେ ଅବସ୍ଥାନ କରୁଛନ୍ତି। ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ କରି ଗୁଣ୍ଡିଚା ମଣ୍ଡପସ୍ଥିତ ଭଗବାନ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଯେଉଁମାନେ ଦର୍ଶନ କରନ୍ତି, ସେମାନେ ସାଯୁଜ୍ୟ ମୁକ୍ତି ଲଭନ୍ତି। ଯେଉଁ ବ୍ୟକ୍ତି ସପ୍ତାହବ୍ୟାପୀ ଇନ୍ଦ୍ରଦ୍ୟୁମ୍ନ ସ୍ନାନ, ଭଗବାନ ନୃସିଂହଙ୍କ ଦର୍ଶନ ଏବଂ ଗୁଣ୍ଡିଚା ମଣ୍ଡପସ୍ଥିତ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରନ୍ତି ସେମାନେ ନିଶ୍ଚିତ ବୈଷ୍ଣବ। ମହାବେଦୀରେ ଦିନବେଳେ ଭଗବାନଙ୍କୁ ଗୁଣ୍ଡିଚା ମଣ୍ଡପରେ ଦର୍ଶନ କଲେ ଯେତିକି ଫଳମିଳେ, ରାତ୍ରିରେ ଦର୍ଶନ କଲେ ତାର ଦଶଗୁଣ ପୁଣ୍ୟ ହୁଏ କାରଣ ଜଗଦୀଶଙ୍କର ସମ୍ମୁଖରେ ସମସ୍ତ କର୍ମ ସୁଫଳ ହୋଇଥାଏ। ମହାବେଦୀରେ ଭଗବାନଙ୍କ ଅବସ୍ଥାନ ଅତ୍ୟନ୍ତ ଦୁର୍ଲ୍ଲଭ ହୋଇଥିବାରୁ ସେଠାରେ ସାମାନ୍ୟମାତ୍ର ଦାନ ମଧ୍ୟ ମେରୁତୁଲ୍ୟ ଫଳପ୍ରଦ ହୋଇଥାଏ। ହେ ବିପ୍ରଗଣ। ଯେଉଁ ଅର୍ଦ୍ଧୋଦୟ ଯୋଗ କଥା ମୁଁ ପୂର୍ବେ ଆପଣମାନଙ୍କୁ କହିଛି ତାର ପୁଣ୍ୟ ଫଳ ଏହାର ଷୋଳ ଭାଗରୁ ଭାଗେ ମଧ୍ୟ ହେବ ନାହିଁ।

ଏହି କ୍ଷେତ୍ରରେ (ଇନ୍ଦ୍ରଦ୍ୟୁମ୍ନ ସରୋବର, ଭଗବାନ ନୃସିଂହ ଏବଂ ଗୁଣ୍ଡିଚା ମନ୍ଦିର) ଯେଉଁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ, ତର୍ପଣ କରନ୍ତି ସେମାନଙ୍କର ପିତୃପୁରୁଷ ଯେଉଁ ଯୋନି(ନର, ପଶୁ ପକ୍ଷୀ ଇତ୍ୟାଦି) ପ୍ରାପ୍ତ ହୋଇଥାନ୍ତୁ ନା କାହିଁକି, ସେମାନେ ସଂପୂର୍ଣ୍ଣ ମୁକ୍ତ ହୋଇଥାନ୍ତି। ମାଘ ନକ୍ଷତ୍ରରେ ଏହା ହିଁ ପ୍ରୀତିପଦ। ତେଣୁ ଆଷାଢ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଶ୍ରାଦ୍ଧ,ତର୍ପଣ କରା ଯାଇଥାଏ। ସେହି ତିଥିରେ ପୁତ୍ର ଯଦି ସେହି କ୍ଷେତ୍ରରେ ପିଣ୍ଡଦାନ କରନ୍ତି ତେବେ ନିଜର ସପ୍ତ ପୁରୁଷ ତ ଉଦ୍ଧାର ହୋଇଥାନ୍ତି, ସେ ନିଜେ ମଧ୍ୟ ବ୍ରହ୍ମଲୋକ ଗମନ କରିଥାଏ। ସୂର୍ଯ୍ୟଙ୍କ ରଶ୍ମି ଅଳ୍ପ ମ୍ଳାନ ହେଲେ ସେହି ଆଠ ମୁହୂର୍ତ୍ତ ଶ୍ରାଦ୍ଧ ପାଇଁ ପ୍ରଶସ୍ତ କାଳ। ଏହି କାଳରେ ଶ୍ରାଦ୍ଧାଦି ସଂପୂର୍ଣ୍ଣ କରି ବ୍ରାହ୍ମଣମାନଙ୍କୁ ଦାନ, ଦକ୍ଷିଣା, ଭୋଜନରେ ତୃପ୍ତ କରାଇବେ। ଏଥିପାଇଁ ଅସମର୍ଥ

ହେଲେ କେବଳ ପିତୃତର୍ପଣ କରି ପିତୃପୁରୁଷଙ୍କୁ ଚଣାଦାନ କରିବେ ଏବଂ ଅତି କମ୍‌ରେ ଜଣେ ବ୍ରାହ୍ମଣଙ୍କୁ ଭୋଜନ କରାଇବେ । ସେହି ଯୋଗ କାଳରେ କିଏ ଭଲ ବ୍ରାହ୍ମଣ କିଏ ଖରାପ ବା ଶାସ୍ତ୍ର ଅନଭିଜ୍ଞ ଏପରି ବିଚାର କରିବେ ନାହିଁ, କାରଣ ସେହି ଯୋଗରେ ସମସ୍ତ ବ୍ରାହ୍ମଣ ମୁନିମାନଙ୍କସହ ସମାନ ହୋଇଥାନ୍ତି । ଆଷାଢ ଶୁକ୍ଳ ପଞ୍ଚମୀ ମାଘ ନକ୍ଷତ୍ର ଏବଂ ଭଗବାନଙ୍କର ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ଏହା ହେଲା ତ୍ରିପାଦ ଯୋଗ । ଏଥିରେ ଇନ୍ଦ୍ରଦ୍ୟୁମ୍ନ ସ୍ନାନ ମିଶିଲେ ଚତୁଷ୍ପାଦ ଯୋଗ ହୁଏ । ଏହିକାଳ ପିତୃତର୍ପଣ ପାଇଁ ପ୍ରଶସ୍ତ ହେତୁ କେବେ ହେଲେ ଏହାକୁ ହାତଛଡ଼ା କରିବା ଉଚିତ ନୁହେଁ ।

ହେ ବିପ୍ରଗଣ । ଏବେ ଆପଣମାନଙ୍କୁ ଅନ୍ୟ ଶ୍ରାଦ୍ଧ ବିଷୟରେ କହୁଛି, ଶୁଣନ୍ତୁ । ଚତୁର୍ଯୁଗରେ ଭାଦ୍ରବ ମାସ ଅମାବାସ୍ୟା ଶ୍ରାଦ୍ଧ ନିମିତ୍ତ ପ୍ରଶସ୍ତ । ତେଣୁ ଯେଉଁ ବ୍ୟକ୍ତି ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ କରି ଏହି ଅମାବାସ୍ୟା ତିଥିରେ ପିତୃ ଶ୍ରାଦ୍ଧ କରନ୍ତି ସେମାନେ ଗୟା ଶ୍ରାଦ୍ଧର ଫଳ ଲାଭ କରନ୍ତି । ଭଗବାନଙ୍କର ଗୁଣ୍ଡିଚା ମଣ୍ଡପ ଅବସ୍ଥାନ କାଳରେ ଜପ ହୋମ ଆଦି କଲେ ଅନେକ ପାପରୁ ମୁକ୍ତି ମିଳିଥାଏ । ଆଷାଢ ଶୁକ୍ଳ ଦ୍ୱିତୀୟା ପ୍ରାତଃ କାଳରେ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନକରି ନୃସିଂହ ଭଗବାନଙ୍କୁ ଦର୍ଶନକରି ଯଥାବିଧି ସଂକଳ୍ପକରି ଭଗବାନଙ୍କ ପ୍ରୀତି ଉଦ୍ଦେଶ୍ୟରେ ବନ ଜାଗରଣ ନାମକ ବ୍ରତ ଗ୍ରହଣ କରିବେ । ଏହି ବ୍ରତ ସପ୍ତ ଦିବସବ୍ୟାପୀ ଏବଂ ଏହି ସପ୍ତ ଦିବସ ସଂପୂର୍ଣ୍ଣ ମୌନ ରହି ତ୍ରିସନ୍ଧ୍ୟାକରି କଳସ ଉପରିସ୍ଥ ଭଗବାନଙ୍କୁ ପୂଜା କରିବେ । ଦିବା ରାତ୍ରି ସାତ ଦିନ ପର୍ଯ୍ୟନ୍ତ ପ୍ରଭୁଙ୍କ ସମ୍ମୁଖରେ ଘିଅ ଦୀପ ଜାଳିବେ ଏବଂ ତାହା ଯେପରି ନିର୍ବାପିତ ନ ହେବ ସେଥିପ୍ରତି ଦୃଷ୍ଟି ଦେବେ । ପ୍ରତ୍ୟେକ ରାତ୍ରିରେ ଭାଗବତ ମନ୍ତ୍ର ଜପ କରିବେ । ଅଷ୍ଟମ ଦିବସ ପ୍ରାତଃରୁ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନସାରି ଘରକୁ ଆସି ସର୍ବତୋ ଭଦ୍ରମଣ୍ଡଳ ଉପରେ କୁମ୍ଭ ସ୍ଥାପନ କରିବେ । ତା ଉପରେ ଭଗବାନଙ୍କୁ ଆବାହନକରି କୌଣସି ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଇବେ । ଘଟର ପଶ୍ଚିମରେ ଯଜ୍ଞକୁଣ୍ଡ ସ୍ଥାପନ କରି ଶତ ସଂଖ୍ୟକ ଆହୁତି ପ୍ରଦାନ କରିବେ । ବୈଷ୍ଣବ ଗାୟତ୍ରୀ ମନ୍ତ୍ରରେ ହିଁ ହୋମ କରିବେ । ବ୍ରତ ସମାପନ କରି ବ୍ରାହ୍ମଣଙ୍କୁ ଗାଭୀ, ସ୍ୱର୍ଣ୍ଣ, ବସ୍ତ୍ର, ଅଳଙ୍କାର ଭୋଜନ ଦାନ କରିବେ । ଏହି ବ୍ରତରେ ଅଭୀଷ୍ଟ ପୂର୍ଣ୍ଣ ହୋଇଥାଏ । କେବଳ ରାଜା ନୁହନ୍ତି, ଯେ କୌଣସି ବ୍ୟକ୍ତି ଏ ବ୍ରତ କଲେ ଚତୁବର୍ଗ ଫଳ ପ୍ରାପ୍ତି ହୋଇଥାଏ । ନାରୀମାନେ ମଧ୍ୟ ଏ ବ୍ରତ କରି ପାରିବେ । ରଥଯାତ୍ରା ଦର୍ଶନ କଲେ ଯେପରି ଫଳପ୍ରାପ୍ତି ହୁଏ, ଏହି ବ୍ରତକଲେ ମଧ୍ୟ ସେହି ଫଳ ଲାଭ ହୁଏ । ଏ କଥା ମୁଁ ଅତ୍ୟନ୍ତ ଆନନ୍ଦ ସହକାରେ ଆପଣମାନଙ୍କ ଆଗରେ ପ୍ରକାଶ କଲି ।

❑❑❑

ଶ୍ରୀଜଗନ୍ନାଥ ସଂସ୍କୃତି



ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର
ଆନନ୍ଦ ନଗର, ଢେଙ୍କାନାଳ
ଫୋନ୍ - ୮୮୯୫୨ ୩୦୭୨୨

“ଜଗନ୍ନାଥଙ୍କ ସଂସ୍କୃତି କେବଳ ଜନହିତୈଷୀ ସଂସ୍କୃତି ନୁହେଁ, ବିଶ୍ୱ ହିତୈଷୀ ସଂସ୍କୃତି । ଏହି ସଂସ୍କୃତି ବିଶ୍ୱର ମଙ୍ଗଳ ଉପରେ ଆଧାରିତ । ବିଶ୍ୱରେ ନିବାସ କରୁଥିବା ଚାରିବର୍ଣ୍ଣର ମାନବ ଜାତିର ପ୍ରତୀକାତ୍ମକ ବିଗ୍ରହ ସ୍ୱରୂପରେ ଚତୁର୍ଦ୍ଧାମୂର୍ତ୍ତି ଚାରିଗୋଟି ବର୍ଣ୍ଣ ଧାରଣ ପୂର୍ବକ ଉଦ୍‌ଘୋଷଣା କରୁଛନ୍ତି, ‘ଜାତି, ବର୍ଣ୍ଣ, ବେଶଭୂଷା, ଆଚାର ଓ ଧର୍ମ ଧାରଣାର ଭିନ୍ନତା ସତ୍ତ୍ୱେ ବିଶ୍ୱର ସକଳ ପ୍ରାଣୀ ସମାନ ।”

ସଂସ୍କୃତିର ସଂଜ୍ଞା ବ୍ୟାପକ । ସଂକ୍ଷେପରେ ଉଲ୍ଲେଖ କଲେ, ଗୋଟିଏ ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ, ମୂଲ୍ୟବୋଧ, ମହତଲକ୍ଷ୍ୟ, କାର୍ଯ୍ୟଧାରା, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ଓ ବିକାଶର ଧାରା ହିଁ ସଂସ୍କୃତି । ସଂସ୍କୃତି ହେଉଛି ମାନବ ସଭ୍ୟତାର ପ୍ରାଣ । ଜାତିର ଜୀବନଯାପନ ଧାରା ରୁଚିସମ୍ପନ୍ନ ଓ ମାର୍ଜିତ ହେଲେ ସଂସ୍କୃତିର ଅଭ୍ୟୁଦୟ ଘଟେ ତଥା ଭାଷା, ସାହିତ୍ୟ, କଳା, ଶିଳ୍ପ, ସ୍ଥାପତ୍ୟ, ନୃତ୍ୟ, ସଙ୍ଗୀତ ଓ ଦର୍ଶନ ପ୍ରଭୃତିରେ ଏହାର ପରିପ୍ରକାଶ ଘଟିଥାଏ । ସଂସ୍କୃତି ସହିତ ଧର୍ମ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇଗଲେ ସଭ୍ୟତା ଉନ୍ନତ ହୋଇ ସମାଜ ସମୃଦ୍ଧ ହୁଏ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି

ଶ୍ରୀଜଗନ୍ନାଥଙ୍କ ସଂସ୍କୃତି । ଶ୍ରୀଜଗନ୍ନାଥ ଉପାସନାରୁ ଜନ୍ମ ନେଇଥିବା ଜଗନ୍ନାଥ ସଂସ୍କୃତି ହେଉଛି ବିଶ୍ୱର ପ୍ରାଚୀନତମ ସଂସ୍କୃତି । ପ୍ରାଚୀନ ଭାରତରେ ତପୋନିଷ୍ଠ ମହାତ୍ମାଙ୍କ ମୁଖରୁ ବେଦ ନିଃସୃତ ହେବାର ବହୁ ପୂର୍ବରୁ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦ୍ଭବ ଘଟିଥିଲା ଏବଂ କ୍ରମବିକଶିତ ଧାରାରେ ଏହା ବିଶ୍ୱର ଶ୍ରେଷ୍ଠ ସଂସ୍କୃତି ସ୍ୱରୂପରେ ପ୍ରତିଭାତ ହୋଇଥିଲା । ଅନ୍ୟ ଭାଷାରେ ଉଲ୍ଲେଖ କଲେ ପ୍ରାକ୍-ବୈଦିକ ଯୁଗରୁ ଶ୍ରୀଜଗନ୍ନାଥ ସଂସ୍କୃତିର ଅଭ୍ୟୁଦୟ ଘଟି ମାନବୀୟ ପ୍ରଜ୍ଞାର ଉନ୍ନତ ରୁଚିରେ ଏହା ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇଥିଲା ତଥା ବିଶ୍ୱର ଏକ ଆଦର୍ଶ ସଂସ୍କୃତିର ଆସନ ଅଳଙ୍କୃତ କରିଥିଲା ।

ଦିବ୍ୟ ନୀଳାଚଳରେ ଦାରୁ ଉପାସନାର ପ୍ରବହମାନ ଧାରା ସମ୍ପର୍କରେ ଋଗବେଦର ଦଶମ ମଣ୍ଡଳରେ ଉଲ୍ଲିଖିତ ଥିବାରୁ ପ୍ରମାଣିତ ହୁଏ, ଶ୍ରୀଜଗନ୍ନାଥ ସଂସ୍କୃତି ହିଁ ପ୍ରାଗ୍ - ବୈଦିକ ସଂସ୍କୃତି । ସେହି ସୂକ୍ତିଟି ହେଉଛି :-

ଅଦ୍ଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋ ପାରେ ଅପୁରୁଷମ
ତଦାରଭସ୍ୟ ଦୁର୍ହଣୋ ତେନ ଗଚ୍ଛପରସ୍ତରମ

ସଂକ୍ଷେପରେ ଏହି ସୂକ୍ତଟିର ଅର୍ଥ ହେଉଛି, ସଂପ୍ରତି ସମୁଦ୍ରତଟରେ ଯେଉଁ ଅପୌରୁଷ ଦାରୁ ଭାସମାନ ତହିଁରେ ଉପାସନା କରି ପରମଲୋକ ପ୍ରାପ୍ତ ହୁଅ । ମୌଳିକ ଆର୍ଯ୍ୟଗୋଷ୍ଠୀ ସଗୁଣ ସାକାର ଉପାସନାର ପକ୍ଷପାତ ନ ଥିବାରୁ କେହି କେହି ଏହି ସୂକ୍ତଟିକୁ ଅଲକ୍ଷ୍ମୀ ସୂଚକ ଅର୍ଥରେ ବାଖ୍ୟା କରିଛନ୍ତି । କିନ୍ତୁ ସୂକ୍ତଟିରୁ ଉପଲବ୍ଧ ହେଉଛି ପୂର୍ବ ମହୋଦଧି ତଟରେ ବୈଦିକ ଯୁଗରେ ଦାରୁ ଉପାସନା ହେଉଥିଲା । ପ୍ରମାଣିତ ହୁଏ ନିର୍ଗୁଣ ନିରାକାର ପରଂବ୍ରହ୍ମ ସଗୁଣ ସାକାର ଦାରୁ ରୂପରେ ପୂଜା ପାଇ ବିଶ୍ୱର ପ୍ରଥମ ସାକାର ଦେବତାର ଆସନ ଗ୍ରହଣ କଲେ ତଥା ଋଗବେଦ ରଚନା ସମୟରେ ସେହି ଦାରୁ ଉପାସନା ଅବ୍ୟାହତ ରହିଥିଲା । ସେହି ଦାରୁ ଉପାସନାରୁ ଜନ୍ମ ନେଲା ଶ୍ରୀଜଗନ୍ନାଥ ସଂସ୍କୃତି । ମହନୀୟତା ହେଉଛି, ଜାତି, ବର୍ଣ୍ଣ, ସମ୍ପ୍ରଦାୟ ଭେଦରେ ତାହା ବିଭାଜିତ ନ ହୋଇ ଚିନ୍ତନଠାରୁ ବ୍ୟାବହାରିକ ଜୀବନ ତଥା ମାନବୀୟ ସମ୍ବେଦନଠାରୁ ସମଷ୍ଟିଗତ ଏକତାକୁ ଆଧାର କରି ଏହି ସଂସ୍କୃତି ସଂପ୍ରସାରିତ ହୋଇଥିଲା । ଏହି ସଂସ୍କୃତିର ଉନ୍ମେଷ ସ୍ଥଳୀ ହେଉଛି ପୂର୍ବ ମହୋଦଧି ତଟସ୍ଥ ନୀଳାଚଳ, ଯାହାର ପବିତ୍ର ବାଲୁକାରେଣୁ ସ୍ପର୍ଶ କଲା ମାତ୍ରେ ସଭିଏଁ ଜଗନ୍ନାଥ ସଂସ୍କୃତିର ମହାସାଗରରେ ଆପଣାକୁ ହଜାଇ ଦେଉଥିଲେ । ସମୟକ୍ରମେ ସେହି ମହାଦାରୁ ବୈଦିକ ବିଧି ଓ ଯାଜ୍ଞିକ ପ୍ରକ୍ରିୟାରେ ଚତୁର୍ଦ୍ଧା ମୂର୍ତ୍ତିରେ ରୂପାନ୍ତରିତ ହୋଇ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ବୈଦିକ ସଂସ୍କୃତିର ମହାମିଳନ ସଂଘଟିତ ହେଲା, ଅଥଚ ଶ୍ରୀଜଗନ୍ନାଥ ସଂସ୍କୃତି ସ୍ୱକୀୟ ମୌଳିକତା ହରାଇ ନ ଥିଲା । ବୈଦିକ ପ୍ରଚେତାବୃନ୍ଦ ଶ୍ରୀଜଗନ୍ନାଥଙ୍କୁ ପୁରୁଷ ନାମରେ ଅଭିହିତ କଲେ । ବେଦୋକ୍ତ ପୁରୁଷୋତ୍ତମ ତତ୍ତ୍ୱକୁ ଜଗନ୍ନାଥଙ୍କ ଠାରେ ଆରୋପିତ କରାଯାଇ ତାଙ୍କୁ କ୍ଷର ବା ପରିବର୍ତ୍ତିତ ଓ ଅକ୍ଷର ବା

ଅପରିବର୍ତ୍ତିତ ବିଶ୍ୱ ପୁରୁଷ ନାମରେ ନାମିତ କରାଗଲା । ଶ୍ରୀମତ ଭାଗବତଗୀତା ତତ୍ତ୍ୱାନୁଯାୟୀ ତାଙ୍କୁ 'କ୍ଷର ପୁରୁଷ' ଠାରୁ ଭିନ୍ନ ଓ 'ଅକ୍ଷର ପୁରୁଷ' ଠାରୁ ଶ୍ରେଷ୍ଠ ବୋଲି କୁହାଗଲା ।

ଯସ୍ମାତ କ୍ଷରୋଽତୀତୋହମକ୍ଷରା ଦପି ଚୋତ୍ତମ,
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତ ପୁରୁଷୋତ୍ତମ ।

ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ବେଦୋକ୍ତ ପୁରୁଷୋତ୍ତମ ତତ୍ତ୍ୱର ପ୍ରତିଭୂ ସ୍ୱରୂପରେ ଦାରୁ ଓ ବ୍ରହ୍ମଙ୍କର ଅପୂର୍ବ ସମନ୍ୱୟ ଅର୍ଥାତ୍ ନଶ୍ୱର ଓ ଈଶ୍ୱରଙ୍କର ସମ୍ମିଳିତ ରୂପରେ ପୂଜା ପାଇଲେ । ଦିବ୍ୟ ନୀଳାଚଳ ପୁରୁଷୋତ୍ତମ ଧାମ ନାମରେ ପ୍ରସିଦ୍ଧି ଲାଭ କଲା । ଶ୍ରୀଜଗନ୍ନାଥ ନାମ ଓ ଧାମକୁ ଆଧାର କରି ପୃଥିବୀର ଏହି ପ୍ରାଚୀନତମ ସଂସ୍କୃତି ବିକଶିତ ହୋଇଥିଲା । ପୁରୁଷୋତ୍ତମ ଚେତନା ସହିତ ବିକଶିତ ବୈଶିଷ୍ଟ୍ୟଦ୍ୱାରା ଅଭିପୂରିତ ଜୀବନ ଶୈଳୀ 'ଜଗନ୍ନାଥ ସଂସ୍କୃତି' ନାମରେ ସ୍ୱତନ୍ତ୍ର ମର୍ଯ୍ୟାଦାରେ ଅଧିଷ୍ଠିତ ହେଲା । ପ୍ରାଥମିକ ପର୍ଯ୍ୟାୟରେ ପୁରୁଷୋତ୍ତମ କ୍ଷେତ୍ରରୁ ଏହି ସଂସ୍କୃତିର ଅଭ୍ୟୁଦୟ ଘଟିଥିଲେ ହେଁ ପରବର୍ତ୍ତୀ କାଳରେ ଏହା ଆବିଶ୍ୱ ପ୍ରସାରିତ ହୋଇଥିଲା । ଏହି ସଂସ୍କୃତିକୁ 'ସା ପ୍ରଥମା ସଂସ୍କୃତି ବିଶ୍ୱବାରା' ବୋଲି ବ୍ୟକ୍ତ କରାଗଲା । ଆଧ୍ୟାତ୍ମିକ ସ୍ପନ୍ଦନ ଓ ସୌରଭରେ ଉତ୍‌ଫୁଲ୍ଲିତ ସେହି ସଂସ୍କୃତିର ଆଚାର, ବିଚାର, ପରମ୍ପରା ଜନଜୀବନ ସହିତ ଅଙ୍ଗାଅଙ୍ଗୀ ଭାବରେ ଜଡ଼ିତ ହୋଇଗଲା । ଧାର୍ମିକ, ସାଂସ୍କୃତିକ, ସାମାଜିକ ଜୀବନ ସହିତ ଏହି ସଂସ୍କୃତିର ମିଳନ ଘଟି ମାନବୀୟ ପ୍ରଜ୍ଞାର ଉତ୍ତରୋତ୍ତର ଅଭିବୃଦ୍ଧି ଘଟିଲା । ମହନୀୟତା ହେଉଛି ଏହି ସଂସ୍କୃତି ମାନବକୁ ଦେବତାରେ ପରିଣତ କରିବାର କଳାକୌଶଳରେ ସମୃଦ୍ଧ ହୋଇ ମାନବ ସମାଜର ଜୀବନଚର୍ଯ୍ୟାକୁ ସରସ, ସୁନ୍ଦର, ସମୃଦ୍ଧ, ସୃଜନଶୀଳ ଓ ପରିପୂର୍ଣ୍ଣ କରିପାରିଥିଲା । କ୍ରମାଗତ ସଂସ୍କାର ଓ ଉତ୍ତରଶୀଳତା ଏହାକୁ ଊର୍ଦ୍ଧ୍ୱମୁଖୀ କରାଇ ବିଶ୍ୱରେ ସ୍ୱତନ୍ତ୍ର ଆସନର ଅଧିଷ୍ଠିତ କରାଇ ପାରିଥିଲା ।

ମହାଦାରୁରୁ ଚତୁର୍ଦ୍ଧାମୂର୍ତ୍ତି ନିର୍ମିତ ହୋଇ ଶ୍ରୀବତ୍ସ ଖଣ୍ଡଶାଳ ରୀତିରେ ନିର୍ମିତ ଭବ୍ୟମନ୍ଦିରରେ ପୂଜାପାଇଲା ପରେ ଶ୍ରୀଜଗନ୍ନାଥ ସଂସ୍କୃତିର ମହାତ୍ମ୍ୟ ବୃଦ୍ଧି ପାଇଲା । ପ୍ରତିବର୍ଷ ଅନୁଷ୍ଠିତ ଘୋଷଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତି ତ୍ରିରଥରେ ଜନ୍ମବେଦୀ ଯାତ୍ରା କଲେ । ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଲକ୍ଷ ଭକ୍ତ ଘୋଷଯାତ୍ରା ଅବସରରେ ଶ୍ରୀକ୍ଷେତ୍ରରେ ପଦାର୍ପଣପୂର୍ବକ ଏହାକୁ ବିଶ୍ୱର ଶ୍ରେଷ୍ଠ ସାଂସ୍କୃତିକ ମହୋତ୍ସବରେ ପରିଣତ କରିଦେଲେ । ଘୋଷଯାତ୍ରାର ମହାନ ଉଦ୍ଦେଶ୍ୟ ହେଉଛି 'ସର୍ବେଷା ପାବନଂ ମହତ' । ଅଗଣିତ ପତିତଙ୍କୁ ପାବନ କରିବା ନିମିତ୍ତ ଏହା ଶ୍ରୀଜଗନ୍ନାଥଙ୍କର ସ୍ୱୟଂଲୀଳା । ତେଣୁ ଏହି ଯାତ୍ରାର ଅନ୍ୟନାମ ପତିତପାବନ ଯାତ୍ରା । ଜଗତ ପତିତ କହିଲେ ଯାହା ବୁଝେ, ତାହା ଶ୍ରୀଜଗନ୍ନାଥଙ୍କ ନିକଟରେ ପାବନ ଭାବରେ ପ୍ରତିଷ୍ଠିତ । ତାଙ୍କ ବାନା ହେଉଛି ପତିତପାବନ ବାନା । ତାଙ୍କ ପାଖରେ ସାନ, ବଡ଼, ଛୁଆଁ, ଅଛୁଆଁ, ପାପୀ, ଧାର୍ମିକ,

ଧନୀ, ଗରିବ, ରୋଗୀ, ଭୋଗୀ, ଜାତି, ଅଜାତି, ଦେଶୀ, ବିଦେଶୀର ଭାବ ନାହିଁ। ତାଙ୍କ ଚକାନୟନରେ ସଭିଏଁ ସମାନ। ସଭିଙ୍କ ସହିତ ଏକାକାର ହେବାକୁ ସେ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ। ଏହି ଯାତ୍ରାରେ ସେ ପତିତପାବନତ୍ୱକୁ ପ୍ରମାଣ କରିଦେଇଛନ୍ତି। ନିଜକୁ ପତିତ ଭାବିଲେ ହିଁ ତାଙ୍କ ପାବନ ସ୍ୱରୂପ ଉପଲବ୍ଧ ହୋଇଥାଏ। ଏହି ମହାନ ଚେତନାରେ ଉଦ୍‌ବୁଦ୍ଧ ହୋଇ ଲକ୍ଷେ ରାଜାଙ୍କର ମଉଡ଼ମଣି ଗଜପତି ମହାରାଜ ସକଳ ରାଜକୀୟ ସ୍ୱାଭିମାନ ପରିହାରପୂର୍ବକ ପତିତ ଭାବରେ ତାଙ୍କ ଛେରାପହଁରା ସେବା ସମ୍ପନ୍ନ କରିଥାନ୍ତି। କେବଳ ଗଜପତି ନୁହନ୍ତି, ସଭିଏଁ ଏହି ଯାତ୍ରାରେ ଦୀନହୀନ ଅକିଞ୍ଚନ ହୋଇ ତାଙ୍କ ପତିତପାବନ ଲୀଳାରେ ଅବଗାହନ କରିଥାନ୍ତି। ସଭିଙ୍କ କଣ୍ଠରୁ ଆପେ ଆପେ ଆସେ ନିସୃତ ହୋଇଥାଏ :-

ପତିତାନାଂ ପତିତୋ ହଂ ତ୍ୱମେବ ପାପହାରକମ
ପାବନ ପୁରୁଷ ! ଦେହି ନିଶ୍ଚଳା ଭକ୍ତି ମେ ବିଭୋ।

ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ମାନବ ଜାତିର ଇତିହାସରେ ଶୀର୍ଷ ସ୍ଥାନ ଅଳଙ୍କୃତ କରିଥିବା ଏହି ଯାତ୍ରା ସ୍ୱକୀୟ ପ୍ରସାରଣ ଶୀଳତାରେ ବିଶ୍ୱ ସଂସ୍କୃତିକୁ ସ୍ପନ୍ଦିତ କରିପାରିଛି। ସଂପ୍ରତି ଶ୍ରୀକ୍ଷେତ୍ର, ଅନୁକରଣରେ ବିଶ୍ୱର କୋଣେ ଅନୁକୋଣେ ଘୋଷଯାତ୍ରା ଅନୁଷ୍ଠିତ ହୋଇ ବିଶ୍ୱାତ୍ମା ଚେତନା ସାର୍ବଜନୀନ ହୋଇପାରିଛି। ବିଶ୍ୱ ସନ୍ନିଧାନର ପ୍ରତିକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ସଂପ୍ରତି ବିଶ୍ୱ ପ୍ରସିଦ୍ଧ ଗଣମହୋତ୍ସବ ସ୍ୱରୂପରେ ପ୍ରତିଭାତ ତଥା ମାନବବାଦର ଶ୍ରେଷ୍ଠ ମହୋତ୍ସବ ଭାବରେ ବିଶ୍ୱ ସଂସ୍କୃତିର ପୃଷ୍ଠପଟ୍ଟରେ ପ୍ରତିଷ୍ଠିତ। 'ବସୁଧୈବ କୁଟୁମ୍ବକମ୍'ଚେତନା ଝଙ୍କୃତ ହେଉଥିବା ଏହି ଗଣପର୍ବରେ ସାମ୍ୟ, ମୈତ୍ରୀ, ପ୍ରୀତି, ଶାନ୍ତି, ସଂହତି ଓ ସଂପ୍ରୀତିର ବାର୍ତ୍ତା ସଞ୍ଚାରିତ। ମହନୀୟତା ହେଉଛି, ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ବିଚାରର ଊର୍ଦ୍ଧ୍ୱରେ ରହି ତଥା ମାନବ ସମାଜର ସାମଗ୍ରିକ ଭାବ ମାନସକୁ ସ୍ପର୍ଶ ଓ ସ୍ପନ୍ଦିତ କରି ଘୋଷଯାତ୍ରା ମୈତ୍ରୀମୁଖୀ ଆଭିମୁଖ୍ୟର ପରିପ୍ରଚାରରେ ବିଶ୍ୱ ବିଶ୍ରୁତ। ଉଦାର ଓ ମହାନ ଅନ୍ତଃ ପ୍ରେରଣାରେ ଦୀପ୍ତିମନ୍ତ ଶ୍ରୀଜଗନ୍ନାଥ ସଂସ୍କୃତିର ବୌଦ୍ଧିକ ସୃଜନଶୀଳତା ଶ୍ରୀଜଗନ୍ନାଥଙ୍କୁ କୌଣସି ଗୋଷ୍ଠୀର ଦେବତା ପରିବର୍ତ୍ତେ ଗଣଦେବତା ଆସନରେ ଅଧିଷ୍ଠିତ କରାଇଛି। ପୃଥିବୀର ପ୍ରତ୍ୟେକ ଦେଶର ବିଶିଷ୍ଟ ସ୍ଥାନମାନଙ୍କରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ ହୋଇ ମହା ସମାରୋହରେ ଘୋଷଯାତ୍ରା ପାଳନ କରାଯାଉଛି। ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ, ଶାକ୍ତ, ଶୈବ, ବୈଷ୍ଣବ ସକଳ ମତବାଦୀଙ୍କର ସେ ଆରାଧ୍ୟ, ଅଥଚ କୌଣସି ଗୋଷ୍ଠୀ ଭିତରେ ସେ ସୀମିତ ରହିନାହାଁନ୍ତି। ପ୍ରତ୍ୟେକ ମତବାଦର ପ୍ରଚେତାବୃନ୍ଦ ଓ କେତେକ ଗବେଷକ ତାଙ୍କୁ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଦେବତା ବୋଲି ପ୍ରମାଣ କରିବାକୁ ଉଦ୍ୟମ କରିଥିଲେ ହେଁ ସେ ବିଶ୍ୱ ସଂସ୍କୃତିର ଆଧାର ହୋଇ ରହିଯାଇଛନ୍ତି।

ଶାସ୍ତ୍ରରେ କୁହାଯାଇଛି :-

ଯଃ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନଃ,
ବୌଦ୍ଧାଃ ବୁଦ୍ଧ ଇତି ପ୍ରମାଣ ପଟବ କାର୍ତ୍ତେତି ନୈୟାୟିକାଃ ।
ଅର୍ହ ନ୍ନିତ୍ୟଥ ଜୈନ ଶାସନରତା କର୍ମେତି ମୀମାଂସକା,
ସୋଃୟଂ ବା ପ୍ରବିଧାତୁ ବାଞ୍ଛିତ ଫଳ ତ୍ରୈଲୋକ୍ୟନାଥୋ ହରିଃ ।

ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ମହାନ ସାଧକ ମହତ ଯୋଗୀ, ବଜ୍ରଯାନୀ, ଇନ୍ଦ୍ରଭୂତି, ନାଥଯୋଗୀ ସତ୍ୟନାଥ, ବିଶିଷ୍ଟାଦ୍ୱୈତବାଦୀ ରାମାନୁଜାଚାର୍ଯ୍ୟ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ଦ୍ୱୈତାଦ୍ୱୈତବାଦୀ ନିମ୍ବର୍କାଚାର୍ଯ୍ୟ, ଭକ୍ତ ପ୍ରବର ମାଧବେନ୍ଦ୍ର ପୁରୀ, ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀ, ଭକ୍ତି ଧର୍ମାବଲମ୍ବୀ ଶ୍ରୀ ଚୈତନ୍ୟ, ଶୂନ୍ୟବାଦୀ ବଳରାମ ଦାସ, ଶିଖ ଧର୍ମଗୁରୁ ନାନକ, ମହାତ୍ମା କବୀର ଦାସ, ପୌତ୍ତଳିକ ହରିଦାସ, ଗଣପତି ଉପାସକ ଗଣପତି ଭଟ୍ଟ, ରାମଭକ୍ତ ଗୋସ୍ୱାମୀ ତୁଳସୀ ଦାସ, ଅଚିନ୍ତ୍ୟ ଭେଦାଭେଦବାଦୀ ବଳଦେବ ବିଦ୍ୟାଭୂଷଣ, ଶାସ୍ତ୍ରବେତ୍ତା ସାର୍ବଭୌମ ଭଟ୍ଟାଚାର୍ଯ୍ୟ ପ୍ରଭୃତି ଅନେକ ସିଦ୍ଧ, ସନ୍ଥ ଓ ଜ୍ଞାନୀ ନୀଳାଚଳଧାମରେ ପଦାର୍ପଣ କରି ଆପଣା ଆପଣାର ଦାର୍ଶନିକ ଚିନ୍ତା ଓ ଚେତନା ଶ୍ରୀଜଗନ୍ନାଥଙ୍କଠାରେ ଆରୋପିତ କରିଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତିର ପଟ ପରିବର୍ତ୍ତନ କରିପାରିନାହାନ୍ତି । ଅଧିକନ୍ତୁ ସେମାନଙ୍କ ଦୃଷ୍ଟି ଓ ଦର୍ଶନର ମିଶ୍ରଣରେ ଶ୍ରୀଜଗନ୍ନାଥ ସଂସ୍କୃତିରେ ସମନ୍ୱୟର ମହାଭାବ ସୃଷ୍ଟି ହୋଇଛି । ଏହି ମହାମିଳନ ଯୋଗୁଁ ଅନେକ ରୂପାତ୍ମକ ତଥା କ୍ଷଣକ୍ଷଣକେ ବିଲକ୍ଷଣ ରୂପ ଧାରଣ କରୁଥିବା ବିଶ୍ୱରେ ପୁରୁଷୋତ୍ତମ ଜଗନ୍ନାଥ ତତ୍ତ୍ୱଜ୍ଞାନର ବ୍ୟାପକ ଦୃଷ୍ଟିକୁ ଦର୍ଶନରେ ରୂପାନ୍ତର କରି ପିଣ୍ଡ ଓ ବ୍ରହ୍ମାଣ୍ଡର ପ୍ରଭେଦକୁ ପ୍ରଜ୍ଞାନରେ ପରିଣତ କରିବା ସହିତ ଭାରତୀୟ ଦର୍ଶନର ପ୍ରତିଭୂ ଭାବରେ ଉଭା ହୋଇଛନ୍ତି । ଏହାଦ୍ୱାରା ଶ୍ରୀଜଗନ୍ନାଥ ଧର୍ମ, ସଂସ୍କୃତି ଓ ଦର୍ଶନରେ ଜୀବ ଓ ନିର୍ଜୀବର ଅନ୍ତଃସ୍ଥଳରେ ବିଦ୍ୟମାନ ଥିବା ଏକରୂପତା ସହଜ ବୋଧଗମ୍ୟ ହୋଇ ଦୁଃଖ ପୂର୍ଣ୍ଣ ସଂସାର ଆତ୍ୟନ୍ତିକ ଦୁଃଖ ଦୂରୀକରଣର ଦିବ୍ୟପଥ ପ୍ରଶସ୍ତ ହୋଇପାରିଛି । ମହନୀୟତା ହେଉଛି, ଅଦ୍ୱୈତ ଦର୍ଶନରେ ଜୀବକୁ ବ୍ରହ୍ମଙ୍କର ମାୟାବଶ ସ୍ୱରୂପ କୁହାଯାଇଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଦର୍ଶନରେ ନିର୍ଜୀବରେ ବ୍ରହ୍ମତ୍ୱ ପ୍ରତିପାଦନ କରାଯାଇ ପାରିଛି । ନିର୍ଜୀବ ପଦବାଚ୍ୟ ତଣ୍ଡୁଳ ଶ୍ରୀଜଗନ୍ନାଥଙ୍କ ସେବା ନିମିତ୍ତ ସର ଘରକୁ ଆସିଲେ ଅମୁଣିଆ, ବୈଷ୍ଣବାଗ୍ନିରେ ସିଦ୍ଧ ହେବା ପରେ ଅନ୍ନ, ଠାକୁରଙ୍କ ନିକଟକୁ ପ୍ରେରଣ ସମୟରେ ଛେକ, ଗମ୍ଭୀରାରେ ପହଞ୍ଚିଲେ ଭୋଗ, ଠାଆ ମୁରୁଜ ଉପରେ ସଂସ୍ଥାପିତ ହେଲେ ନୈବେଦ୍ୟ, ମନ୍ତ୍ରୋଚ୍ଚାରଣ ପୂର୍ବକ ଉତ୍ସର୍ଗ ହେବାପରେ ପ୍ରସାଦ, ଜଗଜ୍ଜନନୀ ବିମଳାଙ୍କୁ ପୁନର୍ବାର ଉତ୍ସର୍ଗ ହୋଇ ମହାପ୍ରସାଦ, ଆନନ୍ଦବଜାରକୁ ଆସି ମୋକ୍ଷ ଦାତା ସ୍ୱରୂପରେ କୈବଲ୍ୟ, ଭକ୍ତଗଣ ପରମାନନ୍ଦରେ ସେବା କରିବା ସମୟରେ ଅବଢ଼ା ଏବଂ ଶେଷରେ ଯାହା ଉଚ୍ଛିଷ୍ଟ ରହେ

ତାହା ନିର୍ମାଲ୍ୟ ରୂପେ ପ୍ରତିଭାତ ହୋଇ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ଧାରଣ କରିଥାଏ । ଏହାହିଁ ଶ୍ରୀଜଗନ୍ନାଥ ସଂସ୍କୃତିରେ ନିର୍ଜୀବକୁ ବ୍ରହ୍ମରେ ପରିଣତ କରିବାର ମହାନ ପ୍ରକ୍ରିୟା, ଯାହାକି ଯୁଗ ଯୁଗ ଧରି ଜନମାନସରେ ବ୍ରହ୍ମ ଚେତନା ସୃଷ୍ଟି କରି ଆସିଛି ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଶ୍ୱର ସକଳ ଧର୍ମ ଶାସ୍ତ୍ରର ସାରତତ୍ତ୍ୱ ପ୍ରତିପାଦିତ । ଏହା କୌଣସି ଧର୍ମ ଧାରାରେ ସୀମାବଦ୍ଧ ନୁହେଁ । ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଧର୍ମଧାରାର ସଂଯୋଗକାରୀ ସେତୁ । ଜଗନ୍ନାଥ ସଂସ୍କୃତି ସକଳ ଜାତି, ଧର୍ମ, ପ୍ରଥା, ପରମ୍ପରା ଓ ସଂସ୍କୃତି ମଧ୍ୟରେ ସମନ୍ୱୟ ସୃଷ୍ଟି କରିପାରିଛି । ଏହି ସଂସ୍କୃତିରେ ଏକତା ସମାନତା, ଭାତୃତ୍ୱ, ମୈତ୍ରୀ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବାଣୀ ଅତି ସୁସ୍ପଷ୍ଟ । ସକଳ ପ୍ରକାର ସଂକୀର୍ଣ୍ଣ ଚେତନାରୁ ଊର୍ଦ୍ଧ୍ୱରେ ରହି ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଜ୍ଞାନ କରିବା ଏହାର ମୌଳିକ ନୀତି । ପରିବର୍ତ୍ତିତ ପରିସ୍ଥିତିରେ ଏହାର ବାହ୍ୟ ରୂପର ପରିବର୍ତ୍ତନ ଘଟିଥିଲେ ହେଁ ମୂଳତତ୍ତ୍ୱ ଓ ମୌଳିକନୀତି ଅପରିବର୍ତ୍ତିତ ରହିଛି । ଜଗନ୍ନାଥଙ୍କ ସଂସ୍କୃତି କେବଳ ଜନହିତୈଷୀ ସଂସ୍କୃତି ନୁହେଁ, ବିଶ୍ୱ ହିତୈଷୀ ସଂସ୍କୃତି । ଏହି ସଂସ୍କୃତି ବିଶ୍ୱର ମଙ୍ଗଳ ଉପରେ ଆଧାରିତ । ବିଶ୍ୱରେ ନିବାସ କରୁଥିବା ଚାରିବର୍ଣ୍ଣର ମାନବ ଜାତିର ପ୍ରତୀକାତ୍ମକ ବିଗ୍ରହ ସ୍ୱରୂପରେ ଚତୁର୍ଦ୍ଧାମୂର୍ତ୍ତି ଚାରିଗୋଟି ବର୍ଣ୍ଣ ଧାରଣ ପୂର୍ବକ ଉଦ୍‌ଘୋଷଣା କରୁଛନ୍ତି, 'ଜାତି, ବର୍ଣ୍ଣ, ବେଶଭୂଷା, ଆଚାର ଓ ଧର୍ମ ଧାରଣାର ଭିନ୍ନତା ସତ୍ତ୍ୱେ ବିଶ୍ୱର ସକଳ ପ୍ରାଣୀ ସମାନ ।' ଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ଅନ୍ତରଙ୍ଗ ବିଭବ ଉଦାର ଓ ମହାନ ଅନ୍ତଃପ୍ରେରଣାରେ ଦୀପ୍ତିମନ୍ତ । ଏଗୁଡ଼ିକର ବୌଦ୍ଧିକ ସୃଜନଶୈଳୀ ଏହାକୁ ବିଶ୍ୱ ସଂସ୍କୃତିର ଶ୍ରେଷ୍ଠ ଆସନ ଅଧିଷ୍ଠିତ କରିପାରିଛି । ସମନ୍ୱୟାତ୍ମକ ଜଗନ୍ନାଥ ସଂସ୍କୃତିରେ ପ୍ରବାହିତ ଏହି ସବୁ ଅନ୍ତରଙ୍ଗ ବିଭବର ଅନ୍ତଃସ୍ରୋତ ମାନବୀୟ ପ୍ରଜ୍ଞାର ଉନ୍ନତ ରୁଚି ଓ ସଂସ୍କାର ବୋଧ ଦ୍ୱାରା ଉଜ୍ଜ୍ୱଳବନ୍ତ ହୋଇ ବିଶ୍ୱଜନାଦୃତ ତଥା ବିଶ୍ୱପ୍ରେମଦ୍ୟୋତକ । ଶତାବ୍ଦୀ ଶତାବ୍ଦୀ ଧରି ଶ୍ରୀଜଗନ୍ନାଥ ସଂସ୍କୃତି ମାନବ ସମାଜର ଜୀବନଚର୍ଯ୍ୟାକୁ ସରସ, ସୁନ୍ଦର, ସମୃଦ୍ଧ ଓ ପରିପୂର୍ଣ୍ଣ କରିଆସିଛି । ବିଶେଷତ୍ୱ ହେଉଛି, ବିଶ୍ୱଜନମାନସ ଶ୍ରୀଜଗନ୍ନାଥ ସଂସ୍କୃତିର ଭାବାଦର୍ଶରେ ଅନୁପ୍ରାଣିତ ହୋଇ ମାନବଧର୍ମର ଦିବ୍ୟସନ୍ଦେଶ ଲାଭ କରିପାରିଛନ୍ତି । କ୍ରମାଗତ ସଂସ୍କାର ଓ ଉତ୍ତରଶୀଳତା ଦ୍ୱାରା ମାନବ ଧର୍ମ ଊର୍ଦ୍ଧ୍ୱମୁଖୀ ହୋଇ ମାନବିକତାର ଫଳପ୍ରଦ ଶକ୍ତିରେ ସମୃଦ୍ଧ ତଥା ନୈତିକତା, ମର୍ଯ୍ୟାଦାବୋଧ, ସୃଜନଶୀଳତା, ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି ପ୍ରଭୃତି ମାନବୀୟ ଗୁଣାବଳୀରେ ପୁଷ୍ଟିତ ଓ ସୁରଭିତ । ଦିବ୍ୟ ଜୀବନ ଯାପନ ଦ୍ୱାରା ବ୍ରହ୍ମୋପଲବ୍ଧି ହିଁ ଏହାର ସତ୍‌ଫଳ । ଏହା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ମହାନତା । ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜୀବନକୁ ସୁଶୃଙ୍ଖଳିତ, ସୁସଂହତ, ସମୃଦ୍ଧି ଓ ସମ୍ଭାବ୍ୟ କରିବା ସହିତ ଆଧ୍ୟାତ୍ମିକ ଐକ୍ୟବୋଧର ଉନ୍ନତ ରୁଚି ସମ୍ପନ୍ନ ମାନବୀୟ ମୂଲ୍ୟବୋଧରେ ଉଦ୍‌ବୁଦ୍ଧ । ସଭିଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହେଉଛନ୍ତି

ସୂକ୍ଷ୍ମତମ ଅଦୃଶ୍ୟ ବ୍ରହ୍ମଙ୍କର ଏକ ସ୍ଥୂଳ ତଥା ଦୃଶ୍ୟମାନ ପରିପ୍ରକାଶ ଏବଂ ଦିବ୍ୟ ଜୀବନର ଆଧାର । ସକଳ ବିଶ୍ୱର ସେ ସଜୀବ ଓ ନିର୍ଜୀବ ସ୍ୱରୂପରେ ବିରାଜିତ । ଏହି ଅଖିଳ ବିଶ୍ୱ ହିଁ ତାଙ୍କରି ସ୍ୱରୂପ ।


ଭାରତୀୟ ଦର୍ଶନର ମୌଳିକ ସିଦ୍ଧାନ୍ତ ହେଉଛି ବ୍ରହ୍ମ ଓ ଆତ୍ମାର ଏକତା, ଯାହାର ପ୍ରତିଭୂ ହେଉଛନ୍ତି ଶ୍ରୀଜଗନ୍ନାଥ । ଦର୍ଶନର ଏହି ଗୁଢ଼ତତ୍ତ୍ୱକୁ ସାର୍ବଜନୀନ ଚେତନାରେ ରୂପାନ୍ତରିତ କରିବା ନିମିତ୍ତ ପରଂବ୍ରହ୍ମ ସ୍ୱୟଂ ଦାରୁବ୍ରହ୍ମ ଜଗନ୍ନାଥ ରୂପରେ ଲୀଳା ସଂରଚନା କରିଛନ୍ତି । ତାଙ୍କ ସ୍ୱରୂପ ହେଉଛି ଦାରୁ ଓ ବ୍ରହ୍ମ ଉଭୟଙ୍କର ଏକ ଅପୂର୍ବ ସମନ୍ୱୟ । ବେଦ ରଚନାର ବହୁ ପୂର୍ବରୁ ସେ ଦାରବୀ ଲୀଳା ସଂରଚନା ପୂର୍ବକ ଅଗଣିତ ମୁମୁକ୍ଷୁ ଜନଙ୍କୁ ବ୍ରହ୍ମବୋଧର ଅବଗାହନ କରାଇଛନ୍ତି । ସେହି ବ୍ରହ୍ମବୋଧକୁ ଉପଲବ୍ଧ କରିବାର ଦିବ୍ୟପଥ ହିଁ ଶ୍ରୀଜଗନ୍ନାଥ ସଂସ୍କୃତି । ଏହା ବିଶ୍ୱର ସର୍ବ ପ୍ରାଚୀନ ସଂସ୍କୃତି ହେଲେ ହେଁ ସ୍ୱକୀୟ ସୃଜନଶୀଳତା ଓ ନମନୀୟତା ଯୋଗୁଁ ନିତ୍ୟନୂତନ । ବିଭିନ୍ନତା ମଧ୍ୟରେ ଏକତ୍ୱ ଆଣି ମାନବ ସମାଜର ମଙ୍ଗଳ ବିଧାନ, ସଂହତି ସ୍ଥାପନ ଓ ଆଧାତ୍ମିକ ଐକ୍ୟ ମାୟାବଶ ଜୀବ ଦିବ୍ୟ ଜୀବନର ସନ୍ଦେଶ ଲାଭପୂର୍ବକ ଆପଣାର ଯଥାର୍ଥ ସ୍ୱରୂପଟିକୁ ଉପଲବ୍ଧ କରିପାରିଥାଏ । ସାଂପ୍ରତିକ ବିଶ୍ୱରେ ଧର୍ମର ଅଧୋଗତି, ମନ କଲୁଷିତ, ଚିନ୍ତା ଅସ୍ଥିର, ମତି ଚଞ୍ଚଳ, ଶିକ୍ଷା ବିବର୍ଣ୍ଣ, ପ୍ରକୃତି ବିଷର୍ଣ୍ଣ, ବସୁଧା ବିପନ୍ନ, ପ୍ରବୃତ୍ତି ନୀଚ, ଖାଦ୍ୟ ଦୂଷିତ, ପରିବେଶ ଦୁଃସହ, ସମୟ ଦାରୁଣ ଓ ସତ୍ୟନ୍ୟାୟ ତମସାଚ୍ଛନ୍ନ । ସଭିଏଁ ଗୋଟିଏ ଗୋଟିଏ ଚତୁର ବେପାରୀ ସଦୃଶ ଆପଣା ଆପଣାର ସୁଖ ଓ ସମ୍ଭୋଗର ସାମଗ୍ରୀ ଠୁଳ କରିବାରେ ବ୍ୟସ୍ତ ଓ ବିବ୍ରତ । ଏହି ପରିପ୍ରେକ୍ଷୀରେ, ମାନବିକତାର ଉଚ୍ଚତର ଚେତନା ପ୍ରସୂତ ସୂକ୍ଷ୍ମ ବିଚାରବୋଧରେ ମାନସ ସମାଜକୁ ଉଦ୍‌ବୁଦ୍ଧ କରାଇବା ନିମିତ୍ତ ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱର ସ୍ଥିତିକୁ ନେଇ ବହୁ ଉତ୍‌ଥାନ ଓ ପତନ ମଧ୍ୟ ଦେଇ ଗତି କରିଥିଲେ ହେଁ ସ୍ୱକୀୟ ମୌଳିକତା ଯୋଗୁଁ ପରମ୍ପରା ପରିଧି ଭିତରେ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି ତଥା ବିଶ୍ୱର ଲୋକାଦୃତି ଲାଭ କରିପାରିଛି । ପ୍ରଗତିଶୀଳ ଚିନ୍ତାଧାରା ଓ ସଂସ୍କାର ବୋଧ ଏହାକୁ ମହାନ କରିପାରିଛି । ସଂକ୍ଷେପରେ ଉଲ୍ଲେଖ କଲେ, ପରମ ସତ୍ୟାନ୍ୱେଷଣ ପ୍ରତି ଶ୍ରଦ୍ଧାଳୁତା ଏହାର ସୌରଭ, ଉଦାରତା, ବ୍ୟାପକତା ଓ ବିଶାଳତା ଏହା ଗୌରବ, ବିଶ୍ୱାତ୍ମଭାବ ଏହାର ବିଭବ ଏବଂ ଉନ୍ନତ ବ୍ୟକ୍ତିତ୍ୱ, ଆଦର୍ଶ ପରିବାର, ସମୃଦ୍ଧ, ସମାଜ, ଗୌରବୋଜ୍ଜ୍ୱଳ ରାଷ୍ଟ୍ର ଓ କଲ୍ୟାଣମୟ ବିଶ୍ୱ ଗଠନ ହିଁ ଏହାର ଆଭିମୁଖ୍ୟ ତଥା ମାନବଧର୍ମ ପ୍ରତିଷ୍ଠା ହିଁ ଏହାର ଦିବ୍ୟ ସନ୍ଦେଶ ।

❐❐❐



ନିଳାଦ୍ରିନାଥ ସ୍ତୁତି ଷଷ୍ଠକମ୍

ପଣ୍ଡିତ ଭାଗୀରଥି ନନ୍ଦଶର୍ମା




ମହୋଦଧିତୀର ସମାଶ୍ରୟନ୍ତମ୍ ,
ଜ୍ୟେଷ୍ଠାଗ୍ରଜେନ ସହ ଶୋଭୟନ୍ତମ୍
ଶ୍ୟାମାଭବକ୍ତ୍ରେଣ ଚିରଂ ଲସନ୍ତମ୍,
ନୀଳାଦ୍ରିନାଥଂ ଶରଣଂ ପ୍ରପଦ୍ୟେ ।
କଳୌମଳାତଙ୍କ ନିବାରୟନ୍ତମ୍,
ବୌଦ୍ଧାବତାରାଭ ପ୍ରଭଂ ବହନ୍ତମ୍ ।
ଭଦ୍ରା ଭଗିନ୍ୟା ସହ ପ୍ରାବସନ୍ତମ୍,
ନୀଳାଦ୍ରିନାଥଂ ଶରଣଂ ପ୍ରପଦ୍ୟେ ।
କୃତ୍ୟେ ନୃସିଂହଂ ରୂପମାଦଧନ୍ତମ୍,
ଶ୍ରୀରାମବେଶଂ ତ୍ରେତୟା ବହନ୍ତମ୍ ।
ଶେଷେ ଶ୍ରୀକୃଷ୍ଣଂ କଳିବ୍ରହ୍ମଦାରୁମ୍,
ନୀଳାଦ୍ରିନାଥଂ ଶରଣଂ ପ୍ରପଦ୍ୟେ ।
ପାଦାମ୍ବୁଜହସ୍ତହୀନେନ ସନ୍ତମ୍,
ବର୍ତ୍ତୁଳନେତ୍ରୈଃ ଭୁବନଂ ମୋହନ୍ତମ୍ ।
ଭକ୍ତାର୍ତ୍ତିନାଶାତୁର ବ୍ୟଗ୍ରଚିତ୍ତମ୍,
ନୀଳାଦ୍ରିନାଥଂ ଶରଣଂ ପ୍ରପଦ୍ୟେ ।
ନନ୍ଦିଘୋଷ ସ୍ୟନ୍ଦନମାଶ୍ରୟନ୍ତମ୍,
ନତାନନାନାଂ ବିପଦଂ ହରନ୍ତମ୍ ।
ନୀଳାଚଳଧୀଶ୍ୱର ନିଗଦନ୍ତମ୍,
ନୀଳାଦ୍ରିନାଥଂ ଶରଣଂ ପ୍ରପଦ୍ୟେ ।
ଶିବେତି ଶୈବାଃ ଯମାରାଧୟନ୍ତମ୍,
କୃଷ୍ଣାଶ୍ରିତାଃ ମାଧବେତି ବଦନ୍ତମ୍ ।
ଧ୍ୟାୟନ୍ତି ଶାକ୍ତାଃ ଆଦିଶକ୍ତିଭୂତମ୍,
ଶ୍ରୀକ୍ଷେତ୍ର ନାଥଂ ଶରଣଂ ପ୍ରପଦ୍ୟେ ।

ମୁଖ୍ୟ ପରିଚାଳକ, ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ

❐❐❐

ଭିନ୍ନ ଏକ 'ନୀଳାଦ୍ରିବିଜେ'



ଅସିତ ମହାନ୍ତି

ବି-୩, ଇଉନିଟ୍-୮,
ଭୁବନେଶ୍ୱର-୭୫୧୦୧୨
ଫୋନ୍ - ୯୪୩୭୦ ୩୪୮୦୪

" କିନ୍ତୁ ବଳରାମ (ଶ୍ରୀବଳଭଦ୍ର) ତାଙ୍କ 'ତାଳଧ୍ୱଜ ରଥରେ ଓ ସୁଭଦ୍ରା ତାଙ୍କ 'ବିଜୟା' ରଥରେ ନୀଳାଦ୍ରିବିଜେ କରିବା ପରେ, ଜଗନ୍ନାଥ ଓ ଲକ୍ଷ୍ମୀ ନୀଳାଦ୍ରିବିଜେ କିପରି ଭାବରେ କଲେ ? ତାଙ୍କ ନୀଳାଦ୍ରିବିଜେ କ'ଣ 'ନନ୍ଦିଘୋଷ' ରଥରେ ହେଲା ? ନା କାରଣ, ଲକ୍ଷ୍ମୀ ଜଗନ୍ନାଥଙ୍କ 'ନନ୍ଦିଘୋଷ' ରଥରେ ବିଜେ କରିବାର ପରମ୍ପରା ଶ୍ରୀମନ୍ଦିରର ରୀତିନୀତିରେ ନାହିଁ । "

ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରିବିଜେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ତାଙ୍କର ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାଆନ୍ତି । ସେମାନଙ୍କ ସହିତ ଶ୍ରୀସୁଦର୍ଶନ ଓ ଅନ୍ୟ ଦେବତାମାନେ ମଧ୍ୟ ଥାଆନ୍ତି । ଏହାର ଅନ୍ୟନାମ ନବଦିନ ଯାତ୍ରା । କାରଣ, ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ସେହି ଯାତ୍ରାରେ ଯାଇ, ତୃତୀୟା ଦିନଠାରୁ ନବମୀ ପର୍ଯ୍ୟନ୍ତ ସାତଦିନ ସେମାନେ ସେଠାରେ ଅବସ୍ଥାନ କରି ଥାଆନ୍ତି । ଦଶମୀ ଦିନ ସେମାନେ ପ୍ରତ୍ୟାବର୍ତ୍ତନ କରନ୍ତି । ସେଠାରେ ସାତଦିନର ଅବସ୍ଥାନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ାଯାତ୍ରାକୁ ନେଇ ଏହା ନବଦିନ ଯାତ୍ରା ।

ବାହୁଡ଼ାଯାତ୍ରା ପରେ, ରଥ ଉପରେ ଏକାଦଶୀ ଦିନ ସେମାନଙ୍କର ସୁନାବେଶ ଓ ଦ୍ୱାଦଶୀ ଦିନ ଅଧରପଣା ନୀତି ହୁଏ ଏବଂ ତିଥି, ବାରର ବିଚାରରେ ତ୍ରୟୋଦଶୀ ଦିନ କିମ୍ବା ତା'ପରେ ନୀଳାଦ୍ରି ବିଜେ ହୋଇଥାଏ ।

ସ୍ନାନପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରର ରତ୍ନବେଦି ଛାଡ଼ିଥିବା ଠାକୁରମାନେ ନୀଳାଦ୍ରିବିଜେରେ ଯାଇ ପୁଣି ବର୍ଷକ ଯାଏ ସେହି ରତ୍ନସିଂହାସନରେ ବିଜେ କରନ୍ତି ।

ଏହି ରଥଯାତ୍ରା ନିମନ୍ତେ ପ୍ରତିବର୍ଷ ତିନିଟି ନୂଆ ରଥ ନିର୍ମିତ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ପାଇଁ ନନ୍ଦିଘୋଷ ରଥ, ଶ୍ରୀବଳଭଦ୍ରଙ୍କ ପାଇଁ ତାଳଧ୍ୱଜ ରଥ ଏବଂ ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପାଇଁ ଦେବଦଳନ ରଥ । ସେହି ତିନି ରଥରେ ସେମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଆନ୍ତି ଏବଂ ସେହି ତିନି ରଥରେ ସିଂହଦ୍ୱାର ସମ୍ମୁଖକୁ ବାହୁଡ଼ିବା ପରେ ନୀଳାଦ୍ରିବିଜେ କରିଥାଆନ୍ତି ।

କିନ୍ତୁ ଭିନ୍ନ ଏକ ନୀଳାଦ୍ରିବିଜେର କଥା ବଳରାମ ଦାସ ତାଙ୍କ ସୁପ୍ରସିଦ୍ଧ 'ଲକ୍ଷ୍ମୀପୁରାଣ'ରେ ବର୍ଣ୍ଣନା କରିଛନ୍ତି । ତାହା ଅତ୍ୟନ୍ତ କୌତୂହଳୋଦ୍ଦୀପକ ।

ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ର କାହାଣୀ ଓଡ଼ିଶାର ଘରେ ଘରେ ସୁପରିଚିତ । ଏହା ଅନୁସାରେ, ଘରେ ଘରେ ମାର୍ଗଶିର ମାସ ଗୁରୁବାରରେ ମାଣ ବସାଯାଏ । ଲକ୍ଷ୍ମୀ ବଡ଼ ଦେଉଳ ନାମକ ବଡ଼ ଘରର ସାଆନ୍ତାଣୀ । ସେ କଳାସାଆନ୍ତ ଶ୍ରୀଜଗନ୍ନାଥଙ୍କ ପତ୍ନୀ ଏବଂ ବଡ଼ ସାଆନ୍ତ ଶ୍ରୀବଳଭଦ୍ରଙ୍କର ଭାଇବୋହୂ । ତାହା ସତ୍ତ୍ୱେ ସେ ଶ୍ରୀୟା ଚଣ୍ଡାଳୁଣୀର ଶୁଚିତା ଓ ଭକ୍ତିରେ ମୁଗ୍ଧ ହୋଇ ତା' ଘରକୁ ଯାଇଥିବାରୁ, ବଡ଼ଦେଉଳର ବଡ଼ସାଆନ୍ତ କୋପ କରନ୍ତି ଏବଂ ତାଙ୍କୁ ଚଣ୍ଡାଳୁଣୀ ଅପବାଦ ଦେଇ ସାନଭାଇ କାହ୍ନାକୁ କହି ବଡ଼ଦେଉଳରୁ ଘଉଡ଼ାଇ ଦିଅନ୍ତି । ତାହା ଫଳରେ ଲକ୍ଷ୍ମୀଛଡ଼ା ହୋଇ ଦୁଇଭାଇଙ୍କୁ ଆଉ ଅନ୍ନ-ଜଳ ମିଳେ ନାହିଁ । ପରିଶେଷରେ ସେମାନେ ସେହି ଚାଣ୍ଡାଳୁଣୀ ଲକ୍ଷ୍ମୀ ଘରେ, ସେ ରାନ୍ଧିଥିବା ଅନ୍ନ ହିଁ ଭୋଜନ କରନ୍ତି ।

ତାହା ପରେ ଆସେ ବଡ଼ଦେଉଳ ବା ନୀଳାଦ୍ରିକୁ ଫେରିବା ବା ବିଜେ କରିବା ପ୍ରସଙ୍ଗ । ଫେରିବା ପାଇଁ ଲକ୍ଷ୍ମୀ ସର୍ତ୍ତ ରଖନ୍ତି, ଯେ ଶ୍ରୀମନ୍ଦିରରେ ଯଦି ଜାତିଭେଦ ନ ରହିବ, ଣ୍ଡାଳ ହସ୍ତରୁ ବ୍ରାହ୍ମଣ ଶ୍ରୀମହାପ୍ରସାଦ ଖାଇବେ, ତେବେ ସେ ବଡ଼ଦେଉଳକୁ ଫେରିବେ । ବଡ଼ସାଆନ୍ତ ବଳଭଦ୍ର ସେଥିରେ ସମ୍ମତ ହୁଅନ୍ତି । ତାହା ପରେ ଯାଇ ଲକ୍ଷ୍ମୀ ବଡ଼ଦେଉଳକୁ ଫେରନ୍ତି ।

ଏଇଥିପାଇଁ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'କୁ କୁହାଯାଉଛି ନାରୀଶକ୍ତି ବନ୍ଦନ ଓ ନାରୀଶକ୍ତି ପୂଜନର ଏକ ଶକ୍ତ ସାହିତ୍ୟ । ପାଶ୍ଚାତ୍ୟ ବାମାବାଦୀ ଚିନ୍ତନ ଓ ସୂଜନର ବହୁଶତ ବର୍ଷ ପୂର୍ବରୁ ଆମ ଭାଷାର ଏ ସାହିତ୍ୟ ଓଡ଼ିଆ ଅସ୍ମିତାର ଏକ ନିଦର୍ଶନ ।

କିନ୍ତୁ ରାଗ-ରୋଷ ତୁଟିବା ପରେ ଲକ୍ଷ୍ମୀ ବଡ଼ଦେଉଳକୁ କିପରି ଫେରିଲେ; କିପରି ବଡ଼ଦେଉଳକୁ ଫେରିଲେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା- ତାହା 'ଲକ୍ଷ୍ମୀ ପୁରାଣ'ର ଏକ ଅତ୍ୟନ୍ତ ରୋଚକ ପ୍ରସଙ୍ଗ ।

'ଯେବେ ଆମ୍ଭ ପୁରକୁ ହିଁ କରିବା ଗମନ'

'ଲକ୍ଷ୍ମୀପୁରାଣ' ଅନୁସାରେ- ରାଗ-ରୋଷ ତୁଟିବା ପରେ ଲକ୍ଷ୍ମୀ ହିଁ ଆନନ୍ଦ ମନରେ ଜଗନ୍ନାଥଙ୍କୁ କହିଥିଲେ- "ଯେବେ ଆମ୍ଭ ପୁରକୁ ହିଁ କରିବା ଗମନ" । ବଳରାମ ଦାସଙ୍କ ରଚନାର ଏହି ପଦଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏହା ତାତ୍ପର୍ଯ୍ୟପୂର୍ଣ୍ଣ ଏଇଥିପାଇଁ, ଯେ 'ଲକ୍ଷ୍ମୀପୁରାଣ' ନାମକ ଏହି ଅଦ୍ଭୁତ ନାଟକର ଏସବୁ ଦୃଶ୍ୟର ଅଭିନୟସ୍ଥଳ ଥିଲା ଲକ୍ଷ୍ମୀଙ୍କର ପୁର । କାରଣ, ତାହା ତାଙ୍କ ପିତା ବରୁଣଙ୍କର ପୁର ନ ଥିଲା । ନ ଥିଲା ମଧ୍ୟ ପତି ଜଗନ୍ନାଥଙ୍କର ଘର ବଡ଼ଦେଉଳ । ତାଙ୍କର ସେ ପୁର ତାଙ୍କ ଅନୁରୋଧରେ ଏବଂ କୁବେରଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ହିଁ ସ୍ୱତନ୍ତ୍ର ଭାବରେ ନିର୍ମାଣ କରିଥିଲେ । ତାହା ସତ୍ତ୍ୱେ, ସେ ଜଗନ୍ନାଥଙ୍କୁ କହିଛନ୍ତି-

"ଯେବେ ଆମ୍ଭ ପୁରକୁ ହିଁ କରିବା ଗମନ ।"

ଅର୍ଥାତ୍, "ଚାଲ, ଏବେ ଆମ ଘରକୁ ଯିବା !"

ଏହା ସ୍ପଷ୍ଟ ସୂଚାଏ, ଯେ ଲକ୍ଷ୍ମୀ ତଥାକଥିତ ବାଦ (ଇଜମ୍)ର ବିଚାରରେ ବାମାବାଦୀ ନୁହନ୍ତି । କାରଣ, ଏତେ ସବୁ ଘଟଣା ଘଟିବା ପରେ ବି, ସେ 'ବଡ଼ଦେଉଳ'କୁ 'ଆମ୍ଭ ପୁର' ବୋଲି ହିଁ କହିଛନ୍ତି ।

ଯାହା କେବଳ ତାଙ୍କ ପୁର, ତାକୁ ଛାଡ଼ି, ଯାହା ତାଙ୍କର ଓ ଜଗନ୍ନାଥଙ୍କର ପୁର ବା ତାଙ୍କର ସାରା ପରିବାରର ପୁର, ସେଠାକୁ ଯିବାକୁ ସେ ଚାହିଁଛନ୍ତି ।

ଏହା ପରର ଘଟଣା ସହଜ ଅନୁମେୟ।

ତାହା ହେଉଛି, ଲକ୍ଷ୍ମୀଙ୍କୁ ନେଇ ଜଗନ୍ନାଥ ବଡ଼ଦେଉଳକୁ ଫେରିବେ । ବଡ଼ଭାଇ ବଳରାମ ବି ବଡ଼ଦେଉଳକୁ ଫେରିବେ ଏବଂ ବଡ଼ଦେଉଳ ନାମକ ବଡ଼ ଘରର ପୂର୍ବାବସ୍ଥା ଫେରିବ ।

ବଜାର ସଂସ୍କରଣ 'ଲକ୍ଷ୍ମୀପୁରାଣ'ରେ ତାହାହିଁ ହୋଇଛି ! ସେଥିରେ ବର୍ଣ୍ଣିତ ଅଛି-

"ଲକ୍ଷ୍ମୀଙ୍କ ହସ୍ତ ଧରିଣ ଜଗନ୍ନାଥ ନେଲେ ।
ବଡ଼ ଦେଉଳକୁ ପ୍ରଭୁ ବିଜେ କରିଗଲେ ॥
ଲକ୍ଷେ ଚନ୍ଦ୍ରଉଦିଆ ଯେ ଛାମୁରେ ଜଳଇ ।
ଦେଉଳକୁ ବିଜେ କଲେ ବ୍ରହ୍ମାଣ୍ଡ ଗୋସାଇଁ ॥"

ଏତିକିରେ ହିଁ ସେଥିରେ କଥା ସରିଛି ।

କିନ୍ତୁ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ରେ ଏହି ଦୃଶ୍ୟପଟ ସଂପୂର୍ଣ୍ଣ ଭିନ୍ନ । ଏବଂ ତାହା ହିଁ ବଳରାମ ଦାସଙ୍କର ବିଶେଷତ୍ୱ । ତାହା ହେଉଛି- "ଯେବେ ଆମ୍ଭପୁରକୁ ହିଁ କରିବା ଗମନ" ବୋଲି ଲକ୍ଷ୍ମୀ କହିବା ପରେ, ଜଗନ୍ନାଥ ନିଜର ବାହନ ଗରୁଡ଼କୁ ହିଁ ସ୍ମରଣ କରିଛନ୍ତି । ବର୍ଣ୍ଣନା ଅଛି- "ଗରୁଡ଼କୁ ସୁମରଣା କଲେ ତତକ୍ଷଣ ।"

'ଗରୁଡ଼ ବୋଇଲା ଦ୍ୱାରିକାକୁ ଯିବି ନେଇ'

'ଆମ୍ଭ ପୁର'କୁ ଅର୍ଥାତ୍ ବଡ଼ଦେଉଳକୁ ଫେରିବାପାଇଁ ଲକ୍ଷ୍ମୀ କହିବା ପରେ, ଜଗନ୍ନାଥ ଗରୁଡ଼କୁ ସ୍ମରଣ କଲେ; କାରଣ, ଗରୁଡ଼ ତାଙ୍କର ବାହନ । ବଳରାମ ଦାସ 'ଲକ୍ଷ୍ମୀପୁରାଣ'ରେ ଏହାର ପରବର୍ତ୍ତୀ ଘଟଣାର ସୁନ୍ଦର ବର୍ଣ୍ଣନା କରିଛନ୍ତି, ଯାହା ବଜାର ସଂସ୍କରଣରେ ନାହିଁ ।

ଜଗନ୍ନାଥ ଗରୁଡ଼କୁ ସ୍ମରଣ କରିବା ବେଳକୁ ଗରୁଡ଼ ରମ୍ୟକ ଦ୍ୱୀପରେ ଥିଲା । କାରଣ, ପୌରାଣିକ ଜମ୍ବୁଦ୍ୱୀପ ଅନ୍ତର୍ଗତ ନଅଟି 'ବର୍ଷ' ବା 'ଦେଶ' ମଧ୍ୟରୁ ରମ୍ୟକ ଗୋଟିଏ ଏବଂ ତାହା ଗରୁଡ଼ଙ୍କର ନିବାସ ସ୍ଥଳ ।

ସେହି ରମ୍ୟକ ଦ୍ୱୀପରେ ଗରୁଡ଼ ଚରୁଥିବାବେଳେ, ଜଗନ୍ନାଥ ତାକୁ ସ୍ମରଣ କରିବାରୁ, ତା'ର ଆହାର ତାକୁ ପିତା ଲାଗିଲା । ସେ ତାର ପତ୍ନୀର ମୁଖ ଚାହିଁ କହିଲା- ନିଶ୍ଚୟ କୌଣସି ଦେବତା ମୋତେ ସ୍ମରଣ କଲେ । ତାହାର ସେତେବେଳର ମନର ଭାବନା ଅତି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି ବଳରାମ ଦାସ-

"ବାସୁକୀ ଦେବତାର ମୁଁ ଯେ ସେବକ ନୋହଇ
ଇନ୍ଦ୍ର ଯେ ଦେବତା ମୋତେ ସାରିଖ୍ୟ ନାହିଁ ଯାଇ ।"

ଅର୍ଥାତ୍, ସେ ଭାବିଲା, ଏ ଧରିତ୍ରୀକୁ ଧାରଣ କରିଥିବା ବାସୁକୀ ଦେବତାଙ୍କର ସେବକ ମୁଁ ନୁହେଁ । ଇନ୍ଦ୍ରଦେବଙ୍କର ମଧ୍ୟ ମୋତେ ବାହନ କରିବାର ସମାକ୍ଷମତା ନାହିଁ । ତେଣୁ କିଏ ସ୍ମରଣ କଲା ତାହା ଜାଣିବାପାଇଁ ସେ ଧ୍ୟାନସ୍ଥ ହେଲେ । ଧ୍ୟାନରେ ଜାଣିଲେ- ନାରାୟଣ ହିଁ ତାକୁ ସ୍ମରଣ କରୁଛନ୍ତି ।

"ଧ୍ୟାନରେ ଜାଣିଲା ତାହା ବିନତା ନନ୍ଦନ
ମୋତେ ସୁମରଣା କଲେ ଠାକୁର ନାରାୟେଣ ।"

ତେଣୁ ପ୍ରଭୁ ସ୍ମରଣ କରୁଛନ୍ତି ଜାଣି, ଗରୁଡ଼ ତୁରନ୍ତ ଆସି କୋଣାର୍କର ନଦୀତଟରେ, ଲକ୍ଷ୍ମୀଙ୍କ ପୁରରେ ପହଞ୍ଚିଲା । ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରଣାମ କରି, କରପତ୍ର ଯୋଡ଼ି, ଦାସକୁ ସ୍ମରଣ କରିବାର କାରଣ ପଚାରିଲା ।

"କରପତ୍ର ଯୋଡ଼ିଣ ଛାମୁରେ ଉଭା ହୋଇ
କି ନିମନ୍ତେ ସୁମରିଲେ ବ୍ରହ୍ମାଣ୍ଡ ଗୋସାଇଁ ।"
ସେ ଏହା ମଧ୍ୟ ବିନୟ ହୋଇ କହିଲା-
"ସ୍ୱର୍ଗ ମର୍ତ୍ତ୍ୟ ପାତାଳ ମୁଁ ତିନିପୁର ଯିବି
ପରରାଷ୍ଟ୍ର ପଡ଼ିଲେ କ୍ଷଣରେ ସଂହାରିବି ।"

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ, ଯେ ଗରୁଡ଼ କଶ୍ୟପ ଓ ବିନତାଙ୍କର ସନ୍ତାନ । ସେ ପକ୍ଷୀମାନଙ୍କର ରାଜା । ସେଥିପାଇଁ ତାହାର ଅନ୍ୟନାମ ପକ୍ଷୀନ୍ଦ୍ର ଓ ଖଗେଶ୍ୱର । ବ୍ୟାସଦେବ ବିରଚିତ ଅଷ୍ଟାଦଶ ପୁରାଣ ମଧ୍ୟରୁ 'ଗରୁଡ଼ ପୁରାଣ' ଗୋଟିଏ । ପୁରାଣ ପ୍ରସଙ୍ଗ ଅନୁସାରେ- ବିନତା ଓ କଦ୍ରୁ କଶ୍ୟପଙ୍କର ଦୁଇ ପତ୍ନୀ ଥରେ ଉଭୟେ କଶ୍ୟପଙ୍କର ଅନେକ ସେବା କଲେ । ସେଥିରେ ସନ୍ତୁଷ୍ଟ ହୋଇ କଶ୍ୟପ ନିଜ ନିଜର ଇଚ୍ଛା ଅନୁସାରେ ବର ମାଗିନେବାକୁ ତାଙ୍କୁ କହିଲେ । କଦ୍ରୁ ଓ ବିନତା ଉଭୟ ଥିଲେ ନିଃସନ୍ତାନ । ତେଣୁ କଦ୍ରୁ କହିଲେ- ମୁଁ ସହସ୍ର ପୁତ୍ରର ଜନନୀ ହେବାକୁ ଚାହେଁ । ମାତ୍ର ବିନତା କହିଲେ- ମୋତେ ମାତ୍ର ଦୁଇଟି ପୁତ୍ର ଆବଶ୍ୟକ ଏବଂ ସେହି ଦୁଇ ପୁତ୍ର କଦ୍ରୁଙ୍କ ପୁତ୍ରମାନଙ୍କଠାରୁ ଅଧିକ ଶକ୍ତିଶାଳୀ ହେବେ ।

କଶ୍ୟପ ଦୁହିଁଙ୍କୁ ସେମାନଙ୍କର ନିଜ ନିଜ ଇଚ୍ଛା ଅନୁସାରେ ବର ଦେଲେ । ଫଳରେ କଦ୍ରୁ ହେଲେ ସହସ୍ର ସର୍ପସୂତ୍ରଙ୍କର ଜନନୀ ଏବଂ ବିନତା ହେଲେ ଦୁଇ ପକ୍ଷୀପୁତ୍ର ଅରୁଣ ଓ ଗରୁଡ଼ଙ୍କର ମାତା । ଦୁହିଁଙ୍କର ଜନ୍ମ ପୂର୍ବରୁ, ନିଜର ଦୁଇ ଅଣ୍ଡାକୁ ଉଷୁମାଉଥିବା ବେଳେ, ଅଧୈର୍ଯ୍ୟ ହୋଇ ବିନତା ଗୋଟିଏ ଅଣ୍ଡାକୁ ଫଟାଇ ଦେଇଥିଲେ । ଫଳରେ ଅରୁଣ ଅଧାଗଢ଼ା ହୋଇ ଜାତ ହୋଇଥିଲେ । ସେ ହେଲେ ସୂର୍ଯ୍ୟଦେବଙ୍କର ସାରଥୀ । କିନ୍ତୁ ଗରୁଡ଼ ପୂର୍ଣ୍ଣ ବିକଶିତ ହୋଇ ଅଣ୍ଡାରୁ ଫୁଟିଥିବାରୁ, ଅମିତ ପରାକ୍ରମଶାଳୀ ହୋଇଥିଲେ । ସେ ହେଲେ ଭଗବାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ବାହନ ଏଣୁ ନିଜର ଅମିତ ଶକ୍ତି ବଳରେ ଗରୁଡ଼ କ୍ଷଣବେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁର ଭ୍ରମଣ କରିପାରନ୍ତି । ପଥରେ 'ପରରାଷ୍ଟ୍ର ହେଲେ, ଅର୍ଥାତ୍, ଶତ୍ରୁ ଆକ୍ରମଣ କଲେ, ତାହାର ପ୍ରତିରୋଧ ମଧ୍ୟ ସେ କରିପାରନ୍ତି ।

ତେଣୁ ଗରୁଡ଼ କଥା ଶୁଣି ଜଗନ୍ନାଥ କହିଲେ- ବାବୁ ଗରୁଡ଼ ! ଶୁଣ । ସ୍ୱର୍ଗ କି ମର୍ତ୍ତ୍ୟ କେଉଁଠି ଆମର କିଛି କାର୍ଯ୍ୟ ନାହିଁ ।

ତାହା ଶୁଣି ଗରୁଡ଼ କହିଲେ- ତା'ହେଲେ ମୁଁ ତୁମ୍ଭଙ୍କୁ ଦ୍ୱାରିକାକୁ ନେଇଯିବି ।

ଶାସ୍ତ୍ରୋଲ୍ଲେଖ ଅନୁସାରେ, ଏହି 'ଦ୍ୱାରିକା' ହେଉଛି- ଶ୍ରୀକ୍ଷେତ୍ର ପୁରୀର ବଡ଼ଦେଉଳ ତାହା ଶୁଣି ଜଗନ୍ନାଥ ଆନନ୍ଦିତ ହେଲେ ।

ଗରୁଡ଼ ପୃଷ୍ଠରେ ଜଗନ୍ନାଥ କମଳାଙ୍କୁ ନେଲେ

ଲକ୍ଷ୍ମୀଙ୍କୁ ନେଇ ଜଗନ୍ନାଥ ବଡ଼ଦେଉଳକୁ ଫେରିବେ, ଅର୍ଥାତ୍, ନୀଳାଦ୍ରି ବିଜେ ହେବ । ଏଥିରେ ସେ ଆନନ୍ଦିତ ହେବା ସ୍ୱାଭାବିକ ! କିନ୍ତୁ ବଡ଼ଭାଇ ବଳରାମ ମଧ୍ୟ ସେଥିରେ ଖୁବ୍ ଆନନ୍ଦିତ ଥିଲେ । ଲକ୍ଷ୍ମୀଙ୍କ ସହ ଜଗନ୍ନାଥଙ୍କର ମିଳନ ହେଲା; ଏଥିରେ ସେ କିପରି ଆନନ୍ଦିତ ହୋଇଥିଲେ, ତାହାର ସୁନ୍ଦର ବର୍ଣ୍ଣନା ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ରେ ଅଛି !

"ବଳରାମେ କହୁଛନ୍ତି ଶୁଣରେ କନାଇ
ଘରର ଘରଣୀ ଏବେ ସୁନ୍ଦର ଦିଶଇ ।"

କିନ୍ତୁ ସେହି ସୁଖକର ମୁହୂର୍ତ୍ତରେ, ବିତିଯାଇଥିବା ଦୁଃଖଦାୟକ ଦିନର କଥା ବି ସେ ଭୁଲି ନ ଥିଲେ । ତାହା ମନେ ପକାଇ ସେ ଜଗନ୍ନାଥଙ୍କୁ କହିଲେ-

"ଯେତେବେଳେ ଦାଣ୍ଡେ ଯାଉଥିଲେ ଦୁଇଭାଇ
ଚୋର ଖଣ୍ଡ ବୋଲି ହାଦେ ସମସ୍ତେ ଯେ କହି ।"

ଏହା ସ୍ୱାଭାବିକ୍, ଯେ ସୁଖର ସମୟ ଆସିଲେ ଆମେ ଦୁଃଖର ସମୟ କଥା ଭୁଲିଯାଉ । କିନ୍ତୁ ତାହା, ବିଶେଷକରି ସେହି ଦୁଃଖଦାୟକ ସମୟ ଯେଉଁ ଶିକ୍ଷା ଦିଏ, ତାହା ଭୁଲିବାର କଥା ନୁହେଁ । ତେଣୁ, "ଲକ୍ଷ୍ମୀ ବଡ଼ଲୋକ ବୋଲି ଜଗତ୍ର ଜାଣିଲଇ" ବୋଲି ବଳରାମ ଯାହା କହିଥିଲେ, ଜଗନ୍ନାଥ ତାହା ତାଙ୍କୁ ମନେପକାଇ ଦେଲେ ।

"ଜଗନାଥେ କହୁଛନ୍ତି ବଳରାମ ଭାଇ

ଲକ୍ଷ୍ମୀ ଯେ ୟେଡ଼େକ ଜଣ ଏବେ ଜାଣିଲଇ ।'

ଏଣୁ ଏହା ପରେ ସମସ୍ତେ ଖୁସି ଖୁସି ବଡ଼ଦେଉଳକୁ ଫେରିବା, ବା ନୀଳାଦ୍ରିବିଜେ କରିବାର ପାଳି ।

ଶ୍ରୀମନ୍ଦିରର ପାରମ୍ପରିକ ପ୍ରଥା ଅନୁସାରେ, ଶ୍ରୀସୁଦର୍ଶନ ଅବଶ୍ୟ ପ୍ରଥମେ ନୀଳାଦ୍ରିବିଜେରେ ବଡ଼ଦେଉଳକୁ ଯାଆନ୍ତି; କିନ୍ତୁ ତିନିଠାକୁରଙ୍କ ଭିତରୁ ପ୍ରଥମେ ଯାଆନ୍ତି ଶ୍ରୀବଳଭଦ୍ର । ସେହି ପାରମ୍ପରିକତା 'ଲକ୍ଷ୍ମୀପୁରାଣ'ରେ ରକ୍ଷା କରିଛନ୍ତି ବଳରାମ ଦାସ । କହିଛନ୍ତି-

"ତାଳଧ୍ୱଜ ରଥରେ ଯେ ବିଜୟେ ହଳପାଣି
ପ୍ରବେଶ ହୋଇଲେ ବଡ଼ ଦେଉଳରେ ପୁଣି ।"

ଏ ପ୍ରସଙ୍ଗରେ ଆଉ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ମଧ୍ୟ ଅଛି । ତାହା ହେଉଛି-

"ବିଜୟା ରଥରେ ଯେ ସୋଭଦ୍ରା ବିଜେ କଲେ ।"

ଅର୍ଥାତ୍, ବଡ଼ଭାଇ ବଳଭଦ୍ର ତାଙ୍କ 'ତାଳଧ୍ୱଜ' ରଥରେ ଯିବା ପରେ, ଭଉଣୀ ସୁଭଦ୍ରା ତାଙ୍କ 'ବିଜୟା' ରଥରେ ବଡ଼ଦେଉଳକୁ ବିଜେ କଲେ । ଏହା ମଧ୍ୟ ଶ୍ରୀମନ୍ଦିରର ପାରମ୍ପରିକ ବିଧି । ଏ ସଂପର୍କରେ ସୂଚନାଯୋଗ୍ୟ, ଯେ ସୁଭଦ୍ରାଙ୍କ 'ଦେବଦଳନ' ବା 'ଦର୍ପଦଳନ' ରଥର ଅନ୍ୟନାମ 'ବିଜୟା' ।

ଏ ପ୍ରସଙ୍ଗରେ ସୂଚନା ଆବଶ୍ୟକ, ଯେ ଲକ୍ଷ୍ମୀ ବଡ଼ଦେଉଳ ଛାଡ଼ି ଚାଲିଯିବା ପରେ, ବଡ଼ଭାଇ ବଳରାମଙ୍କ ଆଦେଶରେ ସୁଭଦ୍ରା ଭଣ୍ଡାରଘର ଜଗି ଶୋଇଥିଲେ ; ସେ ପୁଣି ଲକ୍ଷ୍ମୀଙ୍କ ପୁରକୁ ଆସିଲେ କିପରି ?

ଏ ପ୍ରସଙ୍ଗରେ ସୂଚନାଯୋଗ୍ୟ, ଯେ ବଜାରରେ ମିଳୁଥିବା 'ଲକ୍ଷ୍ମୀପୁରାଣ'ରେ ସୁଭଦ୍ରା ଆଦୌ ନାହାନ୍ତି । ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ରେ ସେ ଅବଶ୍ୟ ଉପସ୍ଥିତ; ମାତ୍ର ସେ ଲକ୍ଷ୍ମୀଙ୍କ ପୁରକୁ କିପରି ଓ କେତେବେଳେ ଆସିଲେ, ସେ ବର୍ଣ୍ଣନା ସେଥିରେ ନାହିଁ । ସମ୍ଭବତଃ ଯାହା ଉହ୍ୟ ରହିଛି, ଅଥଚ ବୋଧଗମ୍ୟ, ତାହା ହେଉଛି- ଦୁଇ ଭାଇ ଭୋକ ଉପାସରେ ବଡ଼ଦେଉଳ ଛାଡ଼ି ଦାଣ୍ଡ ଓ ନଗ୍ରରେ ଭିକ୍ଷା କରି ବୁଲିବା ପରେ, ଲକ୍ଷ୍ମୀ ହୁଏତ ସୁଭଦ୍ରାଙ୍କ ବଡ଼ଦେଉଳରୁ ତାଙ୍କ ପୁରକୁ ନେଇ ଆସିଥିଲେ । ନ ହେଲେ ସୁଭଦ୍ରା ବି ବଡ଼ ଦେଉଳରେ ଏକୁଟିଆ ଉପାସ ଭୋକରେ ପଡ଼ି ରହିଥାଆରେ । ଏଣୁ, ଏହା ନଣନ୍ଦ-ଭାଉଜ ସଂପର୍କର ପାରସ୍ପରିକ ମଧୁରତା ହିଁ ସୂଚାଏ ।

କିନ୍ତୁ ବଳରାମ (ଶ୍ରୀବଳଭଦ୍ର) ତାଙ୍କ 'ତାଳଧ୍ୱଜ ରଥରେ ଓ ସୁଭଦ୍ରା ତାଙ୍କ 'ବିଜୟା' ରଥରେ ନୀଳାଦ୍ରିବିଜେ କରିବା ପରେ, ଜଗନ୍ନାଥ ଓ ଲକ୍ଷ୍ମୀ ନୀଳାଦ୍ରିବିଜେ କିପରି ଭାବରେ କଲେ ? ତାଙ୍କ ନୀଳାଦ୍ରିବିଜେ କ'ଣ 'ନନ୍ଦିଘୋଷ' ରଥରେ ହେଲା ? ନା କାରଣ, ଲକ୍ଷ୍ମୀ ଜଗନ୍ନାଥଙ୍କ 'ନନ୍ଦିଘୋଷ' ରଥରେ ବିଜେ କରିବାର ପରମ୍ପରା ଶ୍ରୀମନ୍ଦିରର ରୀତିନୀତିରେ ନାହିଁ ।

ଏହା ହିଁ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ର ବିଶେଷତ୍ୱ, ଯେ ଜଗନ୍ନାଥ ଲକ୍ଷ୍ମୀଙ୍କୁ ନନ୍ଦିଘୋଷ ରଥରେ ନ ନେଇ, ତାଙ୍କ କୋଳରେ ବସାଇ, ଗରୁଡ଼ ପିଠିରେ ହିଁ ବଡ଼ଦେଉଳକୁ ନେଲେ । ତାହାର ବର୍ଣ୍ଣନା କରି ବଳରାମ ଦାସ କହିଛନ୍ତି- 'ଗରୁଡ଼ ପୃଷ୍ଠରେ ଜଗନାଥ କମଳାଙ୍କୁ ନେଲେ ।'

'ଲକ୍ଷ୍ମୀଙ୍କୁ ପାଇଣ ଦେବ ଗୋବିନ୍ଦ ଆନନ୍ଦ'

ଏଇଥିପାଇଁ ହିଁ ଏହା ଭିନ୍ନ ଏକ ନୀଳାଦ୍ରି ବିଜେ । ଏ ସଂପର୍କରେ ବଳରାମ ଦାସ କହିଛନ୍ତି-

"ବଡ଼ ଦେଉଳକୁ ପ୍ରମଳକ୍ଷ୍ମୀ ବିଜେ କଲେ
ତେତ୍ରିଶ କୋଟି ଦେବତା ସାଙ୍ଗରେ ଯେ ନେଲେ ।"

ଜଗନ୍ନାଥ ଓ ଲକ୍ଷ୍ମୀଙ୍କର ଏହି ଅଭିନବ ନୀଳାଦ୍ରିବିଜେର ସୁନ୍ଦର ବର୍ଣ୍ଣନା ମଧ୍ୟ ଅଛି 'ଲକ୍ଷ୍ମୀପୁରାଣ'ରେ ସେତେବେଳେ ନାନା ବାଇଦ ବାଜଣାରେ ଉଛୁଳୁଥିଲା ବଡ଼ଦେଉଳ । ସେ କହିଛନ୍ତି-

"ଢ଼ୋଲ ଦମାଲ ଯେ ବାଜଇ ଅପାର
ଭେରୀ ମହୁରୀ କଂସାଳ ତାଳ ବୀଣା ତୂର ।"

ସେହି ନୀଳାଦ୍ରିବିଜେ ବେଳେ, କେବଳ ଏହିସବୁ ପାରମ୍ପରିକ ବାଦ୍ୟ ବାଜୁ ନ ଥିଲା; ଇନ୍ଦ୍ର, ବରୁଣ ଓ କୁବେର ଆଦି ଦେବତା ମଧ୍ୟ ଉପସ୍ଥିତ ରହି ନିଜନିଜର ସେବା କରୁଥିଲେ । ସ୍ୱର୍ଗର ଅପ୍ସରୀମାନେ ନୃତ୍ୟ କରୁଥିଲେ । ସେହି ଦିବ୍ୟଦୃଶ୍ୟ ଏହିପରି-

"ଇନ୍ଦ୍ର ଡାକୁଛନ୍ତି ଦେବ ମଣିମା ମଣିମା
ଦୁଃଖ ଯେ ନାଶନ ପ୍ରଭୁ ଗୁହାରି ଶୁଣିମା ।
ବରୁଣ କୁବେର ଯେ ହସ୍ତରେ ବେତ ଧରି
ନୃତ୍ୟ କରୁଛନ୍ତି ତହିଁ ସ୍ୱର୍ଗ ଅପଛରୀ ।
ରମ୍ଭା ଯେ ମେନକା ଆବର ତହିଁ ଚିତ୍ରରେଖା
ତିଳୋତମା ତୁଲେ ଯେ ଆବର ମଦନିକା ।"

ଏବଂ ସେହି ନୀଳାଦ୍ରିବିଜେ, ବଡ଼ ଦେଉଳରେ ଓ ଜନ ସମୁଦାୟରେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରୁଥିଲା ।

ମାତ୍ର ଗୋଟିଏ ପଦରେ ତାହାର ସୁନ୍ଦର ବର୍ଣନା କରି ବଳରାମ ଦାସ କହିଛନ୍ତି-

"ଲକ୍ଷ୍ମୀଙ୍କୁ ପାଇଣ ଦେବ ଗୋବିନ୍ଦ ଆନନ୍ଦ
ସଂସାରର ଲୋକମାନେ ହୋଇଲେ ସାନନ୍ଦ ।"

❐❐❐

ଭକତି ଧନ

ପଦ୍ମନାଭ ବେହେରା

"ମାରୁ ମାରୁ ଯଦି ମାରି ଦେଇଥା'ନ୍ତ ନଥିଲା ତ ତିଳେ ଦକ
ଇତର ଲୋକର ହାତେ ମାଡ଼ ଦେଇ ହେଲ କିବା ବଡ଼ ଲୋକ !
ତୁମେ ପରା ମୋର ମୁଁ ପରା ତୁମର ଭେଦାଭେଦ କିଛି ନାହିଁ
ଶ୍ରୀମୁଖ ସରୋଜ ଦେଖିବା ଲାଳସେ ରଥରେ ଚଢ଼ିଲି ଯାଇ ।
ଅଗମ ନିଗମ ସବୁ ପଢ଼ିପାଢ଼ି ପାଇଥିଲି ଏହି ସାର
ଭଗବାନ ଏକା ଭକତର ଲାଗି ଲୁହ ଢ଼ାଳେ ବାରବାର ।
କାଠର ମୂରତି ବୋଲି କି ହେ ସତେ ! ହୃଦୟଟା ହେଲା କାଠ
ବୁଝିପାରୁ ନାହିଁ ତୁମେ ଥାଉଁ ଥାଉଁ ମୋ ପରେ ବସିଲା ଛାଟ ।
ମୁଁ ତ ଦେଖିଅଛି ସବୁ ଦେଖିଅଛି ନନ୍ଦିଘୋଷ ଚକାଡ଼ୋଳା
ଖୁଣ୍ଟିଆ କିପରି ତଣ୍ଟିଆ ଲଗାଇ ରଥୁଁ ଓହ୍ଲାଇଲା ଭଲା ।
ହସର ପୁନିଅଁ ଚାନ୍ଦ ଝରୁଥିଲା ରଙ୍ଗ ଅଧରର ତଳେ
ବଳିଆ ଦାସଟା ମଲେ କିସ ଗଲା ସତେ ଏହି ଜଗତରେ !
କାଠ ପାଷାଣର ମୂରତି ତୁମେଇଁ ରକତ ମାଉଁସ ଦେହ
ଧରି ମୁଁ କେସନେ ଏ କଥା ସହିବି ? ପ୍ରଭୁ ତୁମେ ଥରେ କୁହ ।
ତୁମେ ବଡ଼ ଲୋକ ବଡ଼ ଲୋକ ଝିଅ ପାଇଛ ବୋଲି ଚାତିର
କରି ଗରୀବକୁ ପଚାର ନାହିଁକି ? ଅଖା ପଟକେ ମାତର ।
ଆଜିଠୁଁ ବଳିଆ ଦାସ ପଣ କଲା କାଳିଆ ତୁମରି ପାଶ ।
ଛଳିଆ ନିଲଠା ଭଳିଆ ନ ଯିବ ଛାଡ଼ିଲା ପରାଣୁ ଆଶ ।

ଏଇଠି ବାଲିରେ ବସି
ଯଦି ଥିବ ମୋର ଭକତିର ବଳ
ଦେଖିବି ଶ୍ରୀମୁଖ ଶଶୀ ।

ଆଗରେ ସୁନୀଳ ସାଗର ଭାଙ୍ଗୁଛି
ଲହଡ଼ି କୂଳରେ ଆଣି
ଅଶକତ ପାଦ ଅଟକିଲା ତହିଁ
ଆଗକୁ ନ ହେଲା ଟାଣି ।

ସେଇଠି ଦୁଃଖେ ବଳିଆ
ତିନି ଠାକୁରଙ୍କ ମୂରତି ବାଲିରେ
ଲେଖିଲା ହୋଇ ବାଇଆ !
ଆଖିରୁ ଗଡୁଛି ଧାର ଧାର ଲୁହ
ବୁକୁରେ କେତେ ଭାବନା
ଆଉରେ ମଉନ- କଣ୍ଠିଆ କାଳିଆ !
ବଳିଆ ପାଶେ ଯିବନା ?
ଯଦି ମୁଁ ଭକତ ଥିବ ମୋ ରକତ
ଫଳିବ ମୋ ଅଭିଶାପ
ମୋ କଷଣୁ ତୋ କ- ଷଣ ବଳିଯିବ
ସହି ପାରିବୁନି ତାପ ।
ପଣ୍ଡା ପଢ଼ିଆରୀ ସେବକେ
ତୋ ଆଗେ ଶୋଧିଲେ ବେହି ପୋ ବୋଲିଯା
ଶୁଣି ନଥିଲି ଏ ଦେହକେ ।
ମୋ ଦୋଷ ଏତିକି ଯମୁନା କତିକି
ଯାଇଥିଲି ଗତ ରାତିରେ
ତୋ ପଣ୍ଡା ଦେଖିଲେ ଛଡ଼ା ହଳଦୀ ତା'
ଲାଗିଥିଲା ମୋର ଛାତିରେ ।
ତା ଅଧର ବୋଳ ଅଧରେ ଲାଗିଛି
ତେଣୁ ଗଣିଲେନି ଜାତିରେ
ବହପ ଦେଖାଇ ମାଡ଼ ଖୁଆଇଲେ
ବିଧା ଓ ଗୋଇଠା ସାଥିରେ ।
ମାଡ଼ଖିଆ ବୁଦ୍ଧି ଛାଡ଼, ଛାଡ଼ ମହାବାହୁ !
ମୋତେ ଦେଇ ଆସେ ମାଡ଼ ।
ଯେ ମାଇଲା ମାଡ଼ ସେ ହୋଇଲା ବଡ଼
ତାକୁଇ ହୋଇଲ ସାହା
ଗୋପ ଗଉଡୁଣୀ ମାଡ଼ ଦେଇ ହେଲା
ଶେଷକୁ ତୁମରି ମାଆ ।

ମାଇଲା ରାବଣ ପାଇଲା କାରଣ
ଛାଡ଼ ବୁଦ୍ଧି ମାଡ଼ଖିଆ
ଶୁଣିଲେ ସେ କଥା ଘୁରିଯିବ ମଥା
ଚମକି ଉଠିବ ହିଆ ।
କାଳିଆ ମଉନ ମୁହାଁ
ଆଜି ସେହି ଗୁଣ ବଖାଣିଲେ ପୁଣ
ବୁଲିଯିବ ତୋର ଭୁଆଁ ।
ଯମୁନା ଘରକୁ ମୁଁ ସିନା ଯାଇଛି
ଷୋଳଶ ଗଉଡ଼ ଝୁଅ
ତୋହ ଲାଗି ଲାଜେ ମୁଣ୍ଡ ନ ଟେକିଲେ
ଆଖିରୁ ଗଡ଼ିଲା ଲୁହ ।
ଯମୁନାର ପାଣି ବହିଲା ଉଜାଣି
ଚହଲି ଉଠିଲା ସୁଅ
କୁରୁ କୁରୁ ହସେ ଦାଣ୍ଡ ଫାଟିଗଲା
ଗୋପ ଯୁବତୀଙ୍କ ମୁହଁ ।
ଲାଜରେ ଦିଶିଲେ ନାଲି
ମାଇଁ ରାଧା ସଙ୍ଗେ ବାଧା ନ ମାନିଲୁ
ରାହାସ ରଚିଲୁ ଖାଲି ।
ଯିଏତ ମାଡୁଆ ଜଗତରେ ସଦା
କାଳେ ସେ ଅଟେ ମାଡୁଆ
ବଳିଆ ଦାସର ପୁରୁଣା ଭକତି
କାଳିଆ ତୋତେ ଅଡୁଆ ।
ତୋହ ପାପ ଗାଥା ପୁରାଣ ଗାଇଲେ
ଲାଗୁଛି ତ ମୋତେ ଅଡୁଆ
ମନେ ଥିବ ସବୁ ତେବେ ବି ଅଳପ
ଉଖାଡ଼ି ଦେଉଛି ଜାଡୁଆ ।
ମାମୁଁ କଂସ ତାକୁ ଥିଲୁ ନାଶି
ମାଉସୀ ପୁତନା ବଧିଲୁ
ଛଳିଆ ଠାକୁର ଲଗାଇ ଭେଳିକି
କାଳିଆ ମିଛରେ କାନ୍ଦିଲୁ ।

ସବୁଯାକ ଦୋଷ ହୋଇଗଲା ନାଶ
ମୋ ଦୋଷ ବେଳକୁ ବାନ୍ଧିଲୁ
ସତ୍ୟେ ପ୍ରହଲ୍ଲାଦ ଭକତି କରିଲା
ତା'ବାପ ବିନାଶ ଫାନ୍ଦିଲୁ ।
ପାପ ପ୍ରଣୟରେ ଧନ୍ଦିଲୁ
ଭଉଣୀ ସୁଭଦ୍ରା ଅର୍ଜ୍ଜୁନ ସହିତେ
ନେଇ ତୁ କିପରି ଛନ୍ଦିଲୁ ।
ଶରଣ ସୋଦର ବାନା ବାନ୍ଧି ତୁହି
ବିଭୀଷଣ ବଂଶ ମାରିଲୁ
ତୋ ଦୋଷ ଯଦିବା ବିଚାରେ ପଡ଼ିବ
କି ହେବ ବିଚାର କରିଲୁ ।
ଏ ସଂସାରେ ତୋର ସ୍ଥାନ କେଉଁଠାରେ
ମାନ ମହତକୁ ସାରିଲୁ
ଏକ ଅପରାଧ ଲାଗି ମୋତେ ତୁହି
ପାଞ୍ଚଜଣ ଆଗେ ହାରିଲୁ ।
ଧନ୍ୟରେ ଧନ୍ୟରେ କାଳିଆ !
ନିଜ ଦୋଷେ ତୁହି ବୁଜି ଦେଉ ଆଖି
ଭୁଲିବ କି ମୁହିଁ ବଳିଆ !

ପୂର୍ଣ୍ଣ କରି ମନୋରଥ ଠାକୁରେ ଗାଳି ଭକତି
ଦେଇ ତିନିଗୋଟି ରଥ ବାଲିରେ ଲେଖି
କରାଇଲେ ତହିଁ ବିଜେ ତିନି ଦେବତାଙ୍କୁ ନିଜେ
ଉଚ୍ଛୁଳି ପଡ଼ିଲା ହୃଦ ସେ ରୂପ ଦେଖି ।
ଚଉଦ ବ୍ରହ୍ମାଣ୍ଡର ନାଥ
ଦୟାକରି କର ବାରେ ପଲକ ପାତ ।
ହରିବୋଲ ହୁଳହୁଳି ଧ୍ୱନି ପଡୁଛି ଉଚ୍ଛୁଳି
ଶଙ୍ଖନାଦେ ବଡ଼ଦାଣ୍ଡ ଉଠେ ଚମକି
ଭକ୍ତ ଭଜନର ତାଳେ ମୃଦଙ୍ଗ ଗିନି କଂସାଳେ
ଟାଣିଟାଣି ରଥ ସବୁ ଗଲେଣି ଥକି

ଫାଟିଯାଏ ଦୁଃଖେ ଅନ୍ତର
ଆଚମ୍ବିତ ତହିଁ ଥିବା ଜନ-ସାଗର ।
ଯେତେ ହାତୀ ଯେତେ ଘୋଡ଼ା ରଜା ଥାଟ ହେଲା ଯୋଡ଼ା
ତଥାପି ତ ରଥ ଛିଡ଼ା ପାଦେ ନ ଟଳେ
ଦିନ ଏକ ଗଲା ବିତି ଶେଷେ ନିଜେ ଗଜପତି
ଆକୁଳେ କଲେ ମିନତି ନୟନ ଜଳେ
"କ୍ଷମ ବାରେ ଦୋଷ ଗୋସାଇଁ
ବଦନର ପୂର୍ବ ଝଳି ନାହିଁ କିମ୍ପାଇଁ ।"

ଅର୍ଦ୍ଧ ନିଶିଥିନୀ ସ୍ୱପ୍ନେ ଗଜପତି
ଦେଖିଲେ ଉଜ୍ଜ୍ୱଳ ମୂର୍ତ୍ତି
ଚମକି ଉଠିଲେ ସେ ଦିବ୍ୟ ଦର୍ଶନେ
ଟଳି ପଡ଼ିଲାକି ଧୃତି !
ସୁରମ୍ୟ ଅଧରେ ହସର ଖଣ୍ଡିତ
ଚନ୍ଦ୍ରମା ଉଠଇ ଝଳି
ଭୁବନ ମୋହନ ସେ ଅଭୁଲା ରୂପ
ହୃଦୟେ ନୁହଁଇ କଳି ।

ଭଗବାନ-
"ମୋତେ ତୁ ପାଇବୁ କାହିଁ ଗଜପତି
ତୋ କାଠ ରଥର ପରେ
ମୁଁ ପରା ବସିଛି ମୋ ଶ୍ରେଷ୍ଠ ଭକତ
ବଳିଆ ବାଲି ରଥରେ ।
ଯେ ଯାଏ ବଳିଆ ମୋତେ ନ ଛାଡ଼ିଛି
ତିନି ରଥ ସେହିଭଳି
ଛିଡ଼ା ହୋଇ ରହି ଥିବ ବଡ଼ଦାଣ୍ଡେ
ଅଚଳ ମେରୁ ତା ସରି ।
ଭକ୍ତର ଭକତି ପାଖେ କିଛି ନାହିଁ
ଶୁଚି ଅଶୁଚି ର ମୂଲ

ଯିଏ ଥରେ ମୋତେ ସବୁ ସମର୍ପିଛି
କିଏ ହେବ ତାହାର ତୁଲ !
ତାର ପତିବ୍ରତା କଳନା କରିବ
ତୁମେ ବା ସତରେ କିଏ ?
ମୋହଠାରୁ ବଡ଼ ଏ ଜଗତ ଜାଣୁ
ମୋହରି ଭକତି ଯିଏ ।”

ଚାରିଆଡ଼େ ଦେଖ ପଡ଼ିଛି ଚହଳ ଠାକୁର ରଥରେ ନାହିଁ
ବଳିଆ-ଭକତି ଡୋରେ ବନ୍ଧା ହୋଇ ଅଛନ୍ତି ତା ପାଖେ ଯାଇ ।
ଦି'ଘଣ୍ଟା ଆଗରୁ ବାଜା ବାଜୁଥିଲା ଦାରୀଟାର ଗୋଡ଼ ଘଷି
ବଳିଆଟା ଦିନ ଯାପେ ଏକି ହେଲା ! ତା ପାଖେ ଜଗତ-ଶଶୀ ।
ସବୁ ଛାଡ଼ି ଛୁଡ଼ି ଶେଷକୁ ତ ଯାଇ ପଡ଼ିଲେଣି ସେଠି ଧରା
ରାଜ ଉପଚାର ପିତା ଲାଗିଲା କି ! ଭୁଲିଗଲେ ସବୁ ପରା ।

ପଣ୍ଡା ପଡ଼ିଆରୀ ଖୁଣ୍ଟିଆ ସାମନ୍ତ
ଛତିଶା ନିଯୋଗ ସହ
ମହା ପରତାପୀ ପରବଳ ତାପି
ପ୍ରତାପରୁଦ୍ର ବିଜୟ ।
ଗଜପତି ଆଜି ଦେଖୁଛନ୍ତି ନିଜେ
ଭକତିର ଜୟକାର
ଠାକୁରଙ୍କ ପାଖେ ଅଟକ ରଖିବ
ଶକତି ନାହିଁ କାହାର !

ପରାଚୀ ଗଗନେ ସବିତା ବିଞ୍ଚି ଅନଳ ଗୁଣ୍ଡି
ହୋଇଲେ ଉଦୟ ରାବିଲା ଦିନେ ସିନ୍ଦୁର ମୁଣ୍ଡି ।
ରାଜା ଚାଲିଛନ୍ତି ଆଗରେ ପଛେ ସେବକ ଦଳ
ସବୁରି ଆଖିରୁ ପଡୁଛି ଝରି ଅସରା ଜଳ ।
ଲହରୀ ପରାଏ ଆସୁଛି ମାଡ଼ି ଲୋକ ଗହଳ
ସିନ୍ଧୁ ନାଦ ପ୍ରାୟ ଶୁଭୁଛି ସିନା ତାଙ୍କ ଚହଳ ।


ବଳିଆ କୁଡ଼ିଆ ପାଖରେ ରାଜଥାଟ ଅଟକେ
ମଣିମା ବାନ୍ଧିଲେ ଶିରିପା ଦେଖ ଶିରେ ଝଟକେ ।
ଭକ୍ତିର ଶକତି ପରୀକ୍ଷା ଏବେ ହୋଇଛି ଶେଷ
ଭକତିର ମୂଲ୍ୟ ଜଗତେ ସିନା ଅଟେ ଅଶେଷ ।

ଗଜପତି-ଅନବତ ଶିରେ ପଣ୍ଡାଏ ଅଭିବାଦନ ଆସି
ଜଣାନ୍ତି "ଚାଲନ୍ତୁ ସାଥିରେ ବାରେ ଦୟା ପ୍ରକାଶି ।
ତୁମେ ନ ଚଳିଲେ ଚଳିବ ନାହିଁ ତିନୋଟି ରଥ
ସତ ଠାକୁରେ, ବାଣୀ ଏ ନୁହେଁ ତିଳେ ଅସତ୍ୟ ।"
ରଥ ପାଖେ ଉଭା ବଳିଆ ଦାସ ଆପଣେ ଆସି
ଧାରଧର ଲୁହ ଯାଉଛି ଝର ସଦୃଶ ଭାସି ।
ଥରଥର ଥରି ଉଠିଛି ଧୀରେ ଅଧର ତଳ
ସରସର ବହି ଯାଉଛି ପାଦ ତଳରୁ ଜଳ ।
ଘରଘର ରଥ ଚାଲିଲା ପୁଣ୍ୟ ପରଶ ପାଇ
ଚକିତ ନୟନେ ରହିଲେ ସର୍ବେ ଘଡ଼ିଏ ଚାହିଁ ।
ଭଜନ ମଣ୍ଡଳୀ ଖଞ୍ଜଣୀ ମାଡ଼ କୀର୍ତ୍ତନ ନାଦ
ଆଦିବାସୀଙ୍କର ଚାଙ୍ଗୁର ନୃତ୍ୟ ଘୁମୁର ବାଦ୍ୟ ।
ନାଗା ସନ୍ନ୍ୟାସୀ ଭଜନେ ଗୀତେ ଲଗାଇ ତାଳ
ମାଡ଼ି ଚାଲିଅଛି ଆଗକୁ ତିନି ରଥ ଯେ ସାର ।
ହସି ଦେଉଅଛି କାଳିଆ ସାଥେ ଭାଇଭଉଣୀ
କହି ଦେଉଛି କି ଭକତି ସାର ଜଗତେ ପୁଣି ।

❐❐❐

(ସ୍ୱର୍ଗତ କବିଙ୍କର 'ଜଗନ୍ନାଥାୟଣ' କବିତାଗ୍ରନ୍ଥରୁ ସଂଗୃହୀତ)

ସଂସ୍କୃତି ଓ ପରଂପରା



ସନ୍ଥ କବି ମିର୍ଜା ଉଜିର ବେଗ୍‌ଙ୍କ ଗ୍ରନ୍ଥାବଳୀ ସଂପାଦନା କରିଛନ୍ତି ରାଜକନିକା ଅନ୍ତର୍ଗତ ପିଣ୍ଡୁରୀ ଗ୍ରାମର ଶ୍ରୀ ଭାଗିରଥି ସାମଲ । ସଙ୍କଳନର ପ୍ରକାଶକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ନୟାସଡ଼କ, କଟକ । ୨୦୦୮ ମସିହାରେ ସ୍ୱନାମଧନ୍ୟ ଶିକ୍ଷକ ନେତା ରାଜକନିକାର କାଳୀ ପ୍ରସାଦ ନାୟକଙ୍କ ଆଗ୍ରହ ଓ ପ୍ରଚେଷ୍ଟାରେ ଏହି ସଙ୍କଳନ ପ୍ରକାଶ ପାଇଥିଲା ।

ବେଶ୍ କିଛି ବର୍ଷ ପୂର୍ବେ ସନ୍ଥ କବି ମିର୍ଜା ଉଜିର ବେଗ୍‌ଙ୍କ ସ୍ମୃତି ଉଜ୍ଜିବୀତ ରଖିବା ଉଦ୍ଦେଶ୍ୟରେ ରାଜକନିକାରେ ଏକ ସାଧୁ ପ୍ରୟାସ ଆରମ୍ଭ ହୋଇଥିଲା । ଏହାର ନେତୃତ୍ୱ ନେଇଥିଲେ କାଳୀ ପ୍ରସାଦ ନାୟକ ଏବଂ ଭାଗିରଥି ସାମଲ । ସେତେବେଳେ ଦୁହେଁ ରାଜକନିକାସ୍ଥ ତରାସ ହାଇସ୍କୁଲର ଶିକ୍ଷକ । ସେମାନେ ଘର ଘର ବୁଲି ପାଣ୍ଡୁଲିପି ସଂଗ୍ରହ କରିଥିଲେ । ତଥାପି ଆହୁରି ଅନେକ ପାଣ୍ଡୁଲିପି ସଂଗ୍ରହ ହୋଇପାରିଲା ନାହିଁ , ଯାହା ଏବେ ଦୁର୍ଲ୍ଲଭ ।

‘ସନ୍ଥ କବି ଉଜିର ବେଗ୍’ ଆଲେଖ୍ୟ, ସେହି ଗ୍ରନ୍ଥାବଳୀରୁ ସଂଗୃହୀତ । ବିଶ୍ୱାସ, ଏହା ସନ୍ଥ କବିଙ୍କ କାବ୍ୟ ପ୍ରତିଭାର ପ୍ରସାର ଦିଗରେ ସହାୟକ ହେବ ।

- ସଂପାଦିକା

ସନ୍ଥ କବି ମୀର୍ଜା ଉଜିର ବେଗ

(୪ ଏପ୍ରିଲ୍ ୧୮୭୯ - ୧୪ ଜୁଲାଇ ୧୯୩୭)

ସ୍ରଷ୍ଟା ଓ ତା'ର ସୃଷ୍ଟି ପରସ୍ପର ପରିପୂର କ । ସୃଷ୍ଟିରେ ସ୍ରଷ୍ଟାଙ୍କର ଚିନ୍ତାଧାରା, ଅନୁଭୂତି ଓ ହୃଦୟର ପ୍ରତିଫଳନ ମାତ୍ର । ଏହି କାରଣରୁ ସୃଷ୍ଟି ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ସ୍ରଷ୍ଟାଙ୍କ ସମ୍ପର୍କରେ କିଛି ଅବହିତ ହେବା ବାଞ୍ଛନୀୟ । ଅନ୍ୟ ପକ୍ଷରେ ସ୍ରଷ୍ଟାଙ୍କ ସମ୍ପର୍କରେ କିଛି ଜ୍ଞାନ ଆହରଣ ନ କରି ତାଙ୍କ ସୃଷ୍ଟିକୁ ଅନୁଧ୍ୟାନ କଲେ ତତ୍ ସମ୍ପର୍କୀୟ ପୂର୍ଣ୍ଣତା ଲାଭ କରିବା ପରିବର୍ତ୍ତେ, ତହିଁରେ କିଛି ନା କିଛି ଶୂନ୍ୟତା ରହିଯାଏ । ଏହି ପରିପ୍ରେକ୍ଷୀରେ "ନନ୍ଦୋସ୍ଵ" ଗୀତିନାଟ୍ୟ ପଠନ ଓ ରସାସ୍ୱାଦନ କରିବା ପୂର୍ବରୁ ତା'ର ସ୍ରଷ୍ଟା ସନ୍ଥକବି ମୀର୍ଜା ଉଜିର ବେଗଙ୍କ ବ୍ୟକ୍ତିଗତ ଜୀବନ, କବିଜୀବନ ତଥା ତାଙ୍କ ସୃଷ୍ଟି ଉପରେ ପାଠକମାନଙ୍କ ମନରେ ସ୍ଥୁଳତଃ କିଛି ଧାରଣା ଜାଗ୍ରତ କରାଇବା ଏହି ଆଲେଖ୍ୟର ଆଭିମୁଖ୍ୟ ।

ସନ୍ଥକବି ମୀର୍ଜା ଉଜିର ବେଗଙ୍କ ପିତା ମୀର୍ଜା ମହେବୁବ୍ ବେଗ ଏକ ରକ୍ଷଣଶୀଳ ସୁନ୍ନୀ ସମ୍ପ୍ରଦାୟ ମୁସଲମାନ ଥାଇ କନିକାଧିଶ୍ୱର ପଦ୍ମନାଭ ଭଞ୍ଜଙ୍କ ରାଜତ୍ୱ କାଳରେ କନିକାର ରାଜଧାନୀ ରିଘାଗଡ଼ଠାରେ ରାଜାଙ୍କ ଅଧୀନରେ ପାଇକ ସର୍ଦ୍ଦାର ଥିଲେ । ପଦ୍ମନାଭ ଭଞ୍ଜ ନିଃସନ୍ତାନ ଥାଇ ଅକାଳ ମୃତ୍ୟୁ ମୁଖରେ ପଡିବାରୁ ରାଣୀ କୃଷ୍ଣପ୍ରିୟା ପାଟ ମହାଦେଈ ତଟିନୀଘେରା ରିଘାଗଡ ରାଜଧାନୀରେ (ବର୍ତ୍ତମାନ ରାଜନଗର ଥାନା) ଅବସ୍ଥାନ କରିବାକୁ ଉଚିତ ନ ମଣିବାରୁ କନିକା ଅଧୀନ ଗିରିଆ ଗ୍ରାମସ୍ଥ ଶ୍ରୀ ଶ୍ରୀ ରାଧାକାନ୍ତ ଜୀଉଙ୍କ ମଠ ସଂଲଗ୍ନ ସ୍ୱନିର୍ମିତ ରାଜବାଟୀରେ (ବର୍ତ୍ତମାନର ରାଜକନିକା ଥାନା) ଅବସ୍ଥାନ କଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଗିରିଆ ମଠ କନିକା ରାଜାଙ୍କ ଅଧୀନ ଥିଲା ଓ ରାଣୀ କୃଷ୍ଣ ଭକ୍ତ ଥିବା କାରଣରୁ ଉକ୍ତ ମଠରେ ରହିବା ଉଚିତ ମନେ କଲେ ।

ଦ୍ୱିତୀୟ କାରଣଟି ହେଲା: ରାଣୀଙ୍କର ନିଜ ଭାଇ ଯଦୁନାଥ ଦେବ କନିକାର ଦକ୍ଷିଣସୀମାକୁ ଲାଗି ଆଳିର ଅଧୀଶ୍ୱର ଥିବା ହେତୁ ଏହା ଯୋଗଯାଗ ଓ ପରସ୍ପର ସମ୍ପର୍କ ରକ୍ଷା କରିବା ଦିଗରେ ତଥା ଭାଇଙ୍କଠାରୁ ସାହାଯ୍ୟ ସହଯୋଗ ଲାଭ ଆଶାରେ ବିଶେଷ ସହାୟକ ହେବ ବୋଲି ରାଣୀ ବିବେଚନା କଲେ । ଉକ୍ତ କାଳରେ ମୀର୍ଜା ମହେବୁବ୍ ବେଗ ରାଣୀଙ୍କର ଅଙ୍ଗରକ୍ଷୀ ଭାବରେ ଗିରିଆ ରାଜବାଟୀରେ ସପରିବାର ରହିବାକୁ ବାଧ ହେଲେ । ମୀର୍ଜା ମହେବୁବ୍ ବେଗଙ୍କ ଜନ୍ମସ୍ଥାନ ଯାଜପୁର ଅଞ୍ଚଳ ବରୁଆଁ ହରିପୁର ହୋଇଥିଲେ ହେଁ ତାଙ୍କର ପୁତ୍ର କବି ମୀର୍ଜା ଉଜିର ବେଗଙ୍କର ମାତୃଗର୍ଭରୁ ଭୂମିଷ୍ଠ ହେବାର ସ୍ଥାନ ଯାଜପୁରସ୍ଥ ବରୁଆଁ ହରିପୁର ଗ୍ରାମ ବା କନିକା, ତାହା ଏ ପର୍ଯ୍ୟନ୍ତ ବିବଦମାନ

ରହିଛି । ତେବେ କବି ମୀର୍ଜା ଉଜିର ବେଗ ଆବାଲ୍ୟରୁ ଯେ କନିକାବାସୀ- ଏହା ସର୍ବଜନବିଦିତ ।

ରାଜପରିବାର ପାଇଁ ପୋଷ୍ୟପୁତ୍ର ଗ୍ରହଣ କରିବାର ଅଧିକାର ବଳରେ ଆଳି ରାଜା ଯଦୁନାଥ ଦେବଙ୍କ ମଧ୍ୟମ ପୁତ୍ର ବଂଶୀଧର ଦେବଙ୍କୁ କୃଷ୍ଣପ୍ରିୟା ପାଟ ମହାଦେଈ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିବାରୁ ବଂଶୀଧରଦେବ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ନାମରେ ବିଦିତ ହୋଇ କନିକାଧିଶ୍ୱର ବୋଲାଇଲେ ଓ ଗିରିଆ ମଠ ପରିବର୍ତ୍ତେ ବର୍ତ୍ତମାନର ରାଜକନିକାର ଗୋବିନ୍ଦପୁର ମୌଜାରେ ୧୯୦୯ ମସିହାରେ ନୂତନ ରାଜବାଟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ମହେବୁବ୍ ବେଗ କୋଠା ନିର୍ମାଣ ସରଞ୍ଜାମର ଉତ୍ତ୍ୱାବଧାରକ ଭାବରେ ରାଜମହଲ ସମ୍ମୁଖସ୍ଥ ଚନ୍ଦନ ପୋଖରୀ ହୁଡା ପାର୍ଶ୍ୱରେ ସପରିବାର କିଛି ବର୍ଷ ରହି ରାଜା ପ୍ରଦତ୍ତ ଜମିଜମା ଘରବାରି ସ୍ୱତ୍ତ୍ୱାଧିକାରୀ ହୋଇ ରାଜବାଟୀ ସନ୍ନିକଟ ବଡ ତଇଳା ମୌଜାରେ ସ୍ଥାୟୀ ଭାବରେ ସପରିବାର ଅବସ୍ଥାନ କଲେ ।

୧୮୭୯ ମସିହା ଏପ୍ରିଲ ମାସ ଚାରି ତାରିଖରେ ଧରାବତରଣ କରିଥିବା କଳାପ୍ରେମୀ, ହିନ୍ଦୁ ପୁରାଣ ସାଗର ମନ୍ଥନକାରୀ କାବ୍ୟକାର ଉଜିର ବେଗ୍‌ଙ୍କର ବାଲ୍ୟ ଶିକ୍ଷା କେଉଁଠାରେ ସମାହିତ ହୋଇଥିଲା, ତାହା ଏ ପର୍ଯ୍ୟନ୍ତ ଲୋକ ଲୋଚନର ଆତୁଆଳରେ । କିନ୍ତୁ କବିଙ୍କର ମଧ୍ୟମ ପୁତ୍ର ମୀର୍ଜା ହମୀଦ୍ ବେଗଙ୍କ ବୟାନାନୁସାରେ କବି ସ୍ୱକୀୟ ଉଦ୍ୟମରେ ନିଜକୁ ସାକ୍ଷର କରିପାରିଥିଲେ ଓ ନିଜଠାରେ ବିଦ୍‌ବତ୍ତାର ବଟକୁ ରୋପଣ କରି ତାକୁ ନଭଶ୍ଚୁମ୍ବୀ କରାଇ ପାରିଥିବା ସେ କାଳରେ ଆନୁଷ୍ଠାନିକ ଶିକ୍ଷାଦାନ ବ୍ୟବସ୍ଥାର ଅଭାବ କାରଣରୁ ଗ୍ରହଣୀୟ ଅଟେ । କନିକା ପରି ନଦୀନାଳ ଘେରା ଉପାନ୍ତ ଅଞ୍ଚଳରେ ଅବଧାନିକ ଶିକ୍ଷା କେତେକ ସ୍ଥାନରେ ପ୍ରଚଳିତ ଥିଲେ ସୁଦ୍ଧା ଜାତିଆନା ମନୋଭାବ କବିଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ବାଧକ ହୋଇ ଛିଡା ହୋଇଥିବ ଓ କବି ନିଶ୍ଚିତ ନିଜସ୍ୱ ପ୍ରଚେଷ୍ଟାରେ ନିଜକୁ ବିଜ୍ଞ କରାଇଥିବେ ଏହା ଦୃଢ ନିଶ୍ଚିତ ।

ପିତା ମହେବୁବ୍ ବେଗଙ୍କର ରାଜାଙ୍କ ସହିତ ସୁସମ୍ପର୍କ ହେତୁ ରାଜା ରାଜେନ୍ଦ୍ର ନାରାୟଣଙ୍କ ଅନୁଜ ଆଳି ରାଜା ବ୍ରଜ ସୁନ୍ଦର ଦେବଙ୍କ ସଂସ୍ପର୍ଶରେ ଆସନ୍ତି ଯୁବକ ଉଜିର ବେଗ । ଢାଲ ସୁପାରି ଖେଳ ଓ ସର୍କସ ଖେଳରେ ଖ୍ୟାତି ସମ୍ପନ୍ନ ରାଜା ବ୍ରଜସୁନ୍ଦର ଦେବଙ୍କର ଅନୁଗାମୀ ହୋଇ କବି ବିଭିନ୍ନ ସ୍ଥାନରେ ବୁଲିବାର ସୁଯୋଗ ଲାଭ କରନ୍ତି । ଏପରିକି କଲିକତା ଅଲିପୁରସ୍ଥିତ ଚିଡିଆଖାନାରୁ ରାଜା ମହାବଳ ବାଘର କାନ ଧରି ବାହାରକୁ ଆଣିବା ସମୟରେ ମଧ୍ୟ ଉଜିର ବେଗ ସେଠାରେ ତାଙ୍କର ସହଚର ଥିଲେ । ପରବର୍ତ୍ତୀ ସମୟରେ ରାଜା ବ୍ରଜ ସୁନ୍ଦର ଦେବଙ୍କଠାରୁ ହେଉ ବା ଅନ୍ୟ କୌଣସି ସୂତ୍ରରୁ ହେଉ କବି କିଛି ଗୁଣି ଗାରଡି ବିଦ୍ୟା ଆୟତ୍ତ କରି ନିଜକୁ ସେ ଦିଗରେ ପ୍ରତିଷ୍ଠିତ କରାଇ ପାରିଥିଲେ ଓ ପିତାଙ୍କ ପରି ଜଣେ ପାଇକ ସର୍ଦ୍ଦାର ଭାବରେ ବାଡ଼ି ଖେଳ ଓ ଅସ୍ତ୍ର ଚାଳନରେ ଧୁରନ୍ଧର ଥିଲେ ।

ପିତା ମୀର୍ଜ୍ଜା ମହେବୁବ୍ ବେଗଙ୍କ ସ୍ୱର୍ଗାରୋହଣ ପରେ କବି ପିତାଙ୍କ କାର୍ଯ୍ୟରେ ନିଯୁକ୍ତ ହୋଇ କିଛି ଦିନ କାର୍ଯ୍ୟକଲେ । ଇତ୍ୟବସରରେ କନିକା ଇଷ୍ଟେଟ୍ ଦେୱାନଙ୍କ କୋର୍ଟରେ ରେକର୍ଡ ପତ୍ର ବନ୍ଧେଇ ଓ ରାଜବାଟୀସ୍ଥିତ ରାଜାଙ୍କର ସ୍ୱକୀୟ ଲାଇବ୍ରେରୀରେ ଥିବା ପୁସ୍ତକଗୁଡିକର ବନ୍ଧେଇ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଜଣେ କର୍ମଚାରୀ ନିଯୁକ୍ତିର ଆବଶ୍ୟକତା ଅନୁଭୂତ ହେବାରୁ ପୁସ୍ତକ ବନ୍ଧେଇ ଶିକ୍ଷା କରିବା ନିମିତ୍ତ ରାଜା ସାହେବ ଉଜିର ବେଗଙ୍କୁ କଟକ ପଠାଇଲେ । କଟକରୁ ବହି ବନ୍ଧେଇ ତାଲିମ୍ ପ୍ରାପ୍ତ ହୋଇ କବି କନିକା ଦେୱାନଙ୍କ କୋର୍ଟରେ ଦପ୍ତରୀ କାର୍ଯ୍ୟରେ ନିଯୁକ୍ତି ପାଇଲେ ।

ଲାଇବ୍ରେରୀରେ ଥିବା ପୁସ୍ତକ ଓ ବିଶେଷ କରି କୃଷ୍ଣଭକ୍ତା ରାଧାନୁଗାମିନୀ କନିକା-ପଟ୍ଟ ମହିଷୀ ରାଧାମାଳୀ ପାଟ୍ଟ ମହାଦେଈଙ୍କ ବ୍ୟବହୃତ ପୁରାଣ ଓ ଧର୍ମଶାସ୍ତ୍ରାଦି ପୁସ୍ତକ ବନ୍ଧେଇ କରିବା ଅବସରରେ ସେଗୁଡିକ ଅଧ୍ୟୟନ କରି ପୁରାଣ ଶାସ୍ତ୍ରାଦିରେ ଅଗାଧ ପାଣ୍ଡିତ୍ୟ ଓ ଭାଷାଜ୍ଞାନ ଅର୍ଜ୍ଜନ କରିବା ଫଳରେ କବିଙ୍କର କବିତ୍ୱ ପରିସ୍ଫୁଟ ହେବା ସ୍ୱାଭାବିକ ।

ମୀର୍ଜ୍ଜା ଉଜିର ବେଗ ଥିଲେ ଆଶୁକବି । ଦପ୍ତରିଗିରି କରିବା ଥିଲା ତାଙ୍କର ଜୀବିକା । ସେ କିନ୍ତୁ କନିକା ଦେୱାନଙ୍କ କୋର୍ଟରେ ସମୟାନୁବର୍ତ୍ତିତା ଅବଲମ୍ବନ କରିପାରୁ ନ ଥିଲେ । ରାଜାଙ୍କର ସାନ୍ନିଧ୍ୟ କବିଙ୍କ ଉପରେ ଅଧିକ ମାତ୍ରାରେ ଥିବା କାରଣରୁ କବି କେତେବେଳେ କଚେରୀ ତ ଅନ୍ୟ କେତେବେଳେ ରାଜ ଉଆସରେ ଥାଆନ୍ତି । ତାଙ୍କର ଆଶୁକବିତ୍ୱରେ ରାଜା ଅତ୍ୟନ୍ତ ପ୍ରୀତ ଥିଲେ । କବିଙ୍କଦ୍ୱରା କିଛି କାର୍ଯ୍ୟ ସମ୍ପାଦନ କରାଇବାର ଆବଶ୍ୟକତା ପଡିଲେ ଜଣେ ଚପରାଶୀ ରାଜ ନିର୍ଦ୍ଦେଶିତ ହୋଇ ଯାଏ । ଯଦି କବି କେଉଁଠାରେ ବସି ଲେଖାଲେଖିରେ ନିମଗ୍ନ ଥା'ନ୍ତି, ରାଜାଦଶ ମତେ ଚପରାଶୀ ଜଣଙ୍କ କବିଙ୍କ ଚିନ୍ତାରେ ବ୍ୟାଘାତ ନ ଘଟାଇ ସେଠାରୁ ଫେରି ଆସି ରାଜାଙ୍କୁ ସମ୍ବାଦ ଦେଇଥାନ୍ତି । କବିଙ୍କର ଲେଖା କାର୍ଯ୍ୟ ସରିଗଲେ ତାଙ୍କୁ ସାକ୍ଷାତ କରି ରାଜାଙ୍କୁ ଦେଖାକରିବାକୁ କବିଙ୍କୁ ଅନୁରୋଧ କରି ଫେରିଆସନ୍ତି । ଆଶୁ କବିତ୍ୱରେ କବିଙ୍କ ପ୍ରତି ରାଜାଙ୍କଠାରୁ ଆରମ୍ଭ କରି ପ୍ରଜାଗଣ ସମସ୍ତଙ୍କର ସ୍ୱତନ୍ତ୍ରଭାବ ସୃଷ୍ଟି ହୋଇଥାଏ । ଏହି ଦୃଷ୍ଟିରୁ ଜନ ସାଧାରଣ ଏତେ ମୁଗ୍ଧ ଥିଲେ ଯେ କବିଙ୍କ ପାଖରେ ସ୍ୱତଃ ସେମାନଙ୍କର ମୁଣ୍ଡ ନଇଁ ଯାଉଥିଲା ।

ଥରେ ରାଜା ପ୍ରଶ୍ନ କଲେ:

ଉଜିର ! ଆଜି କ'ଣ ଭୋଜନ ହେଲା ?

ଉଜିର - କରାଣ୍ଡିମାଛ ସଜନା ଶାଗ !
ରନ୍ଧା ହୋଇଥିଲା ବଡ ବାଗ ॥
ମାଉଁସ ସଙ୍ଗେ ଶୋରିଷ ।
ତାକୁ ରାନ୍ଧିଥିଲେ ଘର ମଣିଷ ॥

ବେଗ କବିଙ୍କର ବଡ ପୁଅ 'ଅବଦୁଲ୍ଲା' ଘରୁ କଲିକତା ଯିବା ସମୟରେ ଭାଇଭଉଣୀ ବଡ ଭାଇଙ୍କୁ ବାଟେଇ ଦେବାକୁ ଗଲେ । ଏହି ପରିପ୍ରେକ୍ଷୀରେ କବିତାଟି-

"ପିତା, କଷା ଧଇଲେ ହାତ ।
ଅବଦୁଲ୍ଲା ଚାଲିଲା ସିଧା ବାଟ ॥
ହମୀଦ୍, ରହେମତ୍ ଧରିଲେ ଛତା, ଯୋତା ।
ଅବଦୁଲ୍ଲା ଚାଲିଲା କଲିକତା ॥"

କବି ଦିନେ ତାଙ୍କ ସାଥୀଙ୍କ ସହ ଓଳାଭର ଯାଉଥିବା ସମୟରେ ଏକ ଦୃଶ୍ୟ:-

"ଅଇଲା ବାଜ ଧଇଲା ମାଛ ।
ଉଡି ଉଡି ଯାଇ ବସିଲା ଗଛ ॥
ପଞ୍ଜାରେ ଚାପି ଖାଇଲା ବେଳେ ।
ଡେଇଁଲା ମାଛ ପଡିଲା ତଳେ ॥
ଦଉଡି ଯାଇ ଧଇଲୁ ସାଙ୍ଗ ।
ଦେଖିଲା ବେଳକୁ ମସ୍ତ ଚେଙ୍ଗ ॥"

କାଛୁ ବିଷୟରେ କବିଙ୍କ ଗୀତ ବେଶ୍ ରସ ରସିଆ । କାଛୁ ଯନ୍ତ୍ରଣା ଭୋଗୁଥିବା କବିଙ୍କର କବିତ୍ୱ ନିଶ୍ଚତ ଅନ୍ୟ ଜଣେ କାଛୁ ରୋଗୀକୁ ସାନ୍ତ୍ୱନା ଦେଇ ପାରିବ ।

"ଆରେ ଭାଇ କାଛୁ ମୋତେ ସାରିଦେଲାରେ ।
କୁଣ୍ଡାଇ କୁଣ୍ଡାଇ ନଖ ମୁଣ୍ଡା ହେଲାରେ ॥
ଶୁକ୍ରବାର ଉପ୍ରବେଳା, କାଛୁ ଅନୁକୂଳ ହେଲା,
ବଇଦ ବାପୁଡା ଆଛା ପାନେ ଦେଲା ରେ ॥"

ସମୟର ଉଜାଣୀ ସ୍ରୋତରେ ସବୁ କିଛି ଭାସି ଚାଲିଛି । କବିଙ୍କର ସତର୍କ ଦୃଷ୍ଟି ହିଁ ପ୍ରତି ମୁହୂର୍ତ୍ତରେ ଜନସାଧାରଣଙ୍କୁ ଚେତେଇ ଦେବାକୁ ବସିଛି । ଜଣେ ଜାଗ୍ରତ ପ୍ରହରୀ ଭାବରେ କବି କ୍ରିୟାଶୀଳ । ଏହି ପରିପ୍ରେକ୍ଷୀରେ କବିତା-

କାଳ କଲାଣି ଭଲି ଭଲି ଭବିଷ୍ଯ ଏବେ ।
ନ ଶୁଣିବା କଥାକୁ ଶୁଣିଲେ ସର୍ବେ ॥
ଷଡ଼ ବର୍ଷର ଦୁହିତା ପ୍ରସବ କରିଛି ସୁତା । ୦ ।
ଜନ୍ମି ସେ କହୁଛି କଥା ସାଧୁତା ଭାବେ । । ୧ ।
ଖବର କାଗଜ ଦେଖ ଷଡ଼ବର୍ଷ ପୁତ୍ର ଏକ
ସର୍ପ ସଙ୍ଗେ କଥାବାର୍ତ୍ତା କରେ ପଞ୍ଜାବେ । ୨ ।
ବେଙ୍ଗ ଗାଇଲାଣି ଗୀତ ଠିକ୍ ମନୁଷ୍ୟଙ୍କ ମତ
ରାଧାକୃଷ୍ଣ ସିଦ୍ଧେଶ୍ୱର ଉଜିର ଭବେ । । ୩ ।

କି କହିବି ଭାଇ ଯେତ ଇଂରେଜ ଶାସନ କାଳ
ଆସନ ପାଇଲେ ଯହୁଁ ଶାସନ ସୁଆଦ ତହୁଁ
ଚାଖିବେ ବୋହିଲା ଲାଳ । ୦ ।
ରାଜା ମହାରାଜା ହାତ- କରି କଲେ ଚିତିକାତ
ଶାସନ ଜାଲ ମେଲାଇ ଦିଲ୍ଲୀରେ ବସିଲେ ଯାଇ
ଯେତ, ବିଦେଶୀ ବେପାରୀ ଦଳ । ୧ ।
ଗୋଲ୍ ଟେବୁଲ୍ ବୈଠକ ଗାନ୍ଧୀ ମହାତମା ଠକେ
ପଞ୍ଜାବରେ ହତ୍ୟାକାଣ୍ଡ ଭିଆଇ ନେଲେ ପାଷାଣ୍ଡ
ଦେଶ, ଲୁଟନ୍ତି ଯମ ଡାହାଳ । ୨ ।
ଆଇନ୍ କରିଲେ ସାରା ମନା ହେଲା ଲୁଣ ମରା
ବିଦେଶୁ ଆସିଲା ଲୁଣ ରନ୍ଧା ହେଲା ତୋ ତିଅଣ
ଆମର ଫଟା କପାଳ
ଦେଶ ପାଇଁ ସ୍ୱାଧୀନତା ଆଣିବେ ବୋଲି ଜନତା
କିଏ ଫାଶୀ କଲା ହାର କିଏ କଳାପାଣି ପାର
କାହାର ଉଠିଲା ମୂଳ
ଗାନ୍ଧୀ ମହାତମା ବାଣୀ ଦେଶ ସାରା ଶୁଭିଲାଣି
ଏଥର ହଟିବେ ଗୋରା ଉଜିର ବାକ୍ୟଟି ସାରା
ଏବେ, ଆସିଛି ହର୍‌ତାଳ ବେଳ । ୪ ।

ରସିକ କବି ସ୍ୱରଚିତ ଗୀତିନାଟ୍ୟ ଗୁଡିକରେ ବିଭିନ୍ନ ଚରିତ୍ର ମାଧ୍ୟମରେ ହାସ୍ୟରସ ସୃଷ୍ଟି କରିଥାନ୍ତି । ଏହି ହାସ୍ୟରସ ସାଧାରଣତଃ ନିମ୍ନ ଶ୍ରେଣୀର ଚରିତ୍ର ମାଧ୍ୟମରେ ଘଟେ ।

ମଦ୍ୟପ- କେଡେ ମଜା ସେ ସରାପ ନିଶା
ଆହାରେ ଭାଇ
ଯେ ଖାଇଛି ସେ ଜାଣିଛି
ଆନ ତା' ଜାଣିବ କାହିଁ । ୧ ।
ତା' ଠାରୁ ବଳି ଗଞ୍ଜାଇ ମନକୁ ନିଏ ରଞ୍ଜାଇ
ଖଞ୍ଜାଇ ଖାଇଲେ ନିତି
ତା' ମଜା ସିନା ଜାଣଇ । ୨ ।
ତା ଠାରୁ ବଳି ଅଫିମ ରୂପ ଗୁଣେ ଅନୁପମ
କହେ ଉଜିର ଅଧମ ଯାଉଛି ମୁହିଁ ପଳାଇ । ୩ ।

ଝାମ୍ପୁରୀ ବାପା - ଦଉଡି ଆଇଲୋ ଝାମ୍ପୁରୀ ବଉ ।
ଝାମ୍ପୁରୀ ବଉ - କଥାଟା କ'ଣ ଫିଟାଇ ନ କହି କାହିଁକି ଖଣ୍ଡିଆ ଆମ୍ପୁରି ହେଉ ।
ଝାମ୍ପୁରୀ ବାପା - ଘର ଦୁଆର ସମ୍ଭାଳ ତୋ'ର ମୁଁ ଯିବି ବାବାଜି ହୋଇ ।
ଝାମ୍ପୁରୀ ବଉ - ପଳାରେ ଚୋର ତୋ' ଠାରେ ମୋର ମୂଳରୁ ରାଜି ନାହିଁ ।
ଝାମ୍ପୁରୀ ବାପ - ମୋତେ ଛଳାନା ଆଉ ଏତେ ସୁନ୍ଦରୀ ।
କଳା କୋଇଲି ମୋ ନବ ନାଗରୀ ॥
ଝାମ୍ପୁରୀ ବଉ - ହେଲି ହେଲି ପଛେ ମୁଁ କଳା କୋଇଲି ।
ତୋ' ସୁନ୍ଦର ପଣ ତୋ' ଠାରେ ଥାଉ ॥
ଝାମ୍ପୁରୀ ବାପା - କହତୁ ସଖୀ କେଉଁଟା ଦେଖି ଆଉ ଅସୁନ୍ଦର ମୋହର ?
ଝାମ୍ପୁରୀ ବଉ - ଆରେ ନିର୍ଲଜ୍ଜା ଅଷ୍ଟକୁଜା ଡିମା ଆଖି ଟିମା ଅସୁର ।
ଆଉ ଅସୁନ୍ଦର ପଣ ମୋହର ?
ବଣ ଭୂଆ ପରି ମୁହଁ ତୋହର ॥
ଓଧ ପରି ମୁହଁ ଗଧ ପରି ଦେହ
ସଦା ସର୍ବଦା ତୁ ବୋବାଉ ଥାଉ ॥
ଝାମ୍ପୁରୀ ବାପା - ହାତ ଧରୁଛି ତୋ' ଝାମ୍ପୁରୀ ବଉ - ବାବାଜି ହେବାକୁ ନ ଯିବି ଆଉ ।
କହିଲୁ ଏତେ ଧିକାରି ମୋତେ
ଉଜିର କହଇ ସେତିକି ଥାଉ ।
ଦଉଡି ଆଇଲୋ ଝାମ୍ପୁରୀ ବଉ ।

ଦିଅର - ନୂଆ ବୋହୂ କହ କାଲି ରାତି କଥା ଲୋ ।
ଭାଉଜ - କାହିଁକି ପଚାରି ହେଉ ଉନମତ୍ତାରେ ॥
ଦିଅର - କଅଣ କହୁଥିଲା, ମୋ ଭାଇ ମୋ କଥା ।
ଭାଉଜ - କହୁଥିଲା, ବାହାକରି ଆଣିଲେ ହରିବ ଚିନ୍ତାରେ ॥
ଦିଅର - ମୁଁ ତ ବିଭା ହେବି ନାହିଁ ଶୁଣ ଲୋ ଭାଉଜ ।
ତୋ'ର ସଙ୍ଗେ କରିବି ମୁଁ ପ୍ରୀତିରେ ମଉଜ ॥
ଭାଉଜ - ଆରେ ପଲମ ପେଟା ଗୋଲାମ ବେଟା
ଉଜିରକୁ ନ କହିବୁ କଥାରେ ॥

ରୁଡୁ ମୁଡୁ, ଗୁଡୁ ଗୁଡୁମ ଚଣା କିଏ ସେ ନେବରେ ।
ପଇସାକୁ ଏକା ମହରଗ ନିଅ ଚାଉଳ ଦେବରେ ॥

ଗରମ ମୁଢିକୁ ନଡିଆ ସେତ ଖାଇବାକୁ ବଡ ବଢିଆ
ହୁଡୁମ ଉଖୁଡା ଦୋପାଗି ଭାଇ, ଚାଖିନିଅ ଟିକେ ମାଗି
ନବାତ ଖଜା ମିଠାଙ୍କ ରାଜା ପାଟି ଲାଳେଇ ଯିବରେ । ୧ ।
ସୋଲା ସିଝାରେ ଦେଇଛି ଛୁଙ୍କଟି ପାକୁ ପାଟିଆ ଭାଇର ଝୁଙ୍କଟି
ଘି' ପିଠାକୁ ଛାଣିଛି ଘିଅରେ କାମ ଦେଖିନେଇ ଦାମ୍ ଦିଅରେ
ଉଜିର କହଇ ଏ ବେଳେ ନନେଇ ଆଉବେଳେ ଭାଳି ହେବାରେ । ୨ ।

ରାମ ରହିମ୍ ଦୁଇ ଭାଇ ଏକ କରି ଲେଖ ।
ବୃନ୍ଦାବନେ ଯାହା ଦେଖିଛ ଆଖିବୁଜି ଦେଖ ॥

(କବିଙ୍କର ଝିଅ ପିତାବିବି, ଆଳି ମହଲା ପଡାରେ ବିବାହ କରିଥିଲେ ।
କବି ନିଜେ ବହୁତ ସମୟରେ ଏହି ପଦଟି ଉଚ୍ଚାରଣ କରନ୍ତି ।
କବିଙ୍କର ଏହି କବିତା ପଦଟି ତାଙ୍କ ଝିଅଙ୍କଠାରୁ ସଂଗୃହିତ)

ଛୋଟ ଛୋଟ ଘଟଣାକୁ ନେଇ କଥା କଥାକେ ମୁହୂର୍ତ୍ତକ ମଧ୍ୟରେ କବିତା ରଚନାରେ ଧୁରୀଣ କବି ସାଧାରଣରେ ଆଲୋଚ୍ୟ ଓ ଆକର୍ଷଣୀୟ ହୋଇ ଯାଇଥିଲେ । ଏ ସବୁ କବିତାର ହିସାବ ଖାତା କାଳ ବକ୍ଷରେ ମିଳେଇ ଯାଇଥିବାବେଳେ, କବିଙ୍କର ଗୀତିନାଟ୍ୟ ଇନ୍ଦୁମତୀ-କାଳକେତୁ, ଭକ୍ତ ସୁଧ୍ୱନା, ବବ୍ରୁବାହନ, ଦାନବୀର ହରିଶ୍ଚନ୍ଦ୍ର, ତ୍ରିପୁରାସୁର ବଧ, ଜରାସନ୍ଧ ବଧ, ରାମ ବନବାସ ନାଟକଗୁଡିକ ରାଜକନିକା ଅନ୍ତର୍ଗତ ଆରସା ଗ୍ରାମ ଯାତ୍ରାପାର୍ଟି ଦ୍ୱାରା ରାଜକନିକା, ମତୋ, ପୀରହାଟ, ଘଣ୍ଟେଶ୍ୱର ଆଦି ଅଞ୍ଚଳର ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇଛି । କବିଙ୍କର "ଷୋଳ ପାଲା" ଓ "ଖୁଲଣା ସୁନ୍ଦରୀ" କାବ୍ୟର ପାଣ୍ଡୁଲିପି ଏବେ ଦୁଷ୍ପ୍ରାପ୍ୟ ।

ଉପରୋକ୍ତ ଦୁଷ୍ପ୍ରାପ୍ୟ ଗୀତି-ନାଟ୍ୟ କାବ୍ୟଗୁଡିକୁ ମଞ୍ଚସ୍ଥ କରିଥିବା ଆରସା ଗ୍ରାମ ଯାତ୍ରାଦଳ ମଧ୍ୟରୁ କେତେକ କଳାକାର ଏବେ ମଧ୍ୟ ଜୀବିତ । ବିଭିନ୍ନ ଗୀତିନାଟ୍ୟରେ ଅଂଶ ଗ୍ରହଣ କରିଥିବା ଶ୍ରୀ ସୁଦର୍ଶନ ବେହେରା କଳାକାରଙ୍କ ସ୍ମୃତିରୁ ପାଠକମାନଙ୍କ ଅବଗତି ନିମିତ୍ତ ଆମ୍ଭେ ଯଥା ସମ୍ଭବ ସଂଗ୍ରହ କରି ସେଗୁଡିକ ଏଠାରେ ସନ୍ନିବେଶିତ କରୁଅଛୁଁ ।

ଗହିରିଆ ନଈ ନାଉରିଆ ଭାଇ
ଭଉଁରୀକୁ ଲକ୍ଷ୍ୟକର
ଜୁଆରିଆ ପାଣି ଆସୁଛି ଉଜାଣି
ମଂଗ ଗୋଟି ଟାଣି ଧର ।
ଉଠାଇ ଆସିଲା କଳା ବଉଦଲୋ

ପୂରୁବୁ ଉଠଇ ପାଣି
ଆଗ ମଙ୍ଗ ଗୋଟି ଧରିଥା ଟାଣି
କୂଳେ ଲାଗି ଯାଉ ପୁଣି ।
ନାହିଁରେ ସାନ୍ଦିଆ ବଳ ପାଉନାହିଁ
କଳ ଚଳୁ ନାହିଁ ମୋର
ନଈ ନାଆ କାମ କରି ନ ପାରିବି
ଛାଡି ଦେବି ମୁଁ ଏଥର ।
ଉଠୁଛି ପଡୁଛି ନାବଟି ଗଡୁଛି
ଭୀତି ମାଡୁଛି ଆବର
ପ୍ରଭୁ ଜଗନ୍ନାଥ କୂଳ କର ପ୍ରାପ୍ତ
ଦୁଃଖେ ଭାଷଇ ଉଜିର ।

'ବବ୍ରୁବାହନ' ନାଟକରେ ବବ୍ରୁବାହନର ଯୁଦ୍ଧ ଯାତ୍ରା:

ବହ୍ରୁବାହନ- ଦୂତ ସାଜରେ ଦୂତ ସାଜରେ
ସାଜ ସାଜ ରଥ ଅଶ୍ୱ ଗଜରେ
ଆଜି ରଣେ ଯେବେ ତାକୁ କରିବି ନିଧନ
ପ୍ରତିଜ୍ଞା ମୋହର ଜାଣ ହୋଇବରେ ପୂର୍ଣ୍ଣ
ଦେଲା ଅପମାନ ନୁହେଁ ସହ୍ୟ ରେ (ପଦ)

ଅର୍ଜୁନ- ବବ୍ରୁବାହନଠାରୁ ପରାଜିତ ହୋଇ-
ସଖା ହେ ସାତ୍ୟକୀ ! ଉପାୟ ଏଥିକି
କହ ମୁଁ କେମନ୍ତେ କରିବି
ବୀର ଦର୍ପ ମୋର ଆଜୁଁ ଲୋପ ହେଲା
ନିନ୍ଦା ରବେ ମୁହିଁ ମରିବି
ଗଲେ ହସ୍ତିନାକୁ
କି ବୋଲିବି ସଖା ଗୋବିନ୍ଦଙ୍କୁ (୧)
ଘେନ ହେ ଗାଣ୍ଡିବ ଗୋବିନ୍ଦଙ୍କୁ ଦେବ
କହିବ ଅର୍ଜୁନ ବନେ ଗଲେ
ଛାଡି କ୍ଷତ୍ରୀବୃତ୍ତି ଘେନିଣ ବିଭୂତି
ବନାଶ୍ରମ ଧର୍ମ ଆଚରିଲେ
ଦୀନ ବେଶ ଅଳି

ମୋର ଦୋଷ ନ ଧରିବେ ବନମାଳୀ ।୨।

"ସୁଧନ୍ୱାବଧ" ଗୀତି ନାଟ୍ୟରେ ସୁଧନ୍ୱାଙ୍କ ପିତା ହଂସଧ୍ୱଜଙ୍କ ପ୍ରତି:

ସୁଧନ୍ୱା- କୋପ ପରିହର ଭୋଦେବ ପିଅର!
ହୋଇଛି ହାଜର ଦେବି ପ୍ରାଣ
ସଭାମଧ୍ୟେ ମୋତେ ଛଳାଅନା ଏତେ
ଆଜ୍ଞାକର ଭୃତ୍ୟ ବଧୁ ପ୍ରାଣ
ପୂର୍ଣ୍ଣ ହେଉ ବାଞ୍ଛା
ପ୍ରତିଜ୍ଞା ତୁମ୍ଭର ନୋହୁ ମିଥ୍ୟା
ମାଗୁଛି ମୁଁ ଏତେ ଦିଅ ଆଜ୍ଞା ମୋତେ
ଜନନୀ ଜାୟାଙ୍କୁ ଶେଷ ଦେଖା-
କଲାପରେ ମୋର ଯାହା ଇଚ୍ଛା କର
ଦୂର ହୋଇଯିବ ସବୁଦକା
ସଖା ସର୍ବେଚ୍ଛନ୍ତି
ଦେଖିଣ ଲଭିବେ ମହାତୃପ୍ତି

"ଇନ୍ଦୁମତି କାଳକେତୁ ଗୀତନାଟ୍ୟ" ରେ

ଘନଜଘନାରେ ହଜିଯାଉଛି ମୋ ଚେତା
ଚିନ୍ତା ବୋଝ ଲଦିଦେଲା ସିନ୍ଧୁ-ରାଜା-ସୁତା
ଜାହ୍ନବୀ ତଟ ବିପିନ ବସନ ଭୂଷଣମାନ
ପଡ଼ିଥିଲା ହୋଇ ଜାଣ ଜାରା ଅବସ୍ଥା
ପଠାଇ ଦେଉଛି ପୂର୍ବେ ଜାଣିକି ଦୁଃଖରେ ଥିବେ
ବେଗ ବସି ପଦ ଭାବେ ଏ ଦୁଃଖ କଥା
× × × × ×
ପ୍ରେମମୟ ଅଭିଜିତରେ ସୁରଥ
ଶୁଣ ପ୍ରତିଜ୍ଞା ମୋହର
କାଲି ପ୍ରଭାତରୁ ସମର କରିବ
ଘେନ ଆଦେଶ ମୋହର
ସୂର୍ଯ୍ୟାସ୍ତ ପୂର୍ବରୁ ହୋଇଥିବ ଠୁଳ
ମୋତେ ଶୁଭୁଥିବ ଜୟ ଜୟ ଗୋଳ । (ଇନ୍ଦୁମତୀ କାଳକେତୁ)

୧୯୩୪ ମସିହାରେ ପ୍ରଥମ ମୁଦ୍ରିତ ହୋଇଥିବା କବିଙ୍କର "ଖୁଦୁରୁକୁଣୀ ଓ ତଅପୋଇ ମୋକ୍ଷଣ" କାବ୍ୟ ବିଭିନ୍ନ ସମୟରେ ମୁଦ୍ରିତ ହୋଇ ଆଜି ପର୍ଯ୍ୟନ୍ତ କନିକା ଓ ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳର ପୁରପଲ୍ଲୀରେ ଭାଦ୍ର ସଂଧ୍ୟାରେ ସଂଗୀତର ଯେଉଁ ଆସର ଜମାଏ, ତାହା ଅବିସ୍ମରଣୀୟ । ଏତଦ୍‌ବ୍ୟତୀତ କବିଙ୍କର ପ୍ରକାଶିତ "ବଉଳାଗାଈ ଚରିତ" କ୍ଷୁଦ୍ର କଳେବର ବିଶିଷ୍ଟ ହେଲେ ମଧ୍ୟ ତହିଁରେ ଥିବା କବିତା ଗୁଡିକର ଭାଷା ଓ ଭାବ ଅତ୍ୟନ୍ତ ଉପଜୀବ୍ୟ ଓ ହୃଦ୍ୟ ।

ଧର୍ମ ! ଏ ଶବ୍ଦଟିର ଅର୍ଥ ଯେତେ ବ୍ୟାପକ, ଆମ୍ଭେ ସେତିକି ସାଧାରଣ ମସ୍ତିଷ୍କରେ ମାପିବାକୁ ଏ ପର୍ଯ୍ୟନ୍ତ ସମର୍ଥ ହୋଇପାରିନାହୁଁ । ଏହାର ଅର୍ଥକୁ ବ୍ୟାଖ୍ୟା କରିବସିଲେ ଆମ୍ଭେ ଭୁଲିଯାଉ ସୂର୍ଯ୍ୟର ଧର୍ମ, ପୃଥିବୀର ଧର୍ମ, ପବନର ଧର୍ମ, ଜଳ, ଅଗ୍ନିର ଧର୍ମ ଓ ତତ୍ ସଙ୍ଗେ ସଙ୍ଗେ ମାନବୀୟ ବା ସାର୍ବଜନୀନ ଧର୍ମ । ସେତେବେଳେ ଆମ୍ଭମନକୁ ଆସିଯାଏ କିଏ କେଉଁ ସମ୍ପ୍ରଦାୟର । ଏହା ବ୍ୟକ୍ତିଗତ ରୁଚି ବୋଲି କହି "ଧର୍ମ"କୁ ଆମ ଅକ୍ତିଆର ଭିତରକୁ ନେଇଆସୁ । ଧର୍ମକୁ ଅନୁସରଣ କରୁଥିବା ବ୍ୟକ୍ତି ଜଣକ ପୈତୃକ, ଶୂନ୍ୟବାଦୀ ବା କୌଣସି ଅବତାରୀ ଅନୁସାରୀ ହୋଇପାରେ । ଅର୍ଥାତ୍ ଆମ୍ଭେ ସାଧାରଣତଃ ବୁଝୁ କିଏ କେଉଁ ସମ୍ପ୍ରଦାୟର । ମାତ୍ର ସତ୍ଚକବି ମୀର୍ଜ୍ଜା ଉଜିର ବେଗ ସାଧାରଣ ଧର୍ମ ଭାବନାଠାରୁ ଥିଲେ ଊର୍ଦ୍ଧ୍ୱରେ । ତାଙ୍କ ଧର୍ମଥିଲା ମାନବୀୟ ଓ ସାର୍ବଜନୀନ । ସେ ଏକ ପକ୍ଷରେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ ଓ ଜଗନ୍ନାଥ ଧର୍ମୀ ଥିଲାବେଳେ ଅନ୍ୟପକ୍ଷରେ ହଜରତ୍ ମହମ୍ମଦ ପ୍ରତିଷ୍ଠିତ ଓ ପ୍ରଚାରିତ ଇସ୍‌ଲାମ୍ ଧର୍ମାବଲମ୍ବୀ । ମନ୍ଦିରର ମୁଖଶାଳାରେ ଏହି ମୂର୍ତ୍ତିର ଅବୟବ ତ୍ରିକଚ୍ଛାଯୁକ୍ତ-ଧୋତି ପରିହିତ ହୋଇ ଚନ୍ଦନ-ତୁଳସୀମାଳ ଓ ଉପବୀତରେ ଭୂଷିତ ହେଉଥିବା ଏବଂ ନମାଜ ପାଠ ସମୟରେ ଅଙ୍ଗ ତାଙ୍କର ଲୁଙ୍ଗି ଓ ଧବଳ ଟୋପିରେ ଶୋଭା ପାଉଥିବା ବଡ଼ ବିଚିତ୍ର ବିରୋଧାଭାଷ । ମସ୍‌ଜିଦ୍‌ରେ "ଆଲ୍ଲାହୋ, ଆକବର !" ପ୍ରତିଧ୍ୱନିତ ହେଉଥିବାବେଳେ ମନ୍ଦିର ଗାତ୍ରରେ ପ୍ରତିଧ୍ୱନିତ ହେଉଥାଏ, "ହରିବୋଲ ! ହରିବୋଲ !"

ସୁନ୍ନୀ ମୁସଲମାନ ବଂଶରେ ଜନ୍ମ ନେଇଥିଲେ ମଧ୍ୟ ସାଧାରଣରେ ହିନ୍ଦୁସମାଜରେ ଆଦୃତ ଓ ଗୃହୀତ ଏହି ମହାନ୍ ବ୍ୟକ୍ତିଙ୍କର ପୋଷାକ ଥିଲା ତ୍ରିକଚ୍ଛାମରା ଧୋତି ଖଣ୍ଡେ ଓ ହାଫ୍ ସାର୍ଟ । ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟରେ ଗୃହୀତ ଏହି ମହାତ୍ମାଜଣକ ପିଲାଙ୍କ ପାଖରେ ପିଲା, ବୃଦ୍ଧଙ୍କ ପାଖରେ ବୃଦ୍ଧ ଓ କଳାପ୍ରେମୀଙ୍କ ପାଖରେ କଳାକାର ଭାବରେ ପରିଚିତ ହୋଇ ଯୁବକଙ୍କୁ ଯୌବନଦୀପ୍ତିରେ ଅଭିମନ୍ତ୍ରିତ କରି ସମସ୍ତଙ୍କୁ ଆପଣେଇ ନେବାର କଳାରେ ପରିପୂର୍ଣ୍ଣ କବି ଏବେ ମଧ୍ୟ ଜନ ମାନସରେ ଜୀବିତ । କବିଙ୍କୁ ହିନ୍ଦୁ ଦେଖୁଥିଲା ପୁରାଣ ପନ୍ଥା ଦୃଷ୍ଟିରେ । ମୁସଲମାନ ଦେଖୁଥିଲା କାଜି ସାହେବଙ୍କ ଦୃଷ୍ଟିରେ । ଏଣୁ କବିଙ୍କ ପାଇଁ ମନ୍ଦିର ମସ୍‌ଜିଦ୍ ଦ୍ୱାର ସଦା ଥିଲା ଉନ୍ମୁକ୍ତ । ରାଜକନିକାର ବଡ଼ାଗର ଗ୍ରାମରେ ବିଜେ

ଆରାଧ୍ୟ ଦେବ "ଗୋପୀନାଥ ଜୀଉ"ଙ୍କ ମନ୍ଦିରକୁ କବି ପ୍ରତ୍ୟହ ଯାଇ ସେଠାରେ ଜୀଉଙ୍କ ସମ୍ମୁଖରେ ସମାଧିସ୍ଥ ହେବା କ୍ୱଚିତ୍ ହିନ୍ଦୁ ପଦବୀଧାରୀ ସାଧାରଣ ମଣିଷ ପକ୍ଷରେ ସମ୍ଭବ ହୋଇପାରେ । ସେତେବେଳେ କୃଷ୍ଣ-ନିବେଦିତ-ଆକୁଳ-କବିପ୍ରାଣ ଅଶ୍ରୁମୋଚନ କରି ବ୍ୟାକୁଳ ହୋଇ ଉଠୁଥିଲା ପରମ-ପଦ ଲାଭ ଆଶାରେ । ଯବନ ଭକ୍ତ କବି ସାଲବେଗଙ୍କ କ୍ଷେତ୍ରରେ ଦେଖାଯାଏ :

"ବାପ ମୋ ମୋଗଲ ପୁଅ ମାଆ ମୋ ବ୍ରାହ୍ମଣୀ ।
ଏ କୁଳେ ଜନମି ହିନ୍ଦୁ ନ ପାଏ ମୋ ପାଣି ।"

ବ୍ୟକ୍ତି-ଗୁଣ ଧର୍ମ ବିଚାରକୁ ନେଲେ ସାଲବେଗ ହିନ୍ଦୁଧର୍ମ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ । ସାଧାରଣତଃ ସନ୍ତାନ ସନ୍ତତିମାନଙ୍କ ଉପରେ ପିତା ଅପେକ୍ଷା ମାତାର ପ୍ରଭାବ ଅଧିକ କ୍ରିୟାଶୀଳ । ଏଣୁ ସାଲବେଗ ହିନ୍ଦୁଧର୍ମ ବା ହିନ୍ଦୁ ସଂସ୍କୃତିକୁ ଆପଣେଇ ନେବାରେ କିଛି ବିଚିତ୍ରତା ନାହିଁ । କାରଣ ହିନ୍ଦୁତ୍ୱ ଏକ ଧର୍ମ ନୁହେଁ, ଏହା ଆଚାର ସମ୍ପନ୍ନ । ମାତ୍ର ଉଜିର ବେଗଙ୍କ କ୍ଷେତ୍ରରେ ଏହା ଏକ ବ୍ୟତିକ୍ରମ । କାରଣ ତାଙ୍କର ପିତାମାତା ସମ୍ପୂର୍ଣ୍ଣ ଭାବେ ରକ୍ଷଣଶୀଳ ସୁନ୍ନୀ ମୁସଲମାନ ସମ୍ପ୍ରଦାୟର । ଏପରିସ୍ଥଳେ କବି ହିନ୍ଦୁ ଧର୍ମ ଓ ଆଚାର ପ୍ରତି ଅଧିକ ଆକୃଷ୍ଟ ହେବାର କାରଣ ପରମ୍ପରାଗତ ଓ ପାରିବାରିକ ନ ହୋଇ ବରଂ ସାମାଜିକ ପ୍ରଭାବରୁ ହୋଇଥାଇପାରେ ।

କବିଙ୍କର "ନଦୋହ୍ସବ" ଗୀତିନାଟ୍ୟ ରାଗାନୁଗା ମାର୍ଗର ନିଶ୍ଚିତ । ଯେଉଁମାନେ ମତ ଦିଅନ୍ତି ଯେ ବୈଷ୍ଣବ ସନ୍ନ୍ୟାସୀ ରାମଦାସଙ୍କ ଦ୍ୱାରା କବି ଦୀକ୍ଷିତ ହୋଇ ତାହାଙ୍କ ପ୍ରଭାବରେ କୃଷ୍ଣ ପ୍ରେମରେ ଅଭିଭୂତ ହୋଇଛନ୍ତି, ଏପରି ମତକୁ ଆମ୍ଭେ ଏହିପରି ଖଣ୍ଡନ କରିପାରୁ ଯେ ରାମଦାସ ହେଉଛନ୍ତି ଛଦ୍ମବେଶୀ ସ୍ୱାଧୀନତା ସଂଗ୍ରାମୀ । ଛଦ୍ମବେଶରେ ସନ୍ନ୍ୟାସୀ ବେଶରେ ଆସି କୃଷ୍ଣ ନାମର ମାହାତ୍ମ୍ୟ ପ୍ରଚାର କରୁଥିଲେ ଓ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାପାଇଁ କନିକାବାସୀଙ୍କୁ ପ୍ରବର୍ତ୍ତାଇ ଥିଲେ । ଯଦୁମଣି ମଙ୍ଗରାଜ, ମଧୁସୂଦନ ପଟ୍ଟନାୟକଙ୍କୁ ଗୋପନରେ ଆମନ୍ତ୍ରଣ କରି ଗଞ୍ଜା, ଆୟତନ ଓ କଣ୍ଟପଡ଼ାରେ ସଭା କରାଇଥିଲେ । କନିକାରେ ତାଙ୍କର ରହଣି କାଳ ୧୯୨୧ ମସିହା ଜୁଲାଇ ୨ ତାରିଖରୁ ୧୦ ତାରିଖ, ଜୁଲାଇ ୨୪ ତାରିଖରୁ ଅଗଷ୍ଟ ୩ ତାରିଖ, ଅଗଷ୍ଟ ୯ତାରିଖରୁ ସେପ୍ଟେମ୍ବର ୨୮ତାରିଖ ଏବଂ ଏହି ଶେଷ ଦିନରେ ଅର୍ଥାତ୍ ୧୯୨୧ ସେପ୍ଟେମ୍ବର ୨୮ ଦିନ ତାଙ୍କୁ ପୋଲିସ୍ ଆରେଷ୍ଟ କରିଥିଲା । ଏଣୁ ଏହି ସ୍ୱଳ୍ପ ସମୟ ମଧ୍ୟରେ ସେ ଯେ କନିକାର ଏକମାତ୍ର ଉଜିର ବେଗଙ୍କୁ ଦୀକ୍ଷା ଦେଇଥିଲେ ଓ ଉଜିର ବେଗ କୃଷ୍ଣଭକ୍ତ ହୋଇଗଲେ - ଏହା ଅସମ୍ଭବ ମନେହୁଏ । ମାତ୍ର ଦେଖାଯାଏ ଉଜିର ବେଗ ଯେ କେବଳ କୃଷ୍ଣ ଭକ୍ତ ଥିଲେ ତାହା ନୁହେଁ । "ନଦୋହ୍ସବ" କାବ୍ୟରୁ ପ୍ରାରମ୍ଭରେ ଶାରଳା ବନ୍ଦନା, ତହିଁରେ ଶିବସ୍ତୁତି ଓ ଗଣେଶ ସ୍ତୁତି ସନ୍ନିବେଶିତ । 'ନାଉରିଆ' କବିତାରେ ଜଗନ୍ନାଥଙ୍କୁ

ଜଣାଣ । "ଖୁଦୁରୁକୁଣୀ ଓ ତଅପୋଇ ମୋକ୍ଷଣ" କାବ୍ୟରେ ମଙ୍ଗଳାଙ୍କ ବନ୍ଦନା । ଏଣୁ କବି ସକଳ ମାର୍ଗକୁ ଅବଲମ୍ବନ ପୂର୍ବକ ହିନ୍ଦୁ ସଂସ୍କୃତିକୁ ଆପଣେଇ ନେବା ଦୃଢ଼ ନିଶ୍ଚିତ । ତେବେ ସର୍ବ ଧର୍ମ ସମନ୍ୱୟରେ କବି ଯେ ନୂତନ ଏକ ମାର୍ଗରେ ନିଜକୁ ପରିଚାଳିତ କରିଛନ୍ତି ଏହା ମଧ୍ୟ ନିଶ୍ଚିତ । ଏହାର କାରଣ ହୁଏତ ନିମ୍ନମତେ ସମ୍ଭବ ହୋଇପାରେ ।

କନିକାର ଗ୍ରାମେ ଗ୍ରାମେ ବହୁଳ ମଠ ମନ୍ଦିର ଓ ତହିଁ ମଧ୍ୟରେ ବିରାଜିତ ରାଧାକୃଷ୍ଣ ଶିବ-ଦୁର୍ଗା, କାଳୀ ଓ ଜଗନ୍ନାଥ ଆଦି ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ପୂଜା ପାର୍ବଣଯୁକ୍ତ ପର୍ବପର୍ବାଣି ଓ ଯଥାବିଧି ସମାହିତ ହୋଇଆସୁଥିବା ଧର୍ମୀୟ ପରିବେଶ କବିଙ୍କୁ ବହୁ ଭାବରେ ଆପ୍ୟାୟିତ ଓ ଆକୃଷ୍ଟ କରିଥାଇପାରେ ।

କନିକାରେ ଫାଲ୍‌ଗୁନ ଶୁକ୍ଲଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅସଂଖ୍ୟ ସଜ୍ଜୀଭୂତ ଆକର୍ଷଣୀୟ ମନୋରୋମ ହୋଲି ବିମାନରେ ବିରାଜିତ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପାଞ୍ଚଦିନ ବ୍ୟାପୀ ପାଞ୍ଚଗୋଟି ମେଳଣ ପଡ଼ିଆକୁ ବିଭିନ୍ନ ଗ୍ରାମରୁ ଝାଞ୍ଜ, ଢ଼ୋଲ, ତେଲିଙ୍ଗୀ, ମହୁରୀ, ଝାମ୍ପ, ତୁରୀ ଆଦି ବାଦ୍ୟ ସହ ଚଳମାନ ବିମାନ ସମ୍ମୁଖରେ ମାଲମାଲ ବୈଜୟନ୍ତୀ, ରଙ୍ଗ ବେରଙ୍ଗ ଛତା, ଆଢ଼େଣି ଯୁକ୍ତ ହୋଇ ପଟୁଆରରେ ବିଭିନ୍ନ ଦିଗରୁ ବାଣ, ରୋଷଣୀ ସହ ରାତ୍ରିକାଳରେ ବିଜେ କରୁଥିବା ସମୟରେ ମନୋହର, ଚିତ୍ତାକର୍ଷକ ଦୃଶ୍ୟ ବେଗ କବିଙ୍କ ହୃଦୟକୁ ଭକ୍ତି-ରସାପ୍ଲୁତ କରିଥିବ -ଏଥିରେ ସନ୍ଦେହ ନାହିଁ । ସମ୍ଭବତଃ କବି କୃଷ୍ଣ ରସାପ୍ଲୁତ ଭାବରେ ଅଧିକ ମାତ୍ରାରେ ଆକର୍ଷିତ ହୋଇଥିବେ ଏବଂ ସେହି କାରଣରୁ ଗୃହ ନିକଟସ୍ଥ ବଡ଼ାଗର ଗ୍ରାମକୁ ଯାଇ ଦୈନିକ ଗୋପୀନାଥ ଜୀଉଙ୍କୁ ମନ୍ଦିରରେ ଦର୍ଶନ କରୁଥିଲେ ।

ଭକ୍ତି-ମତି-ରମଣୀ-କୃଷ୍ଣଭକ୍ତା କନିକା ପଟ୍ଟ ମହିଷୀ ରାଧାମାଳୀପାଟ ମହାଦେଇଙ୍କର କବି ଅତ୍ୟନ୍ତ ପ୍ରିୟ କର୍ମଚାରୀ ଓ ଦପ୍ତରୀ ଭାବରେ ଅତି ନିକଟତମ ହୋଇଥିବାରୁ ହିନ୍ଦୁ ପୁରାଣଶାସ୍ତ୍ର ଓ ଧର୍ମ ପୁସ୍ତକଗୁଡ଼ିକୁ ରାଣୀଙ୍କ ସହାୟତାରେ ଲାଭକରି ସେ ସକଳ ପଠନ କରିବାର ସୁଯୋଗ ପାଇଥିଲେ ଓ ରାଣୀଙ୍କର ରାଗାନୁଗା-ପ୍ରେମରେ ମୁଗ୍ଧ ହୋଇ ରାଣୀଙ୍କ ମାର୍ଗ ଅବଲମ୍ବନ ଓ ଅନୁସରଣ କରିଥିବା ସ୍ୱାଭାବିକ । ଅବଶ୍ୟ ରାଧାମାଳୀଙ୍କର କବିତ୍ୱ ଓ ଭକ୍ତିମତି ବେଗ କବିଙ୍କୁ ପ୍ରଭାବିତ କରିଛି-ଏହା ଜନଶ୍ରୁତିରେ ଉଦ୍‌ଜୀବିତ ।

ପକ୍ଷାନ୍ତରେ ରାଜଦରବାରରେ ଜଣେ କର୍ମଚାରୀଭାବରେ ହିନ୍ଦୁମାନଙ୍କ ସହ ବନ୍ଧୁତା ଓ ସେମାନଙ୍କର ପର୍ବପର୍ବାଣିରେ କବିଙ୍କର ଯୋଗଦାନ ଓ ହିନ୍ଦୁ-ସାଂସ୍କୃତିକ-ବିଚାରଧାରା କବିଙ୍କୁ ବେଶ୍ ପ୍ରଭାବିତ କରିଥାଇପାରେ ।

ହିନ୍ଦୁଧର୍ମଶାସ୍ତ୍ରାଦିରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବେଗ କବି ଧର୍ମକୁ ଆଧାର କରି କେବଳ ଯେ କାବ୍ୟ କବିତା ରଚନା କରିଅଛନ୍ତି, ଏକଥା ନୁହେଁ । ବରଂ ତାଙ୍କ ରଚିତ ବଉଳାଗାଈ ଚରିତ, ଦାନବୀର ହରିଶ୍ଚନ୍ଦ୍ର ଓ ଇନ୍ଦୁମତୀକାଳକେତୁ ଆଦି ଗୀତିନାଟ୍ୟ ସେହି

ଧର୍ମୀୟ ଚେତନାରୁ ସୃଷ୍ଟି ହୋଇ କବିଙ୍କ ମାନବୀୟ ଧର୍ମ ଓ ଗୁଣକୁ ଅଧିକ ପରିପ୍ରକାଶ କରେ । କବି ଜଣେ ଧର୍ମବନ୍ତ ପୁରୁଷ ଓ ଚରିତ୍ରବାନ୍ ବ୍ୟକ୍ତି ଥିବା କାରଣରୁ ସମାଜରେ ବଢୁଥିବା ମଣିଷକୁ ଧର୍ମଧାରାରେ ମାଖିମୁଖି ସଚ୍ଚରିତ୍ର ସମ୍ପନ୍ନ କରିବା ବ୍ୟତୀତ ତାଙ୍କର ଅନ୍ୟକିଛି ଲକ୍ଷ୍ୟ ନ ଥାଇପାରେ ।

କବି ଥିଲେ ଦୟାବନ୍ତ, ସୁଶୀଳ, ପରୋପକାରୀ ଓ ସହାନୁଭୂତିଶୀଳ । ମାନବ ପ୍ରେମ ଥିଲା ତାଙ୍କର ମୁଖ୍ୟ ଧର୍ମ । ଏଣୁ ସେ ସର୍ବ ଜନାଦୃତ । ଜୀବନର ଅନ୍ତିମ ସମୟ ୧୯୩୭ ମସିହା ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ହିନ୍ଦୁ ସଂସ୍କୃତି, ହିନ୍ଦୁ ଆଚାର ଓ ହିନ୍ଦୁଧର୍ମ ମଧ୍ୟରେ ବୁଡ଼ି ରହି କବି ସ୍ୱର୍ଗାରୋହଣ କଲେ । ଏହି ଦୁଃଖର ଦିନଟି କନିକାବାସୀଙ୍କ ପାଇଁ ଅତ୍ୟନ୍ତ କଠୋର ଥିଲା ଓ ବିଶେଷ କରି ତାଙ୍କର ମୃତ୍ୟୁ ସମ୍ବାଦରେ ରାଜକନିକାରେ ଶୋକର ଛାୟା ଖେଳି ଯାଇଥିଲା ।

ବେଗ କବିଙ୍କର କାବ୍ୟ ସଂସାରରେ ତାଙ୍କର ଶ୍ରେଷ୍ଠକୃତି ବୃହତ୍ କଳେବର ବିଶିଷ୍ଟ "ନନ୍ଦୋତ୍ସବ" ଗୀତିନାଟ୍ୟ । ତିନିଶତ ଅଠତିରିଶ ଗୋଟି କବିତାର ସମାହାରରେ ସମ୍ପୂର୍ଣ୍ଣ ହୋଇଥିବା ଏହି ଗୀତିନାଟ୍ୟ ସର୍ବପ୍ରଥମେ ରାଜକନିକାର ଆରସା ଗ୍ରାମରେ ସ୍ଥାୟୀଭାବରେ ମଞ୍ଚସ୍ଥ ହୋଇଥିଲା ୧୯୨୮ ମସହାରେ । ଗୀତିନାଟ୍ୟ-ସାହିତ୍ୟର ସକଳ ଆଙ୍ଗିକ ଓ ଆତ୍ମିକ ସମ୍ପଦକୁ ବହନ କରୁଥିବା "ନନ୍ଦୋତ୍ସବ"ରେ ଭାଷାରେ ସାରଲ୍ୟ, ମାଧୁର୍ଯ୍ୟ ଓ ଲାଳିତ୍ୟର ବିଶେଷ ସମାବେଶ ହେତୁ ଏହି "ମଞ୍ଚ ମନୋରମା"କୁ ଉପଭୋଗ କରିବା ନିମିତ୍ତ ସେ ସମୟରେ ରାଜନଗର, ରିଘାଗଡ଼, ଗୁପ୍ତି, ତାଳଚୁଆ,ଡ଼ାଙ୍ଗମାଳ, ଘଣ୍ଟେଶ୍ୱର, ମତୋ ଓ ଚାନ୍ଦବାଲି ଅଞ୍ଚଳରୁ ଦର୍ଶକ ଦର୍ଶିକା ବୁଡ଼ା, ଚାଉଳ ସଙ୍ଗରେ ଧରି ରାଜକନିକା ଅଞ୍ଚଳରେ ଅସ୍ଥାୟୀ ଶିବିର ପକାଇ ରହୁଥିଲେ । ଅନେକ ଦର୍ଶକ-ଦର୍ଶିକା ପାର୍ଶ୍ୱବର୍ତ୍ତୀ ଗ୍ରାମରେ ବନ୍ଧୁଘରେ ରହି ଆରସା ଗ୍ରାମରେ ଏହି ଗୀତିନାଟ୍ୟକୁ ନବରାତ୍ର ବ୍ୟାପୀ ଉପଭୋଗ କରୁଥିଲେ । ୧୯୨୮ ମସିହାରେ ଆରସା ଗ୍ରାମରେ ଏକ ବିଚିତ୍ର ଘଟଣାକୁ କେନ୍ଦ୍ରକରି ଏହି 'ନନ୍ଦୋତ୍ସବ' ଗୀତିନାଟ୍ୟ ମଞ୍ଚସ୍ଥ ହୋଇଥିଲା । ଉକ୍ତ ଗ୍ରାମ କାଳୀପଣ୍ଡାଙ୍କ ଘରେ ଏକ ଛୋଟିଆ ଚୋରି ହେଲା । ଏହା ବାହାର ଗ୍ରାମ ଚୋରଙ୍କ କାର୍ଯ୍ୟ ନ ହୋଇ ସେହି ଗ୍ରାମ ଚୋରଙ୍କ କାର୍ଯ୍ୟବୋଲି ଗ୍ରାମବାସୀ ଅନୁଭବ କଲେ । ଗ୍ରାମରେ ନିଶାପ ବସିଲା । ଚୋର ଧରା ନ ପଡ଼ିବାରୁ ଠାକୁରଙ୍କ ପାଖରେ ଶପଥପାଠ ବା ନିୟମ କରିବାକୁ ଗ୍ରାମବାସୀଙ୍କଦ୍ୱାରା ନିଶାପରେ ସ୍ଥିର ହେଲା । ଏହି ନିୟମ ପୁଣି ଗ୍ରାମଦେବତାଙ୍କ ପାଖରେ ନୁହେଁ । ଖୋଦ ଆରଡ଼ି ଆଖଣ୍ଡଳମଣିଙ୍କ ପାଖରେ । ତା' ପରଦିନ ସକାଳୁ ଗାଧୋଇ ପାଧୋଇ ଘରପିଛା ଜଣେ ଲେଖାଏଁ ମୂରବୀ ଆରଡ଼ି ଅଭିମୁଖେ ବାହରିଲେ । ଆରଡ଼ି ଯିବାକୁ ହେଲେ ପଙ୍କି ଗୋପାଳପୁର ଗ୍ରାମ ନିକଟରେ ସାଳନ୍ଦୀ ଓ ବୈତରଣୀର ମିଳନ ସ୍ଥଳ ତିନିତାର ଘାଟପାର ହେବାକୁ ପଡ଼େ । ଘାଟିଆ ଏତେ ଲୋକଙ୍କୁ ଏକ ସମୟରେ

ଦେଖି ଓ ସେମାନଙ୍କର କଥାବାର୍ତ୍ତାରୁ କିଛି ଠଉରାଇ ସନ୍ଦେହ ହେବାରୁ ଘଟଣା ବିଷୟରେ ସେମାନଙ୍କଠାରୁ ପଚାରି ବୁଝିଲା ଓ ନଦୀ ପାରିକରି ଦେବାକୁ ସଫା ମନା କରିଦେଲା । ତା' ବିଚାରରେ ଗ୍ରମବାସୀମାନଙ୍କୁ ମଧ୍ୟରୁ କୌଣସି ପରିବାରରୁ କେହି ଜଣେ ନିଶ୍ଚିତ ଚୋରି କରିଥିବ । ସେହି ପରିବାର ଦୋଷ ମାନି ନଥିବାରୁ ଶିବ ମନ୍ଦିରକୁ ସମସ୍ତେ ଆସିଛନ୍ତି । ଏଣୁ ନଦୀ ପାର ହେବାକୁ ବସିଥିବା ଲୋକଙ୍କ ମଧ୍ୟରେ ନିଶ୍ଚିତ ଚୋରି କରିଥିବା ପରିବାରର ଲୋକ ଥିବ । ତାକୁ ପାରିକରିବା ସମୟରେ ନାବ ଦୁର୍ଘଟଣାର ସମ୍ମୁଖୀନ ହେବା ନିଶ୍ଚିତ । ଧର୍ମ ବିଶ୍ୱାସୀ ଘାଟିଆ ଏହି ସିଦ୍ଧାନ୍ତରେ ଉପନୀତ ହୋଇ ଘାଟ ପାର କରିବାକୁ ମନା କରିଦେବାରୁ ଗ୍ରାମବାସୀ ସେଠାରୁ ଘରକୁ ଫେରି ଆସିଥିଲେ ।

ଅସ୍ଥାୟୀଭାବରେ ମଞ୍ଚସ୍ଥ ହେଉଥିବା ୧୯୨୬ ମସିହାରୁ 'ନନ୍ଦୋତ୍ସବ' ଗୀତିନାଟ୍ୟଟି ସମ୍ପୂର୍ଣ୍ଣ ହୋଇ ସ୍ଥାୟୀ ଭବରେ ମଞ୍ଚସ୍ଥ ହେବା ଅପେକ୍ଷାରେ ଥାଏ । କବି ଶତ ଉଦ୍ୟମ କରିଥିଲେ ମଧ୍ୟ ବୃହତ୍ କଳେବର ବିଶିଷ୍ଟ 'ନନ୍ଦୋତ୍ସବ' ନାଟକକୁ ନବରାତ୍ର ବ୍ୟାପୀ ମଞ୍ଚସ୍ଥ କରିବାକୁ ସାହାସ ବାନ୍ଧି କବିଙ୍କୁ କେହି ଭରସା ଦେଇପାରୁନଥାନ୍ତି । କୁଆ ରାବିବାକୁ, ତାଳ ପଡ଼ିବାକୁ । କବିଙ୍କୁ କିଛି ଗୁଣିଚୁଣି ମାଲୁମ୍ ଥିଲା । କେତେବେଳେ କାହାକୁ ଜ୍ୱର ହେଲେ ବା ଡାହାଣୀ ଲାଗିଲେ ସେ ଝାଡ଼ି ଫୁଙ୍କି ଦିଅନ୍ତି । ଅଥବା ରୋଗୀ ତରଫରୁ କେହି ଆସିଲେ ତାକୁ କହନ୍ତି, 'ଯାଅ, କହିବୁ । ଉଜିର ବେଗ କହିଛି ଭଲ ହୋଇଯାଅ ।" ଏହି ବିଶ୍ୱାସରେ ରୋଗୀ ମଧ୍ୟ ଆରୋଗ୍ୟ ଲାଭ କରିଯାଏ ।

ଏତଦ୍‌ବ୍ୟତୀତ କବି ଏତେ ସ୍ନେହୀ, ଉଦାର ଓ ଅମାୟିକ ଯେ ତାଙ୍କଠାରେ ପର ଆପଣା ଭାବ କଦାପି ପରିଦୃଷ୍ଟ ହୁଏ ନାହିଁ । କୌଣସି ଏକ ଗାଁକୁ ଯାଇଥିଲେ ଦାଣ୍ଡରେ ଯଦି ପିଲାଟି କାନ୍ଦୁଥାଏ, କବି ସେଠାରେ ପହଞ୍ଚି ତା'ର ଆଖିରୁ ଲୁହ ପୋଛି ଦେଇ, ସ୍ନେହପୂର୍ଣ୍ଣ ଭାଷାରେ ପିଲାକୁ ଆଶ୍ୱାସନା ଦେଇ ତା'କୁ ତା'ର ମା' ପାଖରେ ଅର୍ପଣ ନ କଲା ପର୍ଯ୍ୟନ୍ତ ସେ ସ୍ଥାନ ପରିତ୍ୟାଗ କରୁନଥିଲେ । ଏଣୁ କବି ଥିଲେ ସର୍ବ ସାଧାରଣରେ ଅତ୍ୟନ୍ତ ପ୍ରିୟ ଓ ବିଶ୍ୱାସ ଭାଜନ ।

ଆରସା ଗ୍ରାମର ଏହି ଚୋରି ଘଟଣାଟି କବିଙ୍କ ପାଇଁ ଅପୂର୍ବ ସୁଯୋଗ ଆଣିଦେଲା । ଏହି ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା କନିକାରାଜ-ଉପାଧିପ୍ରାପ୍ତ ନିଧି ସୁନ୍ଦର ରାୟଙ୍କ ସହ ଅନ୍ୟ କେତେଜଣ କବିଙ୍କ ପାଖରେ ପହଞ୍ଚି ଚୋର ଧରିବା ପାଇଁ ତାଙ୍କ ସହ ପରାମର୍ଶ କଲେ । ଗୁଣିଆ ବେଗ କବି ସେମାନଙ୍କୁ ଦୃଢ଼ ଜବାବ ଦେଲେ ଯେ ସେ ନିଶ୍ଚୟ ଚୋର ଧରି ଦେବେ । ଏକଥା ଗ୍ରାମରେ ପ୍ରଚାରିତ ହୋଇଗଲା । ଚୋରି ଜିନିଷ ନିଧି ସୁନ୍ଦର ରାୟଙ୍କ ମାଧ୍ୟମରେ କାଳୀପଣ୍ଡା ପାଇଲେ । ମାତ୍ର ଚୋରର ନାମ ଏ ପର୍ଯ୍ୟନ୍ତ ପ୍ରକାଶ ପାଇପାରିନାହିଁ ।

ଗ୍ରାମବାସୀ କବିଙ୍କ ଦ୍ୱାରା ଉପକୃତ ହେବାରୁ ଓ କୃଷ୍ଣପ୍ରେମୀ ବେଗ କବିଙ୍କର ବଡ଼ାଗର ଗ୍ରାମସ୍ଥ ପ୍ରସିଦ୍ଧ ଦେବତା ଗୋପୀନାଥ ଜୀଉଙ୍କ ପ୍ରତି ଅଚଳା ଭକ୍ତି ଥିବାରୁ ଚୋରି ଜିନିଷ ମିଳିପାରିଛି ବୋଲି ଦୃଢ଼ ନିଶ୍ଚିତ ହେଲେ । କୃତଜ୍ଞତା ସ୍ୱରୂପ କୃଷ୍ଣଲୀଳା ସମ୍ବଳିତ "ନନ୍ଦୋତ୍ସବ" ଗୀତିନାଟ୍ୟକୁ ଆରସା ଗ୍ରାମରେ ବାରବର୍ଷ ପାଇଁ ଓ ପ୍ରତିବର୍ଷ ନବରାତ୍ର ବ୍ୟାପୀ ମଞ୍ଚସ୍ଥ କରିବାକୁ ପ୍ରତିଜ୍ଞାବଦ୍ଧ ହେଲେ । ନିଧି ସୁନ୍ଦର ରାୟଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଗୀତିନାଟ୍ୟ ମଞ୍ଚସ୍ଥ ହେବାପାଇଁ ସମସ୍ତ ପର୍ବ ଆରମ୍ଭ ହୋଇଗଲା । ଉତ୍ସାହୀ ଯୁବକ ଏକଜୁଟ ହେଲେ । ସେ ସମୟରେ ରାଜନଗର ଅନ୍ତର୍ଗତ ମହିଷାସୁର ଗ୍ରାମ ନିବାସୀ ବୃନ୍ଦାବନ ତାଡୁ ଖ୍ୟାତନାମା ଓସ୍ତାଦ୍ ଥା'ନ୍ତି । ତାଙ୍କୁ ନିମନ୍ତ୍ରଣ କରାଗଲା । ହାଡ଼ିବନ୍ଧୁ ମହାରଣା (ଓସ୍ତାଦ୍) କଣ୍ଟପଡ଼ା, ରାଜକନିକା, ଚେମେଇ ନାୟକ(ମର୍ଦ୍ଦଳ ବାଦକ), ଆରସା, ନୃସିଂହ ନାୟକ, ଗଭାଡ଼ିଆ ଓ ଦୈତାରି ନାୟକ, ବଡ଼ାଗର(ହାରମୋନିୟମ ଧାରକ) ଭାବରେ ଯୋଗଦାନ କରି ଆଖଡ଼ା ଆରମ୍ଭ କଲେ । ଅନ୍ୟମାନେ ଆରସା ଗ୍ରାମ ନିକଟବର୍ତ୍ତୀ ହୋଇଥିବାରୁ କେବଳ ବୃନ୍ଦାବନ ତାଡୁ ସ୍ଥାୟୀ ବେତନ ଭୋଗୀ ହୋଇ ଆରସା ଗ୍ରାମରେ ରହିଲେ ।

'ନନ୍ଦୋତ୍ସବ' ଆଖଡ଼ା ଆରମ୍ଭ ହେବା ପୂର୍ବରୁ ଏହି ଗ୍ରାମ ସନ୍ନିକଟ ମହୁରି ଗାଁରେ ଭାଦ୍ରବମାସ ଜନ୍ମାଷ୍ଟମୀ ତିଥିରେ ହରିଜନ୍ମ ଉପଲକ୍ଷ୍ୟେ ଭାଗବତ ପାଠ କରାଯାଏ ଓ ପଠନ ସମୟରେ ସେଥିରୁ କେତେକ ଦୃଶ୍ୟ ଅଭିନୀତ ହୁଏ । ଜଣେ ଭାଗବତ ପାଠକ ଦଶମସ୍କନ୍ଧ ବହି ଧରି ପାଠ କରନ୍ତି । ସେହି ପଠନକୁ ଅନୁକରଣ କରି ଭାଗବତ ଗାଦି ସମ୍ମୁଖ ଗ୍ରାମ ଦାଣ୍ଡରେ ତହିଁରୁ କେତେକ ମୁଖ୍ୟ ଚରିତ୍ରଙ୍କ ଦୃଶ୍ୟ ପ୍ରଦର୍ଶିତ ହୁଏ । ସେଠାରେ ଆକର୍ଷଣୀୟ ଏହା ଯେ ଅଭିନେତାଗଣ ଶୋଲରେ ତିଆରି ହୋଇଥିବା ଅସୁରମାନଙ୍କର ଅବିକଳ ମୁଖାଗୁଡ଼ିକ ପିନ୍ଧି ମଞ୍ଚ ଉପରକୁ ଆସି ନିଜ ନିଜର ଅଭିନୟ ଦର୍ଶକମାନଙ୍କର ସମ୍ମୁଖରେ ପ୍ରଦର୍ଶନ କରୁଥିଲେ । ଏହା ଅତ୍ୟନ୍ତ ଚିତ୍ତ ଉଲ୍ଲାସକ ଥିବାରୁ ଆରସାରେ ଆଖଡ଼ା ଆରମ୍ଭ ହେବାମାତ୍ରେ ମୁଖାଗୁଡ଼ିକ ଧାର ଅଣାଯାଇ ନନ୍ଦୋତ୍ସବ ମଞ୍ଚସ୍ଥ କରାଗଲା ।

୧୯୨୮ ମସିହା ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ତିଥିରେ ଆରସାଗ୍ରାମ ମଧ୍ୟ ଭାଗରେ ଅଦ୍ୟାବଧି ବିଦ୍ୟମାନ ଥିବା ଭାଗବତ ଘର ସମ୍ମୁଖ ଦାଣ୍ଡରେ ପ୍ରଥମେ ଏହି "ନନ୍ଦୋତ୍ସବ" ଗୀତି ନାଟ୍ୟ ମଞ୍ଚସ୍ଥ କରାଗଲା । ନବରାତ୍ର ବ୍ୟାପୀ ମଞ୍ଚସ୍ଥ ହେଉଥିବା ଏହି ଗୀତିନାଟ୍ୟର ବ୍ୟୟ ଭରଣା ପାଇଁ ସନ୍ଧ୍ୟାବେଳେ ସଂକୀର୍ତ୍ତନ ମାଧ୍ୟମରେ ପାର୍ଶ୍ୱବର୍ତ୍ତୀଗ୍ରାମର ପ୍ରତିଘରୁ ଧାନ, ଚାଉଳ ଓ ଟଙ୍କା ଆକାରରେ ମାଗଣ କରାଯାଇ ଅବଶିଷ୍ଟ ନିଅଣ୍ଟ ଅର୍ଥକୁ ଆରସା ଗ୍ରାମ ଫଣ୍ଡରୁ ଭରଣା କରାଗଲା । ଏହି ଧାରାକୁ ପରବର୍ତ୍ତୀ ବର୍ଷଗୁଡ଼ିକରେ ଅନୁସରଣ କରାଯାଇ ସୁରୁଖୁରୁରେ "ନନ୍ଦୋତ୍ସବ" କୃଷ୍ଣଲୀଳା ତା'ର ସ୍ଥିତିକୁ ସୁଦୃଢ଼ କଲା ଆରସା ଗ୍ରାମରେ ।

ଧର୍ମୀୟ ଧାରଣା ମଣିଷକୁ ବହୁ କାର୍ଯ୍ୟରେ ଏକାଠି କରି ବାନ୍ଧି ରଖିଥାଏ । ବିଶେଷକରି ଗାଁ ଗହଳରେ ସାଂସ୍କୃତିକ ଅନୁଷ୍ଠାନ ଗଠନରେ ଗୋଷ୍ଠୀ ବଦ୍ଧତା ପାଇଁ ଏହା ଏକ ଚରମ ପନ୍ଥା । ଏହି ପନ୍ଥା ଅବଲମ୍ବନରେ 'ନନ୍ଦୋତ୍ସବ' ଗୀତିନାଟ୍ୟ ମଞ୍ଚସ୍ଥ ହେବା ପୂର୍ବରୁ ଭବିଷ୍ୟତରେ ଏଥିପାଇଁ ବିଶୃଙ୍ଖଳାକୁ ଏଡ଼ାଇ ଦେବା ଉଦ୍ଦେଶ୍ୟରେ ଆରସା ଗ୍ରାମବାସୀ ଭାଗବତ ଗାଦି ସମ୍ମୁଖରେ ପୁନର୍ବାର ପ୍ରତିଜ୍ଞାବଦ୍ଧ ହୁଅନ୍ତି । ଏହି ଗୀତିନାଟ୍ୟ ମଞ୍ଚସ୍ଥ କାଳରେ ଏତେ ଭାବରେ ଆକର୍ଷଣୀୟ ହେଲା ଯେ ତୃତୀୟବର୍ଷରେ ଭାଗବତ ଗାଦି ସାମନା ପ୍ରଶସ୍ତ ଦାଣ୍ଡରେ ଦର୍ଶକମାନଙ୍କ ସଂଖ୍ୟା ଆଶାତୀତ ହୋଇଗଲା । ନିରୁପାୟ ହୋଇ ଗ୍ରାମବାସୀ ଏକ ଚରମ ପନ୍ଥା ଅବଲମ୍ବନ କଲେ ।

ଦାଣ୍ଡସୀମାକୁ ଲାଗି ନବୀନ ବେହେରା ଓ ଗୋପାଳ ବେହେରାଙ୍କର ଗୋଟେ ଖଞ୍ଜାଏ ଘର ଥାଏ । ଅବଶ୍ୟ ବେହେରାଙ୍କ ଦୁଇଟି ବିବାହିତ ଝିଅ ଶ୍ୱଶୁର ଘରେ ରହନ୍ତି । କୁଟୁମ୍ବ ଘରେ ମାତ୍ର ଦୁଇଜଣ । ଗ୍ରାମବାସୀ ତାଙ୍କୁ ଅନୁରୋଧ କଲେ । ନବୀନ ବେହେରା ଗ୍ରାମବାସୀଙ୍କୁ ଅନୁରୋଧରେ ତିଳେ ମାତ୍ର କୁଣ୍ଠିତ ନହୋଇ ନିଜ ଖଞ୍ଜାଘରରୁ ଦାଣ୍ଡ ପାର୍ଶ୍ୱରୁ ଅର୍ଦ୍ଧେକ ଭାଙ୍ଗି ଦେବାକୁ ଅନୁମତି ଦେଇଦେଲେ । ତୃତୀୟ ବର୍ଷ ଦ୍ୱିତୀୟ ଦିନରେ ଘରଭଙ୍ଗା ଯାଇ ସୁରୁଖୁରୁରେ ମଞ୍ଚ ନାଟକ ଚାଲିଲା । ଏଥିରୁ ଗ୍ରାମବାସୀ ଓ ନବୀନ ବେହେରାଙ୍କ "ନନ୍ଦୋତ୍ସବ" ଗୀତିନାଟ୍ୟ ପ୍ରୀତି ସହଜରେ ଅନୁମେୟ ।

ନାଟକରେ କଳାକାରମାନଙ୍କ ସାଜସଜ୍ଜା ପାଇଁ ବର୍ତ୍ତମାନ ପରି ପେଣ୍ଟିଂ ଦ୍ରବ୍ୟର ବ୍ୟବହାର ପ୍ରାୟ ନଥିଲା । ଅଙ୍ଗ ସଜ୍ଜା ପାଇଁ ପୋଡ଼ା ନଡ଼ିଆ ଷଢ଼େଇ କଳା, ଫୁଲଖଡ଼ି, ହଳଦୀ ଓ ସିନ୍ଦୂର ଥିଲା ପ୍ରଧାନ ପେଣ୍ଟିଂ ଦ୍ରବ୍ୟ । କଳାକାରମାନେ ନିଜ ନିଜ ଘରୁ ବା ପଡ଼ୋଶୀ ଘରୁ ଲୁଗାପଟା ଓ ଅଳଙ୍କାର ଆଦି ଆଣନ୍ତି ।

ନାଟ୍ୟମଞ୍ଚ ଆଲୋକିତ କରିବା ନିମିତ୍ତ ନଡ଼ିଆକତା ଗୁଣ୍ଡ, ଘଷି ମୁଣ୍ଡା ଓ ଧାନଚଷୁର ମିଶ୍ରଣ କରାଇ ତାକୁ ଖରାରେ ଶୁଖାଇ ଦିଆଯାଏ । ସେତକ ଶୁଖିଯିବା ପରେ ତାକୁ ଅଖାପଟିରେ ପୂରାଇ ଲୁହା ତାର ସାହାଯ୍ୟରେ ଗୁଡ଼େଇ ବାନ୍ଧିଦିଆଯାଏ ଓ ତାହାକୁ ବଳିତା ରୂପେ ବ୍ୟବହାର କରାଯାଏ । ବଡ଼ ମାଟି ପଲମରେ ରେଡ଼ି ତେଲ ରଖାଯାଇ ସେହି ବଳିତାକୁ ସେଥିରେ ସ୍ଥାନିତ କରି ତହିଁରେ ଅଗ୍ନିସଂଯୋଗ କରାଯାଏ । ମଞ୍ଚରେ ଚାରିପଟେ ତିନିଫୁଟ ଉଚ୍ଚତା ବିଶିଷ୍ଟ ଚାରିଗୋଟି ବାଉଁଶ ଖଣ୍ଡର ଉପର ଅଂଶ ଚିରାଯାଇ ତାକୁ ଚାରିଆଡ଼କୁ ଏପରି ଛତରା କରି ଦିଆଯାଏ ଯେପରିକି ମାଟି ପଲମଟି ତହିଁ ଉପରେ ସହଜରେ ରହିପାରିବ । ଏହି ଉପାୟ ଅବଲମ୍ବନରେ ତିନି ବର୍ଷ ମଞ୍ଚ ଆଲୋକିତ କରିବା ପରେ କନିକା ରାଜାଙ୍କ ସୁପାରିଶରେ ରାଜବାଟୀରୁ ପେଟ୍ରୋମାକ୍ସ ଲାଇଟ୍ ନିଆଯାଇ ମଞ୍ଚ ଆଲୋକିତ କରାଗଲା ।

ଆରସା ଗ୍ରାମ ଦାଣ୍ଡ ମଝିରେ ତିନିବର୍ଷ ନନ୍ଦୋତ୍ସବ ମଞ୍ଚସ୍ଥ ହେବାପରେ ବର୍ଷକୁ ବର୍ଷ ଦର୍ଶକ ସଂଖ୍ୟା ବଢ଼ିବାରୁ ସ୍ଥାନଟି ସଂକୀର୍ଣ୍ଣ ହେଲା । ଏଣୁ ଗ୍ରାମର ଦକ୍ଷିଣ ମୁଣ୍ଡରେ ବିଜେ କରିଥିବା ଗ୍ରାମ ଦେବତୀ ସାହାଡ଼ା ସୁନ୍ଦରୀ ଠାକୁରାଣୀ ସମ୍ମୁଖ ପ୍ରାଙ୍ଗଣରେ ନାଟ୍ୟମଞ୍ଚ ଚତୁର୍ଥ ବର୍ଷରେ ପ୍ରସ୍ତୁତ ହୋଇ ସେଠାରେ ନାଟକ "ନନ୍ଦୋତ୍ସବ" ଚାଲିଲା । ନୂତନ ସ୍ଥାନରେ ଏତିକି ସୁବିଧା ହେଲା ଯେ ଜାଗାଟି ପ୍ରଶସ୍ତ ହୋଇଥିବା କାରଣରୁ ସେଠାରୁ ପ୍ରାକୃତିକ ଦୃଶ୍ୟ ପ୍ରଦର୍ଶନ କରାଯାଇପାରିଲା ।

କାଳୀୟଦଳନ ଦୃଶ୍ୟରେ ମଞ୍ଚ ପାର୍ଶ୍ୱରେ କାଳିନ୍ଦୀ ହ୍ରଦର ନମୁନା ସ୍ୱରୂପ ଏକ ଛୋଟିଆ ଚାରିକୋଣିଆ ଗଡ଼ିଆ ଖୋଳି ଦିଆଯାଇ ତହିଁରେ ପାଣି ଭରି ଦିଆଯାଏ । ଗାଁ ପୋଖରୀରୁ ଫୁଲ ଧରିଥିବା କଇଁଫୁଲ ଗଛଗୁଡ଼ିକୁ ଉପାଡ଼ି ଆଣି ତହିଁରେ ପୋତି ଦିଆଯାଏ । ହ୍ରଦକୁ ଲାଗି ଛୋଟ ଚାଳିଘରଟିଏ ନିର୍ମିତ ହୋଇ ତାହା କାଳୀନାଗୁଣୀର ବାସସ୍ଥଳୀ ରୂପେ ବ୍ୟବହୃତ ହୁଏ । କୃଷ୍ଣ ପଦ୍ମଫୁଲ ତୋଳୁଥିବା ସମୟରେ କାଳୀ ନାଗୁଣୀ ତହିଁ ମଧ୍ୟରୁ ବହିର୍ଗତ ହୋଇ ପିଷ୍‌ବୋର୍ଡ଼ ନିର୍ମିତ ନିଜ ଫଣାରେ କୃଷ୍ଣକୁ ଦଂଶନ କରେ । ପରେ ଗୋପାଳ ପିଲାଏ ଅଚେତ ହୋଇ ପଡ଼ିଥିବା କୃଷ୍ଣଙ୍କୁ ଆଣି ମଞ୍ଚରେ ଶୁଆଇ ଦିଅନ୍ତି ।

ସେହିପରି ବସ୍ତ୍ରହରଣ ଦୃଶ୍ୟରେ କଦମ୍ବ ବୃକ୍ଷର ନମୁନା ସ୍ୱରୂପ ଜାମୁଡ଼ାଳ ମଞ୍ଚ ପାର୍ଶ୍ୱରେ ପୋତାଯାଇ ବସ୍ତ୍ରହରଣ ଦୃଶ୍ୟ ମଞ୍ଚସ୍ଥ ହୁଏ ଏବଂ ଡାଳ କାନ୍ଧି ସହ ତାଳପତ୍ର ମଞ୍ଚ ପାର୍ଶ୍ୱରେ ପୋତାଯାଇ ତାଳବଣରେ ଧେନୁକାସୁର ବଧ ସମାପ୍ତ ହୁଏ । କନିକା ଇଷ୍ଟେଟ୍‌ର ରାଜକର୍ମଚାରୀଙ୍କୁ ନେଇ ୧୯୧୧ ମସିହାରୁ ଏକ ଥିଏଟର ପାର୍ଟି ଗଠିତ ହୋଇ 'ନନ୍ଦୋତ୍ସବ' ଆରମ୍ଭ ହେବା ପର୍ଯ୍ୟନ୍ତ ମଧ୍ୟ ସକ୍ରୀୟ ଥାଏ । ଏହି ଥିଏଟର ଦଳରେ କଳାକାର ଭାବେ ଇଷ୍ଟେଟ୍ ଦେୱାନଙ୍କଠାରୁ ଆରମ୍ଭ କରି ଚପରାଶୀ ପର୍ଯ୍ୟନ୍ତ ରହିଥାନ୍ତି । ଥିଏଟର ଘର ରାଜନବରକୁ ଲାଗି ପଶ୍ଚିମ ପାର୍ଶ୍ୱରେ ନିର୍ମିତ ହୋଇଥାଏ । ଏହି ଥିଏଟର ରାଜା, ରାଣୀ ଓ ରାଜକର୍ମଚାରୀଙ୍କ ଚିତ୍ତ ବିନୋଦନ ପାଇଁ ବିଶେଷ ଭାବେ ଉଦ୍ଦିଷ୍ଟ ଥିଲା ଓ ପ୍ରଜାମାନେ ମଧ୍ୟ ସେଠାକୁ ଯାଇ ଉପଭୋଗ କରୁଥିଲେ । ଏହାବାଦ୍ ସମୟେ ସମୟେ ଯାତ୍ରାଦଳ ବାହାରୁ ଆସି ରାଜବାଟୀରେ ନାଟକ ମଞ୍ଚସ୍ଥ କରିଥାନ୍ତି ।

୧୯୩୪ ମସିହାରେ ଯାତ୍ରାଦଳଟିଏ ବାହାରୁ ଆସି ରାଜାଙ୍କ ଅନୁମତିକ୍ରମେ ଦଶହରା ସମୟରେ ରାଜବାଟୀରେ ଯାତ୍ରା ଆରମ୍ଭ କରିଥାନ୍ତି । ସେହି ଦଶହରା ସମୟ ଅବଧିରେ ନବରାତ୍ର ବ୍ୟାପୀ ନନ୍ଦୋତ୍ସବ ଆରମ୍ଭ ହୋଇଯାଇଥାଏ । ନୂଆ ଯାତ୍ରାଦଳ ଆସିଥିବାରୁ ରାଜବାଟୀରେ ଦର୍ଶକମାନଙ୍କର ଭିଡ଼ । ରାଜବାଟୀରେ ଯାତ୍ରାହେବାର ଥିବାରୁ ସେ ଦିନ 'ନନ୍ଦୋତ୍ସବ' ମଞ୍ଚସ୍ଥ ହେବା ପ୍ରାୟ ନିଶ୍ଚିତ ନ ଥିଲା । ଏଣୁ ଦର୍ଶକମାନେ ରାଜବାଟୀକୁ ଚାଲିଯାଇଥାନ୍ତି । ଅନ୍ୟପକ୍ଷରେ 'ନନ୍ଦୋତ୍ସବ' -ଭାଗବତ-କୃଷ୍ଣଲୀଳା ।" ଯାତ୍ରା ହେଉଥିବା କାରଣରୁ ଏହାକୁ ସେହଦିନ ମଞ୍ଚସ୍ଥ ନକରିବା ଅସମୀଚୀନ ଓ ଅବିଧି

ମଧ୍ୟ । ଏ ବିଷୟକୁ ବିଚାରକୁ ନେଇ ସେଦିନ "ନନ୍ଦୋତ୍ସବ" ବିଳମ୍ବରେ ମଞ୍ଚସ୍ଥ ହେଲା । ଆରସା ଗ୍ରାମକୁ ରାଜବାଟୀ ନିକଟ ପ୍ରାୟ । କନସାର୍ଟ ବାଜିଲାମାତ୍ରେ "ନନ୍ଦୋତ୍ସବ" ଆରମ୍ଭ ହେବା ବିଷୟରେ ଦର୍ଶକମାନେ ଦୃଢ଼ ନିଶ୍ଚିତ ହୋଇଗଲେ । ହାତ ଗଣତି କେତେଜଣ ଦର୍ଶକଙ୍କୁ ଛାଡ଼ିଦେଲେ ଅବଶିଷ୍ଟ ଦର୍ଶକ ରାଜବାଟୀରେ ଯାତ୍ରା ମଞ୍ଚ ପାର୍ଶ୍ୱ ପରିତ୍ୟାଗ କରି "ନନ୍ଦୋତ୍ସବ ମଞ୍ଚ" ନିକଟରେ ଆସି ପହଞ୍ଚିଗଲେ । ତେଣେ ରାଜବାଟୀରେ ଦର୍ଶକ ସଂଖ୍ୟା ବିଶେଷ ହ୍ରାସ ଘଟିବାରୁ ଯାତ୍ରା ଦଳ ନିରୁତ୍ସାହିତ ହେଲେ । ରାଜା କାରଣ ଖୋଜି ଜାଣିଲେ ଯେ "ନନ୍ଦୋତ୍ସବ" ଗୀତିନାଟ୍ୟ ଏସବୁ ଅଘଟଣର କାରଣ । ସେଦିନ ପାଇଁ ରାଜବାଟୀରେ ମଞ୍ଚସ୍ଥ ହେଉଥିବା ଯାତ୍ରା ସ୍ଥଗିତ ରହିଲା । ରାଜା ପରଦିନ ଉଜିର ବେଗଙ୍କୁ ଡ଼କେଇ ବିରକ୍ତି ସ୍ୱରରେ ପଚାରିବାରୁ ବେଗ ଉତ୍ତରରେ କହିଲେ ଯେ "ନନ୍ଦୋତ୍ସବ" ଭାଗବତ-କୃଷ୍ଣଲୀଳା ଅଟେ । ଏହାକୁ ବନ୍ଦ କରାଯିବା ଅବିଧି । ରାଜା ଏ ଉତ୍ତର ପାଇ ସନ୍ତୁଷ୍ଟ ହେଲେ ।

'ନନ୍ଦୋତ୍ସବ' ଦର୍ଶକଗଣଙ୍କୁ ଏପରି ଆକର୍ଷଣ ଓ ମୁଗ୍ଧ କରିପାରେ ବୋଲି ରାଜା ସେଦିନ ଏ ଘଟଣାରୁ ଉପଲବ୍ଧି କରିପାରିଥିଲେ । ଶେଷଦିନ କଂସ ବଧ । ଦଶହରା ପଦାରୁ ରାଜା ଫେରି ଭୋଜନାଦି ନିତ୍ୟକର୍ମ ସମାପନ କରେ ମଧୁ ଡ୍ରାଇଭର ରାଜାରାଣୀଙ୍କୁ ମୋଟରରେ ବସାଇ ଚାଲିଲା ଆରସା ଗ୍ରାମ ଅଭିମୁଖେ । ନାଟ୍ୟମଞ୍ଚ ପ୍ରାଙ୍ଗଣକୁ ଲାଗି ଜିଲ୍ଲା ବୋର୍ଡ଼ ରାସ୍ତା । ସେହିଠାରେ ଅଟକି ଗଲା ରାଜାଙ୍କ ଗାଡ଼ି । ସମସ୍ତେ ଆଶ୍ଚର୍ଯ୍ୟ । ରାଜା ଓ ରାଣୀ ଗାଡ଼ିରୁ ଓହ୍ଲେଇ ପଡ଼ିଲେ । ଅତ୍ୟନ୍ତ ଉଲ୍ଲାସରେ ରାଜାରାଣୀଙ୍କୁ ପାଛୋଟି ନେଇଗଲେ କର୍ମ-କର୍ତ୍ତାଗଣ । ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ରାଣୀ ରାଧାମାଳୀ ପାଟ ମହାଦେଈ ସ୍ୱ ସ୍ୱ ଆସନରେ ଉପବେଶନ କଲେ ମଞ୍ଚ ପାର୍ଶ୍ୱରେ । ରାତି ପାହିଗଲା । ମଥୁରାଧିପତି ପ୍ରବଳ ପ୍ରତାପୀ କଂସାସୁର କୃଷ୍ଣଙ୍କ କଳେବର ସନ୍ଦର୍ଶନରେ ମଞ୍ଚାରୁ ପଡ଼ି ସ୍ୱର୍ଗାରୋହଣ କଲା । ନାଟକର ପରିସମାପ୍ତି ଘଟିଲା ସେହିଠାରେ । ରାଜାରାଣୀଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ଆରସା ଗ୍ରାମ ନିଧିସୁନ୍ଦର ରାୟକୁ ଡ଼ାକି ରାଜବାଟୀରେ "ନନ୍ଦୋତ୍ସବ" ମଞ୍ଚସ୍ଥ କରିବାକୁ ରାଜା ନିର୍ଦ୍ଦେଶ ଦେଇଗଲେ । ତଦନୁସାରେ ରାଜବାଟୀରେ ବସ୍ତ୍ରହରଣ, ରାସ, ଓ କଂସ ବଧ ଦୃଶ୍ୟ ତିନିରାତି ମଞ୍ଚସ୍ଥ ହେଲା । ରାଜାରାଣୀ ଅତ୍ୟନ୍ତ ମୁଗ୍ଧ ହୋଇଗଲେ । ପରବର୍ତ୍ତୀ ସମୟରେ କନିକାକୁ କୌଣସି ରାଜ ଅତିଥି ଆସିଲେ ରାଜାଙ୍କ ନିର୍ଦ୍ଦେଶରେ ନନ୍ଦୋତ୍ସବ ମଞ୍ଚସ୍ଥ ହୁଏ ରାଜବାଟୀର ଚାନ୍ଦିନୀ ଅଗଣାରେ ।

"ନନ୍ଦୋତ୍ସବ" ଗୀତିନାଟ୍ୟ ମଞ୍ଚସ୍ଥ କରିବା ନିମିତ୍ତ ନିଜେ କବି ବିଭିନ୍ନ ଗ୍ରାମରୁ ବାଛିବାଛି କଳାକାରମାନଙ୍କୁ ଆଣିଥାନ୍ତି । କଳାକାରମାନେ ମଧ୍ୟ ଆଗ୍ରହର ସହ ଏଥିରେ ଯୋଗଦାନ କରିଥାନ୍ତି । ଓସ୍ତିଆ ଗ୍ରାମ ସାନନ୍ଦ ନାଥଙ୍କ ପୁତ୍ର ପଦନ ନାଥ "ନନ୍ଦୋତ୍ସବ"ରେ ଜଣେ କଳାକାର । ଆଖଡ଼ାରେ ଦୁଇଦିନ କାଳ ପଦନର ଅନୁପସ୍ଥିତି ଦେଖି ତୃତୀୟ ଦିନରେ ଉଜିର ବେଗ ନିଜେ ଓସ୍ତିଆ ଗ୍ରାମକୁ ଯାଇ ସାନନ୍ଦ ନାଥକୁ ପଚାରିଲେ, "ସାନନ୍ଦ ଭାଇ !

ପଦନ କ'ଣ ଦି' ଦିନ ହେଲା ଆଖଡ଼ାକୁ ଆସୁନାହିଁ ?" ସାନନ୍ଦ ନାଥ ରୋକ୍‌ଠୋକ୍ ମନା କରି କହିଲେ ଯେ ପଦନ ଆଖଡ଼ାକୁ ଆଉଯିବ ନାହିଁ । ଗାଈଗୋରୁ ଦିଟାକୁ ଟିକେ ଚରାଚରି କରେଇବ । ଏତକ ଶୁଣିଲାପରେ ବେଗ କହିଲେ, "ସେ ନଯିବ କେମିତି ! ମୋର ବାଇଶି ବର୍ଷର ଭେଣ୍ଡିଆ ପୁଅ ଯଦି ମରିଯାଏ, ସେଥିରେ ମୋର ଯେତେ ଚିନ୍ତା ନାହିଁ , ପଦନ ଆଖଡ଼ାକୁ ନଗଲେ ମୋର ତହୁଁ ଅଧିକ ଚିନ୍ତା ।" ସାନନ୍ଦ ନାଥ କିଛି ଉତ୍ତର ନକରି ପଦନକୁ କହିଲେ, "ଯଦି ଇମିତି କଥା ତେବେ ଯାଅ।" ଏଥିରୁ ଉଜିର ବେଗଙ୍କର କଳାପ୍ରୀତି ଓ ନନ୍ଦୋତ୍ସବ ପ୍ରେମ ପାଠକବର୍ଗ ସହଜରେ ଅନୁମାନ କରିପାରୁଥିବେ ।

ବେଗ୍ କବି ସଂସାରୀ ଥାଇ ସାଂସାରିକ ଜଞ୍ଜାଳଠାରୁ ସର୍ବଦା ଦୂରରେ ରହିବାକୁ ଚେଷ୍ଟା କରୁଥିଲେ । ଚାକିରି ଯଦିଓ ତାଙ୍କର ମୁଖ୍ୟ ଜୀବିକା ଥିଲା, ସେ ସେଥିରେ ବିଶେଷ ଲିପ୍ତ ରହୁ ନ ଥିଲେ । ତାଙ୍କ ଆଚରଣ ଓ କବିତ୍ୱରେ ରାଜାରାଣୀ ତଥା ରାଜ କର୍ମଚାରୀ ବିଶେଷ ଆପ୍ୟାୟିତ ଥିବାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବ୍ୟତୀତ ସାଧାରଣ କାର୍ଯ୍ୟରେ ସେ ବିଶେଷ ଭାବରେ ନିୟୋଜିତ ହେଉ ନ ଥିଲେ । ରାଜ ଦପ୍ତରକୁ ଅନେକ ସମୟରେ ନ ଯାଇ ପଥପ୍ରାନ୍ତରେ ବା ନିଜ ଘରେ କାବ୍ୟ କବିତା ଲେଖିବାରେ ବହୁ ସମୟରେ ନିମଗ୍ନ ରହୁଥିଲେ । ବିଶେଷ କରି ତାଙ୍କ ଘର ସମ୍ମୁଖ ବରଗଛ ମୂଳ ଥିଲା ତାଙ୍କ ଲେଖନୀ ଚାଳନାର ପୀଠସ୍ଥଳୀ । ପକେଟ୍‌ରେ ଛୋଟ ଟିପା ଖାତାଟିଏ ଓ ପେନ୍‌ସିଲ୍ ଖଣ୍ଡେ । ଯେତେବେଳେ ଯାହା ମନକୁ ଆସେ, ସେହିଠାରେ ସେ ଟିପା ଖାତାକୁ ଉଠିଯାଏ । ପରେ ଟ୍ରେଜେରୀ ଗାର୍ଡ଼ ନରସିଂହ ସ୍ୱାଇଁଙ୍କ ପାଖରେ ଏସବୁ ଗୀତ ଓ ସ୍ୱର ଶୁଣେଇ ଦୁଇ ବାଲ୍ୟବନ୍ଧୁ ଭାରି ଖୁସି ହୁଅନ୍ତି ।

କଣ୍ଟପଡ଼ା ଗ୍ରାମ ନନ୍ଦ ସେଠାଙ୍କ ଘରେ ପ୍ରଥମେ ନନ୍ଦୋତ୍ସବ ଆଖଡ଼ା ଆରମ୍ଭ ହେଲା । ଆରସା ଗ୍ରାମର ଶେଷମୁଣ୍ଡରେ ଏ ଗ୍ରାମଟି । ତା'ପରେ ଆରସା ଗୋପୀନାଥ ଦାଶଙ୍କ ଘରେ ଆଖଡ଼ା ଚାଲିଲା । ନିଜ ଘର ପାଖକୁ ଆରସାକୁ ଆସିବା ବାଟରେ ପଡ଼େ କଣ୍ଟପଡ଼ା । ଏଠାରେ କେତୋଟି ଦୋକାନ ଥାଏ । ତା' ମଧ୍ୟରେ ଏକମାତ୍ର ଜଳଖିଆ ଦୋକାନଟି ହେଉଛି ଏହି ଗ୍ରାମ ସୂର୍ଯ୍ୟମଣି ଦାଶଙ୍କର । କବିଙ୍କ ଆସିବା ପଥକୁ ପିଲାମାନେ ଅପେକ୍ଷା କରିଥାନ୍ତି । କବି ସେ ଦୋକାନରୁ ସେହି ଆଖଡ଼ା ପିଲାଙ୍କୁ ମୁଢ଼ି, ଉଖୁଡ଼ା, ଖୁଡୁମା ଓ ହୁଡୁମ୍‌ର ଏକ ମିଶ୍ରଣ ଖାଇବାକୁ ଦେଇ ଅତ୍ୟନ୍ତ ଖୁସି ହୁଅନ୍ତି । ଆଖଡ଼ା ଘର ଆଲୁଅ କରିବା ପାଇଁ କଣ୍ଟପଡ଼ାରୁ କିରୋସିନି ଆସେ । ତେଲ ଆଣିବା ପାଇଁ ପିଲାମାନଙ୍କ ମଧ୍ୟରେ ଚାଲେ ଟଣାଓଟରା । କାରଣ ତେଲ ଆଣିବାକୁ ଯିବା ପିଲା କବିଙ୍କ ଠାରୁ ଦୁଇପଇସାର ମୁଢି ଉଖୁଡାର ପାରିଶ୍ରମିକ ପାଇଥାଏ ।

'ନନ୍ଦୋତ୍ସବ' ନାଟକରେ ନନ୍ଦ ମହାରାଜଙ୍କ ଭୂମିକାରେ ନିଜେ ବେଗ୍ କବି ଅବତୀର୍ଣ୍ଣ ହୁଅନ୍ତି । ଏହା ଏକ ଧର୍ମ ବିରୋଧି କାର୍ଯ୍ୟ ଭାବରେ ଆଳି ଏବଂ ଭଦ୍ରକ ମୁସଲମାନ

ସମ୍ପ୍ରଦାୟ ତରଫରୁ କେତେକ ବ୍ୟକ୍ତି କନିକା ରାଜଦରବାରରେ ଅଭିଯୋଗ ବାଢ଼ିବାରୁ ରାଜା ଉତ୍ତର ଦେଲେ, "ପୁରୁଷ ହୋଇ ସ୍ତ୍ରୀ ପାର୍ଟ କଲେ ତୁମର ଯଦି କିଛି ଆପତ୍ତି ନାହିଁ, ତେବେ ଉଜିର ନନ୍ଦ ପାର୍ଟ କରିବାରେ ତୁମର ଏତେ ଆପତ୍ତି କାହିଁକି ? ଏହାଦ୍ୱାରା ପୁରୁଷ ସ୍ତ୍ରୀ ହୁଏ ନାହିଁ କି ମୁସଲମାନ ହିନ୍ଦୁ ହୁଏ ନାହିଁ।" ମୁସଲମାନ ଭାଇମାନେ ରାଜାଙ୍କର ବିଚାରରେ ସନ୍ତୋଷ ଲାଭ କରି ସ୍ୱ ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ।

ତଥାପି ଭଦ୍ରକ ମୁସଲମାନ ବନ୍ଧୁମାନେ ପୂର୍ଣ୍ଣମାତ୍ରାରେ ସୁଖୀ ନଥିଲେ। ନନ୍ଦୋତ୍ସବ ମଞ୍ଚସ୍ଥ ହେଉଥିବା ସମୟରେ ଷୋହଳ ଜଣ ମୁସଲମାନ ବନ୍ଧୁ ଆସି ବେଗ୍ କବିଙ୍କ ଘରେ ପହଞ୍ଚିଲେ। ସେମାନଙ୍କର ଉଦ୍ଦେଶ୍ୟ କବିଙ୍କୁ ଅଜ୍ଞାତ ଥିଲା। ତେବେ କବିଙ୍କର କାର୍ଯ୍ୟକଳାପ ଉପରେ ସେମାନେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। ସେମାନଙ୍କ ଆଗମନରେ କବି ହତ ଚକିତ ହୋଇଗଲେ ଓ ସେମାନେ ତିନି ଦିନ ତାଙ୍କ ଘରେ ଅବସ୍ଥାନ କରିବେ ବୋଲି ଉଜିରଙ୍କୁ ଶୁଣେଇ ଦେଲେ। ସେମାନଙ୍କୁ ତିନିଦିନର ଆତିଥ୍ୟ ପ୍ରଦାନ କରିବାର ଆର୍ଥିକ ସ୍ୱଚ୍ଛଳତା କବିଙ୍କର ନଥିଲା। ନିରୁପାୟ ହୋଇ ଆରସା ନିଧି ସୁନ୍ଦର ରାୟଙ୍କ ପାଖରେ ପହଞ୍ଚି ଘଟଣା ବିଷୟରେ ତାଙ୍କୁ ଅବଗତ କରାଇଲେ। ସୁନ୍ଦର ରାୟଙ୍କ ପାଖରେ ପହଞ୍ଚି ଘଟଣା ବିଷୟରେ କବି ତାଙ୍କୁ ସମସ୍ତ ଅବଗତ କରାଇଲେ। ସୁନ୍ଦର ରାୟଙ୍କ ନିର୍ଦ୍ଦେଶରେ ଗାଁ ପୋଖରୀରୁ ମାଛ ଧରାଗଲା। ଗାଁରୁ ଚାଉଳ ଆଦାୟ କରାଗଲା। କଣ୍ଟପଡ଼ା ଦୋକାନରୁ ସଉଦା କିଣା ହୋଇ ବେଗ କବିଙ୍କ ଘରକୁ ପଠାଇ ଦିଆଗଲା। ମୁସଲମାନ ବନ୍ଧୁମାନେ କବିଙ୍କର ଘରେ ତିନି ଦିନ ରହି ନନ୍ଦୋତ୍ସବରେ ବେଗ କବିଙ୍କୁ ନନ୍ଦ ଭୂମିକାରେ ଦେଖି ଅତ୍ୟନ୍ତ ପ୍ରୀତ ହୋଇ ଭଦ୍ରକ ପ୍ରତ୍ୟାବର୍ତ୍ତନ କଲେ।

ରସିକ ବେଗ୍ କବି ଥିଲେ ହାସ୍ୟରସ ସୃଷ୍ଟି କରିବାରେ ଧୂରୀଣ। କବି ଗତିକଲେ ହାସ୍ୟରସର ସ୍ରୋତ ତାଙ୍କୁ ଅନୁସରଣ କରିଥାଏ। ୧୯୩୭ ମସିହା। କବି ହଠାତ୍ ରକ୍ତାକ୍ତ ଅବସ୍ଥାରେ କାନ୍ଦି କାନ୍ଦି ରାଜବାଟୀରେ ରାଜା ରାଜେନ୍ଦ୍ରଙ୍କ ଗୋଡ଼ତଳେ ଯାଇ ପଡ଼ିଗଲେ। "ହଜୁର୍ !ମରିଗଲି !ମରିଗଲି !ରକ୍ଷା କରନ୍ତୁ ! ମୋତେ ହରି ବାହାଦୂର ହାଣି ପକେଇଲା।" ରାଜା ଉଜିରର ଏକ ରୂପ ଦେଖି ଛାନିଆ ଓ ଅସ୍ତବ୍ୟସ୍ତ ହୋଇପଡ଼ିଲେ। ଗେଟ୍ ପାଖରେ ଥିବା ହେଡ୍ ୱାର୍ଡ଼ର ହରି ବାହାଦୂରକୁ ସଙ୍ଗେ ସଙ୍ଗେ ତଲବ କରିନେଲେ। ଉଜିର ସେହିପରି ରାଜାଙ୍କ ପଛପଟରେ ବସି କାନ୍ଦୁଥା'ନ୍ତି। ବାହାଦୂର ପହଞ୍ଚିଲା ମାତ୍ରେ ତା'ଉପରକୁ ଗର୍ଜି ଉଠିଲେ ରାଜା। ସିଂହ ବିକ୍ରମରେ ଚାବୁକ ଧରି ପିଟିବାକୁ ଉଦ୍ୟତ ହୁଅନ୍ତେ ପାର୍ଶ୍ୱରେ ନକୁଳ ବାରିକ୍ ଓ ନାରାୟଣ ସାମଲ କର ଯୋଡ଼ି ରାଜା ସାହେବଙ୍କୁ ଅବଗତ କରାଇଦେଲେ, "ହଜୁର !ଏପ୍ରିଲ୍, ଫୁଲ୍ !" ରାଜକ୍ରୋଧ ଅଗ୍ନିରେ ଜଳ ତୁଲ୍ୟ ସହସା ପ୍ରଶମିତ ହେଲା। ବେଗ କବି ପାଞ୍ଚଟଙ୍କାର ରାଜକୃପା ଲାଭ କରି ରାଜା ସାହେବଙ୍କୁ କୁର୍ଣ୍ଣିସ୍ ଜଣାଇ ଫେରିଲେ। ସାଙ୍ଗସାଥୀଙ୍କ ସହ ଜଳ ଯୋଗରେ କବିଙ୍କର ସେ ଦିନଟି ସୁଖରେ କଟିଗଲା।

ସୁଖ ତଳେ ଦୁଃଖ ନିଭୃତରେ ଛପି ରହି ଆତ୍ମପ୍ରକାଶ କରିଥାଏ । ସେହି ୧୯୩୭ ମସିହାଟି ଆଣିଥିଲା ଦୁଃଖର ଦିନ । "ଏପ୍ରିଲ୍ ଫୁଲ୍"ର କବି ଜୁଲାଇ ଚଉଦରେ ନିଜ ଜୀବନର ପୂର୍ଣ୍ଣତା ଆଣି ସହ ଧର୍ମିଣୀ 'ପାଲୋବିବି'ଙ୍କୁ ପଛରେ ପକେଇଦେଇ ପରମାତ୍ମାଙ୍କ ସହ ଏକୀଭୂତ ହୋଇଗଲେ । ମାତ୍ର ତାଙ୍କର ସେହି କବିତ୍ୱ ଓ କଳାର ଅଶାନ୍ତ ଆତ୍ମା ଏବେ ମଧ୍ୟ କନିକାର ଦିଗ ବିଦିଗ ଘୁରି ବୁଲୁଛି । କବିଙ୍କର ସେହି ଗୋଟିଏ ମନ୍ତ୍ର:

"ରାମ ରହୀମ୍ ଦୁଇ ଭାଇ ଏକ କରି ଲେଖ ।

ବୃନ୍ଦାବନେ ଯାହା ଦେଖିଛ ଚକ୍ଷୁ ବୁଜି ଦେଖ" ॥ ଏବେ ମଧ୍ୟ କନିକାବାସୀଙ୍କ କର୍ଣ୍ଣ ଗହ୍ୱରରେ ପ୍ରତିଧ୍ୱନିତ ହେଉଛି । ତାଙ୍କର କବର ପୀଠ ସମୀପରେ ଗୀତା, ଭାଗବତ ଓ କୋରାନ ସ୍ୱର ଝଙ୍କୃତ ହେଉଛି ପ୍ରତିବର୍ଷ ଜୁଲାଇ ଚଉଦରେ । ମାତ୍ର... କଳାର ସେହି କୁଜ୍ଝଟିକାମୟ ରୂପ ଭିତରେ କବିଆତ୍ମା ମ୍ଳାନ, ବିଷର୍ଣ୍ଣ !

ବେଗ୍ କବିଙ୍କ ସ୍ୱର୍ଗାରୋହଣ ପରେ :

'ନନ୍ଦୋତ୍ସବ' - କୃଷ୍ଣଲୀଳା କନିକା ଇଷ୍ଟେଟ୍‌ରେ ଏପରି ଏକ ପରିବେଶ ସୃଷ୍ଟି କରିଥାଏ ଯେ ଏହାର ପ୍ରତିଟି ଦୃଶ୍ୟ କଳାପ୍ରେମୀ ଜନସାଧାରଣଙ୍କ ହୃଦୟରେ ଅଲିଭା ସ୍ମୃତିରେ ପରିଣତ ହୋଇସାରିଥାଏ । କବିଙ୍କ ପାଣ୍ଡିତ୍ୟ ଆଚରଣ ଓ କବିତ୍ୱରେ ମୁଗ୍ଧ ହୋଇ ପ୍ରତିବର୍ଷ 'ନନ୍ଦୋତ୍ସବ' ମଞ୍ଚସ୍ଥ ହେବା ସମୟରେ କବିଙ୍କର ପ୍ରିୟବ୍ୟକ୍ତି ତଥା ଚାନ୍ଦବାଲି ବନ୍ଦର ପରିସରଭୁକ୍ତ ଦୋକାନୀ, ବ୍ୟବସାୟୀମାନଙ୍କଠାରୁ ଆବଶ୍ୟକୀୟ ଅର୍ଥ କବିଙ୍କ ପାଖକୁ ଆସିଥାଏ । ୧୯୩୭ ମସିହା ଜୁଲାଇ ୧୪ ତାରିଖରେ କବିଙ୍କର ଦେହାବସାନ ଘଟିବାରୁ ବାହାରୁ ଅର୍ଥାଗମର ପଥ ବନ୍ଦ ହୋଇଗଲା । ଅର୍ଥର ସଙ୍କଟ ଦେଖାଦେବାରୁ ନନ୍ଦୋତ୍ସବ ମଞ୍ଚସ୍ଥ କରିବା କଷ୍ଟକର ଜାଣି ନିଧି ସୁନ୍ଦରରାୟ, ଆରସା, କାଳିକାପୁର ରାମଚନ୍ଦ୍ର ରସିକ ରାୟ, ନୂଆ ଆରସା କାହ୍ନୁଚରଣ ପାଣି, ବଡ଼ାଗର ଉପେନ୍ଦ୍ର ପାତ୍ର ଓ ଦୀନବନ୍ଧୁ ଜେନା ଓଗେର ମାନ୍ୟଗଣ୍ୟ ବ୍ୟକ୍ତିମାନେ, କନିକା ପାଟ ମହିଷୀ, ରଧାମାଳୀ ପାଟ ମହାଦେଇଙ୍କ ପାଖରେ ପହଞ୍ଚିଲେ ଓ ପୂର୍ବ ସଂକଳ୍ପିତ ବାରବର୍ଷ ମଧ୍ୟରୁ ମଞ୍ଚସ୍ଥ ହୋଇସାରିଥିବା ନଅବର୍ଷ ବାଦ୍ ଅବଶିଷ୍ଟ ତିନିବର୍ଷ ପାଇଁ ମଞ୍ଚସ୍ଥ ହେବାକୁ ଥିବା ନନ୍ଦୋତ୍ସବର ବ୍ୟୟ ଭାର ବହନ କରିବାକୁ ରାଣୀ ସାହେବାଙ୍କୁ ପ୍ରାର୍ଥନା କଲେ । ପାଟ ମହାଦେଈ ଏଥିରେ ସମ୍ମତି ପ୍ରଦାନ କରି ୧୯୩୭ ମସିହାରୁ ୧୯୩୯ ମସିହା ପର୍ଯ୍ୟନ୍ତ ନନ୍ଦୋତ୍ସବର ସମସ୍ତ ବ୍ୟୟ ଭାର ବହନ କଲେ ।

୧୯୩୯ ମସିହାରେ ଆରସା ଗ୍ରାମରେ ଉପରୋକ୍ତ ବାରବର୍ଷ ପୂରଣ ପରେ ଜାଗୁଳେଇ ପଡ଼ା ନିବାସୀ ଭଗବାନ ଦାଶ ଓ ବିନୋଦ ଚନ୍ଦ୍ର ଓଝା ନିଜ ଗ୍ରାମରେ ଦୀର୍ଘ ସାତବର୍ଷ କାଳ ନନ୍ଦୋତ୍ସବ ମଞ୍ଚସ୍ଥ କରାଇଲେ ।

ଆରସା ଗ୍ରାମରେ "ନନ୍ଦୋତ୍ସବ" ମଞ୍ଚସ୍ଥ ହେବାରେ ରାଣୀସାହେବାଙ୍କର ଶେଷ ତିନିବର୍ଷ ପାଇଁ ଆର୍ଥିକ ସହାୟତା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା । ରାଜ ଅତିଥିମାନେ ଆସିଲେ ରାଣୀ ଚାନ୍ଦିନୀ ଅଗଣାରେ 'ନନ୍ଦୋତ୍ସବ' ଆରମ୍ଭ କରାଇ ଦିଅନ୍ତି । ନନ୍ଦୋତ୍ସବ ସନ୍ନିବେଶିତ ରାସ ଦୃଶ୍ୟରେ ସେ ଅତ୍ୟନ୍ତ ମୁଗ୍ଧ ହୋଇ ଯାଉଥିଲେ । ଏଣୁ ୧୯୩୮ ମସିହାରେ ଦଶହରାପର୍ବ ପରେ ନନ୍ଦୋତ୍ସବର ଶ୍ରେଷ୍ଠ କଳାକାରଙ୍କୁ ନେଇ ଏକ 'ରାସପାର୍ଟି' ଗଠନ କଲେ । ନନ୍ଦୋତ୍ସବରେ ଓସ୍ତାଦ୍ ଥିବା ମହିଷାସୁର ଗ୍ରାମ ନିବାସୀ ବୃନ୍ଦାବନ ତାଡୁ ଓ ହାଡ଼ିବନ୍ଧୁ ମହାରଣା (ରାଜପୋଷାକ ନିର୍ମାଣକାରୀ) ମର୍ଦ୍ଦଳ ବାଦକଙ୍କ ନେତୃତ୍ୱରେ "ରାସ ଗୀତିନାଟ୍ୟ" ଆରମ୍ଭର ଶୁଭ ଦିଆଯାଇ କଣ୍ଟପଡ଼ା ଗୋପୀନାଥ ଦାଶଙ୍କ ଘରେ ଆଖଡ଼ା ଆରମ୍ଭ ହେଲା । ନନ୍ଦୋତ୍ସବରେ ଥିବା କଳାକାର ରାସ ଦଳରେ ରହିଲେ ଓ ରାଣୀସାହେବା କନିକା ଇଷ୍ଟେଟ୍‌ରୁ ସ୍ୱକୀୟ ମାସିକ ଭତ୍ତାରୁ ଏହାର ବ୍ୟୟ ଭରଣା କରାଗଲା ।

୧୯୪୦ ମସିହାରେ "ରାସ ଦଳରେ" କେତେକ ସଂସ୍କାର କରାଗଲା । ସମଗ୍ର କନିକା ଇଷ୍ଟେଟ୍‌ରୁ ବଛାହୋଇ ଯୋଗ୍ୟ ପିଲା ଆସିଲେ ଓ ଆୟତନ ଗ୍ରାମ ବିପ୍ରଚରଣ ଦାସ (କନିକା ଥିଏଟର ପାର୍ଟିର ତବୁଲିଷ୍ଟ୍) ତବୁଲିଷ୍ଟ୍ ଭାବରେ ଯୋଗଦେଲେ ।

ସେହି ସମୟରେ ଗଞ୍ଜାଗ୍ରାମ ନାରାୟଣ ସିଂହଙ୍କ ଯାତ୍ରାଦଳ ରାଜାଙ୍କଠାରୁ ଆର୍ଥିକ ସହାୟତା ଲାଭ କରି ସକ୍ରୀୟ ଥାଏ । ରାଣୀ ଆରସା ଯାତ୍ରାଦଳକୁ ସହାୟତା ଦେଇ ସର୍ବାଙ୍ଗ ସୁନ୍ଦର "ରାସଦଳ" ଗଠନ କରିବାରୁ ନାରାୟଣ ସିଂହ ନିଜର ଯାତ୍ରାଦଳକୁ ତଦ୍ରୂପ ଗଠନ କରିବା ନିମିତ୍ତ ରାଜାଙ୍କ ପାଖରେ ଆପତ୍ତି ଜଣାଇଲେ । ଏଣୁ ରାଜାସାହେବଙ୍କର ପୂର୍ବ ପରିଚିତ ମାହାଙ୍ଗା ଅଞ୍ଚଳ କୋଠପଦାଗ୍ରାମ ବୈଷ୍ଣବ ଚରଣ ପାଣିଙ୍କୁ ମାହାଙ୍ଗାରୁ ଡ଼କାଇ ନାରାୟଣ ସିଂହଙ୍କ ଯାତ୍ରା ଦଳରେ ନାଚ ମାଷ୍ଟର ଭାବେ ନିଯୁକ୍ତ କରାଇଲେ । ମାତ୍ର ଗଞ୍ଜା ଗ୍ରାମ ଲୋକେ ରାଜାଙ୍କର ପାଖ ଲୋକ ଓ ଅନୁଗତ ହୋଇଥିବା କାରଣରୁ ଯାତ୍ରାଦଳ ପିଲା ପାଣିଙ୍କ ହାକିମିତିଙ୍କୁ ଫାଙ୍କିଲେ । ପାଣି ଏଠାରେ ଉଧେଇ ନପାରିବା ଜାଣି "ଅପଦାର୍ଥଗୁଡ଼ାକ ପାଖରେ ମୋତେ ନେଇ ଠକେଇଲେ" ବୋଲି ରାଜାଙ୍କ ପାଖରେ ଅଭିଯୋଗ ବାଢ଼ିବାରୁ ରାଜାରାଣୀଙ୍କୁ ମନେଇ ବୈଷ୍ଣବ ଚରଣ ପାଣିଙ୍କୁ "ରାସଦଳରେ" ନାଚମାଷ୍ଟର ଭାବରେ ନିଯୁକ୍ତ କରାଇଲେ ।

'ରାସପାର୍ଟି'ରେ ନାଟ୍ୟ ନିର୍ଦ୍ଦେଶକ ଭାବରେ ପାଣିଙ୍କର ରହଣି ସମୟରେ ତାଙ୍କର ପାଣ୍ଡିତ୍ୟ ଓ କବିତ୍ୱକୁ ଉପଲବ୍ଧି କରି ଆରସା ଓ ବଡ଼ାଗର ଗ୍ରାମର ମୁଖ୍ୟ ବ୍ୟକ୍ତି ତଥା ନନ୍ଦୋତ୍ସବର ପୃଷ୍ଠାପୋଷକମାନେ "ନନ୍ଦୋତ୍ସବ ପାଣ୍ଡୁଲିପିକୁ" ବୈଷ୍ଣବ ଚରଣ ପାଣିଙ୍କୁ ପ୍ରଦାନ କରି ସେଥିରେ ଥିବା କେତେକ ତ୍ରୁଟିର ସଂଶୋଧନ ପାଇଁ ପାଣି ମହାଶୟଙ୍କୁ ଅନୁରୋଧ କଲେ । ସେହି ତ୍ରୁଟିଗୁଡ଼ିକ ଏହିପରି :-

ଅକ୍ରୂର - ଶୁଣ ସଭା ସୁଜ୍ଞନର ଗୋ-ଗୋଷ୍ଠେ ମିଳି ଅକ୍ରୂର
ଦେଖନ୍ତି ଗୋପାଳ ବାଳେ ଦୋହନ୍ତି ଗାଈ ।

ଷୋଳ ସହସ୍ର ଗୋପାଳେ ଏକ ରୂପ ଏକାବେଳେ
ସମସ୍ତଙ୍କ ଶିରେ ଶିଖୀପୁଚ୍ଛ ଶୋଭଇ ॥

ମାହୁନ୍ତ - କୁବଳୟା ଗଜ ଚଢ଼ି ମାହୁନ୍ତ ଆସେ ହେ ।
ମୁଣ୍ଡରେ ଲାଲ ପଗଡ଼ି କି ଶୋଭା ଦିଶେ ହେ ।

ନନ୍ଦ - ନନ୍ଦ ଘେନି ଦୁଧଭାର ଲୋ
ହୋଇ ଚାଲେ ଖରତର ।
ଶିକା ପରେ ବେକା ଯତନେ ରଖିଛି
ତାପରେ ଦୋହଣି ଡୋର ॥

କୃଷ୍ଣ - କହନ୍ତି କହ୍ନାଇ ମାହୁନ୍ତକୁ ଚାହିଁ
ଭିତରକୁ ଛାଡ଼ ଯିବୁଁ
ମଉଳ ଯେ କଂସ ଡ଼ାକୁଛନ୍ତି ପାଶ
ତାଙ୍କୁ ଦର୍ଶନ କରିବୁଁ... ମାହୁନ୍ତରେ

କୁବ୍‌ଜା - ନବ ରଙ୍ଗରେ କୁବୁଜା ହେଲା ବାହାର ।
ଅଙ୍ଗରାଗ ମଣ୍ଡିଅଛି କଂସ ରାଜାର ॥

ଏଣୁ ଚରିତ୍ରଗୁଡ଼ିକ ନିଜ ମୁହଁରେ ନିଜର ପରିଚୟ ଦେବା ସେ ସମୟରେ ନାଟକରେ ଚଳଣି ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଅସଙ୍ଗତ ବୋଧ ହେବା ସ୍ୱାଭାବିକ । ଏଣୁ କଳାକାରମାନେ ନନ୍ଦୋତ୍ସବକୁ ସରସ ସୁନ୍ଦର କରିବାକୁ ପ୍ରୟାସ କରି ତହିଁରେ ଏକ ମାର୍ଜିତ ରୂପକୁ ଅପେକ୍ଷା କରି ରହିଲେ ।

ବୈଷ୍ଣବ ପାଣିଙ୍କ କନିକା "ରାସପାର୍ଟି"ରେ ବର୍ଷାଧିକ କାଳ ରହଣିଭିତରେ ପ୍ରାୟ ଚାରିମାସ ପାଣ୍ଡୁଲିପିକୁ ପାଖରେ ରଖିଲେ ଓ ତାପରେ ପୂର୍ବୋକ୍ତ ଗ୍ରାମ ମୁଖିଆଙ୍କୁ ଡ଼ାକି ସେମାନଙ୍କୁ ପ୍ରତ୍ୟର୍ପଣ କରି କହିଲେ, "ମହାପୁରୁଷ ଯାହା କରି ଯାଇଛନ୍ତି, ସେଥିରେ ଆମ୍ଭର ହାତ ମାରିବାର କ୍ଷମତା ନାହିଁ । ଆଉ କିଛି ଅସୁବିଧା ନାହିଁ ।" ପାଣି ମହାଶୟଙ୍କ ଶ୍ରୀମୁଖରୁ ଉଜିର ବେଗଙ୍କ ପ୍ରତି "ମହାପୁରୁଷ" ଶବ୍ଦର ଉଚ୍ଚାରଣ ଶୁଣି କଳାକାରମାନେ ସ୍ତମ୍ଭୀଭୂତ ହୋଇଗଲେ ଓ ସେମାନଙ୍କ ମନରୁ ପୂର୍ବର ଧାରଣା ଅପସାରିତ ହୋଇଗଲା । ଏଣୁ ସେମାନେ ଉକ୍ତ ପାଣ୍ଡୁଲିପିକୁ 'ନିର୍ଭୁଲ୍' ବୋଲି ଧରିନେଇ ବଡ଼ାଗର ଗ୍ରାମରେ ପୁନର୍ବାର ବାରବର୍ଷ ପାଇଁ "ନନ୍ଦୋତ୍ସବ" ମଞ୍ଚସ୍ଥ କରିବାକୁ ସଂକଳ୍ପବଦ୍ଧ ହେଲେ । ବଡ଼ାଗର ଗ୍ରାମରେ ବାରବର୍ଷ ମଞ୍ଚସ୍ଥ ହୋଇସାରିବା ପରେ ପରବର୍ତ୍ତୀ ବର୍ଷଗୁଡ଼ିକରେ ମଧ୍ୟ ନନ୍ଦୋତ୍ସବ ସେଠାରେ ମଞ୍ଚସ୍ଥ ହୋଇ ଚାଲିଲା ଓ ତା'ପରେ ଆରସାରେ ବାରବର୍ଷ ପୂରଣ ହୋଇ ଅସଂକଳ୍ପ ଭାବରେ ଏହି ଦୁଇଗ୍ରାମରେ ଏକ ଧର୍ମୀୟ ରକ୍ଷଣଶୀଳ ଅନୁଷ୍ଠାନ ଭାବେ ସୀମିତ ରହି ଏ ଅବଧି 'ନନ୍ଦୋତ୍ସବ' ମଞ୍ଚସ୍ଥ ହୋଇ ଆସୁଅଛି ।

'ନନ୍ଦୋତ୍ସବ' ଗୀତିନାଟ୍ୟ ମୁଦ୍ରଣରେ ପ୍ରତିବନ୍ଧକ -

ପୌରାଣିକ ଆଖ୍ୟାୟିକା ଉପରେ ଆଧାରିତ ଗୀତିନାଟ୍ୟ ଯୁଗର ଅବସାନ ନ ହେଉଣୁ ଗଦ୍ୟଶୈଳୀ-ଐତିହାସିକ ଓ ସାମାଜିକ ନାଟକର ପ୍ରାଧାନ୍ୟ ବଢ଼ି ମଞ୍ଚ ଅଧିକାର କଲା । ଏଣୁ ମଞ୍ଚ ନାଟକ ମଧ୍ୟରେ ଗୀତିନାଟ୍ୟର ପ୍ରାଧାନ୍ୟ ଓ ଆଦର ଧୀରେ ଧୀରେ ହ୍ରାସ ପାଇବାକୁ ଲାଗିଲା । ତଥାପି ବଡ଼ାଗର ଓ ଆରସା ଗ୍ରାମରେ କୃଷ୍ଣଲୀଳା "ନନ୍ଦୋତ୍ସବ" ପାଣ୍ଡୁଲିପି ଆରସା ଗ୍ରାମ ଭାଗବତ ଗାଦିରେ ପୂଜିତ ହେବାରୁ ଏହା ବାହ୍ୟଜଗତଠାରୁ ଦୂରରେ ରହିଲା ।

ଏହି ପାଣ୍ଡୁଲିପି ବା ତହିଁର ଅବିକଳ ହାତଲେଖା କପି ଯେଉଁ କଳାକାରଙ୍କ ପାଖରେ ବା ଯେଉଁ ଦୁଇଟି ଗ୍ରାମରେ ରହିଲା, ସେମାନେ ଏହାକୁ ସ୍ୱକୀୟ ସମ୍ପତ୍ତି ବୋଲି ଧରିନେଲେ ଏବଂ ନିଜର ଖ୍ୟାତିର ବୃଦ୍ଧି କରିବା ନିମିତ୍ତ ତଥା ରକ୍ଷଣଶୀଳ ମନୋଭାବ ପୋଷଣ କରି ଅନ୍ୟ କାହାକୁ ହସ୍ତାନ୍ତର କଲେ ନାହିଁ କିମ୍ବା ପାଠକରିବାର ସୁଯୋଗ ମଧ୍ୟ ଦେଲେ ନାହିଁ ।

ପକ୍ଷାନ୍ତରରେ ନନ୍ଦୋତ୍ସବ ଗୀତିନାଟ୍ୟ ଏକ ସାଧାରଣ ଗାଉଁଲି ମୁସଲମାନ ଦ୍ୱାରା ବିରଚିତ ହୋଇଥିବାରୁ କନିକାରେ ଆଖିଦୃଶିଆ ପୁଅମାନଙ୍କର କବି ଓ ତାଙ୍କ ସୃଷ୍ଟି ପ୍ରତି ଅନୁଦାର ଓ ବେଖାତିର ମନୋଭାବ ହେତୁ ଏହି ମହାନ୍ ଗୀତିନାଟ୍ୟର ସାରସ୍ୱତ ମୂଲ୍ୟକୁ କଳନା କରିବା ସେମାନଙ୍କ ପକ୍ଷରେ ଦୁରୂହ ବ୍ୟାପାର ଥିଲା ।

ସ୍ରଷ୍ଟା ଓ ତାଙ୍କର ସୃଷ୍ଟି ସମ୍ଭାରକୁ ଆଲୋକକୁ ଆଣିବାର ମୁଖ୍ୟ ଦାୟିତ୍ୱ ହେଉଛି ତାଙ୍କର ଉତ୍ତର ପୁରୁଷମାନଙ୍କର । ମାତ୍ର ବର୍ତ୍ତମାନର ଅର୍ଥ ସର୍ବସ୍ୱ ମଣିଷ ଏସବୁ ପ୍ରତି ଆଖି ବୁଜି ଦେଇଥିବା କାରଣରୁ 'ନନ୍ଦୋତ୍ସବ' ଗୀତିନାଟ୍ୟ ଶୀତଳ ଭଣ୍ଡାରରେ ନିକ୍ଷିପ୍ତ ହୋଇରହିଥିବା ସ୍ରଷ୍ଟା ଓ ତାଙ୍କ ସୃଷ୍ଟି ପ୍ରତି ଅବଶ୍ୟ ଅବିଚାର - ଏହା ସ୍ୱୀକାର୍ଯ୍ୟ ।

୧୯୭୫ ମସିହାରୁ ଏ ଲେଖକଙ୍କର ଅବିରତ ଉଦ୍ୟମ ଫଳରେ 'ନନ୍ଦୋତ୍ସବ'ରେ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଆସୁଥିବା ସ୍ୱର୍ଗତ କାହ୍ନୁଚରଣ ପାଣି, ନୂଆ ଆରସାଙ୍କ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଙ୍କ ପାଖରେ ଥିବା ଏହି ଗୀତିନାଟ୍ୟର ପାଣ୍ଡୁଲିପିଟିକୁ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ ଐତିହାସିକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଦାସ, ରାଜକନିକାଙ୍କ ହସ୍ତରେ ଅର୍ପଣ କରିଯାଇଥିବାରୁ ଆଜି "ନନ୍ଦୋତ୍ସବ" ଗୀତିନାଟ୍ୟର ପ୍ରକାଶନ-ପଥ ସୁଗମ ହୋଇଯାଇଛି । ଏଣୁ ସ୍ୱର୍ଗତ ପାଣିଙ୍କ ପ୍ରତି ଲେଖକ କୃତଜ୍ଞ ।

'ନନ୍ଦୋତ୍ସବ' ମଞ୍ଚସ୍ଥ ହେବାର ଅନୁସୃତ ବିଧି-

ଅଧିବାସ- 'ନନ୍ଦୋତ୍ସ୍ୱବ'କୁ ଏକ ଧର୍ମାନୁଷ୍ଠାନ ଭାବରେ ସ୍ଥାନୀୟ ଗ୍ରାମବାସୀ ଗ୍ରହଣ କରିଥାନ୍ତି । ଗୀତିନାଟ୍ୟ ମଞ୍ଚସ୍ଥ ହେବାର ପୂର୍ବ ଦିନକୁ ଅଧିବାସ ଭାବେ ଗ୍ରହଣ କରାଯାଇଥାଏ । ଉକ୍ତ ଦିନ ଗ୍ରାମର ମୁଖିଆ ଶୂନ୍ୟ କଳସକୁ ନିଜ ମସ୍ତକରେ ସ୍ଥାପନ କରି

ସଂକୀର୍ତ୍ତନ ଦଳ ସହ ପୁଷ୍କରିଣୀକୁ ଯାଆନ୍ତି ଓ ଜଳ-ପୂର୍ଣ୍ଣ-କୁମ୍ଭ ଆଣି ମଞ୍ଚ ପାର୍ଶ୍ୱସ୍ଥ ଏକ ଖମ୍ଭ ପାର୍ଶ୍ୱରେ ସ୍ଥାପନ କରନ୍ତି । ସେଠାରେ ଘଟ ପୂଜା ବିଧିପୂର୍ବକ ସମାହିତ ହୁଏ । ଦଶମ ସ୍କନ୍ଧରୁ ପ୍ରଥମ ଅଧ୍ୟାୟଟି ପୂଜକ ପାଠ କରନ୍ତି ଓ ଗାଆଣ ବଜାଣ ଚାଲେ । ସଂକଳ୍ପ କରିଥିବା ବ୍ୟକ୍ତି ନନ୍ଦୋତ୍ସବ ଶେଷ ପର୍ଯ୍ୟନ୍ତ ନିଷ୍ଠାପର ରହି ଅରୁଆ ପ୍ରସାଦ ସେବନ କରିଥାନ୍ତି । ଶେଷ ଦିବସରେ ଉକ୍ତ ଘଟକୁ ଜଳରେ ବସର୍ଜନ କରାଯାଏ ।

ନାଟ୍ୟମଞ୍ଚ:-

ନାଟ୍ୟମଞ୍ଚ ପ୍ରସ୍ତୁତି ପାଇଁ ଛଣ ପଛର ଥିବା ମଉଡ ବିହୀନ ଏକ ପ୍ରଶସ୍ତ ଅସ୍ଥାୟୀ ଘର । ଦୁଇ ପାର୍ଶ୍ୱରେ ଚାଳ ବା ଛପରର ନିମ୍ନ ଭାଗ ଭୂମି ଉପରୁ ପାଞ୍ଚ ଫୁଟ ଉଚ୍ଚରେ ରହେ । ସାମନାପଟ ମଉଡର ଶେଷ ସୀମା ହେଉଛି ମଞ୍ଚର ଶେଷ ସୀମା ଓ ଏହିଠାରେ ମଞ୍ଚକୁ ପ୍ରବେଶ ପଥ । ଅପର ମଉଡରେ ବା ନାଟ୍ୟମଞ୍ଚର ଶେଷ ସୀମାରେ କଂସର 'ଜଗତୀ' । 'ଜଗତୀ'ର ପାର୍ଶ୍ୱକୁ ଲାଗି ଦୁଇ ପଟରେ ବାଉଁଶବତା ଓ କାଗଜରେ ଚାଳକୁ ଲାଗି ମଥାନ ପର୍ଯ୍ୟନ୍ତ ଆବଦ୍ଧ କରାଯାଇ ଥାଏ । ଯେପରିକି ତାହା ବନ୍ଦୀ ଘରର କାର୍ଯ୍ୟ କରିବ ଓ ଜଗତୀର ଗୋଟିଏ ପାର୍ଶ୍ୱରେ ଏହି ବନ୍ଦୀଘରର ଦ୍ୱାର ରହେ । ବନ୍ଦୀମାନଙ୍କୁ ସେହି ଦ୍ୱାର ଦେଇ ବନ୍ଦୀଶାଳାରେ ପ୍ରବେଶ କରାଯାଏ । ଜଗତୀ ଓ ବନ୍ଦୀଘର ସମ୍ମୁଖଭାଗ ନାଟ୍ୟମଞ୍ଚ । ଏଣୁ ଦର୍ଶକମାନେ ମଞ୍ଚର ତିନି ପାର୍ଶ୍ୱରେ ବସି ନାଟକ ଉପଭୋଗ କରି ପାରିବେ ଓ ଚତୁର୍ଥ ପାର୍ଶ୍ୱରେ କଂସର ଜଗତୀ ଓ ବନ୍ଦୀଘର ରହିଥିବ । ଜଗତୀରୁ ପାବଚ୍ଛ ନାଟ୍ୟମଞ୍ଚ ପର୍ଯ୍ୟନ୍ତ ଲାଗି ରହିବ ଓ ଏହି ପାବଚ୍ଛ ମଧ୍ୟ ଦେଇ କଂସ ଜଗତୀକୁ ଆରୋହଣ ଓ ଜଗତୀରୁ ଅବରୋହଣ କରିବେ । ଅନ୍ୟ ପକ୍ଷରେ ଜଗତୀ ପାର୍ଶ୍ୱ ବନ୍ଦୀଘର କାଳୀୟଦଳନ, ଅଘାସୁରବଧ ଧେନୁକାସୁର ବଧ ଓ ରାସଲୀଳା କ୍ଷେତ୍ରରେ ବ୍ୟବହୃତ ହେବ ।

ସଂକୀର୍ତ୍ତନ ଓ ଭାଗବତ ପାଠ:-

'ନନ୍ଦୋତ୍ସବ' ଆରମ୍ଭ ହେବାର ଅଳ୍ପ ସମୟ ପୂର୍ବରୁ ପ୍ରତିଦିନ ଆରସାରେ ଭାଗବତ ଗାଦି ବା ବଡାଗରେ ଗୋପୀନାଥ ଜୀଉ ମନ୍ଦିରରୁ ସଂକୀର୍ତ୍ତନ ଦଳ ନାଟ୍ୟ ମଞ୍ଚକୁ ପ୍ରବେଶ କରି ସେହି ରାତ୍ରରେ ମଞ୍ଚସ୍ଥ ହେବାକୁ ଥିବା ନାଟ୍ୟ କଥାବସ୍ତୁର ସୂଚୀ ଅଧ୍ୟାୟଟିକୁ ଦଶମ ସ୍କନ୍ଧରୁ ଅଳ୍ପ ସମୟ ପାଇଁ ପାଠ କରାଯିବ ଓ ବାଦ୍ୟକାରମାନେ ସେଥିରୁ ଦୋହାଧରି ଅଧ୍ୟାୟଟି ଶେଷ କରିବାପରେ ନାଟ୍ୟ ଆରମ୍ଭ ହୋଇଯାଏ ।

ପ୍ରଥମେ ଶୁକମୁନି ଓ ପରୀକ୍ଷିତ ରାଜା ମଞ୍ଚକୁ ପ୍ରବେଶ କରନ୍ତି ଓ ନାଟ୍ୟ ରାତ୍ରିଦୃଶ୍ୟର ଘଟଣାବଳୀକୁ ଉଲ୍ଲେଖ କରି ଶୁକମୁନି ପରୀକ୍ଷିତ ମହାରାଜାଙ୍କୁ ଶୁଣାଇ ପ୍ରସ୍ଥାନ କରିଥାନ୍ତି ଓ ତା' ପରେ ଦୃଶ୍ୟବଳୀର ଆରମ୍ଭ ଘଟେ ।

କଂସ ମହାରାଜାଙ୍କ ଦରବାର :-

ନନ୍ଦୋତ୍ସବରେ କଂସ ଖଳନାୟକ ହେଲେ ମଧ୍ୟ ମୁଖ୍ୟ ଚରିତ୍ର । ଶୁକମୁନି ଓ

ପରୀକ୍ଷିତ ମହାରାଜା ମଞ୍ଚ ପରିତ୍ୟାଗ କରିବା ପରେ ଆକର୍ଷଣୀୟ ଦିବ୍ୟ ରାଜ ପୋଷାକ ପରିଧାନ ପୂର୍ବକ କଂସ ମହାରାଜା ଦରବାରକୁ (ମଞ୍ଚକୁ) ବିଜେ କରନ୍ତି । ଦାସୀ ପରିଚାରିକା ମହାରାଜାଙ୍କ ପାର୍ଶ୍ୱମଣ୍ଡନ କରୁଥା'ନ୍ତି । ପ୍ରତିହାରୀ ଜଗତୀ ନିକଟକୁ ମହାରାଜାଙ୍କୁ ପାଛୋଟି ନିଅନ୍ତି । ହୁଳହୁଳି ଧ୍ୱନିରେ ନାଟ୍ୟମଞ୍ଚ ମୁଖରିତ ହୋଇଉଠେ । ମହାରାଜା ଜଗତୀରେ ଉପବେଶନ କରିବା ପର୍ଯ୍ୟନ୍ତ ବୀରବାଦ୍ୟ ବାଜୁଥାଏ । ପରିଚାରିକା ଦୁଇଜଣ ବ୍ୟଜନ ପକାଇ ଜଗତୀରୁ ପ୍ରସ୍ଥାନ କରନ୍ତି । ନାଟ୍ୟ ସ୍ଥଳୀକୁ ମହାରାଜାଙ୍କର ଦରବାର ଭାବରେ ଗ୍ରହଣ କରାଯାଇଥାଏ । ମହାରାଜା ଜଗତୀରେ ବସି କାଳଘଣ୍ଟକୁ (ଦୂତ) ଡକାଇବା ପାଇଁ ପାରିଷଦବର୍ଗଙ୍କୁ (ବାଦ୍ୟକାର) ନିର୍ଦ୍ଦେଶ ଦେଇଥାନ୍ତି । ପାରିଷଦବର୍ଗ ସଭାସ୍ଥଳରୁ କାଳଘଣ୍ଟକୁ ଡାକରା ଦେବାପରେ କାଳଘଣ୍ଟ ମଞ୍ଚକୁ ପ୍ରବେଶ ପଥରେ କିଛି ଦୂରରୁ ଜବାବ ଦିଏ ଓ ପରେ ବାଦ୍ୟକାରଙ୍କ ସହ କଥୋପକଥନ ମାଧ୍ୟମରେ ଗୀତ ବୋଲି ବୋଲି ମଞ୍ଚ ପଥରେ ସମତାଳରେ ନାଚି ନାଚି ମଞ୍ଚରେ ପ୍ରବେଶ କରେ ଓ ପୂର୍ବର ଘଟଣାମାନ ମହାରାଜାଙ୍କୁ ଅବଗତ କରାଇଥାଏ ।

କଂସ ମହାରାଜା ନାଟ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଗତୀର (ମଞ୍ଚାରେ) ଉପବେଶନ କରିଥାନ୍ତି ଓ ଆବଶ୍ୟକ ସ୍ଥଳେ ନାଟ୍ୟମଞ୍ଚକୁ ଅବତରଣ କରି ପୁନର୍ବାର ମଞ୍ଚ ଆରୋହଣ କରିଥାନ୍ତି । ତଦ୍ରୂପ କାଳଘଣ୍ଟ ମଧ୍ୟ ମଞ୍ଚରେ ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଂସ ମହାରାଜାଙ୍କ ପାର୍ଶ୍ୱରେ ଓ ଦୂତ ଭାବରେ ରହି ସମ୍ବାଦ ସରବରାହ କରିଥାଏ । କାଳଘଣ୍ଟ ଦୂତ ହେଲେ ମଧ୍ୟ ନାଟକୀୟ ରସ ସୃଷ୍ଟି ପାଇଁ ଜଣେ ଅସୁର କମେଡିୟାନ ଚରିତ୍ରକୁ ବହନ କରି ମଞ୍ଚରେ ହାସ୍ୟରସ ସୃଷ୍ଟି କରିଥାଏ । କାଳଘଣ୍ଟ ଅସୁରମାନଙ୍କ ପାଖରେ ଥାଏ । ପୁନର୍ବାର କୃଷ୍ଣ ବଳରାମ ଓ ସଖାମାନଙ୍କ ସହ ଖେଳ କସରତରେ ମଧ୍ୟ ଥାଇ ନନ୍ଦ, ଉପାନନ୍ଦ ଓ ଯଶୋଦାଙ୍କ ପାଖରେ ମାୟା ରୂପରେ ଥାଏ ଓ ସମସ୍ତ ଘଟଣା ପର୍ଯ୍ୟବେକ୍ଷଣ କରି କଂସ ମହାରାଜାଙ୍କୁ ଜଗତୀ ପାର୍ଶ୍ୱରେ ଜଣାଇ ଥାଏ । ଏଣୁ ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାଳଘଣ୍ଟ ଉପସ୍ଥିତ ମଞ୍ଚରେ ମନୋରଞ୍ଜନ ସୃଷ୍ଟି କରି ହାସ୍ୟରସ ପରିବେଷଣ କରିଥାଏ ।

ଭାଗୀରଥି ସାମଲ
ପିମ୍ପୁଡ଼ି, ରାଜକନିକା, କେନ୍ଦ୍ରାପଡ଼ା

(ଉଜିର ବେଗ୍ ଗ୍ରନ୍ଥାବଳୀରୁ ସଂଗୃହୀତ)

❐❐❐

ଚାନ୍ଦବାଲି ନୌବାଣିଜ୍ୟ : ସାଂସ୍କୃତିକ ଇତିହାସ



ପ୍ରଫୁଲ୍ଲ କୁମାର ଦାସ

ସମ୍ପାଦକ, ଗୋପବନ୍ଧୁ ସାହିତ୍ୟ ସଂସଦ

ଚାନ୍ଦବାଲି, ଭଦ୍ରକ

ମୋ.ନଂ-୯୯୩୮୬୪୮୪୩୨

" ବୋଇତ ରାଣୀ ବୈତରଣୀରେ ସୁନା ବୋଇତରେ ସାଧବପୁଅ ନଦୀ ସାଗର ବୁକୁରେ ଧବଳ ଗାରକାଟି ହଂସ ହଂସରାଳି ପରି ସନ୍ତରଣକରି ଏକଦା ଯେଉଁ ଅଲିଭା ଅଭୁଲା ଇତିହାସ ସୃଷ୍ଟି କରିଥିଲେ ସେହି ଧାମରା ମାଟିରେ ଛିଡା ହୋଇ ଇଂରେଜ ସାହେବମାନେ ବିସ୍ମିତ ହୋଇ ପ୍ରଶ୍ନ କରିଥିଲେ - ଏଇ କ'ଣ ସେଇ ତଅପୋଛ ଯୁଗର ଧାମରା ବନ୍ଦର । "

ଐତିହାସିକ ବନ୍ଦର ସହର, କଳିଙ୍ଗ ପ୍ରଦେଶ ପଥ, ବିଶ୍ୱ ବିସ୍ମୟ ଭିତର କନିକାର ପ୍ରବେଶ ଦ୍ୱାର ଚାନ୍ଦବାଲି ତା'ର ନୌବାଣିଜ୍ୟ ସଂସ୍କୃତି ବନ୍ଦର ସଭ୍ୟତା ଓ କଳା ନୈପୁଣ୍ୟର ଉତ୍କର୍ଷତା ପାଇଁ ବ୍ରିଟିଶ – ଓଡିଶା ଇତିହାସରେ ପରିଚିତ । ସମଗ୍ର ବିଶ୍ୱ ବିଚିତ୍ରାରେ କାଳଜୟୀ ସାଗର ସଂସ୍କୃତିର ପ୍ରତିନିଧିତ୍ୱ କରେ କନକ କନିକାର ପ୍ରାଣକେନ୍ଦ୍ର ଚାନ୍ଦବାଲି । ବଙ୍ଗୋପସାଗର ସୁନାଦରିଆର ମନୋରମ ବେଳାଭୂଇଁ ଓ ବୋଇତ ରାଣୀ ବୈତରଣୀର ସୁନେଲି ଅବବାହିକାର ପ୍ରତିଟି ବାଲିରେଣୁରେ ସାଧବ ସୌଦାଗର ଜାତିର ଏକ ସୁମହାନ ନୌଯାତ୍ରା ସଂସ୍କୃତିର ସୁନେଲି ଛାପ ପରିସ୍ଫୁଟନ । ଧନେଶ୍ୱର ନରେନ୍ଦ୍ର ଚାନ୍ଦ ସୌଦାଗରର ସାତ ଦରିଆ ତେର ନଈ ଆରପାରିର "ବାଣିଜ୍ୟେ ବସତି ଲକ୍ଷ୍ମୀ" କଥା ବହୁ ରୋମାଂଚକର, ରୁଚିକର ଆକର୍ଷଣୀୟ ପରିରାଇଜର କାହାଣୀ ପରି ସୁନ୍ଦର ଭାବେ ପରିସ୍ଫୁଟିତ ହୋଇଛି ।

ଐତିହାସିକ ବନ୍ଦର-କୋଣାର୍କର ସୁବର୍ଣ୍ଣ ମୁଖଶାଳା ଧାମରା – ଚାନ୍ଦବାଲି ବନ୍ଦରର ଗୌରବମୟ, ସୌରଭମୟ ସଂସ୍କୃତିର ପରିସର ବହୁ ବ୍ୟାପକ, ଯେଉଁଠି

ତଅପୋଇ ଓ ଖୁଲଣା ସୁନ୍ଦରୀ ଆଖ୍ୟାୟିକା ସ୍ୱର୍ଣ୍ଣ ତୀର ତରଙ୍ଗରେ ଲହଡି ଭାଙ୍ଗେ । ବିଭିନ୍ନ ପ୍ରାଚୀନ କାବ୍ୟ, ମହାକାବ୍ୟ, ଗ୍ରନ୍ଥ, ନୌବିତ୍‌ମାନଙ୍କ ଇତିହାସ, ଭୂଗୋଳ ଓ ପରିବ୍ରାଜକଙ୍କ ଭ୍ରମଣ କାହାଣୀକୁ ଗବେଷଣା କରି ବିଭିନ୍ନ ପତ୍ର ପତ୍ରିକାରେ ଲୁଚି ହଜିଯାଇଥିବା ଇତିହାସକୁ ରୋମନ୍ଥନ କରି ଲୋକଲୋଚନକୁ ଆଣିବା ପାଇଁ ଏ ଲଳିତ ନିବନ୍ଧର ପରିକଳ୍ପନା । ସଂସ୍କୃତ ସାହିତ୍ୟର ମହାକବି କାଳିଦାସଙ୍କ ଠାରୁ କନିକାର ସରସ୍ୱତୀ ଦାମୋଦର ମିଶ୍ରଙ୍କ ଭଂଜ କନିକା ପର୍ଯ୍ୟନ୍ତ ଚାନ୍ଦବାଲିର ସମୃଦ୍ଧ ନୌବାଣିଜ୍ୟ ଇତିହାସର ଗଭୀର ଗମ୍ଭୀର ପ୍ରମାଣ ରହିଛି, ଯାହା କଳିଙ୍ଗ – ଉତ୍କଳ – ଓଡିଶାର ସମୃଦ୍ଧ ନୌବାଣିଜ୍ୟ, ବର୍ହିବାଣିଜ, ସଂସ୍କୃତି, ଇତିହାସ, ପରମ୍ପରାର ଏକ ଯୁକ୍ତିନିଷ୍ଠ, ବଳିଷ୍ଠ ବିଭା ଓ ବିଭବ । ଶତାବ୍ଦୀ ଶତାବ୍ଦୀର ଶିଳାଲିପିର ତଥ୍ୟ ଓ ତତ୍ତ୍ୱ ହିଁ ଏହି ପ୍ରବନ୍ଧର ଆଧାର ।

ସଂସ୍କୃତିର ଗହ୍ୱରରେ ଯୁଗ ଯୁଗର ସ୍ମୃତି, ବିସ୍ମୃତ ହୋଇ ହଜି ଯାଇଛି । ଜନଶ୍ରୁତି, କିମ୍ବଦନ୍ତୀ, ଲୋକକଥାକୁ ଉପଜୀବ୍ୟ କରି ସାମ୍ପ୍ରତିକ ଯୁଗରେ ଅନୁସନ୍ଧାନ କରିବା ଏକାନ୍ତ ଅପରିହାର୍ଯ୍ୟ । ପ୍ରକୃତିର ପ୍ରତିକୂଳ ଚାପରେ ନୌବାଣିଜ୍ୟ ପରମ୍ପରାର ଅନ୍ତୁଡିଶାଳ ଧାମରା – ଚାନ୍ଦବାଲି ଐତିହାସିକ କଳିଙ୍ଗ ବାଲିଯାତ୍ରାର ସ୍ୱତନ୍ତ୍ର ଇତିହାସ ପାଲଟି ଯାଇଛି । ନୌବାଣିଜ୍ୟର ଆଦି ଶକ୍ତି ପୀଠ ପାଟଣ ମଙ୍ଗଳା , ନୌବାଣିଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଧାମରାଇ , ନୌବାଣିଜ୍ୟ ଇଶ୍ୱରୀ ଡାକେଶ୍ୱରୀ ଶକ୍ତିପୀଠ ସାଗର ସମ୍ଭୁତା ବୋଲି ପ୍ରାଚୀନ ଆଖ୍ୟା ରହିଛି । ଧନେଶ୍ୱର ନରେନ୍ଦ୍ର ବା ଧନେଶ୍ୱର ଚାନ୍ଦ ସୌଦାଗର ନରେନ୍ଦ୍ରପୁର ଅଂଚଳର ଅଧିଶ୍ୱର ଥିଲେ । ପ୍ରାଚୀନ କନିକାକୁ କୁବେର ସାହୁ ବୋଲି ଜଣେ ଧନାଢ୍ୟ ବ୍ୟକ୍ତି ଶାସନ କରୁଥିଲେ । ତାହା ଆଜକୁ ପ୍ରାୟ ହଜାରେ ବର୍ଷ ହେବ ଅନୁମାନ କରାଯାଏ । ମହାଭାରତ ଯୁଗରେ ଧାମରାର ଧିବରମାନେ କୁରୁକ୍ଷେତ୍ର ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ ବୋଲି ମାଟିର ମହାକବି ଶାରଳା ଦାସ ମହାଭାରତରେ ବର୍ଣ୍ଣନା କରିଛନ୍ତି ।

ସୌଦାଗର ଧନେଶ୍ୱର ନରେନ୍ଦ୍ରଙ୍କ ସମ୍ପର୍କରେ ଖୁଲଣା ସୁନ୍ଦରୀ ପୁସ୍ତକରେ ବର୍ଣ୍ଣନା କରାଯାଇଛି –

"ଧନେଶ୍ୱର ବୋଲି ବଣିଆ , ଘର ପଶ୍ଚିମ ଦେଶେ,
ପାଟଣା କଟକ ତାହାର , ମଙ୍ଗଳା ନାମ ଘୋଷେ,
ଅନନ୍ତେଶ୍ୱର ବୋଲି କରି, ତାହାର ଅଟେ ତାତ,
ଇନ୍ଦୁରେଖା ବୋଲି , ଅଟଇ ମାତା ନାମ ତାହାର ।"

କନିକାର ପ୍ରାଚୀନ ନାମ ମରିଚପୁର ବୋଲି ଉଲ୍ଲେଖ ଅଛି ଓ ଉତ୍ତ ଦେଶ ଅଧିନସ୍ଥ ବୋଲି ଖୁଲଣା ସୁନ୍ଦରୀ କାବ୍ୟରେ କୁହାଯାଇଛି । ଏକ ବିବରଣୀ ଅନୁସାରେ ମୟୁରଭଂଜ ମହାରାଜା ଲକ୍ଷ୍ମଣ ଭଂଜଙ୍କର କନିଷ୍ଠ ପୁତ୍ର ଜଗଦୀଶ୍ୱର ଭୂଜବଳ ଭଂଜଦେବ

କନିକାର ପ୍ରଥମ ରାଜା ହୋଇଥିଲେ । ତାଙ୍କ ରାଣୀ କନିକାଙ୍କ ନାମାନୁସାରେ ମରିଚପୁରର ନାମ କନିକା ହୋଇଥିଲା । ୧୨୪୧ ମସିହାରେ କନିକା ରାଜତନ୍ତ୍ର ଅଧୀନରେ ୧୮୯୮ – ୯୦ ମସିହାରେ ପାଞ୍ଚଟମୁକା ମାନଚିତ୍ର ସ୍ୱୀକୃତି ଲାଭ କରିଥିଲା । ୧୯୦୬ ମସିହାରେ କବି ଦୟାନିଧି ମିଶ୍ର ଉତ୍କଳ ଦୀପିକାରେ ପ୍ରକାଶ କରିଥିଲେ –

"ସପତ୍ନୀ ବିଦ୍ୱେଷେ ସାଗର ସମ୍ଭବା,
କ୍ଷେତ୍ରରୂପେ ଦେବୀ ପାଳେ ପ୍ରଜା ଅବା,
ଉତ୍କଳ କନ୍ୟକ କନିକା କାମିନୀ,
ବହୁ କାଳ ହୋଇ ଥିଲେ ବିରହିଣୀ,
ଅଯଥା ଅବଳା ପାଳନ୍ତି ଶ୍ରୀହରି,
ପାଳୁଥିଲେ ତାକୁ ବ୍ରିଟେନ କେଶରୀ ।"

ସୌଦାଗର ଧନେଶ୍ୱର ନରେନ୍ଦ୍ରଙ୍କ ସମ୍ପର୍କରେ ଉଲ୍ଲେଖ ଅଛି –

"ପୂର୍ବକାଳେ ଧନେଶ୍ୱର ନାମା ସୌଦାଗର,
ପାଞ୍ଚମୁକା ଜନପଦେ ଥିଲେ ଅଧିଶ୍ୱର ।"

୧୩୧୨ ଖ୍ରୀଷ୍ଟାବ୍ଦରେ କନିକା ରାଜା ନରସିଂହ ଭଂଜ ସୌଦାଗର ଧନେଶ୍ୱର ନରେନ୍ଦ୍ରଙ୍କୁ ଯୁଦ୍ଧରେ ପରାସ୍ତ କରି ପାଞ୍ଚମୁକା ଦଖଲ କରିଥିଲେ । ସରସ୍ୱତୀ ଦାମୋଦର ମିଶ୍ର ଭଂଜ କନିକାରେ ବର୍ଣ୍ଣନା କରିଛନ୍ତି ଯେ –

"ରହି ସେ ନରେନ୍ଦ୍ରପୁର ନାମକ ନଗରେ,
ବୋଇତେ ବ୍ୟାପାର କରୁଥିଲେ ବିଦେଶରେ ।"

ବିଦେଶୀ ନୌବିତ୍ ତଥା ପରିବ୍ରାଜକ ଟଲେମି ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ପ୍ରାଚୀନ କଳିଙ୍ଗ ର ୧୨ଟି ବନ୍ଦର ମଧ୍ୟରୁ ଧାମରା ଏକ ବନ୍ଦର ବୋଲି ଉଲ୍ଲେଖ କରିଛନ୍ତି । ତେବେ ଯାହାହେଉ ସମଗ୍ର କଳିଙ୍ଗରେ ଧାମରା ବନ୍ଦର ପ୍ରସିଦ୍ଧ ଥିଲା । ଘଣ୍ଟେଶ୍ୱର ମାଣିପୁରରେ ସମୁଦ୍ରେଶ୍ୱର ନାମରେ ତ୍ରିଲୋଚନ ମହାଦେବ ଅଛନ୍ତି । ପୂର୍ବେ ମାଣିପୁର ପର୍ଯ୍ୟନ୍ତ ସମୁଦ୍ର ରହିଥିଲା । କବିବର ରାଧାନାଥ ରାୟଙ୍କ ଉଷା କାବ୍ୟରେ –

"ପାଟଣ ମଙ୍ଗଳା ପ୍ରତିଷ୍ଠିତ ଯହିଁ ପୟୋଧି ତଟେ ,
ବୈତାଳିକ ପ୍ରାୟେ ଶ୍ରୀପଦେ ପୟୋଧି ନିରତେ ଖଟେ ।"

କାଳକ୍ରମେ ଧାମରା, ଘଣ୍ଟେଶ୍ୱର, ଚାନ୍ଦବାଲି, ପୁରୀ ବେଳାଭୂମି ପରି ସମ୍ପୂର୍ଣ୍ଣ ବାଲିଚର ଥିଲା । ଚାନ୍ଦବାଲି – ଧାମରାର ନୌବାଣିଜ୍ୟ ସ୍ରୋତ ତଅପୋଇ, ଖୁଲଣା ସୁନ୍ଦରୀ, ଭ୍ରମରବର ପାଲା ଇତ୍ୟାଦି ପୁସ୍ତକରେ ଉଲ୍ଲେଖ କରାଯାଇଛି । ଚାନ୍ଦବାଲି – ଧାମରାର ଧ୍ୱବର ସାଧବ ସାହୁକାର ମାନେ ପ୍ରାୟ ୭୫୧୬ କିଲୋମିଟର ଭାରତର ସମୁଦ୍ର ତଟ ପର୍ଯ୍ୟନ୍ତ ନୌବାଣିଜ୍ୟ କରୁଥିଲେ । ଭାରତର ପ୍ରାଚୀନ ନାମ ଜମ୍ବୁଦୀପ ,ସେ ଯୁଗରେ

ବିଶ୍ୱରେ ସବୁଠାରୁ ସମୃଦ୍ଧିଶାଳୀ ଥିଲା । ସାଧବ ତନୟ ବନ୍ତଙ୍କର ସାତପୁତ୍ର ଓ ଏକମାତ୍ର କନ୍ୟା ତଅପୋଞ ଯାହାର ପୃଷ୍ଠଭୂମି କନିକାର ଧାମରା ଥିଲା । ସୌଦାଗର ଧନେଶ୍ୱର ସିଂହଳ ଦ୍ୱୀପରୁ ପାଟଶ ମଙ୍ଗଳା ମୂର୍ତ୍ତି ଆଣି ପ୍ରତିଷ୍ଠା କରିଛନ୍ତି । ଓଡିଆ ସାଧବମାନେ ଧାମରା ଠାରୁ ସୁବର୍ଣ୍ଣ ରେଖା, ହୁଗୁଳି, ଅଙ୍ଗ ଦେଇ ଦେଶ ବିଦେଶକୁ ନୌଯାତ୍ରା କରୁଥିଲେ । ଧାମରା ମୁହାଁଣ ଦେଇ ହୁଣ ସେନାପତି ମାନସିଂହ ବୋଇତରେ ଓଡିଶା ଆସିଥିଲେ ।

ବିଶ୍ୱ ପ୍ରସିଦ୍ଧ ନୌବିତ୍ ଟଲେମି ତାଙ୍କର ବିଶ୍ୱ ଭୂଗୋଳ ଗ୍ରନ୍ଥରେ କନିକାର ସୁନା ଦରିଆ କୂଳରେ ଓଡିଆ ସାଧବପୁଅର ନୌକା ଗଠନ ଶୈଳୀର ବର୍ଣ୍ଣନା କରିଛନ୍ତି । ଦେଶ ସ୍ୱାଧିନ ପରେ ବନ୍ଦରମାଲିନୀ ଚାନ୍ଦବାଲି ଓଡିଶାର ପ୍ରଥମ ନଦୀ ବନ୍ଦର ବୈତରଣୀ କୂଳରେ ଗଢି ଉଠିଲା । କମିଶନର ରେଭେନ୍ସା ସାହେବଙ୍କ ସମୟରେ ୧୮୭୦ ରେ ପ୍ରଥମେ ଯାତ୍ରୀବାହୀ ବୋଇତ ଓ ୧୮୮୧ ରେ ପଣ୍ୟବାହୀ ବୋଇତ , ଷ୍ଟିମର ଓ ଜାହାଜ ଚଳାଚଳ କଲା । କଳିଙ୍ଗ – ଉତ୍କଳ – ଓଡିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ସାଧବ ଓଡିଆ ଜାତିର ଗୌରବମୟ ଇତିହାସ ଓ ସୌରଭମୟ ଐତିହ୍ୟର ଅଭୁଲା ସୃତି । ଯାହା ଆଜି ତତ୍ କାଳୀନ ଦରିଆପାରି ନୌବାଣିଜ୍ୟ ଆମ ଜାତିର ପରିଚୟ ସ୍ୱଭିମାନ ଓ ଶକ୍ତିର ପ୍ରତୀକ । ଓଡିଆ ସାହିତ୍ୟରେ ରଥୀ ମହାରଥୀମାନେ ସେମାନଙ୍କର ଲେଖାରେ ଓ ଐତିହାସିକ ଗବେଷକ ମାନେ ନୌବାଣିଜ୍ୟର ସୁନ୍ଦର ପ୍ରତିଛବି ଅଙ୍କନ କରିଛନ୍ତି । ୧୮୬୯ ରୁ ୧୮୭୮ ପର୍ଯ୍ୟନ୍ତ ଜନ ବିମ୍ସ ବାଲିଯାତ୍ରାର ଚିର ସୁନ୍ଦର ବୋଇତ ବନ୍ଦାଣ ଉତ୍ସବ କରିଥିଲେ । ଏହା ବାରବାଟୀ ଦୁର୍ଗର ବାମ ଓ ଦକ୍ଷିଣ ପାର୍ଶ୍ୱରେ ଅନୁଷ୍ଠିତ ହୋଇଥିଲା । ୧୯୯୨ ରେ କଳିଙ୍ଗକେଶରୀ ବିଜୁ ପଟ୍ଟନାୟକ ସେହି ସ୍ମୃତିକୁ ଉଜ୍ଜୀବିତ କରି ଐତିହାସିକ କଳିଙ୍ଗ ବାଲିଯାତ୍ରା କଟକ ଗତଗଡିଆ ଘାଟରେ ଶୁଭାରମ୍ଭ କରିଥିଲେ , ଯାହା ଆଜିଯାଏ ଚାଲିଆସୁଛି ।

ଶ୍ରୀ ଜଗନ୍ନାଥ ଦେଶ; ଓଡିଶାର ଦୁଃସାହସିକ ସିଦ୍ଧି ଓ ସାଧନା; ସାତ ସାଗର ତେର ନଈର ନୌସନ୍ତରଣର ଐତିହାସିକ ଦୃଶ୍ୟ ଓ ଦର୍ଶନ; ଦେଶ ବିଦେଶରେ ଆମ ସମୃଦ୍ଧ, ସ୍ୱାଭିମାନ, ଶକ୍ତି, ପରାକ୍ରମ ଓ ଉତ୍କର୍ଷ ପ୍ରତିଷ୍ଠା କରିଥିବା ସାଧବ ସୌଦାଗର ମାଟି ଏଇ ଧାମରା ଓ ବନ୍ଦର କୋଣାର୍କର ପୃଷ୍ଠଭୂମି କଳିଙ୍ଗ ପ୍ରବେଶ ପଥ ଚାନ୍ଦବାଲି , ଅତଳ, ଅଥଳ ସାଗରର ନୀଳ ଜଳରାଶିରେ ଲେଖା ଯାଇଛି ଆମର ଐତିହ୍ୟ ଓ ଇତିହାସର ଦସ୍ତାବିଜ । ମହୋଦଧି ପତି ଓ ସମୁଦ୍ରପୁତ୍ର ଏଇ ସାଧବ ସୌଦାଗର ଜାତି । ଏହି ନୌବାଣିଜ୍ୟର ଜୟଯାତ୍ରା ଆମ ବଂଶ ବୁନିଆଦିର ନିରନ୍ତର ଯାତ୍ରା । ଆ-କା-ମା-ବୈ ଯାହା ଅତୀତର ସୁଉଚ୍ଚ ପରମ୍ପରା ଓ ବର୍ତ୍ତମାନର ନବ ଉତ୍ଥାନର ଦିଗଦିଗନ୍ତ । ଧାମରା – ଚାନ୍ଦବାଲି ବନ୍ଦର ଆମ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ରଙ୍ଗୀନ ମାନଚିତ୍ରକୁ ପୁନଃ ପରିଭାଷିତ କରୁଛି । ସେହି ଯାତ୍ରାର କଥା ଗାଥା ସମୁଦ୍ରରୁ ସମୃଦ୍ଧିପଥ

ପର୍ଯ୍ୟନ୍ତ କଳ କଳ, ଛଳ ଛଳ ନିନାଦରେ ଧାଇଁଛି । କାର୍ତ୍ତିକର ରାହାସ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ଓଡିଶା ଉପକୂଳ ଅଂଚଳର ମହୋତ୍ସବ ପାଲଟି ଯାଇଛି । ବୈତରଣୀରୁ ବଙ୍ଗୋପସାଗର ଓ ମନ୍ତେଇରୁ ମହାନଦୀ ଏବଂ ସାଳନ୍ଦୀରୁ ସୁବର୍ଣ୍ଣରେଖା ଯାଏ ଏ ମାଟିର ସୁର ଓ ସୁରଭି ଯୁଗଯୁଗ ଧରି ଗଗନ ପବନ ମୁଖରିତ କରୁଛି । ଓଡିଶାର ଐତିହ୍ୟ, ଇତିହାସ, ସାହିତ୍ୟ, ସଂସ୍କୃତି, ଆଶା ବିଶ୍ୱାସର ଯାତ୍ରା ଧାମରା – ଚାନ୍ଦବାଲିର ନୌବାଣିଜ୍ୟ ଆଜି ପୂର୍ବ ଭାରତର ସାମୁଦ୍ରିକ ପ୍ରବେଶ ଦ୍ୱାର ପାଲଟିଛି । ଏହାର ସୃଜନଶୀଳ ଡିଜାଇନ ବିଶ୍ୱର ଆଧୁନିକ ଅର୍ଥନୀତିର ହବରେ ପରିଣତ ହୋଇଛି । ପରେ ତେଜଃଧାମ ଧାମରାର ତେଜଃ କ୍ରମଶଃ ଧିରେ ଧିରେ ପ୍ରାଚୀନ କଳିଙ୍ଗର ଜାହାଜ ନିର୍ମାଣ କୌଷ୍ଟର ଦୃଶ୍ୟମାନ କରୁଛି ।

ଭାରତୀୟ ନୌବାଣିଜ୍ୟ ଇତିହାସର ଆଲୋକିତ, ସ୍ୱଳ୍ପାଲୋଚିତ ଓ ଅନାଲୋକିତ ସ୍ମରଣୀୟ ଓଡିଆ ସାଧବ ପୁଅର ପ୍ରେରଣାଦାୟୀ ଦୁଃସାହସିକ ଜୀବନଚରିତ ସହିତ ସ୍ଥିତି, ଗତି, ପ୍ରକୃତି , ସାଂସ୍କୃତିକ, ଅର୍ଥନୈତିକ, ଧାର୍ମିକ ଓ ମନୋବୈଜ୍ଞାନିକ ବିଶ୍ଳେଷଣ ସାମାଜିକ ଅନନ୍ୟ ଅସାଧାରଣ । ଓଡିଶାର ବନ୍ଦର ଶିଳ୍ପର ବିକାଶ ଆଜି ସାରା ଭାରତ ବର୍ଷର ଦୃଷ୍ଟି ଆକର୍ଷଣ କରୁଛି । ସାହିତ୍ୟିକ , ଗବେଷକମାନେ ଏବେ ଐତିହାସିକ କଳିଙ୍ଗ ବାଲିଯାତ୍ରାକୁ ମଡେଲ ଭାବରେ ଅଭିହିତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଧାମରା – ଚାନ୍ଦବାଲିର ଅର୍ଥନୈତିକ ଶ୍ରୀବୃଦ୍ଧି ନୂଆ ଓଡିଶା ଆଡକୁ ଦୁଇ ପାଦ ବଢାଇଛି । ଧାମରାରେ ଶିଳ୍ପ ଓ ବନ୍ଦର ସଂସ୍କୃତି ଅସୀମ ସମ୍ଭାବନା ସୃଷ୍ଟି କରିଛି ।

କଳିଙ୍ଗ – ଉତ୍କଳ – ଓଡିଶାର ନୌବାଣିଜ୍ୟ ପରମ୍ପରା ଆଜି ଏକ କିମ୍ବଦନ୍ତୀ । କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣର ସନ୍ତକ । ଖ୍ରୀଷ୍ଟପୂର୍ବ ୩୫୦ ବେଳକୁ କଳିଙ୍ଗର ନୌବାଣିଜ୍ୟ ପ୍ରାୟ ଆରମ୍ଭ ହୋଇଥିଲା । ୪ଶହ ଖ୍ରୀଷ୍ଟାବ୍ଦ ବେଳକୁ ଧାମରା .ମୁହାଁଣରେ ସାଧବ ସୌଦାଗରମାନେ ବୋଇତ ଯାତ୍ରାରେ ପ୍ରସିଦ୍ଧି ଲାଭ କରିଥିଲେ ବୋଲି ଐତିହାସିକ ମାନେ ଉଲ୍ଲେଖ କରିଛନ୍ତି । କନିକାରୁ କଳିଙ୍ଗ ପର୍ଯ୍ୟନ୍ତ ଏହି ଜଳଯାତ୍ରା ଚାଲିଥିଲା । ଧାମରା କାବ୍ୟରେ କବି ଚନ୍ଦ୍ରମଣି ଦାସ ; ବୈତରଣୀ କାବ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ; ମହୋଦଧି କାବ୍ୟରେ କବିଶେଖର ଚିନ୍ତାମଣି ମହାନ୍ତି , ସରସ୍ୱତୀ ଦାମୋଦର ମିଶ୍ରଙ୍କ ଭଂଜକନିକ. କବି ଦୟାନିଧି ମିଶ୍ରଙ୍କ କନିକା କାବ୍ୟରେ ଧାମରା – ଚାନ୍ଦବାଲିର ସାଧବପୁଅ ପାଲଟଣା ବୋଇତରେ ଧ୍ରୁବତାରା ଓ ପବନର ଗତିକୁ ଦେଖି ଦରିଆପାରି ଦେଶକୁ ନିର୍ଭୟରେ ଯାଉଥିଲେ । ବୋଇତ ଆହୁଲାର ତାକତ, ନାଉରିଆଙ୍କ ସାହସ ଇତିହାସ ଆଖି ପୂରେଇ ଦେଖିଛି ; ଯାହା ଜାହାଜର ନାବିକମାନେ ବିଜ୍ଞାନ ଯୁଗରେ ମଧ୍ୟ ତାହା କରିପାରୁ ନାହାଁନ୍ତି । ନୌବାଣିଜ୍ୟ କ୍ଷେତ୍ରରେ ଅନ୍ୟ ରାଜ୍ୟମାନଙ୍କଠାରୁ ଓଡିଶା ବହୁ ଆଗରେ ଥିବା କଥା ମହାକବି କାଳିଦାସ ତାଙ୍କ ରଘୁବଂଶ କାବ୍ୟରେ ସୂଚନା ଦେଇଛନ୍ତି ।

କବିଶେଖରଙ୍କ ଭାଷାରେ –

"ବହିତ୍ର ବନ୍ଦିତ ରମ୍ୟ ଚାନ୍ଦବାଲି,
ବାଣିଜ୍ୟ ସଂସ୍କୃତି ରଖିଛି ସମ୍ଭାଳି,
ଉତ୍କଳ ସରିତ କୂଳ ମଥା ମଣି,
ବାଣିଜ୍ୟ ଈଶ୍ୱରୀ ମାତା ବୈତରଣୀ ।"

ନୌବାଣିଜ୍ୟ ଏକ ଶବ୍ଦ ନୁହେଁ , ସ୍ୱୟଂ ଏକ ସଂସ୍କୃତି । ଏହା ପ୍ରତ୍ୟେକ ଓଡିଆ ପ୍ରାଣର ଏକ ଭାବନା । ଏକ ସ୍ପନ୍ଦନ, ଯୁଗ ଯୁଗର, ଶତାବ୍ଦୀ ଶତାବ୍ଦୀର କଳିଙ୍ଗ – ଉତ୍କଳ – ଓଡିଶା ଭାରତୀଙ୍କର ଅଭିଶପ୍ତା ନୌବାଣିଜ୍ୟ ଓ ବନ୍ଦର ନନ୍ଦିନୀ କଳିଙ୍ଗ କନ୍ୟା ଧାମରା ଶତଧନ୍ୟା କରିଛି ଓଡିଶା ବନ୍ଦର କୋଣାର୍କର ସୁବର୍ଣ୍ଣ ମୁଖଶାଳା – କଳିଙ୍ଗ ପ୍ରବେଶ ପଥ, ଚନ୍ଦନସା ଶୀତଳ ଚାନ୍ଦବାଲିକୁ ।

"ସୂର୍ଯ୍ୟ ଯେଉଁଠି ଉଇଁ ଆସୁଅଛି ସ୍ୱର୍ଣ୍ଣ ତରଙ୍ଗ ଡେଇଁ ,
କଳିଙ୍ଗ ଦ୍ୱୀପରୁ ବାଲିଦ୍ୱୀପ ଯାଏ , କୀରତି ଯାହାର ଛାଇ, ଏଇ ସେ ଧାମରା ଭୂଇଁ ।"

"ଚୀନ ପରିବ୍ରାଜକ ହୁଏନସାଂ ଓ ଫାହିଯାନ୍‌ଙ୍କ ବିବରଣୀରେ କଳିଙ୍ଗ ନୌବାଣିଜ୍ୟର ବହୁ ତଥ୍ୟ ଉଲ୍ଲେଖ ରହିଛି । ଓଡିଶାର ନୌବାଣିଜ୍ୟ ପରମ୍ପରା ଓ ଏହାର ସାଂସ୍କୃତିକ ଇତିଦାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯାହା ବୈଦେଶିକ ବାଣିଜ୍ୟ ଏବଂ ସାମୁଦ୍ରିକ ଯାତ୍ରାର ଏକ ସୁପ୍ରାଚୀନ ଐତିହ୍ୟ ଓ ଇତିହାସ ଦ୍ୱାରା ଲେଖାଙ୍କିତ । ସାଗର ସଂସ୍କୃତି କଳିଙ୍ଗରୁ ହିଁ ସୃଷ୍ଟି । ଓଡିଆ ସାହିତ୍ୟର ଯଶସ୍ୱୀ କବି ସାରଳା ଦାସ, ଯଶୋବନ୍ତ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଂଜ , ଭକ୍ତ କବି ଦୀନକୃଷ୍ଣ ଦାସ, କବି ମାୟାଧର ମାନସିଂହ ପ୍ରମୁଖ କବି ସେମାନଙ୍କ ସାହିତ୍ୟରେ ଉତ୍କଳୀୟ ସାମୁଦ୍ରିକ ବାଣିଜ୍ୟ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଐତିହାସିକ ଆର.ସି ମଜୁମଦାର ମଧ୍ୟ ଓଡିଶାର ସମୃଦ୍ଧ ସାମୁଦ୍ରିକ ବାଣିଜ୍ୟ ପରମ୍ପରାରେ ଧାମରା, ଧବର ଓ ସୌଦାଗରଙ୍କ ନୌଦକ୍ଷତା ବିଷୟରେ ବର୍ଣ୍ଣନା କରିଛନ୍ତି । ଶ୍ରୀ ଜଗନ୍ନାଥ ଧାମର ଶାଶ୍ୱତ, ସାରସ୍ୱତ ଆଲୋକ, ଦିବ୍ୟ କାର୍ତ୍ତିକ, ଭକ୍ତି, ଶକ୍ତି, ସ୍ୱାଭିମାନ ଉତ୍ସବର ସମନ୍ୱୟ ବିନ୍ଦୁ ଏଇ ନୌବାଣିଜ୍ୟ ।

ବୋଇତ ରାଣୀ ବୈତରଣୀରେ ସୁନା ବୋଇତରେ ସାଧବପୁଅ ନଦୀ ସାଗର ବୁକୁରେ ଧବଳ ଗାରକାଟି ହଂସ ହଂସରାଳି ପରି ସନ୍ତରଣକରି ଏକଦା ଯେଉଁ ଅଲିଭା ଅଭୁଲା ଇତିହାସ ସୃଷ୍ଟି କରିଥିଲେ ସେହି ଧାମରା ମାଟିରେ ଛିଡା ହୋଇ ଇଂରେଜ ସାହେବମାନେ ବିସ୍ମିତ ହୋଇ ପ୍ରଶ୍ନ କରିଥିଲେ ଏଇ କ'ଣ ସେଇ ତଅପୋଈ ଯୁଗର ଧାମରା ବନ୍ଦର । ଏଇ କ'ଣ ସେଇ ଧାମରା ଯେଉଁଠି ଧନେଶ୍ୱର ନରେନ୍ଦ୍ର ଚାନ୍ଦ ସୌଦାଗର ବାଣିଜ୍ୟେ ବସତି ଲକ୍ଷ୍ମୀ ଅର୍ଥକୁ ସାର୍ଥକ କରି ବାଣିଜ୍ୟ ମେଳା ବା ମକର ମେଳା ଆୟୋଜନ କରିଥିଲେ । ଯାହା ଆଜି କଳିଙ୍ଗ ବାଲିଯାତ୍ରାର ଅନ୍ତୁଡିଶାଳ । ସେଇ ସୁମଧୁର ସ୍ମୃତିକୁ

ଆଧାର କରି ସୂର୍ଯ୍ୟ ପରିଷଦ ବହିତ୍ର – ୧/ ୧୯୯୨, ପୂଜ୍ୟ ପୂଜା ସଂସଦ ବହିତ୍ର -୨ / ୨୦୦୧ କଳିଙ୍ଗ ଯୁବଶକ୍ତି , ଆମ ପରମ୍ପରା, ଚାନ୍ଦବାଲି ସାଂସ୍କୃତିକ ପରିଷଦ, ଧାମରା ବୋଇତ ବନ୍ଦାଣ ଆଂଚଳିକ କମିଟି ପକ୍ଷରୁ ବର୍ଣ୍ଣାଢ୍ୟ ପରିବେଶରେ ଆଜି ବି ସାଜସଜ୍ଜା ସୁଶୋଜ୍ଜିତ ବୋଇତରେ ସପ୍ତ ସାଧବ ଓ ତଅପୋଇ ବେଶରେ ବୋଇତ ବନ୍ଦାଣ ଉତ୍ସବ ଦୀର୍ଘ ୧୮ କିଲୋମିଟର ଜଳପଥରେ ନୌଯାତ୍ରା କରି କାଳଜୟୀ ପରମ୍ପରା ସୃଷ୍ଟି କରିଚାଲିଛନ୍ତି । ଏବେ ବୋଇତ ବନ୍ଦାଣରେ ରାଜନୀତି କରଣ କରାଯାଉଛି । ଯାହା ସଂସ୍କୃତି କମ ପ୍ରତିଯୋଗୀତା ବେଶୀ । ତଥାପି କର୍ପୂର ସୁଗନ୍ଧ ବନ୍ଦରାଂଚଳରେ ହଜିଯାଇନି କି ଲିଭିପାରୁନି । ଏଇ ଲେଖକଙ୍କ ଭାଷାରେ –

"ଶାନ୍ତ ଆକାଶେ କାନ୍ତ ସୁଷମା, ମୁଗଧ ବିଭୋର ମନ୍ତେଇ ନଈ,
ନିଜ ଅଜଣାରେ ଫେରି ଆସୁଥାଏ, ଲଂଘି ସାତ ସିନ୍ଧୁ ପଛକୁ ଚାହିଁ,
ବିଜନ ବଜାଏ ଶାନ୍ତ ବନ ବିଥି, ମନଲୋଭା କେଉଁ ଅଜଣା ସୁର,
ବେଳ ଅବେଳରେ ଅସୀମ ଦିଗନ୍ତ, ହାତ ଠାରି ଡାକେ ସାଗର ତୀର ।

ସୁଦୂର ଅତୀତର ଗୌରବ କୀର୍ତ୍ତିକୁ କେବଳ ବୋଇତ ବନ୍ଦାଣ ଉତ୍ସବରେ ଗୋଟିଏ ଦିନ ସ୍ମରଣ କରି ନିଜକୁ ଗର୍ବିତ ହେଉଛୁ । କିନ୍ତୁ ଏକଦା ପ୍ରଚୀନ ଧାମରା – ଚାନ୍ଦବାଲି ଶିଳ୍ପ ବାଣିଜ୍ୟ, ଧାନ. ମୀନର ପେଣ୍ଠ ସ୍ଥଳୀ ଥିଲା । ଏକଥା ଆମେ ଭୁଲିଯାଇଛୁ । ସରିତ ସାଗର ଲେଖା, ଆଣ୍ଡାମାନ ଓ ନିକୋବର ଦ୍ୱୀପରୁ ସଂଗୃହିତ ତଥ୍ୟରୁ ବୋଇତରେ ଯାଜପୁର ବିରଜା କ୍ଷେତ୍ରରୁ ମୁନି ଋଷିମାନେ ଧାମରା ମୁହାଁଣ ସୁନା ଦରିଆର ନୀଳ ଜଳରାଶିରେ ବିଶ୍ୱର ପ୍ରଥମ ନୌବାଣିଜ୍ୟର ସାଗର ସ୍ତୁତି କରିଥିଲେ । ସେ କଥା ଭୁଲିଯାଇଛୁ । ଓଡିଶାର ମନ୍ଦିର କହିଲେ ଯେମିତି କୋଣାର୍କ ସେମିତି ବନ୍ଦର କହିଲେ ଚାନ୍ଦବାଲିକୁ ବୁଝାଏ । ନୌବାଣିଜ୍ୟ ପରମ୍ପରାକୁ ବିଶ୍ୱସ୍ତରୀୟ କରିବାକୁ ହେଲେ ଧାମରାରେ ବିଶ୍ୱ ବଜାର ସୃଷ୍ଟି କରିବାକୁ ହେବ ।

"ସୁନାର ବୋଇତ ଭାସି ଭାସି ଯାଏ,
ବେପାର ବଣିଜ ସାରି,
ସୁନା ଦରିଆରେ ଢେଉ କାଟି କାଟି ସାଗରର ବୁକୁ ଚିରି,
ବୋଇତରେ ଭରା ଧନ ଦଉଲତ ସାଧବାଣୀ ମନ ଜାଣି,
ସାଗର ସେପାରି ଲବଙ୍ଗ ଦ୍ୱୀପରୁ ବାସ୍ନା ଦେଉଅଛି ବୁଣି ।"

❑❑❑

ମୁଁ ଓ ଉତ୍କଳ ବିଶ୍ୱବିଦ୍ୟାଳୟ



ଡ. ଶ୍ରୀରାମ ଚନ୍ଦ୍ର ଦାଶ

ଲେଖକଙ୍କ ଆତ୍ମଜୀବନୀ
'ମୋ ଅକୁହା କାହାଣୀ'ରୁ
ସଂଗୃହୀତ

୧୯୪୩ ନଭେମ୍ବର ୨୭ ତାରିଖ ପଶ୍ଚିମ ଛାତ୍ରାବାସର ସାଧାରଣ ପ୍ରକୋଷ୍ଠରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜନ୍ମଲାଭ କଲା । ଛାତ୍ରାବାସରୁ ୱାର୍ଡ଼ନ ପଦ ଉଠିଯିବା ପରେ ତାଙ୍କ ବାସଗୃହ ଖାଲି ପଡ଼ିଥିଲା । ପୂର୍ବତନ ୱାର୍ଡ଼ନ ଡକ୍ଟର ବଳଭଦ୍ର ପ୍ରସାଦ ତଥାପି ସେ ଘରେ ରହୁଥିଲେ । ସେହିଘରେ ବିଶ୍ୱବିଦ୍ୟାଳୟର ଦପ୍ତର ସ୍ଥାପିତ ହେଲା । ଏବେ ବିଶ୍ୱବିଦ୍ୟାଳୟକୁ ୧୯ ବର୍ଷ ବୟସ ହୋଇଗଲାଣି । କିଛି ବର୍ଷ ପରେ ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବ । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ମୂଳରେ କେଉଁ ପ୍ରକାର ସଂଗ୍ରାମ ରହିଛି ତାହା ସମସ୍ତେ ଜାଣିବା ଉଚିତ । ଯିଏ ଯାହା କୁହନ୍ତନା କାହିଁକି ପ୍ରାଣକୃଷ୍ଣ ପରିଜାଙ୍କ ନାମକୁ ଛାଡ଼ି ଉତ୍କଳ ବିଶ୍ୱବିଦ୍ୟାଳୟ

କଳ୍ପନା କରିହେବ ନାହିଁ। ବିଶ୍ୱବିଦ୍ୟାଳୟର ପୁସ୍ତକାଗାର ପରିଜା ଲାଇବ୍ରେରୀ ନାମିତ ହେବା ଯଥାର୍ଥ ।

୧୯୩୬ ଅପ୍ରେଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା। ସେତେବେଳକୁ କଟକ, ପୁରୀ, ବାଲେଶ୍ୱର ଓ ସମ୍ବଲପୁର ଶିକ୍ଷାନୁଷ୍ଠାନଗୁଡ଼ିକ ପାଟନା ବିଶ୍ୱବିଦ୍ୟାଳୟ ଅଧିନରେ ଥିଲା। ପ୍ରବେଶିକା ପରୀକ୍ଷା ପରିଚାଳନା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଗଠିତ ହୋଇ ନ ଥିଲା। ଗଞ୍ଜାମ ଓ କୋରାପୁଟର ଶିକ୍ଷାନୁଷ୍ଠାନଗୁଡ଼ିକୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ନିୟନ୍ତ୍ରଣ କରୁଥିଲା। କଟକ ସହରରେ ଉଚ୍ଚ ଇଂରାଜୀ ବିଦ୍ୟାଳୟଗୁଡ଼ିକ ବ୍ୟତୀତ ରେଭେନ୍‌ସା କଲେଜ, କଟକ ଟ୍ରେନିଂ କଲେଜ ଓ ଆଇ.ଏ.ଶ୍ରେଣୀ ଥିବା ରେଭେନ୍‌ସା ବାଳିକା ବିଦ୍ୟାଳୟ ପାଟନା ବିଶ୍ୱବିଦ୍ୟାଳୟ ଅଧିନରେ ରହିଥିଲା। ପୁରୁଣା ଚାରିଜିଲ୍ଲାରେ ଆଉ କୌଣସି କଲେଜ ନ ଥିଲା। କୋରାପୁଟରେ କେତେଗୋଟି ଉଚ୍ଚ ଇଂରାଜୀ ବିଦ୍ୟାଳୟ ଥିଲା କିନ୍ତୁ କଲେଜ ଅଦୌ ନ ଥିଲା। ଗଞ୍ଜାମ ଜିଲ୍ଲାରେ ପାରଳାଖେମୁଣ୍ଡି ଡିଗ୍ରୀ କଲେଜ ଓ ଖଲ୍ଲିକୋଟ ଆଇ.ଏ.କଲେଜ ଥିଲା। ଅନ୍ୟ କୌଣସି କଲେଜ ନଥିଲା। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାରୁ ସମସ୍ତେ ଗୋଟିଏ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଭବ କଲେ। ଉତ୍କଳ ସମ୍ମିଳନୀ ମଧ୍ୟ ଗୋଟିଏ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଦାବୀ କରିଥିଲା। ୧୯୧୯ରେ ବିହାର-ଓଡ଼ିଶାର ଛୋଟଲାଟ ସାର ଏଡ଼ୱାର୍ଡ଼ ଗେଟ ଏବର ରେଭେନ୍‌ସା କଲେଜ ଅଟ୍ଟାଳିକାର ଭିତ୍ତି-ପ୍ରସ୍ତର ସ୍ଥାପନ କରିବାବେଳେ କହିଥିଲେ- "ମୋର ବିଶ୍ୱାସ ଏହି କଲେଜ ଦିନେ ଭବିଷ୍ୟତ ଓଡ଼ିଶା ବିଶ୍ୱବିଦ୍ୟାଳୟ କେନ୍ଦ୍ରବିନ୍ଦୁ ହେବ।" ବିହାର-ଓଡ଼ିଶା ପ୍ରାଦେଶିକ ବ୍ୟବସ୍ଥାପକ ପରିଷଦରେ ପଣ୍ଡିତ ଗୋପବନ୍ଧୁ ଦାସ ଓ ଉତ୍କଳଗୌରବ ମଧୁସୂଦନ ଦାସ କେତେଥର ଓଡ଼ିଶା ପାଇଁ ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଥା ଉଠାଇ ଥିଲେ। ସରକାର ଏ ବିଷୟ ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିଲେ, କାହିଁକି ନା ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେବାର ପାଞ୍ଚବର୍ଷ ପରେ ୧୯୧୭ରେ ସମଗ୍ର ପ୍ରଦେଶ ପାଇଁ ଗୋଟିଏ ବିଶ୍ୱବିଦ୍ୟାଳୟ ପାଟନାଠାରେ ସ୍ଥାପିତ ହୋଇଥିଲା। ବିହାର-ଓଡ଼ିଶା ପ୍ରଦେଶ ଭିତରେ ଓଡ଼ିଶା ପାଞ୍ଚଗୋଟି ବିଭାଗ ମଧ୍ୟରୁ ଗୋଟିଏ ବିଭାଗ ଥିଲା ମାତ୍ର। ସରକାର ଭୟ କରୁଥିଲେ, ଓଡ଼ିଶା ପାଇଁ ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଦେଲେ ତିରହୁତ, ଭାଗଲପୁର ଓ ଛୋଟନାଗପୁର ବିଭାଗ ମଧ୍ୟ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଦାବୀ କରିପାରନ୍ତି। ଅବଶ୍ୟ ଓଡ଼ିଶାର ଗୋଟିଏ ସ୍ୱତନ୍ତ୍ର ଭାଷା ଓ ସଂସ୍କୃତି ଥିଲା। ଅନ୍ୟ ଚାରି ବିଭାଗର ଭାଷା ଓ ସଂସ୍କୃତି ପ୍ରାୟ ସମାନ ଥିଲା। ଓଡ଼ିଶାର ଦାବୀ ଯୁକ୍ତିଯୁକ୍ତ ହେଲେ ହେଁ ବିଦେଶୀ ସରକାର ସବୁ ବିଭାଗକୁ ସନ୍ତୁଷ୍ଟ କରିବା ପାଇଁ ଓଡ଼ିଶାର ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବୀକୁ ଗ୍ରହଣ କରିପାରିଲେ ନାହିଁ। ତେଣୁ ଛୋଟଲାଟ ଗେଟ୍ ସାହେବଙ୍କ ଭବିଷ୍ୟତବାଣୀ କଥାରେ ହିଁ ରହିଗଲା। ସେତେବେଳେ

ଓଡ଼ିଶାରେ ବି ବହୁସଂଖ୍ୟକ ସ୍କୁଲ ଓ କଲେଜ ନ ଥିଲା ।

ଓଡ଼ିଶାର ଶିକ୍ଷାଜଗତରେ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ସ୍ୱତନ୍ତ୍ର ସ୍ଥାନ ଥିଲା । ସେ ଦୁହେଁ ସତ୍ୟବାଦୀ ବନ ବିଦ୍ୟାଳୟ ସହିତ ସଂଶ୍ଳିଷ୍ଟ ଥିଲେ । ପଣ୍ଡିତ ନୀଳକଣ୍ଠ ସେଠାରେ ପ୍ରଧାନଶିକ୍ଷକ ରୂପେ ଖ୍ୟାତି ଅର୍ଜନ କରିଥିଲେ । ପଣ୍ଡିତ ଗୋଦାବରୀଶ କେବଳ ବନ ବିଦ୍ୟାଳୟରେ ଶିକ୍ଷକତା କରି ନଥିଲେ, ପଣ୍ଡିତ ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସେ ସିଂହଭୂମି ଜିଲ୍ଲାର ଚକ୍ରଧରପୁର ଓ ଅନ୍ୟାନ୍ୟ ସ୍ଥାନରେ ବିଦ୍ୟାଳୟ ବସାଇ ଶିକ୍ଷାପ୍ରସାର କରାଇବାରେ ସାହାଯ୍ୟ କରିଥିଲେ ।

୧୯୩୭ ମସିହା ଜୁଲାଇ ମାସରେ ବିଶ୍ୱନାଥ ଦାସଙ୍କ ଶିକ୍ଷାମନ୍ତ୍ରୀତ୍ୱରେ ମନ୍ତ୍ରୀମଣ୍ଡଳୀୟ ଶାସନ ଆରମ୍ଭ ହେବା ମାତ୍ରକେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପ୍ରଶ୍ନ ଉଠିଲା । ଏଥିପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ସରକାର ଗୋଟିଏ କମିଟି ବସାଇଲେ । କଟକ ଟ୍ରେନିଂ କଲେଜର ଅଧ୍ୟକ୍ଷ ମହେଶ ଚନ୍ଦ୍ର ପ୍ରଧାନ ସମ୍ପାଦକ ଥିଲେ । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଷୟକ ବିଭିନ୍ନ ସମସ୍ୟା ପର୍ଯ୍ୟାଲୋଚନା କରି ଏହି ବିଶ୍ୱବିଦ୍ୟାଳୟ କେଉଁଠାରେ ପ୍ରତିଷ୍ଠିତ ହେବ ଓ ଏଥିପାଇଁ କେତେ ଅର୍ଥ ଆବଶ୍ୟକ ହେବ, ଏହିସବୁ ବିଷୟରେ ସୁପାରିସ କରିବା ଦାୟିତ୍ୱ କମିଟିକୁ ଦିଆଯାଇଥିଲା । ଏହି କମିଟି ବହୁ ଲୋକଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲେ । କମିଟିର ବିବରଣୀ ସରକାରଙ୍କୁ ଦିଆଯିବା ଆଗରୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତ ଯୋଗଦେଇଥିବା ବିରୁଦ୍ଧରେ ପ୍ରତିବାଦ କରି ମନ୍ତ୍ରୀମଣ୍ଡଳ ୧୯୩୯ ଡିସେମ୍ବର ମାସରେ ଇସ୍ତଫା ଦେଇଥିଲେ ଓ ପ୍ରଦେଶରେ ରାଜ୍ୟପାଳଙ୍କ ପ୍ରତ୍ୟକ୍ଷ ଶାସନ ଜାରି ହେଲା । ସେତେବେଳେ କମିଟି ବିବରଣୀ ଦାଖଲ କରିଥିଲେ, ଏହା ନିରର୍ଥକ ହୋଇଥାନ୍ତା ।

ଓଡ଼ିଶା ପ୍ରଦେଶ ପାଟନା ବିଶ୍ୱବିଦ୍ୟାଳୟ ସହିତ ସଂଶ୍ଳିଷ୍ଟ ଥିବାବେଳେ ରେଭେନ୍‌ସା କଲେଜ ଓ ଟ୍ରେନିଂ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପିକାମାନେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବୈଠକରେ ଯୋଗଦେବା ଲାଗି ବିଶ୍ୱବିଦ୍ୟାଳୟ ଖର୍ଚ୍ଚରେ ପାଟନା ଯାଉଥିଲେ । ପାଟନା ଯିବାବେଳେ ଦିନ ଗୋଟିଏ କଲିକତାରେ ରହିବାକୁ ପଡୁଥିଲା ବୋଲି ଏହା କେତେକାଂଶରେ ସୁବିଧାଜନକ ଥିଲା । ବିଶ୍ୱବିଦ୍ୟାଳୟ ସିଣ୍ଡିକେଟରେ ଶିକ୍ଷାବିଭାଗ ନିର୍ଦ୍ଦେଶକ ଶ୍ୟାମଚନ୍ଦ୍ର ତ୍ରିପାଠୀ ଓ ରେଭେନ୍‌ସା କଲେଜ ଅଧ୍ୟକ୍ଷ ପ୍ରାଣକୃଷ୍ଣ ପରିଜା ସ୍ଥାୟୀ ସଭ୍ୟ ଥିଲେ । ଅନ୍ୟ ଅଧ୍ୟାପକମାନଙ୍କ ମଧ୍ୟରୁ ପ୍ରଥମେ ନାରାୟଣ ମିଶ୍ର ଓ ପରେ ବିପିନ ବିହାରୀ ରାୟ ସିଣ୍ଡିକେଟ ସଭ୍ୟ ଥିଲେ । ସେମାନେ ପ୍ରତି ମାସରେ ଏକାଧିକବାର ପାଟନା ଯାଉଥିଲେ । ତେଣୁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ବିଷୟରେ ଅଧ୍ୟାପକଗୋଷ୍ଠୀ ବିଶେଷ ଆଗ୍ରହୀ ନ ଥିଲେ ।

୧୯୪୧ ନଭେମ୍ବର ମାସରେ ପାରଳାଖେମୁଣ୍ଡି ମହାରାଜା ସାର କୃଷ୍ଣଚନ୍ଦ୍ର

ଗଜପତି ନାରାୟଣ ଦେଓ ପ୍ରଧାନମନ୍ତ୍ରୀ ଥାଇ ଗୋଟିଏ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏହି ମନ୍ତ୍ରୀମଣ୍ଡଳରେ ଶିକ୍ଷାମନ୍ତ୍ରୀ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର । ତୃତୀୟ ମନ୍ତ୍ରୀ ଥିଲେ ଭଦ୍ରକର ମହମ୍ମଦ ଅବଦୁଲ ଶୋଭାନ ଖାଁ । ପାରଳାଖେମୁଣ୍ଡି ମହାରାଜା ଜଣେ ଶିକ୍ଷାନୁରାଗୀ ବ୍ୟକ୍ତି ଥିଲେ । ତାଙ୍କ ପୂର୍ବପୁରୁଷ ନିଜ ରାଜଧାନୀରେ ଗୋଟିଏ ସ୍ନାତକ ଉପାଧି କଲେଜ, ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ଗୋଟିଏ ସଂସ୍କୃତ କଲେଜ ପ୍ରତିଷ୍ଠା କରିଥିଲେ । ସେ ଦକ୍ଷିଣ ଭାରତରୁ ବହୁ କୃତବିଦ୍ୟ ଅଧ୍ୟାପକମାନଙ୍କୁ ନିଜ କଲେଜରେ ନିଯୁକ୍ତି ଦେଇଥିଲେ । ତାଙ୍କଦ୍ୱାରା ନିଯୁକ୍ତ ଶିକ୍ଷକ ଓ ଅଧ୍ୟାପକମାନେ ବିଶ୍ୱବିଦ୍ୟାଳୟ କାର୍ଯ୍ୟରେ ଘନ ଘନ ଓ୍ୱାଲଟିୟର ଠାରେ ଥିବା ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଯାଉଥିବା କଥା ତାଙ୍କୁ ଭଲ ଲାଗି ନ ଥିଲା । ତାଙ୍କ ନିଜ ଜମିଦାରୀରୁ ଅଧେ ମାନ୍ଦ୍ରାଜ ପ୍ରଦେଶରେ ରହିଥିବାରୁ ସେ କ୍ଷୁବ୍ଧ ଥିଲେ । ମାନ୍ଦ୍ରାଜ ପ୍ରଦେଶରୁ ସମ୍ପର୍କ ତୁଟାଇ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସେ ମଧ୍ୟ ଆଗ୍ରହୀ ଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ମିଳିତ ମନ୍ତ୍ରୀମଣ୍ଡଳର ଉଦ୍ୟୋକ୍ତା ଓ କର୍ଣ୍ଣଧାର ଥିଲେ । ସୁବାଷ ଚନ୍ଦ୍ର ବୋଷ ଭାରତ ଛାଡ଼ି ଇଉରୋପକୁ ପଳାଇଯିବା ଆଗରୁ ବଙ୍ଗଳା, ଓଡ଼ିଶା ଓ ଆସାମରେ ମୁସଲମାନମାନଙ୍କ ସହିତ ହାତମିଳାଇ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଏହି ତିନି ପ୍ରଦେଶରେ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । ପଣ୍ଡିତ ନୀଳକଣ୍ଠ ଦାସ ବୋଷଙ୍କ 'ଫରଓ୍ୱାର୍ଡ ବ୍ଲକ୍'ର ଜଣେ ନେତା ଥିବାରୁ ସେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିଥିଲେ । ଏଥିପାଇଁ କେତେଜଣ କଂଗ୍ରେସ ବ୍ୟବସ୍ଥାପକଙ୍କୁ ଦଳରୁ ଖସାଇ ଆଣିବାକୁ ପଡ଼ିଲା । କଂଗ୍ରେସ ଛାଡ଼ିଥିବା ସଭ୍ୟମାନଙ୍କ ନେତା ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର । ପଣ୍ଡିତ ଦାସ ଓ ପଣ୍ଡିତ ମିଶ୍ର ଉଭୟ ବିଶିଷ୍ଟ ଶିକ୍ଷାବିତ୍ ଥିଲେ । ଦୁହିଁଙ୍କ ଶିକ୍ଷାଗୁରୁ ପଣ୍ଡିତ ଗୋପବନ୍ଧୁ ସ୍ୱତନ୍ତ୍ର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରବକ୍ତା ଥିଲେ ବୋଲି ଦୁଇ ପଣ୍ଡିତ ଏ କ୍ଷେତ୍ରରେ ସବିଶେଷ ଆଗ୍ରହ ଦେଖାଇଥିଲେ । ପଣ୍ଡିତ ନୀଳକଣ୍ଠ ଏହି ସମୟରେ ନିଜ କମିଟିର ବିବରଣୀ ସରକାରଙ୍କ ନିକଟରେ ଦାଖଲ କଲେ । ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ଜୋରସୋର୍ ଉଦ୍ୟମ ଆରମ୍ଭ ହୋଇ ଯାଇଥିଲା ।

ଫରଓ୍ୱାର୍ଡ଼ ବ୍ଲକ୍‌ରେ ଗଞ୍ଜାମର ଦିବାକର ପଟ୍ଟନାୟକ ଅନ୍ୟତମ ନେତା ଏବଂ ପୁରୀର ସୁରଜମଲ୍ଲ ଶାହା ଓ ବିବୁଧେନ୍ଦ୍ର ମିଶ୍ର ଦୁଇଜଣ ବିଶିଷ୍ଟ କର୍ମୀ ଥିଲେ । ୧୯୪୦ରେ ରେଭେନ୍‌ସା କଲେଜରେ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉଡ଼ାଇବା ନେଇ ଛାତ୍ରନେତା ନୀଳମଣି ରାଉତରାୟ ଓ ବିବୁଧେନ୍ଦ୍ର ମିଶ୍ରଙ୍କୁ କଲେଜରୁ ଏବଂ ସେବର୍ଷ ବି.ଏ.ପରୀକ୍ଷାରୁ ବହିଷ୍କାର କରାଗଲା ବୋଲି ଗୋଟିଏ ଦୀର୍ଘ କାଳବ୍ୟାପୀ ବିରାଟ ଛାତ୍ର-ଧର୍ମଘଟ ହୋଇଥିଲା । ଏହାର ଅନ୍ୟତମ ନେତା ଥିଲେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ବଡ଼ପୁଅ ଅଶୋକ ଦାସ । ଛାତ୍ର ଧର୍ମଘଟ ବନ୍ଦ କରାଇବା ଲାଗି ସିଣ୍ଡିକେଟ ସଭ୍ୟ ବିପିନ ବିହାରୀ

ରାୟ ଯଥେଷ୍ଟ ଉଦ୍ୟମ କରିଥିଲେ; କିନ୍ତୁ ଅଧ୍ୟକ୍ଷ ଡକ୍ଟର ପରିଜା ଓ ପାଟନା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସଚ୍ଚିଦାନନ୍ଦ ସିଂହ କୌଣସି ସମାଧାନ ସୂତ୍ରରେ ରାଜିହେଲେ ନାହିଁ । ସେବର୍ଷ ମୁଁ ମଧ୍ୟ ବି.ଏ.ପରୀକ୍ଷା ଦେଇଥିଲି । ନୀଳମଣି ଓ ବିବୁଧେନ୍ଦ୍ର ମୋର ସହାଧ୍ୟାୟୀ ଥିଲେ । ଅଧ୍ୟକ୍ଷ ଓ କୁଳପତିଙ୍କ ଜିଦ୍ ରହିଲା । ଅତ୍ୟଧିକ ବଳପ୍ରୟୋଗ କରି ପୁଲିସ ସାହାଯ୍ୟରେ ଛାତ୍ର-ଧର୍ମଘଟକୁ ଭାଙ୍ଗି ଦିଆଗଲା । ନୀଳମଣି ଓ ବିବୁଧେନ୍ଦ୍ର ପରୀକ୍ଷା ଦେଇପାରିଲେ ନାହିଁ । ପରବର୍ତ୍ତୀ ଜୀବନରେ ନୀଳମଣି ରାଉତରାୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ୧୯୮୯ରେ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ଏବଂ ବିବୁଧେନ୍ଦ୍ର ମିଶ୍ର କେନ୍ଦ୍ରଶାସନରେ ଆଇନ ଏବଂ ବାଣିଜ୍ୟ ଓ ଯୋଗାଣ ବିଭାଗର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ।

୧୯୪୨ରେ ଭାରତଛାଡ଼ ବା ଅଗଷ୍ଟ ବିପ୍ଳବ ହୋଇଥିଲା । ସେତେବେଳେ ବିବୁଧେନ୍ଦ୍ର ମିଶ୍ର ଓ ସୁରଜମଲ୍ଲ ଶାହା ଆଇନ ଶ୍ରେଣୀରେ ପଢୁଥିଲେ । ସେ ଦୁହେଁ ସୁଭାଷ ବୋଷଙ୍କ ପ୍ରତ୍ୟେକ୍ଷ ସଂସ୍ପର୍ଶରେ ଆସି ଫରୱାର୍ଡ଼ ବ୍ଲକ୍‌ର ଯୁବନେତା ହୋଇଥିଲେ । ବୋଷ ଭାରତ ଉପରେ ଆକ୍ରମଣ କରି ଓଡ଼ିଶାର ସମୁଦ୍ରକୂଳରେ ସୈନ୍ୟସହିତ ଓହ୍ଲାଇବାବେଳେ ସେମାନଙ୍କ ସହିତ ସହଯୋଗ କରିବାକୁ ଇଚ୍ଛୁକ ଲୋକଙ୍କୁ ଚିହ୍ନିବା ସହଜ ହେବ ବୋଲି ବିଚାର କରି ସେମାନଙ୍କ ପାଇଁ ଏକପ୍ରକାର ବୋତାମ ଯୋଗାଇଦେଇ ଯାଇଥିଲେ । ସୁରଜମଲ୍ଲଙ୍କ ଘରେ ଏହି ବୋତାମଗୁଡ଼ିକ ଥିଲା । ଦିନେ ବିବୁଧେନ୍ଦ୍ର ଏ ବିଷୟରେ ଜଣେ ବନ୍ଧୁଙ୍କ ସହ ଆଲୋଚନା କରୁଥିବାବେଳେ ପୁଲିସ୍ ଇନସ୍‌ପେକ୍ଟର ରାଜଗୋବିନ୍ଦ ବୋଷ ଏହା ଶୁଣି ସୁରଜମଲ୍ଲଙ୍କ ଘର ଖାନତଲାସ୍ କରି ବୋତାମ ପାଇଲେ । ଫଳରେ ବିବୁଧେନ୍ଦ୍ର ଓ ସୁରଜମଲ୍ଲ ରାଜଦ୍ରୋହ ଅପରାଧରେ ଗିରଫହୋଇ କଟକ ଜେଲରେ ବନ୍ଦୀ ଥିଲେ । ଉଭୟ ପଣ୍ଡିତ ନୀଳକଣ୍ଠଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ୧୯୪୧ ନଭେମ୍ବର ମାସରେ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେବାବେଳେ ଅଧ୍ୟାପକ ବିପିନ ବିହାରୀ ରାୟ ନିର୍ଦ୍ଦିଷ୍ଟ ବନ୍ଦୋବସ୍ତ କରିବା ଲାଗି ପଚାଶ ହଜାର ଟଙ୍କା ସାହାଯ୍ୟ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ କଲିକତା ବିଶ୍ୱବିଦ୍ୟାଳୟରେ ଏମ.ଏ.ପଢ଼ିବାବେଳେ ଅଧ୍ୟାପକ ରାୟ ସେହି ଦର୍ଶନଶାସ୍ତ୍ରରେ ଉପରେ ଶ୍ରେଣୀରେ ପଢୁଥିଲେ । ଉଭୟଙ୍କର ମଧ୍ୟରେ ଅନ୍ତରଙ୍ଗ ବନ୍ଧୁତା ଥିଲା । ମନ୍ତ୍ରୀମଣ୍ଡଳ ଗଠନବେଳେ ଅଧ୍ୟାପକ ରାୟ ଆର୍ଥିକ ସାହାଯ୍ୟ ଦେଇଥିଲେ ବୋଲି ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ତାଙ୍କ ସହିତ ବହୁ ବିଷୟରେ ପରାମର୍ଶ କରୁଥିଲେ । ଅଧ୍ୟାପକ ରାୟଙ୍କର ବହୁକ୍ଷେତ୍ରରେ ଏକପ୍ରକାର ଦୂରଦର୍ଶିତା ଥିଲା । ତାଙ୍କ ପରାମର୍ଶ ଶାସନ କ୍ଷେତ୍ରରେ ସହାୟକ ହେଉଥିଲା । ଅଧ୍ୟାପକ ରାୟ ନିଜ ମନମୁତାବକ ଜଣେ ଶିକ୍ଷାମନ୍ତ୍ରୀ ପାଇଥିବାରୁ, ବିଶେଷତଃ ୧୯୪୦ ଛାତ୍ର-ଧର୍ମଘଟ ବେଳେ ଅପମାନିତ ହୋଇଥିବାରୁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଅତି ଆଗ୍ରହ ଥିଲା । ନୀଳକଣ୍ଠ, ଗୋଦାବରୀଶ, ପାରଳାଖେମୁଣ୍ଡି ମହାରଣା ଓ ବିପିନ ବିହାରୀଙ୍କ ପରସ୍ପର

ସହଯୋଗ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଣିକାଞ୍ଚନ ସଂଯୋଗ ପରି ଥିଲା । ସୌଭାଗ୍ୟକୁ ଶିକ୍ଷାବିଭାଗର ନିର୍ଦ୍ଦେଶକ ଥିଲେ ଶ୍ୟାମଚନ୍ଦ୍ର ତ୍ରିପାଠୀ । ତାଙ୍କ ସାନଭାଇକୁ ଗୋଦାବରୀଶଙ୍କ କନ୍ୟା ବିବାହ କରିଥିଲେ । ଉଭୟଙ୍କ ମଧ୍ୟରେ ଶ୍ୱଶୁର-ଜ୍ୱାଇଁ ସମ୍ପର୍କ ଥିବାରୁ ଗୋଦାବରୀଶଙ୍କ ଶିକ୍ଷା ବିଷୟକ ଚିନ୍ତାଧାରା ତତ୍‌କ୍ଷଣାତ୍ କାର୍ଯ୍ୟକାରୀ ହେବାରେ କୌଣସି ଅସୁବିଧା ନଥିଲା ।

୧୯୪୨ ଅଗଷ୍ଟ ମାସରେ ମୁଁ ପାଟନାରେ ଏମ୍.ଏ. ପରୀକ୍ଷା ଦେଇସାରି କଟକକୁ ଫେରି ଆସିଲି । ଜଣେ ମେଧାବୀ ଛାତ୍ର ହିସାବରେ ମୋର ଦୁଇ ପଣ୍ଡିତଙ୍କ ସହିତ ପରିଚୟ ଥିଲା । ଅଧ୍ୟାପକ ରାୟ, ମୁଁ ପାଟନାରେ ପଢ଼ିବା ଲାଗି ମୋତେ ଅର୍ଥ ସାହାଯ୍ୟ ଦେଉଥିଲେ । ମୁଁ ତାଙ୍କ ପୁତ୍ରକଳ୍ପ ଥିଲି । ମୁଁ ରେଭେନ୍‌ସା କଲେଜରେ ଆଇ.ଏ. ପଢୁଥିବାବେଳେ ଅଧ୍ୟକ୍ଷ ତ୍ରିପାଠୀ ସାହେବ ମୋତେ ଯଥେଷ୍ଟ ସ୍ନେହ କରୁଥିଲେ । ବିବୁଧେନ୍ଦ୍ର (ଯାହାର ଡାକନାମ କୁନି) ମୋର ସହପାଠୀ ଥିଲା । ସୁରଜମଲ୍ଲ ପଶ୍ଚିମ ଛାତ୍ରବାସରେ ଥିବାବେଳେ ମୋର ଜଣେ ଘନିଷ୍ଠ ବନ୍ଧୁ ଥିଲା ।

ସେହିବର୍ଷ ସେପ୍‌ଟେମ୍ବର ପହିଲା ଦିନ 'ଦୈନିକ ନବଭାରତ' ସମ୍ପାଦକ ପଣ୍ଡିତ ନୀଳକଣ୍ଠ ଦାସ କେନ୍ଦ୍ର ବିଧାନସଭା ମୌସୁମୀ ଅଧିବେଶନରେ ଯୋଗଦେବା ପାଇଁ ସିମଳା ଗଲେ । ତାଙ୍କ ଅନୁପସ୍ଥିତିରେ ସମ୍ପାଦକ କାର୍ଯ୍ୟ ତୁଲାଇବାଲାଗି ମୋତେ ଦାୟିତ୍ୱ ଦେଇଗଲେ । ମୁଁ ତାଙ୍କ ପାଖରେ ଚାକିରି କରୁ ନ ଥିଲି । ମୋର ଦରମା ନ ଥିଲା । ବାଙ୍କାବଜାରରେ ମାରୱାଡ଼ି ଉଚ୍ଚଇଂରାଜୀ ବିଦ୍ୟାଳୟ ଆଗରେ ଯେଉଁ ଦୋମହଲା କୋଠାଟି ଅଛି, ସେହିଠାରେ ଦୈନିକ ଓ ମାସିକ ନବଭାରତ କାର୍ଯ୍ୟାଳୟଥିଲା । ଏମ୍.ଏ. ପରୀକ୍ଷା ଦେଇ ଗାଁରେ ରହିବାକୁ ବର୍ଷା ଋତୁରେ ଅସୁବିଧା ହେଲା ବୋଲି ମୁଁ କଟକ ଆସି ଏହି ଦାୟିତ୍ୱ ନେଲି । ନବଭାରତ ଅଫିସରେ ମାଗଣା ରହିବା ଓ ଖାଇବା ଯୋଗାଡ଼ ହୋଇଥିଲା । ମୁଁ ଛାତ୍ର ଜୀବନରେ ସମ୍ବାଦପତ୍ରରେ ଲେଖାଲେଖି କରୁଥିଲି । ଇଂରେଜୀ ସମ୍ବାଦକୁ ଓଡ଼ିଆରେ ଅନୁବାଦ କରିବା ଓ ସମ୍ପାଦକୀୟ ଲେଖିବାକୁ ଖୁସି ଲାଗିଲା । ସେପ୍‌ଟେମ୍ବର ମାସ ଶେଷ ଆଡ଼କୁ ପଣ୍ଡିତ ନୀଳକଣ୍ଠ ଦାସ କିଛିଦିନ ପାଇଁ କଟକ ଆସିଥିଲେ । ସେ କଟକ ଆସିଲେ 'ନବଭାରତ' ଅଫିସରେ ମନ୍ତ୍ରୀ ଓ ରାଜନୈତିକ ବ୍ୟକ୍ତିମାନଙ୍କର ମେଳା ହୁଏ କହିଲେ ଚଳେ । ସେହି ସମୟରେ କୁନି ଓ ସୁରାଜଠାରୁ ପଣ୍ଡିତ ନୀଳକଣ୍ଠଙ୍କ ନିକଟକୁ ଜେଲରୁ ଆସିଥିବା ଗୋଟିଏ ଚିଠି ପାଇଲି । ସେଥିରେ ଲେଖାଥିଲା - ଆଇନପାଠ ସରିବା ପୂର୍ବରୁ ସେମାନେ ଗିରଫ ହୋଇଯିବାରୁ ସେମାନଙ୍କ ଆଇନ ପଢ଼ା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ରେଭେନ୍‌ସା କଲେଜରେ ଭାରତଛାଡ଼ ଆନ୍ଦୋଳନ ଯୋଗୁଁ ଧର୍ମଘଟ ହୋଇ ପାଠପଢ଼ା ହୋଇ ପାରୁନଥିବାରୁ ସେମାନେ ଶତକଡ଼ା ୬୦ ବା ୭୫ ଭାଗ ଉପସ୍ଥାନ ରଖି ପାରିବେ ନାହିଁ । ଖାଲି ସେମାନେ କାହିଁକି, କଲେଜର ଅନ୍ୟ ଶ୍ରେଣୀମାନଙ୍କରେ ପଢୁଥିବା

ଛାତ୍ରମାନଙ୍କର ସେହି ଅସୁବିଧା ହୋଇପାରେ । ଏଭଳି ଅଭିଯୋଗ ଅନ୍ୟ ଛାତ୍ରମାନେ ବି କରୁଥିଲେ । ଏହି ଚିଠି ପଢ଼ି ପଣ୍ଡିତ ମହାଶୟ ଚିନ୍ତିତ ହୋଇଗଲେ । ସେଠି ଯଦୁମଣି ମଙ୍ଗରାଜ ଉପସ୍ଥିତ ଥିଲେ । ନୀଳକଣ୍ଠ, ଶିକ୍ଷାମନ୍ତ୍ରୀ ଗୋଦାବରୀଶ ଓ ସଂସଦୀୟ ସଚିବ ପ୍ୟାରିଶଙ୍କର ରାୟଙ୍କୁ ଡକାଇ ପଠାଇଲେ । ବହୁ ଆଲୋଚନା ଚାଲିଲା । ଗାଡ଼ି ଯାଇ ଅଧ୍ୟାପକ ବିପିନ ବିହାରୀ ରାୟଙ୍କୁ ଡାକି ଆଣିଲା । ଏହି ଆଲୋଚନାବେଳେ ଜଣାପଡ଼ିଲା ଯେ ଅଧ୍ୟକ୍ଷ ପ୍ରାଣକୃଷ୍ଣ ପରିଜା ଓ କୁଳପତି ସଚ୍ଚିଦାନନ୍ଦ ସିଂହ ୧୯୪୦ରେ ଯେପରି କଠୋର ଦୃଷ୍ଟିକୋଣ ଦେଖାଇଥିଲେ ସେଥିରୁ ସହଜରେ ଅନୁମାନ କରିହେବ ଯେ ଉପସ୍ଥାପନ ଛାତ୍ରମାନଙ୍କୁ ପରୀକ୍ଷା ଦେବା ବିଷୟରେ ସେ କୌଣସି ପ୍ରକାରେ ସାହାଯ୍ୟ କରିବେ ନାହିଁ । ଶ୍ରେଣୀରେ ଛାତ୍ରମାନେ ଯୋଗ ଦେଉନଥିଲେ ବି ପରିଜା ସାହେବ ଜିଦରେ କଲେଜ ଖୋଲା ରଖିଥିଲେ । ମୁଁ ଏହି ଆଲୋଚନାବେଳେ ଉପସ୍ଥିତ ଥିଲି । ମୁଁ ଅଧ୍ୟାପକ ରାୟଙ୍କ ଜରିଆରେ ସୂଚନା ଦେଲି, ଆମର ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟଟିଏ ହୋଇଗଲେ ଏଥିଲାଗି ଚିନ୍ତା କରିବାକୁ ପଡ଼ନ୍ତା ନାହିଁ । ନୀଳକଣ୍ଠବାବୁ ଏ ସୂଚନାକୁ ପସନ୍ଦ କଲେ ଓ ସେ ଦେଇଥିବା ବିଶ୍ୱବିଦ୍ୟାଳୟ କମିଟିର ବିବରଣୀ ବିଷୟରେ ଜଣାଇଦେଲେ । ଶିକ୍ଷାମନ୍ତ୍ରୀ ଗୋଦାବରୀଶ ଏହା ଗୋଟିଏ ବିଚାରଯୋଗ୍ୟ ପ୍ରଶ୍ନ ବୋଲି ମତ ଦେଲେ ସିନା, ଶିକ୍ଷାବିଭାଗ ନିର୍ଦ୍ଦେଶକଙ୍କୁ ନ ପଚାରି ସେ କୌଣସି ଦୃଢ଼ମତ ଦେଇପାରିବେ ନାହିଁ ବୋଲି କହିଲେ । ଆଲୋଚନା ସେତିକିରେ ରହିଲା ଓ ସେହିଦିନ ପଣ୍ଡିତ ନୀଳକଣ୍ଠ ସିମଳା ଫେରିଗଲେ ।

ତହିଁଆର ଦିନ ଦୈନିକ 'ନବଭାରତ'ରେ ମୁଁ ଗୋଟିଏ ସ୍ୱତନ୍ତ୍ର ସମ୍ବାଦଦାତାଙ୍କଠାରୁ ପାଇଥିବା ଭଳି ସମ୍ବାଦ ପ୍ରଥମ ପୃଷ୍ଠା ମଝିରେ ପ୍ରକାଶ କରିଦେଲି । ତାହାର ଶୀର୍ଷକ ଥିଲା "ଉତ୍କଳରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ" । ସେଦିନ ରାତିରେ ଶିକ୍ଷାମନ୍ତ୍ରୀ ଗୋଦାବରୀଶ ଏହି ସମ୍ବାଦ ପଢ଼ି ଚିନ୍ତିତ ହୋଇଥିଲେ । ପ୍ରତିଦିନ ଏଗାରଟାବେଳେ ମୁଁ ଲେଖିଥିବା ସମ୍ପାଦକୀୟକୁ ତାଙ୍କଦ୍ୱାରା ଅନୁମୋଦିତ କରାଇବାଲାଗି ଯାଉଥାଏ । ଏହା ପଣ୍ଡିତ ନୀଳକଣ୍ଠ ନିର୍ଦ୍ଦେଶ ଥିଲା । ମୁଁ ଯିବା ମାତ୍ରକେ ସେ କୃତ୍ରିମ କୋପ ପ୍ରକାଶ କଲେ ଓ ମୁଁ ତାଙ୍କୁ ଅସୁବିଧାରେ ପକାଇ ଦେଲି ବୋଲି ଅଭିଯୋଗ କଲେ । 'ଉତ୍କଳରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ' ସମ୍ପାଦକୀୟକୁ ପଢ଼ି ତାହାକୁ ଅନୁମୋଦନ କରିଦେଲେ । ସେ ଜନମତ ପରଖୁଥିଲେ । ଚାରିଆଡୁ ଏତେ ଅଭିନନ୍ଦନ ପାଇଲେ ଯେ ଶିକ୍ଷାମନ୍ତ୍ରୀ ଖୁସି ହୋଇଗଲେ । ଦଶହରା ଛୁଟି ପୂର୍ବରୁ ନୀଳକଣ୍ଠବାବୁ ମୌସୁମୀ ଅଧିବେଶନରୁ ଫେରିଆସିବା ପରେ ପୁଣିଥରେ ନେତା ଓ ମନ୍ତ୍ରୀମାନଙ୍କ ବୈଠକ ହୋଇ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ବିଧିବଦ୍ଧ ନିଷ୍ପତ୍ତି ହେଲା । ଶିକ୍ଷା ବିଭାଗ ନିର୍ଦ୍ଦେଶକ ତ୍ରିପାଠୀ ସାହେବ ଏଥି ସହିତ ସହମତ ଥିଲେ; କିନ୍ତୁ ପରିଜା ସାହେବ ରାଜି ନଥିଲେ ବୋଲି ଶିକ୍ଷାମନ୍ତ୍ରୀ ଜଣାଇଲେ ।

ଏହି ନିଷ୍ପତ୍ତି ମନ୍ତ୍ରୀମଣ୍ଡଳ ବୈଠକରେ ଅନୁମୋଦିତ ହୋଇଗଲା । ପ୍ରଧାନମନ୍ତ୍ରୀ ପାରଳାଖେମୁଣ୍ଡି ମହାରାଜା ଏହି ପ୍ରସ୍ତାବର ଦୃଢ଼ ସମର୍ଥନ ଥିଲେ । ରାଜ୍ୟପାଳ ସାର୍ ଉଇଲିୟମ ହଥର୍ଣ୍ଣ ଲୁଇସ୍ ଏ ପ୍ରସ୍ତାବରେ ବିରୋଧ କଲେ ନାହିଁ ।

ଏହାପରେ ବିଶ୍ୱବିଦ୍ୟାଳୟ ଆଇନ ପ୍ରଣୟନ କରିବା ଲାଗି ବ୍ୟବସ୍ଥା ଆରମ୍ଭ ହେଲା । ବିଧେୟକ ପ୍ରଣୟନ କରିବା ଲାଗି ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ଆଇନ ସଚିବ ଡିଏଲ (W.W. Dalziel) ଙ୍କୁ ନିର୍ଦ୍ଦେଶ ଦେଲେ । ଚିଠା ବିଧେୟକ ପ୍ରସ୍ତୁତ ହେଲା ସିନା, ବାଚସ୍ପତି ଓ କଂଗ୍ରେସ ଦଳର ବିଧାୟକମାନେ ମୂଳରୁ ଏହାର ବିରୋଧ କଲେ । ସଂଖ୍ୟା ଦୃଷ୍ଟିରୁ ବିଧାନସଭାରେ ବିଧେୟକକୁ ହୁଏତ ଗ୍ରହଣ କରାଇ ନେଇହେବ; କିନ୍ତୁ ବାଚସ୍ପତିଙ୍କ ବିରୋଧକୁ ସହଜରେ ଅତିକ୍ରମ କରିହେବ ନାହିଁ । ତାଙ୍କୁ ପଦଚ୍ୟୁତ କରିବାଲାଗି ମସୁଧା ହେଲା । ପ୍ରଧାନମନ୍ତ୍ରୀ ପାରଳାଖେମୁଣ୍ଡି ମହାରାଜଙ୍କ ସହିତ ପରାମର୍ଶ କରି ମାନ୍ଦ୍ରାଜର ମହାଧିବକ୍ତା ସାର ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାରଙ୍କ ମତ ଲୋଡ଼ାଗଲା; କାରଣ ଓଡ଼ିଶାର ମହାଧିବକ୍ତା ବୀରକିଶୋର ରାୟ ମତ ଦେଲେ ଯେ, ବିରୋଧୀ ଦଳର ଅଧିକାଂଶ କଂଗ୍ରେସ ସଭ୍ୟ ଭାରତରକ୍ଷା ଆଇନ ଅନୁସାରେ ଗିରଫ ହୋଇ ଜେଲରେ ଥିବାରୁ ସଦନର ଷାଠିଏ ଜଣରୁ ଏକତ୍ରିଶ ଜଣଙ୍କ ସମର୍ଥନ ବାଚସ୍ପତିଙ୍କୁ କ୍ଷମାତାଚ୍ୟୁତ କବିବାକୁ ମିଳିବ ନାହିଁ; କିମ୍ୱା ତାଙ୍କୁ ବାହାର କରି ହେବନାହିଁ । ଅନ୍ୟମାନେ ଏହି ମତ ସହିତ ଏକମତ ହେଲେ ନାହିଁ । ମହାରାଜାଙ୍କର ସାର ଆଲ୍ଲାଦିଙ୍କ ସହିତ ଘନିଷ୍ଠତା ଥିଲା ବୋଲି ତାଙ୍କ ମତ ଲୋଡ଼ା ହୋଇଥିଲା । ସେ କହିଲେ, ଯେ କୌଣସି ଅଧିବେଶନରେ ଉପସ୍ଥିତ ଥିବା ସଭ୍ୟମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ସଭ୍ୟ ତା ସମର୍ଥନରେ ବାଚସ୍ପତିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇପାରିବ । ଏପରି ମସୁଧାର ଖବର ପାଇ ବାଚସ୍ପତି ମୁକୁନ୍ଦପ୍ରସାଦ ଦାସ ପ୍ରଧାନମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ଜଣାଇ ଦେଲେ ଯେ, ସାରା ପ୍ରଦେଶ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଚାହୁଁଛି ବୋଲି ସରକାର କହୁଥିବାରୁ ସେ ଆଉ ବିଧେୟକ ଗୃହିତ ହେବା ବିଷୟରେ ଅସୁବିଧା ସୃଷ୍ଟି କରିବେ ନାହିଁ । ସେ ନିଜକଥା ଅକ୍ଷରେ ଅକ୍ଷରେ ରକ୍ଷା କଲେ ।

ଏହି ଦ୍ୱନ୍ଦ୍ୱ ଚାଲିଥିବାବେଳେ ମୁଁ ଆୟକର ବିଭାଗ ଚାକିରିରୁ ଇସ୍ତଫା ଦେଇ କଟକ ଆସିଲି ଓ ଯୋଗାଣ ବିଭାଗରେ ୧୯୪୩ ଜୁନ୍ ୨୨ରେ ଯୋଗଦେଲି । ବିଧେୟକର ଶେଷ ପର୍ଯ୍ୟାୟ ଆଲୋଚନାବେଳେ ମୁଁ କଟକରେ ଥିଲି ଓ ବିଧାନସଭା ଆଲୋଚନା ପର୍ଯ୍ୟବେକ୍ଷଣ କରିଥିଲି । ରାଜନୀତିଜ୍ଞମାନେ କିପରି ନିଜ ନାକ ତଳରୁ ବେଶୀ ଦୂରକୁ ଦେଖି ପାରନ୍ତି ନାହିଁ, ତାହାର ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଆଲୋଚନାର ଶେଷ ପର୍ଯ୍ୟାୟରୁ ମିଳିଲା । ବିଧେୟକରେ ବ୍ୟବସ୍ଥା ଥିଲା, ଶିକ୍ଷାମନ୍ତ୍ରୀ ପଦାଧିକାର ବଳରେ ସିନେଟ'ର ସଭ୍ୟ ରହିବେ । ବିରୋଧୀଦଳରୁ ଏହାକୁ ସଂଶୋଧନ କରିବାଲାଗି ପ୍ରସ୍ତାବ ଆସିଲା ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ନିଜେ ସିନେଟ୍'ର ସଭ୍ୟ ହେବାପାଇଁ ଏପରି

ବ୍ୟବସ୍ଥା କରିଛନ୍ତି ବୋଲି ଦୋଷାରୋପ ହେଲା । ବିନା ଆଲୋଚନାରେ ଶିକ୍ଷାମନ୍ତ୍ରୀ ଏହି ପ୍ରସ୍ତାବକୁ ଗ୍ରହଣ କରିନେଇ କହିଲେ - - "ମୋତେ ଜଳଜଳ ଦିଶୁଛି, ଭାରତର ସ୍ୱାଧୀନତା ଆଉ ବେଶୀଦୂର ନାହିଁ । ଦେଶ ସ୍ୱାଧୀନ ହେଲେ କଂଗ୍ରେସ ହିଁ ଶାସନ କରିବ । ଏହି ଧାରାଟି ଗୃହୀତ ହୋଇଥିଲେ କଂଗ୍ରେସ ଶିକ୍ଷାମନ୍ତ୍ରୀ ଉପକୃତ ହୋଇଥାଆନ୍ତେ । ମୁଁ ଆଜି ଶିକ୍ଷାମନ୍ତ୍ରୀ ଅଛି, କାଲି ହୁଏତ ମନ୍ତ୍ରୀମଣ୍ଡଳ ଛାଡ଼ି ଦେଇପାରେ । ତେଣୁ ଏହି ସଂଶୋଧନ ପ୍ରସ୍ତାବ ମୋର କୌଣସି କ୍ଷତି କରିବ ନାହିଁ । କ୍ଷତି ହେଲା ଭବିଷ୍ୟତ ଶିକ୍ଷାମନ୍ତ୍ରୀଙ୍କର ।" ପ୍ରକୃତରେ ୧୯୪୪ ଜୁନ୍ ୩୦ ତାରିଖ ଦିନ ମହାରାଜାଙ୍କ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲା । ତା'ର ଠିକ୍ ବର୍ଷକ ଆଗରୁ ୧୯୪୩ ଜୁନ୍ ୩୦ ତାରିଖ ଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ବିଲ୍ ବିଧାନସଭାରେ ଗୃହୀତ ହୋଇଥିଲା ଓ ଅଗଷ୍ଟ ଦୁଇ ତାରିଖ ଦିନ ଏହା ରାଜ୍ୟପାଳଙ୍କ ସ୍ୱୀକୃତି ପାଇଲା ।

ବିଶ୍ୱବିଦ୍ୟାଳୟ ଆଇନ ସିନା ପ୍ରଣୀତ ହୋଇଗଲା, କାର୍ଯ୍ୟକାରୀ ନିୟମାବଳୀ (Statutes) ଓ ପାଠ୍ୟ ନିୟମାବଳୀ (Regulations) ପ୍ରଣୀତ ନ ହେଲେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ବା କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏହି ନିୟମାବଳୀ ପ୍ରଣୟନ କରିବା ଲାଗି ଜଣେ ବିଶେଷଜ୍ଞ ଆବଶ୍ୟକ । ମହାରାଜାଙ୍କ ସୂଚନା ଅନୁସାରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର କୁଳସଚିବ ମାକ୍ଲିନ ସାହେବଙ୍କୁ ନିମନ୍ତ୍ରଣ କରାଗଲା । ସେ ଆସି ଓଡ଼ିଶାରେ ତିନିମାସ ରହି ନିୟମାବଳୀ ପ୍ରଣୟନ କଲେ । ତା'ପରେ କୁଳପତି, ପ୍ରଥମ ସିନେଟ, ପ୍ରଥମ ସିଣ୍ଡିକେଟ୍ ଓ ପ୍ରଥମ ପାଠ୍ୟ ପରିଷଦ ଲାଗି ସଭ୍ୟ ମନୋନୟନ କରିବାକୁ ହେଲା ।

ପ୍ରଥମ କୁଳପତିଙ୍କ ପାଇଁ କୌଣସି ବେତନ ବ୍ୟବସ୍ଥା ହୋଇ ନଥିଲା । ପଣ୍ଡିତ ଗୋଦବରୀଶଙ୍କ ଇଚ୍ଛା ଥିଲା ଶିକ୍ଷା ନିର୍ଦ୍ଦେଶକ ତ୍ରିପାଠୀଙ୍କୁ ପ୍ରଥମ କୁଳପତି ନିଯୁକ୍ତି କରିବାଲାଗି । ସେ ଏ ସୂଚନା ଦେବା ମାତ୍ରକେ ତ୍ରିପାଠୀ ସାହେବ ସ୍ପଷ୍ଟ ମନା କରିଦେଲେ । ସେ ମନା କରିବାର ଦୁଇଟି କାରଣ ଥିଲା । ଗୋଟିଏ ହେଲା ସେ ଶିକ୍ଷାମନ୍ତ୍ରୀଙ୍କ ଆତ୍ମୀୟ ହୋଇଥିବାରୁ ସେ ନିଯୁକ୍ତି ହେଲେ ଲୋକ ଶିକ୍ଷାମନ୍ତ୍ରୀଙ୍କୁ ଅକାରଣ ନିନ୍ଦା କରିବେ ଓ ସେ ପ୍ରିୟାପ୍ରୀତି ତୋଷଣ କଲେ ବୋଲି ଅଭିଯୋଗ କରିବେ । ସେ ପଣ୍ଡିତ ମିଶ୍ରଙ୍କୁ ନିନ୍ଦିତ ହେବାଭଳି କୌଣସି ବ୍ୟବସ୍ଥାରେ ରାଜି ହେବେ ନାହିଁ । ଦ୍ୱିତୀୟରେ, ଅଧ୍ୟକ୍ଷ ପ୍ରାଣକୃଷ୍ଣ ପରିଜା ସାହେବ ଶିକ୍ଷା ବିଭାଗ ନିର୍ଦ୍ଦେଶକ ହୋଇ ପାରିବେ ନାହିଁ, କାହିଁକିନା ତ୍ରିପାଠୀ ସାହେବ ତାଙ୍କଠାରୁ ବର୍ଷେ ପୁରୁଖା: କିନ୍ତୁ ସେ ବୟସରେ ତ୍ରିପାଠୀଙ୍କଠାରୁ ବଡ଼ । ତାଙ୍କୁ କୁଳପତି କରିଦେଲେ ସେ ସନ୍ତୁଷ୍ଟ ହେବେ ଏବଂ ରେଭେନ୍‌ସା କଲେଜ ଅଟ୍ଟାଳିକାରେ ବିଶ୍ୱବିଦ୍ୟାଳୟ ଆରମ୍ଭ କରିବା ଲାଗି ସବୁପ୍ରକାର ସୁବିଧା ଯୋଗାଇଦେବେ । ଶିକ୍ଷାମନ୍ତ୍ରୀ ଦର୍ଶାଇଲେ ଯେ, ସରକାରୀସ୍ତରରେ ଯେ କୌଣସି ବିଭାଗୀୟ ଆଲୋଚନାରେ ନିର୍ଦ୍ଦେଶକ

ଅଧ୍ୟକ୍ଷଙ୍କଠାରୁ ଉଚ୍ଚରେ । ବିଶ୍ୱବିଦ୍ୟାଳୟ ଶାସନରେ କୁଳପତି, ସିଣ୍ଡିକେଟ୍ ଓ ପାଠ୍ୟ ପରିଷଦରେ ଅଧ୍ୟକ୍ଷତା କରିବେ; ଏବଂ ଶିକ୍ଷା ନିର୍ଦ୍ଦେଶକ ପଦାଧିକାର ବଳରେ ସେଥିରେ ସଭ୍ୟ ରହିବେ । ଏହି ବ୍ୟବସ୍ଥା ସମୀଚୀନ ହେବ ନାହିଁ । ତ୍ରିପାଠୀ ସାହେବ ଓ ପରିଜା ସାହେବଙ୍କ ଭିତରେ ନିଗୂଢ଼ ବନ୍ଧୁତା ଥିବାରୁ ତ୍ରିପାଠୀ ସାହେବ ପରିସ୍ଥିତିକୁ ଚଳାଇ ନେବେ ବୋଲି ପ୍ରତିଶ୍ରୁତି ଦେଲେ । ଫଳରେ ପରିଜା ସାହେବ ପ୍ରଥମ କୁଳପତି ନିଯୁକ୍ତି ହେଲେ । ସେ ଏହି ପଦରେ ୧୯୪୩ରୁ ୧୯୪୮ ପର୍ଯ୍ୟନ୍ତ ରହିଥିଲେ । ତାଙ୍କ ସୁପାରିଶ ଅନୁସାରେ ରେଭେନ୍‌ସା କଲେଜରେ ଇଂରେଜୀ ପ୍ରାଧ୍ୟାପକ ଭି.ଭି. ଜନ୍ ପ୍ରଥମ କୁଳସଚିବ ଓ କଲେଜର ମୁଖ୍ୟ କିରାଣୀ ଜଗନ୍ନାଥ ମିଶ୍ର ବିଶ୍ୱବିଦ୍ୟାଳୟ ଦପ୍ତରର ପରିଚାଳକ ନିଯୁକ୍ତି ହେଲେ । ଦୁଇବର୍ଷ ପରେ ତ୍ରିପାଠୀ ସାହେବଙ୍କ ସୁପାରିଶ ଅନୁସାରେ ବାରିପଦାର ଗୋକୁଳଚନ୍ଦ୍ର ଶତପଥୀ ସହକାରୀ କୁଳସଚିବ ନିଯୁକ୍ତି ହୋଇଥିଲେ । ୧୯୪୩ ନଭେମ୍ବର ୨୭ ତାରିଖ ଦିନ ରେଭେନ୍‌ସା କଲେଜରେ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ ହେଲା ।

ବିଶ୍ୱବିଦ୍ୟାଳୟ ଆଇନ ପ୍ରଣୀତ ହେବାବେଳେ ଏହାର ନାମକରଣ ବିଷୟରେ ବିଭିନ୍ନ ପ୍ରସ୍ତାବ ଆଲୋଚିତ ହୋଇଥିଲା । କେତେକ ଏହାକୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପରି ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମ ଦେବାକୁ ପ୍ରସ୍ତାବ କରିଥିଲେ । ଅନ୍ୟ କେତେକଙ୍କ ମତରେ ପାଟଣା ବିଶ୍ୱବିଦ୍ୟାଳୟ ପରି ଏହାର ନାମ କଟକ ବିଶ୍ୱବିଦ୍ୟାଳୟ ରଖାଯିବା ଉଚିତ ହେବ । ଓଡ଼ିଶା ହେଉଛି ପ୍ରଦେଶର ରାଜନୈତିକ ନାମ । କଟକ ଗୋଟିଏ ସହର ମାତ୍ର । ସବୁ ଓଡ଼ିଆଭାଷୀ ଅଞ୍ଚଳର ସହଯୋଗରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା ବୋଲି ତାହାକୁ ପ୍ରାକୃତିକ ଓଡ଼ିଶା ବା ଉତ୍କଳର ପ୍ରତିନିଧି-ସ୍ଥାନୀୟ ଅନୁଷ୍ଠାନ କୁହାଯାଉଥିଲା । ଏହି ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାଲାଗି ପ୍ରଥମେ ପ୍ରସ୍ତାବ ଗ୍ରହଣ କରିଥିଲେ । ଏହି ବିଶ୍ୱବିଦ୍ୟାଳୟ ପ୍ରତି ସବୁ ଓଡ଼ିଆଭାଷୀ ଅଞ୍ଚଳର ଲୋକମାନଙ୍କୁ ଆକୃଷ୍ଟ କରିବାଲାଗି ଏହାର ନାମ ଉତ୍କଳ ବିଶ୍ୱବିଦ୍ୟାଳୟ ରଖିବା ସିଦ୍ଧାନ୍ତ ହୋଇଥିଲା ।

ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଥିଲେ ବୋଲି ସେହି ମୟୂରଭଞ୍ଜ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କୁ ପ୍ରଥମ ପ୍ରକୁଳାଧିପତି (Pro-chancello) ରୂପେ ମନୋନୀତ କରାଯାଇଥିଲା । ସିଣ୍ଡିକେଟ୍ ସଭ୍ୟ ମନୋନୟନବେଳେ ରାୟ ବାହାଦୂର ବିପିନ ବିହାରୀ ରାୟ ମନୋନୀତ ହେବା ସ୍ୱାଭାବିକ । ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶଙ୍କ ପ୍ରିୟ ଛାତ୍ର କଟକର ଖ୍ୟାତନାମା ଅଧିବକ୍ତା ହରିହର ମହାପାତ୍ର ସିଣ୍ଡିକେଟ୍‌ର ଅନ୍ୟତମ ସଭ୍ୟରୂପେ ମନୋନୀତ ହୋଇଥିଲେ । ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଶିକ୍ଷାବତ୍‌ମାନଙ୍କୁ ନେଇ ପ୍ରଥମେ ଅନୁଷ୍ଠାନଗୁଡ଼ିକ ଗଠିତ ହୋଇଥିଲା । ପ୍ରଥମ ଶିକ୍ଷାମନ୍ତ୍ରୀ ପାରଳାଖେମୁଣ୍ଡିର ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ପରବର୍ତ୍ତୀ ଶିକ୍ଷାମନ୍ତ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟରୂପେ

ମନୋନୀତ ହୋଇଥିଲେ । ପଣ୍ଡିତ ଗୋଦାବରୀଶ କୌଣସି ସଂସ୍ଥାରେ ରହିଲେ ନାହିଁ ।

ମିଳିତ ମନ୍ତ୍ରୀମଣ୍ଡଳ ୧୯୪୪ଜୁନ୍ ମାସରେ ଇସ୍ତଫା ଦେବାପରେ କୁଳାଧିପତି ସାର୍ ଉଇଲିୟମ ହଥର୍ଣ୍ଣ ଲିଉଇସ ପଣ୍ଡିତ ମିଶ୍ରଙ୍କୁ ତାଙ୍କର ଶିକ୍ଷାପ୍ରତି ଅବଦାନ ଯୋଗୁ ସିନେଟ'ର ଆଜୀବନ ସଭ୍ୟରୂପେ ମନୋନୟନ କରିଥିଲେ । ବିଧିର ବିଡ଼ମ୍ବନା ଯେ ଉଲ୍ଲିଖିତ ସଂଶୋଧନ ପ୍ରସ୍ତାବ ଯୋଗୁ ମହତାବ ମନ୍ତ୍ରିମଣ୍ଡଳର ଶିକ୍ଷାମନ୍ତ୍ରୀ ପଣ୍ଡିତ ଲିଙ୍ଗରାଜ ମିଶ୍ର ବିଧାନସଭାରୁ ନିର୍ବାଚିତ ହୋଇ ସିନେଟକୁ ଆସିଥିଲେ । ତାଙ୍କ ପରେ କୌଣସି ଶିକ୍ଷାମନ୍ତ୍ରୀ ସିନେଟ ସଭ୍ୟ ହୋଇପାରି ନାହାନ୍ତି ।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହେଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା । ସେ ଥିଲେ ଅବୈତନିକ କୁଳପତି । ପ୍ରଥମେ ରେଭେନ୍‌ସା କଲେଜର ଅଧ୍ୟକ୍ଷ ଓ ପରେ କୃଷି ବିଭାଗ ନିର୍ଦ୍ଦେଶକ ଥାଇ ସେ ଏକାଦିକ୍ରମେ କୁଳପତି ଦାୟିତ୍ୱ ତୁଲାଉଥିଲେ । ୧୯୪୮ କୁଳପତି ନିର୍ବାଚନରେ ରାୟ ବାହାଦୂର ଚିନ୍ତାମଣି ଆଚାର୍ଯ୍ୟ ନିର୍ବାଚିତ ହୋଇ ଦ୍ୱିତୀୟ କୁଳପତି ରୂପେ ଦାୟିତ୍ୱ ଗ୍ରହଣ କଲେ । ସେ ବେସରକାରୀ ବ୍ୟକ୍ତି ଥିଲେ ବୋଲି ତାଙ୍କ ପାଇଁ ମାସିକ ପନ୍ଦରଶହ ଟଙ୍କା ବେତନ ଧାର୍ଯ୍ୟ ହୋଇଥିଲା । ତାଙ୍କ କାର୍ଯ୍ୟକାଳ ପୂରିବା ଆଗରୁ ତାଙ୍କର କୁଳାଧିପତି ମହମ୍ମଦ ଆସଫ୍ ଅଲ୍ଲୀଙ୍କ ସହିତ ମତଦ୍ୱୈଧ ହେବାରୁ ସେ ତିନିବର୍ଷ ପରେ ୧୫/୧୨/ ୧୯୫୧ରେ କୁଳପତି ପଦରୁ ଇସ୍ତଫା ଦେଇ ଚାଲିଗଲେ । ୧୯୫୧ ଡିସେମ୍ବରରୁ ୧୬ ।୨। ୫୨ ପର୍ଯ୍ୟନ୍ତ ଶିକ୍ଷା ବିଭାଗ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ପ୍ରଧାନ ଅସ୍ଥାୟୀ କୁଳପତି ରୂପେ କାର୍ଯ୍ୟ ତୁଲାଇବାପରେ ୧୭/୨/୧୯୫୨ ଠାରୁ ଡକ୍ଟର ପର୍ଶୁରାମ ମିଶ୍ର ତୃତୀୟ କୁଳପତି ରୂପେ ନିଯୁକ୍ତ ହେଲେ । ତାଙ୍କ ଅମଳରୁ କୁଳପତିଙ୍କ କାର୍ଯ୍ୟକାଳ ତିନିବର୍ଷକୁ କମାଇ ଦିଆଯାଇଥିଲା । ତାଙ୍କ କାର୍ଯ୍ୟକାଳ ସରିଲା ୧୯୫୫ ଫେବୃଆରୀ ୧୫ ତାରିଖ ଦିନ ଓ ଏହାକୁ ଆଉ ଛଅ ମାସ ବଢ଼ାଇ ଦିଆଯାଇଥିଲା ।

ତାଙ୍କ ପରବର୍ତ୍ତୀ କୁଳପତି ରୂପେ ଡକ୍ଟର ପ୍ରାଣକୃଷ୍ଣ ପରିଜା ପୁନର୍ବାର ନିର୍ବାଚିତ ହୋଇ ୧୯୫୫ଅଗଷ୍ଟ ୧୫ରୁ ୧୯୬୬ଫେବୃଆରୀ ୧୫ତାରିଖ ଯର୍ଯ୍ୟନ୍ତ ଦ୍ୱିତୀୟଥର ପାଇଁ ଦୀର୍ଘ ସାଢ଼େ ଦଶବର୍ଷ ଏହି ପଦରେ ରହିଥିଲେ । ତାଙ୍କ ପରେ ଡକ୍ଟର ସଦାଶିବ ମିଶ୍ର ୧୯୬୬ରୁ ୧୯୭୧ଜୁନ୍ ପର୍ଯ୍ୟନ୍ତ ଓ ତାଙ୍କ ପରେ ଡକ୍ଟର ରମାନାଥ ମହାନ୍ତି ୧୯୭୧ ନଭେମ୍ବର ପହିଲାରୁ ୧୯୭୪ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ କୁଳପତି ଆସନରେ ଥିଲେ । ସେହିଦିନ ଜଣେ ଅବିଚାରୀ ମୁଖ୍ୟମନ୍ତ୍ରୀଙ୍କ ଷଡ଼ଯନ୍ତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସରକାରଙ୍କ ପ୍ରତ୍ୟକ୍ଷ ଶାସନାଧୀନ ହେଲା ଓ ଏହାର ସ୍ୱାତନ୍ତ୍ର୍ୟ ଲୋପ ପାଇଲା । ଇତି ମଧ୍ୟରେ ୧୯୬୨ରେ ଉତ୍କଳ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ୧୯୬୬ରେ ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ମୂଳ ଉତ୍କଳ

ବିଶ୍ୱବିଦ୍ୟାଳୟ ୧୯୬୭ ଜାନୁଆରୀ ପହିଲା ଦିନ ଲୋପ ପାଇଯାଇଥିଲା; ଏବଂ ପରବର୍ତ୍ତୀ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଆଠମଲ୍ଲିକ ସବ୍‌ଡିଭିଜନ ବ୍ୟତୀତ ଢ଼େଙ୍କାନାଳ ଜିଲ୍ଲା ରହିଲା । ଗଞ୍ଜାମ, କୋରାପୁଟ ଓ ଫୁଲବାଣୀ ଅନୁବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିର, କଳାହାଣ୍ଡି ଜିଲ୍ଲା, ଫୁଲବାଣୀ ଜିଲ୍ଲାର ବୌଦ ଅନୁବିଭାଗ ଓ ଢ଼େଙ୍କାନାଳ ଜିଲ୍ଲାର ଆଠମଲ୍ଲିକ ଅନୁବିଭାଗକୁ ନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗଠିତ ହେଲା ।

ପ୍ରଥମ ପ୍ରକୁଳାଧିପତି ଥିଲେ ମୟୂରଭଞ୍ଜ ମହାରାଜା ସାର୍ ପ୍ରତାପଚନ୍ଦ୍ର ଭଞ୍ଜଦେଓ । ତାଙ୍କ ପରେ ଡକ୍ଟର ହରେକୃଷ୍ଣ ମହତାବ ପ୍ରକୁଳାଧିପତି ନିଯୁକ୍ତ ହୋଇଥିଲେ ଓ କୁଳାଧିପତି ଆସଫ ଅଲ୍ଲୀଙ୍କ ସହିତ ତାଙ୍କର ମତଭେଦ ହେବାରୁ ସେ ମଧ୍ୟ ନିଜ କାର୍ଯ୍ୟକାଳ ପୂରିବା ଆଗରୁ ଇସ୍ତଫା ଦେଇଦେଲେ । ତାଙ୍କ ପରବର୍ତ୍ତୀ ପ୍ରକୁଳାଧିପତି ହେଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା । ସେ ୧୯୫୫ରେ କୁଳପତି ନିଯୁକ୍ତି ହେବା ପରେ ପ୍ରଥମେ ଡକ୍ଟର ପଣ୍ଡିତ ନୀଳକଣ୍ଠ ଦାସ ଓ ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଗୋପାଳଚନ୍ଦ୍ର ଦାସ ପ୍ରକୁଳାଧିପତି ନିଯୁକ୍ତି ହୋଇଥିଲେ । ସେ ସେହି ପଦରେ ଥିବା ଅବସ୍ଥାରେ ୧୯୬୬ ଜାନୁଆରୀ ପହିଲାଠାରୁ ଏହି ପଦବୀ ଉଠିଗଲା ।

ମୁଁ ଏଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଷୟରେ କିଛି ନ ଲେଖିଲେ ବର୍ଣ୍ଣନା ଅସମ୍ପୂର୍ଣ୍ଣ ରହିବ । ୧୯୬୨ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା । ଶିକ୍ଷା ଓ କୃଷିମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ନିର୍ଦ୍ଦେଶରେ ଅବସରପ୍ରାପ୍ତ ଶିକ୍ଷା ବିଭାଗ ନିର୍ଦ୍ଦଶକ ମହେଶ ଚନ୍ଦ୍ର ପ୍ରଧାନ ଏହି ବିଶ୍ୱବିଦ୍ୟାଳୟର ନିୟମାବଳୀ ପ୍ରଣୟନ କରିବାବେଳେ ଭାଷାଗତ ସୌଷ୍ଠବ ରକ୍ଷା କରିବାଲାଗି ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ତାଙ୍କୁ ସାହାଯ୍ୟ କରିଥିଲି । ସମ୍ବଲପୁରରେ ଓଡ଼ିଶା ଶିକ୍ଷା ସମିତି ଗଠିତ ହୋଇ ସେଠାରେ ଗୋଟିଏ ଆଞ୍ଚଳିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଆନ୍ଦୋଳନ ଚାଲୁ ରହିଥିଲା । ସେମାନଙ୍କ ଆନ୍ଦୋଳନ ଯୋଗୁଁ ଡକ୍ଟର ପ୍ରାଣକୃଷ୍ଣ ପରିଜା ଅଧକ୍ଷ ଓ ଶିକ୍ଷାବିଭାଗ ନିର୍ଦ୍ଦେଶକ ଡକ୍ଟର ସଦାଶିବ ମିଶ୍ର ସଭ୍ୟ-ସମ୍ପାଦକ ଥାଇ ଗୋଟିଏ ବିଶ୍ୱବିଦ୍ୟାଳୟ କମିଟି ନିଯୁକ୍ତି ହୋଇଥିଲା । ଏହି କମିଟି ନାନା ଶ୍ରେଣୀର ବ୍ୟକ୍ତିଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲା । ମୁଁ ମଧ୍ୟ ସାକ୍ଷ୍ୟ ଦେଇଥିଲି । ଏହି କମିଟି ବିବରଣୀ ପ୍ରସ୍ତୁତ କରିବାବେଳେ ପଣ୍ଡିତ ନୀଳକଣ୍ଠ ଦାସଙ୍କ କମିଟିର ବିବରଣୀ ସଂଗ୍ରହ କରି ଯୋଗାଇ ଦେବାଲାଗି ସଦାଶିବ ବାବୁ ମୋତେ ଅନୁରୋଧ କଲେ । ପଣ୍ଡିତଙ୍କ ପାଖରେ ତାହାର ନକଲ ନ ଥିଲା । ଏହା କୁଆଡ଼େ ରାଜପତ୍ରରେ ପ୍ରକାଶିତ ହୋଇଥିଲା ବୋଲି ପଣ୍ଡିତ ନୀଳକଣ୍ଠ କହିଲେ । ମୁଁ ତାଙ୍କୁ ଏହି ରାଜପତ୍ରର ନକଲ ଯୋଗାଇ ଦେଇଥିଲି । ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପରିଜା କମିଟିକୁ ନିଯୁକ୍ତ କରିଥିଲେ । ସେ ୧୯୬୩ ଅକ୍ଟୋବର ଦୁଇ ତାରିଖରେ ଇସ୍ତଫା ଦେବା ପରେ ଏହି

କମିଟି ନିଜ ବିବରଣୀ ଦାଖଲ କରିଥିଲେ । ବର୍ଲିନ ପରି ସବୁ ଯାନ୍ତ୍ରିକ, ଚିକିତ୍ସା, ପଶୁ ଚିକିତ୍ସା ଓ କୃଷି ମହାବିଦ୍ୟାଳୟଗୁଡ଼ିକ ଏକତ୍ର ମିଶାଇ ଗୋଟିଏ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଥିଲା । ପରିଜା କମିଟି ଏଭଳି ପ୍ରସ୍ତାବକୁ ଅନୁମୋଦନ କଲେ ନାହିଁ । ଏହା ବିରୁଦ୍ଧରେ ଆଞ୍ଚଳିକ ମତ ମଧ୍ୟ ପ୍ରକାଶ ପାଇଥିଲା । ପରିଜା କମିଟି ସୁପାରିଶ କଲେ ଯେ, ଯେଉଁ ସହରକୁ କେନ୍ଦ୍ରକରି ତାହାର ଦଶ ମାଇଲ ବ୍ୟାସାର୍ଦ୍ଧ ମଧ୍ୟରେ ସାତଗୋଟି ଶିକ୍ଷାଦାନ ବିଭାଗ (Faculty) ଥିବ ସେହି ସହରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇପାରିବ । ସମ୍ବଲପୁର ସହରରେ କଳା, ବିଜ୍ଞାନ, ବାଣିଜ୍ୟ, ଆଇନ, ଶିକ୍ଷା ଏବଂ ବୁର୍ଲାରେ ଯାନ୍ତ୍ରିକ ଓ ଭେଷଜ ବିଷୟରେ ଶିକ୍ଷା ବ୍ୟବସ୍ଥା ଥିଲା । ସମ୍ବଲପୁରକୁ ଆଖି ଆଗରେ ରଖି ଏପରି ସୁପାରିଶ କରାଯାଇଥିଲା । ଖଲ୍ଲିକୋଟ କଲେଜରେ କଳା, ବିଜ୍ଞାନ, ଶିକ୍ଷା ଓ ବାଣିଜ୍ୟ ଶିକ୍ଷାଲାଗି ବ୍ୟବସ୍ଥା ଥିଲା । ସେହି ସହରରେ ଭେଷଜ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା ।

ସିଣ୍ଡିକେଟ ସଭ୍ୟ ହିସାବରେ ମୁଁ ବେସରକାରୀ ସ୍ତରରେ ଆଇନ କଲେଜ ଖୋଲିବା ଲାଗି ଖଲ୍ଲିକୋଟ କଲେଜରେ ଉପସଭାପତି ବୃନ୍ଦାବନ ନାୟକଙ୍କୁ ସାହାଯ୍ୟ କରିଥିଲି । ଏହି ବିଭାଗ ଗୁଡ଼ିକୁ ମିଶାଇ ଛଅଗୋଟି ବିଭାଗ ହୋଇଗଲା । ସପ୍ତମ ବିଭାଗ ଖୋଲିବାଲାଗି ବୃନ୍ଦାବନବାବୁ ବେସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାଲାଗି ବିଶ୍ୱବିଦ୍ୟାଳୟଠାରୁ ସହବନ୍ଧନ ଲାଭ କରିଥିଲେ; କିନ୍ତୁ ବେସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ଅତ୍ୟନ୍ତ ବ୍ୟୟସାଧ୍ୟ ବୋଲି ସେତେବେଳେ ଯୋଜନାମଣ୍ଡଳର ଅଧକ୍ଷ ବିଜୁ ପଟ୍ଟନାୟକ ଏଥିରୁ କ୍ଷାନ୍ତ ହେବାଲାଗି ବୃନ୍ଦାବନ ନାୟକଙ୍କୁ ପରାମର୍ଶ ଦେଲେ ଓ କହିଲେ – "ସମ୍ବଲପୁରଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ସରକାର ନିଷ୍ପତ୍ତି କଲେ ମୁଁ ବ୍ରହ୍ମପୁରଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାଲାଗି ଆମ ସରକାରକୁ ପରାମର୍ଶ ଦେବି ପଛକେ ସେ ବେସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟକୁ ସ୍ଥାପନ ନ କରନ୍ତୁ ।" ବୃନ୍ଦାବନ ବାବୁ ସେତେବେଳେ ମନ୍ତ୍ରିମଣ୍ଡଳର ସଭ୍ୟ ଥିଲେ । ତାଙ୍କ ଗୁପ୍ତ ନିର୍ଦ୍ଦେଶରେ ଖଲ୍ଲିକୋଟ କଲେଜର ଛାତ୍ରମାନେ ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ କ୍ରିୟାନୁଷ୍ଠାନ କମିଟି ଗଠନ କଲେ । ସେଥିରେ ସନ୍ତୋଷ କୁମାର ମହାପାତ୍ର, ଭାଗିରଥୀ ମିଶ୍ର, ରାମଚନ୍ଦ୍ର ରଥ, ରାମଚନ୍ଦ୍ର ପଣ୍ଡା ଆଦି ସଭ୍ୟ ଥିଲେ । ବୀରେନ ମିତ୍ରଙ୍କ ପରାମର୍ଶରେ ସେମାନେ ମୋ'ଠାରୁ ଘନଘନ ପରାମର୍ଶ ମାଗୁଥିଲେ । ଶେଷରେ ଭେଷଜ ମହାବିଦ୍ୟାଳୟର ଛାତ୍ରସଂସଦ ସଭାପତି ଡାକ୍ତର ସତ୍ୟବ୍ରତ ମହାପାତ୍ର ଘୋଷଣା କଲେ ଯେ, ୧୯୬୬ ଅଗଷ୍ଟ ୧୫ ତାରିଖ ବ୍ରହ୍ମପୁରଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବ ବୋଲି ଘୋଷଣା ନ ହେଲେ ସେ ଆତ୍ମାହୁତି ଦେବେ । ଏହା ଗୋଟିଏ ଦକ୍ଷିଣ ଭାରତୀୟ ରୀତି । ଶିକ୍ଷାବିଭାଗ ସଚିବ କାଳିକିଙ୍କର ସାମଲ ଇସ୍ତଫା ଦେଇଥିବା ମୁଖ୍ୟମନ୍ତ୍ରୀ ବୀରେନ ମିତ୍ର, ଶିକ୍ଷାମନ୍ତ୍ରୀ

ସତ୍ୟପ୍ରିୟ ମହାନ୍ତି ଓ ମୁଖ୍ୟମନ୍ତ୍ରୀ କୋରାପୁଟ ସଦାଶିବ ତ୍ରିପାଠୀଙ୍କ ସାଙ୍ଗେ ମସୁଧାକରି ଘୋଷଣା କଲେ ଯେ, ଆଗାମୀ ନବବର୍ଷଠାରୁ ବ୍ରହ୍ମପୁର ଓ ସମ୍ବଲପୁର ସହରରେ ଦୁଇଗୋଟି ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ। ଏହାଦ୍ୱାରା ୧୯୬୭ ନିର୍ବାଚନରେ କଂଗ୍ରେସ ଜିଣିବା ଆଶା ବୃଦ୍ଧି ପାଇବା ବୋଲି ସେମାନଙ୍କ ଧାରଣା ଥିଲା।

ବିଧାନସଭାର ମୌସୁମୀ ଅଧିବେଶନରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ବିଧେୟକ ଆଗତ ହୋଇ ଦିନକ ମଧ୍ୟରେ ତାହା ପ୍ରବର ସମିତିଦ୍ୱାରା ଆଲୋଚିତ ହୋଇ ଗୃହୀତ ହେଲା। ବିରୋଧୀଦଳର ନେତା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ବିଶ୍ୱବିଦ୍ୟାଳୟ ବିଷୟରେ ତଥ୍ୟ ଯୋଗାଇ ଦେବାଲାଗି ତାଙ୍କ ଅନୁରୋଧରେ ମୁଁ ତାଙ୍କ ବିଧାନସଭା ପ୍ରକୋଷ୍ଠରେ ଉପସ୍ଥିତ ଥିଲି। ପରବର୍ତ୍ତୀ ଦୁଇଦିନ ମଧ୍ୟରେ ଉତ୍କଳ, ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନାମ ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟ ହେଉ; କିନ୍ତୁ ଆଞ୍ଚଳିକ ନାମ ରହିଲେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅନୁମୋଦନ ପାଇବା କଷ୍ଟସାଧ୍ୟ ହେବ ବୋଲି ଏହି ପ୍ରସ୍ତାବ ଗୃହୀତ ହେଲା ନାହିଁ। ଏହି ତିନିଗୋଟି ନୂତନ ବିଶ୍ୱବିଦ୍ୟାଳୟ ଆଇନ ଜାନୁଆରୀ ପହିଲାଠାରୁ କାର୍ଯ୍ୟକାରୀ ହେଲା। ରାଜ୍ୟପାଳ ଡକ୍ଟର ଏ.ଏ. ଖୋସଲା ପ୍ରଥମେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ୧୯୬୭ ଜାନୁଆରୀ ପ୍ରଥମ ସପ୍ତାହରେ ଉଦ୍‌ଘାଟନ କଲେ। ଲିଙ୍ଗରାଜ ପାଣିଗ୍ରାହୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଓ ଡକ୍ଟର ପର୍ଶୁରାମ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତିରୂପେ ଦାୟିତ୍ୱ ବହନ କଲେ।

ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳସଚିବ ହେବାଲାଗି ମୋତେ ଅନୁରୋଧ କରିଥିଲେ। ମୁଁ ତାହା ଗ୍ରହଣ କରିପାରି ନଥିଲି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବ ରୂପେ ଡକ୍ଟର ଶ୍ରୀନିବାସ ସାହୁ ନିଯୁକ୍ତ ହେବାର ପ୍ରସ୍ତାବ ଥିଲା। ସେ ମନା କରିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳସଚିବ ଗୋରାଚାନ୍ଦ ରଥ ପ୍ରଥମ କୁଳସଚିବହେଲେ। ମୋର ସହାଧ୍ୟାୟୀ ଅଧ୍ୟକ୍ଷ ବ୍ରଜବନ୍ଧୁ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳସଚିବ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ତେଣୁ ଗୁଣ୍ଠିଚି ମୂଷା ଭଳି ଓଡ଼ିଶାର ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ମୋର କିଛିନା କିଛି ଅବଦାନ ରହିଛି ବୋଲି ମୁଁ ଗୌରବାନ୍ୱିତ।

କଟକରେ ରେଭେନ୍‌ସା କଲେଜ, କଟକ ଟ୍ରେନିଂ କଲେଜ ଓ ରେଭେନ୍‌ସା ବାଳିକା ବିଦ୍ୟାଳୟ ଆଇ.ଏ.ଶ୍ରେଣୀ ଓ ଗଞ୍ଜାମର ପାରଳାଖେମୁଣ୍ଡୀରେ ଥିବା ଗୋଟିଏ ଉପାଧି କଲେଜ ଓ ବ୍ରହ୍ମପୁରଠାରେ ଥିବା ଖଲ୍ଲିକୋଟ ଇଣ୍ଟରମିଡ଼ିଏଟ କଲେଜକୁ ନେଇ ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ପ୍ରାଣକୃଷ୍ଣ ପରିଜାଙ୍କ ପରି କେତେଜଣ ବିଶିଷ୍ଟ ଶିକ୍ଷାବିତ୍ ଆଶଙ୍କା ପ୍ରକାଶ କରିଥିଲେ। ସେହିପରି ପ୍ରବେଶିକା ପାଇଁ


ଛାତ୍ର ପଠାଉଥିବା ଉଚ୍ଚଇଂରାଜୀ ବିଦ୍ୟାଳୟଗୁଡ଼ିକ ଆଙ୍ଗୁଠିରେ ଗଣିହୋଇ ପାରୁଥିଲା ।

ପଣ୍ଡିତ ଗୋଦାବରୀଶ ବିରୋଧୀ ମତର ସମ୍ମୁଖୀନ ହୋଇ ପର୍ତ୍ତୁଗାଲର ପଞ୍ଚଦଶ ଶତାବ୍ଦୀର ରାଜା ଫର୍ଡିନାଣ୍ଡଙ୍କ ପରି ପଚାରିଥିଲେ, "ଅଣ୍ଡା ଆଗ ନା କୁକୁଡ଼ା ଆଗ ? ବିଶ୍ୱବିଦ୍ୟାଳୟ ଆଗ ନା ସ୍କୁଲ କଲେଜ ଆଗ ? ବିଶ୍ୱବିଦ୍ୟାଳୟଟିଏ ହୋଇଗଲେ ଏପରି ପ୍ରେରଣା ସୃଷ୍ଟି ହେବ ଯେ, ସ୍ୱତଃ ସ୍କୁଲ କଲେଜ ଗଢ଼ି ଉଠିବ ।" ତାହାହିଁ ବାସ୍ତବ କ୍ଷେତ୍ରରେ ହୋଇଛି । ଆଜି ଓଡ଼ିଶାରେ ପାଞ୍ଚଗୋଟି ବିଶ୍ୱବିଦ୍ୟାଳୟ, ତିନିଗୋଟି ଯାନ୍ତ୍ରିକ ମହାବିଦ୍ୟାଳୟ, ତିନିଗୋଟି ଭେଷଜ ମହାବିଦ୍ୟାଳୟ ସମେତ ପ୍ରାୟ ଚାରିଶହ ପଚାଶ ଗୋଟି ମହାବିଦ୍ୟାଳୟ ଏବଂ ଛଅ ହଜାରରୁ ଅଧିକ ଉଚ୍ଚ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠିତ ହେଲାଣି । ଉତ୍ତର ଓଡ଼ିଶା ପାଇଁ ଆଉ ଗୋଟିଏ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରାରମ୍ଭିକ ଉଦ୍ୟମ ଆରମ୍ଭ ହୋଇଗଲାଣି । ଉଚ୍ଚ ଇଂରାଜୀ ବିଦ୍ୟାଳୟଗୁଡ଼ିକର ଅତ୍ୟଧିକ ସଂଖ୍ୟାବୃଦ୍ଧି ହେବାରୁ ପ୍ରବେଶିକା ପରୀକ୍ଷା ଆଉ ବିଶ୍ୱବିଦ୍ୟାଳୟଗୁଡ଼ିକର ଦାୟିତ୍ୱ ହୋଇ ରହିନାହିଁ । ଏଥିପାଇଁ ଗୋଟିଏ ମାଧ୍ୟମିକ ଶିକ୍ଷା ପରିଷଦ ଗଠିତ ହୋଇଛି । ଉଚ୍ଚତର ମାଧ୍ୟମିକ ପରୀକ୍ଷା ଅନ୍ୟ ଗୋଟିଏ ଉଚ୍ଚତର ମାଧ୍ୟମିକ ଶିକ୍ଷା ପରିଷଦକୁ ଅର୍ପଣ କରାଯାଇଛି । ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବାର ପଚାଶବର୍ଷ ନ ପୂରୁଣୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆଶା ଅଭୂତପୂର୍ବ ଭାବରେ ରୂପାୟିତ ହୋଇଛି ।

ମିଳିତ ମନ୍ତ୍ରିମଣ୍ଡଳ ୧୯୪୪ ଜୁନ୍ ମାସରେ ଇସ୍ତଫା ଦେଲା ସିନା, ପଣ୍ଡିତ ମିଶ୍ରଙ୍କ ଯୋଜନାନୁସାରେ ସେହିପରି ଜୁଲାଇରୁ ପୁରୀ, ବାଲେଶ୍ୱର ଓ ସମ୍ବଲପୁରରେ କଲେଜ ଏବଂ କଟକରେ ଭେଷଜ ମହାବିଦ୍ୟାଳୟ ସରକାର ପ୍ରତିଷ୍ଠା କଲେ । ବେସରକାରୀ ଉଦ୍ୟମରେ ଉତ୍କଳ ଖ୍ରୀଷ୍ଟିଆନ କଲେଜ ଓ ଷ୍ଟିଓ୍ୱାର୍ଟ ବିଜ୍ଞାନ କଲେଜ ଓ ବଲାଙ୍ଗୀରରେ ରାଜେନ୍ଦ୍ର କଲେଜ ଆରମ୍ଭ ହେଲା । ବ୍ରହ୍ମପୁରରେ ଖଲ୍ଲୀକୋଟ କଲେଜରେ ଉପାଧି ଶ୍ରେଣୀ ଖୋଲିଲା । ଏହିପରି ଭାବରେ ଶିକ୍ଷାବିକାଶ ତ୍ୱରାନ୍ୱିତ ହେଲା ।

❐❐❐

ଓଡ଼ିଆ ସାହିତ୍ୟ ଅକାଦମୀ ଓ ରଜତ ଜୟନ୍ତୀ



ସୁରେନ୍ଦ୍ର ମହାନ୍ତି

ଲେଖକଙ୍କ ଆତ୍ମଜୀବନୀ
'ପଥ ଓ ପୃଥିବୀ'ରୁ
ସଂଗୃହୀତ

୧୯୮୧ ମସିହା ।

ମେ ମାସ ।

ପାର୍ଲାମେଣ୍ଟର ବଜେଟ ସେସନ ଚଲିଛି । ଓଡିଶା ଭବନରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଦିନେ ଶ୍ରଦ୍ଧାରେ ରାତ୍ରି ଭୋଜନ ପାଇଁ ମୋତେ ଆମନ୍ତ୍ରଣ କଲେ । ସେ ଦିଲ୍ଲୀ ଆସିଲେ ବେଳେବେଳେ ଏମ୍.ପି.ମାନଙ୍କୁ ରାତ୍ରିଭୋଜନ ପାଇଁ ଏହିପରି ଆମନ୍ତ୍ରଣ କରି ଓଡିଶାର ବିଭିନ୍ନ ସମସ୍ୟା ଓ କଂଗ୍ରେସ-ରାଜନୀତି ଇତ୍ୟାଦି ଆଲୋଚନା କରିଥାନ୍ତି । ଇଏ ଗୋଟିଏ ଔପଚାରିକ ବ୍ୟାପାର । ମୋର ସ୍ୱଭାବ ହେଉଛି, ଏପରି ଔପଚାରିକ ବ୍ୟାପାରକୁ ମୁଁ ସବୁଦିନେ ବାଦ୍ ଦେଇଥାଏ । କିନ୍ତୁ ସେଦିନ ତାଙ୍କର ପି.ଏ ଟେଲିଫୋନ୍‌ରେ ମୋତେ ଆସିବା ପାଇଁ

ବିଶେଷ ଭାବରେ ଅନୁରୋଧ କରିଥିବାରୁ ମୁଁ ଆସିଲି ।

ଟେରାସ୍ ଉପରେ ଯଥାବିଧି ରାତ୍ରି ଭୋଜନ ସରିଲା ।

ମୁଁ ବିଦାୟ ନେଇଯିବା ସମୟରେ ଜାନକୀବାବୁ କହିଲେ, "ଆପଣଙ୍କ ସହିତ ଟିକିଏ କଥା ଅଛି ।"

ସମସ୍ତେ ବିଦାୟ ନେଇଯିବା ପରେ ଜାନକୀବାବୁ କହିଲେ, "ସୁରେନ୍ଦ୍ରବାବୁ, ଆପଣଙ୍କୁ ଗୋଟାଏ ଦାୟିତ୍ୱ ସମ୍ଭାଳିବାକୁ ପଡିବ ।"

ମୁଁ କୌତୁହଳୀ ହୋଇ ପଚାରିଲି, "କି ଦାୟିତ୍ୱ ?"

ସେ ହସିହସି କହିଲେ, "ସମସ୍ତଙ୍କର ଇଚ୍ଛା. ଆପଣ ଓଡିଆ ସାହିତ୍ୟ ଅକାଦମୀର ସଭାପତି ହୁଅନ୍ତୁ ।"

ମୁଁ ମନେମନେ ଆଶା କରିଥିଲି, କେନ୍ଦ୍ରରେ କିଛି ଗୋଟାଏ ମନ୍ତ୍ରୀ-ଟନ୍ତ୍ରୀ ପଦ ମୋତେ ମିଳିଗଲା ପରା !

କିନ୍ତୁ ଜାନକୀବାବୁଙ୍କ ପ୍ରସ୍ତାବ ଶୁଣି ମୁଁହ ଶୁଖାଇ କହିଲି, "ମୁଁ ଜଣେ ସାହିତ୍ୟିକ ବୋଲି ଓଡିଶାର ମୋତେ ଊଣାଅଧିକେ ଜାଣନ୍ତି । ଅକାଦମୀ ସଭାପତି ହେଲେ ମୋତେ ଆଉ କି ନିଧି ମିଳିବ ? ମୋର ସାହିତ୍ୟିକ ଯଶ ଅଛି ପ୍ରଚୁର । ଲକ୍ଷ୍ମୀ କିନ୍ତୁ ମୋ ପ୍ରତି ଅପ୍ରସନ୍ନା । ମୋର ଅଭାବ କେବଳ ଟଙ୍କା । ବରଂ ଗୋଟିଏ ଦୁଧିଆଳୀ କପୋରେସନ୍‌ର ଚେୟାରମ୍ୟାନ୍-ଟେୟାରମ୍ୟାନ୍ କରାଇ ଦେଇପାରିଲେ, ମୁଁ ଖୁସି ହୁଅନ୍ତି ।"

ସତରେ ସେଇ ୧୯୫୨ ମସିହାରୁ ଏପର୍ଯ୍ୟନ୍ତ ଗଡତାପଡତା ହୋଇ ପାର୍ଲାମେଣ୍ଟ ଆଉ ପ୍ରତ୍ୟକ୍ଷ ରାଜନୀତିରେ ରହିବା ଫଳରେ ଜଣେ ଦି' ଜଣଙ୍କୁ ଛାଡି ଦେଲେ, ଓଡିଶାର ସବୁ ମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ମନ୍ତ୍ରୀମାନଙ୍କ ସହିତ ମୋର ଥିଲା ନିବିଡ ସମ୍ପର୍କ । ତଥାପି ସାଂସାରିକ ଦୃଷ୍ଟିକୋଣରୁ କିଛି ତ କରି ପାରିଲି ନାହିଁ । ଘରଟିଏ ଏକମହଲା ହୋଇ ସେଇ ଅଧା ପଡିଛି । ଜୀପ୍ ଖଣ୍ଡେ ଥିଲା ଯେ ତାକୁ ବିକ୍ରୀ କରିଦେଇଛି । କେଉଁ ଦିନୁ । ଆଉ କାର୍ କଥା ନ କହିବା ଭଲ । ଏଇସବୁ କାରଣରୁ ମୋତେ ଅନେକେ ଥଟ୍ଟା କରନ୍ତି ।

ମୁଁ ଇଚ୍ଛା କରିଥିଲେ, ଅକ୍ଲେଶରେ ପ୍ରଚୁର ଅର୍ଥର ଅଧିକାରୀ ହୋଇପାରିଥାନ୍ତି । ମୋର ବାହାର ଥାଟ ଦେଖି ସମସ୍ତେ ଅନୁମାନ କରନ୍ତି, ମୁଁ ଗୋଟିଏ ଧନାଢ୍ୟ ଲୋକ । କିନ୍ତୁ ପ୍ରକୃତରେ ମୁଁ ଏବେ ଅନୁତାପ କରେ, ଅନ୍ୟମାନଙ୍କ ପରି ମୁଁ କାହିଁକି ରାଜନୀତିକୁ ଗୋଟାଏ ଧନ୍ଦା ନ କଲି ! ତା' ହେଲେ ଏ ବୟସରେ ସୁଦ୍ଧା ମୋତେ ଅର୍ଥଚିନ୍ତା କରିବାକୁ ପଡୁ ନ ଥାନ୍ତା । କିନ୍ତୁ ମୋ ଭିତରର ସେଇ ଅଭିମାନୀ ଲେଖକସତ୍ତାଟି ମୋତେ କେବେ କାହା ପାଖରେ ମୁଣ୍ଡ ନୁଆଇଁ ଦେଲା ନାହିଁ । ମୋର ଯାହା ବୁଦ୍ଧି ବିଚକ୍ଷଣତା, ସାହିତ୍ୟିକର ଏଇ ଅଭିମାନଟି ନ ଥିଲେ ମୁଁ ଓଡିଶାର ଗୋଟିଏ ପ୍ରସିଦ୍ଧ ଟାଉଟର୍ ହୋଇପାରିଥାନ୍ତି !

ମୁଁ କହିଲି, "ଜାନକୀବାବୁ ସତରେ ମୁଁ ଥଟ୍ଟା କରୁନି ।"

ଜାନକୀବାବୁ ହସିହସି କହିଲେ, "ନା, ସୁରେନ୍ଦ୍ରବାବୁ, ଆପଣ ଅକାଦମୀର ସଭାପତି ହୁଅନ୍ତୁ ଏହା ସମସ୍ତଙ୍କ ଇଚ୍ଛା । ଆମେ କିଛି ଗୋଟାଏ କରିବା ।"

ମୁଁ ଉତ୍ତର ଦେଲି, "ହଉ, ମୋର ଆପତ୍ତି ନାହିଁ । ଆପଣଙ୍କ କଥାରେ ମୁଁ ରାଜି ।"

ମୁଁ ଭାବୁଥିଲି, ସାଂପ୍ରତିକ ଓଡିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ଓଡିଶା ସାହିତ୍ୟ ଅକାଦମୀରେ ମୋତେ ଗୋଟାଏ ସୁଯୋଗ ମିଳୁଛି । କିନ୍ତୁ କ୍ଷେତ୍ରକୁ ଆସି ଦେଖିଲି, ଦେଉଳରେ ଯେପରି ଦେବତା ଥାନ୍ତି ମାତ୍ର ଦେବତ୍ୱ ନ ଥାଏ- ନ୍ୟାୟାଳୟରେ ଅନେକ କ୍ଷେତ୍ରରେ ନ୍ୟାୟ ମୂର୍ତ୍ତିମାନେ ଥାନ୍ତି, ମାତ୍ର ନ୍ୟାୟ ନ ଥାଏ- ସାହିତ୍ୟ ଅକାଦମୀରେ ସେହିପରି ଅକାଦମୀ ଥାଏ, କିନ୍ତୁ ସାହିତ୍ୟଟି ନ ଥାଏ !

ଦିନେ ଅକାଦମୀର କାର୍ଯ୍ୟକର୍ତ୍ତା କମିଟି ବସିଥିଲା ।

ସେଥିରେ ଆଲୋଚ୍ୟ ବିଷୟ ଥିଲା- ୧୯୮୨ ଡିସେମ୍ବର ମାସରେ ହେବାକୁ ଥିବା ଅକାଦମୀର ରଜତ ଜୟନ୍ତୀ ସମ୍ପର୍କରେ ଆଲୋଚନା ।

ମୁଁ ସେକ୍ରେଟାରୀଙ୍କୁ ପଚାରିଲି, "ଏଥିପାଇଁ କେତେ ଟଙ୍କାର ବଜେଟ କରିଛନ୍ତି ?"

ସିଏ ମୋତେ ଗୋଟାଏ ସାଇକ୍ଲୋଷ୍ଟାଇଲ୍ କରା ବଜେଟ ଧରାଇ ଦେଇ କହିଲେ, ଏଥିପାଇଁ ପଚିଶ ହଜାର ଟଙ୍କାର ଏଷ୍ଟିମେଟ୍ ତିଆରି ହେଇଚି ।"

ତା' ଉପରେ ଥରେ ଆଖି ବୁଲାଇ ନେଇ ମୁଁ ପଚାରିଲି, "ପଚିଶ ହଜାର ଟଙ୍କାରେ ଓଡ଼ିଶା ସାହିତ୍ୟ ଅକାଦମୀର ରଜତ ଜୟନ୍ତୀ ଉତ୍ସବ ହେବ ?"

ତା'ପରେ କାଗଜଟି ମୋଡ଼ି ଓ୍ୱେଷ୍ଟପେପର୍ ବାସ୍କେଟ୍ ଭିତରକୁ ଫିଙ୍ଗି ଦେଲି । ସେକ୍ରେଟାରୀଙ୍କୁ କହିଲି, "ଆପଣ ଦଶଲକ୍ଷ ଟଙ୍କାର ଗୋଟାଏ ବଜେଟ ତିଆରି କରି ଯଥାଶୀଘ୍ର ମୋତେ ଦିଅନ୍ତୁ । ଏ ଆଲୋଚନା ଏଇଠାରେ ମୁଲତବି ରହୁ ।"

ସେତେବେଳେ ଅନ୍ୟ ସଭ୍ୟମାନେ ମୋ ଆଡ଼େ ଯେପରି ଚାହିଁଲେ, ମୁଁ ଭାବିଲି - ବୋଧହୁଏ ଗୋଟାଏ ଉନ୍ମାଦକୁ ସେମାନେ ପ୍ରଥମ ଥର ପାଇଁ ଦେଖୁଛନ୍ତି ପରା ! ମୋତେ ସେମାନେ ପଚାରିଲେ, "କ'ଣ କହୁଛନ୍ତି ଆପଣ ?"

ମୁଁ ଉତ୍ତର ଦେଲି, "ସାହିତ୍ୟ ଅକାଦମୀ ରଜତ ଜୟନ୍ତୀ ହେବ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଏକ ବର୍ଣ୍ଣାଢ୍ୟ ପାର୍ବଣ । ଏଥିପାଇଁ ପଚିଶ ଲକ୍ଷ ଟଙ୍କା ସୁଦ୍ଧା ଯଥେଷ୍ଟ ନୁହେଁ । ଆପଣ ଯଦି ଭାବିଥାନ୍ତି, ଛାମୁଣ୍ଡିଆ ବାନ୍ଧି ପେଟ୍ରୋମ୍ୟାକ୍ସ ଝୁଲାଇ, ଭାତଡାଲମା ଆଉ କଦଳୀ ଚକଟା ଖୁଆଇ କୌଣସି ଗାୟକରତ୍ନଙ୍କ ଦ୍ୱାରା ଦାସକାଠିଆର ଆୟୋଜନ କରି ରଜତ ଜୟନ୍ତୀ ପାଳନ କରାଯିବ - ତା' ହେଲେ ପଚିଶ ହଜାର ଟଙ୍କା ହୁଏତ ଯଥେଷ୍ଟ । କିନ୍ତୁ ମୁଁ ସେଥିରେ ନାହିଁ । ମୁଁ ସେଇମାନଙ୍କ ଦଳର ଲୋକ, ଯେଉଁମାନେ କହନ୍ତି -

ହେବି ତ ଭୁବନେଶ୍ୱର, ନଇଲେ ଭୋବନା !”

ସେଦିନ ସେତିକିରେ ଆଲୋଚନା ଶେଷ ହେଲା ।

ତା’ପରେ ମୁଁ ସେକ୍ରେଟାରୀଙ୍କୁ କହିଲି, “ଓଡ଼ିଆ ଲିପିର ଉତ୍ପତ୍ତିଠାରୁ ଆରମ୍ଭ କରି ବିଭିନ୍ନ ପର୍ଯ୍ୟାୟ କ୍ରମେ ସାଂପ୍ରତିକ କାଳ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ଅଭିବ୍ୟକ୍ତି, ପୁଣି ଓଡ଼ିଶୀ ନୃତ୍ୟସଙ୍ଗୀତ ଏବଂ ଚିତ୍ରକଳା ପ୍ରଭୃତିର କ୍ରମବିକାଶ କିପରି ଧାରାବାହିକ ଭାବରେ ଏକ ପ୍ରଦର୍ଶନୀ-ମଣ୍ଡପରେ ପ୍ରଦର୍ଶିତ ହେବ - ଆପଣ ତାହାର ଗୋଟାଏ ପ୍ରାଥମିକ ଚିଠା କରି ମୋତେ ଦିଅନ୍ତୁ ।”

ସେକ୍ରେଟାରୀ ରାଇଚରଣବାବୁ ପ୍ରାୟ ସପ୍ତାହକ ଭିତରେ ପ୍ରସ୍ତାବିତ ରଜତ ଜୟନ୍ତୀ ଉତ୍ସବର ଗୋଟାଏ ସ୍ଥୂଳ ରୂପରେଖ ମୋତେ ଦେଲେ ।

ସେତେବେଳେ ଲେଖକ ସାମ୍ମୁଖ୍ୟର ଗୋଟିଏ ବାର୍ଷିକ ଅଧିବେଶନ କୋରାପୁଟର ସୁନାବେଡ଼ାଠାରେ ହେଉଥାଏ । ଜାନକୀବାବୁ ସେଥିରେ ଯୋଗଦେବାର ଥାଏ । ମୋର ସ୍ୱାସ୍ଥ୍ୟ ଦୃଷ୍ଟିରୁ, ମୁଁ ଏଥିରେ ଯୋଗଦେବା ଉଚିତ ଭାବୁ ନଥିଲି । କିନ୍ତୁ ପରେ ଭାବି ଦେଖିଲି, ଏ ସୁଯୋଗ ଛାଡ଼ିଦେଲେ ମୁଖ୍ୟମନ୍ତ୍ରୀଙ୍କ ସହିତ ରଜତ ଜୟନ୍ତୀ ସମ୍ପର୍କରେ ବିସ୍ତୃତ ଆଲୋଚନାରେ ଅବକାଶ ଆଉ ମିଳି ନ ପାରେ । ସେଥିପାଇଁ ନଥିପତ୍ର ସାଙ୍ଗରେ ଧରି ସୁନାବେଡ଼ା ବାହାରିଲି ।

ସାହିତ୍ୟ ଅକାଦମୀର କାର୍‌ଟି ଜରାଜୀର୍ଣ୍ଣ । ସେଇ କାର୍‌ଟିରେ ସୁନାବେଡ଼ା ଆସିଲି । ବାଟରେ ରାୟଗଡ଼ା ପାଖରେ କାର୍‌ର ଗୋଟାଏ ପାର୍ଟ ଭାଙ୍ଗିଗଲା । ରାୟଗଡ଼ାରେ ଗାଡ଼ି ମରାମତି ପାଇଁ ପ୍ରାୟ ଚାରିଘଣ୍ଟା ଅଟକି ପଡ଼ିବାକୁ ହେଲା । ସାଙ୍ଗରେ ମୋର ବଡ଼ପୁଅ ଜିତାମିତ୍ର ଓ ଅର୍ଦ୍ଧଳି ନଟବର । ଆମେ ଗୟଗଡ଼ାରେ ପହଞ୍ଚିଲା ବେଳକୁ ଅପରାହ୍ଣ ପ୍ରାୟ ତିନିଟା । ବ୍ରହ୍ମପୁର ସର୍କିଟ୍ ହାଉସରୁ ସେଇ ଯାହା ସାମାନ୍ୟ ବ୍ରେକ୍‌ଫାଷ୍ଟ୍ ଖାଇ ବାହାରିଥିଲୁ । ପ୍ରସ୍ତାବ ଥିଲା, ତପ୍ତପାଣି ପାନ୍ଥନିବାସରେ ଲଞ୍ଚ୍ ଖାଇବା ପାଇଁ । କିନ୍ତୁ ଯଥେଷ୍ଟ ଆଗରୁ ଅର୍ଡର ନ ପାଇଲେ ଏଠାରେ ଖାଦ୍ୟ ମିଳେ ନାହିଁ । ସେଥିପାଇଁ ଆମେ ଭୋକିଲା ପେଟରେ କେ.ଭି ଲାଇନ୍‌ର ଆବୁଡା. ଖାବୁଡା ରାସ୍ତାରେ ଆସୁଥାଉ । କିନ୍ତୁ ରାୟଗଡାରେ ରହିବୁ କେଉଁଠି, ହେଲା ସମସ୍ୟା । ଅଗତ୍ୟା ଡାକବଙ୍ଗଳାକୁ ଆସିଲି ।

ସେଦିନ କ୍ରିସ୍‌ମାସ ବା ବଡଦିନ । ସ୍ଥାନୀୟ ପି.ଡବ୍ଲ୍ୟୁ.ଡି. ଅଫିସ୍‌ରମାନେ ଭୋଜି କରିବା ଉଦ୍ଦେଶ୍ୟରେ ଡାକବଙ୍ଗଳାକୁ ପୂରା ଅକ୍ତିଆର କରି ବସିଥାନ୍ତି । ତେଣୁ କେୟାର୍‌ଟେକର୍ ଜାଗା ମିଳିବ ନାହିଁ ବୋଲି ମୋତେ ମନା କରିଦେଲା । ମୁଁ ଆମ ଅସୁବିଧା କଥା ବୁଝାଇଲେ ସୁଦ୍ଧା ସେ ବୁଝିଲେ ନାହିଁ । ମୁଁ ଅଗତ୍ୟା ଡ୍ରାଇଭର୍‌କୁ ଗୋଟାଏ ରୁମ୍‌ରେ ତାଲା ଭାଙ୍ଗିବା ପାଇଁ କହିଲି । ସେ ତାଲା ଭାଙ୍ଗିବା ପାଇଁ ବାହାରିବାରୁ କେୟାରଟେକର୍ ଆଣି ହାଜର କରାଇଲେ ଜଣେ ଅଫିସରଙ୍କୁ । ସେ ମୋତେ ଚିହ୍ନି

ପାରିଲେ ନାହିଁ। ମୁଁ କାହିଁକି ତାଲା ଭାଙ୍ଗିବାର ଦୁଃସାହସ କରୁଛି ବୋଲି ପଚାରିବାରୁ ମୁଁ ତାଙ୍କୁ ବାଧ୍ୟ ହୋଇ ଏମ୍. ପି. ଆଇଡେଣ୍ଟିଟି କାର୍ଡଟି ଦେଖାଇଦେଲି! ସେ ହତଚକିତ ହୋଇଗଲେ।

ମୁଁ ପଚାରିଲି, "ଆପଣମାନେ ଭୋଜି କରିବା ପାଇଁ ଗୋଟାଏ ଦୁଇଟା ସୁଟ୍ ନେଇଥିଲେ ଚଳିଥାନ୍ତା। ସାରା ଡାଙ୍ଗବଙ୍ଗଳାଟାକୁ ଆପଣ ଅକ୍ତିଆର କରିବସିଲେ କେଉଁ ଅଧିକାରରେ? ମୁଁ ଏମ୍. ପି. ବୋଲି ସିନା ମୋତେ ଆପଣ ବର୍ତ୍ତମାନ ଘର ଛାଡିଦେବେ, କିନ୍ତୁ ମୁଁ ଏମ୍. ପି. ନ ହୋଇଥିଲେ ? ଦେଶରେ ସାଧାରଣ ନାଗରିକ କ'ଣ କୌଣସି ସୌଜନ୍ୟ ବା ବିଚାର ଆପଣମାନଙ୍କଠାରୁ ଆଶା କରିପାରିବ ନାହିଁ?"

ଭଦ୍ରଲୋକ ଟିକିଏ ଲଜ୍ଜିତ ହେଲା ପରି ମନେହେଲା। ଆମ ପାଇଁ ଚା' ଆଉ ସ୍ନାକ୍ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ କେୟାରଟେକର୍‌କୁ କହିଲି। ସେ ଚାଲିଗଲେ।

ଗାଡ଼ି ଠିକଣା ହୋଇ ଡାକବଙ୍ଗଳାକୁ ଆସୁଆସୁ ପ୍ରାୟ ପାଞ୍ଚଟା ବାଜି ଯାଇଥିଲା। ଶୀତଦିନିଆ ଅପରାହ୍ଣର ସୂର୍ଯ୍ୟ ପାହାଡଘାଟୀ ସେପଟେ ତଳକୁ ଢଳି ପଡିଲାଣି। ସବୁଆଡେ ଆସନ୍ନ ସନ୍ଧ୍ୟାର ଛାୟା।

ଡ୍ରାଇଭର ପଚାରିଲା, "କାଲି ସକାଳେ ଗଲେ ଚଳନ୍ତା ନାହିଁ?"

କିନ୍ତୁ ସୁନାବେଡାରେ ଯେତେ ଶୀଘ୍ର ମୁଁ ପହଞ୍ଚିପାରିବି, ସେଥିପାଇଁ ମନ ମୋର ଭାରି ଉଚ୍ଛନ। ମୁଁ ସଙ୍ଗେସଙ୍ଗ ବାହାରିପଡିଲି। ଘାଟି ରାସ୍ତାରେ ଗଲେ ଘଣ୍ଟାଘଣ୍ଟା ଭିତରେ ଆମେ ଜୟପୁର ଧରିପାରିବୁ।

ଘାଟୀ ଉପରେ ହଠାତ୍ ଆରମ୍ଭ ହୋଇଗଲା ଶୀତଦିନିଆ ବର୍ଷା। ପାଦେପାଦେ ବିପଦ। ବର୍ଷାରେ ପୁଣି ସାମ୍ନା ରାସ୍ତା ଅସ୍ପଷ୍ଟ ଦେଖାଯାଉଥାଏ। କିନ୍ତୁ ନିରୁପାୟ। ଗୌତମ ବୁଦ୍ଧଙ୍କର ଗୋଟିଏ କଥା ମନେ ପଡିଗଲା। ତାଙ୍କର ପରିଣତ ବୟସରେ ପ୍ରିୟ ଶିଷ୍ୟ ଆନନ୍ଦ ତାଙ୍କୁ ଥରେ ପଚାରିଥିଲେ : "ଭଗବାନ୍! ଆପଣଙ୍କ ଦିନକାଳ ତ ଶେଷ ହୋଇ ଆସିଲାଣି। ଆମକୁ ବର୍ତ୍ତମାନ ନିର୍ଦ୍ଦେଶ ଦେବ କିଏ?"

ଗୌତମ ବୁଦ୍ଧ ଆନନ୍ଦଙ୍କୁ ପ୍ରଶ୍ନ ଛଳରେ ହିଁ ଉତ୍ତର ଦେଇଥିଲେ।

ବୁଦ୍ଧ ପଚାରିଲେ.... "ଆନନ୍ଦ! ମନେକର ତୁମେ ଝଡଝଞ୍ଝାକୁଳ ଏକ ଅନ୍ଧକାର ରାତ୍ରିରେ ଗୋଟିଏ ଆଲୋକଶିଖା ଧରି ଦୁର୍ଗମ ବାଟରେ ଯାଉଛ। ହଠାତ୍ ଆଲୋକଶିଖାଟି ନିଭିଗଲା। ତୁମେ କ'ଣ କରିବ? ପଛକୁ ଫେରିବ?"

ଆନନ୍ଦ ଉତ୍ତର ଦେଲେ, "ନା, ଭଗବାନ! ତାହା ସମ୍ଭବ ନୁହେଁ।"

- "ଯେଉଁଠି ଅଟକିଗଲ, ସେଇଠି କ'ଣ ରହିଯିବ?"

- "ନା, ଭଗବାନ! ତା' ବି ସମ୍ଭବ ନୁହେଁ?"

"ତା' ହେଲେ? କ'ଣ ଆଗକୁ ଯିବ?"

ଆନନ୍ଦ ଉତ୍ତର ଦେଲେ, "ତା' ଛଡା ଆଉ କି ଉପାୟ ଅଛି !"

ବୁଦ୍ଧ କହିଲେ ..... "ମୋର ମୃତ୍ୟୁ ପରେ ତୁମେ ମୋ ବାଣୀକୁ ସ୍ମରଣ କରି ମୋକ୍ଷ ପଥରେ ଅଗ୍ରସର ହେବ ।"

ବେଳେବେଳେ ମହାପୁରୁଷମାନଙ୍କର ଏହିପରି ବାଣୀ, ମନରେ ଆଶା ଓ ଅଭୟ ଆଣି ଦେଇଥାଏ ।

ଡ୍ରାଇଭର୍ ଯେତେବେଳେ ହାଲ୍ ଛାଡିଦେଇ ବର୍ଷା ଥମିବା ପର୍ଯ୍ୟନ୍ତ ଅଟକି ରହିବା ପାଇଁ ଚାହୁଁଥିଲା, ମୁଁ କହିଲି - "ଗାଡି ଅଟକାଇଲେ ହୁଏତ ବର୍ଷାମାଡରୁ ରକ୍ଷା ପାଇପାରିବ । କିନ୍ତୁ ଏଇ ଘାଟୀ ରାସ୍ତାରେ, ଜଙ୍ଗଲ ଭିତରୁ ଗୋଟିଏ ବାଘ ଯଦି ଆମ ଉପରକୁ ଆସି ଝାମ୍ପ ଦିଏ ? ବରଂ ଏଇ ବର୍ଷାରେ ଆଗକୁ ଯିବା ଭଲ ।"

ଗାଡି ଚଲିଲା ।

କିଛି ସମୟ ପରେ ବର୍ଷା ବି ବନ୍ଦ ହୋଇଗଲା । ତା'ପରେ ରାସ୍ତାର ଚେହେରା ବେଶ୍ ଆକର୍ଷଣୀୟ ହୋଇଉଠିଲା ।

ଇଲେକ୍ଟ୍ରିସିଟି ରାସ୍ତାକଡର କନ୍ଧ ବା ପରଜା ଗାଆଁମାନଙ୍କୁ ଆସିନାହିଁ । ବର୍ଷା ଭିଜା ଗାଆଁ ସବୁରେ ମେଞ୍ଚାମେଞ୍ଚା ଅନ୍ଧାର ଲେସି ହୋଇଗଲା ପରି ଦିଶୁଛି । କେଉଁଠି କେଉଁଠି ସେଇ ଅନ୍ଧାର ଭିତରୁ ଭାସି ଆସୁଛି ବଇଁଶୀର ରାଗିଣୀ ! କେଉଁଠି ବା ବାଜୁଛି ଡୁଙ୍ଗ୍ ଡୁଙ୍ଗା ! ଏସବୁ ଯେପରି ସେଇ ମୂର୍ଚ୍ଛିତ, ପାହାଡୀ ରାତ୍ରିର ସଙ୍ଗୀତ !

ଲକ୍ଷ୍ମୀପୁରଠାରେ ଦେଖିଲି, କେବଳ ଇଲେକ୍ଟ୍ରିକ୍ ବଲ୍ବ୍ କେଇଟା ଜଳୁଛି ..... । କିନ୍ତୁ ଏଇ ଆଲୋକ ଯେପରି ଫିକା ଜହ୍ନବୋଳା ପାହାଡୀ ଅନ୍ଧକାରର ରସଭଙ୍ଗ କରୁଥିଲା !

ପ୍ରାୟ ରାତି ନଅଟା ସୁଦ୍ଧା ଆମେ ସୁନାବେଡାରେ ପହଞ୍ଚିଲୁ । .....

ହିନ୍ଦୁସ୍ଥାନ ଏରୋନଟିକ୍ସ୍ର ଗେଷ୍ଟହାଉସ୍ରେ ମୋର ରହିବା ପାଇଁ ବ୍ୟବସ୍ଥା ହୋଇଥିଲା । ବର୍ଷା ଓ ଶୀତରେ ମୋ ଦେହ ସେତେବେଳକୁ କୋଲ ମାରିବା ଉପରେ । ମୋତେ କିନ୍ତୁ ମିଳିଗଲା ଗୋଟିଏ ଏୟାର୍କଣ୍ଡିସନ୍ଡ୍ ରୁମ୍ । କେତେ ପେଗ୍ ବ୍ରାଣ୍ଡି ପିଇବା ପରେ, ମୁଁ ସମ୍ବିତ୍ ଫେରିପାଇଲି ।

ତା' ପରଦିନ ଜାନକୀବାବୁଙ୍କ ସହିତ ନିରୋଳାରେ ଦଶମିନିଟ ଆଲୋଚନା ପାଇଁ ସୁଦ୍ଧା ସମୟ ମିଳିଲା ନାହିଁ । ଯେତେବେଳେ ତାଙ୍କ ପାଖକୁ ଯାଏ, ସବୁବେଳେ ହୁଏତ ଅଫିସର୍, ନୋହିଲେ ସାହିତ୍ୟିକମାନଙ୍କର ଭିଡ । ଅଫିସରମାନେ ତ କାମ ସରିଲେ ଚଲିଯାଆନ୍ତି ବା ବାହାରେ ଅପେକ୍ଷା କରନ୍ତି, ମାତ୍ର ସାହିତ୍ୟିକମାନେ ଗୁଡକୁ ପିମ୍ପୁଡି ଘେରିଲା ପରି କାହିଁକି ଯେ ମୁଖ୍ୟମନ୍ତ୍ରୀଙ୍କୁ ଘେରିରହିଥାନ୍ତି, ବୁଝିପାରିଲି ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଅନୁଗ୍ରହ ପାଇଲେ କିଏ ଯେ କିପରି ସାହିତ୍ୟିକ ହୋଇଯିବ, ତା' ବି ବୁଝିପାରିଲି ନାହିଁ ।

ଓଡିଶାର ବହୁ ସାହିତ୍ୟିକଙ୍କର ଏଇ ମାନସିକ ଦୈନ୍ୟ ମୋତେ ବାରମ୍ବାର ପୀଡିତ କରିଆସିଛି । ସାହିତ୍ୟିକମାନଙ୍କ ପାଇଁ ଶ୍ରେଷ୍ଠ ଜୟମାଲ୍ୟ ହେଉଛି, ପାଠକ ଜୟ ସମାଜର ଶ୍ରଦ୍ଧା । ସେଇ ଜୟମାଲ୍ୟ ଶେଷ ପର୍ଯ୍ୟନ୍ତ ଅମ୍ଲାନ ରହେ । ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀମାନଙ୍କର ସାର୍ଟିଫିକେଟ୍ ବା ସୁ-ନଜର ସେଠାରେ କାମ ଦିଏ ନାହିଁ । ମୋର ଦୀର୍ଘ ଲେଖକ ଜୀବନର ଉପଲବ୍ଧି ହେଉଛି, ଓଡିଆ ସାହିତ୍ୟରେ ଏହି ଆତ୍ମପ୍ରତ୍ୟୟର ଅଭାବ ହିଁ ସମକାଳୀନ ଓଡିଆ ସାହିତ୍ୟର ଦୈନ୍ୟ ଓ ଦୁର୍ଗତି ପାଇଁ ବହୁଳାଂଶରେ ଦାୟୀ । ସାହିତ୍ୟକୁ ବା ତା'ର ସୃଷ୍ଟିପ୍ରତିଭାକୁ ଯଦି ନିଜେ ମର୍ଯ୍ୟାଦା ନ ଦିଏ, ତା' ହେଲେ ଆଉ ବା କିଏ କାହିଙ୍କି ତା'କୁ ମର୍ଯ୍ୟାଦା ଦେବାକୁ ଯିବ ?

ଯାହାହେଉ, ମୁଖ୍ୟମନ୍ତ୍ରୀ ସେହିପରି ଏକ ଘେରରେ ପଡିଥିବାବେଳେ, ତାଙ୍କ ପାଖକୁ ଏକ ସ୍ଲିପ୍ ପଠାଇଲି । ସେଥିରେ ଲେଖାଥିଲା - "ମୁଁ ଏତେବାଟ ଆସିଥିଲି କେବଳ ରଜତଜୟନ୍ତୀ ସମ୍ପର୍କରେ ଆଲୋଚନା ପାଇଁ । କ'ଣ କରାଯିବ ?"

ଜାନକୀବାବୁ ତାଙ୍କର କୌଣସି ଜଣେ ସହକାରୀ ହାତରେ ମୋତେ ଖବର ଦେଇ ପଠାଇଲେ- "ଭୁବନେଶ୍ୱରରେ ସୁବିଧା ହେବ ।"

ହାୟ ଭଗବାନ !.....

ସୁନାବେଡାରୁ ମୁଁ ବାହାରିଗଲି ଜୟପୁର । ଜୟପୁରର ସାହିତ୍ୟିକମାନେ କେଜାଣି କାହିଁକି ସୁନାବେଡା ଆସି ନ ଥିଲେ ! ମୋତେ ତେଣୁ ସେତେବେଳର ଅର୍ଥମନ୍ତ୍ରୀ ରଘୁନାଥ ପଟ୍ଟନାୟକ ସନିର୍ବନ୍ଧ ଅନୁରୋଧ ଜଣାଇଲେ, ଜୟପୁର ଆସି ସ୍ଥାନୀୟ ସାହିତ୍ୟିକମାନଙ୍କ ସଭାରେ ଭାଷଣ ଦେବା ପାଇଁ । ମୁଁ କିନ୍ତୁ ପ୍ରସ୍ତୁତ ନ ଥିଲି ।

ଜୟପୁରରେ ସେମାନେ ମୋର ଭାଷଣ ଶୁଣିବା ପାଇଁ ଭାରି ଉତ୍କଣ୍ଠିତ ଥିଲେ । ମୁଁ ତେଣୁ ଅଗତ୍ୟା ଜୟପୁର ଆସିଲି । ମାତ୍ର ସର୍ତ୍ତ ଥିଲା, ମୁଁ ମଧ୍ୟାହ୍ନ ଭୋଜନ ପୂର୍ବରୁ ସେଠାରେ ସଭା ସାରିବି । ସିଧା ଫେରିଆସିବି କଟକ ।

ଜୟପୁରରେ ସଭା ଆରମ୍ଭ ହେଲା ଅସମୟରେ, ଅର୍ଥାତ ପୁର୍ବାହ୍ନ ଏଗାରଟାରେ । ତଥାପି ସେତେବେଳେ ସେଠାରେ ପ୍ରାୟ ତିରିଶଚାଳିଶ ଜଣ ଶ୍ରୋତା ଥିଲେ । ମୁଁ ଘଣ୍ଟାକ ମଧ୍ୟରେ ସଭା ସାରି ମଧ୍ୟାହ୍ନଭୋଜନ ପାଇଁ ରାମନାଥ ପଣ୍ଡାଙ୍କ ଘରକୁ ଆସିଲି । ସିଏ କେଉଁଠୁ ସଂଗ୍ରହ କରିଥିଲେ ବଡ ମାଛ । ବ୍ଲଡ୍‌ପ୍ରେସର ଥିବା ହେତୁ ଚର୍ବିଯୁକ୍ତ ବଡ ମାଛ ନ ଖାଇବା ପାଇଁ ଡାକ୍ତରୀ ତାଗିଦ୍‌ସବୁ ଭୁଲିଯାଇ ଆକଣ୍ଠ ସେଇ ଦିବ୍ୟ ମାଛଭଜା ଭୋଜନ କରି ଘଣ୍ଟାଟାଏ ଗଡିପଡିଲି । ଦିନ ପ୍ରାୟ ଦୁଇଟା ବେଳକୁ ଆମେ ଜୟପୁର ଛାଡିଲୁ-କିନ୍ତୁ ସାଲୁର୍ ଘାଟୀ ରାସ୍ତାରେ ।

କଟକ ଫେରିଆସି ବହୁ ଚେଷ୍ଟାପରେ ଟେଲିଫୋନ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିପାରିଲି ।

ସେ କହିଲେ, "ଆସନ୍ତାକାଲି ଜାଗର ଅମାବାସ୍ୟା । ସରକାରୀ ଛୁଟିଦିନ । ତା' ପରଦିନ ଓଡିଶା ବିଧାନସଭାର ଅଧିବେଶନ ଆରମ୍ଭ ହେଉଛି । ତେଣୁ ରଜତ ଜୟନ୍ତୀ ସମ୍ପର୍କରେ ଆଲୋଚନା ବିଧାନସଭା ପରେ ହିଁ ସମ୍ଭବ ।"

ମୁଁ କହିଲି, "ଜାଗରଠାରୁ ବଳି ଶୁଭଦିନ ଆଉ ନାହିଁ । ଏ ଦିନ ସରକାରୀ ଛୁଟି ଥାଇପାରେ । ମାତ୍ର ଯେଉଁମାନେ ଏଥିରେ ଉପସ୍ଥିତ ରହିବା ଆପଣ ଉଚିତ୍ ମନେ କରନ୍ତି, ସେମାନଙ୍କୁ ଆପଣ ଡାକିଲେ, ଛୁଟି ସତ୍ତ୍ୱେ ସେମାନେ ନିଶ୍ଚୟ ଆସିବେ ।

ତାହା ହିଁ ହେଲା ।

ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଗୋଟିଏ ପ୍ରାଥମିକ ବୈଠକ ଆହୂତ ହେଲା । ସେଥିରେ ସେଦିନ ଉପସ୍ଥିତ ଥିଲେ କେତେଜଣ ସେକ୍ରେଟାରୀ ପାହ୍ୟାର ଉଚ୍ଚପଦସ୍ଥ ଅଫିସର । ମୁଁ ସେଦିନ ସେଠାରେ ଗୋଟିଏ ନାତିଦୀର୍ଘ ଭାଷଣରେ ବୁଝାଇବାକୁ ଚେଷ୍ଟା କରିଥିଲି ... "ଗୋଟାଏ ଦେଶ ବା ଜାତି କେବଳ ଚଉଳ ଓ ଗହମ ଉତ୍ପାଦନ ବା କଳକାରଖାନା ଦ୍ୱାରା ବଡ ହୁଏ ନାହିଁ । ଜାତିର ଉତ୍‌ଥାନ ମୂଳରେ ରହିଛି, ତାହାର ଚେତନା । ସାହିତ୍ୟ କେବଳ ସେଇ ଉନ୍ନତ ଚେତନାକୁ ଜାଗ୍ରତ କରିପାରେ ତା'କୁ ଅନୁପ୍ରେରିତ କରିପାରେ । ଓଡିଆ ସାହିତ୍ୟ ଓ ସଂସ୍କୃତି ନାମରେ ଯତ୍ରତତ୍ର ବହୁ କିତାବୀ ଭାଷଣ ଦିଆଯାଉଛି; କିନ୍ତୁ ଓଡିଶାର ଜନଗଣଙ୍କର ତା' ସହିତ ପରିଚୟ ନାହିଁ । ସଂପୃକ୍ତି ଆସିବା ତ ଦୂରର କଥା । ସେଥିପାଇଁ ଓଡିଶା ସାହିତ୍ୟ ଅକାଦମୀ ରଜତଜୟନ୍ତୀର ଥିମ୍ ହେଉଛି-ଗୋଟିଏ ସୁପରିକଳ୍ପିତ ପ୍ରଦର୍ଶନୀ ଜରିଆରେ ଚକ୍ଷୁସ ଭାବରେ ଏହାକୁ ଉପସ୍ଥାପିତ କରିବା । ଏହି ଉଦ୍ୟମ ଏପର୍ଯ୍ୟନ୍ତ ଭାରତରେ କୌଣସିଠାରେ ହୋଇଥିବା ମୋତେ ଜଣା ନାହିଁ । ଇଏ ତେଣୁ ଏକ ସମ୍ପୂର୍ଣ୍ଣ ଅଭିନବ ପ୍ରଚେଷ୍ଟା । ଏଥିରେ ହୁଏତ ଭୁଲତୃଟି, ଅପୂର୍ଣ୍ଣତା ରହିବ । ମାତ୍ର ଏଥିପାଇଁ ଚେଷ୍ଟା କରାଯିବା ଉଚିତ ।"

ମୋଟାମୋଟି ଭାବରେ ସମସ୍ତେ କଥାଟାକୁ ପସନ୍ଦ କଲେ ସତ, ମାତ୍ର ମୋତେ ପ୍ରଶ୍ନ ହେଲା-କେତେ ଟଙ୍କା ଏଥିପାଇଁ ଲାଗିବ ?

ମୁଁ କହିଲି, "ପଚିଶ ଲକ୍ଷ ଟଙ୍କା ଲାଗିପାରେ ।"

ପଚିଶ ଲକ୍ଷ ଟଙ୍କା ଶୁଣି ସମସ୍ତେ ବିଚଳିତ ହେଲେ, ମୁଁ ବୋଧହୁଏ ଗୋଟାଏ ପାଗଳ । ଓଡିଆ ସାହିତ୍ୟ ପାଇଁ ପଚିଶ ଲକ୍ଷ ଟଙ୍କା ! କେହି ବିଶ୍ୱାସ କରିପାରିଲେ ନାହିଁ । ଇଏ ପୁଣି ଓଡିଶା ସାହିତ୍ୟ ଅକାଦମୀ ବାର୍ଷିକ ବଜେଟ୍‌ରେ ପ୍ରାୟ ଛଅଗୁଣ । ସମସ୍ତେ ଏକ ବାକ୍ୟରେ ପଚାରିଲେ- "ଏତେଗୁଡାଏ ଟଙ୍କା ?"

ମୁଁ କିନ୍ତୁ ଏପ୍ରକାର ପ୍ରଶ୍ନ ଉଠିବ ବୋଲି ଆଗରୁ ଅନୁମାନ କରି, ତାହାର ଉତ୍ତର ଦେବା ପାଇଁ ପ୍ରସ୍ତୁତ ହୋଇ ଆସିଥିଲି ।

ମୁଁ କହିଲି, "ଆପଣଙ୍କ ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ପରିମାଣ ପ୍ରାୟ ୨,୦୦୦

କୋଟି ଟଙ୍କା ।

ସାମାନ୍ୟ ୨୫ ଲକ୍ଷ ଏ ୨,୦୦୦ କୋଟିର ଦଶମିକ କେତେ ଭାଗ ସୁଦ୍ଧା ହେବ ନାହିଁ । ସାହିତ୍ୟ ସଂସ୍କୃତି ପାଇଁ ଆପଣମାନେ ଏତିକି ଖର୍ଚ୍ଚ କରିବାକୁ କୁଣ୍ଠିତ କାହିଁକି ? ଓଡିଆ ଭାଷା ଓ ସାହିତ୍ୟ ନ ଥିଲେ ତ ଓଡିଆ ରାଜ୍ୟ ନ ଥାନ୍ତା ! ଆଉ ଶିରୋନାସ୍ତି ଶିରୋବ୍ୟଥା ପରି ଆପଣମାନେ ବା କୁଆଡେ ଥା'ନ୍ତେ ?"

ମୋର ଉତ୍ତର ଶୁଣି ସମସ୍ତେ ନୀରବ ।

ମୁଖ୍ୟମନ୍ତ୍ରୀ ଜାନକୀବାବୁ କହିଲେ, "ନୀତିଗତ ଭାବରେ ରଜତ ଜୟନ୍ତୀ ଉତ୍ସବ ପାଳିତ ହେବ- ଏଥିରେ ଆପତ୍ତି ନାହିଁ । ମୋର ମନେ ହେଉଛି, ଟଙ୍କାପଇସାର ଅଭାବ ପଡିବ ନାହିଁ।"

ଏ ବୈଠକରେ ନୀରବରେ ବସିରହିଥିଲେ ସେତେବେଳେ ଆଡିସନାଲ୍ ଚିଫ୍ ସେକ୍ରେଟାରୀ ବିମଳ ମିଶ୍ର । ମୁଁ ଶୁଣିଥିଲି, ଟଙ୍କାପଇସା ବ୍ୟାପାରରେ ଇଏ ଭାରି କଡା ଲୋକ । ମୁଁ ମନେମନେ ଧରିନେଇଥିଲି, ସିଏ ନିଶ୍ଚୟ ମୋ ପ୍ରସ୍ତାବର ତୀବ୍ର ବିରୋଧ କରିବେ । ବେଳେବେଳେ ଆତଙ୍କିତ ଭାବରେ ଚାହୁଁଥିଲି ତାଙ୍କଆଡେ । ସେ କିନ୍ତୁ ନୀରବରେ ମୋର ଚିଠାଯୋଜନା ନିବିଷ୍ଟ ଭାବରେ ପଢୁଥିଲେ । ସେଇ କିନ୍ତୁ ସମସ୍ତଙ୍କଠାରୁ ବଳି ମୋତେ ଉତ୍ସାହ ଦେଲେ ବେଶୀ ।

ଚିଠା ପ୍ରସ୍ତାବରେ, ପ୍ରଦର୍ଶନ-ମଣ୍ଡପରେ ପୁରୀମନ୍ଦିର ଛାଞ୍ଚରେ ଗୋଟିଏ ମନ୍ଦିର ତିଆରି କରି ସେଥିରେ ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାଙ୍କ ମୂର୍ତ୍ତି ରଖି ପ୍ରଦର୍ଶନୀର ସାତଦିନ କାଳ ବିଭିନ୍ନ ବେଶ କରାଇବା ଓ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ବିଭିନ୍ନ ଭାଷାର ଗ୍ରନ୍ଥ, ପୋଥି ଓ ଚିତ୍ରପଟ ଆଦି ପ୍ରଦର୍ଶିତ କରାଇବା ଥିଲା ପ୍ରଦର୍ଶନୀର ଆଉ ଏକ ବିଭାଗ ।

ବିମଳବାବୁଙ୍କ ମନକୁ ଏଇ କଥାଟି ଭାରି ଘେନିଥିଲା । ବୈଠକ ପରେ ସେ ମୋତେ କହିଲେ, "ସୁରେନ୍ଦ୍ର ବାବୁ, ଆପଣ ଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି । ସେ କୌଣସି କଥା ଅପୂର୍ଣ୍ଣ ରଖିବେ ନାହିଁ ।"

ପ୍ରକୃତରେ ଜଗନ୍ନାଥ କିଛି ଅଭାବ ରଖିଲେ ନାହିଁ ।

ଯଥା ସମୟରେ ଓଡିଆ ବିଧାନସଭାରେ ସପ୍ଲିମେଣ୍ଟାରୀ ଡିମାଣ୍ଡରେ ରଜତ ଜୟନ୍ତୀ ପାଇଁ ତେରଲକ୍ଷ ଟଙ୍କା ମଞ୍ଜୁର ହୋଇଗଲା ।

ମୁଁ ବିମଳାବାବୁଙ୍କୁ ଟେଲିଫୋନରେ ପଚାରିଲି, "ବାକି ଟଙ୍କା ?".

ସେ ଉତ୍ତର ଦେଲେ, "ଅଟକିବ ନାହିଁ ।"

ଏହାପରେ ଆରମ୍ଭ ହୋଇଗଲା ସଙ୍କଟ ।

ସେ ବର୍ଷ ଉପକୂଳବର୍ତ୍ତୀ ଓଡିଶାରେ ନାହିଁ-ନଥିବା ବନ୍ୟାର ପ୍ଲାବନ । ଭୁବନେଶ୍ୱର ଓ କଟକ ମଧ୍ୟରେ ନ୍ୟାସନାଲ୍ ହାଇୱେ ମାସାଧିକ କାଳ ଧରି ଚଳାଚଳ

ପାଇଁ ଅଗମ୍ୟ ରହିଲା । ନ୍ୟାସନାଲ ହାଇୱେ ଉପରେ ପ୍ରାୟ ଦୁଇ କିଲୋମିଟର ଧରି ବିଭିନ୍ନ ସ୍ଥାନରେ ଘାଇ ହେବା ଫଳରେ କେଉଁଠି ଅଣ୍ଟାଏ ତ କେଉଁଠି ଛାତିଏ ପାଣି !

ଏଇ କାରଣରୁ ମୋର ଅକାଦମୀ ଅଫିସ ସହିତ ଯୋଗାଯୋଗ ନ ଥାଏ । ଦଶହରା ଛୁଟି ପାଇଁ ସବୁ ଅଫିସ ବନ୍ଦ ହୋଇଗଲାଣି । ଦିନେ ସନ୍ଧ୍ୟାବେଳେ ଭୁବନେଶ୍ୱରରୁ ସେକ୍ରାଟାରୀ ଟେଲିଫୋନ କରି କହିଲେ କାଲି ଅଫିସ ବନ୍ଦ ପରେ ସନ୍ଧ୍ୟାବେଳେ ସେ ଇଡ୍‌କୋ ଅଫିସରୁ ଚିଠି ପାଇଛନ୍ତି- ସେମାନଙ୍କୁ କୋଡିଏ ଲକ୍ଷ ଟଙ୍କା ସଙ୍ଗେସଙ୍ଗେ ଅଗ୍ରିମ ଦିଆ ନ ଗଲେ, ସେମାନେ ପ୍ରର୍ଦଶନୀ ମଣ୍ଡପର କୌଣସି ବ୍ୟବସ୍ଥା କରିପାରିବେ ନାହିଁ ! ଏ ପରିସ୍ଥିତିରେ କ'ଣ କରାଯାଇପାରିବ ବୋଲି ସେ ମୋତେ ଅସହାୟ କଣ୍ଠରେ ପଚାରିଲେ ।

ମୁଁ ଉତ୍ତର ଦେଲି, "ବର୍ତ୍ତମାନ ପାଇଁ ଆପାତତଃ କିଛି କରିବାର ନାହିଁ । ପୂଜା ଛୁଟି ପରେ ଅଫିସ ଇତ୍ୟାଦି ଖୋଲିଲେ ଯାହା ହେବ ।"

ତା'ପରେ ଯାହାସବୁ ଘଟିଗଲା, ଏଠାରେ ଲେଖି ଲାଭ ନାହିଁ । ରଜତ ଜୟନ୍ତୀ ଉତ୍ସବକୁ କିପରି ମୂଳରୁ ମୋଡି ଦିଆଯିବ, ସେଥିପାଇଁ ବିଧିବଦ୍ଧ ଭାବରେ ଗୋଟାଏ ଗୋଷ୍ଠୀ ପକ୍ଷରୁ ଚକ୍ରାନ୍ତ ଚାଲିଥିବା ଲକ୍ଷ୍ୟ କଲି । ମୋ ଅଭିଜ୍ଞତାରୁ ମୁଁ ଜାଣିଛି, ଖାଲି ମୁଖ୍ୟମନ୍ତ୍ରୀଙ୍କୁ ଧରିଲେ କିଛି ହୁଏ ନାହିଁ । ତାଙ୍କର ତ କୋଉ କଥାର ଆପତ୍ତି ନାହିଁ । ମାତ୍ର ଶାସନ କଳର ଯେଉଁ ହାକିମମାନେ ବସି କଳ ମୋଡୁଛନ୍ତି, ସେମାନଙ୍କୁ ବିଷସ୍ୟ ବିଷମୌଷଧି ନ୍ୟାୟରେ ଆୟତ୍ତ ନ କଲେ, ଜାନକୀବାବୁଙ୍କ ସମର୍ଥନ କେବଳ, ଏଥିରେ ସହାୟକ ହେବ ନାହିଁ । ସହଜେ ପୁଣି ବିଧାନସଭା ମଞ୍ଜୁର ଦେଇଥିବା ତେର ଲକ୍ଷ ଟଙ୍କା ବ୍ୟତୀତ ଆଉରି ଟଙ୍କା ଯୋଗାଡ କରିବାର ଅଛି ।

ଦଶହରା ଛୁଟି ପରେ ମୁଁ ସେକ୍ରଟାରୀଏଟ୍‌ରେ ବିମଳବାବୁଙ୍କୁ ସାକ୍ଷାତ କରି କହିଲି, "ଯଦି ଇଡ୍‌କୋ ଏକ୍‌ଜିବିସନ ଗ୍ରାଉଣ୍ଡରେ ଜୟନ୍ତୀ ମଣ୍ଡପ ନ କରାଇବ, ତା' ହେଲେ ଆମେ ପ୍ରଦର୍ଶନୀମଣ୍ଡପରେ ଜୟନ୍ତୀ ଉତ୍ସବ ନିଶ୍ଚୟ କରିବୁ । ମୋ ହାତରେ ତେର ଲକ୍ଷ ଟଙ୍କା ରହିଛି । କିନ୍ତୁ ସେ କଥା ସ୍ପଷ୍ଟ କରିଦେବା ଭଲ । ଏତେ ମାରପେଞ୍ଚ କାହିଁକି ?"

ବିମଳବାବୁ ହସିହସି ମୋତେ ପ୍ରବୋଧନା ଦେଇ କହିଲେ, " ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଜଗନ୍ନାଥ ଏ କାର୍ଯ୍ୟ କରାଇନେବେ । ମୁଁ ସବୁ ବୁଝିବି । ଆପଣ ଶାନ୍ତ ହୁଅନ୍ତୁ ।"

ମୁଁ ପରେ ଶୁଣିଲି, ବିମଳବାବୁ ନିଜ ହାତରେ ନିଜେ ଫାଇଲ ଧରି ଅଫିସ୍‌ରୁ ଅଫିସ୍ ବୁଲି ଟଙ୍କା ସମସ୍ୟାର ସମାଧାନ କରିଦେଲେ !

କିନ୍ତୁ ଟଙ୍କା ମିଳିଲା ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହେବାର ମାତ୍ର ପ୍ରାୟ ତିନି ସପ୍ତାହ ପୂର୍ବରୁ । ସେଥିପାଇଁ ଆମର ସମସ୍ୟା ହେଲା, ମାତ୍ର ତିନି ସପ୍ତାହ ଭିତରେ ଏ

ବିପୁଳ ଆୟୋଜନ ହୋଇପାରିବ କିପରି ?

ସ୍ୱଳ୍ପ ସମୟ ସତ୍ତ୍ୱେ ଏହି ପ୍ରଦର୍ଶନୀ ଓ ସମାରୋହ ସମଗ୍ର ପୂର୍ବ-ଭାରତରେ ବୃହତ୍ତମ ସାଂସ୍କୃତିକ ସମାରୋହ ବୋଲି କଲିକତାର 'ଷ୍ଟେଟ୍‌ସ୍‌ମ୍ୟାନ' ପତ୍ରିକା ସେତେବେଳେ ଛାପିଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ, ଓଡିଶାର କୌଣସି ସମ୍ବାଦପତ୍ର ଏତେ ବିପୁଳ ଏକ ଆୟୋଜନ ପ୍ରତି ଆଦୌ ଗୁରୁତ୍ୱ ଦେଲେ ନାହିଁ କିମ୍ବା ପ୍ରର୍ଦଶନୀର ବିଭିନ୍ନ ବିଭାଗ ଉପରେ କୌଣସି ବିବରଣୀ ପ୍ରକାଶ କଲେ ନାହିଁ । ସେତେବେଳ ଭୁବନେଶ୍ୱରକୁ ବାହାରୁ ଯେତେ ଟୁରିଷ୍ଟ ଓ ଅନ୍ୟମାନେ ଆସିଥିଲେ, ସମସ୍ତେ ଆସୁଥିଲେ ଓଡିଶାର ଏହି ବିପୁଳ ସାଂସ୍କୃତିକ ପ୍ରର୍ଦଶନୀ ଦେଖି ଓଡିଶାର ଆତ୍ମାକୁ ଚିହ୍ନିବା ପାଇଁ ଓ ବୁଝିବା ପାଇଁ । ଜଗନ୍ନାଥ ତ୍ରିମୂର୍ତ୍ତିକୁ ଦେଖିବା ପାଇଁ ଦିନରାତି ଏତେ ଭିଡ ହେଉଥିଲା ଯେ ମୁଁ ସୁଦ୍ଧା ନିରୋଳାରେ ଦର୍ଶନ କରିପାରୁନଥିଲି । କେତେକଙ୍କର ଅସହଯୋଗ ଓ ପଦେ ପଦେ ପ୍ରତିବନ୍ଧକ ସୃଷ୍ଟି ପୁଣି ଟଙ୍କା ପାଇବାରେ ବିଳମ୍ବ ସତ୍ତ୍ୱେ ସମାରୋହଟି ସାତଦିନ କାଳ ବିପୁଳ ଜନସମାଗମ ମଧ୍ୟରେ ଚଳିଲା । ଓଡିଶାର ସବୁ ଅଞ୍ଚଳରୁ ସାହିତ୍ୟିକମାନେ ଆମନ୍ତ୍ରିତ ହୋଇ ବିଭିନ୍ନ ଅଧିବେଶନରେ ସାହିତ୍ୟ ସମ୍ପର୍କିତ ଆଲୋଚନାମାନଙ୍କରେ ଅଂଶ ଗ୍ରହଣ କଲେ । ସଂଧ୍ୟାରେ ଓଡିଶାର ପ୍ରତ୍ୟେକ ଅଞ୍ଚଳର ସଙ୍ଗୀତ ଓ ନୃତ୍ୟ ପରିବେଷିତ ହେଲା । ଜୟନ୍ତୀ ସମାରୋହ ବା ସଭାମାନଙ୍କ ପାଇଁ ଗୋଟିଏ ବିରାଟ ପ୍ରେକ୍ଷାଳୟ ନିର୍ମିତ ହୋଇଥିଲା । ଏହାର ନାମ ରଖାଯାଇଥିଲା- 'ଜୟଦେବ ମଣ୍ଡପ' । ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ ।ଏହି ମଣ୍ଡପରେ ପ୍ରତି ସଂଧ୍ୟାରେ ହଜାର ହଜାର ଦର୍ଶକ ସମବେତ ହୋଇଥିଲେ, ନୃତ୍ୟଗୀତର କାର୍ଯ୍ୟକ୍ରମମାନ ଦେଖିବା ପାଇଁ । ସମାରୋହଟି ଏପରି ଚିତ୍ତାକର୍ଷକ ହୋଇଥିଲା ଯେ, ଓଡିଶା ସରକାରଙ୍କ ସାଂସ୍କୃତିକ ବିଭାଗ ଏହାକୁ ଆଉ ଦୁଇଦିନ ବଢାଇ ରଖିବା ପାଇଁ ଅକାଦମୀକୁ ଅନୁରୋଧ କରିଥିଲେ ।

ମାତ୍ର ଦୁର୍ଭାଗ୍ୟ ହେଉଛି, ଓଡଶାରେ କେହି କିଛି ଗୋଟାଏ କାର୍ଯ୍ୟ କଲେ, ତାକୁ ଉତ୍ସାହିତ କରିବା ତ ଦୂରର କଥା - କେହି ବୁଝିବା ପାଇଁ ସୁଦ୍ଧା ଚେଷ୍ଟା କରନ୍ତି ନାହିଁ । ବରଂ ନିନ୍ଦା, ଅପଯଶ ନ ରଟାଇଲେ ଆମ ଆଖିରେ ଯେପରି ନିଦ ଆସେନାହିଁ ! ମୁଁ ନିଶ୍ଚିତ ଭାବରେ ଜାଣେ, ଏପ୍ରକାର ଏକ ଆୟୋଜନ ବଙ୍ଗଦେଶରେ ହୋଇଥିଲେ, ବଙ୍ଗଳାର ଶିଷ୍ଟ ଜନମତ ଓ ସମ୍ବାଦପତ୍ରମାନେ ଏହାର ପ୍ରଶଂସାରେ ଶତମୁଖ ହୋଇଉଠିଥାନ୍ତେ । କିନ୍ତୁ ଏଠାରେ ମୋ ଭାଗ୍ୟରେ ମିଳିଲା ଅପନିନ୍ଦା ଓ ଅପଯଶ ! ମୁଁ ପଚିଶ ଲକ୍ଷ ଟଙ୍କା ଆଣି କାହିଁକି ବରବାଦ କରିଦେଲି ବୋଲି ଖବରକାଗଜରେ କେହିକେହି ପଣ୍ଡିତ ଲୋକେ ସୁଦ୍ଧା ଲେଖିଲେ । କୌଣସି ଜଣେ ହେଲେ ସୁଦ୍ଧା ସାହିତ୍ୟିକ ସେତେବେଳେ ଏହାର ଉତ୍ତର ଦେଇ ନ ଥିଲେ କିମ୍ବା ପ୍ରତିବାଦ କରିନଥିଲେ- ଯଦ୍ୟପି

ବ୍ୟକ୍ତିଗତ ଭାବରେ ସମସ୍ତେ ରଜତ ଜୟନ୍ତୀର ସଫଳତା ପାଇଁ ମୋତେ ଅଭିନନ୍ଦନ ଜଣାଇଥିଲେ । ମୋର ମନେହେଉଛି, 'ସହକାର'ରେ ସୁଲେଖକ ପଠାଣି ପଟ୍ଟନାୟକ ପାଞ୍ଚଛଅ ଧାଡିର ଗୋଟିଏ ସଂକ୍ଷିପ୍ତ ଲେଖାରେ ରଜତ ଜୟନ୍ତୀର ସଫଳତା ପାଇଁ ଅକାଦମୀକୁ ଅଭିନନ୍ଦନ ଜଣାଇବା ଛଡା ଅନ୍ୟ କୌଣସି ସାହିତ୍ୟପତ୍ରିକା ଅଥବା ସମ୍ବାଦପତ୍ର ରଜତ ଜୟନ୍ତୀର ପ୍ରଶଂସା କରିଥିବା, ମୋତେ ଅନ୍ତତଃ ଜଣାନାହିଁ । ସେତେବେଳେ ଛୋଟବଡ ନିର୍ବିଶେଷରେ ପ୍ରାୟ ସବୁ ସାହିତ୍ୟପତ୍ରିକାର ସମ୍ପାଦକ, ରଜତ ଜୟନ୍ତୀର ବିବରଣୀ ଛାପିବା ପାଇଁ ଅକାଦମୀରୁ ପ୍ରତ୍ୟେକେ ହଜାର ଟଙ୍କା ଲେଖାଏଁ ପାଇଥିଲେ- ସେମାନଙ୍କ ନିଜ ଅନୁରୋଧରେ ।

କେହି କିନ୍ତୁ ରଜତ ଜୟନ୍ତୀ ସମାରୋହର ଉଦ୍ଦେଶ୍ୟ ବୁଝିପାରିଲେ ନାହିଁ । ଏ ପ୍ରଦର୍ଶନୀ ଓ ସମାରୋହ ବିପୁଳ ଆକାରରେ ଆୟୋଜିତ ହୋଇଥିଲା, ଓଡିଆ ସାହିତ୍ୟ ଓ ସଂସ୍କୃତିର ଅସାମାନ୍ୟ ଐତିହ୍ୟ ଓ ଐଶ୍ୱର୍ଯ୍ୟ ସହିତ ଓଡିଶାର ଜନସମାଜକୁ ପରିଚିତ କରାଇବା ପାଇଁ । କିନ୍ତୁ ପ୍ରଦର୍ଶନୀଟି ଉଦ୍ଦିଷ୍ଟ ଥିଲା, କେବଳ ତଦ୍‌ବିଦମାନଙ୍କ ପାଇଁ- ଯେଉଁମାନେ କେବଳ ଏହାର ଅର୍ଥ ବୁଝି ପାରନ୍ତି । ମୁଁ ଦେଖିଛି, ପ୍ରତ୍ୟହ ବିଶ୍ୱବିଦ୍ୟାଳୟର ସବୁ ଛାତ୍ର ଓ ଅଧ୍ୟାପକ ସାରାଦିନ ବିଭିନ୍ନ ମଣ୍ଡପ ବୁଲି 'ନୋଟ୍' ନେଉଛନ୍ତି । ସେମାନେ ସୁଦ୍ଧା ଜୟନ୍ତୀ ସମାରୋହ ସମ୍ପର୍କରେ କେଉଁଠି କିଛି ଲେଖିଲେ ନାହିଁ । ମୁଁ ମନେମନେ ଦୁଃଖିତ ହେଲି, ମାତ୍ର ବିସ୍ମିତ ହେଲି ନାହିଁ । ଭଲରେ ହେଉ ବା ମନ୍ଦରେ ହେଉ-ଓଡିଶାରେ କୌଣସି କଥାରେ ପ୍ରତିକ୍ରିୟା ନଥାଏ ! ସେମାନେ ପଡି ରହିଥାନ୍ତି- "ଅରଣ୍ୟେ ଅଜଗର ପ୍ରାୟ" ...! ସହଜେ ତ ପୁଣି ଯଦୁମଣି ମହାପାତ୍ର ଲେଖିଯାଇଛନ୍ତି- "ଏମନ୍ତ ଭୁଇଁ, ଝଟକୁଣ୍ଡା ବୁଣିଲେ ଉଠଇ ନାହିଁ !"

ଯାହାହେଉ, ଏସବୁ ତୁଚ୍ଛ ସମାଲୋଚନାରେ ଉତ୍ତର ଦେଇ ରଜତ ଜୟନ୍ତୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବୁଝାଇବା ପାଇଁ ମୁଁ 'ମାତୃଭୂମି'ରେ ଝରିଗୋଟି ଦୀର୍ଘପ୍ରବନ୍ଧ ପ୍ରକାଶିତ କରାଇଥିଲି । ମୁଁ ଲେଖିଥିଲି, ଏଇ ରଜତ ଜୟନ୍ତୀ ଭିତରୁ ଓଡିଆ ସାହିତ୍ୟର ଯେ ଗୋଟାଏ ନୂଆ ଆଭିମୁଖ୍ୟ ଫୁଟିବ- ଏପରି ଆଶା କରିବା ବୃଥା । ଉତ୍ସବ-ସମାରୋହରେ ସାହିତ୍ୟ ନ ଥାଏ; କିନ୍ତୁ ଥାଏ, ସାହିତ୍ୟସୃଷ୍ଟି ପାଇଁ ପ୍ରେରଣା । ଓଡିଶାର ଲେଖକମାନଙ୍କୁ ଓଡିଆ ସାହିତ୍ୟ ଓ ସଂସ୍କୃତିର ବିପୁଳ ଐତିହ୍ୟ ଓ ଐଶ୍ୱର୍ଯ୍ୟ ସମ୍ପର୍କରେ ସଚେତନା କରାଇବା ଥିଲା ଏହାର ମୂଳ ଉଦ୍ଦେଶ୍ୟ । ସେ ଉଦ୍ଦେଶ୍ୟ ବହୁ ପରିମାଣରେ ସଫଳ ହୋଇଥିଲା ।

'ମାତୃଭୂମି'ରେ ମୋର ଲେଖାସବୁ ପ୍ରକାଶ ପାଇବା ପରେ ସମାଲୋଚନା ଆଉ ଶୁଣିବାକୁ ମିଳିଲା ନାହିଁ । କିନ୍ତୁ ଅପବାଦ ରଟିଗଲା- ବହୁ ଅର୍ଥ ଏଥିରେ ବିନିର୍ବ୍ୟୟ ହୋଇଗଲା । ଡିପାର୍ଟମେଣ୍ଟାଲ୍ ଅଡିଟ୍ ତ ଝଲିଲା, ତା'ପରେ ଜଣେ ବିଶିଷ୍ଟ ବୟୋଜ୍ୟେଷ୍ଠ

ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ- ଅଡିଟ୍ କରାଇବା ପାଇଁ । ମୁଖ୍ୟମନ୍ତ୍ରୀ ମୋତେ ଟେଲିଫୋନରେ ପଚାରିବାରୁ ମୁଁ ଉତ୍ତର ଦେଇଥିଲି- "ମୁଁ ଏହାକୁ ସ୍ୱାଗତ କରୁଛି ।"

ଦୀର୍ଘଦିନ ପରେ ସ୍ପେଶାଲ ଅଡିଟ୍‌ର ପୃଥୁଳ ଫାଇଲ ମୋ ପାଖକୁ ଦିନେ ଆସିଲା । ସେଥିରେ ଲେଖା ଥିଲା-କେତେକ ଷ୍ଟଲ୍ ଇତ୍ୟାଦିରେ ଅତିରକ୍ତ ବ୍ୟୟ ସମ୍ପର୍କରେ ଆପତ୍ତି ।

ମୁଁ ଗୋଟାଏ 'ନୋଟ୍'ରେ ଲେଖି ପଠାଇଦେଲି- "ବିଭିନ୍ନ ଷ୍ଟଲ୍ ନିର୍ମାଣର ଦାୟିତ୍ୱରେ ଥିଲେ ଦାୟିତ୍ୱ ସମ୍ପନ୍ନ ସରକାରୀ ଅଫିସର୍‌ମାନେ । ତେଣୁ ସେମାନଙ୍କ ପ୍ରତି ସରକାର ଯାହା ଉଚିତ ମନେ କରୁଛନ୍ତି, କରିପାରନ୍ତି । ଅକାଦମୀର ସେଥିରେ କୌଣସି ବକ୍ତବ୍ୟ ନାହିଁ ।"

କିନ୍ତୁ ସରକାରଙ୍କର ବିଭିନ୍ନ ବିଭାଗରେ- ସିଏ ସଡକ ତିଆରି ହେଉ ବା କୁକୁଡାଝଷ ହେଉ ବା ବିହନକିଣା ହେଉ- ଯଦି ଲକ୍ଷଲକ୍ଷ ଟଙ୍କା ଅପବ୍ୟୟ ହେଉଥିବା ସମ୍ପର୍କରେ ଅଭିଯୋଗ ଶୁଣିବାକୁ ମିଳୁଛି ଓ ତାହାକୁ ସମସ୍ତେ ନୀରବରେ ହଜମ କରିଯାଉଛନ୍ତି, ତା'ହେଲେ ବିଚାରା ସାହିତ୍ୟିକମାନଙ୍କ ପାଇଁ ଯଦିବା କିଛି ଟଙ୍କା ବରବାଦ ହୋଇଥାଏ, ସେଥିରେ ତେବେ ଆପତ୍ତି ଉଠାଇବା କ'ଣ ଅଛି ? ଅଡିଟ୍ ରିପୋର୍ଟରେ ଅଭିଯୋଗ କରାଯାଇଥିଲା- ଲେଖକମାନଙ୍କ ପାଇଁ ହୋଟେଲ୍ ଇତ୍ୟାଦି ବ୍ୟବସ୍ଥା ଦିଗରେ ବହୁ ଖର୍ଚ୍ଚ ହୋଇଯାଇଛି ।

ମୁଁ ଏହାର ଉତ୍ତର ଦେଇଥିଲି- ଇଞ୍ଜିନିୟର, ଅଫିସର୍‌ମାନେ ସମସ୍ତେ ପଞ୍ଚତାରକା ବିଳାସରେ ରହିଲେ କେହି ତ ପାଟି ଫିଟାନ୍ତି ନାହିଁ; ଆଉ ସାହିତ୍ୟକମାନେ ଦିନକ ପାଇଁ ରହିବାରେ ଏତେ ଆପତ୍ତି କାହିଁକି ? ସେମାନଙ୍କୁ ନେଇ କ'ଣ ଆଉ ମୁଁ ଡୋଡୁଆଲା ଧର୍ମଶାଳାରେ ରଖି ପ୍ରସାଦ ଖୁଆଇଥାନ୍ତି ?"...

ରଜତ ଜୟନ୍ତୀର ସମାରୋହ ସକାଶେ, ପ୍ରାୟ ମୋତେ ମିଳିଥିଲା, ଏଇ ପୁରସ୍କାର !

❐❐❐

ସମନ୍ୱୟ



ନିତ୍ୟାନନ୍ଦ ମହାପାତ୍ର

“ମୋହ ଲୋପ ହେଲେ, ଅହଂ ନାଶ ହେଲେ ଭ୍ରାନ୍ତ ଆଉ ସମ୍ଭବ ନୁହେଁ । ପହଁରା ଶିଖିଥିବା ଲୋକ ଇଚ୍ଛାକରି ବୁଡିମରି ପାରିବ ନାହିଁ । ସେ ବୁଡିଗଲା ପରି ଉପରକୁ ବେଳେ ବେଳେ ଦିଶିଲେ ମଧ୍ୟ ତାହା କେବଳ ବୁଡି ଉଠିବା ପାଇଁ - ତାହା ମଧ୍ୟ ପହଁରିବାର ଏକ କୌଶଳ । ହାତରେ ତେଲ ଲଗାଇଲେ ପଣସ କଠାର ଅଠା ଆଉ ଲାଗେ ନାହିଁ - ସହଜରେ କାଟିହୁଏ । ମାତ୍ର ଏହି ତେଲ ଲଗାଇବା କ୍ରିୟା ସହଜ ନୁହେଁ । ପଦ୍ମପତ୍ର ହେଲେ ଯାଇ ଜଳରେ ଢଳ ଢଳ ହେବ । ”

“ନନ୍ଦିଘୋଷ ରଥର କି ସାର୍ଥକତା - ଯଦି ସାତ ସମୁଦ୍ର ସେପାରିରୁ ତା’ର ନିଶାଣ ନ ଦିଶିଲା ?” ଚମତ୍କାର କଥା । ସୁନ୍ଦର ପ୍ରଶ୍ନଟିଏ ତୋର । ମାତ୍ର ଏଇ ପ୍ରଶ୍ନର ଉତ୍ତର ତୁ ନିଜେ ଦେଇ ସାରିଛୁ । “ଭାବ ବିନା ଭାଷାର ମୂଲ୍ୟ କଣ ?” ବୋଲି ପଚାରିବା ସଙ୍ଗେ ସଙ୍ଗେ ତୁ ନିଜେ ମାନିଛୁ- “ଭାବ ହିଁ ସବୁ କିନ୍ତୁ ଭାଷାର ମୋହ ତ ଛାଡ଼ି ହୁଏ ନାହିଁ ।” ଅର୍ଥାତ୍ ରଥ ହିଁ ସବୁ - କିନ୍ତୁ ନିଶାଣର ମୋହ ତ ଛାଡ଼ି ହୁଏ ନାହିଁ - ଇଶ୍ୱର ଏକ କଳ୍ପନା ତଥାପି ବାସ୍ତବ ସନ୍ଦୁଷ୍ୟ ତାର ଉପାସନା କରେ - ନିରାକାରକୁ ଆକାର ଭିତରେ ବାନ୍ଧି ରଖେ ସାକାର ଉପାସକ । ସାଧନ (means) କୁ ଛାଡିଲେ (end) ସାଧ୍ୟବସ୍ତୁ ପ୍ରାପ୍ତ ଅସମ୍ଭବ ।

ଜଡ଼ବାଦୀଙ୍କ ମତରେ ଲକ୍ଷ୍ୟ (end) ଯଦି ସାଧୁ ତେବେ ଯେ କୌଣସି ଉପାୟ ଅବଲମ୍ବନ କଲେ ମଧ୍ୟ କାର୍ଯ୍ୟସିଦ୍ଧି ସୁନିଶ୍ଚିତ । କଲିକତା ଗାଡ଼ିଚଢିଲେ ମଧ୍ୟ ପୁରୀରେ ପହଞ୍ଚି ହେବ ପୁରୀ ଟିକଟ ଧରି । ପୁଣି କେତେକ ଆଧ୍ୟାତ୍ମବାଦୀଙ୍କ ମତରେ କୌଣସି ଲକ୍ଷ୍ୟ ନ ଥାଇ କେବଳ ସାଧୁ ଉପାୟ ଅବଲମ୍ବନ କଲେ ଯଥେଷ୍ଟ । ଟିକଟ ନ କାଟି ଗାଡିରେ ବସି ଗଲେ ଠା ମିଳିଯିବ ବଳେ ବଳେ ।

ମାତ୍ର ବାସ୍ତବ କ୍ଷେତ୍ରରେ ସାଧ୍ୟକୁ ଛାଡି ସାଧନ ନାହିଁ କିମ୍ବା ସାଧନକୁ ଛାଡି ସାଧ୍ୟ ନାହିଁ । ପ୍ରତ୍ୟେକ ମନୁଷ୍ୟ ସାଧ୍ୟ ଓ ସାଧନର ସଂବନ୍ଧ ନ ଜାଣିଲେ କର୍ମ ନିରର୍ଥକ ହୋଇ ଯାଏ । ସୁନ୍ଦର ଗଳ୍ପଟିଏ ମନେପଡିଛି - ପଢିଥିଲି 'ଦାର୍ଢ୍ୟତା ଭକ୍ତି' ରେ ।

ସାଧୁମାନେ ବହୁ ସୌଭାଗ୍ୟରେ ଅତିଥି ହୋଇଛନ୍ତି । ଦରିଦ୍ର ଗୃହସ୍ଥର ଏକମାତ୍ର ପୁତ୍ର ଓ ପତ୍ନୀ । ଲକ୍ଷ୍ୟ ସାଧୁ ସେବା । ମାତ୍ର ସାଧନ ନାହିଁ, ଆବଶ୍ୟକ ଉପକରଣ ନାହିଁ; ଉପାୟ କଣ ? ପିତା ଓ ପୁତ୍ର ଗଲେ ଶ୍ରେଷ୍ଠୀଘରୁ ସିନ୍ଧି କରି ଅପହରଣ କରିବାକୁ ନିଶାର୍ଦ୍ଧରେ । ପୁତ୍ର ସାମଗ୍ରୀ ଧରି ସିନ୍ଧିବାଟେ ମୁଣ୍ଡ ବାହାରକୁ କାଢିବା ସମୟରେ ଧନୀ ଗୃହକର୍ତ୍ତା ଉଠି ଘର ଭିତରୁ ତାର ଗୋଡକୁ ଧରି ପକାଇଛି । ତେଣେ ସାଧୁ ସେବା ପଣ୍ଡ ଅପମାନରେ ମଧ୍ୟ ସୀମା ରହିବ ନାହିଁ । ପୁଅର ପରାମର୍ଶ କ୍ରମେ ବହିର୍ଦେଶସ୍ଥ ପିତା ପୁତ୍ରର ମୁଣ୍ଡଟିକୁ କାଟି ସାମଗ୍ରୀ ସହ ଗୃହକୁ ଫେରି ଯାଇ ନିର୍ବିଘ୍ନରେ ସାଧୁ ସେବା କଲେ । ମସ୍ତକହୀନ ଶବର ପରିଚୟ କେହି ପାଇଲେ ନାହିଁ ।

ଗୃହସ୍ଥ ସାଧୁ ଉଦ୍ଦେଶ୍ୟରେ ଅସାଧୁ ଉପାୟ ଅବଲମ୍ବନ କରିବାରୁ ମହାର୍ଘ ମୂଲ୍ୟ ଦେଇ ଲକ୍ଷ୍ୟରେ ପହଞ୍ଚି ପାରିଲେ । ମାତ୍ର ଏ ମୂଲ୍ୟ କେତେ ଜଣ ଦେଇ ପାରିବେ ? ଏ ତ୍ୟାଗ କେତେ ଜଣ କରି ପାରିବେ ? ଲକ୍ଷ୍ୟ ଯାହାର ଦେହ ମନ ପ୍ରାଣକୁ ଆବିଷ୍ଟ କରି ରଖିଥାଏ, ଉପାୟ ତା' ପକ୍ଷରେ ଗୌଣ । ସାଧୁ ଉଦ୍ଦେଶ୍ୟ ଘେନି ଜାଣି ଶୁଣି ଅସାଧୁ ଉପାୟ ଅବଲମ୍ବନ କରିବାରେ ଭୟଙ୍କର ବିପଦ ଅଛି । ଲକ୍ଷ୍ୟ ସାଧନ ପାଇଁ ଆତ୍ମ - ବିସ୍ମୃତ ହୋଇ ଉପାୟର ସାଧୁତା ବା ଅସାଧୁତା ସମ୍ବନ୍ଧରେ ଚିନ୍ତା କରିପାରି ନ ଥିବା ସତ୍ତ୍ୱେ ଉପାଖ୍ୟାନର ନାୟକଙ୍କୁ ଏତେ ବଡ ପ୍ରାୟଶ୍ଚିତ୍ତ କରିବାକୁ ପଡିଲା । ମାତ୍ର ଉଦ୍ଦେଶ୍ୟ ସାଧୁ ହେଲେ ହେଁ ଯିଏ ଜାଣି ଶୁଣି ଅସାଧୁ ଉପାୟ ଅବଲମ୍ବନ କରେ ତାର ଲକ୍ଷ୍ୟରେ ପହଞ୍ଚିବା ଏକାବେଳେ ଅସମ୍ଭବ । କାରଣ ତୋ'ରି କଥାରେ 'ଭାଷାରେ ହିଁ ମୋହ ଆସେ ।' ଭାବାମୋଦ ଏକ ଦୁସାଧ୍ୟ ସାଧନ୍ୟ । ଶରୀରରେ ହିଁ ଆସକ୍ତ ହୁଏ । ଆତ୍ମାରେ ଅନୁରକ୍ତି ବଡ ଆୟାସସାଧ୍ୟ । ଅହିଂସ ସମାଜ ସୃଷ୍ଟି କରିବା ପାଇଁ ହିଂସାର ଆଶ୍ରୟ ନେଲେ ମଣିଷ ହିଂସ୍ର ହୋଇ ଯାଏ । ସେ ହିଂସାକୁ ଛାଡିବାକୁ ଇଚ୍ଛା କଲେ ହିଂସା ତାକୁ ଛାଡ଼େ ନାହିଁ । ମାତ୍ର ଉପାଖ୍ୟାନ ବର୍ଣ୍ଣିତ ଗୃହସ୍ଥ ପରି ସମସ୍ତ ପ୍ରକାର ତ୍ୟାଗ ପାଇଁ ପ୍ରସ୍ତୁତ ହୋଇ ଗଲେ ତାର ପ୍ରତ୍ୟେକ କର୍ମ ହିଁ ଶୁଦ୍ଧ ପବିତ୍ର ହୋଇ ଯାଏ । ଗୃହସ୍ଥର ମୃତ ପୁତ୍ର ସାଧୁ ଆଜ୍ଞାରେ

ପୁନରାୟ ବଞ୍ଚି ଉଠେ । ଭାବାରୁଢ ବ୍ୟକ୍ତିର ଭ୍ରାନ୍ତ ପ୍ରୟୋଗ ମଧ୍ୟ ଆର୍ଷ ବାକ୍ୟ ହୋଇ ଠିଆ ହୁଏ । ଶ୍ରେଷ୍ଠ କଳାକାରର ଅଲାବଲା ଗାରଟଣା ଚିତରେ ମଧ୍ୟ ସତ୍ୟଶିବ ସୁନ୍ଦରର ସନ୍ଧାନ ମିଳେ । ବ୍ରହ୍ମା ବିଳିବିଳେଇଲେ ବେଦ ହୁଏ । ମୋହ ଲୋପ ହେଲେ, ଅହଂ ନାଶ ହେଲେ ଭ୍ରାନ୍ତ ଆଉ ସମ୍ଭବ ନୁହେଁ । ପହଁରା ଶିଖିଥିବା ଲୋକ ଇଚ୍ଛାକରି ବୁଡିମରି ପାରିବ ନାହିଁ । ସେ ବୁଡିଗଲା ପରି ଉପରକୁ ବେଳେ ବେଳେ ଦିଶିଲେ ମଧ୍ୟ ତାହା କେବଳ ବୁଡି ଉଠିବା ପାଇଁ - ତାହା ମଧ୍ୟ ପହଁରିବାର ଏକ କୌଶଳ । ହାତରେ ତେଲ ଲଗାଇଲେ ପଣସ କଠାର ଅଠା ଆଉ ଲାଗେ ନାହିଁ - ସହଜରେ କାଟିହୁଏ । ମାତ୍ର ଏହି ତେଲ ଲଗାଇବା କ୍ରିୟା ସହଜ ନୁହେଁ । ପଦ୍ମପତ୍ର ହେଲେ ଯାଇ ଜଳରେ ଢଳ ଢଳ ହେବ - ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା । ତାହା କେବଳ ଉଚ୍ଚକୋଟିର ସାଧକଙ୍କ ପକ୍ଷରେ ସମ୍ଭବ । 'ଏ ବଡ ଲୋକଙ୍କର ମତ - ଏହାଙ୍କ କର୍ମ ବିପରୀତ - ଏ ଯେଣୁ ତେଜେ ବଳବନ୍ତ - ତେଣୁ ଯେ ରଙ୍ଗା ଖାଇ ପାରେ ତା ପକ୍ଷରେ ଅମେଧ୍ୟ ଭକ୍ଷଣ ସମ୍ଭବ ମାତ୍ର 'ଏହାଙ୍କ ମତ ଯେ ଆଚରି, ମନ ବଚନେ ଦେହ ଧରି, ଯେବେ କରିବେ ମୁଢପଣେ; ନାଶ ହୋଇବେ ତତକ୍ଷଣେ ।' କାରଣ ସେମାନେ 'ଅଗ୍ନିଯେସନେ ସର୍ବଖାଇ, ବିଭୁରେ ଗୁଣ ଦୋଷ ନାହିଁ ।'

ନ୍ୟାୟାନ୍ୟାୟର ଏକମାତ୍ର ମାପ କାଠି - ତ୍ୟାଗ । ନିଜପାଇଁ ଯାହା କରାଯାଏ ତାହା ଭୋଗ - ସ୍ୱାର୍ଥ, ପରାର୍ଥେ ଯାହା କରାଯାଏ ତାହା ତ୍ୟାଗ - ଯଜ୍ଞ । 'ଗୃହସ୍ଥ ପରାର୍ଥରେ କର୍ମ କରିଥିବା ହେତୁ ପୁତ୍ର - ସ୍ୱାର୍ଥ ତ୍ୟାଗ କରି ପାରିଲେ । ଯଜ୍ଞ ଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବ କିଲ୍ବିଷୈଃ, ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚ୍ୟନ୍ତ୍ୟାତ୍ମକାରଣାତ୍ । ଏହାହିଁ ପଚ୍ୟନ୍ୟାତ୍ମକାରଣାତ୍ ଯଜ୍ଞ - ତେଣୁ ସେ ନିଷ୍ପାପ ।

ପରମାତ୍ମାଙ୍କର ଉପାସନା କଲେ ମଧ୍ୟ ବିଷୟରସରୁ ମନ ସମ୍ପୂର୍ଣ୍ଣ ଅନାସକ୍ତ ହୋଇପାରେ ନାହିଁ । ତେଣୁ 'ରସୋବର୍ଜ ରସୋଽପ୍ୟସ୍ୟ ପରଂଦୃଷ୍ଟ୍ୱା ନିବର୍ତତେ' ଈଶ୍ୱର ଦର୍ଶନ ନ କଲାଯାଏ ବିଷୟ ଭୋଗଲିପ୍ସା ସଂପୂର୍ଣ୍ଣ ଦୂରୀଭୂତ ହୁଏନାହିଁ । ତାହା ବୋଲି ଆମେ ଚେଷ୍ଟାରୁ ବିରତ ହେବା ଅନ୍ୟାୟ , କାରଣ ଅଭ୍ୟାସ ଦ୍ୱାରା, ତପଦ୍ୱାରା, ଯଜ୍ଞ ଦ୍ୱାରା ହିଁ ଏହା ସମ୍ଭବ । ମନୁଷ୍ୟ ବିଷୟଭୋଗ - ଶୁନ୍ୟ ହେବା ଦୁସାଧ୍ୟ ବୋଲି ବିଷୟରେ ମଜ୍ଜିଯିବା ଉଚିତ ନୁହେଁ । ସାଧୁ ଉଦ୍ଦେଶ୍ୟ ସାଧନ କରିବାକୁ ଯାଇଁ ସାଧୁ ଉପାୟ ଅବଲମ୍ବନ ବେଳେ ଅତର୍କିତରେ ଅସାଧୁତା ଆସିଗଲେ ବିଚଳିତ ନ ହୋଇ ସେଥିପାଇଁ ପ୍ରାୟଶ୍ଚିତ କରି ଗନ୍ତବ୍ୟ ପଥରେ ଆଗେଇବାକୁ ହେବ । ବାଟରେ ରହିଗଲେ ଆଉ ଲକ୍ଷ୍ୟରେ ପହଞ୍ଚିବା ସମ୍ଭବ ହେବନାହିଁ ।

ସେଥିପାଇଁ 'ଭାଷାରେ ମୋହ ଆସିବା' କଲ୍ୟାଣକର ନୁହେଁ । ଭାଷାରେ ମୋହ ଆସିଲେ ଭାବ ନଷ୍ଟ ହୋଇଯାଏ । ଅନେକ ପୁରୁଣା ସାହିତ୍ୟ ତାର ଉଦାହରଣ ଦେବ ।

ପୁଣି ଭାବପାଇଁ ଭାଷାକୁ ହତ୍ୟା କଲେ ଆଧୁନିକ ଗଦ୍ୟ କାବ୍ୟ ହୋଇଯିବ । ଭାଷାର ଆସକ୍ତି ତ୍ୟାଗ କରି ଭାବରେ ଅନୁରକ୍ତି ଆଣିବା ପାଇଁ ଭାଷାର ଶକ୍ତିପୂଜାହିଁ କଲ୍ୟାଣକର ।

ସେମିତି ସାକାରକୁ ଧରି ନିରାକାର ବା ନିରାକାରକୁ ଧରି ସାକାରକୁ ଅସ୍ୱୀକାର କରିବା ଭୁଲ । ସ୍ଥୂଳବିନା ସୁକ୍ଷ୍ମର କଳ୍ପନା ଅସମ୍ଭବ ଏବଂ ସୂକ୍ଷ୍ମ କଳ୍ପନା ବିନା ସ୍ଥୂଳଦ୍ୱର ମୃତ୍ୟୁ ଅବଶ୍ୟମ୍ଭାବୀ । ଶରୀର ବିନା ଆତ୍ମାର ବିହାର ଅସମ୍ଭବ ଏବଂ ଆତ୍ମା ବିନା ଶରୀର ପୁତିଗନ୍ଧମୟ ।

ଜଣେ ଯୁବକ ବଂଧୁଙ୍କର ପତ୍ର ଏଇ ପାଇଲି । ସେ ପଚାରିଛନ୍ତି ଗୋଟେ ବଡ ପ୍ରଶ୍ନ । ବରଂ ମାଗିଛନ୍ତି ଉପଦେଶ । ତାଙ୍କ ଜୀବନର ଏକ ବିରାଟ ସମସ୍ୟା ଉପସ୍ଥିତ । ପ୍ରଥମା ସ୍ତ୍ରୀର ମୃତ୍ୟୁପରେ ସେ ଏବେ ଦ୍ୱିତୀୟଦାର ପରିଗ୍ରହ କରିଛନ୍ତି ମାତ୍ର ଅନ୍ୟ ଏକ ତୃତୀୟା ନାୟିକାର ଆବିର୍ଭାବ ତାଙ୍କୁ ବିବ୍ରତ କରିଛି ।

ଏଥିରେ ଅନ୍ୟାୟ କେଉଁଠି ସେ ବୁଝିପାରୁ ନାହାନ୍ତି । କର୍ତ୍ତବ୍ୟ କଣ ସ୍ଥିର କରିପାରୁ ନାହାନ୍ତି । ତାଙ୍କର ଯୁକ୍ତିରୁ ମନେ ହେଲା, ସେ ଯେପରି ଭାବୁଛନ୍ତି - ଭଲପାଇବା ହିଁ ସବୁ । ଭଲ ପାଇବାପାଇଁ ଯେ କୌଣସି ପାତ୍ର ତାଙ୍କ ପକ୍ଷରେ ଗ୍ରହଣୀୟ । ସେ ଭଲ ପାଇବାକୁ ହିଁ ଭଲ ପାଇଛନ୍ତି - ନିର୍ଦ୍ଦିଷ୍ଟ ପାତ୍ର ବା ପାତ୍ରୀକୁ ନୁହେଁ । ସେ ନିରାକାରକୁ ହିଁ ଉପାସନା କରିଛନ୍ତି - ଯେ କୌଣସି ଆକାରରେ ତାକୁ ଆରୋପ କରିବାରେ ତାଙ୍କ ପୂଜାରେ ବ୍ୟାଘାତ ଘଟିବାର ସମ୍ଭାବନା ନାହିଁ ।

ମୁଁ ଲେଖିଲି - ବନ୍ଧୁ, ଆପଣ ସାକାର ନିରାକାର କାହାକୁ ଭଲ ପାଇ ନାହାନ୍ତି - ଆପଣ ଭଲ ପାଇବାକୁ ଭଲ ପାଇନାହାନ୍ତି କିମ୍ବା ଭଲପାଇବାର ପାତ୍ରୀକୁ ଭଲ ପାଇ ନାହାନ୍ତି - ଆପଣ ଭଲପାଇଛନ୍ତି ନିଜକୁ - ନିଜର ଲାଳସାକୁ । ଆତ୍ମ - ଭୋଗକୁ ।

ଯିଏ ସ୍ତ୍ରୀ ଭିତରେ ଭୋଗହିଁ ଦେଖେ - ତା ପକ୍ଷରେ ବହୁ ସ୍ତ୍ରୀ ବରଣ ସ୍ୱାଭାବିକ । ଯେ ସ୍ତ୍ରୀ ଭିତରେ ଭଲ ପାଇବା ବା ପ୍ରେମର ଉପାସନା କରେ ସ୍ତ୍ରୀର ଅବର୍ତ୍ତମାନରେ ମଧ୍ୟ ତାର ପ୍ରେମ ମିଳନ ହୁଏ ନାହିଁ । ବରଂ ରୂପ ଯେତେବେଳେ ଅରୂପ ହୁଏ ସେତେବେଳେ ହିଁ ଅପରୂପର ବିକାଶ । ଘଟ ଓ ପଟ ଏକ - ଚିତ୍ର ଓ ଗାତ୍ର ଏକ - ଛାୟା ଓ କାୟା ଭିତରେ ପାର୍ଥକ୍ୟ ନାହିଁ । ପାର୍ଥକ୍ୟ ଦେଖେ କେବଳ ଭେଦ ବୁଦ୍ଧି - ଆତ୍ମସ୍ୱାର୍ଥ - ଭୋଗଲିପ୍ସା - ଇନ୍ଦ୍ରିୟ - ଆସକ୍ତି ।

ସେଥିପାଇଁ ମୁଁ ସାକାର ଓ ନିରାକାର ଉଭୟକୁ ମାନେ । ଶରୀର ଓ ଆତ୍ମା ଉଭୟରେ ବିଶ୍ୱାସ ରଖେ । ଧର୍ମ ଓ ଧ୍ୱଜା ଉଭୟକୁ ସ୍ୱୀକାର କରେ, ସ୍ୱୀକାର କରେ ନାହିଁ କେବଳ ଧର୍ମଧ୍ୱଜା ବା ଧ୍ୱଜାଧର୍ମୀଙ୍କୁ । ନିରାକାରକୁ ବିକାରରୁ ରକ୍ଷା ନ କଲେ, ସାକାରକୁ ସ୍ୱୀକାରରୁ ମୁକ୍ତି ନ ଦେଲେ ଅହଙ୍କାର ହିଁ ସାର ହେବ । ସେଥିପାଇଁ ଅନାମକୁ ନାମ ଦେଇ ସଦା ସର୍ବଦା ପ୍ରଣାମ ହିଁ କରିବାକୁ ହୁଏ । ଅବର୍ଣ୍ଣନୀୟକୁ ବର୍ଣ୍ଣ ଭିତରେ ସ୍ୱଚ୍ଛ

ସୁବର୍ଣ୍ଣ ତେଜରେ ପ୍ରତିଭାତ କରିବାକୁ ହେଲେ ନିଜକୁ ବିବର୍ଣ୍ଣ ହେବାକୁ ପଡିବ । ଅକ୍ଷରର ପରିଚୟ ବିନା 'କ୍ଷର' 'ଅକ୍ଷର'ର ସଂଧାନ କାହିଁ ? ଦର୍ଶନରେ ହିଁ ଅଦର୍ଶନୀୟର ସତ୍ୟଦର୍ଶନ - ସୁଦର୍ଶନ ସମ୍ଭବ ।

ଏକଥା ସତ ଯେ ଏହା ପରସ୍ପର ବିରୋଧି କଥା । ପ୍ରଶ୍ନ ଉଠେ - ଆକାର ଓ ନିରାକାର ଯଦି ଉଭୟ ସତ୍ୟ, ତେବେ ଏ ଦୁଇ ବିପରୀତ ବସ୍ତୁର ସଂଯୋଗ କେଉଁଠି ? ଜନ୍ମ ଓ ମୃତ୍ୟୁ ଉଭୟ ସତ୍ୟ, ମାତ୍ର ଜନ୍ମ ମୃତ୍ୟୁର ସଂବନ୍ଧ ସୂତ୍ର କଣ ଜୀବନ ?

ଠିକ୍ ଏଇ ପ୍ରଶ୍ନ ମୋ ମନକୁ ଉଠିଥିଲା - ସେଦିନ ଯେତେବେଳେ ବାପା ମୋର ଦେହ ଛାଡି ଚାଲିଗଲେ, ଶେଷଶଯ୍ୟାରେ ପଡିଥାନ୍ତି , ଖବର ପାଇ ମୁଁ ଗଲି । ସେ ଅଚେତ । ପ୍ରତ୍ୟହ ବ୍ରହ୍ମମୁହୂର୍ତ୍ତରେ ସେ ଦେହ ଭିତରକୁ ଥରେ ଫେରି ଆସନ୍ତି । ଖାଇବାକୁ ଦେଲେ ଖାଆନ୍ତି - ସାମାନ୍ୟ ଫଳରସ । ପଚାରିଲେ ପଦେ ଅଧେ କହନ୍ତି - ବଡ଼ କଷ୍ଟରେ । କହିବାକୁ ଯେପରି ଇଚ୍ଛା ନାହିଁ । ଦିନେ ବିରକ୍ତ ହୋଇ କହିଲେ - 'ଓଃ ଜୀବ କେତେବେଳେ ଯିବ !' ମୁଁ କହିଲି 'ବାବା - କାମ ଯେ ଅନେକ ବାକୀ ।' ମାତ୍ର ଏ ଦାବି ତାଙ୍କୁ ଏଥର ତରଳାଇ ପାରିଲା ନାହିଁ । ଯଦିଓ ଆଖିଯୋଡ଼ିକ ଢଳ ଢଳ ହୋଇଆସିଲା । ଏମିତି ଦିନେ ବ୍ରହ୍ମ ମୁହୂର୍ତ୍ତରେ ବିରକ୍ତି କଲାରୁ ସେ କହି ଉଠିଲେ - 'ଓଃ ରାମ ରାମ ।' ସେଇ ତାଙ୍କର ଶେଷ ଶବ୍ଦ ଉଚ୍ଚାରଣ । ତାପରେ ଚିରଦିନପାଇଁ ଆରାମ ।

କେତେବର୍ଷ ତଳେ ଏମିତି ତାଙ୍କର ଚେତା ଥରେ ବୁଡ଼ିଗଲା । ଆମ୍ଭେମାନେ ଆଶା ଛାଡ଼ିଦେଇ ବସିଥିଲୁ । ମାତ୍ର ତିନିଚାରିଦିନ ପରେ ସେ ସଂଜ୍ଞା ଲାଭ କଲେ । ସେଇ ଅଚେତ ଅବସ୍ଥାର ଅନୁଭୂତି ସେ କହିଥିଲେ ଜଣକୁ - ସେ ମୋ ପିଉସୀ । ବାପାଙ୍କ ଅନ୍ତେ ସେ ତାହା ପ୍ରକାଶ କଲେ । କାରଣ ବାପା ମନା କରିଥିଲେ, ଅବିଶ୍ୱାସୀ ଦୁନିଆ ଆଗରେ ସେ କଥା କହିବାକୁ - ହାସ୍ୟାସ୍ପଦ ହେବା ଭୟରେ । ସେ ଅବସ୍ଥାରେ ସେ ଦେଖି ପାରୁଥିଲେ ଶୁଣିପାରୁଥିଲେ ସବୁ - ଏ ଦୁନିଆଟା ହୋଇଥିଲା ଏକ ସ୍ୱପ୍ନର ଦୁନିଆ । ଆଖି କାନ ନାକ ମୁଖର କ୍ଷମତା ନଥିଲେ ମଧ୍ୟ ହୃଦୟରେ ଗଭୀର ବୋଧ ଶକ୍ତି ଥିଲା । ଆମ ଦୁଃଖ ତାଙ୍କୁ ବାଧୁ ଥିଲା କିନ୍ତୁ ସେ ଆମ ପାଖକୁ ଫେରିଆସି ପାରୁ ନ ଥିଲେ । କାରଣ ଅନ୍ୟଏକ ଦୁନିଆର ଆକର୍ଷଣ ତାଙ୍କୁ ବାନ୍ଧି ରଖିଥିଲା । ସେ ଥିଲେ ଏକ ଅପୂର୍ବ ଆନନ୍ଦ ଧାମରେ । ସେ ବନ୍ଧନ ଛିଡ଼ାଇ ଏ ସଂସାର ଫାଶ ଗଳାରେ ପିନ୍ଧିବା ବଡ଼ କଷ୍ଟ । ତାଙ୍କରି ଭାଷାରେ ସେ ଧାମ ବ୍ରଜ ଧାମ- ଯେଉଁଠି ରାଧାକୃଷ୍ଣଙ୍କର ନିତ୍ୟ ଲୀଳା ।

ସେଦିନ ସେ ତାର ଆଭାସ ପାଇଥିଲେ - ଏବେ ସେହି ନିତ୍ୟ ଲୀଳାରେ ପ୍ରବେଶ କଲେ ।

ସେଥର ସେ ଫେରିଆସିଲେ ଆମର ଦୁଃଖ ଦେଖି - ଆମର ନିଃସହାୟ ଅବସ୍ଥା ଦେଖି ନିଜର ସୁଖ ଛାଡ଼ି ଆମ ଦୁଃଖରେ ଦୁଃଖୀ ହେବା ପାଇଁ - ଆମ ପାଇଁ ପୁଣି ସଂସାରରେ

ଘାଣ୍ଟି ହେବାକୁ । କିନ୍ତୁ ଏଥର ଆଉ ସେ ଫେରନ୍ତେ କାହିଁକି ? ସେ ଇଚ୍ଛା କରି ତାଙ୍କର ଆଶ୍ରୟ ଅପସାରଣ କରିନାହାନ୍ତି । ଆମର ଅହଂକାର ହିଁ ତାଙ୍କୁ ଆମ ପାଖରୁ ଅନ୍ତର କରି ନେଇଛି - କାରଣ ଆମର ଆନ୍ତରିକତାର ଅଭାବ ।

ଶୁଣିଛି ଯେଉଁମାନେ ଆତ୍ମାନନ୍ଦର ସଂଧାନ ପାଇଲେଣି , ନିର୍ବିକଳ୍ପ ସମାଧିରେ ପ୍ରବେଶ କଲେଣି, ଦେହ ଧରି ରହିବା ତାଙ୍କ ପକ୍ଷରେ କଷ୍ଟ; ମାତ୍ର ସେମାନେ ଏହି ଆବଦ୍ଧ ଜୀବର କଲ୍ୟାଣ ସାଧନ ପାଇଁ ଇଚ୍ଛାକରି ଦୁଃଖ ଭୋଗ କରନ୍ତି, ଏଇ ମଳମୂତ୍ରଜରାବ୍ୟାଧିଗ୍ରସ୍ତ ଦେହଟାକୁ ଧରି ରହିବା ଫଳରେ ।

ଜନ୍ମ ଆଉ ମୃତ୍ୟୁ; ତା ଭିତରେ ଜୀବନଟା ଗୋଟାଏ ମଧ୍ୟପଦଲୋପୀ ବିଭକ୍ତି । ଭାଗକରି ମଧ୍ୟ ଅବିଭାଜ୍ୟ ଅବସ୍ଥାରେ ଥାଏ । ମଣିଷ ପ୍ରତିମୁହୂର୍ତ୍ତରେ ମରୁଥାଏ । ଆଖି ସେଟାକୁ ଦେଖିପାରେ ନାହିଁ । ତଥାପି ମଣିଷ ଶୈଶବ କୈଶୋର, ଯୌବନ, ପ୍ରୌଢ଼ତା ଆଉ ବାର୍ଦ୍ଧକ୍ୟ ଏମିତି ଗୋଟିଏ ଜନ୍ମ ଭିତରେ ପାଞ୍ଚ ଛ'ଟା ଜନ୍ମ ମୃତ୍ୟୁର ବନ୍ଧ ବାନ୍ଧି ଦେଇଛି । ଶୈଶବ ମରେ, କୈଶୋର ଜନ୍ମ ନିଏ । କିନ୍ତୁ ଏ ଦୁଇ ମଝିରେ ସୀମାରେଖା କାଟି ହୁଏନାହିଁ । ଯେଉଁ କୈଶୋର ମୋର ମରିଗଲାଣି, ତାକୁ ମୁଁ ମୋର ବୋଲି କହିବାରେ କିଛି ଲାଭ ନାହିଁ । ତଥାପି ପିଲାଦିନକୁ ମଣିଷ ଝୁରେ । ଆଇଲା ଦିନକୁ ବି ଡରେ । ପୁଣି ସହି ହୋଇଯାଏ । ସବୁ ଚଳିଯାଏ ।

ଅଚଳ ହୁଏ କେବଳ ଏଇ ଦେଖାର କରାମତି ଅଭାବରେ ଯେତିକି ହବାର ସେତିକି । ପିଲାଦିନର ଦେହଟା ତ ମଲାଣି । ମରଣ ଆସି ବୁଢ଼ା ଦେହଟାକୁ ବି ମାରିଦେବ । ପିଲାଦିନର ମରିବାଟା ଦେହସୁହା ହେଲାଣି ଆଜିର ଜୀଇବାଟା ମରିଗଲେ ବି ସେଇୟା ହେବ । ତଥାପି ଦେଖିପାରୁନାହିଁ - ବୁଝି ହୁଏ ନାହିଁ - ସେଥିପାଇଁ ମରଣର ସେପାରିଟା ଏତେ ଅନ୍ଧାରୁଆ ।

ଏଇ ଅନ୍ଧାରୁଆ ବାଟରେ ଯେ ଆଲୁଅ ଜାଳି ଦେଖେ - ସେ ଜୀବନ୍ମୁକ୍ତ । ସେଇ ଏକା ଜୀବନ ଓ ମରଣର ରହସ୍ୟ ଭେଦକରେ; ସାକାର ଓ ନିରାକାର ଭିତରେ ଶାନ୍ତାକାରର ଦର୍ଶନ ପାଏ - ଘଟ ଓ ପଟ ଭିତରେ ବିରାଟପରୂପ ବିରାଜମାନ ଦେଖେ - ସାଧସାଧନର ସଂବଧ ନିର୍ଣ୍ଣୟ କରି ସିଦ୍ଧ ହୋଇଯାଏ ।

ଯେ ବଞ୍ଚିଥାଇ ମରଣକୁ ଚିହ୍ନେ - ସେ ଜୀଇ ଥାଇଁ ମଧ୍ୟ ମରଣର ଆଶୀର୍ବାଦ ପାଏ; ସେଟା ତାର ଜୀବନ ନୁହେଁ, କି ମରଣ ମଧ୍ୟ ନୁହେଁ । ମରି ମଧ୍ୟ ଯେ ଜୀବନ ଭୋଗକରେ ସେ ମୃତ ନୁହେଁ କି ଜୀବନ୍ତ ନୁହେଁ । ଜୀଇଥାଇ ମରଣନାୟିକାର ବରଣମାଳା ଯେ ପାଏ ତାର ସଂକଳ୍ପ ବିକଳ୍ପ ମନ ଭିତରେ ସେ ନେବା ଦେବାଟି ହୋଇଥାଏ ସବିକଳ୍ପ କିନ୍ତୁ ଯିଏ ମରି ମଧ୍ୟ ଜୀବନର ଆସ୍ୱାଦ ପାଏ, ସେ କଳ୍ପନାର ଅତୀତ ରାଜ୍ୟରେ ନିର୍ବିକଳ୍ପ ହୋଇଯାଏ ।

ଜନ୍ମ ଆଉ ମୃତ୍ୟୁ - ଜନ୍ମର ଭାବ ଏଇ 'ଜୀବନ' ମୃତ୍ୟୁର ଭାବ 'ମରଣ' ଦୁଇଟି ଦ୍ୱନ୍ଦ୍ୱାତ୍ମକ ବସ୍ତୁ ଧରି ନେଲେ ତାର ସମାଧାନ ହିଁ ସମାଧିନିର୍ବିକଳ୍ପ ସମାଧି ।


ପ୍ରତ୍ୟେକ ଦ୍ୱନ୍ଦ୍ୱର ସମାଧାନରେ ଏଇ ସମାଧିର ସାମାନ୍ୟ ଆଭାସ ଥାଏ । ପାର୍ଥକ୍ୟ - ବାସ୍ତବ ପଦାର୍ଥ ମଧ୍ୟରେ ସଂଘାତ ପରେ ଯେଉଁ ସମାଧାନ, ନୂତନ ନିପାତନରେ ତାହା ଅନ୍ୱୟ ହୋଇ ପ୍ରତ୍ୟନ୍ୱୟ ଖୋଜି ନିଏ । ଦ୍ୱନ୍ଦ୍ୱର ଆଉ ସମାପ୍ତି ନ ଥାଏ । ମାତ୍ର ସମାଧିରେ ଯେଉଁ ସମନ୍ୱୟ ତାହା ଆଉ ନୂତନ ଅନ୍ୱୟ ସୃଷ୍ଟି କରେନାହିଁ । ଦୀର୍ଘ ପ୍ରସ୍ଥ ବୋଧ ଓ ସମୟର ଚତୁଃସୀମାକୁ ଅତିକ୍ରମ କରିଗଲେ ଆଉ ସଂଘର୍ଷ ନଥାଏ । ସମାଧି ସଂଘର୍ଷହୀନ ଏକ କ୍ରମବର୍ଦ୍ଧମାନ ନିରବଧି ସଦାନନ୍ଦମୟ ଭାବ ମାତ୍ର । ତାହାହିଁ ସତ୍‌ସ୍ୱରୂପ ।

ଏହି ସମାଧି ବା ଶାଶ୍ୱତ ସମାଧାନ ପାଇଁ ସାଧ ଓ ସାଧନର ସମ୍ବନ୍ଧ ଖୋଜି ନେବାକୁ ହେବ; ଆକାର ଓ ନିରାକାର ଉଭୟକୁ ସ୍ୱୀକାର କରି ନିର୍ବିକାର ହେବାକୁ ପଡ଼ିବ; ଏହାହିଁ ପ୍ରକୃତ ଜୀବନର ଲକ୍ଷ୍ୟ ।

ଦଶବର୍ଷ ତଳେ 'ଜୀବନର ଲକ୍ଷ୍ୟ' ଲେଖିବାବେଳେ ମୋର ଯେଉଁ ଜୀବନର ଲକ୍ଷ୍ୟ ଥିଲା - ଏବଂ ଯେଉଁ ଭୁଲାକଥା ପଦକ ମନେ ପକାଇଦେଇ ତୁ ମୋତେ ମୋ ଜୀବନର ସକୃତ୍ ଅନୁଭୂତ ଏକ ଗୌରବ ଦେଇଛୁ, ସେ ଯେ କେଉଁଠି ପଡ଼ି ଗଲାଣି କହିପାରିବି ନାହିଁ । ଆଜି ମୋର ଜୀବନର ଲକ୍ଷ୍ୟ, ଏଇ ସମାଧି । ଶୁଣିଛି, ତ୍ୟାଗ ହିଁ ଏହାର ସାଧନ । ପାରୁନାହିଁ । ମନ ଆଉ ଦିହ ଦିହେଁ ଦାଉ ସାଧୁଛନ୍ତି । ମନଟାର ଭାର ଜଣକୁ ଦେଇଛି । ତୁ ତାଙ୍କୁ ଜାଣୁ ।

❐❐❐

ଅନ୍ତରଙ୍ଗ ଆଳାପ



ବାଦଲ ସିକଦାର

ବାଦଲ ସିକଦାର : ଲୋକନାଟ୍ୟ ପରଂପରାର ବେତାଜ୍ ବାଦଶାହା । ଭଦ୍ରକର ମୋଗଲ ତାମସାକୁ ନେଇ ଜାତୀୟସ୍ତରରେ ସେ ଯେଉଁ ଶିଖରରେ ଉପନୀତ କରାଇପାରିଛନ୍ତି, ନାଟ୍ୟ କଳା ପ୍ରତି ତାହା ତାଙ୍କର ସମର୍ପିତ ସେବା ଓ ସାଧନା ଭାବେ ଗ୍ରହଣ କରାଯାଇପାରେ । ୨୦୨୩ ମସିହା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସର୍ବୋଚ୍ଚ ସମ୍ମାନ " କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନ" ତାହାର ସ୍ୱୀକୃତି ମାତ୍ର । ବିନା ତାଲିମରେ , ପାରିବାରିକ ପ୍ରେରଣା ଓ ପ୍ରୋତ୍ସାହନ ଏବଂ ନାଟ୍ୟଜଗତ ପ୍ରତି ଆନ୍ତରିକ ନିଷ୍ଠା , ଶ୍ରଦ୍ଧା ଓ ଆଗ୍ରହ ଫଳରେ ସେ ବହୁ ବନ୍ଧୁର ପଥ ଅତିକ୍ରମ କରିଛନ୍ତି । ତାହା ହିଁ ତାଙ୍କ ସଫଳତାର ଚାବିକାଠି ଓ ମାପକାଠି ।

ସେହି ସ୍ୱନାମଧନ୍ୟ ନାଟ୍ୟଶିଳ୍ପୀଙ୍କ ସହ ଅନ୍ତରଙ୍ଗ ଆଳାପରେ ସୃଜନୀ ସମ୍ପାଦକ ଅଭୟ ଦ୍ୱିବେଦୀ ।

- ସମ୍ପାଦିକା

ବାଦଲ ସିକଦାର : ଲୋକନାଟ୍ୟ ପରଂପରାର ବେତାଜ୍ ବାଦଶାହା । ଭଦ୍ରକର ମୋଗଲ ତାମସାକୁ ନେଇ ଜାତୀୟସ୍ତରରେ ସେ ଯେଉଁ ଶିଖରରେ ଉପନୀତ କରାଇପାରିଛନ୍ତି, ନାଟ୍ୟ କଳା ପ୍ରତି ତାହା ତାଙ୍କର ସମର୍ପିତ ସେବା ଓ ସାଧନା ଭାବେ ଗ୍ରହଣ କରାଯାଇପାରେ । ୨୦୨୩ ମସିହା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସର୍ବୋଚ୍ଚ ସମ୍ମାନ " କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନ" ତାହାର ସ୍ୱୀକୃତି ମାତ୍ର । ବିନା ତାଲିମରେ, ପାରିବାରିକ ପ୍ରେରଣା ଓ ପ୍ରୋତ୍ସାହନ ଏବଂ ନାଟ୍ୟଜଗତ ପ୍ରତି ଆନ୍ତରିକ ନିଷ୍ଠା , ଶ୍ରଦ୍ଧା ଓ ଆଗ୍ରହ ଫଳରେ ସେ ବହୁ ବନ୍ଧୁର ପଥ ଅତିକ୍ରମ କରିଛନ୍ତି । ତାହା ହିଁ ତାଙ୍କ ସଫଳତାର ଚାବିକାଠି ଓ ମାପକାଠି ।

ସେହି ସ୍ୱନାମଧନ୍ୟ ନାଟ୍ୟଶିଳ୍ପୀଙ୍କ ସହ ଅନ୍ତରଙ୍ଗ ଆଳାପରେ ସୃଜନୀ ସଂପାଦକ ଅଭୟ ଦ୍ୱିବେଦୀ ।

ଅ.ଦ୍ୱି : ଆପଣଙ୍କ ବାଲ୍ୟଜୀବନ ଗ୍ରାମ୍ୟ ପରିବେଶରେ ବିତିଛି, ଯେଉଁଠି ଆପଣ ପ୍ରକୃତିର ସଙ୍ଗୀତ ଏବଂ ଚରିତ୍ରମାନଙ୍କୁ ନିଖୁଣ ଭାବେ ଅନୁଧ୍ୟାନ କରିଥିବେ । ସେହି ବାଲ୍ୟ ଜୀବନ ସଂପର୍କରେ ବିସ୍ତୃତ ଭାବରେ କୁହନ୍ତୁ ।

ବା.ସି : ମୋର ବାଲ୍ୟ ଜୀବନ ମୋ ଗାଁ କୋଠାରରେ ବିତିଛି । ଗାଁ ଫିଡ଼ର (୧ ରୁ ୩ୟ ଶ୍ରେଣୀ) ସ୍କୁଲରେ ପଢ଼ିବା ସମୟରେ, ଆମ ଗାଁରେ ବର୍ଷରେ ୫/୬ ନାଟକ ଦଳ ଆସି ଯାତ୍ରା କରନ୍ତି । ଏତଦ୍ ବ୍ୟତୀତ ଗାଁର ପ୍ରତ୍ୟେକ ସାହିର ଲୋକମାନେ ସେତେବେଳର ପୌରାଣିକ, ଐତିହାସିକ ନାଟକ ମଞ୍ଚସ୍ଥ କରନ୍ତି । ମୁଁ ରାତିରେ ଦେଖେ ଓ ତା' ପରଦିନ ଆମ ଘର ପଛପଟ ବାଉଁଶ ବାଡ଼ିରେ କେତେକ ସାଙ୍ଗ ସାଥିଙ୍କୁ ନେଇ ସେହି ନାଟକ ଅଭିନୟ କରାଏ । ବାଉଁଶ ପାତିଆ ଖଣ୍ଡା, ହାଣ୍ଡିକଳା ପେଣ୍ଟିଂ ଭାବରେ ବ୍ୟବହାର କରାଯାଏ । ମୁଁ ଅଭିନୟ କରେ, ନିର୍ଦ୍ଦେଶନା ଦିଏ, ଗୀତ ଗାଏ । ପିଲାବେଳୁ ମୋର ଅଭିନୟ ଗୀତ ଗାଇବା ପାଇଁ ପ୍ରଚୁର ଆଗ୍ରହ । ଗାଁକୁ ଚକୁଳିଆ ପଣ୍ଡା ଗୀତ ଗାଇ ଗାଇ ଆସନ୍ତି । ଯୋଗୀମାନେ କେନ୍ଦରା ବଜାଇ 'ଭଜୁକିନା ରାମ ନାମ ନାମରେ କୁମର' ଗୀତ ବୋଲନ୍ତି । ଦୋଳ ମେଳଣରେ ରାଧାକୃଷ୍ଣଙ୍କ କୀର୍ତ୍ତନ, କୁଆଁର ପୁନେଇରେ କୁମାରୀମାନଙ୍କର 'କୁଆଁର ପୁନେଇ ଜହ୍ନ ଲୋ' ଗୀତ, ରଜଦୋଳି ଗୀତ, ଦୋଳି ଡାକେ କଟ କଟ, ଭାଲୁକୁଣି ସମୟରେ ତରୁଣୀମାନଙ୍କ ସମୂହ ସଂଗୀତ , ସବୁ ପରେ ଝିଅମାନେ ବିବାହ ପୂର୍ବରୁ କାନ୍ଦଣା ବୋଲନ୍ତି ଇତ୍ୟାଦି ମୁଁ ଅତି ଆଦରରେ ଶୁଣେ ଓ ସେହି ସଂଗୀତ ଦ୍ୱାରା ପ୍ରଭାବିତ ହୁଏ । ମୋ ବାପାଙ୍କର ହାରମୋନିୟମ ଥିଲା । ସେ ନିଜେ ବଜାଇ ଗୀତ ଗାଆନ୍ତି । ଆମର ଗ୍ରାମଫୋନ ଥିଲା, ମୁଁ ଶୁଣେ । ଏହିପରି ଭାବରେ ସଂଗୀତ ଅଭିନୟ ଦିଗକୁ ମନ ବଳାଏ । ତୃତୀୟ ଶ୍ରେଣୀ ପରେ ମୋ ଅଜା କବି ମଂଜୁଳ କୃଷ୍ଣ

ପ୍ରସାଦ ବସୁଙ୍କ ଘର ଯାଜପୁର ଗଲି ,ସେଠାରେ ପାଠ ପଢ଼ିଲି । ପ୍ରକୃତି ହେଉଛି ସର୍ବଶ୍ରେଷ୍ଠ ନାଟ୍ୟ ଶିଳ୍ପୀ, ତାହାର ପ୍ରଭାବରୁ କେହି ଶିଳ୍ପୀ ମୁକ୍ତ ହେବା ସମ୍ଭବ ନୁହେଁ ।

ଅ.ଦ୍ୱି : ଆଭିମୁଖ୍ୟ, ରଚନା ଶୈଳୀ ଏବଂ ଉପସ୍ଥାପନା ପ୍ରଣାଳୀରେ ସୃଜନାତ୍ମକ ରଚନାର ଅନ୍ୟାନ୍ୟ ବିଭବ ଯଥା କବିତା, ଗଳ୍ପ, ଉପନ୍ୟାସ ଠାରୁ ନାଟକ ଭିନ୍ନ । କବିତା, ଗଳ୍ପ, ଉପନ୍ୟାସ ବ୍ୟକ୍ତିଗତ ପଠନ ନିମନ୍ତେ ଉଦ୍ଦିଷ୍ଟ ଥିବାବେଳେ, ନିର୍ଦ୍ଦେଶକ, ଅଭିନେତା ଏବଂ ବୈଷୟିକ ଉପାଦାନ (ଷ୍ଟେଜ୍, ଲାଇଟିଂ ଇତ୍ୟାଦି) ଆଧାରରେ ନାଟକର ଚରିତ୍ରସମୂହ ଜୀବନ୍ତ ଭାବେ ଦର୍ଶକଙ୍କ ନିକଟରେ ପହଞ୍ଚିଥାନ୍ତି । ଏଥିରେ ନିର୍ଦ୍ଦେଶକଙ୍କର ବଡ଼ ଭୂମିକା ରହିଥାଏ । ଆପଣ ଏହି ଦିଗ ପ୍ରତି କେମିତ ଆକୃଷ୍ଟ ହେଲେ ଏବଂ ପ୍ରାଥମିକ ସୋପାନରେ କାହାଦ୍ୱାରା ପ୍ରଭାବିତ ହୋଇଥିଲେ ?

ବା.ସି : ଚତୁର୍ଥ ଶ୍ରେଣୀରୁ ମୋ ଅଜା କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁଙ୍କ ଘରେ ରହି ବିରଜା ହାଇସ୍କୁଲ ଯାଜପୁରରେ ପଢ଼ିଲି । ଅଜାଙ୍କ ଘରକୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ନାଟ୍ୟ ଓ ପାଲା ଜଗତର ବହୁ ପ୍ରସିଦ୍ଧ ଗାୟକମାନେ ଆସୁଥିଲେ । ଅଭିନୟ ସଂଗୀତ ସମ୍ବନ୍ଧରେ ଆଲୋଚନା ହୁଏ ଏବଂ ଡେମୋନଷ୍ଟ୍ରେସନ ମଧ୍ୟ ହୁଏ । ମୁଁ ଦେଖେ, ଶୁଣେ, ତା'ଛଡ଼ା ଅଜା ମୋତେ ଶାସ୍ତ୍ରୀୟ ଧାରାରେ ଗୀତ ଓ ଅଭିନୟ ବି ଶିଖାଉଥିଲେ । ଏହାପରେ ମୁଁ ଅନ୍ନପୂର୍ଣ୍ଣା ଥିଏଟର 'ବି ଗୁପ'ର ସାମୁଏଲ ସାହୁ(ବାବି) ଙ୍କ ସଂସ୍ପର୍ଶରେ ଆସେ । ତାଙ୍କଠାରୁ ମଧ୍ୟ ଅଭିନୟ ଶିଖିଲି । ମୁଁ ବିରଜା ହାଇସ୍କୁଲରେ ପଢ଼ିବା ସମୟରେ ମୋ ଜୀବନର ପ୍ରଥମ ନାଟକ 'ବୈରାଗୀର ସଂସାର' ରେ ଅଭିନୟ କଲି । ଅଜା ନିର୍ଦ୍ଦେଶନା ଦେଉଥିଲେ । ଘରେ ମଧ୍ୟ ଅଜା ମୋତେ ଅଭିନୟର ସୂକ୍ଷ୍ମ ଧାରା ଶିଖାଉଥିଲେ । ତା'ପରେ ବାଲେଶ୍ୱର ଡିଭିଜନ ଡାକ ବିଭାଗରେ ଚାକିରୀ କଲି । ସେଠାରୁ ପ୍ରତ୍ୟେକ ଶନିବାର କଲିକତା ଯାଉଥିଲି ଏବଂ ଷ୍ଟାର , ମିନରଭା ଇତ୍ୟାଦି ଥିଏଟର ଏବଂ ମୁକ୍ତମଞ୍ଚ(ଅପେରା) ଦେଖି ବହୁ ଭାବେ ପ୍ରଭାବିତ ହୋଇଛି । ସତେବେଳେ ବାଲେଶ୍ୱରରେ ଥିଏଟରର ମାହୋଲ ବହୁ ସମୃଦ୍ଧ ଥିଲା । ସେଠାରେ ମୁଁ ରିହିଅରସେଲ ଦେଖିଛି, ନାଟକରେ ଅଭିନୟ କରିଛି । ଏହିପରି ଭାବେ ଓଡ଼ିଶାର ଅନ୍ନପୂର୍ଣ୍ଣା ଥିଏଟର, ଜନତା ରଙ୍ଗମଞ୍ଚ, କଳାଶ୍ରୀ ଓ ଶ୍ରୀ ମା ଥିଏଟର ଇତ୍ୟାଦି ଦେଖି ଦେଖି ନିର୍ଦ୍ଦେଶନା , ଅଭିନୟ, ଷ୍ଟେଜ, ଲାଇଟିଂ ଆଦି ଶିଖିଛି-ଏକଲବ୍ୟର ନିଷ୍ଠା ନେଇ ।

ଅ.ଦ୍ୱି : ମୋର ମନେ ଅଛି, ପ୍ରାୟ ବର୍ଷକ ପୂର୍ବେ ତନ୍ମୟଜ୍ୟୋତି ନାମକ ଶାନ୍ତିନିକେତନରୁ ଜଣେ ଛାତ୍ର (ସେ ଦୀର୍ଘ ବର୍ଷ ଧରି ମୋ ସ୍ତମ୍ଭ ସାହିତ୍ୟର ଜଣେ ନିୟମିତ ପାଠକ) ମୋତେ ଆପଣଙ୍କ ସଂପର୍କରେ ପଚାରିଲେ ଏବଂ ଆପଣଙ୍କକ ସହ କଥା ହେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଶ୍ରେଣୀଗୃହରେ ପଢ଼ାଉଥିବାବେଳେ ତାଙ୍କ ପ୍ରଫେସର ଲୋକନାଟ୍ୟ କ୍ଷେତ୍ରରେ ଆପଣଙ୍କ ଅବଦାନ ସଂପର୍କରେ କହିଥିଲେ ।

ତନ୍ମୟଜ୍ୟୋତିଙ୍କ ସହ ଆପଣଙ୍କ ଆଲୋଚନା ସଂପର୍କରେ କୁହନ୍ତୁ ।

ବା.ସି: ଶାନ୍ତିନିକେତନର ଛାତ୍ର ଜୀବନଜ୍ୟୋତିଙ୍କ ସହ ମୋର ଅନେକଥର ଫୋନରେ କଥା ହେଇଛି । ମୋ ସମ୍ବନ୍ଧରେ ସେ ସବୁ କଥା ଶୁଣିକରି ବିଶେଷତଃ ଲୋକନାଟକ ମୋଗଲ ତାମସା କ'ଣ ଇତ୍ୟାଦି ସବୁ ତାଙ୍କୁ ସବିଶେଷ କହିଛି ।

ଅ.ଦ୍ୱି : ବାଦଲ ସିକଦାର ଓ ମୋଗଲ ତାମସା ପରସ୍ପରର ପରିପୂରକ । ବହୁ ଭାଷାରେ ରଚିତ ଏହି ପ୍ରାଚୀନ ନାଟକ ପ୍ରତି ଆପଣ ଆକର୍ଷିତ ହେଲେ କେମିତି ?

ବା.ସି : ୧୯୮୮ ମସିହା ଅକ୍ଟୋବର ମାସରେ ଦୂରଦର୍ଶନ (ସେତେବେଳେ କଟକରେ ଥିଲା) ରେ ସ୍ଥିର ହେଲା ଭଦ୍ରକର ପ୍ରସିଦ୍ଧ ଲୋକନାଟକ ମୋଗଲ ତାମସା ରେକର୍ଡ଼ିଂ କରିବା ପାଇଁ । ସେ କମିଟିରେ ବିଶିଷ୍ଟ ନାଟ୍ୟ ପ୍ରତିଭା ବିଜୟ ମିଶ୍ର ଥିଲେ ଜଣେ ସଦସ୍ୟ । ସେ ପରାମର୍ଶ ଦେଲେ ମୋତେ ଯୋଗାଯୋଗ କରିବାକୁ । ନାଟକ ବିଭାଗର ଦାୟିତ୍ୱରେ ଥିବା ଦାଶରଥି ପ୍ରସାଦ ଦାସ ଆସି ପହଞ୍ଚିଲେ ମୋ ପୋଷ୍ଟାଲ କ୍ୱାର୍ଟରରେ । ସେ କହିଲେ ଦୂରଦର୍ଶନରେ ମୋଗଲ ତାମସା ପ୍ରଦର୍ଶନ କରାଯିବ । ବିଜୟବାବୁ ଆପଣଙ୍କୁ ଯୋଗାଯୋଗ କରିବାକୁ ମୋତେ ପଠେଇଛନ୍ତି । ମୁଁ ସବୁ ଶୁଣିଲି ଏବଂ ହଁ କହିଲି । ତା'ପରେ ଭଦ୍ରକ ପ୍ରତ୍ୟେକ ସାହିରୁ ପାଣ୍ଡୁଲିପି ସଂଗ୍ରହ କରି ମୋ ଚିନ୍ତାଧାରାରେ ଏଡ଼ିଟିଂ କରି ରିହିଅରସସେଲ ଦୀର୍ଘ ଚାରି ପାଞ୍ଚ ମାସ ହେଲା ଏବଂ ଶେଷରେ ମହିଳା ଦିବସରେ କଟକରେ ରେକର୍ଡ଼ିଂ କରାଗଲା । ଏଥିପାଇଁ ମୁଁ ଅନେକ ସମ୍ମାନନୀୟ ପୁରୁଣା କଳାକାରଙ୍କ ସାହାଯ୍ୟ ନେଇ ମୋଗଲ ତାମସା କ'ଣ ଶିଖିଲି । ତା'ପରେ ଏଥିରେ ନାଟକୀୟତା ସୃଷ୍ଟି କରି ମଞ୍ଚସ୍ଥ କଲି । ମୋଗଲ ତାମସାର ଅଭିନୟ, ସଂଗୀତ , ନୃତ୍ୟ ଓ ବହୁ ଭାଷାର ମିଶ୍ରଣରେ ଲିଖିତ ଏହି ଲୋକନାଟକଟି ମୋତେ ଅତ୍ୟନ୍ତ ମନୋମୁଗ୍ଧକର ଲାଗିଲା । ମୁଁ ଆଜି ପର୍ଯ୍ୟନ୍ତ ଓଡ଼ିଶା ଓ ଓଡ଼ିଶା ବାହାର ବିଭିନ୍ନ ପ୍ରଦେଶରେ ୩୩୭ଟି ସ୍ଥାନରେ ଏହାକୁ ମଞ୍ଚସ୍ଥ କରି, ଲୋକପ୍ରିୟ କରିବା ପାଇଁ ପ୍ରଚାର ଓ ପ୍ରସାର ନିମନ୍ତେ ସାଧନାରତ ।

ଅ.ଦ୍ୱି : ପ୍ରାୟ ତିନି ଶହ ବର୍ଷ ପୂର୍ବେ ବଂଶୀବଲ୍ଲଭ ଗୋସ୍ୱାମୀ 'ମୋଗଲ ତାମସା'କୁ ୫ଟି ଭାଷାର ସମନ୍ୱୟରେ ରଚନା କରିଥିଲେ- ପାର୍ସୀ, ହିନ୍ଦୀ, ଉର୍ଦ୍ଦୁ, ଓଡ଼ିଆ ଏବଂ ବଙ୍ଗଳା । ସମ୍ଭବତଃ ବହୁ ଭାଷାରେ ରଚିତ ନାଟକମାନଙ୍କ ମଧ୍ୟରେ ଏହା ପ୍ରଥମ । ଦର୍ଶକମାନଙ୍କୁ ଏହି ନାଟକ ବାନ୍ଧି ରଖିବାର ମୁଖ୍ୟ କାରଣ ସଂପର୍କରେ କୁହନ୍ତୁ ।

ବା.ସି : କବି ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ମୋଗଲ ତାମସା, ମୁଁ ଯେତିକି ଜାଣେ ୫ଟି ଭାଷାର ସମନ୍ୱୟରେ ପୃଥିବୀରେ ଏକମାତ୍ର ଓ ପ୍ରଥମ ଲୋକନାଟକ । ଭୁବନେଶ୍ୱରର ମ୍ୟୁଜିୟମରେ ବିଶ୍ୱସ୍ତରୀୟ ନାଟ୍ୟ ସେମିନାରରେ ଆମ ନାଟ୍ୟ ସଂସ୍ଥା 'ସଂକେତ' ମୋଗଲ ତାମସା ପରିବେଷଣ କରୁଥାଏ । ଦର୍ଶକ ଭାବରେ ଉପସ୍ଥିତ ବିଶ୍ୱର

ବିଭିନ୍ନ ଦେଶର ପ୍ରତିନିଧି । ନାଟକ ସରିବା ପରେ ଇଂଲଣ୍ଡରୁ ଆସିଥିବା ଜଣେ ଭଦ୍ରମହିଳା ମୋତେ କହିଲେ ' "Mr. Director ! I have never seen, never heard, such a drama where five languages are used. Please come with me to London. I am so impressed that I want your troupe to perform such a drama. I shall bear all your expenses" .କିନ୍ତୁ ଭଦ୍ରକର ଗୌରବକୁ ଆହୁରି ଶିଖରକୁ ନେବାପାଇଁ ବିଭିନ୍ନ କାରଣରୁ ମୁଁ ଇଂଲଣ୍ଡ ଯାଇପାରିଲି ନାହିଁ ।

ମୋଗଲ ତାମସା ପ୍ରତ୍ୟେକ ସାହିରେ ଅଭିନୀତ ହେଉଥିଲେ ହେଁ କ୍ରମଶଃ ବନ୍ଦ ହୋଇ ଆସୁଥିଲା । ଆଜିର ଦର୍ଶକଙ୍କ ରୁଚିକୁ ଧ୍ୟାନରେ ରଖି ମୋଗଲ ତାମସାରେ ବଂଶୀବଲ୍ଲଭଙ୍କ ଗୀତର ସ୍ୱର, ନୃତ୍ୟ ଏବଂ ଅଭିନବ ଶୈଳୀକୁ ନାଟକୀୟ ଧାରାରେ ମନୋମୁଗ୍ଧ କରିବାକୁ ଚେଷ୍ଟା କରିଛି । ଦର୍ଶକଙ୍କୁ ବାନ୍ଧି ରଖିବାର କାରଣ : ଆଧୁନିକ ବାଦ୍ୟ ଯନ୍ତ୍ରର ପ୍ରୟୋଗ, ଦିଲ୍ଲୀ ଲାଲ କିଲ୍ଲାର ମ୍ୟୁଜିୟମରେ ଦେଖି ଆସିଥିବା ମୋଗଲମାନଙ୍କର ପୋଷାକର ବ୍ୟବହାର । ମୋଗଲ ତାମସା ସଂପୂର୍ଣ୍ଣ ଭାବରେ ନୃତ୍ୟରତ ଚରିତ୍ରମାନଙ୍କ ହାସ୍ୟରସାତ୍ମକ ସଂଗୀତ-ସଂଳାପର ଠାଣି । ସର୍ବୋପରି ଏଥିରେ ହିନ୍ଦୁ ଓ ମୁସଲମାନମାନଙ୍କର ମିଳିତ ସହବାସ୍ଥାନ, ସାଂପ୍ରଦାୟିକ ସଭାବଜନିତ ସଂପର୍କ ଦର୍ଶକମାନଙ୍କୁ ବାନ୍ଧି ରଖିବାର ଅନ୍ୟ ପ୍ରମୁଖ କାରଣ ।

ଅ.ଦ୍ୱି : ଭଦ୍ରକ ଆପଣଙ୍କର ଜନ୍ମସ୍ଥଳୀ ଓ କର୍ମସ୍ଥଳୀ ମଧ୍ୟ । ଭଦ୍ରକରେ ଏବେ ନାଟକ ପରିବେଷଣ ପ୍ରାୟ ନାହିଁ କହିଲେ ଚଳେ । ପୃଷ୍ଠପୋଷକତା ଏବଂ ନାଟ୍ୟ ମଣ୍ଡପର ଅଭାବ ହିଁ ଏହାର ଦୁଇଟି ପ୍ରମୁଖ କାରଣ ଭାବେ ଚିହ୍ନଟ କରାଯାଇପାରେ । ଏ ସଂପର୍କରେ ଆପଣଙ୍କର ମତାମତ ।

ବା.ସି : ଭଦ୍ରକରେ ପୃଷ୍ଠପୋଷକତା ଓ ନାଟ୍ୟ ମଣ୍ଡପର ଅଭାବ ନାଟକ ପରିବେଷଣ ନ ହେବା ପ୍ରଧାନ କାରଣ ନୁହେଁ ,ସମ୍ୟକ କାରଣ । ଅଭିନେତାମାନେ ରିହିଅରସସିଏଲ ପାଇଁ ସମୟ ନ ଦେବା, ଆଜିକାଲି ନାଟକ ମଞ୍ଚସ୍ଥ କରିବାକୁ ଗଲେ ନାରୀ ଅଭିନେତ୍ରୀ, ଷ୍ଟେଜ, ସାଉଣ୍ଡ, ଲାଇଟ ଇତ୍ୟାଦି ଯେତେ ଖର୍ଚ୍ଚ, ତାହାକୁ ଯୋଗାଡ଼ କରିବାକୁ ପରିଶ୍ରମ ତଥା ରିହିଅରସସିଏଲ ପାଇଁ ସ୍ଥାନର ଅଭାବ । ଅବଶ୍ୟ ନାଟ୍ୟ ମଣ୍ଡପଟିଏ ଥିଲେ ବିଶେଷ କିଛି ଅସୁବିଧା ହୁଅନ୍ତା ନାହିଁ । ପ୍ରଧାନ କାରଣ ଆଜିକାଲି ପିଲାମାନେ ନାଟକରେ ଅଭିନୟ ପ୍ରତି ଆଗ୍ରହୀ ନୁହଁନ୍ତି ।

ଅ.ଦ୍ୱି : ଅତୀତରେ ଆମ ରାଜ୍ୟରେ ଅନେକଗୁଡ଼ିଏ ସୌଖିନ ନାଟ୍ୟ ମଞ୍ଚ ନିୟମିତ ଭାବେ ନାଟକ ପରିବେଷଣ କରୁଥିଲେ । ଆଜି ସେସବୁ ବିଲୁପ୍ତ ପ୍ରାୟ । ତାହାର ପୁନରୁଦ୍ଧାର ସମ୍ଭବ ହେବ କି ?

ବା.ସି : ହଁ । ଅତୀତରେ ଅନ୍ନପୂର୍ଣ୍ଣା-ଏ, ଅନ୍ନପୂର୍ଣ୍ଣା-ବି, ଜନତା ରଙ୍ଗମଞ୍ଚ ,

କଳାଶ୍ରୀ ଥିଏଟର ପ୍ରତିଦିନ ନାଟକ ମଞ୍ଚସ୍ଥ କରୁଥିଲେ । ସେ ସବୁ ବନ୍ଦ ହୋଇଯାଇଛି । କେବଳ କେତେକ ସୌଖିନ ନାଟ୍ୟ ସଂସ୍ଥା, ଭୁବନେଶ୍ୱର, କଟକ, ରାଉରକେଲା, ବାରିପଦା, ବାଲେଶ୍ୱର, ପୁରୀ ଓ ବ୍ରହ୍ମପୁର ସହରମାନଙ୍କରେ ନିରବଚ୍ଛିନ୍ ଭାବରେ ପ୍ରତିବର୍ଷ ନାଟକ ମଞ୍ଚସ୍ଥ କରୁଛନ୍ତି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ନାଟ୍ୟ କର୍ମଶାଳା ଓ ନାଟକ ଉତ୍ସବ ଆୟୋଜନ କରାଯାଉଛି । ସୌଖିନ ନାଟ୍ୟ ମଞ୍ଚ ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇନାହିଁ । କିଛି କମିଛି ।

ଅ.ଦ୍ୱି : ନିକଟରେ ଆମ୍ଭେ 'ଆହେ ନୀଳ ଶଇଳ' ନାମକ ନାଟକର ସଫଳତା ଅନୁଭବ କରିଛନ୍ତି । ଏହା କେମିତି ହେଲା ଏ ସଂପର୍କରେ ଆପଣଙ୍କର ମତାମତ ।

ବା.ସି : ମୁଁ 'ଆହେ ନୀଳ ଶଇଳ' ନାଟକ ଦେଖିନାହିଁ । ମୋର ଜଣେ ଘନିଷ୍ଠ ବନ୍ଧୁ ଲାଲା ବିରେନ୍ ରାୟ ତାର' ନିର୍ଦ୍ଦେଶକ । ଆମ୍ଭେ ଜଗନ୍ନାଥ ଦେଶର ଲୋକ । ଜଗନ୍ନାଥ ସଂସ୍କୃତିକୁ ଭଲପାଉ ଏବଂ ପ୍ରଭୁ ଜଗନ୍ନାଥ ସମ୍ବନ୍ଧୀୟ ଯେ କୌଣସି କାହାଣୀକୁ ସମ୍ମାନ ଦେବା ସହ ଆତ୍ମବିଭୋର ହୋଇ ଉପଭୋଗ କରୁ । ସେ ନାଟକଟିର ସୁନାମ ବହୁତ ଶୁଣିଛି । ନାଟକଟି ଭଲ ଭାବରେ ମଞ୍ଚ ସଜା, ପୋଷାକ ପରିଚ୍ଛଦ ଓ ଅଭିନେତାମାନଙ୍କର ଅଭିନୟ ଜୀବନ୍ତ ହୋଇଛି ନାଟକୀୟତା ଭରପୂର ବୋଲି ମୁଁ ଶୁଣିଛି ।

ଅ.ଦ୍ୱି : ଆପଣଙ୍କ ଧାମନଗର ନିର୍ବାଚନମଣ୍ଡଳୀର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏବେ ରାଜ୍ୟର ମାନନୀୟ ସଂସ୍କୃତି ମନ୍ତ୍ରୀ । ମଞ୍ଚ ନାଟକର ପୁନରୁଦ୍ଧାର ଏବଂ ତାହାର ବିକାଶ ଦିଗରେ ଆପଣ ମାନନୀୟ ମନ୍ତ୍ରୀ ମହୋଦୟଙ୍କ ସହ କେବେ ଆଲୋଚନା କରିଛନ୍ତି କି ?

ବା.ସି : ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ତଥା ଧାମନଗର ନିର୍ବାଚନମଣ୍ଡଳୀର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ କେବେ ଦେଖା କରି ଭଦ୍ରକର ମଞ୍ଚ ନାଟକର ପୁନରୁଦ୍ଧାର ପାଇଁ କହିନାହିଁ । କେତେକ କଳାକାର ବନ୍ଧୁଙ୍କ ସହ ଆଲୋଚନା କରିଛି ତାଙ୍କୁ ଦେଖା କରିବାକୁ । ତେବେ ସଭା ସମିତିରେ ସେ ଉପସ୍ଥିତ ଥିବାବେଳେ ତାଙ୍କୁ ଭଦ୍ରକ ନାଟ୍ୟ ମଣ୍ଡପ ଠାରୁ ଆରମ୍ଭ କରି ମୋଗଲ ତାମସା ଉନ୍ନତି କଳ୍ପେ କିଛି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

ଅ.ଦ୍ୱି : ପରିବାରରୁ ପ୍ରେରଣା ପାଇ ନ ଥିଲେ ଆପଣ ଆଜି ଏହି ଶିଖରରେ ଉପନୀତ ହୋଇପାରି ନ ଥାନ୍ତେ । ସେହି ପାରିବାରିକ ଜୀବନ ସଂପର୍କରେ ପାଠକମାନଙ୍କୁ ଅବଗତ କରାନ୍ତୁ ।

ବା.ସି : ମୋର ଗୋସବାପା ସ୍ୱର୍ଗତ ଶଶିଭୂଷଣ ସିକଦାର ବଙ୍ଗରୁ ଆସି ସ୍ଥାୟୀ ଭାବେ କୋଠାରରେ ଅବସ୍ଥାନ କରିଥିଲେ । ସେ ଜଣେ ପ୍ରସିଦ୍ଧ କୀର୍ତ୍ତନ ଗାୟକ ଥିଲେ ଏବଂ ଏ ଅଞ୍ଚଳରେ ସେ କୀର୍ତ୍ତନ ଶିକ୍ଷା ଦେଇ ଅନେକ ଶିଷ୍ୟ ଗଢ଼ିଥିଲେ । ମୋ ବାପା

ମଧ୍ୟ ଜଣେ କଳାକାର ଥିଲେ । ନିଜେ ହାରମୋନିୟମ ବଜାଇ ଗୀତ ଗାଉଥିଲେ ଏବଂ ଯାଜପୁର ଜିଲ୍ଲା ହରିପୁରରୁ ସାଇକେଲରେ ଯାଇ ସିନ୍ ଓ ପେଣ୍ଟିଂ ଜିନିଷ ଆଣି ଆମ ଗାଁ କୋଠାରରେ ନାଟକ ମଞ୍ଚସ୍ଥ କରାଉଥିଲେ । ମୋ ବାପା ଓ ମାଆ ମୋତେ ଉତ୍ସାହିତ କରାଉଥିଲେ । ଆମ ଗାଁରେ ମୁଁ ଥିଏଟର କରିବା ସମୟରେ ମୋ ମାଆଙ୍କ ଶାଢ଼ୀ ସିନ୍ ଭାବରେ ବ୍ୟବହାର କରୁଥିଲି । ସେ ଖୁବ୍ ଖୁସିରେ ତାଙ୍କ ଶାଢ଼ୀ ଟ୍ରଙ୍କରୁ କାଢ଼ି ଦେଉଥିଲେ । ଏ ତ ଥିଲା ମୋ ପିତୃପକ୍ଷର ପ୍ରୋତ୍ସାହନ । ମୁଁ ପୂର୍ବରୁ କହିଛି ମୋ ଅଜା କବି ମଂଜୁଳ କୃଷ୍ଣ ପ୍ରସାଦ ବସୁଙ୍କ ପ୍ରଭାବ ମୋ ଉପରେ ଥିଲା । ଏହିପରି ଭାବରେ ଆମ ଘର ଓ ମାମୁଁଘର ପ୍ରେରଣା ମୋତେ ନାଟୁଆ କରିବାକୁ ଉତ୍ସାହିତ କରିଛି ।

ଅ.ଦ୍ୱି : ସଙ୍ଗୀତ ନାଟକ ଏକାଡ଼େମୀର ସର୍ବୋଚ୍ଚ ସମ୍ମାନ କେବଳ ଆପଣଙ୍କ ପାଇଁ ନୁହେଁ, ମୋଗଲ ତାମସା ଏବଂ ଭଦ୍ରକ ନାଟ୍ୟ ପରଂପରା ପ୍ରତି ଶ୍ରଦ୍ଧାଅର୍ଘ୍ୟ ସଦୃଶ । ଏହାର ବିକାଶ ଓ ସମୃଦ୍ଧି ସଂପର୍କରେ ଆଲୋକପାତ କରନ୍ତୁ ।

ବା.ସି: ସଙ୍ଗୀତ ନାଟକ ଏକାଡ଼େମୀର ସର୍ବୋଚ୍ଚ ସମ୍ମାନ " କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନ" ପ୍ରକୃତରେ ଭଦ୍ରକର ନାଟ୍ୟ ପରଂପରା ଓ ମୋଗଲ ତାମସାର ଲୋକନାଟ୍ୟକାର କବି ବଂଶୀବଲ୍ଲଭ ଗୋସ୍ୱାମୀଙ୍କର । ମୁଁ କେବଳ ତାଙ୍କର କୃତିକୁ ମୁଣ୍ଡେଇ ଚାଲିଛି । ଭାରତର ବିଭିନ୍ନ ପ୍ରଦେଶରେ ବହୁ ପ୍ରଚାରିତ ଲୋକନାଟକ ଆମେ ଜାଣିଛୁ । ସେମାନଙ୍କ ସହିତ ଭଦ୍ରକ ପ୍ରସିଦ୍ଧ ଲୋକନାଟକ ମୋଗଲ ତାମସା ଉନ୍ନତ ମଥା ଶୀର ନେଇ ପ୍ରଚାରିତ ହେଉ ଏହାହିଁ ମୋର ସାଧନା । ମୋଗଲ ତାମସା ଓ ଅନ୍ୟାନ୍ୟ ନାଟ୍ୟ ପରଂପରାର ଉନ୍ନତି ନିମନ୍ତେ ସରକାରଙ୍କ ପ୍ରୋତ୍ସାହନରେ ଏକ ଗବେଷଣାତ୍ମକ ଅନୁଷ୍ଠାନ ପ୍ରତିଷ୍ଠା ହେଉ । ସେଠାରେ ନାଟକ ସମ୍ବନ୍ଧରେ ୱାର୍କସପ , ସେମିନାର ଏବଂ ନୂତନ କଳାକାର ପିଢ଼ି ସୃଷ୍ଟି କରିବା ପାଇଁ ଆର୍ଥିକ ପ୍ରୋତ୍ସାହନ ସହ ସେମାନଙ୍କୁ ନାଟକର ଶାସ୍ତ୍ରୀୟ ଧାରା ଓ ପ୍ରାକ୍‌ଟିକାଲ ଦିଗ ପ୍ରତି ଶିକ୍ଷା ଦିଆଯାଉ । ତା'ଛଡ଼ା ଏହି ଲୋକନାଟକଟି କେମିତି ବିଶ୍ୱସ୍ତରରେ ପ୍ରସିଦ୍ଧି ଲାଭ କରିବ ସେଥିପାଇଁ ଆମର ସାମର୍ଥ୍ୟ ଅନୁଯାୟୀ ଏବଂ ସରକାରଙ୍କ ତରଫରୁ ପ୍ରଚେଷ୍ଟା କରାଯାଉ । ଭଦ୍ରକର ସମସ୍ତ ମୋଗଲ ତାମସା କଳାକାର ଓ ଅନ୍ୟ ନାଟକର କଳାକାରମାନଙ୍କୁ ନେଇ ଏ ସମ୍ବନ୍ଧରେ ଆଲୋଚନା କରାଯାଇ ସିଦ୍ଧାନ୍ତ ନିଆଯାଉ ।

ଅ.ଦ୍ୱି : ଆପଣ ଯାତ୍ରା ମଞ୍ଚରେ ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ସେଥିରୁ ଓହରିଗଲେ କାହିଁକି ? ଆଜିକାର ଯାତ୍ରା ଜଗତ ସଂପର୍କରେ ଆପଣଙ୍କର କ'ଣ ପ୍ରତିକ୍ରିୟା ରହିବ ?

ବା.ସି- କିଛି ବର୍ଷ ଯାତ୍ରା ମଂଚରେ ନିର୍ଦ୍ଦେଶନା ଦେଇଛି । ସବୁବେଳେ ଛୁଟିନେଇ ଯାତ୍ରା ନିର୍ଦ୍ଦେଶନାକୁ ଯିବା ସମ୍ଭବ ହେଲାନାହିଁ । ତା'ଛଡ଼ା ଅଫିସରେ ଡ଼ିଉଟିର ଗୁରୁତ୍ୱ ଦୃଷ୍ଟିରୁ ସବୁବେଳେ ଛୁଟି ମିଳିବା ସମ୍ଭବ ହେଲାନାହିଁ । ଏଣୁ ଯାତ୍ରାଠୁ ଦୂରେଇ

ଯିବାକୁ ଦୁଃଖର ସହିତ ବାଧ ହେଲି । ଆଜିର ଯାତ୍ରା, ସିନେମା, ଅପେରା, ପ୍ରୋସେନିୟମ ମଞ୍ଚ ଓ ସର୍କସର ଫେଣ୍ଟାଫେଣ୍ଟି । ଅବଶ୍ୟ ଅଭିନୟ, ଆଲୋକ ଚାତୁରୀ, ଶବ୍ଦଯୋଜନା, କାହାଣୀ ଇତ୍ୟାଦିରେ ଉନ୍ନତ ହୋଇଛି । ତେବେ ଆଗକାର ଯାତ୍ରା ଏବଂ ଏବେକାର ଯାତ୍ରା ମଧ୍ୟରେ ଅନେକ ପାର୍ଥକ୍ୟ । ପୂର୍ବେ ମୁକ୍ତ ମଞ୍ଚହିଁ ଯାତ୍ରା । ବର୍ତ୍ତମାନ ମୁକ୍ତ ମଞ୍ଚ ଉନ୍ନତ ଓ ମିଶାମିଶି । ସଂସ୍କୃତି, କଳା ସାମାଜିକକ୍ଷେତ୍ରରେ ବିଶ୍ୱସ୍ତରରେ ଦିନକୁ ଦିନ ଅନେକ ବଦଳୁଛି । ସେ ଦୃଷ୍ଟିରୁ ବର୍ତ୍ତମାନ ଯାତ୍ରା ପ୍ରଦର୍ଶନ ଶୈଳୀ ବଦଳିଛି , ଏହା ସ୍ୱାଗତଯୋଗ୍ୟ । ପୂର୍ବେ ଯାତ୍ରାରେ ବିନା ମାଇକ, ପେଟ୍ରୋମାକ୍ସ ଲାଇଟରେ ଅଭିନେତା ଅଭିନେତ୍ରୀଙ୍କର ଅଭିନୟ ଓ ସଂଳାପର ଦକ୍ଷତା ଆଧୁନିକ ଯାତ୍ରାରେ ଦେଖିବାକୁ ମିଳୁନାହିଁ । ସେତେବେଳେ ସାଧାରଣତଃ ଐତିହାସିକ, ପୌରାଣିକ କିଛି କିଛି ସାମାଜିକ ନାଟକ ଯାତ୍ରାରେ ମଞ୍ଚସ୍ଥ କରାଯାଉଥିଲା । ଦର୍ଶକ ଦର୍ଶିକା ମନ୍ତ୍ରମୁଗ୍ଧ ହୋଇ ଉପଭୋଗ କରୁଥିଲେ । ଆଜିକାଲି ଯାତ୍ରାରେ ରେକର୍ଡ଼ ଡ୍ୟାନ୍ସ ବିଶେଷତଃ ଝିଅମାନଙ୍କର ଅଶ୍ଳୀନ ନୃତ୍ୟ ସମାଜକୁ ଓଡ଼ିଆ ଅସ୍ମିତାର ଭିନ୍ନ ସନ୍ଦେଶ ଦେଉନାହିଁ କି ?

ଅ.ଦ୍ୱି : ଗଣକବି ଜଗନ୍ନାଥ ପାଣିଙ୍କୁ ବିଲୁପ୍ତ ସ୍ଥିତିରୁ ଉଦ୍ଧାର କରାଗଲା । ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଲୋକନାଟ୍ୟ କ୍ଷେତ୍ରକୁ ସେ ଶିଖରରେ ଉପନୀତ କରାଇଥିଲେ । ତାଙ୍କ ଦ୍ୱାରା ଆପଣ କେତେ ପ୍ରଭାବିତ ହୋଇଛନ୍ତି ?

ବା.ସି : ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଗଣକବି ଜଗନ୍ନାଥ ପାଣି ସୁଆଙ୍ଗ ତାମସା ଯୁଗକୁ ଗୀତିନାଟ୍ୟ ଯୁଗରେ ପରିବର୍ତ୍ତନ କରିବାର ଶ୍ରେୟ ନେବେ । ବୈଷ୍ଣବ ପାଣି, ସନାତନ ପାଳ, ଜଗତସିଂହପୁରର କିଛି ଗୀତିନାଟ୍ୟ କଳାକାର ଗଣକବିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶାର ନାଟ୍ୟ ଜଗତକୁ ଏକ ସମୃଦ୍ଧ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । କହିବାକୁ ମୋର ଦ୍ୱିଧା ନାହିଁ ଯେ ଏ ହତଭାଗା ଗଣକବି ବୈଷ୍ଣବ ପାଣିଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇନାହିଁ

ଅ.ଦ୍ୱି: ଚଳଚ୍ଚିତ୍ର ଓ ମଞ୍ଚ ଜଗତ ସଂପୂର୍ଣ୍ଣ ଭିନ୍ନ । କାରଣ ଚଳଚିତ୍ର ଜଗତରେ ଯେଉଁ ଚାକ୍ୟଚକ୍ୟ ରହିଛି ତାହା ମଂଚ ଦୁନିଆରେ ଦେଖିବାକୁ ମିଳେନାହିଁ । ଆପଣ ଚଳଚିତ୍ର ପ୍ରତି କେବେ ଆଗ୍ରହ ପ୍ରକାଶ କରିଛନ୍ତି ?

ବା.ସି : ମୁଁ ପିଲାଦିନରୁ ମଂଚକୁ ଭଲପାଇଛି- ମୁକ୍ତ ମଞ୍ଚ ହେଉ ବା ଥିଏଟର ମଂଚ ହେଉ । ଚଳଚ୍ଚିତ୍ର ଜଗତ ଯେତେ ଚାକ୍ୟଚକ୍ୟରେ ଭରପୂର ହେଲେହେଁ ମଞ୍ଚର ସନ୍ତୋଷ , ସେଥିରେ ନାହିଁ । ଚଳଚ୍ଚିତ୍ରରେ କେବଳ ଛବି ଦେଖାଯାଏ, ସଂଗୀତ ଶୁଣାଯାଏ, କେତେବେଳେ କ୍ୟାମେରାରେ କଟାକଟି କରି ଭୁଲକୁ ସଂଶୋଧନ କରାଯାଏ । କିନ୍ତୁ ମଞ୍ଚରେ ସିଧାସଳଖ ଜନସାଧାରଣଙ୍କୁ ସାମ୍ନା କରିବାକୁ ହୁଏ । ତାଙ୍କ ସହିତ ମଂଚରେ ରହି ସାମିଲ ହେବା ଏକ ନିଆରା ଅନୁଭୂତି ଓ କଳାପ୍ରତି ସାଧନା ଓ ସମର୍ପଣ । ତେବେ 'ଇସ୍କ

ତୁ ହି ତୁ' ସିନେମାରେ କିଛି ଅଂଶରେ ମୋଗଲ ତାମସା ପ୍ରଦର୍ଶନ କରାଯାଇଥିଲା ଓ ମୁଁ ଅଳ୍ପ ସମୟ ପାଇଁ ହେଲେ ମଧ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲି ।

ଅ.ଦ୍ୱି: ଆପଣଙ୍କ ଜୀବନର ସୁଖଦ ମୂହୁର୍ତ୍ତ ଏବଂ ଅବଶୋସ ସଂପର୍କରେ କିଛି ସୂଚନା ଦିଅନ୍ତୁ ।

ବା.ସି : ମୁଁ ସୁଖ ଓ ଦୁଃଖକୁ ସମାନ ଭାବେ ଦେଖେ । ଦୁଃଖରେ ଭାଙ୍ଗିପଡ଼ି ନାହିଁ କି ମୋର କିଛି ଅବଶୋସ ନାହିଁ । ସୁଖରେ ଉଲ୍ଲସିତ ହେବା ନାହିଁ , ଅହଙ୍କାର କରିବାର ନାହିଁ । ମୋ ଜୀବନରେ ସୁଖଦ ମୂହୁର୍ତ୍ତ ଓ ଅବଶୋସ ବିଷୟରେ କେବେ ଚିନ୍ତା କରିନାହିଁ । ଦୁଇଟି ଅନ୍ଧାର ଭିତରେ ମୋର ଜନ୍ମ । ମାତୃ ଗର୍ଭରେ ଥିଲି ଅନ୍ଧାରରେ, ପୁଣି ଦେହରୁ ଆତ୍ମା ଚାଲିଗଲା ପରେ ଅନ୍ଧାର । ମଝି ସମୟଟା ଗୋଟେ ପରିଚୟ । କିଛି ସମୟ ପାଇଁ ସୁଖ ଆସିବ, ଦୁଃଖ ଆସିବ ସେ ବିଷୟରେ ଆମ୍ଭେ ଭାବିବା କାହିଁକି ?

ପ୍ରଶ୍ନ : ଆପଣ କେଉଁଭଳି ସାମଜର ସ୍ୱପ୍ନ ଦେଖନ୍ତି ଏବଂ ତାହା କେବେ ସମ୍ଭବ ହେବ କି ?

ବା.ସି- ପିଲାବେଳେ ଯେଉଁ ସମାଜ ଦେଖିଥିଲି ଅବିକା ବହୁ ପରିବର୍ତ୍ତନ ହୋଇଛି । ଆମ୍ଭ ଗୋସୁବାପାମାନେ ଆଣ୍ଠୁ ଉପରକୁ ଧୋତିଟିଏ, ଦେହରେ ଖଣ୍ଡେ ଗାଗୁଛା କିମ୍ବା ଚଦରଟିଏ ପକାଇଥାନ୍ତି । ଏବେ କଣ ଆମ୍ଭେ ତାକୁ ଗ୍ରହଣ କରିପାରିବା ? ବିଶ୍ୱ ସମୁଦାୟ ସାମାଜିକ, ରାଜନୈତିକ ଓ ସଂସ୍କୃତି କ୍ଷେତ୍ରରେ ଦିନକୁ ଦିନ ବଦଳୁଛି । ଏମିତି ସମାଜର ମୁଁ ସ୍ୱପ୍ନ ଦେଖେ, ବଙ୍ଗଳା କବି - D.L. Ray ଙ୍କ ଭାଷାରେ - ' ଭାଏର ମାଏର ଏମନ ସ୍ନେହ, କୋଥାଏ ଗେଲେ ପାବେ କେଉ' ଯୁଦ୍ଧ, ରକ୍ତପାତ, ଧର୍ମ ଧର୍ମ ମଧ୍ୟରେ ଅସହିଷ୍ଣୁତା, ପରସ୍ପର ପ୍ରତି ହିଂସାଭାବ ତାଙ୍କୁ ବର୍ତ୍ତମାନ ଭୁଲ୍ ପ୍ରମାଣିତ କରିଛି । ମୁଁ ଏମିତି ଏକ ସମାଜର ସ୍ୱପ୍ନ ଦେଖେ ଯେଉଁଠି ଯୁଦ୍ଧ ନ ଥିବ, ରକ୍ତପାତ ନ ଥିବ ବିଭିନ୍ନ ଧର୍ମାବଲମ୍ବୀମାନଙ୍କର ପରସ୍ପର ପ୍ରତି ସୌହାର୍ଦ୍ଦ୍ୟ ଥିବ ଏବଂ ସମଗ୍ର ବିଶ୍ୱ ଗୋଟିଏ ପରିବାର ହୋଇଥିବ । ବର୍ତ୍ତମାନର ବିଶ୍ୱ-ରାଜନୈତିକ ସ୍ଥିତି ଅନୁଯାୟୀ ତାହା ନିକଟରେ ସମ୍ଭବ ନୁହେଁ , ହୁଏତ କେବେ ବି ସମ୍ଭବ ହୋଇ ନ ପାରେ ।

❑❑❑

ପ୍ରବନ୍ଧ ସ୍ୱତନ୍ତ୍ର

ଓଡ଼ିଶା ସଂସ୍କୃତି: ପ୍ରେମ ଓ କରୁଣା



ଡ. ଗୌରହରି ଦାସ
ଅନୁଭବ, ୩୭୮ ବରମୁଣ୍ଡା ଗାଁ
ଭୁବନେଶ୍ୱର- ୭୫୧୦୦୩
ଫୋନ୍ - ୯୪୩୭୦୭୭୨୮୮
E-mail : gourahari60@gmail.com

“ ବିଦେଶୀ ଅଧିକାରୀମାନଙ୍କ ଭିନ୍ନ ଭିନ୍ନ ମନ୍ତବ୍ୟ ଭିତରେ ଗୋଟିଏ କଥା ସ୍ପଷ୍ଟ ଯେ ଓଡ଼ିଆମାନଙ୍କର ଉଚ୍ଚାଭିଳାଷ ନାହିଁ, ସେମାନେ ଅଳ୍ପକେ ସନ୍ତୁଷ୍ଟ । ହିଂସା ଓ ରକ୍ତପାତ ପ୍ରତି ସେମାନଙ୍କର ଅନ୍ତରର ସମର୍ଥନ ରହି ନ ଥାଏ । ସେମାନେ ଦୟାକୁ ଓ କ୍ଷମାଶୀଳ । ”

ବିବର୍ତ୍ତନବାଦ (Theory of Evolution) ତତ୍ତ୍ୱର ଭାଷ୍ୟକାର ଚାର୍ଲସ ରବର୍ଟ ଦାରୱିନ (୧୮୦୯-(୧୮୮୨) ଙ୍କର ଯେଉଁ ବାକ୍ୟଟି ସବୁଠାରେ ବ୍ୟବହୃତ ହୋଇଥାଏ ତାହାହେଲା- Survival of the fittest ବା ବୀରଭୋଗ୍ୟା ବସୁନ୍ଧରା । ଏହି ବାକ୍ୟାଂଶ ‘ସର୍ଭାଇଭାଲ ଅଫ ଦ ଫିଟେଷ୍ଟ’କୁ ସେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ‘ଅନ ଦ ଅରିଜିନ ଅଫ ସ୍ପିସିଜ’ର ପଞ୍ଚମ ସଂସ୍କରଣରେ ବ୍ୟବହାର କରିଥିଲେ ଯାହା ସେ ଦାର୍ଶନିକ ରବର୍ଟ ସ୍ପେନସରଙ୍କ ପ୍ରବନ୍ଧରୁ ଉଧାର ନେଇଥିଲେ । ତେବେ ‘ବୀରଭୋଗ୍ୟା ବସୁନ୍ଧରା’ ପରି ଆପ୍ତବାକ୍ୟର ପ୍ରଣେତା ଦାରୱିନ୍‌ଙ୍କର ଆଉ ଗୋଟିଏ ବହି ସମ୍ବନ୍ଧରେ ପ୍ରାୟ ବେଶି ଚର୍ଚ୍ଚା ହୁଏ ନାହିଁ । ସେଇଟି ଦାରୱିନଙ୍କ ପରଲୋକର ଏଗାର ବର୍ଷ ପୂର୍ବରୁ

ପ୍ରକାଶ ପାଇଥିଲା । ଦାରୱିନଙ୍କର ବହିଗୁଡ଼ିକ ଭିତରେ ସବୁଠାରୁ କମ୍ ଲୋକପ୍ରିୟ ଏ ବହି 'The Descent of Man and Selection in Relation to Sex' ରେ ଲେଖକ ଏଭଳି କିଛି କଥା ଲେଖିଥିଲେ ଯାହା ତାଙ୍କର ଲୋକପ୍ରିୟ ତତ୍ତ୍ୱର ବିରୋଧୀ । ପ୍ରତିଯୋଗିତାର ଏହି ପୃଥିବୀରେ ବଳଶାଳୀ, ନିର୍ମମ ଏବଂ ସ୍ୱାର୍ଥପର ମଣିଷ ହିଁ ସବୁବେଳେ ଆଗକୁ ଯିବ- ଏ ପ୍ରକାର ତତ୍ତ୍ୱଠାରୁ ଅଲଗା ଥିଲା ସେହି ତତ୍ତ୍ୱ । ଗୋଟିଏ ବାକ୍ୟରେ କହିଲେ ତାହା ହେବ 'Survival of the kindest' ସର୍ଭାଇଭାଲ ଅଫ ଦ ଫିଟେଷ୍ଟ ନୁହେଁ ସର୍ଭାଇଭାଲ ଅଫ ଦ କାଇଣ୍ଡେଷ୍ଟ ବା ବୀରଭୋଗ୍ୟ ବସୁନ୍ଧରା ନୁହେଁ 'କାରୁଣିକ ଭୋଗ୍ୟା ବସୁନ୍ଧରା' ହେଉଛି ସେ ବହିଟିର ନିର୍ଯାସ । ୨୦୧୦ ମସିହାରେ ପଲ୍ ଏକମାନ୍ ନାମକ ଜଣେ ବିଦ୍ୱାନ୍ 'ସର୍ଭାଇଭାଲ ଅଫ ଦ କାଇଣ୍ଡେଷ୍ଟ' ଶୀର୍ଷକ ପ୍ରବନ୍ଧରେ ଦାରୱିନଙ୍କ ସମ୍ବନ୍ଧରେ ଆଉ କେତୋଟି କଥା ଉଲ୍ଲେଖ କରିଥିଲେ । ୧୮୩୩ ମସିହାରେ ଦାର୍ଶନିକ ଡାଭିଡ଼ ହ୍ୟୁମଙ୍କର 'Enquiry Concerning the Principles of Morals' ପଢ଼ିବାପରେ କରୁଣା, ପରୋପକାରିତା ଏବଂ ନୈତିକତା ସମ୍ବନ୍ଧରେ ଦାରୱିନ୍‌ଙ୍କର ଦୃଷ୍ଟିଭଙ୍ଗୀ କିପରି ପ୍ରସାରିତ ହୋଇଥିଲା ସେକଥା ପଲ୍ ଏକମାନ୍ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ । ଡାଭିଡ଼ ହ୍ୟୁମ ସହାନୁଭୂତିକୁ ମଣିଷ ଜୀବନର ଅସ୍ତିତ୍ୱର କେନ୍ଦ୍ରରେ ଉପସ୍ଥାପନ କରିଥିଲେ । ସେ ଲେଖିଥିଲେ ଆମ ଛାତି ତଳେ ଯେତେ ସଂକ୍ଷିପ୍ତ ହେଲେ ମଧ୍ୟ ସହାନୁଭୂତିର ଧାରାଟିଏ ରହିଛି, ଆମ ଚରିତ୍ରର ହେଟାବାଘ ଓ ବିଷଧର ସର୍ପମେଳରେ ସୁଦ୍ଧା କରୁଣାର କପୋତଟିଏ ରହିଛି, ମଣିଷ ଜାତି ସହ ବନ୍ଧୁତା ବାନ୍ଧିବାର ଆଗ୍ରହ ରହିଛି ଆମ ଭିତରେ । (There is some benevolence, however small, infused into our bosom; some spark of friendship for humankind, some particle of the dove kneaded in our frame, along with the element of the wolf and the serpent.) । ଚାର୍ଲସ ଦାରୱିନ୍ ତାଙ୍କ ଗ୍ରନ୍ଥ 'ଦ ଡିସେଣ୍ଟ ଅଫ ମ୍ୟାନ ଆଣ୍ଡ ସିଲେକ୍ଟନ ଇନ ରିଲେସନ ଟୁ ସେକ୍ସ'ର ଚତୁର୍ଥ ପରିଚ୍ଛେଦ "Comparison of the Mental Powers of Man and the Lower animals" ରେ ଏହି କରୁଣା ଓ ସହାନୁଭୂତି ପ୍ରସଙ୍ଗରେ ଆଲୋଚନା କରି ଦର୍ଶାଇ ଥିଲେ ଯେ ଏଇ ଗୁଣଯୋଗୁଁ ସାଧାରଣ ମଣିଷଟିଏ ତା ନିଜର ପରିଚିତ ଓ ପରିସରର ଲୋକଙ୍କ ସହାୟତାପାଇଁ ଆଗେଇ ଆସୁଥିବାବେଳେ ଉଚ୍ଚ ନୈତିକତା ସଂପନ୍ନ ବ୍ୟକ୍ତିମାନେ ବୃହତ୍ତର ଜଗତର ଉପକାର ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଦେଇଥାଆନ୍ତି ।

୨୦୧୯ ମସିହା ଜାନୁଆରି ୧୮ ତାରିଖରେ ଇଣ୍ଡିଆନ ଏକ୍ସପ୍ରେସରେ ବିଖ୍ୟାତ ଲେଖକ ଶ୍ରୀ ମନୋଜ ଦାସଙ୍କର ଲେଖାଟିଏ ବାହାରିଥିଲା । ସେଥିରେ ସେ ୨୦୧୯ ଜାନୁଆରି ୨ ରେ ହୁକିଟୋଲାରେ ଘଟିଥିବା ଏକ ନୌକା ଡୁବି ସଂପର୍କରେ ଲେଖିଥିଲେ ।

ପ୍ରାୟ ୫୦ ଜଣ ଯାଉଥିବା ସେଇ ନୌକା ବୁଡ଼ିଯିବରୁ ୧୦ ଜଣ ବୁଡ଼ିଯାଇଥିଲେ । ୪୦ ଜଣଙ୍କୁ ଗ୍ରାମବାସୀ ଉଦ୍ଧାର କରିଥିଲେ ଯାହାର ନେତୃତ୍ୱ ନେଇଥିଲେ ଦୁଇଟି କିଶୋରୀ ସବିତା ଓ ପୂର୍ଣ୍ଣିମା । ସନ୍ଧ୍ୟାର ଅନ୍ଧାର ଓ ଜାନୁଆରି ଶୀତ, ଅଣ୍ଡାପାଣିକୁ ଭ୍ରୁକ୍ଷେପ ନକରି ସେ ଦିହେଁ ପାଣିକୁ ଡେଇଁ ପଡ଼ିଥିଲେ ଓ ଜଣକ ପରେ ଜଣେ କରି ୧୩ ଜଣଙ୍କୁ ଉଦ୍ଧାର କରି କୂଳକୁ ଆଣିବାପରେ ଗ୍ରାମବାସୀ ଆସି ପହଞ୍ଚିଥିଲେ । ଶ୍ରୀ ମନୋଜ ଦାସ ସେଦିନ ଭୁବନେଶ୍ୱରରେ ଥିବାରୁ ଏ ବିଷୟରେ ବିଷଦ ବିବରଣୀ ବୁଝିଥିଲେ । ସବିତା ଓ ପୂର୍ଣ୍ଣିମା କୌଣସି ତାଲିମପ୍ରାପ୍ତ ସନ୍ତରଣକାରୀ ନଥିଲେ, ସେମାନେ ଏପରି ସାହସିକ କାର୍ଯ୍ୟ ବିଷୟରେ ଆଗରୁ କାହାଠୁ କିଛି ଶୁଣିନଥିଲେ ବା ଯଶଖ୍ୟାତି ପାଇବାର କୌଣସି ଅଭିଶେଷ ତାଙ୍କର ନଥିଲା । ଏ କ୍ଷେତ୍ରରେ, ଅଞ୍ଚଳ ନଈ, ବରଫଥଣ୍ଡା ପାଣି ଓ ଅକୁଳାଣ ସହଯୋଗ ଭିତରେ ଯାହା ସେମାନଙ୍କୁ ଅନୁପ୍ରେରିତ କରିଥିଲା ତାହା ହେଉଛି- କରୁଣା । ଶ୍ରୀ ଦାସ ଲେଖିଥିଲେ- ମଣିଷର ଚରିତ୍ର ସମ୍ବନ୍ଧରେ ସବୁ ପ୍ରକାର ପ୍ରୟେତ୍ନୀୟ ବିଶ୍ଳେଷଣ ସତ୍ତ୍ୱେ ଏକଥା ପ୍ରମାଣିତ ଯେ ମଣିଷର ଅନ୍ତର ଭିତରେ କରୁଣାର ଉତ୍ସଟିଏ ସବୁବେଳେ ରହିଆସିଛି । ସେ ତାଙ୍କ ପ୍ରବନ୍ଧରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ବର୍କଲେର ପ୍ରଫେସର ଡାଚେର କୋଟନରଙ୍କ (Prof. Dacher Ketner) ଗବେଷଣାକୁ ଉଦ୍ଧାର କରି ଉଲ୍ଲେଖ କରିଥିଲେ-"Compassion is deeply rooted in our brains, our bodies, and in the most basic ways we communicate, ମଣିଷ ଯଦି ବାହାରର ଦୁଷ୍ପଭାବରୁ ନିଜକୁ ମୁକ୍ତ କରିପାରିବ ତାହାହେଲେ କରୁଣାର ଏହି ଉତ୍ସ ସୁରକ୍ଷିତ ରହିବ । ଏହି ପ୍ରବନ୍ଧର ଶୀର୍ଷକ ଥିଲା (The instinct of compassion is still alive).

ଭାରତୀୟ ମହାକବି ବାଲ୍ମୀକିଙ୍କ ରାମାୟଣର ପ୍ରଥମ ଶ୍ଲୋକ ରଚନାର ପୃଷ୍ଠଭୂମି ସମ୍ପର୍କରେ ଆମେମାନେ ପଢ଼ିଛନ୍ତି । ତମସା ନଦୀକୁ ସ୍ନାନ ଉପଲକ୍ଷରେ ଯାଉଥିବା ଋଷି-କବି ଦେଖିଲେ ଯେ ତାଙ୍କ ଆଗରେ ଶରାହତ କ୍ରୌଞ୍ଚ (ବଗ) ଟିଏ ରକ୍ତ ଜୁଡୁବୁଡୁ ହେଇ ତଳେ ପଡ଼ିଗଲା । ଏହି ପୁରୁଷ କ୍ରୌଞ୍ଚଟି ଟିକକ ଆଗରୁ ନାରୀ କ୍ରୌଞ୍ଚ ସହ ମିଳନରତ ଥିଲା । ଏ ପ୍ରକାର ମୋହିତ ଓ ଅପ୍ରସ୍ତୁତ ଅବସ୍ଥାରେ ଥିବା ପକ୍ଷୀଟିକୁ ହତ୍ୟା କରାଯାଇଥିବା ଦେଖି ବାଲ୍ମୀକି ସ୍ତବ୍ଧ ହୋଇ ପଡ଼ିଲେ । ତାଙ୍କର ସେହି ମାନସିକ ସଂଘାତ ଓ କ୍ଷଣକାଳର ସ୍ତବ୍ଧତା ରାମାୟଣ ରଚନାର ସୂତ୍ରପାତ କଲା । ସେ ଲେଖିଲେ-

'ମା ନିଷାଦ ପ୍ରତିଷ୍ଠା ତ୍ୱମଗମଃ ଶାଶ୍ୱତୀ ସମାଂ
ଯତ୍ କ୍ରୌଞ୍ଚ ମିଥୁନାଦେକମ୍ ଅବଧୀ କାମ ମୋହିତମ୍ ।'

"ହେ ନିଷାଦ, ପ୍ରେମରତ ଏହି ପକ୍ଷୀଦମ୍ପତିଙ୍କ ମଧ୍ୟରୁ ଜଣକୁ ହତ୍ୟା କରିଥିବା ଅପରାଧ ଯୋଗୁଁ କାଳକାଳକୁ ତୁମେ ଲୋକଙ୍କ ଚକ୍ଷୁରେ ନିନ୍ଦିତ ହେଉଥିବ; ତୁମକୁ କୌଣସିଠାରେ କିଛିହେଲେ ପ୍ରତିଷ୍ଠା ମିଳିବ ନାହିଁ ।'" ମହାକବି ବାଲ୍ମୀକିଙ୍କୁ ଆଲୋଡ଼ିତ

କରିଥିବା ଏଇ ଘଟଣା ପଛର ବଡ଼ କାରଣ ହେଲା କବିଙ୍କ ହୃଦୟର କରୁଣା ଏବଂ ପ୍ରେମ ପ୍ରତି ଶ୍ରଦ୍ଧାଶୀଳ ଦୃଷ୍ଟିଭଙ୍ଗୀ । ପ୍ରେମ ଓ କରୁଣା ହିଁ ମହାକାବ୍ୟ 'ରାମାୟଣ' ରଚନାର ମୂଳଦୁଆ ।

ଏହି ପ୍ରେମ ଓ କରୁଣା ହିଁ ଓଡ଼ିଶା ସଂସ୍କୃତିର ମୂଳଦୁଆ । ଏହାର ସାହିତ୍ୟ, ସଂଗୀତ, ସମାଜଜୀବନ ଏପରିକି ଲୋକସଂସ୍କୃତିରେ ଏହାର ପରିଚୟ ମିଳିଥାଏ । ଓଡ଼ିଶାର ସଂସ୍କୃତି ଏହି କଥା କହେ ଯେ ମାଂସପେଶୀର ବଳ ନୁହେଁ, ହୃଦୟର ପ୍ରେମ ଆଉ କରୁଣା ବଳରେ ଜଗତ ଜିଣାଯିବା ସମ୍ଭବ । ବଳଶାଳୀ ରହିବ ନାହିଁ ଚିରକାଳ ଏ ସମାଜରେ, ରହିବ କାରୁଣିକ ଆୟୁଷ୍ମାନ୍ ହୋଇ । ଭାରତର ବିଭିନ୍ନ ରାଜ୍ୟଭିତରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର । କେବଳ ସାଧାରଣ ଭାବରେ ଏହାର ସମାଜ ଓ ଲୋକଚରିତ୍ର ଉପରେ ଦୃଷ୍ଟି ବୁଲାଇ ଆଣିଲେ ଜଣା ପଡ଼ିଯାଏ ଯେ, ଏହି ଜାତି ଆପାତତଃ ଏକ ସହିଷ୍ଣୁ, ମଧ୍ୟମପନ୍ଥୀ, ହିଂସାରକ୍ତପାତ ଓ ଜାତିଆଣ ବିରୋଧକୁ ଅନୁମୋଦନ କରୁ ନ ଥିବା ଶାନ୍ତପ୍ରିୟ ଜାତି । ଭାରତବର୍ଷର ଜାତିଆଣ ଓ ସାଂପ୍ରଦାୟିକ ରାଜନୀତି ଓଡ଼ିଶାକୁ ଏଯାବତ୍ ସଂପୂର୍ଣ୍ଣ ପ୍ରଭାବିତ କରିପାରିନାହିଁ । ଅନ୍ୟପକ୍ଷରେ ଭୌତିକ ଭୋଗ ବିଳାସ, ପ୍ରାଚୁର୍ଯ୍ୟ ଏବଂ ଯେନତେନ ପ୍ରକାରେଣ ସଂପତ୍ତି ଅର୍ଜନର ମହତ୍ୱାକାଂକ୍ଷାଠାରୁ ସୁଦ୍ଧା ଓଡ଼ିଆଏ ନିରାପଦ ଦୂରତାରେ ରହିଥିବା ଜଣାପଡ଼େ । ଏଥିପାଇଁ ଅବଶ୍ୟ ଏହି ଜାତିକୁ ମହତ୍ୱାକାଂକ୍ଷାହୀନ, ଅଳସୁଆ ଏବଂ ଅଳ୍ପେ ସନ୍ତୁଷ୍ଟ ପରି ଅଭିଯୋଗ ଶୁଣିବାକୁ ପଡ଼ିଅଛି । ବାଲେଶ୍ୱର ଗେଜେଟିଆରର ପ୍ରଣେତା ଏଲ. ଏସ୍. ଏସ. ଓ ମାଲେ ୬– The Oriya has long had an unenviable reputation as weak, effeminate and stupid creature; and early writers almost all condemn them." ଏଠାରେ ଓ ମାଲେ ଷ୍ଟର୍ଲିଂ ଏବଂ ତାଙ୍କ ସମସାମୟିକ ବ୍ରିଟିଶ ଅଧିକାରୀଙ୍କ ମନ୍ତବ୍ୟ ଆଧାରରେ ଏପ୍ରକାର କଥା ଲେଖିଛନ୍ତି । ତେବେ ସେହି ଓ'ମାଲେ ମଧ୍ୟ ଅନ୍ୟତ୍ର ଉଲ୍ଲେଖ କରିଛନ୍ତି ଯେ ଶହଶହ ବର୍ଷର ପରାଧୀନତା, ଅରାଜକତା ଏବଂ ଶୋଷଣ ଭିତରେ ସୁଦ୍ଧା ଓଡ଼ିଆ ଜାତି ଯେଉଁଭଳି ମୁଣ୍ଡଟେକି ଠିଆହୋଇ ରହିଛି ତାହା ଉଣା ଗୌରବର ବିଷୟ ନୁହେଁ । ଏହି ବିଦେଶୀ ଅଧିକାରୀମାନଙ୍କ ଭିନ୍ନ ଭିନ୍ନ ମନ୍ତବ୍ୟ ଭିତରେ ଗୋଟିଏ କଥା ସ୍ପଷ୍ଟ ଯେ ଓଡ଼ିଆମାନଙ୍କର ଉଚ୍ଚାଭିଳାଷ ନାହିଁ, ସେମାନେ ଅଳ୍ପକେ ସନ୍ତୁଷ୍ଟ । ହିଂସା ଓ ରକ୍ତପାତ ପ୍ରତି ସେମାନଙ୍କର ଅନ୍ତରର ସମର୍ଥନ ରହି ନ ଥାଏ । ସେମାନେ ଦୟାକୁ ଓ କ୍ଷମାଶୀଳ । ଓଡ଼ିଶାର ଏହି ସଂସ୍କୃତି ନିର୍ମାଣରେ ଜୈନ ଓ ବୌଦ୍ଧଧର୍ମର ଗଭୀର ପ୍ରଭାବ ରହିଅଛି । ଜୈନଧର୍ମ ଓ ବୌଦ୍ଧଧର୍ମ ମଧ୍ୟରେ ସଂପର୍କ ବେଶ୍ ସ୍ପଷ୍ଟ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରି ଆଲୋଚକ ମତ ଦିଅନ୍ତି ଯେ ବୌଦ୍ଧଧର୍ମ ହେଉଛି ଜୈନ ଧର୍ମର ଏକ ସଂସ୍କୃତ ପ୍ରକାଶ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ପାଖରୁ ଷୋଡ଼ଶ ଶତାବ୍ଦୀ ଦୀର୍ଘ ଏକ ହଜାର ବର୍ଷରୁ ଊର୍ଦ୍ଧ୍ୱ କାଳ ଓଡ଼ିଶାରେ

ବୌଦ୍ଧଧର୍ମର ପ୍ରଭାବ ରହିଥିଲା । ଓଡ଼ିଶାରେ ହୀନଯାନ, ମହାଯାନ, ବଜ୍ରଯାନ ବା ସହଜଯାନ ସବୁ ମାର୍ଗର ବୌଦ୍ଧମାନେ ଧର୍ମପ୍ରଚାର କରିଥିଲେ । ଭୌମକର ରାଜାମାନଙ୍କର ଦୁଇଶହ ବର୍ଷର ଶାସନକାଳରେ ବୌଦ୍ଧଧର୍ମ ପୁଣି ରାଜଧର୍ମରେ ପରିଣତ ହୋଇଥିଲା । ଷଷ୍ଠ ଶତାବ୍ଦୀରେ ଓଡ଼ିଶା ଆସିଥିବା ଚୀନ ପରିବ୍ରାଜକ ହୁଏନସାଂ ଏହି ଭୂଖଣ୍ଡରେ ହିନ୍ଦୁଧର୍ମ ଓ ବୌଦ୍ଧଧର୍ମ ଉଭୟର ଚମତ୍କାର ସହାବସ୍ଥାନ ଦେଖି ମୁଗ୍ଧ ହୋଇଥିଲେ । ବୌଦ୍ଧ ଭିକ୍ଷୁକ ମାନଙ୍କର ଏହି ପରଂପରା ଏବେ ଲୋପ ପାଇଯାଉଥିବା ଚକୁଳିଆ ପଣ୍ଡାଙ୍କ ମଧ୍ୟରେ ଆମେ ଦେଖିଥାଉ । ଭୀମଭୋଇଙ୍କ ମହିମାଧର୍ମ ବୌଦ୍ଧଧର୍ମର ଆଉ ଏକ ରୂପ, ଯାହାର ପ୍ରଭାବ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଡକ୍ଟର ମାୟାଧର ମାନସିଂହ ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ'ରେ ଉଲ୍ଲେଖ କରିଛନ୍ତି, "ଶତାବ୍ଦୀ ଶତାବ୍ଦୀ ଧରି ନାନା ଧର୍ମୀୟ ପରିବର୍ତ୍ତନ ଭିତରେ ଉତ୍କଳୀୟ ଜନତାର ଜାତୀୟ ଧର୍ମବିଶ୍ୱାସ ମୂଳତଃ ରହିଯାଇଛି ବୌଦ୍ଧ । ଓଡ଼ିଆ ସାହିତ୍ୟରେ ୭ମ-୯ମ ଶତାବ୍ଦୀରେ ରଚିତ ବୌଦ୍ଧ କବିତାବଳୀଠାରୁ ଏପର୍ଯ୍ୟନ୍ତ, ମହାଯାନୀ ବୌଦ୍ଧତତ୍ତ୍ୱ ଓ ନାଥ ସଂପ୍ରଦାୟର ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱର ଆମେ ବାରମ୍ବାର ସମ୍ମୁଖୀନ ହେବା । ଭିନ୍ନ ଭିନ୍ନ କାଳରେ ଯେକୌଣସି ଧର୍ମବାଦ ପ୍ରଭାବଶାଳୀ ହେଉନା କାହିଁକି, ଓଡ଼ିଆ ଜନତାର ଚେତନାରୁ ବୌଦ୍ଧ-ପ୍ରଭାବ କେବେହେଲେ ଉଭେଇ ଯାଇନାହିଁ ।' ଡକ୍ଟର ମାୟାଧର ମାନସିଂହ ବୁଦ୍ଧଙ୍କର ପ୍ରଭାବ ସାଙ୍ଗକୁ ପଞ୍ଚସଖା ଯୁଗର କବି ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଏବଂ ଅନନ୍ତ ଦାସଙ୍କ ସାହିତ୍ୟ କୃତି ଓଡ଼ିଶାର ସଂସ୍କୃତିର ନିର୍ମାଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କଥା ଦର୍ଶାଇଛନ୍ତି । ତାଙ୍କ ମତରେ ଏହି ପଞ୍ଚସଖା ପ୍ରଦର୍ଶିତ ମାର୍ଗ ବୌଦ୍ଧଧର୍ମ ଅନୁସୃତ ମାର୍ଗର ଅନୁପୂରକ । ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ 'ଏମାନଙ୍କୁ ବୈଷ୍ଣବ ଆଖ୍ୟା ଦିଆଯାଏ ସତ, କିନ୍ତୁ ଏମାନେ ଠିକ୍ ସେହିପରି କାମ କରୁଥିଲେ, ଯେପରି କରିଥାନ୍ତେ ବୁଦ୍ଧଙ୍କର ପ୍ରତ୍ୟକ୍ଷ ଶିଷ୍ୟବର୍ଗ ଓ କାରଣ ପଞ୍ଚସଖା ଯୁଗର କବି-ସଂସ୍କାରକବର୍ଗ ମତବାଦର ସାଧାରଣ ବିଶେଷତ୍ୱ ହେଲା:

୧. ସେମାନେ ପ୍ରତିମାପୂଜାର ବିରୋଧୀ ଥିଲେ । ପ୍ରତିମା ପରିବର୍ତ୍ତେ ଶୂନ୍ୟ ଓ ଆଲୋକଙ୍କ ଧ୍ୟାନ ପ୍ରଚାର କରୁଥିଲେ । ଯଦିଓ ବୁଦ୍ଧ ଜଗନ୍ନାଥଙ୍କ ଦାରୁମୂର୍ତ୍ତି ଓ ନିଜର ଶୂନ୍ୟ-ଅଲେଖ ଭିତରେ କୌଣସି ଭିନ୍ନତା ଦେଖିପାରୁ ନ ଥିଲେ ।

୨. ସେମାନେ ବାହ୍ୟ ଆଚାର ବିଚାର ପ୍ରତି ଓ ବ୍ୟବସାୟୀ ପୁରୋହିତ ସମ୍ପ୍ରଦାୟ ପ୍ରତି ବୀତଶ୍ରଦ୍ଧ ଥିଲେ ।

୩. ସେମାନେ ହିନ୍ଦୁ ଜାତିପ୍ରଥାର ମଧ୍ୟ ବିରୋଧୀ ଥିଲେ, ଯାହା ବୌଦ୍ଧଧର୍ମର ଏକ ମହତ୍ୱପୂର୍ଣ୍ଣ ଲକ୍ଷଣ । ବେଦ-ବେଦାନ୍ତ ପଢ଼ିବା ଓ ବୁଝେଇବାର ଅଧିକାର ଯେ ଶୂଦ୍ରର ମଧ୍ୟ ଅଛି, ସେମାନେ ତାହା ଦାବି କରୁଥିଲେ ।

୪. ସେମାନେ ପଣ୍ଡିତ ଥିଲେ ସୁଦ୍ଧା ଲୋକ-କଲ୍ୟାଣ ଲକ୍ଷ୍ୟରେ ଜନତାର ଭାଷାରେ ହିଁ ପୁସ୍ତକାଦି ଲେଖିଥିଲେ ।

ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'ରେ ଲେଖିଛନ୍ତି, "ଓଡ଼ିଆର ସଭ୍ୟତା ତଥା ସାହିତ୍ୟ କେବଳ ଶୁଷ୍କ ଶୂନ୍ୟସାଧନା ବା ନିର୍ବାଣ ଯୋଗରେ ପର୍ଯ୍ୟବସିତ ବା ପରିସମାପ୍ତ ନୁହେଁ । ନିର୍ବାଣ-ଯୋଗର ମୂଳ ହେଉଛି ସମାଜରେ ବିଶ୍ୱ-ମୈତ୍ରୀର ନିତ୍ୟ ସାଧନା । ସହଜଯାନରେ ଏହାକୁ କରୁଣା ବା ଦୟା କୁହାଯାଏ । ଓଡ଼ିଆର ଶବର ଦେବତା-ଜଗନ୍ନାଥ । ସେ ବିଷ୍ଣୁଙ୍କର ନବମ ଅବତାର- ବୁଦ୍ଧ । ସିଏ ନିର୍ବାଣ-ସାଧନାର ଭୌତିକ ସଙ୍କେତ, ସେଇ ଏକା ବୁଦ୍ଧଙ୍କର ତାତ୍ତ୍ୱିକ ଅବତାର; ବିଶ୍ୱଧର୍ମର ପ୍ରତୀକ ସେଇ ଏକା ଓଡ଼ିଆର ପରମ ଉପାସ୍ୟ । ନୀଳକଣ୍ଠ ଦାସଙ୍କ ଭାଷାରେ- ଧର୍ମରେ ସେଇ, ସମାଜରେ ସେଇ, ସାହିତ୍ୟରେ ସେଇ, ସଂସ୍କୃତିରେ ସେଇ, ଚିନ୍ତାରେ ସେଇ, ଚଳଣିରେ ସେଇ, ସେଇ ଆଦର୍ଶ, ସେଇ ବାସ୍ତବ, ସେଇ ଶୂନ୍ୟ, ସେଇ ପୂର୍ଣ୍ଣ ।

ତ୍ୟାଗ, କରୁଣା ଓ ପ୍ରେମ କିଭଳି ଓଡ଼ିଶାର ସଂସ୍କୃତିକୁ ପରିପୁଷ୍ଟ କରିଛି ତାହାର ବହୁ ଦୃଷ୍ଟାନ୍ତ ଓଡ଼ିଆ ସାହିତ୍ୟରେ ରହିଛି । ଏଠାରେ କେବଳ ତିନି ଚାରିଟିର ଉଦାହରଣ ଦିଆଯାଇପାରେ । ଜଗନ୍ନାଥ ମନ୍ଦିର ନିର୍ମାଣର କିମ୍ବଦନ୍ତୀ ପୃଷ୍ଠଭୂମିରେ ବିପ୍ର ନୀଳାମ୍ବର ଦାସଙ୍କର 'ଦେଉଳତୋଳା' ଏକ ମହତ୍ତ୍ୱପୂର୍ଣ୍ଣ କୀର୍ତ୍ତି । ଏହି କବିତାର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଯେଉଁ ତ୍ୟାଗ ପ୍ରସଙ୍ଗ ବିଶେଷ ଭାବେ ଆଲୋଚିତ ହୋଇଅଛି, ପୂର୍ବରୁ ତାହା ଓଡ଼ିଶାର ଆଦିକବି ସାରଳା ଦାସଙ୍କ ମହାଭାରତର 'ମୂଷଳୀପର୍ବ'ରେ ଚର୍ଚ୍ଚିତ ହୋଇଥିଲେ ମଧ୍ୟ ସେଠାରେ ତାହା ଏତେ ସୁସ୍ପଷ୍ଟ ନ ଥିଲା । ବିପ୍ର ନୀଳାମ୍ବର ଦାସ ତାଙ୍କ ବହିରେ ଏ କଥାଟିକୁ ମର୍ମସ୍ପର୍ଶୀ ଢଙ୍ଗରେ ବର୍ଣ୍ଣନା କରିଛନ୍ତି । ଏହି କାରଣରୁ ''ଏହି କାଳର ରାଶି ରାଶି ଆମ୍ତତତ୍ତ୍ୱ ଆଲୋଚନା ଭିତରେ ଏହି ଛୋଟ ଗାଥାଟି ହୁଏତ ଏକମାତ୍ର ସୃଷ୍ଟି, ଯାହାକୁ ଆମେ ସାହିତ୍ୟ' କହିପାରିବା ।'' (ଓଡ଼ିଆ ସାହିତ୍ୟର ଇତିହାସ- ମାୟାଧର ମାନସିଂହ)

"ରାଜା ଇନ୍ଦ୍ରଦ୍ୟୁମ୍ନ ବିଦ୍ୟାପତିଙ୍କଠାରୁ ସମ୍ବାଦ ପାଇ ସସୈନ୍ୟ ପୂର୍ବ ଉପକୂଳକୁ ଯାତ୍ରାକଲେ, କିନ୍ତୁ ଦେଖାଗଲା ଯେ, ପର୍ବତର ଗୋପନ ସ୍ଥାନରେ ପୂର୍ବର ଉପକୂଳକୁ ରାଜା ଶବରପଲ୍ଲୀ ଅବରୋଧ କରି ବିଶ୍ୱାବସୁକୁ ବନ୍ଦୀ କଲେ । ଶବର କିନ୍ତୁ ନିଜର ନିରପରାଧତା ବ୍ୟକ୍ତ କଲା । ରାଜା ଆକାଶ-ବାଣୀ ଶୁଣିଲେ ଯେ, ଦେବତା ନୀଳମାଧବ (ନୀଳପ୍ରସ୍ତରର କାମ) ରାଜାର ଅହମିକା ଯୋଗୁଁ ଉଭେଇ ଯାଇଛନ୍ତି । ଯଦି ରାଜା ତାଙ୍କ ପାଇଁ ଗୋଟିଏ ଉପଯୁକ୍ତ ଦେବାଳୟ ଗଢ଼ିବେ, ତେବେ ସେ ପୁଣି ଆବିର୍ଭୂତ ହେବେ । ରାଜା ଇନ୍ଦ୍ରଦ୍ୟୁମ୍ନ ସେଥିପାଇଁ ସେଠାରେ ଜଗନ୍ନାଥ ଦେଉଳ ତୋଳାଇଲେ; କିନ୍ତୁ ଦେଉଳ ତ ପ୍ରତିଷ୍ଠା ହେବ । ଉପଯୁକ୍ତ ବ୍ରାହ୍ମଣ କାହାନ୍ତି ? ରାଜା ଭାବିଲେ ଯେ, ବିଷ୍ଣୁଙ୍କ ପାଇଁ ସେ

ଯେଉଁ ବିରାଟ ମନ୍ଦିର ଠିଆ କରାଇଛନ୍ତି, ତାହାକୁ ପ୍ରତିଷ୍ଠା କରିବାକୁ ଏକମାତ୍ର ଯୋଗ୍ୟ ସ୍ୱୟଂ ବ୍ରହ୍ମା । ରାଜା ତେଣୁ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବାକୁ ଗଲେ । ସେତେବେଳେ ବ୍ରହ୍ମା ଧ୍ୟାନରେ ବସିଥିଲେ । ରାଜା କିଛିକାଳ ଅପେକ୍ଷା କଲେ । ଧ୍ୟାନଭଙ୍ଗ ପରେ ବ୍ରହ୍ମା ରାଜାଙ୍କ ଅନୁରୋଧ ରକ୍ଷାକରି ପୃଥିବୀକୁ ଆସି ଇନ୍ଦ୍ରଦ୍ୟୁମ୍ନଙ୍କ ଦେଉଳ ପ୍ରତିଷ୍ଠା କରିବା ପାଇଁ ରାଜିହେଲେ ।

କିନ୍ତୁ ବ୍ରହ୍ମଲୋକରେ ରାଜା ଇନ୍ଦ୍ରଦ୍ୟୁମ୍ନ ଯେଉଁ କିଛିକାଳ ଅପେକ୍ଷା କଲେ, ସେହି କାଳ ଭିତରେ ପୃଥିବୀପୃଷ୍ଠରେ ବହୁ ଯୁଗ ବିତିଯାଇ ଇନ୍ଦ୍ରଦ୍ୟୁମ୍ନ ନିର୍ମିତ ସମଗ୍ର ବିରାଟ ଦେଉଳଟି ବାଲିରେ ପୋତି ହୋଇଯାଇଥିଲା । ଗାଲମାଧବ ନାମଧାରୀ ଏକ ନୂଆ ରାଜା ଦିନେ ଘୋଡ଼ାରେ ବସି ସମୁଦ୍ରକୂଳେ ଯାଉ ଯାଉ ତାଙ୍କର ଘୋଡ଼ା ଝୁଣ୍ଟିଲା । ସେ ଓହ୍ଲାଇ ଦେଖିଲେ ଯେ, ବାଲି ଭିତରୁ ଏକ ଚକ୍ର ଦେଖାଯାଉଛି । ସେ ସେହି ସ୍ଥାନ ଖୋଳାଇଲେ ଓ ଇନ୍ଦ୍ରଦ୍ୟୁମ୍ନ-ନିର୍ମିତ ସମଗ୍ର ଦେଉଳଟି ବାହାରିଲା ଓ ଗାଲମାଧବ ସେ ମନ୍ଦିରର ପ୍ରତିଷ୍ଠା କରିବାକୁ ଗଲାବେଳକୁ ବ୍ରହ୍ମାଙ୍କ ସହିତ ଇନ୍ଦ୍ରଦ୍ୟୁମ୍ନ ଆସି ହାଜର ହେଲେ ଏବଂ ଉଭୟେ ଏ ଦେଉଳ ମୋର ବୋଲି ଦାବି କରିବାକୁ ଲାଗିଲେ । ପୁରୀର ଇନ୍ଦ୍ରଦ୍ୟୁମ୍ନ ପୋଖରୀର ବିରାଟ କୂର୍ମମାନେ ଶେଷରେ ସାକ୍ଷ୍ୟଦେଲେ ଯେ, ଇନ୍ଦ୍ରଦ୍ୟୁମ୍ନ ରାଜା ଦେଉଳ ତୋଳାଇଛନ୍ତି, ସେମାନେ ସେ ଦେଉଳକୁ ପଥର ବୋହି ବୋହି କୂର୍ମ ହୋଇଯାଇଛନ୍ତି ।

ଇନ୍ଦ୍ରଦ୍ୟୁମ୍ନ ତ ଦେଉଳ ଫେରିପାଇଲେ, ବ୍ରହ୍ମା ପ୍ରତିଷ୍ଠା କରିବାକୁ ପ୍ରସ୍ତୁତ; କିନ୍ତୁ ଦେବତା କାହାନ୍ତି ? କାହାର ପ୍ରତିଷ୍ଠା ସେ କରିବେ ? ରାଜା ଇନ୍ଦ୍ରଦ୍ୟୁମ୍ନ ଅଧିଆ ପଡ଼ିଲେ ଓ ଦେବାଦେଶ ପାଇଲେ ଯେ ତହିଁଆରଦିନ ସେ ନିକଟବର୍ତ୍ତୀ ନଦୀମୁହାଣରେ ଏକ ଭାସମାନ କାଷ୍ଠଖଣ୍ଡ ରୂପେ ଦେଖାଦେବେ । ସକାଳେ କାଷ୍ଠଖଣ୍ଡ ଭାସୁଥିବାର ଦେଖାଗଲା; କିନ୍ତୁ ରାଜା ଓ ରାଜାଙ୍କ ସୈନ୍ୟସାମନ୍ତ କେହି ସେ କାଠକୁ ଘୁଞ୍ଚାଇ ପାରିଲେ ନାହିଁ । ରାଜାଙ୍କୁ ଶୂନ୍ୟାଦେଶ ହେଲା ଯେ, ଏତେ ପରିଶ୍ରମ ଦର୍କାର ନାହିଁ; ସେ ଶବର ବିଶ୍ୱାବସୁ ଓ ବ୍ରାହ୍ମଣ ବିଦ୍ୟାପତିଙ୍କୁ ଡାକିଆଣନ୍ତୁ, ଦୁହେଁ ଦୁଇପାଖ ଧରି ଟାଣିନିଅନ୍ତୁ । ସତକୁ ସତ ଦାରୁ ଦେବତା ଆର୍ଯ୍ୟ ଓ ଅନାର୍ଯ୍ୟ ଉଭୟଙ୍କ ସହଯୋଗରେ ଚଳମାନ ହୋଇଉଠିଲେ ।

କିଛିଦିନ ଧରି ମନ୍ଦିର ଭିତରୁ ବଢ଼େଇ କାମ କରୁଥିବାର ଠକ୍ ଠକ୍ ଶବ୍ଦ ଶୁଣାଯାଉଥିଲା; କିନ୍ତୁ କ୍ରମେ ସମ୍ପୂର୍ଣ୍ଣ ନିରବତା ଦେଖାଦେଲା । ରାଣୀ ସନ୍ଦେହ କଲେ ଯେ, ବୁଢ଼ା ବଢ଼େଇଟି ବୋଧହୁଏ ମନ୍ଦିର ଭିତରେ ମରିଗଲାଣି ଏବଂ ରାଜା ଯେତେ ମନା କଲେ ମଧ୍ୟ ସେ ମନ୍ଦିର ଦ୍ୱାର ଖୋଲିଦେଲେ; କିନ୍ତୁ ଦେଖାଗଲା ଯେ ବଢ଼େଇ ନାହିଁ, କେବଳ ଅଧା-ଗଢ଼ା ତିନିଟି ମୂର୍ତ୍ତି ରହିଛି । ସେହି ତିନି ମୂର୍ତ୍ତି ହିଁ ଏବର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ।'

ବାସ୍ତବରେ ଜଗନ୍ନାଥଙ୍କ ପରିକଳ୍ପନା ବହୁଦୃଷ୍ଟିରୁ ଅଭିନବ । ସେ ରାମ ନୁହନ୍ତି ବା କୃଷ୍ଣ ନୁହନ୍ତି ଯଦିଓ ସେସବୁ ଅବତାର ତାଙ୍କ ଉପରେ ଆରୋପିତ ତାଙ୍କର ଅଧାଗଢ଼ା ମୂର୍ତ୍ତି ପୁଣି ସବୁଠୁ ବଡ଼ ଦର୍ଶନର କଥା କହେ- ଅପୂର୍ଣ୍ଣତା ଭିତରେ ପୂର୍ଣ୍ଣତା ହେଉଛି ଜୀବନ। ପୃଥିବୀରେ କୌଣସି କଥା ସଂପୂର୍ଣ୍ଣ ନୁହେଁ, ସବୁ ଅଧାଗଢା, ଅସଂପୂର୍ଣ୍ଣ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ପରି । ଅଥଚ ଏହା ସଂପୂର୍ଣ୍ଣ, ସ୍ୱୟଂ ସଂପୂର୍ଣ୍ଣ ।

ଆମର ଆଲୋଚନା ଦୃଷ୍ଟିରୁ ଯେଉଁ କଥାଟି ଗୁରୁତ୍ୱପୂର୍ଣ୍ଣ ତାହା ହେଲା 'ଦେଉଳତୋଳା'ରେ ପ୍ରସନ୍ନ ହୋଇ ଜଗନ୍ନାଥ ଶେଷରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଏକ ବର ମାଗିବାକୁ କହିଲେ । ରାଜା ବର ମାଗିଲେ- 'ହେ ପ୍ରଭୁ, ଏହି ବର ଦିଅ ଯେ, ମୁଁ ସଂପୂର୍ଣ୍ଣ ନିର୍ବଂଶ ହୁଏ, ଯେପରି ମୋର କୌଣସି ମୂର୍ଖ ଉତ୍ତରାଧିକାରୀ ଗର୍ବରେ କହିବାକୁ ନଥିବ ଯେ, ତାର ପୂର୍ବପୁରୁଷ ଏ ଦେଉଳ ତୋଳାଇଥିଲା ।'

ଯେହେତୁ ରାଜା ଇନ୍ଦ୍ରଦ୍ୟୁମ୍ନ ବର ମାଗି ନିର୍ବଂଶ ହୋଇଗଲେ ସେଥିପାଇଁ ତାଙ୍କୁ ଶ୍ରାଦ୍ଧଦେବା ପାଇଁ ତାଙ୍କ ବଂଶରେ କେହି ରହିଲେ ନାହିଁ । ତାହାହେଲେ ତାଙ୍କୁ କିଏ ପ୍ରତିବର୍ଷ ଶ୍ରାଦ୍ଧ ବାଢ଼ିଦିଅନ୍ତି ? ନିଜେ ସ୍ୱୟଂ ଶ୍ରୀଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଦେବ ଦୀପାବଳି ଅବସରରେ ଶ୍ରାଦ୍ଧ ବାଢ଼ିଦିଅନ୍ତି । ଏ ପ୍ରସଙ୍ଗ ଏହା ଶିକ୍ଷା ଦିଏ ଯେ ତ୍ୟାଗ କେବେ ହେଲେ ବ୍ୟର୍ଥ ଯାଏ ନାହିଁ, ବରଂ ତାହାକୁ ସ୍ୱୀକୃତି ଦେବାଲାଗି ଦେବତା ନିଜେ ସ୍ୱର୍ଗରୁ ଓହ୍ଲେଇ ଆସନ୍ତି ।

ପଞ୍ଚଦଶ ଶତାବ୍ଦୀର କବି ବଳରାମ ଦାସ ଓଡ଼ିଆ ରାମାୟଣର ରଚୟିତା ଭାବେ ଓଡ଼ିଶାର ଘରେ ଘରେ ପରିଚିତ ତାଙ୍କର ଅନ୍ୟାନ୍ୟ ବହୁ କୃତି ରହିଛି । ମାତ୍ର ଏସବୁ ଭିତରେ ସବୁଠାରୁ କ୍ଷୀଣକାୟ 'ଲକ୍ଷ୍ମୀପୁରାଣ' ବହିଟି ଭାରତୀୟ ସାହିତ୍ୟ ପରଂପରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଜନା ।

''ମାର୍ଗଶିର ମାସର ପ୍ରତ୍ୟେକ ଗୁରୁବାର, ଓଡ଼ିଶାର ପ୍ରତ୍ୟେକ ଗୃହସ୍ଥ ପକ୍ଷରେ ଲକ୍ଷ୍ମୀପୂଜାର ଦିନ । ସେଦିନ ପ୍ରତ୍ୟେକ ଓଡ଼ିଆ ଘରଣୀ ଅତି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗକରି ଓ ସ୍ନାନାଦି ଶେଷକରି ତାଙ୍କର ସମଗ୍ର ଘରଟିକୁ ଲିପିପୋଛି ସୁନ୍ଦର କରିବା ଓ ନବ-ସଂଗୃହୀତ ଧାନ୍ୟ ଓ ଧାନ୍ୟ ପରିମାପକ ଆଧାରଗୁଡ଼ିକୁ ଲକ୍ଷ୍ମୀଙ୍କପ୍ରତୀକ ରୂପେ ପୂଜା କରିବାର ଆଶା କରାଯାଏ । ଏହିପରି ଏକ ଗୁରୁବାରର ପ୍ରତ୍ୟୁଷରେ ପୁରୀ ଜଗନ୍ନାଥ ମନ୍ଦିରର ଗୃହିଣୀ ଲକ୍ଷ୍ମୀଦେବୀ ସକାଳୁ ବାହାରି ଦେଖିଲେ ଯେ ବଣିକ, ବ୍ରାହ୍ମଣ ଓ ପୁରୋହିତମାନଙ୍କ ପତ୍ନୀ ଶୋଇ ରହିଥିବାବେଳେ ସହର ଉପକଣ୍ଠରେ ରହୁଥିବା ଶ୍ରୀୟା ଚଣ୍ଡାଳୁଣୀ ବଡ଼ି ସକାଳୁ ନିଜେ ଗାଧୁଆ ପାଧୁଆ କରି ଓ ଘରଦ୍ୱାର ଲିପା ପୋଛା କରି ପବିତ୍ର ଗୁରୁବାର ପାଳନ ପାଇଁ ପ୍ରସ୍ତୁତ ହୋଇ ରହିଛି । ଲକ୍ଷ୍ମୀ ଠାକୁରାଣୀ ଚଣ୍ଡାଳ-ରମଣୀର ଏପ୍ରକାର ଶୁଚିତା, ଭକ୍ତି ଓ ନିଷ୍ଠାରେ ମୁଗ୍ଧ ହୋଇ, ଆଗ୍ରହରେ ତା'ର କୁଟୀରକୁ ବିଜେ କଲେ ଏବଂ ଲକ୍ଷ୍ମୀଦେବୀଙ୍କ ପାଦ ପଡ଼ିଲେ, ସେହି ଦୀନ

କୁଟୀର ସର୍ବସୌଭାଗ୍ୟପୂର୍ତ୍ତ ଏକ ପ୍ରାସାଦ ହୋଇଉଠିଲା ।

ଠିକ୍ ଏହି କାଳରେ ଦୁଇଭାଇ ଜଗନ୍ନାଥ ଓ ବଳରାମ ମଧ୍ୟ ସେହି ବାଟଦେଇ ଯାଉଥିଲେ । ସେମାନେ ଲକ୍ଷ୍ମୀଙ୍କୁ ଏକ ଚଣ୍ଡାଳ ଘରେ ଥିବାର ଦେଖିଲେ । କ୍ରୋଧୀ ବଳରାମ ଏଥିଲେ ଭୀଷଣ କ୍ରୁଦ୍ଧ ହୋଇ ସାନଭାଇ ଜଗନ୍ନାଥଙ୍କୁ ଏହିପରି ଭର୍ତ୍ସନା କରିବାକୁ ଲାଗିଲେ:

"ଦେଖ ଦେଖ କହ୍ନାଇ ତୋ ଭାରିଯା ଆଚାର
ଉଭା ହୋଇ ଅଛରେ ଯେ ଚଣ୍ଡାଳୁଣୀ ଘର ।"

ଲକ୍ଷ୍ମୀ ଠାକୁରାଣୀ ଶ୍ରୀୟା ଚଣ୍ଡାଳୁଣୀ ଘରୁ ଫେରି ଦେଉଳରେ ପଶିଲା ବେଳକୁ ଦେଖନ୍ତି ଯେ ସ୍ୱୟଂ ଜଗନ୍ନାଥ ଦୁଆର ଜଗିଛନ୍ତି । ଠାକୁରାଣୀ ଦେଉଳ ଭିତରକୁ ପଶିବାରେ ତାଙ୍କର ନିଜ ସ୍ୱାମୀ ତାଙ୍କୁ ବାଧାଦେଲେ । ଏହା ଫଳରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଏକ ମନୋରମ ବାକ୍‌ସଂଗ୍ରାମ ଚାଲିଲା । ଲକ୍ଷ୍ମୀଦେବୀ ବଡ଼ଭାଇଙ୍କ ଆଦେଶ ବିରୋଧରେ ନମ୍ରଭାବରେ ପ୍ରତିବାଦ କଲେ ଓ କହିଲେ, ଚଣ୍ଡାଳଘରକୁ ଯାଇ ସେ କୌଣସି ଅନ୍ୟାୟ କରିନାହାନ୍ତି । ଜଗନ୍ନାଥ କହିଲେ ଯେ, କେବଳ ଚଣ୍ଡାଳଘରକୁ ଯିବା ଲକ୍ଷ୍ମୀଙ୍କର ଏକମାତ୍ର ଅପରାଧ ନୁହେଁ ଓ ଅନ୍ୟାନ୍ୟ ବହୁ କାରଣରୁ ମଧ୍ୟ ସେ ଏକ ଅନାକାଙ୍କ୍ଷିତା ପତ୍ନୀ ।

ଶେଷରେ ଲକ୍ଷ୍ମୀଦେବୀ ଦେହର ସମସ୍ତ ଅଳଙ୍କାର ସ୍ୱାମୀଙ୍କୁ ଫେରାଇଦେଇ ନଗରର ବହିଃସୀମାକୁ ଚାଲିଗଲେ ଓ ସେହିଠାରେ ବିଶ୍ୱକର୍ମାଙ୍କ ଦ୍ୱାରା ନିଜଲାଗି ଏକ ସ୍ୱତନ୍ତ୍ର ଆବାସ ନିର୍ମାଣ କରାଇ ସେହିଠାରେ ରହିଲେ । ତାପରେ ସେ ଦୁଇଭାଇଙ୍କି ସମୁଚିତ-ଶିକ୍ଷା ଦେବା ପାଇଁ ବେତାଳମାନଙ୍କୁ ଲଗାଇ ବଡ଼ଦେଉଳରୁ ସକଳ ସମ୍ପତ୍ତି ଓ ଭକ୍ଷ୍ୟଦ୍ରବ୍ୟ ଗୋପନରେ ବୁହାଇ ଆଣିଲେ । ଏପରି କରିବାରେ ଠାକୁରାଣୀଙ୍କର ଏକ ମହତ୍ ଉଦ୍ଦେଶ୍ୟ ଥିଲା । ସେ ଦୁର୍ବଳର ଉପକାରୀ ଓ ବିଶ୍ୱର ସମଗ୍ର ନାରୀ-ସମାଜର ଉପଯୁକ୍ତ ନେତ୍ରୀ ରୂପେ ଚିନ୍ତା ଓ କର୍ମ କରିବାକୁ ଲାଗିଲେ ।

ତେଣେ ଦୁଇଭାଇ, ଜଗନ୍ନାଥ ଓ ବଳରାମ, ତହିଁ ଆରଦିନ ଶଯ୍ୟା ତ୍ୟାଗକରି ଦେଖନ୍ତି ଯେ ସମଗ୍ର ବଡ଼ଦେଉଳ ଖାଲି ଓ ଶୂନ୍ୟ । ସେମାନେ କ୍ଷୁଧାତୁର ହୁଅନ୍ତେ, ରୋଷେଇଘରକୁ ଗଲେ; କିନ୍ତୁ ଦେଖିଲେ ଯେ ସେଠାରେ କୌଣସି ହେଲେ ଖାଦ୍ୟଦ୍ରବ୍ୟ ନାହିଁ । ଭୋକ ଅସହ୍ୟ ହେବାରୁ ଦୁଇଭାଇ ଭିକ୍ଷୁକ ବ୍ରାହ୍ମଣ ବେଶରେ ଦେଉଳରୁ ବାହାରି ଦାଣ୍ଡରେ ଅନ୍ନଭିକ୍ଷା କଲେ; କିନ୍ତୁ ସାଧାରଣ ଭିକାରି ଭାବରେ ସେ ଦୁଆରୁ ତଡ଼ା ଖାଇଲେ । ନାନା ଦୁଃଖଦାୟକ ଅଭିଜ୍ଞତା ପରେ ସେମାନେ ଶେଷରେ ସହର ବାହାରେ ନବନିର୍ମିତ ଆବାସଠାରେ ପହଞ୍ଚିଲେ । ସେହିଠାରେ ହିଁ ସେମାନେ ପ୍ରଥମ କରି ଆତିଥ୍ୟ ପାଇଲେ; ଯାହା ବଡ଼ଦେଉଳର ଦୈନନ୍ଦିନଜୀବନ ତାଙ୍କ ସ୍ମୃତିକୁ ଆଣିଲା । କ୍ରମେ ଲକ୍ଷ୍ମୀ ଓ ଜଗନ୍ନାଥ ପରସ୍ପରକୁ ଚିହ୍ନିଲେ ଓ ମଧୁର ମିଳନ ଘଟିଲା; କିନ୍ତୁ ଲକ୍ଷ୍ମୀ କେବଳ ଦୁଇଟି ସର୍ତ୍ତରେ ବଡ଼ଦେଉଳକୁ ଫେରିଯିବାକୁ ଅଡ଼ିବସିଲେ । ପ୍ରଥମ ଯେ ଲକ୍ଷ୍ମୀଠାକୁରାଣୀ ଜାତି-

ବର୍ଣ୍ଣ-ନିର୍ବିଶେଷରେ ସମସ୍ତଙ୍କ ଘରକୁ ଯିବେ, ସେଥିରେ କେହି ବାଧା ଦେବେ ନାହିଁ । ଦ୍ୱିତୀୟରେ ଲକ୍ଷ୍ମୀଙ୍କ ରନ୍ଧା ପ୍ରସାଦ ଆବ୍ରାହ୍ମଣ ଚଣ୍ଡାଳ ସମସ୍ତେ ଏକାଠି ଭୋଜନ କରିବେ, ତାହା ପାପ ବୋଲି ଧରାଯିବ ନାହିଁ ।

ତୃତୀୟ ଗୁରୁତ୍ୱପୂର୍ଣ୍ଣ ବହି ଯାହା ଦୟା ଓ କରୁଣାର ଶିକ୍ଷା ଦିଏ ସେଇଟି ହେଉଛି କବି ଭୀମ ଭୋଇଙ୍କ ରଚିତ 'ସ୍ମୃତି ଚିନ୍ତାମଣି' । ଭୀମ ଭୋଇ ମହିମା ଗୋସାଇଁଙ୍କର ଶିଷ୍ୟ ଏବଂ ମହିମା ଧର୍ମର ବିଶିଷ୍ଟ ପ୍ରଚାରକ । ବୌଦ୍ଧ ଧର୍ମ ପରେ ମହିମା ଧର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଭାରତୀୟ ଧର୍ମ ଭାବେ ସମଗ୍ର ଓଡ଼ିଶାରେ ସ୍ୱୀକୃତ ।

ଭୀମ ଭୋଇ ଥିଲେ କନ୍ଧ ଗୋଷ୍ଠୀର ଲୋକ; ଯେଉଁମାନେ ହଳଦୀ କ୍ଷେତ୍ରରେ ନରବଳି ଦେଉଥିବା ଯୋଗୁଁ ଏକଦା କୁଖ୍ୟାତ ହୋଇଥିଲେ । ସେ ଏକ ଆଭ୍ୟନ୍ତରୀଣ ଗଡ଼ଜାତରେ (ରେଢ଼ାଖୋଲି ?) ଜନ୍ମ ହୋଇଥିଲେ ଓ ବସନ୍ତରୋଗ ଯୋଗୁଁ ବାଲ୍ୟକାଳରେ ହିଁ ଦୃଷ୍ଟିଶକ୍ତି ହରାଇଥିଲେ ବୋଲି କୁହାଯାଏ । ଅନ୍ଧାଭୂତ ବାଳକ ଭୀମ ବୋଧହୁଏ ଭିକ୍ଷା ମାଗି ମାଗି ବୁଲୁଥିଲେ ଓ ବିଦ୍ୟାଶିକ୍ଷାର କୌଣସି ହେଲେ ସୁଯୋଗ ପାଇ ନଥିଲେ । ଯୌବନାରମ୍ଭ ବେଳକୁ ଭ୍ରାମ୍ୟମାଣ ଭୀମ ତାଙ୍କର ଗୁରୁଙ୍କ ସଂପର୍କରେ ଆସିଥିବା ଜଣାପଡ଼େ ।

କବି ଭୀମଭୋଇଙ୍କୁ ବୁଝିବାକୁ ହେଲେ ତାଙ୍କ ଗୁରୁଙ୍କୁ ଓ ତାଙ୍କର ଧର୍ମମତକୁ ଭଲକରି ବୁଝିବାକୁ ହେବ । ତାଙ୍କର ଅଲେଖ ବା ମହିମାଧର୍ମ ହିନ୍ଦୁମାନଙ୍କର ଜାତିପ୍ରଥାର ଓ ପ୍ରତିମାପୂଜାର ଘୋର ବିରୋଧୀ । ଏ ଧର୍ମ କହେ ଯେ, ଏହି ଦୃଶ୍ୟମାନ ସୃଷ୍ଟିର ଏକ ଅଦୃଷ୍ଟ ସ୍ରଷ୍ଟାକୁ ହିଁ କେବଳ ଆରାଧନା କର । ଏ ଧର୍ମରେ ଆଚାରର ଆଡ଼ମ୍ବର ନାହିଁ । ଏ ଧର୍ମ ତାହାର ଅନୁଗାମୀମାନଙ୍କୁ ସତ୍ୟ, ସାଧୁତା, ବ୍ରହ୍ମଚର୍ଯ୍ୟ ଆଦି କେତୋଟି ନୀତି ମାତ୍ର ପାଳନ କରିବାକୁ ଉପଦେଶ ଦିଏ ଓ କହେ ଯେ, ତାହା ହିଁ ପ୍ରକୃତ ଧର୍ମ । ହିନ୍ଦୁଧର୍ମର ଅଗଣିତ ଗୋଷ୍ଠୀରେ ସନ୍ନ୍ୟାସ ଜୀବନାଦର୍ଶ ରୂପେ ପ୍ରତିଷ୍ଠିତ ଥିଲାବେଳେ, ଏକାନ୍ତ ବିସ୍ମୟଜନକ ଭାବରେ ଓଡ଼ିଶାର ଏହି ମହିମାଧର୍ମ ହିଁ ସାଧୁ ଭାବରେ ପାଳିତ ଗୃହସ୍ତ ଜୀବନକୁ ପୁଣ୍ୟାର୍ଜନର ଉଦାର ଉତ୍ସ ବୋଲି ମନେକରେ । କେବଳ ଏକ ବ୍ୟକ୍ତିତ୍ୱସଂପନ୍ନ ଈଶ୍ୱରରେ ବିଶ୍ୱାସ ଛଡ଼ା ଏହି ଧର୍ମର ବୌଦ୍ଧମତ ସହିତ ପ୍ରଚୁର ସାମ୍ୟ ରହିଛି ।

ନିଜ ଜୀବନରେ ବରାବର ନିର୍ଯାତିତ ହେଲେ ହେଁ, ଅନ୍ଧ ନିରକ୍ଷର କବି ଭୀମଙ୍କର ଦୁଃଖ-ପୀଡ଼ିତ ମାନବସମାଜ ପ୍ରତି କରୁଣାର ସୀମା ନଥିଲା । ମହିମୋତ୍କଳ ଭାଷାରେ କବି ଯାହା ଲେଖିଯାଇଛନ୍ତି ତାହା ଏବେ ବିଶ୍ୱସାହିତ୍ୟର ଏକ ଉଜ୍ଜ୍ୱଳ ପଙ୍କ୍ତି ।

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେ ବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।"

ସନ୍ଥକବି ଭୀମଭୋଇଙ୍କ ଏହି ଉଚ୍ଚାରଣର ପ୍ରତିଧ୍ୱନି ଆମେ ସତ୍ୟବାଦୀ ଯୁଗର କବିମାନଙ୍କ କାବ୍ୟ କବିତାରେ ଭେଟିଥାଉ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କବିତାରେ ଏହି ବାଣୀର ପ୍ରତିଧ୍ୱନି ପ୍ରାଞ୍ଜଳ ଭାବେ ପ୍ରତିଫଳିତ -

ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ ପଥେ ଯେତେ ଗାଡ଼ ।
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ଓଡ଼ିଶାର ପ୍ରିୟ ଜନନେତା ଏବଂ ଦରଦୀ କବି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରଚିତ କାବ୍ୟ 'ଧର୍ମପଦ'ରେ ଓଡ଼ିଆ ସଂସ୍କୃତିର ମୂଳ ଆଦର୍ଶ ପ୍ରେମ ଓ କରୁଣା ମାର୍ମିକ ଭାବରେ ପରିସ୍ଫୁଟିତ ।

ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଓଡ଼ିଶା କୋଣାର୍କ ମନ୍ଦିର ୟୁନେସ୍କୋ ଘୋଷିତ ବିଶ୍ୱ ଐତିହ୍ୟର ଏକ ବିଖ୍ୟାତ କୀର୍ତ୍ତି । ଏହି ଜୀଉଁଟି ଯେଉଁଭଳି ବିଶ୍ୱବିଖ୍ୟାତ ଏହାକୁ ନେଇ ଲିଖିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାବ୍ୟ 'ଧର୍ମପଦ' ସେହିପରି ଓଡ଼ିଶାର ଘରେ ଘରେ ପରିଚିତ । ଧର୍ମପଦର କାହାଣୀ ତ୍ୟାଗ ଓ ପ୍ରେମର ବିରଳ ପାଣ୍ଡୁଲିପି । ବାରଶହ ବଢ଼େଇଙ୍କ ଜୀବନ ଆଗରେ ନିଜର ଜୀବନ ତୁଚ୍ଛ ବିଚାରି ପ୍ରାଣ ବିସର୍ଜନ କରିଥିବା, ବିଶୁ ମହାରଣାଙ୍କ ପୁଅ ଧର୍ମପଦ ଭିତରେ ଓଡ଼ିଶାର ସଂସ୍କୃତିକୁ ଆମେ ଅନୁଭବ କରିଥାଉ । ଧର୍ମପଦ ନାମଟି ବାସ୍ତବ ନା କାଳ୍ପନିକ ତାହା ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ, ତାହାଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଗଣ ପାଇଁ ଜଣର ଆତ୍ମ ବଳିଦାନ, ଶିଳ୍ପୀକୁଳ ପ୍ରତି ସହାନୁଭୂତି ଓ ପ୍ରେମ- ଏହି ଆଦର୍ଶର ଗ୍ରହଣୀୟତା ଧର୍ମପଦର ଧାଡ଼ି ପରେ ଧାଡ଼ି, ପଙ୍କ୍ତି ପରେ ପଙ୍କ୍ତି ଓଡ଼ିଆଙ୍କ ସାଧାରଣ ସ୍ମୃତିର ଅଂଶବିଶେଷ ଏବଂ ଆଜି ସୁଦ୍ଧା ଏହିଗୁଡ଼ିକ ଗ୍ରାମ୍ୟ ବିଦ୍ୟାଳୟଠାରୁ ସହରର ସାହିତ୍ୟ ଉତ୍ସବର ସୌଧ, ପ୍ରାଚୀରରେ ଉତ୍କର୍ଷ ଦେଖିବାକୁ ମିଳେ । ଯଥା-

ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜାଏ ନର କର୍ମ ଏକା ତାର ଜୀବନର ମାନଦଣ୍ଡ

କିମ୍ବା

କାପୁରୁଷ ପରି ମରିବା ଜଗତେ ନୁହେଁ ନର ପୁରୁଷ,
ପର ହିନ୍ଦୁ ସାଧି ମରେ ଯେ ମହୀରେ ସେହି ଏକା ସୁପୁରୁଷ !

ଆଗରୁ ଉଲ୍ଲେଖ କରାଯାଇଛି ଯେ ବୁଦ୍ଧଙ୍କ ପ୍ରଭାବ ପରେ ଆଉ ଯୋଉ କଥାଟି ଓଡ଼ିଶାର ସଂସ୍କୃତିକୁ ପ୍ରେମ ଓ କରୁଣାରେ ଅଭିମଜ୍ଜିତ କରିଆସିଛି ତାହା ଶ୍ରୀଜଗନ୍ନାଥ ଧର୍ମ । ଏହିଠାରେ ସବୁ ଧର୍ମ ବୈଷ୍ଣବ, ଶୈବ, ଶାକ୍ତ ଓ ବୌଦ୍ଧ ଧର୍ମରେ ସବୁ ବାଦ ଓ ସବୁ ବିଶ୍ୱାସର ସମୀକରଣ ଆମେ ଦେଖିବାକୁ ପାଇଥାଉ । ଓଡ଼ିଶାକୁ ଶଙ୍କରାଚାର୍ଯ୍ୟ,

ରାମାନୁଜ, ନାନକ, ଶ୍ରୀଚୈତନ୍ୟ ସମସ୍ତେ ଆସିଛନ୍ତି, ସଭିଙ୍କର ଜ୍ଞାନ ଓ ଧର୍ମଚର୍ଚ୍ଚାରେ ଓଡ଼ିଶାର ସଂସ୍କୃତି ପରିପୁଷ୍ଟ ହୋଇଛି । ସବୁ ପ୍ରକାର ଚର୍ଚ୍ଚା ଓ ଆଲୋଚନା ଭିତରେ ବିଶ୍ୱ ମୈତ୍ରୀଭାବ ହିଁ ହୋଇଛି ଓଡ଼ିଶାର ବାର୍ତ୍ତା । ସୁତରାଂ ଏଥିରେ ବିସ୍ମିତ ହେବାର ଅବକାଶ ନାହିଁ ଯେ ଭାରତବର୍ଷର ଅନ୍ୟ ସମସ୍ତ ଅଞ୍ଚଳକୁ ଛାଡ଼ି ଓଡ଼ିଶାରେ ହିଁ ସମ୍ରାଟ ଅଶୋକ ଭାତୃତ୍ୱ ଓ ମୈତ୍ରୀଭାବର ବାର୍ତ୍ତାକୁ ଶିଳାଲେଖ ଭାବେ ପ୍ରତିଷ୍ଠା କରାଇଥିଲେ । ନବବିଜିତ ରାଜ୍ୟର ସୁଶାସନ ପାଇଁ ସେ ବିଶେଷ ଅନୁଶାସନ ସବୁ ଏଠାରେ ଖୋଳାଇ ଲଖାଇଥିଲେ । ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ ସମ୍ରାଟ ଅଶୋକଙ୍କର ମହତ୍ତମ ଓ ଉଦାରତମ ବାକ୍ୟ ଏକ ପକ୍ଷରେ ମହାନୁଭବ ସମ୍ରାଟଙ୍କ ସମଗ୍ର ବ୍ୟକ୍ତିତ୍ୱ ସହିତ ଯେପରି ସାମଞ୍ଜସ୍ୟଯୁକ୍ତ, ସେହିପରି -ସୁସଙ୍ଗତ ଓଡ଼ିଶାର ଚିରନ୍ତନ ବିଶ୍ୱଜନୀନ ସଂସ୍କୃତି ପ୍ରତି ।

କଳିଙ୍ଗ ବିଜୟ ପରେ ସମ୍ରାଟ ଅଶୋକଙ୍କ ହୃଦୟରେ ପରିବର୍ତ୍ତନ ଆସିଥିଲା । ମାତ୍ର ଓଡ଼ିଶାର ସମ୍ରାଟ ଖାରବେଳ ରାଜ୍ୟ ଜୟ କରିବାର ଘଡ଼ିସନ୍ଧି ମୁହୂର୍ତ୍ତରେ ସୁଦ୍ଧା ମଗଧର ଶତ୍ରୁ ରାଜାଙ୍କ ପ୍ରତି ରାଜୋଚିତ ଦାୟିତ୍ୱ ପାଳନରେ ଅବହେଳା କରିନଥିଲେ । ଏହା ଅତ୍ୟନ୍ତ ଦୁଃଖର କଥା ଯେ ଓଡ଼ିଶା ବାହାରେ କାହିଁକି, ଓଡ଼ିଶା ଭିତରେ ସମ୍ରାଟ ଅଶୋକଙ୍କ ବିଷୟରେ ଯେତିକି ଚର୍ଚ୍ଚା ହୁଏ, ତାହାର ଏକ ଦଶମାଂଶ ସୁଦ୍ଧା କଳିଙ୍ଗ ସମ୍ରାଟ ଖାରବେଳଙ୍କ ସମ୍ବନ୍ଧରେ ଚର୍ଚ୍ଚା ହୁଏ ନାହିଁ । ଅଶୋକଙ୍କ ମୃତ୍ୟୁର ଦେଢ଼ଶହ ବର୍ଷ ପରେ ଖାରବେଳଙ୍କ ଭଳି ଦିଗ୍‌ବିଜୟୀ ସମ୍ରାଟଙ୍କର ଆବିର୍ଭାବ ଘଟିଥିଲା ଯିଏ ଭାରତୀୟ ଉପମହାଦେଶର ଦୁଇ-ତୃତୀୟାଂଶ ଅଧିକାର କରିଥିଲେ । ନନ୍ଦରାଜାଙ୍କ ଦ୍ୱାରା ଅପସାରିତ କଳିଙ୍ଗ ଜୀନାସନକୁ ମଗଧରୁ କଳିଙ୍ଗକୁ ସେ ଘେନି ଆସିଥିଲେ । ମଗଧରାଜ ବୃହସ୍ପତି ମିତ୍ରଙ୍କୁ ପରାଜିତ କରି ଖାରବେଳ ଅଶୋକଙ୍କ କଳିଙ୍ଗ ବିଜୟର ପ୍ରତ୍ୟୁତ୍ତର ଦେଇଥିଲେ । ତେବେ ସେହି ସମୟରେ ଖାରବେଳ ରଖିଯାଇଥିବା ଆଉ ଏକ ରାଜାଦର୍ଶର ଆଲୋଚନା ବିଶେଷ ହୁଏ ନାହିଁ । ମଗଧର ପାଟଳିପୁତ୍ର ପାଖେ ପହଞ୍ଚିବା ପୂର୍ବରୁ ବାଟରେ ଖାରବେଳ ଖବର ପାଇଲେ, ଯବନମାନେ 'ପାଟଳିପୁତ୍ର' ଧ୍ୱଂସକରି ମଗଧ ଅଧିକାର କରିବାକୁ ଆସୁଛନ୍ତି । ସେତେବେଳକୁ ଖାରବେଳ ମଗଧ ସାମ୍ରାଜ୍ୟର ଦୁର୍ବଳତା ବୁଝି ସାରିଥିଲେ । ସଂଗେ ସଂଗେ ସେ ପାଟଳୀପୁତ୍ର ଅଭିଯାନ ଛାଡ଼ି ଯବନମାନଙ୍କୁ ଘଉଡ଼େଇବା ଲାଗି ସୈନ୍ୟସାମନ୍ତ ନେଇ ଅଜ୍ଞାତ ବନ ପ୍ରାନ୍ତର ଭେଦି ଯାତ୍ରା କରିଥିଲେ । ପୃଥିବୀରେ ଯେତେ ବିଜୟ ଅଭିଯାନ କଥା ଜଣାଅଛି, ସେଥିରେ ଏପରି ଅଭିଯାନ ଦେଖାନାହିଁ ବୋଲି ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର ଓଡ଼ିଆ ସାହିତ୍ୟର କ୍ରମ ପରିଣାମରେ ଉଲ୍ଲେଖ କରିଛନ୍ତି ।

ଓଡ଼ିଆ ସଂସ୍କୃତିର ବୈଶିଷ୍ଟ୍ୟ ପ୍ରେମ ଓ କରୁଣା- ଏହାର ପ୍ରଭାବ ସମରକାବ୍ୟ ସାରଳା ଦାସଙ୍କ ମହାଭାରତ ଉପରେ ମଧ୍ୟ ପଡ଼ିଥିବା ଲକ୍ଷ୍ୟ କରାଯାଏ । 'ସାରଳା ମହାଭାରତରେ ଜୈନ ଓ ବୌଦ୍ଧଧର୍ମର ଛାୟା' ଶିରୋନାମାରେ ଡକ୍ଟର ମାୟାଧର ମାନସିଂହ

ଏ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ବୌଦ୍ଧଧର୍ମ ଓ ବୈଷ୍ଣବଧର୍ମ ପରଂପରା ବ୍ୟତୀତ ଅନ୍ୟ ଯେଉଁ ଧର୍ମଟି ଓଡ଼ିଶାରେ ଅଧିକ ଲୋକପ୍ରିୟ, ତାହା ହେଲା ଶୈବଧର୍ମ । ହିନ୍ଦୁ ଧର୍ମର ପରିକଳ୍ପନାରେ ଶିବ ସବୁଠାରୁ ଲୋକପ୍ରିୟ ଦେବତା । ଏହାର କାରଣ ଅନ୍ୟମାନଙ୍କ ପରି ସେ ନିଜ ପାଇଁ କିଛି ଲୋଡ଼ନ୍ତି ନାହିଁ, ବରଂ ସବୁ ତ୍ୟାଗ କରିଦେବାକୁ ସର୍ବଦା ସେ ପ୍ରସ୍ତୁତ । ଅଥଚ ସଙ୍କଟ କାଳରେ ଶିବ ବିଷପାନ କରି ସଂସାରକୁ ସୁରକ୍ଷା ଦେଇଥାଆନ୍ତି । ଶିବ ବାସ୍ତବରେ ଜଣେ ଦେବତା ନୁହନ୍ତି, ବଶ, ଜଙ୍ଗଲ, ପଶୁପକ୍ଷୀ, ଆକାଶ, ନଦୀ, ଚନ୍ଦ୍ର ଓ ଶ୍ମଶାନ ସବୁର ସମ୍ମିଳିତ ପ୍ରକୃତିର ପରିକଳ୍ପନା । ଷଷ୍ଠ ଶତାବ୍ଦୀଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶିବମନ୍ଦିର ନିର୍ମାଣର ପ୍ରମାଣ ମିଳିଥାଏ । ଏକାମ୍ର କ୍ଷେତ୍ର ଭୁବନେଶ୍ୱରକୁ ନେଇ ତ ଏକାଧିକ ବ୍ୟାଖ୍ୟାନ ଓ କିମ୍ବଦନ୍ତୀ ରହିଛି । ପରିବାର ଜ୍ୱାଳାରେ ଅତିଷ୍ଠ ମହାଦେବ ନିର୍ଜନସ୍ଥାନ ଅନ୍ୱେଷଣ କରି ଏଠାକୁ ପଳେଇ ଆସିଥିଲେ ଓ ପରେ ବ୍ରହ୍ମାଙ୍କ ସହାୟତାରେ ପାର୍ବତୀ ଏ ସ୍ଥାନର ସନ୍ଧାନ ପାଇଥିଲେ । ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ଇତ୍ୟାଦିରୁ ନେଇ ଏକାଦଶ ଶତାବ୍ଦୀର ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ଏକଦା ଶୈବଧର୍ମ ଲାଭ କରିଥିବା ସୋମବଂଶୀ ରାଜପୃଷ୍ଠପୋଷକତାର କଥା କହିଥାଏ । କେବଳ ଏକାମ୍ରକ୍ଷେତ୍ର ଭୁବନେଶ୍ୱର ନୁହେଁ ଓଡ଼ିଶାରେ ସର୍ବତ୍ର ପ୍ରସିଦ୍ଧ ଶୈବକ୍ଷେତ୍ରମାନ ଦେଖିବାକୁ ମିଳେ । କୋରାପୁଟର ଗୁପ୍ତେଶ୍ୱରଠାରୁ ନେଇ ବାଲେଶ୍ୱରର ଚନ୍ଦନେଶ୍ୱର ଏବଂ ପୁରୀର ଲୋକନାଥଙ୍କଠାରୁ ଗନ୍ଧମାର୍ଦ୍ଦନ କ୍ରୋଡ଼ର ହରିଶଙ୍କରଙ୍କ ପର୍ଯ୍ୟନ୍ତ ଓଡ଼ିଶାରେ ସର୍ବତ୍ର ଶୈବକ୍ଷେତ୍ର ପରିଦୃଶ୍ୟମାନ । ପରିସଂଖ୍ୟାନ ଦୃଷ୍ଟିରୁ ଜଗନ୍ନାଥ ମନ୍ଦିର ଛାଡ଼ିଦେଲେ ଓଡ଼ିଶାରେ ଶିବମନ୍ଦିର ଅଧିକ ସଂଖ୍ୟାରେ ଦେଖିବାକୁ ମିଳେ । ଶୈବତତ୍ତ୍ୱର ମୂଳ କଥା ତ୍ୟାଗ, କରୁଣା ଓ ପ୍ରେମ । ବଜ୍ରଯାନୀ ବୌଦ୍ଧଧର୍ମ ସହ ଶୈବତନ୍ତ୍ର ବା ତାନ୍ତ୍ରିକ ଶୈବଧର୍ମର ସମ୍ବନ୍ଧ ବହୁ ପୁରୁଣା । ଶୈବଧର୍ମର ଶିବ, ପାର୍ବତୀ, ଗଣେଶ ମୂର୍ତ୍ତି ସହ ବୌଦ୍ଧ ଧର୍ମର ବୁଦ୍ଧ ପଦ୍ମପାଣି ଓ ତାରାଙ୍କ ମୂର୍ତ୍ତିର ଆବିଷ୍କାର ଏହି ତଥ୍ୟ ପ୍ରମାଣିତ କରିଥାଏ ।

କେବଳ ଆଖ୍ୟାୟିକା, ପୁରାଣ, କାବ୍ୟ କବିତା ନୁହେଁ ଓଡ଼ିଶାର ଆଦିବାସୀ ସଂସ୍କୃତିରେ ପ୍ରଚଳିତ ଲୋକକଥା ଓ ଜନଶ୍ରୁତି ଭିତରେ ମଧ୍ୟ ପ୍ରେମ ଓ କରୁଣାର ନାନ୍ଦନିକ ବୈଷ୍ଣବ ଫୁଟି ଉଠିଥିବା ଲକ୍ଷ୍ୟ କରିହୁଏ ।

ଉଦାହରଣ ସ୍ୱରୂପ ରାୟଗଡ଼ାର ଡଙ୍ଗରିଆ କନ୍ଧ ସମାଜରେ ପ୍ରଚଳିତ ଏକ ବ୍ୟକ୍ତିଗତ ଅନୁଭୂତି ମୁଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବି । କିଛି ବର୍ଷ ତଳେ ପ୍ରଥମେ ରାୟଗଡ଼ା ଯାଇଥିବାବେଳେ ସେଠାକାର ଏକ ସରକାରୀ ଦୋକାନରୁ ମୁଁ ଖଣ୍ଡିଏ ଡଙ୍ଗରିଆ ଚାଦର, ଯାହାକୁ ସେଠାରେ କପଡ଼ାଗନ୍ଦା ବୋଲି କୁହାଯାଏ, କିଣିବାକୁ ଚାହିଁଥିଲି ଏହା ୧୯୯୬-୯୭ ସମୟର କଥା । ସମବାୟ ସମିତିର ବିକ୍ରୟ କାଉଣ୍ଟରରେ ଥିବା ବ୍ୟକ୍ତିଜଣକ ମୋତେ ଖଣ୍ଡିଏ ଚାଦର ଦେଖାଇଲେ । ମାତ୍ର ତହିଁରେ ମାଟିକାଦୁଅ

ଦାଗଲାଗିଥିବା ଦେଖି ମୁଁ ଆଉ ଖଣ୍ଡିଏ ଦେବାକୁ କହିଲି । ସେ ଆଉ ଖଣ୍ଡିଏ ଦେଖାଇଲେ, ସେଥିରେ ମଧ୍ୟ ସେହି ମାଟିକାଦୁଅ ଦାଗ । ମୁଁ ଯେଉଁ ସମୟର କଥା କହୁଛି ସେତେବେଳେ ଏ ଚାଦର ଗୁଡ଼ିକ ସହଜରେ ମିଳୁଥିଲା । ଆଜି ଆଉ ମିଳୁନାହିଁ । ଚାଦର ଗୁଡ଼ିକରେ ଏପ୍ରକାର ମାଟିକାଦୁଅ ଲାଗିବାର କାରଣ ସମ୍ବନ୍ଧରେ ପଚାରିବାରୁ ଚାଟିକୋଣାର ସେ ବାବୁ ଜଣକ କହିଲେ, ଏ ଚାଦରଗୁଡ଼ିକ ସିଲେଇ କରୁଥିବା ଡଙ୍ଗରିଆ କନ୍ଧ କିଶୋରୀ-ଯୁବତୀମାନେ ଖୁବ୍ ମନୋଇ ଶୀଘ୍ର ଶୀଘ୍ର ବୁଣିଦେଲେ ଆଉ କାମ ପାଇବା ବା ଅଧିକ ଉପାର୍ଜନ କରିବା ପରି ତତ୍ତ୍ୱରେ ସେମାନଙ୍କର ଆଗ୍ରହ ନଥାଏ । ଗୋଟିଏ ଗୋଟିଏ ଚାଦର ବୁଣିବାକୁ କେବେ ତିନିମାସ ତ କେବେ ଚାରିମାସ ସମୟ ନେଇଯାନ୍ତି । କେତେବେଳେ ବୁଲି ମୁଣ୍ଡରେ ବସି ଗୋଷ୍ଟେଇ କରୁ କରୁ ବୁଣନ୍ତି ତ କେତେବେଳେ ଧାନକ୍ଷେତରେ କାମ କଲାବେଳେ । ତେଣୁ ଏଥିରେ ପାଉଁଶର କଳାଦାଗ ନହେଲେ ପାଣିକାଦୁଅ ଦାଗ ଲାଗିଯାଏ ।

ମୁଁ ଆଶ୍ଚର୍ଯ୍ୟ ପ୍ରକାଶ କରି ପଚାରିଥିଲି - ପଇସା ପାଇଁ ଯଦି ନୁହେଁ, ତାହାହେଲେ କାହିଁକି ସେମାନେ ଏ ଚାଦର ବୁଣିଥାନ୍ତି ?

ଉତ୍ତରରେ ସେ ବାବୁ ଜଣକ କହିଥିଲେ, 'ପ୍ରତିଟି ଡଙ୍ଗରିଆ ଯୁବତୀ ଜୀବନକାଳ ଭିତରେ ଖଣ୍ଡିଏ ଚାଦରବୁଣିବ, ଇଏ ତାଙ୍କ କୁଳର ବ୍ୟବସ୍ଥା । ତା ଭାଇ ବାହାହେଇ ଭାଉଜକୁ ନେଇ ଯେତେବେଳେ ଆସିବ, ଏ ନଣନ୍ଦ ତା ବୁଣା ଚାଦରରେ ଗାଁ ମୁଣ୍ଡରୁ ଭାଉଜର ମୁହଁକୁ ଢାଙ୍କି ଘରକୁ ଆଣିବ, ନହେଲେ ଗାଁର ଦୁଷ୍ଟ ଯୁବକମାନେ ତା ନୂଆ ଭାଉଜ ଉପରେ ଦୃଷ୍ଟି ପକେଇବେ । ତେଣୁ ସେ ଚାଦର ଖଣ୍ଡିଏ ବୁଣେ ଓ ତେବେ ଏହି ଚାଦର ଖଣ୍ଡିକ ବୁଣିବାବେଳେ ଆଉ ଗୋଟିଏ କଥା ମଧ୍ୟ ତା ମନରେ ଡୋଳି ବୁଲୁଥାଏ । ତାହାହେଲା, ଆଉକୋଉ ଦୂର ଗାଁର ଝିଅଟିଏ ମଧ୍ୟ ଏପରି ଚାଦର ବୁଣୁଥିବ, ଯଦି ଇଏ ସେ ଝିଅର ଭାଇକୁ ବାହାହୋଇ ତାଙ୍କ ଘରକୁ ଯାଏ ତାହା ହେଲେ ତା ନଣନ୍ଦ ସେ ଝିଅଟି ଗାଁ ମୁଣ୍ଡପାଖରୁ ତାକୁ ତା ବୁଣା ଚାଦରରେ ଘୋଡ଼େଇ ଗାଁକୁ ନେଇଯିବା ପ୍ରୀତି ପ୍ରଣୟର ଏହି ବିଶ୍ୱାସ ଡଙ୍ଗରିଆ କନ୍ଧ ଝିଅକୁ ଚାଦର ଖଣ୍ଡିଏ ବୁଣିବାଲାଗି ଅନୁପ୍ରେରିତ କରିଥାଏ ।

ସମଗ୍ର ଭାରତରେ ଓଡ଼ିଶାର ସ୍ଥାନ ବହୁ ଦୃଷ୍ଟିରୁ ଅନନ୍ୟ । ଉତ୍ତରାପଥ ଓ ଦକ୍ଷିଣାପଥର ମଧ୍ୟବର୍ତ୍ତୀ ରହି, ଓଡ଼ିଶା ତାର କଳା, ସାହିତ୍ୟ ଓ ଜାତୀୟ ଜୀବନରେ ଅନନ୍ୟତା ରକ୍ଷା କରି ଏକପକ୍ଷରେ ଆର୍ଯ୍ୟ ଓ ଦ୍ରାବିଡ଼ ସହିତ, ଅନ୍ୟପକ୍ଷରେ ଆଦିବାସୀ ଜୀବନ ଓ ସଂସ୍କୃତିର ମଧ୍ୟ ବହୁ ଉପାଦାନକୁ ଏକୀଭୂତ କରିପାରିଛି, ତାହା ପ୍ରକୃତରେ ପ୍ରଶଂସନୀୟ। (ମାନସିଂହ) । ଏହି ରାଜ୍ୟର ଆର୍ଥିକ ଅନଗ୍ରସରତା ଓ ଭୌତିକ ପଛୁଆପଣକୁ ଲକ୍ଷ୍ୟ କରି ଯେଉଁମାନେ ନିରାଶ ହୋଇଥାଆନ୍ତି ସେମାନଙ୍କୁ ଏହାର

ରକ୍ତାକ୍ତ ଇତିହାସକୁ ଥରେ ଚିତ୍ରା କରିବାକୁ ପଡ଼ିବ । ସମ୍ରାଟ ପ୍ରତାପରୁଦ୍ର ଦେବଙ୍କଠାରୁ ଆରମ୍ଭ ହୋଇଥିବା ଓଡ଼ିଶାର ଅଧୋଗତି ଦେଶର ସ୍ୱାଧୀନତା ପ୍ରାପ୍ତିରେ ମଧ୍ୟ ଅଟକି ନଥିଲା । ସ୍ୱାଧୀନତାର ଯୁଗରେ ରାଜ୍ୟ ସୀମା ପୁନର୍ଗଠନ ବ୍ୟପାରରେ ଓଡ଼ିଶା କିଭଳି ସିଂହଭୂମି ହରେଇଲା ତାହା ସଭିଙ୍କର ଜଣାକଥା । ଆଉ ଅନ୍ୟକଥା ଥାଉ, ଓଡ଼ିଶାର ଅଖଣ୍ଡତା, ଶାସନ ଏପରିକି ଓଡ଼ିଆ ଭାଷା ଉପରେ ଯୋଉ ଅକଥ୍ୟ ଅତ୍ୟାଚାର ହୋଇଥିଲା ତାହା ବାସ୍ତବରେ ମର୍ମାନ୍ତିକ ୧୮୫୭କୁ ପ୍ରତିବେଶୀଙ୍କର ନିଜର ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଠିଆହେଲା ବେଳକୁ ଓଡ଼ିଆମାନଙ୍କ ଭାଗ୍ୟରେ ଘଟିଥିଲା ଗୋଟିଏ ଦୁଇଟି ମାଇନର ସ୍କୁଲର ଆରମ୍ଭ ମାତ୍ର । କଲିକତା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ପ୍ରାୟ ଏକଶତ ବର୍ଷ ପରେ ଓଡ଼ିଶା ତାର ପ୍ରଥମ ବିଶ୍ୱବିଦ୍ୟାଳୟ ପାଇଲା । ଏସବୁ ସତ୍ତ୍ୱେ ଓଡ଼ିଶା ତାର ନୃତ୍ୟ, ସଂଗୀତ, ଭାଷା, ଆଧ୍ୟାତ୍ମିକ ଆବେଦନ, ଲୋକକଳା, ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟ ପାଇଁ ଜଗତ ବିଖ୍ୟାତ !

ଆମକୁ ମନେ ରଖିବାକୁ ହେବ ଯେ କେବଳ ଆର୍ଥିକ ବିକାଶ ବା ଭୌତିକ ସମୃଦ୍ଧି କୌଣସି ଜାତିକୁ ସଂସ୍କୃତିସଂପନ୍ନ ବା ତାହାର ନାଗରିକଙ୍କୁ ସୁଖୀ କରିପାରେ ନାହିଁ । ପୃଥିବୀରେ ବହୁ ଦେଶ ଅଛନ୍ତି, ସେମାନଙ୍କ ଭିତରେ ଅନେକ ସାମରିକ, ଆର୍ଥିକ ଓ ବ୍ୟବସାୟିକ ଶକ୍ତିରେ ବହୁ ଆଗୁଆ । ମାତ୍ର ସୁଖୀ ଦେଶର ତାଲିକା ପ୍ରସ୍ତୁତ ବେଳେ ସେହି ଦେଶଗୁଡ଼ିକର ନାମ ଆସେ ନାହିଁ । ନାମ ଆସେ ଫିନଲ୍ୟାଣ୍ଡ, ଡେନମାର୍କ, ନରୱେ, ନେଦରଲ୍ୟାଣ୍ଡ, ସୁଇଡ଼େନ, ଏବଂ ଭୂଟାନ ପ୍ରଭୃତି ଦେଶର । ଏ ଦେଶର ଅଧିବାସୀମାନେ ସୁଖୀ କାହିଁକି ? କାରଣ ସେଠାକାର ନାଗରିକମାନେ ପରୋପକାର, ସହାନୁଭୂତି ଓ ଉତ୍ତମ ବୁଝାମଣାକୁ ଗୁରୁତ୍ୱ ଦେଇଥାଆନ୍ତି ଓ ଆତ୍ମକୈନ୍ଦ୍ରିକ, ସ୍ୱାର୍ଥସର୍ବସ୍ୱ ଜୀବନଧାରାଠାରୁ ଅଲଗା ସେମାନଙ୍କର ଜୀବନଚର୍ଯ୍ୟା ତାଙ୍କ ସମାଜର ଉନ୍ନତି ଆଣିବା ସହିତ ଅଧିବାସୀମାନଙ୍କୁ ସୁଖ ଶାନ୍ତି ପ୍ରଦାନ କରିଥାଏ ।

ଭାରତବର୍ଷର ବିଭିନ୍ନ ରାଜ୍ୟ ଭିତରେ ଓଡ଼ିଶା ନିକଟରେ କରୁଣା ଓ ପ୍ରେମର ଦୃଢ଼ ମୂଳଦୁଆ ରହିଛି । ଏ ରାଜ୍ୟର ସଂସ୍କୃତିର ମୂଳ ଶକ୍ତି ପ୍ରେମ ଓ କରୁଣା । ପୁଣି ପ୍ରେମ ଓ କରୁଣା ମଣିଷ ପାଇଁ ବିଳାସ ମାତ୍ର ନୁହେଁ ଏହା ତାର ଜରୁରି ପ୍ରୟୋଜନ । ଦଲାଇଲାମାଙ୍କ କହିବା ପରି- Love and compassion are necessity, not luxuries. Without them, humanity can not survive.

❑❑❑

ଅମୃତ କଥା



ଡ. ପ୍ରମୋଦ କୁମାର ନାୟକ
କରୁଣାମାର୍ଗ ବାଇପାସ୍, ଭଦ୍ରକ

"ଆମ ସଂସ୍କୃତିରେ ଅମୃତସ୍ୟ ପୁତ୍ରାଃ ବୋଲି ତାଙ୍କୁ ହିଁ କୁହାଯାଇଛି ଯିଏ ଅମୃତ ଭିତରୁ ବାହାରି ଅମୃତ ଆଡ଼କୁ ମୁହାଁଇ ଚାଲିଛି । ଏହି ଉଭୟ ମଝିର ବିରତି ବେଳେ ମଧ୍ୟ କେବଳ ଅମୃତକୁ ହିଁ ଅକାତର ଚିତ୍ତରେ ବାଣ୍ଟି ଚାଲିଛି । କେବେ ସ୍ଥାନକାଳର ତର୍ଜ୍ଜମା କରି କୁଣ୍ଠିତ ହୋଇଯାଇନି କିବା ଜାତିବର୍ଣ୍ଣର ବିଚାର କରିବାପାଇଁ ଅଟକି ଯାଇନି ।"

ସଫଳତା କିବା ବିଫଳତା, ସବୁକିଛି ସେଠାରେ ଗୌଣ ହୋଇଯାଏ । ତାଙ୍କ ପାଟିରୁ ବାହାରିଥିବା କେଇପଦ କଥାକୁ ଆମେ ସୁମରି ହେଉ । ମନ ମୁନ ଚଇତନରେ ଗୁମୁରି ହେଇଥାଉ ତୁହାକୁ ତୁହା । ସାରାଜୀବନ କେମିତି ଆମ ଭିତରେ ବସା ବାନ୍ଧି ହୋଇ ରହିଯାଏ ଛାଆଁକୁ ଛାଆଁ । ଠିକ୍ ମାଆର ହାତରାନ୍ଧଣା ପରି । ଆନ ଆଗରେ ବଖାଣିବା ବେଳେ ତାଙ୍କ କଥାକୁ ଆମେ ଅମୃତସାଙ୍ଗରେ ତଉଲିଥାଉ । ଯୋଉ ଅମୃତକୁ କେହି କେବେ ସିଧାସଳଖ ଦେଖିନାହିଁ କିବା ତା'ର ସୁଆଦକୁ ଅନୁଭବି ନାହିଁ । ଅଥଚ ସେଇ ଅମୃତ, ଦୁନିଆଁରେ ତଉଲାଯାଉଥିବା ଚିଜମାନଙ୍କଭିତରେ ସବା ଆଗରେ ରହି ଆସିଛି କୋଉକାଳୁ । ରହିଥିବ ମଧ୍ୟ । ତେଣୁ ଅନ୍ୟର କଥାକୁ ସେଇ ଅମୃତ ସାଙ୍ଗରେ ତଉଲାଇବା କିଛି ଗୋଟାଏ ନାକରା କଥା ନୁହଁ ।

କଥା । କଥାମୃତ । ପାଟିରୁ ଥରେ ବାହାରିଗଲେ ଆଉ ଲେଉଟେନାହିଁ କିବା ବାହାର କରିଥିବା ବ୍ୟକ୍ତି-ବିଶେଷର କେବଳ

ଏକଚାଟିଆ ହୋଇ ରୁହେ ନାହିଁ । ବ୍ୟକ୍ତିରୁ ଜାତିକୁ, ଜଣରୁ ଗଣକୁ ସଞ୍ଚରିଯାଏ । ସଭିଙ୍କର ହୋଇଯାଏ । ପଦୁଟାଏ କଥାରେ ଦରକାର ହେଲେ କେଡ଼େକେଡ଼େ ଅଘଟଣ ଘଟିଯାଏ । ମହା ବିଦ୍ରୋହ ତାଣ୍ଡବ ରଚେ । ରକ୍ତର ସୁଅ ଛୁଟେ । କେଡ଼େକେଡ଼େ ଧନୀ ବଳୁଆ ଦେଶ ଭିକାରୀ ସାଜେ । ପୁଣି କେବେ ସେଇ କଥା ପଦୁଟାଏରେ କେତେକେତେ ବିପତ୍ତିମାନ ଆସିବା ଆଗରୁ ଶାନ୍ତ ହୋଇଯାଏ । ଗଲାକାଲିର ସାତ ଶତ୍ରୁମାନେ ହାତକୁ ହାତ ମିଳାଇ ହସିଉଠନ୍ତି । ଖାଆନ୍ତି, ଖୁଆନ୍ତି । ଭାଇଚାରାରେ ବାନ୍ଧି ହୁଅନ୍ତି ।

ସବୁକିଛି କେବଳ କହିବାବାଲା ଉପରେ ନିର୍ଭର କରେ । ଏଥିପାଇଁ ଧନ ଦଉଲତ ଦରକାର ହୁଏନି ଅବା ହିମାଳୟ ଲଙ୍ଘିବା ଭଳି ତାକତର ଆବଶ୍ୟକତା ପଡ଼େନି । ଅଧିକନ୍ତୁ ଆମ ଭିତରର ଅଦେଖା ରାଇଜକୁ ଦେଖାଇଦିଏ । ହଜାଇଥାଏ । ଆମକୁ ସଭିଙ୍କ ଭିତରେ, ସଭିଙ୍କୁ ଆମ ଭିତରେ ମିଶାଇ ଦେବାର ବାଟକୁ ଖୋଲିଦିଏ । ନିଜେ ଅମୃତ ସାଜି ଚଉକତିରେ ଅମୃତର ମଳୟ ବୁହାଏ । ସବୁକିଛିକୁ ମହକାଇ ଥାଏ ।

କେବଳ ମଣିଷ ଯେ କଥା କୁହେ, ତାହା ନୁହେଁ । କଥା ସମସ୍ତେ କୁହନ୍ତି । ସମସ୍ତେ ବୁଝନ୍ତି । ହେଲେ ମଣିଷ କଥା ନିଆରା । ତା' କଥାରେ ବିଷଥାଏ ; ଅମୃତ ବି ଥାଏ । ମଣିଷ କେବଳ କଥାକୁ ଏକଚାଟିଆ କରିନେବା ପାଇଁ ଅଣ୍ଟାଭିଡ଼େ । ଅନ୍ୟକୁ ଶୁଣିବା ଅପେକ୍ଷା ଅଧିକ ଶୁଣାଇବାକୁ ଭଲପାଏ । ଶୁଣୁନଥିବା ବାଲାଙ୍କ ଉପରେ ଖପ୍ପାହୁଏ । ତାତିଯାଏ । ଦରକାର ହେଲେ ଜୋର୍ କରି ଶୁଣାଏ, ସତେ ଯେମିତି ଦୁନିଆଁକୁ ଏଇମାନେ କହିବାକୁ କେବଳ ଆସିଛନ୍ତି, ଠିକ୍ ଯେମିତି ମଲିମୁଣ୍ଡିଆମାନେ କେବଳ ଶୁଣିବାପାଇଁ ହିଁ ଅଛନ୍ତି । ତେଣିକି ଏଇ କୁହାମୁଣ୍ଡା କପିଳାମାନେ ମଞ୍ଚଉପରେ ଗର୍ଜ୍ଜି ଗର୍ଜ୍ଜି ବେହୋସ ହୋଇଯାଆନ୍ତୁ ପଛକେ ଚିନ୍ତାନାହିଁ । କିଏ କହୁ କହୁ ଗାନ୍ଧୀ ଜୟନ୍ତୀରେ ରାଧାନାଥ କିବା ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀ କହିଚାଲୁ ପଛକେ ଆପତ୍ତି ନାହିଁ । କାହିଁକିନା କହିବା ବାଲାଙ୍କର ଇଏ ହେଉଛି ମୌଳିକ ଧର୍ମ । କହିବାପଣର ଅସଲ ତତ୍ତ୍ୱ । ଶୁଣିବାକୁ ଯିଏ ଯାଇଛି, ତାକୁ ଅଲବତ ଶୁଣିବାକୁ ହେବ ହିଁ ହେବ । ନହେଲେ କୁହାଳିଆମାନେ ଚିହିଁକି ଉଠିବେ । ମଞ୍ଚକୁ ଦୋହଲାଇ ପକାଇବେ । ଯଦି କେବେ ଡକା ନ ଯାଇଛି, ତା'ହେଲେ ପରିସ୍ଥିତି ଆହୁରି ଅସମ୍ଭାଳ ।

କୁହାମୁଣ୍ଡା କପିଳାମାନଙ୍କ ଉପରେ ବି ବେଳେବେଳେ ହାତୀ ସୁନାକଳସୀ ଢାଳେ । ରଜା କରାଏ । ରାଇଜଯାକର ପ୍ରଜା କରପତ୍ର ଯୋଡ଼ନ୍ତି । ସଲାମ ଠୁକନ୍ତି । ମୁଣ୍ଡନୋଇଁ ଚାଲନ୍ତି । କାରଣ ଏମାନେ କହି ଜାଣନ୍ତି । ହାତୀ ଦେବା ଛତି ଦେବାର ପ୍ରତିଶ୍ରୁତି ଅଜାଡ଼ି ପାରନ୍ତି । ଏକା ନିମିଷକେ ମରୁଭୂମିକୁ ଶସ୍ୟଶ୍ୟାମଳା କରିପାରନ୍ତି ତ ଦୀନରଙ୍କକୁ ରାଜେନ୍ଦ୍ର ଆସନରେ ବସାଇଦେବା ସକାଶେ ଛାତିରେ ହାତ ପିଟିପାରନ୍ତି । ତେଣିକି ନହେବା ଦୋଷକୁ ଆପଣାମୁଣ୍ଡରୁ ଖସାଇ ଆରପଟ ବାଲାଙ୍କ ଉପରେ ଲଦିଦେଇ ପାରନ୍ତି । ପୁଣି କୁହନ୍ତି । ରଜା ହୁଅନ୍ତି । ଶୂନ୍ୟରୁ ପୂର୍ଣ୍ଣ ପାଲଟନ୍ତି ।

ଯାହାଙ୍କ କଥାରୁ ଅମୃତ ଝରିପଡ଼ିଥାଏ, ସେମାନେ କିନ୍ତୁ ଏମିତି ହୁଅନ୍ତି ନାହିଁ

କିବା ଧ୍ୟାନ ଉପରେ ପ୍ରତିମୂହୂର୍ତ୍ତରେ ଚିହିଁକି ଉଠନ୍ତି ନାହିଁ । ଚିହିଙ୍କିବା ଚିଡ଼ିବା ଅବା ଦାନ୍ତକାମୁଡ଼ିବା ହେବା ଏସବୁ ଅପାରିଲା ପଣିଆଁର ଲକ୍ଷଣ । ଆପଣାର ଦୋଷ ଦୁର୍ବଳତାକୁ ଘୋଡ଼େଇ ପକାଇବା ପାଇଁ ସେମାନେ ଏମିତି ଅଭିଲାକାଣ୍ଡମାନ ଭିଆନ୍ତି । ସୁବିଧା ଅସୁବିଧାରେ ରଙ୍କ ଦୁଃଖୀ କାକୁସ୍ଥ ହୋଇ କଉଁଟାଏ ପଚାରୁ ପଚାରୁ ସେମାନେ ଏମିତି ହୁଅନ୍ତି । କଡ଼ାମିଜାଜିଆ ହାକିମାତି ଦେଖାନ୍ତି । ଚିଡ଼ି କାମୁଡ଼ି ହୁଅନ୍ତି । ଟେବୁଲ୍ ଉପରେ ହାତ କଚାଡ଼ନ୍ତି । କାଇଁକିନା ତାଙ୍କ ଠେଇଁ କେତେ ନା କେତେ ଅଭାବ ରହିଯାଇଛି । ଦୋଷ ଦୁର୍ବଳତାମାନ ତାଙ୍କ ଚାରିଆଡ଼କୁ ଘେରିପକାଇଛନ୍ତି । ସେଥିରୁ ନିସ୍ତାର ପାଇବା ପାଇଁ ସେମାନେ ଏମିତି ସୁଆଙ୍ଗ ରଚନ୍ତି । ଭାରି ସତିଆ ବୋଲି ଆପଣାକୁ ଆପଣା କୁହାଟ ଛାଡ଼ନ୍ତି । ହେଲେ ବୁଝିଲା ବାଲାଏ ସେମାନଙ୍କ ତାମସାକୁ ବୁଝିଥାଆନ୍ତି । ଅସଲବେଳ ଜାଣି ଖଡ଼ଖଡ଼ିଆ ଗଦ ଶୁଙ୍ଘାଇଦିଅନ୍ତି । କାମ ହାସଲ କରିବାର ତରିକା ଅନ୍ୟକୁ ବି ଶିଖାନ୍ତି ।

ଆମ ସଂସ୍କୃତିରେ ଅମୃତସ୍ୟ ପୁତ୍ରାଃ ବୋଲି ତାଙ୍କୁ ହିଁ କୁହାଯାଇଛି ଯିଏ ଅମୃତ ଭିତରୁ ବାହାରି ଅମୃତ ଆଡ଼କୁ ମୁହାଁଇ ଚାଲିଛି । ଏହି ଉଭୟ ମଝିର ବିରତି ବେଳେ ମଧ୍ୟ କେବଳ ଅମୃତକୁ ହିଁ ଅକାତର ଚିତ୍ତରେ ବାଣ୍ଟି ଚାଲିଛି । କେବେ ସ୍ଥାନକାଳର ତର୍ଜ୍ଜମା କରି କୁଣ୍ଠିତ ହୋଇଯାଇନି କିବା ଜାତିବର୍ଣ୍ଣର ବିଚାର କରିବାପାଇଁ ଅଟକି ଯାଇନି । ସେଥିପାଇଁ ଆପଣାର ପଥକୁ ରଥକୁ, ଘରକୁ, ସଂସାରକୁ, ବେଶକୁ, ଭୂଷାକୁ, ଖାଇବାକୁ, ପିଇବାକୁ, ଅଧରକୁ କବି। ରୁଧିରକୁ ସବୁକିଛିକୁ ହିଁ ଅମୃତମୟ କରାଇପାରିଛି । କାରଣ ଏଇ ଅମୃତ ହିଁ ତା'ର ମୂଳ । ତା' ଜୀବନର ଉପାଦାନ । ଆଦି ଆଉ ଅନ୍ତ । ତେଣୁ ଏଇମିତି ଅମୃତଜନ୍ମା ହୋଇ ସେ ପୁଣି କଥାପଦୁଟାଏ କହିବାବେଳେ ଏମିତି ଖିଙ୍କାରି ଉଠନ୍ତା କାହିଁକି ? ଅମୃତଭାଣ୍ଡ ଭିତରେ କେମିତି ଅବା ଏମିତି ବିଷକୀଟ ଜନ୍ମି କ୍ରୀଡ଼ା ରଚନ୍ତି ।

ଦୁନିଆଁରେ ଯେତେ ଯେତେ ଧାରୁଆ ଅସ୍ତ୍ରରେ ଆନକୁ ଖଣ୍ଡିଆଖାବରା କରାଯାଇପାରିବ, ସେମାନଙ୍କ ଭିତରେ ସବୁଠୁ ଟାଣୁଆ ଆଉ ଧାରୁଆ ଅସ୍ତ୍ର ହେଉଛି କଥା । ଇଏ ସିଧାସଳଖ ମରମକୁ କାଟି ପକାଇବା ଦହିଦେବ । ଖ୍ନଭିନ୍ କରିବ । ଆପଣାର ଭାଇକୁ ଭଗାରି ସଜାଇବ । ବିନା ଯୁଦ୍ଧରେ ସୂଚ୍ୟଗ୍ରେ ମେଦିନୀ ନଦେବାପାଇଁ ହୁଙ୍କାର ଛାଡ଼ିବ । ପୁଣି ଦରକାର ହେଲେ କେଡ଼େ ଦୁଃସାଧ ରୋଗ ଯନ୍ତ୍ରଣାରୁ ମୁକ୍ତିଦେବ । ଆରୋଗ୍ୟର କାରଣ ସାଜିବ । ଠିକ୍ ଚିକିତ୍ସକଙ୍କ ହାତରେ ଧରା ଯାଇଥିବା ଛୁରି ପରି । କେତେ ଉପକାରୀ ନୁହେଁ ସତେ । ସେଇଥିପାଇଁ ତ ଯମଦୁଆରୁ ରୋଗୀକୁ ଫେରାଇ ଆଣିଥାଏ । ଘା-ଘଉଡ଼ ଥାନରେ ଚନ୍ଦନ ଲେପିଦିଏ । ଦୁର୍ବିସହ ଦୁଃଖବେଳେ ଆପଣାର ମଣିଷମାନଙ୍କ ପାଟିରୁ ଯୋଉ ସାନ୍ତ୍ୱନାମୂଳକ କଥା କେଇପଦ ବାହାରିଥାଏ, ତାକୁ କ'ଣ କୋଉ ଧନଦଉଲତ ବିନିମୟରେ ବିକା ଯାଇପାରିବ ନା କିଣାଯିବା ସମ୍ଭବ ହେବ । ସେତିକି ନ ମିଳିବା ଯାବତ କେମିତି ଆମେ ଛଟପଟ ହେଉ । ଯନ୍ତ୍ରଣାର ଉପଶମ ସମ୍ଭବ

ହୁଏନି । ଯାବତୀୟ ଚିକିତ୍ସା ସତ୍ତ୍ୱେ ଜ୍ଞାନ ଅପେକ୍ଷା କରିଥାଏ, ଏଇମିତି କଥା କେଇପଦକୁ । କଥା ନୁହେଁ ତ ସାକ୍ଷାତ ଅମୃତ । ନୂତନ ଜୀବନ୍ୟାସର ନାମାନ୍ତର । ଯୋଉଠି ସ୍ୱୟଂ ଚିକିତ୍ସକ ଅମୃତଧର୍ମା, ଆଉ କଉଁଟାଏ ଲେଖାଯାଇ ପାରିଥାଆନ୍ତା, ରୋଗୀ ସେସବୁକୁ ଅପେକ୍ଷା କରେନି । ଅଥଚ ତାଙ୍କ ଅମୃତଭରା କଥା କେଇପଦରେ ଚେଇଁଉଠେ । କଅଁଳିଯାଏ । ହରାଇସାରିଥିବା ଜୀବନର ଆଶାକୁ ପୁଣି ଲେଉଟାଇ ଆଣେ । ଡାକ୍ତର ତା'ପାଇଁ ଭଗବାନ ହୋଇଯାଆନ୍ତି । ହାକିମ ବରଦାତା ହୋଇ ତା' ଆଗରେ ଉଭାହୁଅନ୍ତି । ବାପାମାଆ ପାଲଟିଯାଆନ୍ତି । ଯୋଉଥିପାଇଁ ସେ ଆପଣାର ଅନ୍ତରକୁ ତାଙ୍କ ଆଗରେ ଆହୁରି ଖୋଲିଦିଏ । ଆପଣାକୁ ଆହୁରି ମେଲାଇଦିଏ । ଗୁହାରି କରିବାକୁ ଆତୁର ହୋଇଉଠେ । ସେଠେଇଁ ଗୁହାରିଆ ଆଉ ଭାବନା ନଥାଏ । ସବୁ କେମିତି ଗୋଟିଏ ମାତ୍ର ପରିଚୟ ପାଲଟି ଶୁଣିବାବାଲାର ଆଖିରେ ଲୁହ ଲହଡ଼ି ମାରେ । ମଝିରେ ମଝିରେ ଖାଲି କଥା କେଇପଦ । ସାନ୍ତ୍ୱନା । ସାନ୍ତ୍ୱନା ନୁହେଁ ତ ଅମୃତବର୍ଷା । ଆପଣାଭାବର ଜଡ଼ସଡ଼ ସାରସତ୍ତା । ତେଣିକି ଗୁହାରିଆର ଚିନ୍ତା ନଥାଏ । ଦକ ନଥାଏ । କେଡ଼େ ବଡ଼ ଲୋକ ତାକୁ ଶୁଣିଛନ୍ତି । ଧଇର୍ଯ୍ୟ ଦେଇଛନ୍ତି । ଆହାଃ- ବୋଲି କହିଛନ୍ତି । ବାସ୍ ସେତିକି ଯଥେଷ୍ଟ । ସେତିକି ହିଁ ସବୁକିଛି । ସେଇ ସକାଶୁ ତ ସକଳ କଷଣକୁ ଭୂଲିଯାଏ । ମୁଣ୍ଡ ଉଠାଏ । ନିଜକୁ ବଞ୍ଚାଇ ରଖିବା ସକାଶେ ରାହା ଖୋଜେ ।

ଅମୃତ ପାଲଟି ଯାଇଥିବା କଥାରେ ଯେ କେବଳ ମଣିଷର ଅନ୍ତର ଦ୍ରବୀଭୂତ ହୋଇଥାଏ, ସେପରି ନୁହେଁ । ଇତର ପ୍ରାଣୀମାନେ ମଧ୍ୟ ଏଇମିତି କଥାରେ ଆଉଜି ଯାଆନ୍ତି । ଆପଣା ଆପଣାର ଢଙ୍ଗମାନଙ୍କୁ ପାଶୋରିପକାଇ, ଏଇ ଅମୃତବର୍ଷୀଙ୍କ ପାଖକୁ ଧାଇଁ ଆସନ୍ତି । ବୋଲ ମାନନ୍ତି । ଘଷିନେସି ହୁଅନ୍ତି । ହୃଦୟକୁ ହୃଦୟ ମିଶାଇଦିଅନ୍ତି । ନିଜକୁ ପାଶୋରିଦେଇ ତାଙ୍କରି ପରିଚୟରେ ପରିଚିତ ହୁଅନ୍ତି । ଗଛବୃଛମାନେ ତଳକୁ ଓହଳି ଆସନ୍ତି । ଆଉଁଷି ହୁଅନ୍ତି । ଜୀବନିକା ଶକ୍ତି ପାଇ ଅଧିକରୁ ଅଧିକ ବଢ଼ିଯାଆନ୍ତି । ଅମୃତ ସନ୍ଧାନରେ ବ୍ରତୀ ହୁଅନ୍ତି । ସେମାନେ ବି ଅମୃତ ବର୍ଷନ୍ତି । ଅମୃତ ବିତରନ୍ତି । ଆନର ହିତରେ ଆପଣାକୁ ଲଗାନ୍ତି । ସାର୍ଥକ ମଣନ୍ତି ।

ସେଇମାନଙ୍କୁ ଆମେ ସାର୍ଥକ ଜନ୍ମା ବୋଲି କହୁ । ସେଇମାନଙ୍କୁ ଧାରଣ କରି ଧରଣୀ ଧନ୍ୟ ହୋଇଥାଏ, ଯୋଉମାନଙ୍କ କଥାରେ ଅମୃତର ଧାରା ବହିଯାଏ । କଥା ପଦଟାଏ ଯୋଉମାନଙ୍କର ଅଗଣିତ ପୀଡ଼ିତ ହୃଦୟରେ ଶୀତଳ ଚନ୍ଦନ ପ୍ରଲେପିଥାଏ । ଆତୁରର ଆଖିରୁ ଲୁହ ପୋଛିଥାଏ । ନିଃସ୍ୱକୁ ବିଶ୍ୱଧନ ପ୍ରଦାନ କରେ । ସେଇମାନଙ୍କୁ ଆମେ କୁଳଉଦ୍ଧର୍ତ୍ତା ବୋଲି କହୁ । ଉତ୍ତର ପୁରୁଷଙ୍କୁ ପ୍ରେରଣା ଦେଉ । ଉଦାହରଣ ଛଳରେ ସେଇମିତି ହେବାକୁ କହିଥାଉ । କାରଣ ସେମାନଙ୍କ ବଚନ କେବଳ ମଧୁର ନୁହେଁ; ସତେ ଯେମିତି ତାଙ୍କର ସବୁକିଛି ମଧୁର । ସବୁକିଛି ଅମୃତମୟ । ଅମୃତରେ ହିଁ ସେ । ସେ ହିଁ ଅମୃତ । ଇହଲୋକରେ ତାଙ୍କରି ରୂପରେ ଅମୃତ ଯେମିତି ଆତ୍ମପ୍ରକାଶ କରିଅଛି । ନିଜକୁ ସତ୍ତାବାନ୍ କରାଇଛି । ଆପଣାକୁ ଅହୋ-ଭାଗ୍ୟ ମଣୁଛି ।

ଆଜି ବେଳକୁ ବେଳ ଆମର ଉନ୍ନତି ହେବାକୁ ଲାଗିଛି । ସେଇ ଉନ୍ନତିର ଦ୍ୱାହିରେ ଆମେ ଧରାକୁ ସରା ମନେକରୁଛେ । ଖାଇବା ପିଇବା ପିନ୍ଧିବାର ପ୍ରାବଲ୍ୟକୁ ଅନ୍ୟମାନଙ୍କୁ ଦେଖାଇହୋଇ ମାଆବେଙ୍ଗ ପରି ଫୁଲିବାକୁ ଲାଗୁଛେ । ଅଥଚ ଯୋଉଟିକକ ଭାରି ଦରକାରୀ, ତାକୁ ପାଶୋରି ଦେଉଛେ । ଏଡ଼େଇ ପଳାଉଛେ । ସତେ ଯେମିତି ଆମେ ଜମାରୁ କଥାକହିବା ଶିଖିନେ ଅବା ଯଦି ଶିଖିଛେ କେବଳ କାମୁଡ଼ିବିଦାରି କହିବା ଜାଣିଛେ । ଅଥଚ ଆମେ ଭୁଲିଯାଉଛେ, ଇଏସବୁ ଯନ୍ତ୍ରର କାମ । ନାହିଁ କରିବ ତ ରୋକ୍‌ଠୋକ୍ ନାହିଁ କରିବ । ସିଏ ବୁଝିବ ନାହିଁ, କାହାର କେତେବଡ଼ ଆବଶ୍ୟକତା । କାହାର କେତେବଡ଼ ଅଭାବିପଣ, ହେଲେ ଆମେ ମଣିଷ । ଆମ ଆଗରେ କେଡ଼େ ବିକଳ ହୋଇ ଦୟିନୀ କରି ଠିଆହୋଇ ଆମ ମୁହଁକୁ ଚାହିଁଥିବା ପ୍ରାଣୀଟି ମଧ୍ୟ ମଣିଷ । କଥା ପଦଟିକୁ କଥା ଭଳିଆ କହିଦେଲେ, ସେମିତି କିଛି ଅମଙ୍ଗଳ ଆମର ହୋଇଯିବନି । ସେମିତି କିଛି ଗୋଟାଏ ମହାପ୍ରଳୟ ହୋଇଯିବ ନାହିଁ । ଅପରପକ୍ଷେ ଆମ ଆହାଃ-ଭରା କଥାରେ ତା' ତପ୍ତପ୍ରାଣ ଶୀତଳ ହୋଇଯିବ । ତାକୁ ଆଶ୍ରା ମିଳିଯିବ । ପଣତକାନିରେ ଲୁହକୁ ପୋଛିଦେଇ ଅଣ୍ଟାସଳଖି ଠିଆହେବ । ତାକତ ପାଇବ । ଯୋଉଥିପାଇଁକି ଆମକୁ ସେମିତି ଗୋଟେ ମିହନ୍ତ କରିବାକୁ ପଡ଼ିବ ନାହିଁ କି ଅର୍ଥବ୍ୟୟ କରିବାକୁ ହେବନାହିଁ ।

ସେଇକଥା ଅମୃତରୂପରେ ଆପଣାକୁ ରୂପାନ୍ତରିତ କରିଥାଏ, ଯାହାକୁ ଶୁଣିଦିଅନ୍ତେ ତାତିଲା ହୃଦୟ ଶୀତଳ ହୋଇଯାଏ । ଯୋଉକଥା ମୁହଁରୁ ବାହାରିଯାଇ ପବନରେ ମିଶିଯାଏ ସତ, ଅଥଚ ଯାହାକୁ ପରବର୍ତ୍ତୀ ସମୟରେ ଅନ୍ୟମାନେ ଗୁମୁରୁ ଥାଆନ୍ତି । ଆପଣାକୁ ଆପଣା ଶୁଣନ୍ତି ଶୁଣାନ୍ତି ମଧ୍ୟ । ଯାହା ଶୁଣିବାମାତ୍ରେ ଅସହ୍ୟ ଦୁଃଖ ଦୂର ହୋଇଯାଏ । ଯାତନା ଛାଆଁକୁ ଛାଆଁ ଅପସରିଯାଏ । ଦିନରାତି ମଙ୍ଗଳମୟ ହୋଇଉଠେ । ଯୋଉକଥାରେ କଲ୍ୟାଣଲକ୍ଷ୍ମୀ ବାସକରନ୍ତି । ଭୂମିରୁ ଭୂମାଯାବତ ଯାହା ବ୍ୟାପି ଯାଇଥାଏ । ସେଇ ଅନିର୍ବଚନୀୟ ସ୍ତରକୁ ଶୁଣୁଥିବା ବାଲାଙ୍କୁ ମଧ୍ୟ ସାଙ୍ଗରେ ନେଇଯାଇଥାଏ । ତଦ୍ଦ୍ୱାରା ଶ୍ରୋତା ବକତା ଧନ୍ୟହୋଇ ଯାଆନ୍ତି । ମହାକାଳବକ୍ଷରେ ଦାଉଦାଉ ହୋଇ ଝଟକନ୍ତି । କାଳଆଖିରେ କଜ୍ଜଳ ସାଜନ୍ତି । ସେଇ ଅମୃତଟିକକୁ ସାଇତିରଖିବା ସକାଶେ ପୋଥି ଉପରେ ପୋଥିମାନ ଜନ୍ମନିଅନ୍ତି । ଚଉରାଶିକି ନିଘା ରଖନ୍ତି । ମିତ୍ରଚକ୍ଷୁରେ ଅଖଣ୍ଡମଣ୍ଡଳକୁ ସମୀକ୍ଷା କରନ୍ତି । ତର୍ଜ୍ଜମା କରନ୍ତି । ସଜାଡ଼ି ଦିଅନ୍ତି । ହସନ୍ତି । ହସାନ୍ତି ।

ହେଲେ ଏସବୁ କେବଳ ଆମ ଉପରେ ନିର୍ଭର କରିଥାଏ । ଆମ କଥା ଅମୃତ ପାଲଟି ଧ୍ୟାନ ପାଇଁ ଅମୃତବର୍ଷୀ ହୋଇ ଅମୃତସୋପାନ ପାଲଟିଯିବ ଅଥବା ହଳାହଳବିଷର ବଳୟ ସର୍ଜି ତା'ର କ୍ଷୁଦ୍ର ପରାଣକୁ ଅଧିକରୁ ଅଧିକଭାବେ ଦହିଚାଲିବ ।

❑❑❑

ଗଳ୍ପ ସ୍ୱତନ୍ତ୍ର

ଲୁହର ସମୁଦ୍ର



ରବି ପଣ୍ଡା

ପ୍ଲଟ.ନଂ. ୧୫୭/୨୬୮୪,
କପିଳ ପ୍ରସାଦ, ଭୁବନେଶ୍ୱର
ମୋ-୭୦୦୮୭୬୬୨୫୦

“ କାର୍ଡବୋର୍ଡର ପେଣ୍ଟିକୁ ଲିଭାଇ ହୁଏ, ଫିଙ୍ଗିଦେଇ ହୁଏ । ଜୀବନର ଧୂସର ରଙ୍ଗକୁ କିନ୍ତୁ ସବୁଜ କରିବ କିପରି ? ସେଇଠୁ ଧୂଏ ତାକୁ ଲୁହରେ । ଲୁହ ହେଇଯାଏ ରକ୍ତ । ରକ୍ତାକ୍ତ ହେଇଯାଏ ସମ୍ପୂର୍ଣ୍ଣ ଛବି । ଛବି ପୁନଶ୍ଚ ଦେଖାଯାଏ ହୁତ୍‌ହୁତ୍ ଜଳୁଥିବା ବନସ୍ପତି ପରି ଲେଲିହାନ । ”

ସୁଖର ଅନୁଭବ ଓଦା ବାଲି ଉପର ପଦଚିହ୍ନ ପରି, ଯାହାକୁ ନିମିଷେକେ ଲିଭେଇଦିଏ ସମୁଦ୍ରର ଢେଉ । ଦୁଃଖ ତ ଶିଳାଲେଖ, ତାକୁ ଲିଭେଇବ କିଏ ! ସମୟ ବି ସେଠି ସ୍ତବ୍ଧ ।

ଏଇ ଟିକକ ଆଗରୁ ସମୁଦ୍ର ଢେଉକୁ ଛକି ଛକି ଏତେବାଟ ଆସିଗଲାଣି ଚାଣକ୍ୟ । ପଛକୁ ଚାହିଁଲେ ପାଦଚିହ୍ନ ସିନା ନାହିଁ, ସ୍ମୃତି କିନ୍ତୁ ସଂଜୀବିତ ଅଛି । ସ୍ମୃତି ବି ଶିଳାଲେଖ ପରି, ଯିଏ ଜୀବନ ସାରା ଲିଭେ ନାହିଁ ।

ଚାଣକ୍ୟ ଗୋଟେ ବାଲିକୁଦ ଉପରେ ବସି ପଡ଼ିଲା । ଆଗରେ ବିସ୍ତୃତ ବିକ୍ଷୁବ୍ଧ ସମୁଦ୍ର । ପଛରେ ବିଜନ ବେଳାଭୂମି । ଅନତିଦୂରରେ ସହରର ଛାଇ, ଯେ ତା’ର

କୋଳାହଳକୁ ନେଇ ବେଶ୍ ମସଗୁଲ୍ ଅଛି । କୋଳାହଳ ଭିତରେ ନିଜକୁ ପାଇବା ସହଜ ହୁଏ ନାହିଁ ବୋଲି ଏତେ ଦୂରକୁ ପଳେଇ ଆସେ ଚାଣକ୍ୟ । ବଞ୍ଚିବାପାଇଁ ନିରବତା ଜରୁରୀ । କିନ୍ତୁ ଏ ନିରବତା ବି ଏତେ ଘାତକ ଯେ, ବଞ୍ଚିବା ବିପନ୍ନ ହୋଇପଡୁଛି ବୋଲି ଭାବେ ସେ । କାରଣ ଏ ଏକାନ୍ତ ସମୟ ତା'ର ବିପର୍ଯ୍ୟସ୍ତ ସ୍ମୃତିକୋଷକୁ ଯେପରି ଜୀବନ୍ୟାସ ଦେଇଦେଉଛି ।

ଚାଣକ୍ୟ ଜଣେ ଶିଳ୍ପୀ ।

ତାକୁ ଏବେଠାରୁ ଶିଳ୍ପୀ ବୋଲି ସମ୍ବୋଧନ କରାଯାଉ ।

ସେ ଭାବୁଥିଲା ସେଇଠି, ସେଇ ବାଲିବନ୍ତ ଉପରେ ବସି ।

ଦୁଃଖକୁ ନେଇ ତ ମୋର ନିତି ବାଲିଘର । ସେ ଘରକୁ ଯେତେ ଛିଡ଼ା କରେଇଲେ ବି ଧସିଯାଏ ପ୍ରତି ମୁହୂର୍ତ୍ତରେ । ମିଶିଯାଏ ରେଣୁରେଣୁ ବାଲିରେ । ସେଇ ବାଲିର ସ୍ତୂପ ଭିତରେ ଆତ୍ମା ମୋର ଦହଗଞ୍ଜ ହୋଇଯାଏ । ଟିକିଏ ଶାନ୍ତି ପାଇଁ, ଟିକିଏ ସୁଖ ପାଇଁ ଆତ୍ମାର ଓଁକାର ମୋର ଯନ୍ତ୍ରଣାରବେଦ ପାଲଟି ଯାଏ । ତଥାପି ଶାନ୍ତି କାହିଁ ? କାହିଁ ଶାନ୍ତି ! ଶାନ୍ତି ପାଇଁ କ'ଣ କିଛି ନାଇଁ ଏ ଦୁନିଆରେ !

ଶିଳ୍ପୀ ଆତ୍ମସ୍ଥ ହୋଇଯାଏ ।

ତା'ର ହୃଦ୍‌ବୋଧ ହୁଏ, ମନ ହିଁ ଶାନ୍ତି ଅଶାନ୍ତିର କେନ୍ଦ୍ରସ୍ଥଳ । ମନ ହିଁ ପ୍ରଶାନ୍ତିର କଳ୍ପବଟ ଛାଇ ।

ପୁନଶ୍ଚ ସଂଶୟ ସୃଷ୍ଟିହୁଏ ମନରେ । ମନ ଯଦି ଭଙ୍ଗା ଆଇନାର ଫଳକ, ସେଠାରେ ସୁଖ ଓ ଶାନ୍ତିର ପରିପୂର୍ଣ୍ଣ ଛବିଟିଏ ଫୁଟି ଉଠିବ କିପରି ?

ଏମିତି ଏମିତି ଅନେକ ଅସମାହିତ ପ୍ରଶ୍ନକୁ ନେଇ ମନ ଭିତରେ ଯେତେବେଳେ ଯୁଦ୍ଧର ଘନଘଟା ଛାଇଯାଏ, ହୃଦୟ ଭାଙ୍ଗିପଡ଼େ, ସେ ଅନ୍ୟମନସ୍କ ହେଇପଡ଼େ ।

ମନେପଡ଼େ ପଲ୍ଲବୀ କଥା, ଯିଏ ତା'କୁ ତୂଳୀଟିଏ ଧରେଇ ଦେଇ ତାକୁ ଦୁଇଟି ଆଖି ମାତ୍ର ଆଙ୍କିବାକୁ କହିଥିଲା ।

ଆଖି ! ଆଖି କାହିଁକି ? ସେ ପଚାରିଥିଲା ।

ଆଖିରେ ହିଁ ମନ ହୃଦୟ ଦେହ ମୁହଁ ସବୁ ଦେଖିହୁଏ । ପ୍ରେମକୁ ପରଖି ହୁଏ ବି ସେଇଠୁ । ପଲ୍ଲବୀ ହସିହସି ବଡ଼ ନାଟକୀୟ ଢଙ୍ଗରେ ଏତକ ଉତ୍ତର ରଖିଥିଲା ।

ଆଖିର ଆଉ ଗୋଟେ କରୁଣ ରୂପ ବି ଅଛି । ରସିକତା କରି କହିଥିଲା ଚାଣକ୍ୟ ।

ସେ କାରୁଣ୍ୟ ଲୁହର, ଜାଣେ । ଗମ୍ଭୀର ହୋଇପଡ଼ିଲା ପଲ୍ଲବୀ । କହିଲା, ସେ ଲୁହ ଆନନ୍ଦର ହେଇପାରେ କିନ୍ତୁ ସେଠାରୁ କେବେ ଦୁଃଖର ଲୁହ ଝରିବନି ।

ମିଛକଥା । ମଣିଷ ସବୁବେଳେ ସମୟକୁ ନିଜ ନିୟନ୍ତ୍ରଣରେ ରଖିପାରେନା ପଲ୍ଲବୀ । କୋଉ ଫାଙ୍କରେ ତାହା ଖସିଯାଏ । ଆମେ ବିତେଇଥିବା ଏଇତକ ସମୟ-

ଆମ ଭଲପାଇବା । ତା'ର ସାବଲୀଳତା କେତେଦିନ ଧରି ରଖିପାରିବ, କିଏ କହିବ ! ହସ ପରି ଲୁହକୁ ବି ସଂଚୟ କରି ରଖାଯାଏ ।

ଚାଣକ୍ୟର ବିମର୍ଷ ଉତ୍ତର ପଲ୍ଲବୀକୁ ଭଲ ଲାଗିଲା ନାହିଁ । ତଥାପି ସେ ହସିହସି କହିଲା, ତମକୁ ଚାଣକ୍ୟ ନାଁ ଟା ଆଦୌ ସୁହାଉନାହିଁ, ଆର ନାଁଟି ଠିକ୍, କୌଟିଲ୍ୟ । ମୋର ସବୁ କଥାକୁ ତମେ କୁଟିଳ ଅର୍ଥରେ ନେଉଚ ।

ଚାଣକ୍ୟ ବି ହସିଲା, ଏ କଥାରେ । କହିଲା, ନାଇଁନାଇଁ, ପ୍ରେମ ଯେତେ ସରଳ, ତା'ର ପଥଟା ସେତେ କୁଟିଳ ଓ ଜଟିଳ । ତମର ପ୍ରେମ ଉପରେ ମୋର ଅନାସ୍ଥା ନାହିଁ, ମୋ ଭଲପାଇବାକୁ ବି ତମେ ନିଃସନ୍ଦେହ ଧରିନିଅ । କିନ୍ତୁ ପ୍ରେମରେ ପଚଷ୍ଟରୀ ଭାଗ ବାସ୍ତବତା ଓ ପଚିଶ ଭାଗ କଳ୍ପନା ଥାଏ । ଅର୍ଥାତ୍ ଲୁହର ମାତ୍ରା ବେଶି । ତମେ ଯେଉଁ ଆଖି ଆଙ୍କିବା କଥା କହୁଛ, ସେଠାରେ ଲୁହ ନ ରହିଲେ ବିରହର ବାଖ୍ୟା କିଏ କରିବ ?

ତମେ ଜଣେ ଶିଳ୍ପୀ ନହେଇ କବି ହେଇଥିଲେ ଭଲ ହେଇଥାନ୍ତା । ତମେ ବରଂ ଏବେ ଠୁଁ ତୂଳୀ ଛାଡ଼ି କଲମ ଧର । ତମକୁ କବି ସମ୍ବୋଧନ କରିବାରେ ମୋର ଆପତ୍ତି ନାହିଁ । ପଲ୍ଲବୀ କଥାରୁ ବ୍ୟଞ୍ଜନା ବିଛାଡ଼ି ହେଇ ପଡୁଥିଲା ।

ଚାଣକ୍ୟ କହିଲା, କବି ଆଉ ଶିଳ୍ପୀ ଭିତରେ କୋଉ ପାର୍ଥକ୍ୟ ଥାଏ କି ? ଉଭୟ ସ୍ରଷ୍ଟାଙ୍କ ଦୁଃଖ ଗୋଟିଏ । ଲୁହକୁ କାଳି କରିଦେଲେ କବିତା ହେଇଯାଏ ତ ରଙ୍ଗ କରିଦେଲେ ଚିତ୍ର । ଉତୁରି ଆସୁଥିବା ହୃଦୟର କୋହକୁ କାନ୍ଦରେ ସିନା ପ୍ରକାଶ କରି ହୁଏନି, କରିହୁଏ କିନ୍ତୁ ଚିତ୍ରରେ, କରିହୁଏ କବିତାରେ ।

ପଲ୍ଲବୀକୁ ଚାଣକ୍ୟର ଏ ଦାର୍ଶନିକତା ଭଲ ଲାଗୁ ନ ଥିଲା । ସେ ଆଉ କିଛି ନ କହି ନିରବ ରହିଲା ।

କ'ଣ ରାଗିଲ ? ପଲ୍ଲବୀର ମୁହଁକୁ ଦି'ପାପୁଲିରେ ତୋଳିଧରି ପଚାରିଲା ଚାଣକ୍ୟ । ପଲ୍ଲବୀ ଗୋଟେ ମୁଗ୍ଧ ଦୃଷ୍ଟିରେ ଚାଣକ୍ୟ ମୁହଁକୁ ଚାହିଁ କହିଲା, ଉଁ ହୁଁ... ରାଗୁନି, ତମକୁ ମୁଁ ଭଲପାଏ, ଏତିକି ଯଥେଷ୍ଟ । ତା' ଭିତରକୁ ଏତେ ଜଟିଳତା ଆଣିଲେ, ପ୍ରେମ ଆଉ ପ୍ରେମ ହେଇ ରହେ ନାହିଁ, ହୋଇଯାଏ ବିଜ୍ଞାନଗାରର ଏକ ସୈଦ୍ଧାନ୍ତିକ ପ୍ରସଙ୍ଗ । ତମେ ଚିତ୍ର ଆଙ୍କ, ଭଲ ଆଙ୍କ, ସେଇ ଭଲ ହିଁ ମୋର ଆକର୍ଷଣ । ତେଣୁ ତମକୁ ଶିଳ୍ପୀ ଡାକେ । ତମ ଶିଳ୍ପର ଉତ୍କର୍ଷତା ମୁଁ କାମନା କରେ । ତମର ସେଇ ପରିଚୟ ବିଦିତ ହେଉ ମୁଁ ଚାହେଁ, ଆଉ ତାକୁ ତମେ...

ଚାଣକ୍ୟ ଆଉ କିଛି କୁହାଇ ଦେଲା ନାହିଁ । ତା ଓଠକୁ ତା ଓଠରେ ଘୋଡ଼େଇ ପକେଇଲା । ଏତେ ସୁନ୍ଦର ଓଠ ଏତେ ବକ୍‌ବକ୍ କରିବା ଭଲ ନୁହେଁ । ତା'ର କୋମଳତା ହ୍ରାସ ପାଇବ । ଏତକ କହିଲା ଓଠ ହଟେଇ ।

ପଲ୍ଲବୀ କୃତ୍ରିମ କ୍ରୋଧ ପ୍ରକାଶ କଲା, ଯଦିଓ ତାକୁ ଚାଣକ୍ୟର ପେଲବ ସ୍ପର୍ଶ ପ୍ରିୟ ଲାଗୁଥିଲା ।

ଚାଣକ୍ୟ ପଲ୍ଲବୀର ହାତ ଦୁଇଟି ଧରି କହିଲା, ମୁଁ ଶିଳ୍ପୀ ହେଲେ, ତମେ ହେଲ ମୋର ପ୍ରେରଣା । ତମପାଇଁ ଆଙ୍କିବି ଦୁଇଟି ଆଖି, ସୁନ୍ଦର... ସ୍ୱପ୍ନିଳ, ଠିକ୍ ତମରି ଆଖି ପରି । ପଲ୍ଲବୀ ଉଲ୍ଲସିତ ହୋଇଥିଲା ଓ ଗୋଟେ ପ୍ରତ୍ୟାଶିତ ପ୍ରତୀକ୍ଷା ନେଇ ଫେରିଥିଲା ।

ତା'ପରେ ଚାଣକ୍ୟ ବସିଥିଲା ଧ୍ୟାନରେ, ଆତ୍ମମଗ୍ନ । ସମସ୍ତ ସାମର୍ଥ୍ୟ ଦେଇ ଆଙ୍କିଥିଲା ଦୁଇଟି ଆଖି । ପଲ୍ଲବୀକୁ ବିସ୍ମିତ କଲାଭଳି । ବିଲ୍‌କୁଲ୍ ଅନୁରୂପ ।

ଗୋଟେ ଯୁଗପତ୍ ବିଭୋର ଓ ବିହ୍ୱଳ ସ୍ଥିତି ନେଇ ଯେତେବେଳେ ସେ ଚିତ୍ରଟି ନେଇ ଧାଇଁ ଯାଇଥିଲା ପଲ୍ଲବୀ ପାଖକୁ ଦେଖିଥିଲା, ସେ ଆଖି ଦୁଇଟିରେ ଏତେ ଲୁହ ଭର୍ତ୍ତି ଯେ ମିଳେଇ ପାରିଲେନି ପରସ୍ପରକୁ ।

ପଲ୍ଲବୀ ଆଉ କେଉଁ ସ୍ୱପ୍ନ ଦେଖିବାକୁ ଆଖି ଦୁଇଟିକୁ ପ୍ରସ୍ତୁତ କରିସାରିଥିଲା ସେତେବେଳକୁ ।

ଶିଳ୍ପୀ ପଳାଇ ଆସେ ଏକମୁହାଁ । ତା'ପରେ ଅନେକ ଅନେକ ଅସମାହିତ ପ୍ରଶ୍ନକୁ ନେଇ ମନ ଭିତରେ ଯେତେବେଳେ ଯୁଦ୍ଧର ଘନଘଟା ଛାଇଯାଏ, ହୃଦୟ ଭାଙ୍ଗିପଡ଼େ, ଶରୀର ହେଇଯାଏ ବିପର୍ଯ୍ୟସ୍ତ ସେତେବେଳେ ଶିଳ୍ପୀ ଆଙ୍କି ଚାଲେ । ଆଙ୍କି ଚାଲେ ତା'ର ସମସ୍ତ ନିମଗ୍ନତା ଦେଇ, ସମସ୍ତ ଶୈଳ୍ପୀକ ନିର୍ଯ୍ୟାସର ରଙ୍ଗ ଦେଇ ଚିତ୍ରଟିଏ । ସୁଖଦ ଜୀବନର ।

କିନ୍ତୁ ହାୟ ! ଆଉ ଏକ ସବୁଜିମାରେ ଭରିଦେବାକୁ ତୂଳି ଉଠାଏ ସିନା, ଶିଳ୍ପୀ କିନ୍ତୁ ଅନ୍ୟମନସ୍କତାରେ ବୋଳି ଦେଇଥାଏ ଧୂସର ରଙ୍ଗ । ସଂବିତ ଫେରିଲେ ଦେଖେ ଜୀବନର ରଙ୍ଗ ପାଲଟି ଯାଇଛି ଧୂ ଧୂ ଧୂସର... ଧୂସର । କାର୍ଡବୋର୍ଡର ପେଣ୍ଟିକୁ ଲିଭାଇ ହୁଏ, ଫିଙ୍ଗିଦେଇ ହୁଏ । ଜୀବନର ଧୂସର ରଙ୍ଗକୁ କିନ୍ତୁ ସବୁଜ କରିବ କିପରି ? ସେଇଠୁ ଧୂଏ ତାକୁ ଲୁହରେ । ଲୁହ ହେଇଯାଏ ରକ୍ତ । ରକ୍ତାକ୍ତ ହେଇଯାଏ ସମ୍ପୂର୍ଣ୍ଣ ଛବି । ଛବି ପୁନଶ୍ଚ ଦେଖାଯାଏ ହୁତ୍‌ହୁତ୍ ଜଳୁଥିବା ବନସ୍ପତି ପରି ଲେଲିହାନ ।

ଶିଳ୍ପୀ ଆକୁଳ ହେଇଯାଏ ତୃଷ୍ଣାରେ । ପାଣି ଖୋଜେ । କିନ୍ତୁ ପାଣି ନ ଥାଏ ଆଖପାଖରେ । ଯନ୍ତ୍ରଣାରେ ଛଟପଟ ହୋଇ କାନ୍ଦିପକାଏ ବିକଳରେ । କି ଆଶ୍ଚର୍ଯ୍ୟ ! ତା ଆଖିର ଲୁହଧାର ହିଁ ତା ଓଠ ସ୍ପର୍ଶକରି ତା'ର ତୃଷ୍ଣା ମେଣ୍ଟାଏ । ସେ ଆଶ୍ୱସ୍ତ ହୁଏ । ପାଣି ତ ତା'ର ଖୁବ୍ ନିକଟରେ । ସେ ପୁଣି ତୃଷିତ କାହିଁକି ? ଜୀବନର ବୈଚିତ୍ର୍ୟ ବି ତାକୁ ବିସ୍ମିତ କରେ । ବାଃ... ମନରେ ଦେଇଛି ଶୋଷ, ଶୋଷ ମେଣ୍ଟିବାକୁ ଆଖିରେ ବି ଦେଇଛି ଲୁହ !

ଶିଳ୍ପୀ ପୁନର୍ବାର ଧ୍ୟାନସ୍ଥ ହୁଏ । ସେ ଏଥର ଆଙ୍କିବାକୁ ଚେଷ୍ଟାକରେ ସୁନ୍ଦର ଏକ ଘନ ବନାନୀର ଦୃଶ୍ୟ । ଉପରେ ସୁନୀଳ ଆକାଶ । ପାର୍ଶ୍ୱରେ କୁଳୁକୁଳୁ ସରୁ ଅଥଚ ବେଗବତୀ ନଦୀ । ଦିଗନ୍ତରେ ଅସ୍ପଷ୍ଟ ଦୂର ପାହାଡ଼ର ଛାଇ । ଘଞ୍ଚ ବନାନୀର ସବୁଜିମାକୁ ସ୍ୱର୍ଣ୍ଣାଭ କରି ଉଠୁଛି ଦିଗନ୍ତରେ ଉଦୀୟମାନ ସୂର୍ଯ୍ୟ । ବାଃ... ଚମତ୍କାର...

କିନ୍ତୁ ଦୀର୍ଘଦିନ ବିତିଯାଏ । ବାରମ୍ବାର ଚେଷ୍ଟା କରି ବି' ଶିଳ୍ପୀଟି ସେମିତି ଚିତ୍ରଟି ଆଙ୍କିବାକୁ ଅସମର୍ଥ ହେଇପଡ଼େ ।

ହଠାତ୍ ଦିନେ ସେ ଆବିଷ୍କାର କରେ ତା' ହାତ ଶିଥିଳ ହେଇଆସୁଛି । ଆଖି ହେଇ ଆସୁଚି ଅନ୍ଧାରିଆ, ସେ ଏବେ କିଛି ବାରିପାରୁ ନାହିଁ । ସକାଳର ଚିତ୍ରଟି ତାକୁ ସନ୍ଧ୍ୟାର ଦୃଶ୍ୟ ଭଳି ଦେଖାଯାଉଛି । ହାୟ... ହାୟ.. ହତାଶ ଶିଳ୍ପୀଟି ବୈକଲ୍ୟରେ ତା ମୁହଁ ଉପରେ ହାତ ବୁଲେଇ ଆଣି ଚମକି ପଡ଼େ । ତା' ମୁହଁ ସାରା ତ ଜଙ୍ଗଲ !

ବାରମ୍ବାର ବାରମ୍ବାର ହାତର ସ୍ପର୍ଶରେ ସେ ଅନୁଭବ କରେ ସେ ଜଙ୍ଗଲର ସ୍ନିଗ୍ଧତା । ତା'ର ମନହୁଏ, ଦେଖନ୍ତା କି ଥରେ ସେଇ ଜଙ୍ଗଲକୁ । ଚିତ୍ରରେ ନହେଲେ ନାଇଁ ତା' ମୁହଁରେ ଜଙ୍ଗଲକୁ ତ ସେ ମନ ପୂରେଇ ଦେଖନ୍ତା ।

ହଜିଯାଆନ୍ତା ସେ ଜାଙ୍ଗଲିକ ସବୁଜିମାରେ ।

ତା'ର ଆଇନା କଥା ମନେପଡ଼େ । କିନ୍ତୁ ତାହା ବି ନଥାଏ ତା' ଆଖପାଖରେ ।

ମନେପଡ଼େ ପାଣି । ପାଣିରେ ତ ଦେଖିହୁଏ ପ୍ରତିବିମ୍ବ !

ଶିଳ୍ପୀ ପୁନଶ୍ଚ କାନ୍ଦିବାକୁ ଆରମ୍ଭ କରେ । ତୃଷ୍ଣା ନିବାରଣ ପାଇଁ ନୁହେଁ । ଲୁହର ପାଣିରେ ଦେଖିବାକୁ ତା'ର ପ୍ରତିବିମ୍ବ । ଲୁହ ନିଗିଡ଼ି ଆସେ ଚିପୁଡ଼ି ହେଇ । କିନ୍ତୁ ଦୁର୍ଭାଗ୍ୟ, ଲୁହଗୁଡିକୁ ଆଞ୍ଜୁଳା ଯାଏ ପହଞ୍ଚିବା ପୂର୍ବରୁ ସେମାନେ ମୁହଁର ଜଙ୍ଗଲ ଭିତରେ କାହିଁ କୁଆଡ଼େ ଅଦୃଶ୍ୟ ହେଇ ଯାଇଥାନ୍ତି । ନିଜ ସତ୍ତା ହରେଇ ସାରିଥାନ୍ତି ସେଇ ଜାଙ୍ଗଲିକ ମାୟାରେ ।

ଶିଳ୍ପୀଟି ପୁଣି ହତାଶ ହୁଏ ।

ଦିନେ ସେ ପଳେଇ ଆସିଥିଲା । ଏକମୁହାଁ । ସବୁକୁ ପଛରେ ପକେଇ । ନିବିଡ଼ ଜଙ୍ଗଲ ଆଡ଼କୁ । ଭାବିଥିଲା ଜୀବନକୁ ଏଇଠି ଚିହ୍ନିବ । ଜଙ୍ଗଲକୁ ଚିହ୍ନିବ । ଜଙ୍ଗଲ ସାରା ଭରିଦେବ ଶେଷହୀନ ସବୁଜିମା । ଅଥଚ ଆଜି ତା ମୁହଁସାରା ଜଙ୍ଗଲ । ସେ ଜଙ୍ଗଲର ରୂପ କିପରି ? ସବୁଜ ନା ଧୂସର ନା ଅଗ୍ନିସ୍ନାତ ! କେଡ଼େ ଅସହାୟ ସତରେ ସେ ଆଜି ! ନିଜେ ନିଜକୁ ଦେଖିବାକୁ ମାଧ୍ୟମଟିଏ ବି ପାଉନାହିଁ ।

ହଠାତ୍ ସେ ଦୌଡ଼ିବାକୁ ଆରମ୍ଭ କଲା । କଣ୍ଟାଝଣ୍ଟା ଲଟା ଗୁଳ୍ମ ଟାଙ୍ଗର ମୁଣ୍ଡିଆ ଡେଇଁ ତଳକୁ ତଳକୁ । ଆଜି ମନେ ପଡ଼ିଯାଇଛି ତା'ର ଠିକଣା, ଅନେକ ଦିନ ପରେ । ମନେପଡ଼ିଯାଇଛି ସେଇ ଆଖି ଦୁଇଟି । ଯେଉଁଠି ଦେଖିହେବ ତା' ମୁହଁ ଜଙ୍ଗଲର

ପ୍ରତିଛବି । ତା'ର ଚକ୍‌ଚକ୍ ଆଖିର ଫଳକ ଉପରେ ଥରେ ମାତ୍ର । ତା'ର ପ୍ରିୟ ଶିଳ୍ପୀକୁ ସେ କେବେ ଫେରାଇ ଦେବନି ନିଶ୍ଚୟ ।

ଶିଳ୍ପୀ ଦୌଡୁଥିଲା । ସାମନାରେ ତା'ର ଯନ୍ତ୍ରଣା ଉପଶମର ଠିକଣା । ହେଇତ, ଗେଟ୍ ଡେଇଁଲେ ଦେଖାଯିବ ଫୁଲ ବଗିଚା । ଅସୁମାରି ଫୁଲର ଅଗଣା । ତା'ପରେ ଚିତ୍ରଟିଏ ପରି ଘରଟିର ବାରଣ୍ଡା । ବାରଣ୍ଡାରେ ଖେଳୁଥିବେ ପୁଅ ଆଉ ଝିଅ ଦି'ଟି । ପାଖରେ ଠିଆହେଇ ପରିପୂର୍ଣ୍ଣତାର ହସରେ ଉବୁକି ଉଠୁଥିବ ତା'ର ଚିର ଇପ୍‌ସିତ ନାରୀଟି । କପାଳରେ ସିନ୍ଦୂର ବିନ୍ଦୁଟି ଜଳୁଥିବ ସୂର୍ଯ୍ୟ ପରି ଆଉ ତା'ରି ଆଭାରେ କମନୀୟ ମୁହଁଟି ତାର ହେଇ ଉଠୁଥିବ ଝଲମଲ୍ ।

ଆବେଗ ଓ ଉତ୍କଣ୍ଠାରେ ଶିଳ୍ପୀର ତଣ୍ଟି ଅଠାଅଠା ହୋଇପଡୁଛି । ଛାତିରେ ଉଦ୍‌ବେଗର ପ୍ରତିଧ୍ୱନି ।

ସେ ସାମ୍ନା କରିବ ତା'ର ଚିରହରିତ ବନାନୀର ସବୁଜ ସୌନ୍ଦର୍ଯ୍ୟ ।

ଶିଳ୍ପୀ ଗେଟ୍ ପାଖରେ ପହଞ୍ଚୁ ପହଞ୍ଚୁ ଶୁଭୁଛି କୋଳାହଳ । ହୃଦୟକୁ ବିଦୀର୍ଣ୍ଣ କରିଦେଲା ଭଳି କରୁଣ କାନ୍ଦର ବୈକଲ୍ୟ ।

ଶିଳ୍ପୀ ଉହୁଁକି ଦେଖିଲା, ଲୁହର ସମୁଦ୍ରଟିଏ ତା' ସାମ୍ନାରେ ଠିଆହେଇଛି ସ୍ତବ୍ଧ ହେଇ । ସମ୍ପୂର୍ଣ୍ଣ ଧ୍ୱସ୍ତ ଓ ନିଷ୍ପନ୍ଦ । ବେଦନା ବିକ୍ଷୁବ୍ଧ ଏଇ ଶିଳହଟ ପରି ।

ତା'ର ସ୍ଥିର ଆଖିର ଛଳଛଳ ଲୁହରେ ସେ ଦେଖୁଚି ତା'ର ପ୍ରତିଛବି । ତା'ର ଦେହ ହେଇଯାଇଛି ପୋଡ଼ାଭୂଇଁ । ତା' ମୁହଁର ଜଙ୍ଗଲରେ ସବୁଜିମାର ଚିହ୍ନବର୍ଣ୍ଣ ନାହିଁ । ଖାଲି ଖାଁ ଖାଁ ମରୁଭୂଇଁର ଦୃଶ୍ୟ ଧୂସର...ଧୂସର...

ଶିଳ୍ପୀ ଦୁଇ ହାତରେ ନିଜ ମୁହଁକୁ ଢାଙ୍କି ପକେଇଲା ।

ଓଃ.... ଏ ଦୃଶ୍ୟ ଦେଖିବା ପୂର୍ବରୁ ସେ ଅନ୍ଧ ହେଇ ନଗଲା କାହିଁକି !

ସମୁଦ୍ର ଭିତରୁ ବେଶ୍ ଗାଢ଼ ରାତି ଘନେଇ ଆସୁଥିଲା ।

❐❐❐

ଛେଉଣ୍ଡ



ଝରଣା ପଟ୍ଟନାୟକ

କୁଆଁସ, ଭଦ୍ରକ
ମୋ-୭୮୯୪୨ ୦୧୦୦୧

" ଶିବୁର ଅନୁଭବ ବହୁବର୍ଣ୍ଣ ଧାରଣ କଲା । ତା' ମୁଣ୍ଡରେ ସ୍ୱୟଂ ଶିବଠାକୁର ଆଶୀବାର୍ଦ୍ଦର ହାତ ରଖିଛନ୍ତି । ଠାକୁର ପ୍ରସନ୍ନ ହେଲେ ମର୍ତ୍ତ୍ୟରେ ସ୍ୱର୍ଗର ସୁଖ ପ୍ରାପ୍ତି ହୁଏ ମଣିଷକୁ । ଆଶ୍ରମରେ ଅନେକ ପ୍ରାର୍ଥନା ଗାଏ ଶିବୁ । ସବୁଥିରେ ସେହି ମହାମନ୍ତ୍ର ଧ୍ୱନି । "

ସାଇକେଲ୍ ଚେନ୍‌ଟାକୁ ସଜାଡୁ ସଜାଡୁ ଶିବୁ ମାଟ୍ରନ୍ ଦିଦିଙ୍କୁ ଲକ୍ଷ୍ୟ କରୁଥିଲା । ସେବାଶ୍ରମକୁ ସେବା ଯୋଗାଉଥିବା ମାଟ୍ରନ୍ ଦିଦି ଖାଲିଟାରେ ବର୍ଷି ପଡ଼ନ୍ତି । ନରମ ଚାହାଣୀରୁ ଗରମ ଝରିପଡ଼େ । ସବ୍ ଜାନ୍‌ତା ମାଟ୍ରନ୍ ଦିଦି ପାହାଡ଼ ପ୍ରମାଣ ଦାୟିତ୍ୱ ସମ୍ଭାଳିଲା ପରି କଥା କହନ୍ତି । ଶିବୁମାନଙ୍କ ପରି ଜୀବଙ୍କ ପାଇଁ କେବଳ ଛିଣ୍ଡାକଥା । ରୁକ୍ଷ ସ୍ୱରରେ ଛେକରା ନେକରା ଶବ୍ଦ ।

ଶିବୁକୁ ଅନେଇ ଦେଇ କହିଲେ ; "ରାମସାର୍‌ଙ୍କ ସାଇକେଲ୍ ଘସାମଜାରେ ଲାଗିଥା । ବେଃ ! ବାହାରିବୁ କେତେବେଳେ ?

'ମୁଁ ଯିବି ନାହିଁ' - କହିଲା ଶିବୁ ।

ଝବିନେନ୍ତା ବନ୍ଧା ହୋଇଥିବା କାନିଟାକୁ କାନ୍ଧ ପଛକୁ ଠେଲିଦେଇ ଶିବୁର କାନଟାକୁ ଧରି ପକେଇଲେ ମାଟ୍ରନ୍ ଦିଦି ବୀଣା ସରକାର । କହିଲେ ; ହଇରେ ବହପିଆ ଟୋକା ! ଆଶ୍ରମ ନିୟମଠାରୁ ଦୂରେଇ ଗଲେ କ'ଣ ତୁ ପାର୍ ପାଇଯିବୁ ? ଆଶ୍ରମର ଛେଉଣ୍ଡମାନେ ଶ୍ରାଦ୍ଧସଭାକୁ ଯିବେ । ଖିରି ପୁରି ଖାଇବେ । ପ୍ରାର୍ଥନା ଗାଇବେ । ତେବେ ଯାଇ ମୃତବ୍ୟକ୍ତିଙ୍କ ପାଇଁ ମୋକ୍ଷର ଦ୍ୱାର ଖୋଲିବ' ।

ଶିବୁ ସ୍ୱର ଛିଞ୍ଚାଡ଼ି କହିଲା - 'କ'ଣ ଦେବେ ? ମାଛ ? ବୀଣାଦିଦି ତଣ୍ଟି ଝାଡ଼ି ଖରଖରିଆ ସ୍ୱରରେ କହିଲେ; "ତୋ ଲାଗି ଇଲିଶି ରନ୍ଧା ହୋଇଛି । ଯା ! ବେଗି ବେଗି ବାହାରି ପଡ଼ ।"

ଶିବୁର ତଣ୍ଟିରୁ ବାହାରି ପଡ଼ିଲେ କିଛି ଶବ୍ଦ । ଭାଁ ଭାଁ, ସୁ.....ସୁଉ..... । ଛେଉଣ୍ଡଙ୍କ ପାଇଁ ବାତ୍ୟାର ମାଡ଼ । ଲହର ପହର ହେଉଥିବା ମୁକ୍ତ ପବନକୁ ଦେଇଛି ଶକ୍ତ ଆଘାତ । ସବୁକିଛି ଭଙ୍ଗାଦଦରା ।

କାହାର ଜୟ, ଜୟ କରିବୁ ମାଟ୍ରନ୍ ଦିଦି ? ଗଣ୍ଡେ ଖାଇବା ପାଇଁ ତଣ୍ଟିକୁ କଷ୍ଟ ଦେଇ ପାରିବୁନି ।

ବଡ଼ ହୋଇ ଗଲାଣି ଶିବୁ । ଦଶମ ଶ୍ରେଣୀ ପରୀକ୍ଷା ଦେବ । ଆଶ୍ରମ ଛାଡ଼ିବ । ଏ ଆଶ୍ରମ କିଏ ନା ସିଏ କିଏ ? ଆଖିକୁ ଦିଶୁଥିବା ସବୁ ପଦାର୍ଥ ପାଇଁ ଶିବୁର ଆଗ୍ରହ । ଜାଣିବା ପାଇଁ । ପାଇବା ପାଇଁ । ଷୋଳବର୍ଷର ଟୋକା ଶିବୁ । ବାହୁରେ ବଳ ଭରିଦେଲାଣି ବୟସ । ଆଖି ସାମନାରେ ଦୃଶ୍ୟମାନ ଗତାନୁଗତିକ ଜୀବନର ଚଲାଫେରା । ଦେହର ଶିରା ପ୍ରଶିରାରେ ଭିନ୍ନ ପୃଥିବୀର ସ୍ୱାଦ ପାଇଁ ଆବେଗ । ଶିହରଣ । ଅନୁଶାସନ ଭିତରେ ଭ୍ରଷ୍ଟାଚରର ଶିଖର ଛୁଆଁ ଦେଖି ଅତିଷ୍ଠ ଶିବୁ । ଅନେକଙ୍କ ପାଇଁ ମୁକ୍ତିର ବାଟ ବନ୍ଦ । ଆଉ ଯିବେନି ସେମାନେ । ସଭାସମିତିରେ ହଲ୍ ଭର୍ତ୍ତି କରିବା ପାଇଁ ବାଧ୍ୟ ଛାତ୍ର ଭାବରେ ଲଦାଲଦି ହୋଇ ଯିବାକୁ ପଡ଼ିବନି କାହାକୁ ।

ରାମସାର୍‌ଙ୍କ ସାଇକେଲ୍ ସଜଡ଼ା ଆଉ ସଫାକାମ ନିଖୁଣ ଭାବରେ କରିସାରିବା ପରେ ଶିବୁ ଅଣ୍ଟା ସଳଖି ଠିଆ ହେଲା । ରାମ୍ ସାର୍ ବି ସେମିତି । ହାତରେ ପାଞ୍ଚଣା ,କଥା ବାର୍ତ୍ତାରେ ଘୃଣା, ଅସହିଷ୍ଣୁତାର ଆଖ୍ୟାଜ୍ । ଯେମିତି ଅନ୍ତେବାସୀ ଗୁଡ଼ା ନର୍କର କୀଟ ।

ପିଲାମାନେ କିନ୍ତୁ ପିଠେଇ ଦିଅନ୍ତି ରାମସାର୍‌ଙ୍କ କଥାକୁ । ଯେ ଯୁଆଡ଼େ ଛୁ ମାରନ୍ତି ତାଙ୍କୁ ଖାତିର୍ ନ କରି ।

ଆଜି ରୋଷେଇ ବନ୍ଦ । ଦୁଇଶହ ସରିକି ପିଲା ଯିବେ ଯେମିତି ହେଲେ । ଶିବୁ ଖାଇବା କଥାକୁ ଗୁରୁତ୍ୱ ଦେଲା ନାହିଁ । ଆଜି ଧାଡ଼ିବାନ୍ଧି ରାସ୍ତାରେ ଯିବାବେଳେ ଜୟଧ୍ୱନି ପକେଇବାକୁ ପଡ଼ିବ ପୁଣି ଅଯଥା ମଣିଷଙ୍କର ଜୟଧ୍ୱନି । ପାରିବନି ସେ ।

ଶିବୁ ଅନ୍ୟପିଲାଙ୍କୁ ଠୁଳେଇଲା । ଖସରା ମାରି ରହିଗଲେ ଦଶମଶ୍ରେଣୀ ପିଲା । ଖସିଗଲେ ସେମାନେ । ଆଶ୍ରମ ଫାଙ୍କା । ଡ଼ିଆଁ ଡ଼େଇଁ କଲେ । ଗଛରେ ଚଢ଼ିଗଲେ । ନଈକୁ ଦୌଡ଼ିଲେ । ମନ ଇଚ୍ଛା ପହଁରିଲେ । ଆଜି ସେମାନେ ଖୋଲା । କି ଆନନ୍ଦ ! ଆଗକୁ ଏମିତି ଖୋଲା ଜାଗା ଦରକାର ।

ପେଟରେ ଅନ୍ନ ପଡ଼ି ନ ଥିଲା । ହାତ ଗୋଡ଼ ମେଲେଇ ପେଟକୁ ଉଠାପକା କରୁଥିଲା ଭୋକ ।

"ଦାମ, ଦାମ ଏ କ'ଣ କରୁଛୁ, ବାଡ଼ିପଡ଼ା ! ମାରା କରିଦେଲୁ ମୋ ହାଣ୍ଡି ?" ରମା ନାନୀ ପାଟିରୁ ଗଳି ଚାଲିଲା ଅଶ୍ରାବ୍ୟ ଶବ୍ଦ । ଡରରେ ଶାଙ୍କୁଡ଼ି ଯାଇ ଦାମ ସହିତ ରନ୍ଧାଘର ମାରା କରିଥିବା ଗୋଗଲୁ, ଗାଲୁଆ ପଡ଼ି ଉଠି ଦୌଡ଼ିବାରେ ଲାଗିଲେ । ସେମାନେ ଅଛୁଁଆ । ସମସ୍ତଙ୍କ ସାଙ୍ଗେ ବସିବେ ଉଠିବେ ମାତ୍ର ରୋଷେଇ ଘରେ ପଶି ପାରିବେନି ।

ଗାନ୍ଧୀ ସେବାଶ୍ରମରେ ତପି ବ୍ରାହ୍ମଣୀଙ୍କର ଅକ୍ତିଆରରେ ରୋଷେଇ ଘର । କେହି ଚେଷ୍ଟାକଲେ ବି ବଦଳାଇ ପାରିବେନି ସେମାନଙ୍କର ମତ ।

ଶିବୁ ଠିଆ ହୋଇଥିଲା । ଭାବୁଥିଲା ଟାଣି ହୋଇ ଆଗକୁ ବଢୁଥିବା ଖରା କଥା । ଏ ଖରା ଏ ଆଲୁଅ ତ ସମସ୍ତଙ୍କୁ ସମାନ ଦେଖୁଛି । ମଣିଷ କାହିଁକି ନୁହେଁ । ତା' ପରି ବାର ପନ୍ଦର ଛେଉଣ୍ଡ ଏଠି ବୋଲକୁ ଅନେଇ ଥାଆନ୍ତି । ଅନେଇବାକୁ ବାଧ ବି । ମୁହଁ ଖୋଲିବାକୁ ଡ଼ର । କାଳେ ଛାତରୁ, ଭାତରୁ ବଞ୍ଚିତ ହେବେ । ସେଇ ଡରରେ ।

'କୋଉ ରାଜ୍ୟରେ ଅଛୁ କି'? କହି ରମାନାନୀ ଆଲିଙ୍ଗନ କଲା ଶିବୁକୁ । ଶିବୁପରି ଡଉଲ ଡାଉଲ, ଗୋରାଚମ, ଲୋଭିଲା ଆଖି ଏଠି ବାଇଆ କରେ କେତେ କାହାକୁ । ଶିବୁ ରମାନାନୀ ହାତ ଛଡ଼େଇ ଘୁଞ୍ଚିଗଲା ।

ରମାନାନୀ ଶିବୁ ମୁହଁରେ ପାପୁଲି ଘୋଡ଼ାଇ ଦେଲା । ଆରହାତରେ ତାକୁ ଟାଣି ନେଲା ରୋଷେଇ ଘର ଭିତରକୁ । ମୁହଁରୁ ପାପୁଲି ଖସେଇ ଧରି ପକେଇଲା ଶିବୁର ହାତ । କହିଲା, 'ବାତରାଗୁଡ଼ାଙ୍କୁ ଆଉ ସାଙ୍ଗ କରନାରେ ଶିବୁ ! ବଡ଼ ହବୁ ଯଦି ନିଜକୁ ବ୍ରାହ୍ମଣ ବୋଲି କହ । କାହିଁକି ବକି ହଉଛୁ । ଜାତି କଥା ? ଝଲ । ଖାଇବୁ ଝଲ ।'

ଘଟିବାକୁ ଥିଲା କି ଘଟିବ ଘଟିବ ହେଉଥିଲା ଭାବନାରେ ନଥିବା ପାହାଡ଼ ପ୍ରମାଣ ଘଟଣାଟିଏ । ଘଉଡ଼ାଇ ଦେଲା ରମାନାନୀ ସମସ୍ତଙ୍କୁ ରୋଷଘର ଆଖ ପାଖରୁ । କହୁଥିଲା 'ନରମା ପିଲାଟା । ସେ ଲକ୍ଷ୍ମଣ ସେକ୍ରେଟାରୀଟା ତାକୁ ଖଟେଇ ଖଟେଇ କାହାଲ କରିଦେଲାଣି ।

ରମାନାନୀ ଟାଣି ନେଲା ଶିବୁକୁ । ତା' ଛାତି ପାଖକୁ । କହିଲା ; କିଏ କହିଲା ତୁ ଛେଉଣ୍ଡ ! ମୁଁ ଅଛିପରା ! ତତେ ଗେଲ କରିବି । ଭଲମନ୍ଦ ଖୁଆଇବି ।

ରମାନାନୀକୁ ବଳ ଖଟେଇ ଠେଲି ଦେଲା ଶିବୁ । କି ଅତ୍ୟାଚାର ! ରମାନାନୀ

ମୁହଁ ବିକଟାଳ ଦିଶିଲା ଶିବୁକୁ । ହାଣକି ମାର ରୂପ ରମାନାନୀର । ତାର କେହିନାହିଁ ବୋଲି ସେ ଛେଉଣ୍ଡ । ତା ବୋଲି ରମାନାନୀ ଜାକିଧରିବ, ଗାଲକୁ... । ଶିରି ଶିରେଇ ଗଲା ଶିବୁର ଦେହ । ଚଉଦବର୍ଷର ଟୋକା ଶିବୁ । ସବୁ ବୁଝିଲାଣି । ତା'ଶରୀର ଉପରେ ଅନାହୁତ ଅତ୍ୟାଚାର । ଅସହ୍ୟ ।

ଚୁପ୍ ବସିଥିଲା ରମାନାନୀ । ରମାନାନୀ ଘଉଡ଼େଇ ଦେଇଥିଲା ସମସ୍ତଙ୍କୁ । ସାବିନାନୀ ଆସି ରମାନାନୀଙ୍କୁ ହଲାଇଦେଇ କହିଲା, ଖୁଣ୍ଟଟା ପରି ବସିଛୁ କାହିଁକି ? ସେମାନେ ଭୋଜିଖାଇ ଗଲେ ବୋଲି ଆମେ ଉପାସ ରହିବାନା କ'ଣ ? ଚଲ୍‌ଚଲ ।

ସାବିନାନୀ ସୁଖସାଉଁଟେ ଅନ୍ୟମାନଙ୍କ ସୁଖରୁ । ପରିଦର୍ଶକଙ୍କ ପ୍ରଶଂସା ସାବିନାନୀଙ୍କ ପାଇଁ ଅଭାରୀଭାରୀ । ଦେଖାଶିଖା ଦୁନିଆଠୁ ସେ ବହୁ ଦୂରରେ ।

ଶିବୁ ଏ ପର୍ଯ୍ୟନ୍ତ ସେ ଜାଗା ଛାଡ଼ି ନଥିଲା । ସାବିନାନୀ ଠିଆ ହୋଇଥିଲା । ଶିବୁ ଦେହଟା ଥରୁଥିଲା । ସାବିନାନୀ ତାକୁ ଧନାଟୋଲା ଘାଟରୁ ଗୋଟେଇ ଆଣିଥିଲା । ସେ ତାର ମାଆ । ନିଜ ଜୀବନ ଯନ୍ତ୍ରଣାକୁ ପିଠେଇ ସେ ଶିବୁକୁ ବଡ଼ କରିଛି ।

ଶିବୁ ସହଜ ହେଲା । ସାବିନାନୀର ପାଦ ଛୁଇଁଲା । ଲୁହ ଢଳଢଳ ଆଖିରେ ପାଦ ଦୌଡ଼ାଇଲା ଆଗକୁ । ମାଟ୍ରିକ୍ ପଢ଼ା ସେଇଠି ଥାଉ । ରମାନାନୀ, ଛି । ଏମିତି କାହିଁକି ହେଲା ? ସେ ଆଶ୍ରମ ଛାଡ଼ିବ । ଏ ମାଟି ମାଡ଼ିବନି ।

ପରଦିନ ସକାଳ । ଦୋକାନ ପିଣ୍ଡାରେ ଶୋଇଥିଲା ଶିବୁ । ସକାଳୁ ସକାଳୁ ଝ ଦୋକାନୀର ଉଚ୍ଚବାଚ । ଧଡ଼ପଡ଼ ହୋଇ ଉଠି ଗୋଡ଼ ଧରିପକାଇଲା ଦୋକାନୀର । କହିଲା, ମୁଁ ଏଇଠି କାମ କରିବି । ଏଇଠି ରହିବି । ଦୋକାନ ଜଗିବି ।

ଢ଼ିମା ଢ଼ିମା ଆଖିରେ ଦୋକାନୀ ତାକୁ ଅନେଇଲା । ଶିବୁ ବଡ଼ ପାଟିରେ କହିଲା, 'ମୁଁ ଏକା । ଏଇଠି ରହିବି । ମୋତେ ଝେରଙ୍କ ଉପରକୁ ଢ଼େଲା ଛାଟି ଆସେ । ଆମ୍ବଗଛରେ ମାଙ୍କଡ଼ ଚଢ଼ିଲେ ତାଙ୍କୁ ବି ଢ଼େଲାରେ ଘଉଡ଼େଇ ଦିଏ ମୁଁ ।

ଆରେ ! ତୁ ଥିଲୁ କୋଉଠି ?ପଚାରିଲା ଦୋକାନୀ । ସେବାଶ୍ରମରେ । ଉତ୍ତର ଦେଲା ଶିବୁ । ଓଃ । ଝେରିକରି ଖସି ଆସିଛୁ ?

ମୋବାଇଲ ଉଠେଇ ୱାନ୍ ଜିରୋ କହୁକହୁ ଶିବୁ ତା'ହାତରୁ ଫୋନ୍‌ଟା ଛଡ଼େଇ ତଳେ କଚାଡ଼ି ଦେଲା । ଦୌଡ଼ି ପଳାଇଲା ସେଠୁ ।

ଆଶ୍ରମରୁ ଦୌଡ଼ି ପଳାଇ ଆସିବା ପରେ ଶିବୁ କେବଳ ଦୌଡ଼ି ଚାଲିଛି । ତା' ଉପରେ ଅପ୍ରତ୍ୟାଶିତ ଓଜନ/ଭାର/ଅହେତୁକ ସଂଦେହର, ଅବାଞ୍ଛିତ ପରିସ୍ଥିତିର । ପାଦ ଅଣ ମଚାଣ । ମସ୍ତିଷ୍କ ଯୋଡ଼ ବେଜୋଡ଼୍ ଭୁଲ୍ ଭାଲ୍ । ଦେହ ଟଳମଳ । ପହଞ୍ଚି ବସିଗଲା ଗୋଟେ ବଡ଼ କୋଠାଘରର ଗେଟ୍ ପାଖରେ ।

ଦିନ ବାରଟା । ଭୋକ ଉପାସରେ ପାଟି ଅଠା ଅଠା । ଚଉଦବର୍ଷିଆ ଜୁଆନ

ଟୋକା ଶିବୁ । ଜାମାପଟା ଏଠା ସେଠା ହୋଇ କୋତରା ।

ଦରଓ୍ୟାନ୍ ଚିହିଙ୍କି ଉଠିଲା । ଉଠ୍, ଉଠ୍ । ଭିକମାଗିବାକୁ ଝଲି ଆସିଲୁ ? ଗଜାଟୋକାଟେ । ଆବେଃ, କାମ କରୁନୁ ? କାମ ଯଦି କରିବୁ ତୋର ପତା କହ । ଫାଣ୍ଡିରେ ତୋ ନାଁ ଲେଖେଇଲା ପରେ ତତେ କାମଦେବି ।"

ଡରିଗଲା ଶିବୁ । ସେ ତ ଅନାଥ । ପତା ସରା କହିବମାନେ ତାର ରହିବା ଜାଗା ବିଷୟରେ ଜଣେଇବାକୁ ହେବ ।

ଡରିଗଲା ଶିବୁ । ଜୋର୍ ପାଦ ପକେଇ ସେ ଜାଗା ଛାଡ଼ିଲା । ଶିବୁର ଅନୁଭବ ଅଦ୍‌ଭୁତ । କିଏ କେତେ ପ୍ରକାର ଭାବିଯାଉଛନ୍ତି ତାକୁ । ସେ ଗୋଟେ ଅପଙ୍ଗ / ଶକ୍ତି ନାହିଁ ହାତଗୋଡ଼ରେ । ଅଦୂରରେ ଶିବ ମନ୍ଦିର । ପାଖରେ ପୋଖରୀ । ବୁଡ଼ି ପଡ଼ି ଉଠିପଡ଼ିଲା ପୋଖରୀରୁ ଶିବୁ । ଏଥର ତାର କାନ ଆଖିକୁ ସେ ଜାଗ୍ରତ ରଖିବ । ମନରେ ଆସିଗଲା ସେ ଆଉ ପେଟେଇ ପଡ଼ି ଆଶ୍ରମ ଛାତତଳେ ଜୀବନ ବିତାଉଥିବା ଶିବୁ ନୁହେଁ । ସେ କେତେରା, ନେନ୍ତେରା ପରିବେଶକୁ ଛାଡ଼ି ସାରିଛି । ଆଉ ଫେରିବନି । ନା । ଫେରିବନି ।

ଶିବୁ ଅଧିଆ ପଡ଼ିବା ଭଙ୍ଗୀରେ ଶୋଇପଡ଼ିଲା । ମନ୍ଦିର ମୁଖଶାଳାର ପଥର ଚଟାଣରେ । ଦେବାଳୟରୁ ତାକୁ କେହି ତଡ଼ି ପାରିବେ ନାହିଁ । ତଥାପି ନିଃସହାୟତା ଡ଼େଣା ଝାଡୁଥିଲା । ମନ୍ଦିରନନା ମହାଦେବଙ୍କୁ ମଧ୍ୟାହ୍ନ ଭୋଗ ଅର୍ପଣ କରି ପହଡ଼ ପକେଇ ବାହାରକୁ ଆସିଲେ । ମନ୍ଦିର ଧୀରେ ଧୀରେ ଖାଲି ହେଉଥିଲା । ତାଙ୍କ ପାଦ ଶବ୍ଦ ଶୁଣି ଶିବୁ ଉଠିପଡ଼ିଲା । ଗୋଡ଼ଧରି ପକେଇଲା ତାଙ୍କର । ଯେମିତି ତାରଣ ହେବ ତାର ।

ନନା ଉତ୍ୟକ୍ତ । ଭୟଙ୍କର ରାଗ । ହୋ ପାଟି । କହିଲେ ; ଶଳା ! ବେଜାତିଆ ! ଛୁଇଁ ଦେଲୁ ମୋତେ ?

ବିପର୍ଯ୍ୟସ୍ତ ମାନସିକ ସ୍ଥିତି ଲହୁ ଲୁହାଣ ଛାତି, ଭଙ୍ଗା ଦିହକୁ ଆଶ୍ୱସ୍ତ କରି ଦେଲା ଶିବୁ । ଏବେ ସେ ହେବ ନିଜର ରକ୍ଷାକାରୀ ।

କହିଲା; ବେଜାତି ! ସିଏ କୋଉ ଶାସ୍ତ୍ରର ବାଣୀ ? ମୋତେ ଦିଅନ୍ତୁ ପାଦୁକା ପ୍ରସାଦ । ମୁଁ ପ୍ରଭୁଙ୍କର ଚରଣାଶ୍ରିତ ।

ଶିବୁ ସାଷ୍ଟାମ ହେଲା । ପୂଜକ ଖୁସି ହୋଇ ତା' ମୁଣ୍ଡରେ ହାତ ବୁଲେଇ ଦେଲେ । ଶିବୁର ଅନୁଭବ ବହୁବର୍ଣ୍ଣ ଧାରଣ କଲା । ତା' ମୁଣ୍ଡରେ ସ୍ୱୟଂ ଶିବଠାକୁର ଆଶୀବାର୍ଦର ହାତ ରଖିଛନ୍ତି । ଠାକୁର ପ୍ରସନ୍ନ ହେଲେ ମର୍ତ୍ତ୍ୟରେ ସ୍ୱର୍ଗର ସୁଖ ପ୍ରାପ୍ତି ହୁଏ ମଣିଷକୁ । ଆଶ୍ରମରେ ଅନେକ ପ୍ରାର୍ଥନା ଗାଏ ଶିବୁ । ସବୁଥିରେ ସେହି ମହାମନ୍ତ୍ର ଧ୍ୱନି । ସେ କର୍ମ କରି ଚାଲିବ । ଏଇଠି ରହି ଦଶମବୋର୍ଡ଼ ପରୀକ୍ଷା ଦେଇଦେବ ।

ମନ୍ଦିରର ଦ୍ୱାର ବନ୍ଦଥିଲା । ତଥାପି ମାଡ଼ିଆସିଲେ କିଛି ସ୍ତ୍ରୀ ଆଉ ପୁରୁଷ । ଜଣେ

ପଚରିଲା ; 'କିରେ ! ତୁ ଟା କିଏ ? ଭିକାରୀ ! ଆଉ ଜଣେ ତା' ଚୁଟି ଟାଣିଦେଇ ହଲେଇ ଦେଲା ତାକୁ । ଶିବୁ ହଲିଗଲା । ହଁ ! ଜଣେ ଆରମ୍ଭ କଲା । ଡ୍ରଗ୍ କାରବାର କରୁଛି ଏ ଟୋକା ବୋଧେ । ନାଇଁ ବା । ଏଗଜା ଟୋକା କୋଉ ଝିଅକୁ ରେପ୍‌କରି ଖସି ଆସିଛି । କିରେ ? ପରୀକ୍ଷାରେ ଫେଲ୍ ହେଲୁକି ?

ମନ୍ଦିରରେ ଖେଳିଗଲା ଗୋଟେ ନକରାତ୍ମକ ଧ୍ୱନି । ସ୍ତ୍ରୀ ଲୋକଗୁଡ଼ା ବି ହଲେଇ ଦଉଥିଲେ ଶିବୁକୁ । ସେ ଗୋଟେ ଆସାମୀ ଏବେ । ପାହାଚ ମାଡ଼ି ବସିଛି ।

ଜଣେ ବୟସ୍କ ଭଦ୍ରମହିଳା ତାକୁ ପାହାଚରୁ ଠେଲିଦେଲେ । ଶିବୁ ଦୁଇପାହାଚ ତଳକୁ ଖସି ଆସିଲା । ମହିଳା ଜଣକ କହୁଥିଲେ ପଠାଣ ! ଯା ଏଠୁ ।

ପୁଣି ତା' ଝରିପାଖର ପୃଥିବୀ ଥଣ୍ଡା ହୋଇଗଲା । ତାକୁ ଏଠୁ ଯିବାକୁ ପଡ଼ିବ । ମାଓବାଦୀଙ୍କ ସୂତ୍ରଧର କହି ତାକୁ ଲୋକ ମାରି ପକେଇବେ । ଯୁଆଡ଼େ ଝହିଁଲେ ଅନାବୃଷ୍ଟି, ରୋଗୀଣା ମାଟି । ହାଓ୍ୟାରେ ଜାଳିପୋଡ଼ି ଦେବାର ଧମକ । ସବୁଠି ମରମ ଉଖୁଡ଼ା କଥା । ସେ ଯେ ଚଉଦବର୍ଷର ଛାତ୍ର । ଟାଉନ୍ ହାଇସ୍କୁଲରେ ପଢ଼େ । ଏ କଥା ତା' ପାଟିରୁ ବାହାରିବା ଆଗରୁ ଅତ୍ୟାଚାର ।

ଶିବୁ ରାସ୍ତାରେ । ଫଟା ବାଦଲ୍ ଭିତରୁ ସୂର୍ଯ୍ୟ ତାକତ୍ ଖଟେଇ ଖରା ବିଞ୍ଚୁଥିଲେ । ଶିବୁ ପହଞ୍ଚିଲା ଗୋଟେ ଏକଘରିକିଆ ଜାଗାରେ । ଦଳେ ଏମିତି ସେମିତି ପିଲା ତାକୁ ଘେରିଗଲେ । ତା' ସହିତ ଚୁପ୍‌ଚୁପ୍ କଥା ହେଲେ । ଶିବୁର ଡଉଲ ଡାଉଲ ଚେହେରା । ଭଲ କଥାରେ ଆକର୍ଷିତ ହେଲେ ସେମାନେ । ତାକୁ କରିଦେଲେ ରିଙ୍ଗମାଷ୍ଟର । ସେମାନଙ୍କ ସାଙ୍ଗେ ବସ୍ତିରେ ରହିଲା । ପଇସା ରୋଜଗାର ବାଟ ଖୋଜିବା ପାଇଁ ଉପଦେଶ ଦେଲା । ସମସ୍ତେ କାମରେ ଲାଗିଲେ । ଘର ମାଲିକଙ୍କର ଶିବୁ ଉପରେ ନଜର ପଡ଼ିଲା । ଖୁସିର ଲହରଟେ ଖେଳିଗଲା । ତାଙ୍କ ମୁହଁରେ । ମନକୁ ମନ କହିଲେ, 'ସୁନ୍ଦରିଆଟେ । ପୁରଷ୍ଟ ବି । ଭଲକାମ ଦେବ ।

ଭଦ୍ରଲୋକ ଶିବୁକୁ ଟାଣିନେଲେ ଅଜରା ପିଲାଙ୍କ ମେଳରୁ । କହିଲେ ; ଏ ଜାଗା ତୋ ପାଇଁ ନୁହେଁ । ଝଲ୍ । ମୋ ଘରେ ରହିବୁ ।

ନିଜ ଘର ଛାଡ଼ିଛୁ ତ ? ଯେବେ ମନ ହେବ ଯାଇ ବୁଲିଆସିବୁ । ତତେ ମଣିଷ କରିଦେବି ।

ଶିବୁ ଆଚମ୍ବିତ ହେଲା । ଏ ଅହେତୁକ ଆଶ୍ୱାସନା ! କ'ଣ ଅଛି ତାଙ୍କ ମନରେ ?

ସେଦିନ ଶିବୁ ସାବୁନ୍ ତେଲ, ଗାମୁଛା ପାଇଲା । ନୂଆ ଜାମା ପ୍ୟାଣ୍ଟ ପାଇଲା । ପିନ୍ଧିଲା । ଖାଇଲା । ଗୋଟେ କୋଠରୀରେ ସୁନ୍ଦର ଖଟ ବିଛଣା ପାଇ ଶୋଇଗଲା ।

ରାତି ନଅଟାରେ ନିଦ ଭାଙ୍ଗିଗଲା ଶିବୁର । ଘର ମାଲିକ ତା' ପିଠିରେ ହାତ ସାଉଁଳେଇ କହିଲେ, ଝଲ । ଭୋକ କରିବଣି ।

ଶିବୁ ଟେବୁଲ୍ ପାଖରେ ବସିଲା । ମହମହ ବାସୁଥିବା ଖାଦ୍ୟ ଖାଇଲା । ନିଜ କୋଠରୀକୁ ଗଲାବେଳେ ମାଲିକ କହିଲେ ଝଲ୍, ଝଲ୍ ଆରପାଖ ରୁମ୍‌ରେ ତତେ ଜଣେ ଅପେକ୍ଷା କରିଛନ୍ତି । କୋଳେଇ ନେଲେ । ଜାବୁଡ଼ିଲେ ସେ ମାଲିକ । ଆଶାତୀତ ବ୍ୟବହାର ।

ମାଲିକ ସହିତ ଜଣେ ହିନ୍ଦୀଭାଷି ଲୋକ ତା' ସହିତ ଝଲିଲେ । ସେ କହୁଥିଲେ, "ଚମ୍ ଚମ୍ । ଉମର ବାରା ଚୌଦା ହୋଗା । ବିଜିନେସ୍ ଆଚ୍ଛା ଚଲେଗା" ।

ଶିବୁ ଆବାକାବା । ତାକୁ ଆଉ ଅନ୍ୟ ଅପରିଚିତଙ୍କୁ ରୁମ୍ ଭିତରକୁ ଠେଲିଦେଇ ମାଲିକ ବାହାରୁ କବାଟ ବନ୍ଦକଲେ ।

ସାମନାରେ ମଦ ବୋତଲ । ଗ୍ଲାସ୍ । କିଛି ଖାଦ୍ୟ ।

ବୁଝୁ ନଥିଲା କିଛି ଶିବୁ । ଲୋକଟା ଖଟରେ ବସି ଶିବୁକୁ ଟାଣି ଆଣିଲା । ଛାତି ପାଖକୁ । ଦେହରେ ଝପି ଶିବୁକୁ ଅଣନିଃଶ୍ୱାସୀ କଲା । ପରେ ପରେ ଶୋଇପଡ଼ିଲା । ସେ ଲୋକଟା ।

ଶିବୁ ଶରୀରର ପ୍ରତ୍ୟେକଟି କୋଷ ଗତିଶୀଳ ।ବାହାର ସ୍ଥିର । ସବୁଆଡ଼େ ଅନ୍ଧାର । ନିଜ ଭିତରେ ଏକ ଅପରିଚିତ ପ୍ରବାହ । ଥମୁନି ।

ତତ୍‌କ୍ଷଣାତ୍ ସେ ଦୁଆରଟାକୁ ଠେଲିଦେଇ ବାହାରି ଆସିଲା । ସିଡ଼ି ଓହ୍ଲେଇଲା । ପଦାକୁ ଆସିଲା । ସେ ଛେଉଣ୍ଡ । ବିଚ୍ଛିନ୍ନ ସେ । ଏ ପର୍ଯ୍ୟନ୍ତ ଭେଟିଛି କେବଳ ବହଳ ଅନ୍ଧାରକୁ । ଆକାଶ ବିଦୀର୍ଣ୍ଣ । ଧରିତ୍ରୀ ଖଣ୍ଡ ଖଣ୍ଡ । ଦେହ ଭିତରେ ମହଣ ମହଣ କ୍ଷତ । ଏବେ ପଛକୁ କି ଆଗକୁ ?

❐❐❐

ମାତୃମୟ



ଚୌଧୁରୀ ବରଦା ପ୍ରସନ୍ନ ଦାଶ

ବାରଙ୍ଗ, କୋତିଆଁ
ଜଗତ୍‌ସିଂହପୁର
ମୋ : ୯୯୩୭୦୯୨୨୫୯

"ଧର୍ଷକର ଲୁହାର ହାତର ବେଷ୍ଟନୀ ଭିତରେ ଅସହାୟା ଆଉ ବନ୍ଦିନୀ ବିଶ୍ୱର ମାଆ । ମଣିଷର ବିକାରଗ୍ରସ୍ତ ଆଖିରେ କେବଳ ବିଭସ୍ ସ୍ୱପ୍ନ । ଯୁଦ୍ଧ ଯୁଦ୍ଧଭୂଇଁରୁ ନୁହେଁ ମଣିଷର ମସ୍ତିଷ୍କରୁ ଆରମ୍ଭ ହୁଏ ବୋଲି ଅସ୍ପଷ୍ଟ ପ୍ଲାକାର୍ଡଟିଏ ଧରି ମୁଣ୍ଡତଳକୁ କରି ଠିଆ ହୋଇଛି ବିଶ୍ୱସଂଘ ।"

କାନ୍ଥରେ ଟଙ୍ଗା ହୋଇଥିବା ବାପାଙ୍କର ଫଟୋକୁ ଚାହିଁଲା ସୁନନ୍ଦା । ସେଦିନ ଥିଲା ସେ ମାତ୍ର ଆଠ ବର୍ଷର ଝିଅ । ଏଇ ଫଟୋ ଦିନେ କଥା କହୁଥିଲା, ହସୁଥିଲା, ତାକୁ ଗେଲ କରୁଥିଲା ପୁଣି ତା'ର ଦେହ ଖରାପବେଳେ ଆଖିରୁ ଲୁହ ଗଡ଼ୁଥିଲା । ଏଇ ଫଟୋରେ ଥିବା ମଣିଷଟି ପାଇଁ ସେ ଫେରିବାବେଳ ହେଲେ ଦାଣ୍ଡବାରି ହେଉଥିଲା । ଘରକୁ ବାପା ଫେରିଲେ ତା' ବୋଉ, ଜେଜେ ଜେଜେମା'ଙ୍କ ଓଠରୁ ଖୁସିର ତରଙ୍ଗ ଘରସାରା ଖେଳିଯାଉଥିଲା । ହେଲେ ବାପା ଆଜି ନିରବ । ବୋଉ ତାଙ୍କ ଫଟୋରେ ଫୁଲଟିଏ ଥୋଇଲେ ବି ସେ ନିରବ, ନିର୍ବିକାର । ବୋଉ ଆଖିରେ ଲୁହ

ଦେଖିଲେ ସେ ଚମକୁନାହଁନ୍ତି କି ତା ଆଖିରେ ଦେଖାଯାଉଥିବା ଖୁସିରେ ସେ ଖୁସି ହେଉ ନାହାଁନ୍ତି । ସ୍ୱର୍ଗଦ୍ୱାର ଶ୍ମଶାନରେ ସେ ସେଇ ସୁନ୍ଦର ମୁହଁଟିରେ, ଓଠରେ ନୁହେଁ ଗୋଟାଏ ଅଗ୍ନି ପିଣ୍ଡୁଳାରେ ଚୁମ୍ବନ ଦେଇଥିଲା । କିଛି ବୁଝି ନ ପାରୁଥିଲେ ବି ସେ ଚାବିଦିଆ କଂଢ଼େଇ ପରି ବନ୍ଧୁବାନ୍ଧବ ସାଇଭାଇଙ୍କ କଥାରେ ଗୋଟିଏ ପରେ ଗୋଟିଏ କର୍ମ କରିଯାଉଥିଲା ।

ତା' ପରଦିନ ଖବର କାଗଜର ପ୍ରଥମ ପୃଷ୍ଠାରେ ତା'ର ଫଟୋଟିଏ ବାହାରିଲା । ସେ ବାପାଙ୍କ ଜୁଇରେ ଅଗ୍ନି ସଂଯୋଗ କରିବାର ଫଟୋର ଶିରୋନାମା ଥିଲା, "ଝିଅ କଲା ପୁଅର କାମ" । ହେଲେ ତା' ଆଗରେ ଖାଲି ଦେଖାଯାଉଥିଲା ପହଲ ଗାଓଁରେ ଆତଙ୍କବାଦୀଙ୍କ ଗୁଳିରେ ବାପା ଚଳି ପଡୁଥିବାର ଦୃଶ୍ୟ । ସେତେବେଳେ ବି ଅସ୍ପଷ୍ଟ ଭାବରେ ଖାଲି ପାଟିରୁ ଶୁଭୁଥିଲା "ମୋ ଝିଅକୁ ଛାଡ଼ିଦିଅ" ବୋଲି ଶବ୍ଦ । ହେଲେ ଧର୍ମନାମରେ ଅମଣିଷ ପାଲଟିଥିବା ଲୋକେ କ'ଣ ବା ବୁଝିବେ ହୃଦୟର ଭାଷାକୁ । ବିକଳରେ ସେ ବାପାଙ୍କ ଉପରେ ଲୋଟି ପଡ଼ିଲାବେଳେ ଗୋଡ଼ରେ ଠେଲିଦେଇଥିଲେ ତାକୁ । ଭୁଲିପାରେନା ସେ ଦୃଶ୍ୟକୁ । ସଦା ସ୍ୱାଭିମାନୀ ବୋଉ ବିକଳରେ, "ମୁଁ ଆପଣଙ୍କର ଭଉଣୀ ପରି, ଛାଡ଼ିଦିଅ ଛାଡ଼ିଦିଅ ମୋ ସ୍ୱାମୀକି" ବୋଲି କହି ସେଇ ଲୋକଙ୍କର ପାଦକୁ ଧରିଲାବେଳେ ସେମାନେ ଜୋରରେ ଗୋଇଠା ମାରିଥିଲେ ତାକୁ । ବିଭତ୍ସ ହସରେ ଫାଟି ପଡୁଥିଲା ସାରା ଉପତ୍ୟକା । ସବୁଆଡୁ ଶୁଭୁଥାଏ ଅସହାୟ ମା' ଆଉ ଶିଶୁମାନଙ୍କର କରୁଣ ଚିତ୍କାର, ରକ୍ଷାକର ରକ୍ଷାକର ବୋଲି ବିକଳ ନାଦ । କାହାକୁ କିଏ ରକ୍ଷା କରିବ ?

ଗୁଳି ମାରିବା ଆଗରୁ ସେମାନେ ପଚାରିଥିଲେ, "ତୁ କ'ଣ ହିନ୍ଦୁ ?" ମୁହଁରୁ "ହଁ ମୁଁ ହିନ୍ଦୁ" ବୋଲି ଶୁଣିବାପରେ ଗୁଳିପରେ ଗୁଳି ମାରି ଚାଲିଥିଲେ ସେମାନେ । ଉପତ୍ୟକା ସାରା ରକ୍ତର ଢେଉ ଖେଳିଗଲା । ପହଲଗାଓଁର ସୁନ୍ଦର ମାଟିରେ ଖେଳିବୁଲୁଥିବା ମଣିଷମାନଙ୍କୁ ସେମାନେ ନିମିଷେକେ ଶବ କରିଦେଲେ । ଆଗରୁ ଘରେ ବାପାବୋଉଙ୍କ କଥାରୁ ସେ ଶୁଣିଥିଲା ହିନ୍ଦୁର ଜନ୍ମ ବିଶ୍ୱର ହିତ ଲାଗି, ରକ୍ତଦେବା ପାଇଁ । ବାପା କ'ଣ ଆଜି ସେଇଥିପାଇଁ ରକ୍ତ ଦେଇଦେଲେ ? ହେଲେ ବାପା କେଉଁ ମଣିଷର ହିତପାଇଁ ରକ୍ତ ଦେଲେ ???

ପରିସ୍ଥିତି ମଣିଷକୁ ସାମନା କରିବାର ଶକ୍ତି ଦିଏ । ତା'ର ଭାବିବାର ଶକ୍ତି ବଢ଼ିଯାଏ । ବେଳେବେଳେ ଭାବେ ତା'ର ବାପାକୁ ମାରିଥିବା ଆତଙ୍କବାଦୀମାନଙ୍କୁ ସେ ଖୋଜିଖୋଜି ମାରିବ, ଠିକ୍ ତା' ବାପାଙ୍କୁ ସେମାନେ ମାରିଲା ପରି । ତା'ର ବାପାଙ୍କର କଥା ମନେପଡ଼େ । ବାପା ତାକୁ ଜଣେ ମହିଳାଙ୍କର ଫଟୋ ଦେଖେଇ କହନ୍ତି ଏ ହେଲେ ମ୍ୟାଡ଼ାମ୍ କ୍ୟୁରି । କ୍ୟାନସର ରୋଗର ଚିକିତ୍ସା ପାଇଁ ସେ ରେଡ଼ିଅମ୍

ଉଦ୍ଭାବନ କରିଥିଲେ । ପୁଣି ଗୋଟାଏ ଫଟୋ ଦେଖେଇ କହନ୍ତି ଏ ହେଲେ ଫ୍ଲୋରେନସ୍ ନାଇଟିଙ୍ଗଲ । ଏଇ ଦୟାମୟୀ, ଯୁଦ୍ଧର ଗୁଳିକୁ ସାମନା କରି ମଧ୍ୟ ସେବା କରିଥିଲେ ଆହତଙ୍କର । "ବଡ଼ ହେଲେ ମୋ ଝିଅ ୟାଙ୍କରି ପରି ହେବ" ବୋଲି କହି ତା'ଗାଲରେ ଚୁମାଟିଏ ଦେଲାବେଳେ ସେ ହଜିଯାଏ କେଉଁ ଅତିନ୍ଦ୍ରିୟ ରାଜ୍ୟରେ ।

ଭାବେ ଆଜି ବାପା ନାହାଁନ୍ତି, ସ୍ୱପ୍ନଅଛି । ସ୍ୱପ୍ନ ମରେନା । ସ୍ୱପ୍ନ ହେଲା ଦିନକୁ ଦିନ ବଢୁଥିବା ଗଛପରି । ସେ ବୋଉର ମୁହଁକୁ ଚାହେଁ । ମଥାରେ ସିନ୍ଦୂର ନାହିଁ । ହାତରେ ଶଂଖା ନାହିଁ । ତଥାପି ସାଧନା ଅଛି । ସ୍ୱପ୍ନ ସଫଳ କରିବାର ପ୍ରେରଣା ଅଛି । ହେଲେ ତା' ବୋଉର ସ୍ୱପ୍ନ ଆଉ ସାଧନାର ମାର୍ଗକୁ ବିଶ୍ୱାସ କରେନା ସୁନନ୍ଦା । ସେ ମନେ ମନେ ଖୋଜୁଥାଏ ଆତଙ୍କବାଦକୁ ଲୋପ କରିବାକୁ ସଂଗଠିତ ହେଉଥିବା ଆତଙ୍କବାଦୀମାନଙ୍କୁ । ଭାବେ ସେ ଆତଙ୍କବାଦକୁ ବିରୋଧ କରୁଥିବା ଲୋକଙ୍କ ଦଳରେ ଯୋଗ ଦେବ ଆଉ ଖୋଜି ଖୋଜି ତା'ବାପାଙ୍କୁ ମାରିଥିବା ଆତଙ୍କବାଦୀମାନଙ୍କୁ ମାରିବ । ଗୋଟିଏ ପରେ ଗୋଟିଏ ଲୋପ କରିବ । ଖୋଜିବ ଦେଶ ପରେ ଦେଶ, ଜଙ୍ଗଲ ଆଉ ଜନ ପଦ । ରକ୍ତପାତର ପ୍ରତିଶୋଧ ନେବ ରକ୍ତରେ ।

ସାମନାରେ ବିଶ୍ୱ ବିଖ୍ୟାତ ବିଜ୍ଞାନର ଜର୍ଣ୍ଣାଲ । ବିଶ୍ୱରେ ଉଦ୍ଭାବିତ ବିଜ୍ଞାନର ନୂତନ ଶକ୍ତିର ସନ୍ଦର୍ଭରେ ଭରପୂର । ଆଜି ସୁନନ୍ଦାର ପ୍ରଶଂସାରେ ଏଇ ଜର୍ଣ୍ଣାଲରେ ଅନେକ ବୈଜ୍ଞାନିକ ଶତମୁଖ । ପିଲାବେଳେ ରାମାୟଣ ମହାଭାରତରେ ସେ ପଢ଼ିଥିଲା ଅନେକ ଅସ୍ତ୍ରର ଚମତ୍କାରିତା । ଶରଟିଏ ଯାଇ ଅଚିରେ ଶତ୍ରୁଶକ୍ତିକୁ ଚିହ୍ନଟ କରିପାରୁଥିଲା, ପୁଣି ଯୋଜନ ଯୋଜନ ଦୂରରେ ଥିବା ଶତ୍ରୁକୁ ଧ୍ୱଂସ କରିଦେଇ ପାରୁଥିଲା । କଥା ଗୁଡ଼ାକ ମନଗଢ଼ା କାହାଣୀ ବୋଲି ଭାବି ସେଦିନ ସେ ହସିଥିଲା । ହେଲେ ଆଜି କଳ୍ପନା ସତ ହୋଇଛି । କୃତ୍ରିମ ବୁଦ୍ଧିମତା ଆଜି ମଣିଷ ମୁଣ୍ଡର ବୁଦ୍ଧିମତାକୁ ହରେଇ ଦେଇ ଆଗେଇ ଯାଇଛି ଅନେକ ଦୂରକୁ । ସେ ଯେଉଁ ଶକ୍ତିର ଉଦ୍ଭାବନ କରିଛି ସେଇ ଶକ୍ତିବଳରେ ଆକାଶରେ ବଳଶାଳୀ ଡ୍ରୋନ୍ ପଠାଇ ସେ ଲୋପ କରି ପାରିବ ଅନେକ ମହାସାଗରର ଆରପାରିରେ ଥିବା ଶତ୍ରୁକୁ, ଖୋଜି ପାଇବ ମାଟିତଳ ବଙ୍କରରେ ଥିବା ତା'ର ଠିକଣାକୁ, ଧ୍ୱଂସ କରିଦେବ ଶତ୍ରୁର ଜନପଦକୁ । କ୍ଷଣକରେ ଶତ୍ରୁ ରାଜ୍ୟର ନଦୀଜଳରେ ବିଷ ମିଶାଇ ଜହର କରିଦେବ । ପୁଣି ଏପରି ଏକ ଔଷଧ ଉଦ୍ଭାବନ କରିଛି ଯାହା ମଣିଷକୁ ଭୋକ ଶୋଷ ଭୁଲାଇଦେବ । ଦେହରୁ କଷ୍ଟର ଅନୁଭବ ଦୂରେଇ ଦେବ । ଆଖିରୁ ଲୁହ ଦୂରେଇଦେବ । ସେ ସବୁ ଭୁଲି କେବଳ ଯୁଦ୍ଧ କରି ଚାଲିବ । କୃତ୍ରିମ ବୁଦ୍ଧିମତାରେ ଆଜି ସୃଷ୍ଟି ହୋଇଛନ୍ତି ଏଇମିତିଆ ସୈନ୍ୟବାହିନୀ । ମନରେ କାହାକୁ ହତ୍ୟା କରିବାର

ଅନୁଶୋଚନା ନାହିଁ କି ସନ୍ତାନ ସନ୍ତତିଙ୍କ କଥା ମନେପକେଇବାର ଆବେଗ ନାହିଁ । ରାସାୟନିକ ଅସ୍ତ୍ରଶସ୍ତ୍ରରେ ଡାକି ଆଣିବ ନୂଆ ନୂଆ ରୋଗ । ଏଇ ଅବ୍ୟର୍ଥ ମହାମାରୀର କୀଟକୁ ସେ ଛାଡ଼ିଦେବ ଶତ୍ରୁ ରାଜ୍ୟର ସୀମାରେ ଆଉ ତା'ପରେ ବିନାଶ ଆଉ ବିଜୟ ଲୀଳା ।

ନିଜର ଉଦ୍ଭାବନକୁ ନେଇ ଗର୍ବ ଅନୁଭବ କରୁଥିଲା ସୁନନ୍ଦା । ଆତଙ୍କବାଦର ଶିକାରରେ ବାପ ଛେଉଣ୍ଡ ହୋଇଥିବା ସୁନନ୍ଦା । ପ୍ରତିଶୋଧର ନିଆଁରେ ଜଳୁଥିଲା ପୁରୀ ସହରର ଦିବ୍ୟଜ୍ୟୋତି ପ୍ରଧାନଙ୍କର ଝିଅ । ଆଜି ଏକ ନୂତନ ଉଦ୍ଭାବନ କରି ବିଶ୍ୱ ବିଜୟିନୀର ମୁକୁଟ ପିନ୍ଧିବାକୁ ଯାଉଛି । ସେ ଉଦ୍ଭାବନର ତତ୍ତ୍ୱ କିଣିବାକୁ ବିଶ୍ୱରେ ପ୍ରତିଦ୍ୱନ୍ଦିତା । ଅମାପ ରୋଜଗାରର ସ୍ୱପ୍ନରେ ବୁଡ଼ିଗଲା । ସୁନନ୍ଦା ଭାବୁଥିଲା ବାପା ଥିଲେ ଆଜି କେତେ ଖୁସି ହୋଇ ନ ଥାଆନ୍ତେ !

ହଠାତ୍ ଏତେବଡ଼ ଖୁସିଟା ପାଣି ଫୋଟକା ପରି ଲାଗିଲା । ପଡ଼ୋଶୀ ଦେଶ ଆଉ ଗୋଟାଏ ଦେଶ ଉପରେ ଅଜାଡ଼ି ଦେଇଛି ବିଧ୍ୱଂସୀ ବୋମା । କୌଣସି ଯୁଦ୍ଧକ୍ଷେତ୍ର ନୁହେଁ, ବରଂ ଜନପଦ ଉପରେ । ତା'ପୁଣି କାବୁଲର ଗୋଟାଏ ଡ଼ାକ୍ତରଖାନା ଉପରେ । ତିନି ଶହରୁ ଊର୍ଦ୍ଧ୍ୱ ମଣିଷ ଚିତ୍କାର କରିବା ଆଗରୁ ଚାଲିଗଲେ । ବିପନ୍ନ ଶିଶୁଟାଏ ଗୁରୁଣ୍ଡି ଗୁରୁଣ୍ଡି ଅଙ୍ଗାର ଭିତରେ ଖୋଜୁଛି କାହାକୁ ? ମାଆକୁ ପ୍ରାୟ । ହେଲେ ମାଆ ନାହିଁ, ପାଲଟିଛି ଅଙ୍ଗାର ମନ୍ଦାଏ । ବୋମା ପକେଇ ହସୁଛି ପଡ଼ୋଶୀ ଦେଶର ଶାସକ । ବିଜୟର ଉଚ୍ଚାଟରେ ଅଲ୍ଲାଙ୍କର ଜୟଗାନ କରୁଛି । ନିଆଁର ବଳୟ ଭିତରେ ଅର୍ଦ୍ଧମୃତ ମଣିଷ ବି ଡାକୁଛି ଆଲ୍ଲାଙ୍କୁ କି ଭଗବାନଙ୍କୁ । ଠାକୁର ଠାକୁରାଣୀ ତ ଚିର ନାବାଳକ । ଧର୍ମ ନାମରେ ଧ୍ୱଂସ ।

ଭିନ୍ନ ଏକ ଚେତନାରେ ବୁଡ଼ିଗଲା ପଦାର୍ଥ ବିଜ୍ଞାନୀ ସୁନନ୍ଦା । କୃତ୍ରିମ ବୁଦ୍ଧିମତା ବା ଏ.ଆଇ ପାଇଁ ନୋବେଲ ପୁରସ୍କାର ପାଇଥିବା ବୈଜ୍ଞାନିକ ହିଂଟନ ତା'ର ଗୁରୁ । ଏ.ଆଇ ଭୂତ ମଣିଷ ମୁଣ୍ଡରୁ ପୋଛି ଦେଇଛି ଅନ୍ୟପ୍ରତି ଦରଦ, ସହାନୁଭୂତି, ଆନନ୍ଦାଶ୍ରୁ, ପ୍ରେମ ଆଉ ତ୍ୟାଗର ଭାବ । ଭସ୍ମ କରିବାର ଅମାପ ଆଉ ଦୁର୍ଦ୍ଦମନୀୟ ଶକ୍ତିଧରି ମାଡ଼ି ଚାଲିଥିଲା ଏଇ ନୂତନ ଭସ୍ମାସୁର । ଶାସକର ଦାସ ସେ । ମଣିଷର ମୁଣ୍ଡରୁ ମାନବିକ ବୁଦ୍ଧିମତା ଦୂରେଇ ଦେଇ ବିଜ୍ଞାନ ଭରିଦେଲା ଆସୁରିକ ବୁଦ୍ଧିମତା । କରୁଣା ବଦଳରେ ଭରିଗଲା ଘୃଣା । ଲକ୍ଷେ ନିରୀହଙ୍କୁ ହତ୍ୟାକରି ବି ଆଜି କେଉଁ ବିଜୟୀର ମୁଣ୍ଡରେ ଶୋଚନାର ଭୁଶ ମୁଣ୍ଡ ଟେକୁନି । ଉପଗୁପ୍ତ ପରି ସନ୍ନ୍ୟାସୀ ଉପେକ୍ଷିତ । ଧନପାଇଁ କ୍ଷମତା ପାଇଁ ଶାସକ ବ୍ୟବସାୟୀ ପାଖରେ ମୁଣ୍ଡ ବିକିଛି । ଧାର୍ମିକ ଆଇନ୍ ନାମରେ ମାଆକୁ ବାରନାରୀ କହି ରାଜ ରାସ୍ତାରେ ଅଧାପୋତି ପଥର ଫିଙ୍ଗି ଫିଙ୍ଗି ମାରୁଛି । ପୁଣି ମା' ମେରୀଙ୍କର ଦିବ୍ୟରୂପ ମନରେ ଆଣୁନି କରୁଣା କି ସନ୍ତାନ ଭାବି ଅର୍ଥ ଆଉ ଅନ୍ୟ ଉପରେ ନିଜର କ୍ଷମତା

ଜାହିର କରିବାକୁ ସେ ପାଗଳ । ବିବ୍ରତ ହୋଇ ପଡୁଥିଲା ବିଜ୍ଞାନର ଚରମ ଶିଖରରେ ପହଁଚିଥିବା ସୁନନ୍ଦା । ହଠାତ୍ ଅନୁଭବ କଲା ବିଜ୍ଞାନର ଏଇ ସଫଳତାର ସୀମାନ୍ତରେ ଅଛି ବିରାଟ ଶୂନ୍ୟତା । ସେଇ ଶୂନ୍ୟତାର ଗଭୀର ଗହ୍ୱରକୁ ଚାହିଁ ପାରୁ ନଥିଲା ପଦାର୍ଥ ବିଜ୍ଞାନୀ ସୁନନ୍ଦା ।

ଧୂଆଁର ଆକାଶଛୁଆଁ ସ୍ରୋତ ଉପରକୁ ଉଠୁଥିଲା ଆଉ ଛାଇ ଯାଉଥିଲା ଆକାଶରେ । ତୈଳକୂପ ଉପରେ ବୋମା ଉପରେ ବୋମା ଅଜାଡ଼ି ଦେଇଛି ମଣିଷ । ଜଳି ଯାଉଛି ଧରଣୀ ମା'ର ଅମୃତ ସମ ବରଦାନ । ପ୍ରକୃତିର ଏଇ ନୈସର୍ଗିକ ଦାନକୁ ଧର୍ଷଣ କରି ଚାଲିଛି ଭସ୍ମାସୁର । ବିଜୟ ଗର୍ବରେ ଯାହାକୁ ସେ ଧର୍ଷଣ କରି ଚାଲିଛି ସେ ଯେ ତା'ର ସର୍ବଂସହା ମାଆ ଏ କଥା ଭୁଲିଯାଇଛି । ଅର୍ଥ, କ୍ଷମତା ଆଉ ଶକ୍ତି ଅମଣିଷ କରିଛି ତାକୁ । କୃତ୍ରିମ ବୁଦ୍ଧି ସତରେ ହତବୁଦ୍ଧି । ମଣିଷ ମୁଣ୍ଡରୁ ମାନବିକ ବୁଦ୍ଧି ହଜିଯାଇ ରାଜୁତି କରି ଚାଲିଛି ମେସିନ୍‌ର ବୁଦ୍ଧି । ତୈଳକୂପ ଗୁଡ଼ାକୁ ଧ୍ୱଂସ କରିବାର ଲକ୍ଷ୍ୟ ଧାର୍ଯ୍ୟ କଲାବେଳେ ମଣିଷ ମୁଣ୍ଡରୁ ହଜିଯାଉଛି ବିଚାର । ହୃଦୟରୁ ହଜି ଯାଉଛି ବିବେକ । ଡାକ୍ତରଖାନା ଉପରେ ଧ୍ୱଂସର ଲୀଳା କଲାବେଳେ ହଜି ଯାଉଛି ଲୁହ, ଜଳୁଛି ଅଗ୍ନି । ନିଷ୍ପାପ ଶିଶୁର ଆକୁଳ ଚିତ୍କାର ତା'ମନରେ ଆଣୁଛି ଆମୋଦ । ଧର୍ମର ଏଇ ନୂତନ ସଂଜ୍ଞା, ଆଘାତ ପରେ ଆଘାତ କରୁଥିଲା ତା' ମନରେ । ତା'ର ମନେହେଲା କୃତ୍ରିମ ବୁଦ୍ଧିମତାର ବିଭତ୍ସ ବୀଜ ନେଇ ଗୋଟାଏ ଡ୍ରୋନ୍ ଗୋଡ଼େଇଛି ତାକୁ । କ୍ଷତ ବିକ୍ଷତ କରିବାକୁ ଚାହୁଁଛି ତା'ର ବିଚାର ଆଉ ବିବେକକୁ ।

"ମା' ତୁ ଦିନେ ମାଡ଼ାମ୍ କ୍ୟୁରି ହେବୁ ।" ଶୁଭୁଥିଲା ବାପାଙ୍କ ସ୍ୱର । ମାନବ ମଙ୍ଗଳ ପାଇଁ ସେ ସ୍ୱାମୀ ପେରିଙ୍କ ସହ ମିଶି ବାହାର କରିଥିଲେ ରେଡ଼ିଅମ୍ । ଅନ୍ଧାରରେ ଏ ଧାତୁ ଚକ୍ ଚକ୍ କରେ । ଅନ୍ଧାର ତାକୁ ଲୁଚେଇ ପାରେନା । ଗାଲଟା ଉଷୁମ ଲାଗିଲା । ଛବି ଭିତରୁ ବାହାରି ବାପା ତାକୁ ଗେଲ କରୁଛନ୍ତି । ପୁଣି କହୁଛନ୍ତି ସେଦିନ "କ୍ରିମୀଆଁ ଯୁଦ୍ଧ କାଳରେ କାନ୍ଦୁଥିବା ଶିଶୁଙ୍କ ପରି ଆଜି ବିଶ୍ୱର ଶିଶୁ କାନ୍ଦୁଛି । ଅସହାୟ ଆଖି ଦିଇଟାକୁ କ'ଣ ଦେଖିପାରୁନୁ" । ଲାଗିଲା ବାପାଙ୍କର ଦେହ ନାହିଁ ହେଲେ ଭାଷା ଆଉ ଭାବଟା ମିଶିଯାଇଛି ପବନରେ, ପାଣିରେ, ଆଲୋକରେ ଆଉ ଗୋଟାଏ ବିଷ ବନ୍ଧୁକ ଧରି ସେ ଧାଇଁଚି ସେ ସବୁକୁ ବିଷର ନିଆଁରେ ଜାଳିବା ପାଇଁ ।

ବିଜ୍ଞାନର ବିଷକନ୍ୟା ପ୍ରକୃତି ସୁନ୍ଦରୀକୁ ବିଲୋପ କରିବାକୁ ଧାଇଁଛି । ଧର୍ଷକର ଲୁହାର ହାତର ବେଷ୍ଟନୀ ଭିତରେ ଅସହାୟା ଆଉ ବନ୍ଦିନୀ ବିଶ୍ୱର ମାଆ । ମଣିଷର ବିକାରଗ୍ରସ୍ତ ଆଖିରେ କେବଳ ବିଭତ୍ସ ସ୍ୱପ୍ନ । ଯୁଦ୍ଧ ଯୁଦ୍ଧଭୂଇଁରୁ ନୁହେଁ ମଣିଷର ମସ୍ତିଷ୍କରୁ ଆରମ୍ଭ ହୁଏ ବୋଲି ଅସ୍ପଷ୍ଟ ପ୍ଲାକାର୍ଡଟିଏ ଧରି ମୁଣ୍ଡତଳକୁ କରି ଠିଆ ହୋଇଛି ବିଶ୍ୱସଂଘ ।

ବୈଜ୍ଞାନିକ ସୁନନ୍ଦା ଦେଖୁଥିଲା ଗୋଟାଏ ଡ୍ରୋନ୍ ବିନାଶର ଲକ୍ଷ୍ୟନେଇ ଧାଇଁଛି କୃତ୍ରିମ ବୁଦ୍ଧିମତାର ଜନକ ହିଂଟନଙ୍କ ପଛରେ । ଠିକ୍ ଭାରତୀୟ ଶାସ୍ତ୍ରରେ ଭସ୍ମାସୁରଙ୍କୁ ସ୍ରଷ୍ଟା ଦେଇଥିବା ବରର ପରୀକ୍ଷା ପାଇଁ । ବିକଳରେ ହିଂଟନ୍ ଖୋଜୁଛନ୍ତି ମାଆର ମନକୁ । ହଠାତ୍ ବିନାଶର ବଳୟ ଭିତରୁ ଉତୁରି ଆସିଲା ସୁନନ୍ଦା । ଶୁଭିଲା ହିଂଟନ କହୁଛନ୍ତି କୃତ୍ରିମ ବୁଦ୍ଧିସହ ଯୋଡ଼ିଦେବି, ମାଆର ମନ । ହେଲେ ମୁଁ ଆଜି ମୋ'ଠାରୁ ଦୂରରେ । ଭସ୍ମାସୁର ଭୟରେ ଅସହାୟ ଶିବ ଦଉଡ଼ିଲା ପରି ଦଉଡ଼ିଥିଲେ ସେ ।

ମାଆର ମନ, ମାଆର ମନ ଶବ୍ଦ ଦିଇଟା ତା' ଚିନ୍ତା, ଚେତନା ଆଉ ମନର ଆକାଶକୁ ମାତୃମୟ କରିଦେଲା । ଚମକି ପଡ଼ିଲା ସେ । ବାପାଙ୍କୁ ଆତଙ୍କବାଦୀମାନେ ହତ୍ୟାକରିବା ପରେ ବି ବୋଉ ସାରା ଜୀବନ ଠାକୁରଙ୍କୁ ପ୍ରାର୍ଥନା କରୁଥିଲା, "ମଣିଷକୁ ଭଲ ବୁଦ୍ଧି ଦିଅ । ଆମପରି ଦୁଃଖ, ଦୁନିଆରେ ଆଉ କାହାକୁ ନ ହେଉ" । ବୋଉର କଥା ବାରବାର ଶୁଭିଲା କାନକୁ । ଗୁରୁ ହିଂଟନ ପରିଣତ ସମୟରେ ଖୋଜୁଛନ୍ତି କୃତ୍ରିମ ବୁଦ୍ଧି ସାଙ୍ଗରେ "ମାଆର ମନ" ଯୋଡ଼ିବାକୁ ହେଲେ ଆଜି ସେ ଅବଶ । ହଠାତ୍ ସୁନନ୍ଦାର ମନର ଆକାଶରେ ପୁଳାଏ ଡ୍ରୋନ୍ ବୋଉର କଥାଗୁଡ଼ାକୁ ରସିଫୁଲ ପରି ଫୁଟାଇଦେଲେ । ସମସ୍ତଙ୍କ ଅଜ୍ଞାତସାରରେ କୃତ୍ରିମ ବୁଦ୍ଧିରେ ଯୋଡ଼ିଦେଲେ ମାଆର ମନକୁ । ମଣିଷ ଗାଇଲା ଧ୍ୱଂସ ନୁହେଁ ସର୍ଜନାର ଗୀତ । ଶୁଭିଲା ମାନବ ପ୍ରେମର ମନ୍ତ୍ର । ମାତୃ ଚେତନାର ଅମୃତ ରାଗିଣୀ ପ୍ରସରିଗଲା ପଂଚ ମହାଶକ୍ତିର ଦେଶକୁ, ପୁଣି ଯୀଶୁ, ମହମ୍ମଦଙ୍କର ଜନ୍ମମାଟିକି । ହସି ଉଠିଲେ ଅମୃତ ପ୍ରସବିନୀ ମା ବସୁନ୍ଧରା । ମଣିଷର ମୁଣ୍ଡରୁ "ମାଆର ମନ" ନେଇ ଉଡ଼ିଯାଉଥିଲେ ଦଳଦଳ ଶାନ୍ତିର ଧବଳ କପୋତ । ମାତୃମୟ ହେଉଥିଲା ବିଶ୍ୱ ।

❐❐❐

ଏ ଜୀବନ ପ୍ରେମମୟ



ରସାନନ୍ଦ ମହାପାତ୍ର
ଧାମନଗର, ଭଦ୍ରକ
ମୋ- ୯୯୩୭୮ ୪୮୦୬୦

" ପ୍ରେମକୁ ଛାଡି କାଳେ ଜୀବନ ପୂର୍ଣ୍ଣାଙ୍ଗ ହୁଏ ନାହିଁ ବୋଲି ମୋର ଲେଖକ ବନ୍ଧୁମାନେ ମତ ଦେଇ ଅନୁରାଧ କରିଛନ୍ତି ଏ ବହିରେ ପ୍ରେମ କାହାଣୀକୁ ନେଇ ଏକ ଅନୁଚ୍ଛେଦ ରଖିବା ପାଇଁ। ତେଣୁ ହାଇସ୍କୁଲରେ ପଢିବା ବେଳେ ମୋ ଜୀବନରେ ଘଟିଥିବା ଏକ ନିଚ୍ଛକ ପ୍ରେମ କାହାଣୀକୁ ମୁଁ ଏଠାରେ ଅବତାରଣା କରୁଛି । "

ମୋ ପିଲାଦିନ ସୁଖର ଦିନ ଥିଲା । କକାଙ୍କ ଝିଅ ବାସନ୍ତୀ ମୋର ପିଲାଦିନର ଅନ୍ତରଂଗ ବାନ୍ଧବୀ ଥିଲା । ଆମ ଘରକୁ ଲାଗି ତାଙ୍କ ଘର । ସେ ଋଟଶାଳୀ ଯାଉଥାଏ । ମା ତା' ଯିବା ଦେଖି ଏକ ବେଗ୍‌ରେ ସିଲଟ ଖଡ଼ି ଭରି ମୋତେ ତା' ସହିତ ତାମିଲସାହି ମଧୁ ବାହାଲିଆ ଅବଧାନଙ୍କ ପାଖକୁ ପଠେଇ ଦିଏ । ମୋ ଉପର ଭଉଣୀ ବାନ୍ଧୁ ନାନୀ ଆମକୁ ନେଇ ଅବଧାନଙ୍କ ପାଖରେ ଛାଡି ଦେଇ ଆସେ । ଅବଧାନ ସାମାନ୍ୟ ଭୁଲ୍ ପାଇଁ ନିର୍ଘାତ ପିଟନ୍ତି । ଥରେ ମା' ମୋ ପିଠିରେ ତାଙ୍କ ପିଟିଥିବା ଦାଗ ଦେଖି କାନ୍ଦି ପକାଇଲା ଆଉ ତାଙ୍କ ପାଖକୁ ନ ପଠେଇ ଆମ ଘର ପାଖର ଶୋଲା ନାୟକଙ୍କ ଋଟଶାଳୀକୁ ପାଠ ପଢିବା ପାଇଁ ଛାଡ଼ିଲା । ବାସନ୍ତୀ ମଧ୍ୟ ସେଠାରୁ ପଳାଇ ଆସି ମୋ ସହିତ ସାମିଲ୍ ହେଲା । ଆମେ ଉଭୟ ସାଙ୍ଗ ହୋଇ ନିୟମିତ ଋଟଶାଳୀ ଗଲୁ । ବାସନ୍ତୀ ସହିତ ଖେଳିବାକୁ ମୋତେ ଭଲ ଲାଗେ । ତା'କୁ ବି ଭଲ ଲାଗେ । ସାଥୀ ହୋଇ ଆମେ ଧୂଳିଘର କରିଛୁ । ମିଛିମିଛିକା କଣ୍ଢେଇ ବାହାଘର କରିଛୁ । ନିଜେ ବି କେତେବେଳେ ବର କନିଆ ବନି ଯାଇଛୁ । ବୟସ ବଢିବା ସହିତ ଆମ ଭିତରେ ଆକର୍ଷଣ ବଢୁଥିଲା ।

ପରସ୍ପରକୁ ଆମେ ଭଲ ପାଉଥିଲୁ । ସେ ଭଲ ପାଇବାରେ ପବିତ୍ରତା ଥିଲା । ବାସନ୍ତୀକୁ ଛୁଇଁ ଦେଲେ ଏକ ଅଦ୍ଭୁତ ଶୀହରଣ ମୋ ଦେହଯାକ ଖେଳେଇ ହୋଇ ଯାଉଥିଲା । ଧୀରେ ଧୀରେ ବାଲ୍ୟ ଚପଳତାକୁ ବିଦାୟ ଦେଇ ଆମେ କିଶୋର-କିଶୋରୀ ହେବା ପାଇଁ ଆଗକୁ ପାଦ ଥାପୁଥିଲୁ । ପିଲାଦିନ ଆମ ଠାରୁ ହଜି ଯାଉଥିଲା । ଇତି ମଧ୍ୟରେ ତା' ଶରୀରର ଗଠନ ବଦଳିବା ଆରମ୍ଭ ହୋଇଯାଇଥାଏ । ସେ କ୍ରମଶଃ ଲାଜକୁଳି ହେବା ସୁରୁ କରିଦେଇଥାଏ । ବଙ୍ଗଳା ଦାଣ୍ଡରେ ସାଥୀ ହୋଇ ଖେଳିବାକୁ ତା' ମା' ଆକଟ କରୁଥାଏ । ତଥାପି ସେ ଲୁଚିଲୁଚି ଆସି ଦେଖା କରେ । ଇଆଡୁ ସିଆଡୁ କ'ଣ କହି ପକାଏ । ଆଜି ପରିଣତ ବୟସରେ ସେସବୁ ମନେପଡିଲେ ରୋମାଂଚ ସୃଷ୍ଟି ହୁଏ । ଆଜି ତାହା ସ୍ମୃତି ହୋଇଯାଇଛି ।

ବାସନ୍ତୀ ପରେ ମୋ ଜୀବନରେ ଆସିଲା ଝୁନୁମୁଖୀ । ତା' ବାପା ମେଡିକାଲରେ ଚାକିରି କରିଥାନ୍ତି । ସେ ମୋ ସହିତ ଦକ୍ଷିଣବାଡ଼ର ଅଖିଆ ସାରଙ୍କ ପାଖକୁ ଟିଉସନ ଯାଏ । ଖରାବେଳେ ତା' ବାପା ଝୁନୁକୁ ଆଣି ଆମ ଘରେ ପହାଞ୍ଚାନ୍ତି । ମୋ ମା' ମୋତେ ନିଦରୁ ଉଠାଇବା ପାଇଁ ଆଖିରେ ପାଣି ମାରିଦିଏ । ବୁକ ଦିଟା ଦେଇ ଦେଲେ ମୋ ନିଦ ଆପଣାଛାଏଁ ଭାଙ୍ଗିଯାଏ । ତା' ପରେ ସାଙ୍ଗ ହୋଇ ଆମେ ଟିଉସନ ଯାଉ ।

ଝୁନୁ ଦେହର ରଙ୍ଗ କଳା ହେଲେ ବି ଗଠନ ଖୁବ୍ ସୁନ୍ଦର । ହସିଲେ ମୁକୁତା ଝରେ । ତା' ଦେହ ଡାଳରେ ସବୁଜିମାର ରଙ୍ଗ ନେସି ହୋଇଥାଏ । ବକ୍ଷ ସ୍ଥଳରେ ପୂର୍ଣ୍ଣକୁମ୍ଭ ପସରା ମେଲୁଥାଏ । ବସନ୍ତିଆ ଗଳିର ଛାଇଛାଇ କା ବାଉଁଶ ଅଗ ଉହାଡ଼ରେ ତୀର୍ଯ୍ୟକିରଣ ଝୁନୁମୁଖୀର ପୂରିଲା ପୂରିଲା ବକ୍ଷ ସ୍ଥଳରେ ପଡ଼ିଲେ ସେ ଖୁବ୍ ଲୋଭିଲା ଲୋଭିଲା ଲାଗେ । କେତେବେଳେ ମୋ ଆଖି ଦୁହେଁ ଅବକାରୀ ଇଲାକାରେ ଆସର ଜମାଇ ଦିଏ ମୁଁ ଜାଣିପାରେ ନାହିଁ ।

ଅଖିଆ ସାର୍‌ଙ୍କ ପାଖରେ ଟିଉସନରେ ଝୁନୁମୁଖୀ ମୋ ବିପରୀତ ଦିଗରେ ବସେ ଓ ଉହାଡ଼ରେ ମୋତେ ଏକ ଲୟରେ ଚାହିଁ ରହିଥାଏ । ସେତେବେଳେ ମୁଁ କିଛି ବୁଝି ପାରୁନଥିଲି । ପରେ ଜାଣିଲି ଏହା କାଳେ ପ୍ରେମ ।

ଦିନେ ଖରାବେଳେ ଝୁନୁମୁଖୀର ଆସିବା ବିଳମ୍ବ ହେବାରୁ ଡାକିବା ପାଇଁ ମୁଁ ତାଙ୍କ ଘରକୁ ଗଲି । ତାଙ୍କର ଗୋଟେ ଆଲସିସିଆନ କୁକୁର ଥିଲା । ସେ ମୋ ଉପରକୁ ଚଢିଯାଇ ଜଂଘକୁ କାମୁଡି ଦେଲା । ମୁଁ ଚିତ୍କାର କରୁଥାଏଁ । ରକ୍ତ ଝରଝର ବହୁଥାଏ । ସଂଗେ ସଂଗେ ତା' ବାପା, ମୀନ ମଉସା ଓ ମା' ଉଷା ମାଉସୀ ଦୌଡିଆସି ମୋତେ ଡାକ୍ତରଖାନା ନେଇ ବେଣ୍ଡେଜ୍ କରିଦେଲେ । ଡାକ୍ତର କହିଲେ ଭଦ୍ରକ ଯାଇ କୁକୁର କାମୁଡା ଇଂଜେକ୍‌ସନ୍ ନେବାକୁ ହେବ । ନହେଲେ ଜଳାତଙ୍କ ରୋଗ ହୋଇପାରେ । ସେତେବେଳକୁ ମୋ ମା' ଓ ବାପ୍ପୁନାନୀ ସେଠାରେ ପହଂଚି ସାରିଥାନ୍ତି । ସମସ୍ତଙ୍କର ଆଖିରେ ଲୁହ । ଲୋକ ରୁଣ୍ଡ ହୋଇଥାନ୍ତି । ଏକ ଦୁଃଖଦ ପରିବେଶ ସୃଷ୍ଟି ହୋଇଥାଏ । କିଛି ସମୟ ପରେ ଏକ ରିକ୍ସାରେ ଆମେ ଘରକୁ ଆସିଲୁ ।

ତା' ପରଦିନ ସ୍କୁଲ ପରିବର୍ତ୍ତେ ମୁଁ ଗଲି ଭଦ୍ରକ । ନେସନାଲ୍ ସ' ମିଲର ମାଲିକ ମୁଟୁରୁ ମହାପାତ୍ର ଆମ ଗାଁ ଲୋକ । ସେ ବର୍ତ୍ତମାନର ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ରଙ୍କ ଜେଜେ । ମୋ ମଝିଆଁ ଭିଣୋଇ ବୁଢାନନାଙ୍କର ମୁଟୁରୁ ବାବୁ ଖୁବ୍ ଅନ୍ତରଙ୍ଗ । ବୁଢାନନା ମୋତେ ଓ ମୋ ମା' କୁ ବସ୍‌ରେ ନେଇ ତାଙ୍କ ଘରେ ଛାଡ଼ି ଦେଇ ଆସିଲେ । ଦୈନିକ ଦିନ ଦଶଟାରେ ଆମେ ଭଦ୍ରକ ମୁଖ୍ୟ ଡାକ୍ତରଖାନା ଯାଉଁ । ଡାକ୍ତର ନାଇରେ କୁକୁର କାମୁଡା ଇଂଜେକ୍ସନ ଦିଅନ୍ତି । ଏମିତି ସାତଦିନ ସେଠାରେ ରହି ଇଂଜେକ୍‌ସନ୍ କୋର୍ସ ଶେଷ କରି ଆମେ ଘରକୁ ଫେରିଲୁ । ସେ ଘଟଣା ମୋର ଭଲ ଭାବରେ ଅଦ୍ୟାବଧି ମନେଅଛି । ତା' ପର ଠାରୁ ମୋ ମା' ଅଖିଆ ସାରଙ୍କ ପାଖକୁ ଆଉ ଟିଉସନ ପଠାଇଲା ନାହିଁ କି ଝୁନୁମୁଖୀ ଘରକୁ ଛାଡିଲା ନାହିଁ । ପ୍ରେମକୁ ଛାଡି କାଳେ ଜୀବନ ପୂର୍ଣ୍ଣାଙ୍ଗ ହୁଏ ନାହିଁ ବୋଲି ମୋର ଲେଖକ ବନ୍ଧୁମାନେ ମତ ଦେଇ ଅନୁରାଧ କରିଛନ୍ତି ଏ ବହିରେ ପ୍ରେମ କାହାଣୀକୁ ନେଇ ଏକ ଅନୁଚ୍ଛେଦ ରଖିବା ପାଇଁ । ତେଣୁ ହାଇସ୍କୁଲରେ ପଢିବା ବେଳେ ମୋ ଜୀବନରେ ଘଟିଥିବା ଏକ ନିଚ୍ଛକ ପ୍ରେମ କାହାଣୀକୁ ମୁଁ ଏଠାରେ ଅବତାରଣା କରୁଛି ।

ମୋ ନାନୀ ଘରେ ବାଳିକା ହାଇସ୍କୁଲର ରେଖା ଦିଦି ଘରଭଡା ନେଇ ରହୁଥିଲେ । ତାଙ୍କ ସାନ ଭଉଣୀ ରୁବି ପ୍ରକୃତରେ ଅସାମାନ୍ୟ ସୁନ୍ଦରୀ ଥିଲା । ସେ ଦଶମ ଶ୍ରେଣୀରେ ପଢୁଥିଲା ଓ ରେଖା ଦିଦିଙ୍କ ପାଖରେ ରହୁଥିଲା । ଭଲ ଇଂରାଜୀ ଶିକ୍ଷୟତ୍ରୀ ଭାବରେ ରେଖା ଦିଦିଙ୍କର ସୁନାମ ଥିଲା । ସେତେବେଳ ମୁଁ ନବମ ଶ୍ରେଣୀର ଛାତ୍ର । ଇଂରାଜୀ ବୁଝିବା ପାଇଁ ତାଙ୍କ ବସାକୁ ଯିବା ପାଇଁ ଦିଦି କହିଥିଲେ । ତେଣୁ ମୁଁ ତାଙ୍କ ବସାକୁ ଅବାଧ ଯିବା ଆସିବା କରେ । ଯିବାର ଆଉ ଗୋଟିଏ କାରଣ ହେଲା ରୁବି । ତା'ର ପୂରିଲା ପୂରିଲା ଦେହକୁ ମୁଁ ଏପର୍ଯ୍ୟନ୍ତ ଭୁଲି ପାରିନାହିଁ । ସବୁବେଳେ ସେ ମୋତେ କଣେଇ କଣେଇ ଝହେଁ, କ'ଣ କହିବାକୁ ଝହୁଁଥିଲେ ମଧ୍ୟ କହିପାରେ ନାହିଁ । ସେ ମୋ ଉପର ଶ୍ରେଣୀରେ ପଢୁଥିବାରୁ ମୁଁ ମଧ୍ୟ ଟିକେ ସଂକୋଚ କରି ନୀରବି ଯାଏ । ସେତେବେଳେ ତା' ଦେହରେ ଯୌବନ ଲହଡି ମାରୁଥାଏ । ବକ୍ଷସ୍ଥଳ ଜୁଆରିଆ ସମୁଦ୍ର ଲହଡି ପରି ପୂର୍ଣ୍ଣାଙ୍ଗ ପ୍ରାପ୍ତି ପାଇଁ ଅଗ୍ରସର ହେଉଥାଏ । ମୁଁ ଗଲେ ସେ ଖଟ ଉପରେ ଶୋଇବାର ବାହାନା କରି ଅଳସ ଭାଙ୍ଗେ । ଏସବୁ ବୁଝି ମଧ୍ୟ ମୁଁ ବୁଝି ପାରେନି । ହେଲେ ନିତି ସଂଧ୍ୟାରେ ପାଦ ଆଗକୁ ବଢାଇ କିପରି ସେଠାରେ ପହଂଚିଯାଏ ତାହା ମୁଁ ଜାଣିପାରେନି । ଏକ ଅଜଣା ଆକର୍ଷଣ ମୋତେ ଟାଣି ନିଏ । ଇଂରାଜୀ ପଢିବା ଆଳରେ ଦିଦିଙ୍କ ବସାରେ ରୁବି ପାଖରେ ମୁଁ ହାଜର ।

ରେଖାଦିଦି ନିତି ସଂଧ୍ୟାରେ ମୋ ନାନୀ ସହ ଲହଡିଆ ଗପ କରନ୍ତି । ରୁମ୍ ଭିତରେ ରୁବି ଓ ମୁଁ । ଉଭୟ ସୃଷ୍ଟିର ରହସ୍ୟ ଖୋଜି ବରଡାପତ୍ର ପରି ଖାଲି ଥରୁ, ହେଲେ କେହି କାହାକୁ ଧରା ଦେଇ ନାହୁଁ ।

❐❐❐

ବର୍ଷାର ଗନ୍ଧ

ମୂଳ ବଙ୍ଗଳା - ଶାଶ୍ୱତୀ ନନ୍ଦୀ



ଅନୁସୃଜନ - ଗୀତାରାଣୀ ଆଇଚ
ଭଦ୍ରକ
ଫୋନ-୯୪୩୯୯୦୦୩୧୪

"ନିଜର ଯୁଦ୍ଧଟା ନିଜେ ଲଢ଼ । ପରମାନେଣ୍ଟ ଟିଚ୍‌ରମାନେ ଏହା ଭିତରେ ନାହାନ୍ତି । ଟ୍ରେନିଂ ପିରିୟଡ୍‌ରେ ତୁମେ ଯୁଦ୍ଧ କରିବାକୁ ଶିଖିଲେ ତେବେ ଯାଇ ତୁମେ ରିଟୟାରମେଣ୍ଟ ଆଗରୁ ଜଣେ ଭଲ ଯୋଦ୍ଧା ହୋଇପାରିବ ।"

ଶ୍ରୀକୁ ଆଜି ସାତ ଆଠଟା କ୍ଲାସ ସ୍କୁଲରେ ନେବାକୁ ପଡ଼ିଲା । H.M ଅର୍ଥାତ୍ ଫ୍ଲାଉଆର ଲ୍ୟାଣ୍ଡ ସ୍କୁଲରେ ହେଡ୍‌ମିଷ୍ଟ୍ରେସ୍ ଡାକି କରି କହିଦେଇଛନ୍ତି - ମ୍ୟାଥ୍ ଆଉ ଜୋଗ୍ରାଫି ଟିଚ୍‌ର ଛୁଟିରେ ଅଛନ୍ତି । ତେଣୁ ତମକୁ ମ୍ୟାନେଜ କରିବାକୁ ହେବ 'ଶ୍ରୀ' । କଥାଟା କହିଦେଇ ସିଏ ଗୋଟିଏ ସୁନ୍ଦର ହସ ହସିଦେଲେ । ଭଦ୍ରମହିଳାଙ୍କର ଏହି ଜ୍ଞାନଟା ଅଛି । କେତେବେଳେ ବି ସିଏ ରାଗନ୍ତି ନାହିଁ । ଅସଲ କଥା ହେଲା ବୁଦ୍ଧିମାନ ଲୋକ କେବେ ରାଗନ୍ତି ନାହିଁ ।

ଶିକ୍ଷକମାନଙ୍କ ଭିତରେ ଷ୍ଟାଫ୍ କମନ ରୁମରେ ଅନେକ ସମୟରେ ତୁମୁଳ ଝଡ଼, ଉଠେ ତା'ଉପରେ ଅହେତୁକ କ୍ଲାସ ବୋଝ ମୁଣ୍ଡେଇବାକୁ ପଡ଼େ । ମ୍ୟାଥ ଟିଚର ମୀରା ସେନ୍‌ଗୁପ୍ତ ଚାଲି ଗଲା ପରେ ସିଟ୍‌ଟା ଖାଲି ପଡ଼ିରହିଛି । H.M ଙ୍କର ସେଇ ଗୋଟିଏ କଥା

ସୁଇଟେବଲ ରିପ୍ଲେସମେଣ୍ଟ ମିଳୁନାହିଁ । ଅତଏବ ସବ୍‌ଷ୍ଟିଚ୍ୟୁଟ ଦେଇ ଚଳାଅ ।

ଅନ୍ୟପକ୍ଷରେ ଗୀତାଲି ମେଟେରନେଟ୍ ଲିଭରେ ଗଲାପରେ ହିଷ୍ଟ୍ରି କ୍ଲାସ ସୁମ୍ପିତାକୁ ଦେବାକୁ ହେଲା । ସେ ବିଚରୀ କାନ୍ଦି କାନ୍ଦି ନୟାନ୍ତ, ଫିଜିକାଲ ସାଇନ୍ସ ଟିଚର ହିଷ୍ଟ୍ରି ପଢ଼ାଇବ । ତା' ମୁହଁର ଭାଷା ଦେଖି; ହେଡ୍‌ମିଷ୍ଟ୍ରେସ୍‌ଙ୍କ ମୁହଁରେ ଅମାୟିକ ହସ । ଆରେ ହିଷ୍ଟ୍ରି ତ ଗପ ଭଳି । ସୋ ଇଜି । ମ୍ୟାନେଜ କରି ପାରିବୁନି ? ଘରେ ପୁଅକୁ ପଢ଼ାଉ ତ ?

ପୁଷ୍ପିତା କିଛି କହିବାକୁ ଚାହୁଁଥିଲା ବୋଧହୁଏ; କି ସିଲିଂ ଆଡକୁ ଦେଖି ସେ ଷ୍ଟେଚ୍ୟୁ । ସି.ସି.ଟି.ଭି କ୍ୟାମେରା ଫିଟ କରାଯାଇଛି । ହାଁ କରି ଅନେଇ ଥିବା ମୁହଁଟା ତା'ର ଚୁପ୍ ହୋଇଗଲା । ଆଉ ଟିକିଏ ହୋଇଥିଲେ କେସ୍ ହୋଇ ଯାଇଥାନ୍ତା ଭାଗିସ..... ଏଇଚ୍, ଏମ ଏଇକ୍ଷଣି ତା' ଆଡ଼କୁ ଚାହିଁଲେ - କ'ଣ ହେଲା ପୁଷ୍ପିତା ? ସ୍ୱିକ୍ ଆଉଟ ସମ୍‌ଥିଙ୍ଗ । ହିଷ୍ଟ୍ରିକୁ ନେଇ ଏତେ ଭୟ ? କିଛି ଦିନ ପାଇଁ ଚଳେଇ ପାରିବନି ?

ଭୟରେ ଜୁଡୁବୁଡୁ ହୋଇ ସିଏ ଝବିଦିଆ କଣ୍ଢେଇ ଭଳି, ବେକକୁ ହଲଉଥାଏ । ନୋ ପ୍ରୋବ୍ଲେମ ବଡ଼ଦିଦି ନୋ ପ୍ରୋବ୍ଲେମ । କାହିଁକି ପାରିବିନି । ନିଶ୍ଚୟ ପାରିବି । ହିଷ୍ଟ୍ରି ତ ସୋ ଇଜି । ହି; ହି, ହି ।

ସମସ୍ତେ ପୁଷ୍ପିତକୁ ଅନେଇ ରହିଛନ୍ତି । ବିଦିଶା ଦାନ୍ତ ଚପି କହିଲା, ଦେଖିଲ କେମିତି ସଙ୍ଗେ ସଙ୍ଗେ ବଦଳିଗଲା । ଗଧ କେଉଁଠିକାର । ଏଠି କିଛି ହେବନି । ଟିଚରଙ୍କ ମଧ୍ୟରେ ତ ଇଉନିଟ୍ ନାହିଁ ।

ତେଣୁ ଫ୍ଲାଉଆର ଲେଣ୍ଡର ଟିଚର୍‌ମାନଙ୍କ ଅବସ୍ଥା ଆହୁରି ଖରାପ ହୋଇଛି । ସେମାନେ ଗୋଟିଏ ବି ଫ୍ରୀ ପିରିୟଡ୍ ପାଉନାହାନ୍ତି । ଦୁଇଦିନ ଅନ୍ତରରେ କ୍ଲାସ ଟେଷ୍ଟ ଇଉନିଟ୍ ଟେଷ୍ଟ । ପ୍ରଶ୍ନପତ୍ର ତିଆରି କରିବା ରାଜାର ଖାତା ଦେଖିବା । ଟିଚର୍‌ମାନଙ୍କ ପ୍ରାଣ ଆସି କଣ୍ଠଗ୍ରତ । ବିଦିଶା ଦିନେ ତା'ର ମୁହଁକୁ ଝୁଙ୍କାଇ କହିଲା - ହରିବୋଲ । ଏହାର ଗୋଟିଏ ବିହିତ ପ୍ରତିକାର ଦରକାର । ଦିନପରେ ଦିନ ଏକରକମ ହରକ୍ୟୁଲେସର ବୋଝକୁ ଟାଣିବା ଅସମ୍ଭବ ।

ସ୍କୁଲର କୃଷ୍ଣକଳି, ବିଦିଶାର କଥା ସମସ୍ତଙ୍କ ପଛରେ ଥାଏ । ଶ୍ରୀ ନବାଗତା । ଦୁଇମାସ ମାତ୍ର ଚାକିରୀ । ଚୁପ୍‌ଚାପ୍ ସବୁ ଲକ୍ଷ୍ୟ କରିବା ଛଡ଼ା କୌଣସି ଉପାୟ ବର୍ତ୍ତମାନ ନାହିଁ । ତା'ଛଡ଼ା ଏହି ପ୍ରବେଶନ ପିରିୟଡ଼ଟା ସାଙ୍ଘାତିକ ଗୋଟେ ହର୍ଡଲ । ଏହାକୁ ଯେଉଁଭଳି ଭାବରେ ହେଉ ମେନେଜ କରିବାକୁ ହେବ । ସେ କଥା ବିକ୍ରି କରିବାକୁ ନ ଯାଇ କଥାକୁ କିଣିବା ହିଁ ବୁଦ୍ଧିମାନର କାମ ହେବ ବୋଲି ମନେକରେ ।

ଷ୍ଟାଫ୍ କମନ୍ ରୁମରେ ଆଜିକାଲି କାଳବୈଶାଖୀ ଘନାଏ ଆଉ ଅନେକେଶ ମୁହଁ ଶୁଖାଇ ବସିଥାଏ । ଫଳରେ ଅନେକ କିଛି ଠାରୁ ତାକୁ ରିହାତି ମିଳେ ।

ମଝିରେ ମଝିରେ ବିଦିଶା ହୁଙ୍କାର ଛାଡ଼େ । ଚାଲ ସମସ୍ତେ ମିଳିମିଶି ଏଇଚ୍ ଏମ ପାଖକୁ ଯିବା । କିନ୍ତୁ ପ୍ରମୋଶନ ପାଖରୁ ଦୂରେଇ ରହିବେ କେହି କେହି । ପ୍ରଶ୍ନଟା ଉଠିଲେ ହିଁ ଦେଖାଯାଏ ବେଶୀଭାଗ ଟିଚ୍‌ରର ମୋବାଇଲ୍‌କୁ ନିଃଶବ୍ଦରେ ସେତେବେଳେ ନାନା ରକମ କଲ ଆସିବା ଆରମ୍ଭ ହୋଇଯାଏ । ଆଉ ସେମାନେ ହ୍ୟାଲୋ ହ୍ୟାଲୋ କହୁ କହୁ ଏପାଖ ସେପାଖକୁ ଘୁଞ୍ଚି ଯାଆନ୍ତି । ତେଣୁ ଆଲୋଚନା ବନ୍ଦ ।

ବିଦିଶାର ମଥାରେ ସବୁବେଳେ ଗୋଟିଏ ହାଇ ପାୱାରର ଲ୍ୟାମ୍ପ ଜଳୁଥାଏ । ସିଏ ରାଗରେ ଗରଗର ହୋଇ ବିଷ ଧୂଆଁ ଉଦ୍‌ଗାର କରୁଥାଏ ।

ଶ୍ରୀ ମଝିରେ ମଝିରେ ମନେ ହୁଏ ବିଦିଶାର ସଂଗେ ହାତରେ ହାତ ମିଳାଇ ଅଦୃଶ ଝଣ୍ଡାଟି ଧରି ଆଗେଇ ଯାଆନ୍ତା ଏଇଚ ଏମଙ୍କ ଘରକୁ । ଏହାଛଡ଼ା ଆହୁରି ଅନେକଗୁଡ଼ିଏ ଇଚ୍ଛା ଝୁଙ୍କିମାରେ । କିନ୍ତୁ ଅନ୍ତରାଳରେ କିଏ ଜଣେ ଆସି ଏହାର ପଥକୁ ରୋଧ କରେ । କିଏ ସେ ? ଶ୍ରୀ ଚିହ୍ନିବା ପାଇଁ ଚେଷ୍ଟା କରେ କିନ୍ତୁ ପାରେନି ।

ତେବେ ନରମ ମାଟି ବି ବେଳେବେଳେ ରୌଦ୍ର ତାପରେ ଶକ୍ତ ହୋଇଯାଏ ଫ୍ଲାଉଆର ଲେଣ୍ଡର ମାଟି ତ ସେତେବେଳେ ଚିକିଟା ମାଟି । ଫଳରେ ସବୁ ଟିଚ୍‌ରଙ୍କର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ପ୍ରତିଥର ଭଳି ଏଥର ବି ବିଦିଶା ରିଂ ଲିଡ଼ର । ଅଳ୍ପ ବୟସରେ ସିଏ ଯେ ବହୁତ ଧୂରନ୍ଧର ଥିଲା ତାହା ବେଶ୍ ଜଣାପଡ଼େ । ଗଳା ଝାଡ଼ି କହିଲା - ଏହିଭଳି କେତେ ଦିନ ଆଉ ଆମ ଉପରେ ରୋଲର ଚଳାଇବେ ? ଗୋଟିଏ ବି ଏକ୍ସ୍ଟ୍ରା ଛୁଟି ମିଳିବ ନାହିଁ । ଦେହ ଖରାପ ବିପଦ, ଆପଦ ସବୁ ଛାଡ଼ି ଦେଇ ସ୍କୁଲ ପାଇଁ ଆମେ ପଢ଼ିଥାଉଁ, ମରିପଡ଼ି ସ୍କୁଲକୁ ଆସିଥାଉଁ ସି.ଏଲ, ମେଡ଼ିକାଲ ଲିଭ ସବୁ ନାମକୁ ମାତ୍ର । ଏଇ ଏକ୍ସପ୍ଲୋଏଟେସନ୍‌କୁ ଆମେ ମାନିବୁ ନାହିଁ ।

ସଙ୍ଗେସଙ୍ଗେ ମିତ୍ରା ଗୋଟେ ପ୍ରତିଧ୍ୱନି କରି କହିଲା - ମାନିବୁ ନାହିଁ, ମାନିବୁ ନାହିଁ । ସମର୍ଥନ ପାଇ ବିଦିଶା ବହୁତ ଯୋର୍‌ରେ ପାଟି କଲା । କ'ଣ ଆମେ ମଣିଷ ନୋହୁଁ ? ଆମେ କ'ଣ ଲେଖାପଢ଼ା ଶିଖି ନାହୁଁ ?

କିନ୍ତୁ ଏହି ଗର୍ଜ୍ଜନଗୁଡ଼ିକ ବେଶୀ ଦୂର ଗଲା ନାହିଁ । କାରଣ ଏହି ଉତ୍ତପ୍ତ ଆଲୋଚନାରେ ପାଣି ପକାଇଦେଲା ମଣିମାଳା । ସ୍କୁଲର ଜଣେ ନନ୍‌ଟିଚିଂ ଷ୍ଟାଫ ଏଇଚ. ଏମ୍‌ଙ୍କ ଅର୍ଡ଼ରଲୀ । କିନ୍ତୁ ସମସ୍ତେ ଜାଣନ୍ତି ଏଇଚ.ଏମ୍‌ଙ୍କ ଏକନିଷ୍ଠ ସ୍ୱାଇ । ସାମ୍‌ନାକୁ ଆସି ଦାନ୍ତ ଦେଖାଇ କହିଲା - ଦିଦିମଣିମାନେ ଆପଣମାନଙ୍କ ଭିତରୁ ଯେ କେହି ଜଣେ ବଡ଼ଦିଦିଙ୍କ ଘରକୁ ଯାଆନ୍ତୁ ଏଇ ବର୍ତ୍ତମାନ ।

ବାସ୍ ବେଶ୍ ହୋଇଗଲା । ସମସ୍ତଙ୍କର ଦମ୍ ଶେଷ । ମୁହଁର ରଙ୍ଗ ବଦଳିଯାଇ ସାଦା ହୋଇଗଲା । ପିଆଲୀ ସବୁଠାରୁ ଡ଼ରପୋକ । ହିକ୍କା ହିକ୍କା ମାରୁ ମାରୁ କହିଲା - କିଏ ଡ଼ାକୁଛି ?

ମିତ୍ରା ହସୁ ହସୁ କହିଲା - ଆଉ କିଏ ଆମ ହିଡ଼ିମ୍ବା ମେଡ଼ାମ୍ ।
ଏଇଚ.ଏମ୍ ଅର୍ଥାତ ହେଡ଼ମିଷ୍ଟ୍ରେସ୍ ଫୁଲ୍‌ଫର୍ମ ବର୍ତ୍ତମାନ ବଦଳାଇ ଦେଇ କରିଛି ହିଡ଼ିମ୍ବା ମାଡ଼ାମ । ମଣିମାଳା ଖିଲି ଖିଲି ହସି କହିଲା - କ'ଣ କହୁଛନ୍ତି ଦିଦି ? ହିଡ଼ିମ୍ବା, ହି ହି । ଏ ତୁ ଯାଆ ତ । ହି ହି କରି ହସନା । କହି ଦେ ଆମେ ଯାଉଛୁ । ଏକା କେହି ଯିବେ ନାହିଁ । ସମସ୍ତେ ଏକାଠି ଯିବେ । କ'ଣ, ସେଇଆତ ? ବିଦିଶା ସମର୍ଥନ ଚାହେଁ ସମସ୍ତେ ଚାବିଦିଆ କଣ୍ଢେଇ ଭଳି ମୁଣ୍ଡ ହଲେଇଲେ । ହଁ ହଁ ନିଶ୍ଚୟ ସେଇଆ, ମଣିମାଳାର ମୁହଁଟା ସେଇକ୍ଷଣି ହସ ହସ । କହିଲା, ଠିକ୍ ଅଛି, ତାହାଲେ ସେଇଆ କହି ଯାଅ । ହି ହି ହି ତୁମେ ଜବର ଗୋଟିଏ ନାଁ ଦେଇଛ । କ'ଣ ସେଇଟା ହିଡ଼ିମ୍ବା...
ବିଦିଶା ପଛ ଆଡୁ ତା'ର ଗୋଟିଏ ହାତ ଟାଣି ଧରିଲା । ଏଇ ଶୁଣ ମଣି, ଏତେ ହିଁ ହିଁ ଫିଁ ଫିଁ କରିବାର କିଛି ନାହିଁ । ଏଇଗୁଡ଼ା ସମସ୍ତେ ଜୋକ୍ କରି କହନ୍ତି । ଏଇସବୁ କଥାଗୁଡ଼ିକ ଯେମିତି ଏଇଚ୍‌ଏମ କାନରେ ନପଡ଼େଞ୍ଚ । ନହେଲେ କିନ୍ତୁ ଆଉ ଶୁଣ ତୋର ଗତମାସ ମିତ୍ରାଦିଦି ପାଖରୁ କେତେ ଧାର ଅଛି ? ଆଉ ମୋ ଟଙ୍କାଟା ବୋଧେ ମାରିଦେଲୁ ।

ମଣିମାଳାର ମୁହଁଟି ଯେମିତି ଛୋଟ ହୋଇଗଲା । ଢ଼ୋକ ଗିଳି କହିଲା - ଧେତ ତୁମେ ସବୁ ଯେଉଁଭଳି । ମୁଁ ପାଗଳ । ଏମିତି କଥା କେହି କହେ କି ? ଜାଣେ ତୁମେ ସବୁ ମଜା କରୁଛ । ଆଉ ଦିଦିମାନେ ଶୁଣ, ମୁଁ ସବୁ ଧାର ବାକି ଏଇମାସ ଦରମା ପାଇଲେ ସବୁ ଶୁଝି ଦେବି । ବାରବାର ଏଇ କଥା ଆଉ କୁହନା । ମଣିମାଳାର ମୁହଁଟା ପାଉଁଶିଆ ପଡ଼ିଗଲା ।

ମିତ୍ରା ଆଖିଠାର ମାରି କହିଲା - ନା ନା କିଏ ଆଉ ଏମିତି କରବନି । ଜଷ୍ଟ୍ ଟିକିଏ କହିଦେଲି । ଶୀଘ୍ର ଶୀଘ୍ର ତା' ଘରକୁ ଯାଅ । କିଏ ବେଲ୍ ମାରିଲା ବୋଧେ ।

ହଁ ହଁ ଯାଉଛି । ତୁମେ ସବୁ ଜଣେ ଜଣେ ଚାଲି ଆସ ତାହାଲେ, ମଣିମାଳା ଛୁଟି ଚାଲିଗଲା ।

(ଦୁଇ)

ଏଇଚ.ଏମ୍‌ଙ୍କ ଘରେ ଗୋଟିଏ ଛୋଟ ଖଟ ଉପରେ ମିଟିଂ ବସିଛି । ସିଏ ଏକ ରକମ ହାସ୍ୟ ମୁଖ । ହସିହସି ଟିଚ୍‌ରମାନଙ୍କର ସମସ୍ୟାର କଥା ବୁଝିବାକୁ ଚାହିଁଛନ୍ତି । କିନ୍ତୁ ବିଦିଶାର ମନେ ହେଲା, ତା'ର ଆଖି ଦୁଇଟି ସବୁବେଳେ ତା'ରି ଆଡ଼କୁ ଚାହିଁ ଘୁରୁଛି ।

ଏତେ ସାହସୀ ହୋଇ ବିଦିଶା ଅଶ୍ୱସ୍ତିରେ ବାରମ୍ବାର ରୁମାଲ ବାହାର କରି ମୁହଁ ପୋଛୁଚି । ଏଇଚ୍.ଏମ୍ ହସି ହସି କହିଲେ - ବିଦିଶା କ'ଣ ଭାରି ଗରମ ଲାଗୁଛି । ସତରେ ଏବର୍ଷ ଗରମଟା ବହୁତ ପଡ଼ିଛି । ଏ ଧ୍ରୁବ ଏସିଟା ଟିକିଏ ବଢ଼େଇ ଦିଅତ । ବିଦିମାନଙ୍କୁ ଗରମ ଲାଗୁଛି । ତୁମ ସବୁ କିଛି ଥଣ୍ଡା ପିଇବାକି ?

ସମସ୍ତେ ଏକ ସଂଗରେ କହିଉଠିଲେ, ନା ନା ବଡ଼ ଦିଦି ସବୁ ଠିକ୍ ଅଛି । ଏଇଚ୍.ଏମ ବର୍ତ୍ତମାନ ମୂଳ ଆଲୋଚନାକୁ ଆସିଲେ । କହିଲେ - ଆଚ୍ଛା, ଆଜି ମୁଁ ଗୋଟିଏ କଥାରେ ହାର୍ଟ ଟଚିଂ ହୋଇଛି । ତୁମ୍ଭମାନଙ୍କର ଷ୍ଟାଫରୁମ୍‌ରେ ଏତେ ହାଉଲିଂ ହେଉଥିଲା କାହିଁକି ?

ସମସ୍ତେ ଚୁପ୍ । ମିତ୍ରା ଆଉ ବିଦିଶା ମୁହଁ ଚାହାଁ ଚାହିଁ ହେଲେ ।

Yes ବିଦିଶା, ତୁମର କିଛି କହିବାର ଅଛି ?

ବିଦିଶା ଜାଗାରେ ମିତ୍ରା ମୁହଁ ଖୋଲିଲା । ଆମେ ଏବେ ବେଶ୍ କିଛି ପ୍ରୋବ୍ଲେମ ଫେସ୍ କରିଛୁ । ଭାବିଥିଲୁ ଆପଣଙ୍କ ପାଖକୁ ଯିବୁ ।

ରାଇଟ୍ । ସେଇଟା ହିଁ ତ ଉଚିତ୍ ଥିଲା । ସମସ୍ୟା ଥାଇପାରେ । କିନ୍ତୁ ଚିତ୍କାର ପାଟିତୁଣ୍ଡ କରି ତ ତା'ର ସଲ୍ୟୁସନ କରାଯାଇପାରେ ନି । ତୁମେ ସବୁ ଟିଚରମାନେ ଯଦି ଏମିତି ଇନ୍‌ଡ଼ିସିପ୍ଲିନ୍ ବିହେବ କରିବ, ତାହାଲେ ଛାତ୍ରଛାତ୍ରୀମାନେ କ'ଣ କରିବେ ? ଛି ମୁଁ ତୁମ୍ଭମାନଙ୍କ ପାଖରୁ ଏମିତି ବିହେବିୟର୍ ଆଶା କରିନଥିଲି । କ'ଣ ବିଦିଶା ତୁମେ ବର୍ତ୍ତମାନ ଥଣ୍ଡା ହୋଇଯାଇ ଚ ? ଏସି ଜେଟ୍ କୁଲ୍‌ରେ ଚାଲିଛି । କୁହ ତୁମର ବକ୍ତବ୍ୟ କ'ଣ ? ବିଦିଶା ସଂଗେସଂଗେ ରୁମାଲ ଖୋଲି ମୁହଁ ପୋଛିଲା । ତା'ପରେ ଟିକିଏ ରହି ରହି କହିଲା - ମାନୁଛି ବଡ଼ଦିଦି ଆମର ଆଲୋଚନା ଟିକିଏ ଯୋରଦାର ହୋଇଯାଇଛି । କିନ୍ତୁ ଦିନ ପରେ ଦିନ ଆମ୍ଭେମାନେ ଯେଉଁ ପ୍ରୋବ୍ଲେମ ଗୁଡ଼ା ଫେସ୍ କରୁଛୁ ତା' ବିଷୟରେ କ'ଣ ଆପଣ ୱାକି ବେହାଲ ନୁହଁନ୍ତି ? ଏବଂ ସବୁ ଜାଣିଶୁଣି ମେନେଜମେଣ୍ଟ ଯେତେବେଳେ ଚୁପ୍ ହୋଇ ବସି ରହିଛି, ତେବେ ଟିଚର୍‌ମାନଙ୍କର ତ ରିଆକ୍ଟ ହେବା ସ୍ୱାଭାବିକ ।

ଏଇଚ୍,ଏମ ତା'ର ରିମ୍‌ଲେଶ ଚଷମା ଉପର ଦେଇ ବିଦିଶାକୁ ସେଇକ୍ଷଣି ଦେଖୁଥିଲେ । ସେ ଥମିଯାଇ ପୁଣି ମୁହଁ ଖୋଲିଲା ଏଇଥର "ତୁମେମାନେ ଗୋଟିଏ କାମ କର ତୁମ୍ଭମାନଙ୍କର ଯାହା ପ୍ରୋବ୍ଲେମ୍ ତାହାକୁ ଲେଖି କରିଦିଅ । ମୁଁ କମିଟି ପାଖରେ ଏହାକୁ ପେସ୍ କରିବି । ଇନଫେକ୍ଟ ତୁମ, ତୁମ ଆଜିକାର ବିହେଭିୟରରେ ଆଜି ରେକ୍ଟର ଭାରି ଅପ୍‌ସେଟ୍ । ଘରେ ବସି ମଧ୍ୟ ମନିଟର ସାହାଯ୍ୟରେ ସିଏ ସବୁ ଆଜି ଦେଖି ପାରିଛନ୍ତି । ତାଙ୍କୁ ବି ରିପୋର୍ଟ କରିବାକୁ ହେବ ।

ପିୟାଲିର ପୁଣି ଛେପଢୋକି ଆରମ୍ଭ କଲା - ଇ, ଇ କି ସର୍ବନାଶ । ମିତ୍ରା ପଛକୁ ଫେରି କଟମଟ କରି ତାକୁ ଥରେ ଅନାଇଲା ।

ହଠାତ୍ ଏଇଚ,ଏମ୍ ମୁଭିଂ ଚେୟାରଟିକୁ ଗୋଟିଏ ପାଖକୁ ଘୁରାଇ ଦେଇ ଅଧସ୍ତନମାନଙ୍କୁ ଆଗରେ ଏଇଭଳି ଚେୟାରକୁ ଘୁରାଇଲେ ବୋଧହୁଏ ନିଜକୁ ଟିକିଏ ପାୱାରଫୁଲ ମନେହୁଏ । ସିଏ ଶ୍ରୀର ମୁହଁକୁ ଚାହିଁ ଫିକ୍‌ଫିକ୍ ହସିବା ଆରମ୍ଭ କଲେ । ସମସ୍ତେ ଅବାକ୍ ହଠାତ୍ ଶ୍ରୀ ଆଡ଼କୁ କାହିଁକି ? ଶ୍ରୀ ଅହେତୁକ ଦୁଇଥର ଶାଢ଼ୀର ଆଞ୍ଚଳରେ

ହାତକୁ ପୂରାଇଥାଏ । ଏଇଚ,ଏମ କହିଲେ - କି ଶ୍ରୀ ଆଜିକାର ଏହି କଥାରେ ତୁମର କିଛି କହିବାର ନାହିଁ ?

ମୋର ! ମାନେ ମୋର ବକ୍ତବ୍ୟ ପଚାରୁଛନ୍ତି ?

Yes ତୁମକୁ କହୁଛି । ବାଇ ଦ ବାଇ । ତୁମେ ଯେମିତି ଶାଢ଼ୀ ପିନ୍ଧୁଛ ତାହା ଜଣାପଡୁଛି ତୁମେ ହେବିଚୁଏଟେଡ଼ ନୁହଁ । ପ୍ଲିଟ ପକାଉଛ ଅସମାନ କରି, ସେପ୍ଟିପିନ୍ ଏମିତି କରି ଗୁଞ୍ଜୁଛ..... ଏଇଚ୍ଏମ ହସୁଥିଲେ ।

ନା, ମାନେ ତରତରରେ ଏମିତି ହୁଏତ - ଶ୍ରୀର କୁଆ କୁଆ ମୁହଁ ।

କାହିଁକି ଯେ ହଠାତ୍ ତାକୁ ନେଇ ପଡ଼ିଛନ୍ତି ଏଇଚ.ଏମ । ତା'ର ବୋଧ ହୁଏ ଠିକ୍ ଠିକ୍ କିଛି ହେଉନି । ତେବେ ଛୋଟବେଳେ ଶ୍ରୀ ଦେଖିଛି ତାଙ୍କ ଘରେ ଯଦି କୌଣସି କଥାରେ ବାପା ଅସନ୍ତୁଷ୍ଟ ହୁଅନ୍ତି ତେବେ ଘରେ ଥିବା ନିରୀହ ବୁଢ଼ା ଚାକରଟି ଉପରେ ବକିବା ଆରମ୍ଭ କରିଦିଅନ୍ତି । ଆଉ ସେଇ ବକାବକି ଶୁଣି ସମସ୍ତେ ବୁଝିଯାଆନ୍ତି । ହୁଏତ ଏଇ ଟେକ୍ନିକ୍ ଏଇଚ ଏମ କରୁଛନ୍ତି ।

ଶୁଣ । ସବୁ କିଛି ପାଇଁ ଗୋଟେ ଡ଼ିସିପ୍ଲିନ ମେଣ୍ଟେନ କରିବାକୁ ହୁଏ । ଏଇଚଏମ୍ ପ୍ରାଞ୍ଜଳ ଭାବେ କହୁଛନ୍ତି ଟିକିଏ ସମୟ ଦେଇ ନିଜକୁ ଭଲ ଭାବେ ପ୍ରସ୍ତୁତ କରି ସ୍କୁଲକୁ ଆସ । ଅସଲ କଥା ହେଲା ପିଲାମାନଙ୍କୁ ପଢ଼ାଇବାକୁ ହେଲେ ଟିକିଏ ସାଇକୋଲୋଜିକାଲ ଟ୍ରିଟ୍ମେଣ୍ଟ ଦରକାର । ଏମିତି ସେମିତି ଅସୁନ୍ଦର ହୋଇଗଲେ, ତାଙ୍କ ମନକୁ ବି ପାଇବ ନାହିଁ । ମୁଁ କ'ଣ କିଛି ଭୁଲ୍ କହୁଛି । ଏଇଚଏମ୍ ଏହି ପ୍ରଶ୍ନଟା କରି ସମସ୍ତଙ୍କୁ ଚାହିଁଲେ । କେହି କେହି ତାଙ୍କୁ ସମର୍ଥନ କରି ମଥା ହଲାଇଲେ । ଏନିଓ୍ୱେ ଆଜିକାର ବ୍ୟାପାରରେ, ଇଓର୍ କମେଣ୍ଟ ପ୍ଲିଜ । ଏଇଚଏମ ସୁନ୍ଦର ହସରେ ଉପହାରଟିଏ ଦେଲେ । ଜଳ ଜଳ ଆଖି କରି ଶ୍ରୀକୁ ଚାହିଁଥାନ୍ତି ।

ସେ ଅସହାୟ ଭାବେ ଥରେ ବିଦିଶାକୁ ଆଉ ଥରେ ମିତ୍ରା ଆଡ଼କୁ ଚାହିଁଲେ । ସେମାନଙ୍କର ମୁହଁ ଭାବ ଲେଶ ହୀନ ଥିଲା । ଯେମିତି ତୁମେ ଦକ୍ଷ । ନିଜର ଯୁଦ୍ଧଟା ନିଜେ ଲଢ଼ । ପରମାନେଣ୍ଟ ଟିଚ୍ରମାନେ ଏହା ଭିତରେ ନାହାନ୍ତି । ଟ୍ରେନିଂ ପିରିୟଡ୍ରେ ତୁମେ ଯୁଦ୍ଧ କରିବାକୁ ଶିଖିଲେ ତେବେ ଯାଇ ତୁମେ ରିଟୟାରମେଣ୍ଟ ଆଗରୁ ଜଣେ ଭଲ ଯୋଦ୍ଧା ହୋଇପାରିବ ।

ଅତଏବ ଶ୍ରୀ ଟଳମଳ ପାଦରେ ଯୁଦ୍ଧ କ୍ଷେତ୍ର ଆଡ଼କୁ ଆଗେଇବାକୁ ଆରମ୍ଭ କଲା । ସାମ୍ନାରେ ଅନେକଗୁଡ଼ିଏ ହର୍ଡ଼ଲସ୍ । ମଥା ଥଣ୍ଡା କରି ପାରିହେବାକୁ ହେବ, ଟପିବାକୁ ପଡ଼ିବ । କେତେବେଳେ ଲୋ ଜମ୍ପ । କେତେବେଳେ ହାଇ ଜମ୍ପ ।

ଏଇଚ ଏମ ଅଧୈର୍ଯ୍ୟ ହୋଇ ଡ଼ାକ ଦେଲେ, କ'ଣ ହେଲା ଶ୍ରୀ ?

ସିଏ ଗଳାଝାଡ଼ି କିଛି ଗୋଟେ କହିବାକୁ ଗଲା ବେଳକୁ କିନ୍ତୁ କଥାଗୁଡ଼ା ସବୁ ରହିଗଲା । ଯିବତ । କେବଳ ଯେ "ଏକଲା ଚାଲରେ" ଗୀତର ସ୍ୱରଟା ଭିତରେ ଭିତରେ ଗୁଣୁ ଗୁଣୁ ହୋଇ ବାଜି ଚାଲିଥିଲା । ନା' ନା' ଏମିତି ହେବ ନାହିଁ । ମନଟାକୁ ଏମିତି ଏକ ବିନ୍ଦୁରେ ସ୍ଥିର କରିବାକୁ ହେବ । ସିଏ ତ ଏତେଟା ଡରପୋକ ନଥିଲା । ଶ୍ରୀ କଲେଜ ଜୀବନର ଛବିଟା ମନରେ ଥାଏ । ମଞ୍ଚରେ ଠିଆହୋଇ ମାଇକ ସାମ୍ନାରେ ଘଣ୍ଟା ପରେ ଘଣ୍ଟା ବକ୍ତୃତା ଦେବା ଚାଲିଛି ଆଉ ସହପାଠୀମାନେ.....

ଏକୁଆଳି ବଡ଼ଦିଦି "ଶ୍ରୀର ଗଳାର ସ୍ୱର ଏଥର ପାଲଟିଯାଇଛି ମ୍ୟାଜିକ ଭଳି" । You are hundred percent right. ଯେକୌଣସି ଜିନିଷ ସଂଗରେ ଗୋଟିଏ ସାଇକୋଲିଜାକାଲ ବ୍ୟାପରର କନେକ୍ଟ ଥାଏ । ଏଇ ଯେମିତି ଆମ ଟିଚ୍‌ରମାନଙ୍କ ସହିତ ମେଣ୍ଟାଲ ଟର୍ଚ୍ଚର କରାଯାଉଛି । ସେଗୁଡ଼ିକ ଆମର ପଢ଼େଇବା କ୍ଷେତ୍ରରେ ଆଫେକ୍ଟ କରେ । ଫର୍ ଏକ୍‌ଜାମ୍ପଲ, ଆପଣ ଏଇ କିଛି ଦିନ ହେଲା ମୋତେ ସାତଟା କ୍ଲାସ ପଢ଼ାଇବା ପାଇଁ ଦେଉଛନ୍ତି । ମୁଁ କରୁଛି । ବାଧ୍ୟ ହେଉଛି କ୍ଲାସ ନେବା ପାଇଁ । କିନ୍ତୁ ମୋର ତ ଗୋଟେ ଲିମିଟେସନ ଅଛି । ଏହା ଛଡ଼ା ଆହୁରି ଗୋଟିଏ ଇନହିଉମେନ ଟ୍ରିଟମେଣ୍ଟ ସ୍କୁଲ ଅଥରିଟି ଚଲେଇଛନ୍ତି ଆମ ଟିଚରଙ୍କ ଉପରେ । ସେଇଟା କ'ଣ କହିବି ଦିଦି ହୁଏତ ଆପଣଙ୍କୁ ଶୁଣିବାକୁ ଭଲ ଲାଗିବ ନାହିଁ । ଶ୍ରୀ ଚକ୍ରାକାର ଭଳି ଆଖି ବୁଲାଇ ନେଲା ।

ଏଇଚ.ଏମଙ୍କର ମୁଖର ହସ ବ୍ଲଟିଂପେପର ଶୋଷି ନେଲାଭଳି ଶୋଷି ନେଲାପରେ କଠିନ ହୋଇଗଲା ତ ଥମ୍ ଥମ୍ ହୋଇଗଲା । କହିଲେ, ଅନେକଙ୍କର ଏହି ବଦ ଅଭ୍ୟାସ ଥାଏ । ମଞ୍ଚରେ ଯଦି ଥରେ ମାଇକ ସାମ୍ନାରେ ଠିଆ କରାଇ ଦିଆଯାଏ, ଥମିବାର ନାହିଁ ।

ଶ୍ରୀ ମୁଚକି ହସିଲା, "କହିଲା କହିବ ନାହିଁ ଦିଦି ? କିନ୍ତୁ ବଡ଼ଦିଦି ମୋର ଯଦି ଥରେ ଫ୍ଲୋ ଆସିଗଲା, ତେବେ ମୁଁ ଥମିପାରେ ନାହିଁ । ତାହାକୁ ଆପଣ ବଦ୍‌ଅଭ୍ୟାସ କୁହନୁ ବା ସୁଅଭ୍ୟାସ କୁହନ୍ତୁ ।

ବିଦିଶା ହାଁ କରି ଶ୍ରୀକୁ ଦେଖୁଥିଲା । ନିପାରୁଆ ଭାବି ଏତେଦିନ ହେଲା ଝିଅଟିକୁ ଭୁଲ୍ ଅସେସ୍‌ମେଣ୍ଟ କରାଯାଇଛି । କିଏ କହିବ ଇଏ ହୁଣ୍ଡୀ । ହାବଭାବରୁ ମନେ ହେଉଛି ଶ୍ରୀ ହେଉଛି ଆସିଷ୍ଟାଣ୍ଟ ଏଇଚ.ଏମ୍ । ଅସଲ କଥା ହେଲା ନିଜର ଓଲଟା ଦିଗକୁ ବସିଥିବା ଲୋକଟିକୁ ଯିଏ ଦୁର୍ବଳ ଆଉ କମ୍ ବୁଦ୍ଧିମାନ ଭାବେ, ତା'ଭଳି ମୂର୍ଖ ଆଉ ଜଗତରେ କେହି ନାହିଁ । ବିଦିଶାକୁ କିଏ ଜଣେ ଏହି କଥାଟି କହିଥିଲା ।

ଶ୍ରୀର ମୁହଁରୁ ଯେମିତି ଏଥର ଲାଭା ନିସୃତ ହେଉଛି । ଆମ ଟିଚ୍‌ରମାନେ କଣ୍ଟିନିଓସ୍‌ଲି ଠିଆ ହୋଇ ପଢ଼ାଇବେ । ଏଇଟା କ'ଣ ନର୍ମ । ବସିବା ପାଇଁ ଚେୟାର ଅଛି କିନ୍ତୁ ଆମେ ବସି ପାରିବୁ ନାହିଁ । ଏହା ସପକ୍ଷରେ ଯୁକ୍ତି କରାଯାଇଛି, ବସି ପଡ଼ିଲେ

ବୋର୍ଡ଼ ଓ୍ୟାର୍କ କରି ହେବ ନାହିଁ । କୁହନ୍ତୁ ଏଇଟା କେଉଁ ଲଜିକ୍ । ଏଇ ଅଲିଖିତ ନିୟମ ପାଖରେ ଆମେ ନଇଁପଡ଼ି ସ୍ୱୀକାର କରୁଛୁ । ଭୟରେ ଭୟରେ ସବୁ ଏକସେପ୍ଟ କରି ଚାଲିଛୁ । କିନ୍ତୁ ଆପ୍ଟରଅଲ୍ ଆମ୍ଭେମାନେ ସମସ୍ତେ ତ ମଣିଷ । କେତେବେଳେ ବି ମନଟା କରି ଉଠେ । ଧରି ନିଅ ଆଜି ତା' ହିଁ ଆଉଟବ୍ରଷ୍ଟ ।

ଘର ଭିତରେ ପିନଡ୍ରପ୍ ସାଇଲେଣ୍ଟ । ଶ୍ରୀ ନିଜକୁ ହିଁ ଭଲ ଲାଗୁଛି ନଜର ବକ୍ତବ୍ୟ ପେଶ୍ କରିବାକୁ । କଲେଜ କେବେ ଛାଡ଼ିଛି । ଇଉନିଅନ ମିଟିଂରେ ବକ୍ତବ୍ୟ ରଖିବାକୁ ଶ୍ରୀ ସେନ୍‌ଗୁପ୍ତର ଜୋଡ଼ି ନଥିଲେ । ବର୍ତ୍ତମାନ ଅବଶ୍ୟ ଚର୍ଚ୍ଚାଟା ବନ୍ଦ । ଏବଂ ଅନେକ କାଠଖଣ୍ଡ ପୋଡ଼ି ଏ ଚାକିରୀଟା ପାଇ ଯେମିତି ଗୋଟେ ନିର୍ଜୀବ ପାଲଟି ଯାଇଛି । କିନ୍ତୁ ବକ୍ତବ୍ୟ ଆରମ୍ଭ କରିବାପରେ ବୁଝିପାରିଲା ପୁଣି ଜୋସଟା ଫେରିଆସିଛି ।

ତା'ର ମାନେ ଆଜିକାର ଏଇ ଯୁକ୍ତିତର୍କକୁ ତୁମେ ସମର୍ଥନ କରୁଛ ? ଏଇଚ୍.ଏମ୍ କଳା କୋର୍ଟ ପିନ୍ଧା ଓକିଲ ଭଳି ପ୍ରଶ୍ନ କଲେ ।

ଟୁ ବି ଭେରି ଅନେଷ୍ଟ । ମୁଁ ଭାବିଛି ଗୋଟେ ପ୍ରତିବାଦ ଦରକାର ଥିଲା । ତେବେ ପ୍ରତିବାଦର ପଦ୍ଧତିଟା ହୁଏତ ଟିକିଏ ବେଶୀ ଲାଉଡ଼ ହୋଇଯାଇଛି । ଏଇ ଯେଉଁ ସେତେବେଳେ କହିଲି ବଡ଼ ଦିଦି ଆଉଟବ୍ରଷ୍ଟ । ତେବେ ଆପଣଙ୍କ ପାଖରେ ମୋର ଗୋଟିଏ ପ୍ରେୟାର ଟିଚ୍‌ରମାନଙ୍କ ଉପରେ ଯେଉଁ ସୋ କଲ୍ଡ ରୁଲ୍‌ସ ଆଣ୍ଡ ରେଗୁଲେସନସ୍ ଚାପି ଦିଆ ହେଉଛି ତା'ଆଡ଼କୁ ଟିକିଏ ନଜର ଦିଆଗଲେ ମନପ୍ରାଣ ଦେଇ ଆମେ ଆମର ଦାୟିତ୍ୱଟା ପାଳନ କରି ପାରନ୍ତୁ ।

ସମସ୍ତେ ଏଥର ସମ୍ଭ୍ରମ ଦୃଷ୍ଟିରେ ଶ୍ରୀକୁ ଦେଖୁଥାନ୍ତି ଯୁଦ୍ଧ ଜିତିଲା ପରେ ବିଜୟୀ ସେନାଙ୍କୁ ଲୋକମାନେ ଯେମିତି ଦେଖନ୍ତି ସେଇଭଳି । ତା'ପରେ ଆଉ ଆଲୋଚନା ବେଶି ଦୂର ବଢ଼ିଲା ନାହିଁ । ଏଇଚ.ଏମ୍ ଗୋଟେ ହାଲକା ହସ ହସି ଧରି ରଖିବା ପାଇଁ ଚେଷ୍ଟା କରୁଥିଲେ ।

ତେବେ ସେହିଦିନଠାରୁ ସମସ୍ତେ ସାବଧାନ । କାରଣ, ଏଇଚ.ଏମ ସମସ୍ତଙ୍କର ଠାରୁ ଶୁଣିଥିଲେ ସେମାନଙ୍କର ଫୁଟେଜ୍ ଯେଉଁଟାକି ସି.ସି କ୍ୟାମେରାରେ ଯାହା ଧରି ରଖିଥିଲା । ସୁତରାଂ ଝାମେଲା ବଢ଼େଇବାର ଆଉ କ'ଣ ଦରକାର ? ଚାକିରି ସମସ୍ତଙ୍କର ପ୍ରିୟ ତ ।

ଦିନେ ଦୁଇଦିନ ଭିତରେ ଦୁଇ ଦୁଇଟି ଚିଠି ଇସ୍ୟୁ ହେଲା । ଦୁଇଜଣ ଟିଚରଙ୍କର ନାଁରେ । ଜଣେ ହେଲା ବିଦିଶା ଆଉ ଜଣେ ଶ୍ରୀ ସେନଗୁପ୍ତ । ସ୍କୁଲ ଅଥରିଟି ଶ୍ରୀକୁ ଭଦ୍ର ଭାବରେ ଗୋଟିଏ ତର୍ଜନୀ ଦେଖେଇଛନ୍ତି । ତା'ର ପ୍ରବେଶନ ପିରିୟଡ଼ରେ କୌଣସି ରକମର ଇନ୍‌ଡ଼ିସିପ୍ଲିନଣ୍ଡ ଏକ୍ଟିଭିଟି ସ୍କୁଲ ସହ୍ୟ କରିପାରିବ ନାହିଁ । ଦ୍ୱିତୀୟ ଥର ଏମିତି

କୌଣସି ଦୃଷ୍ଟାନ୍ତ ଆଖିରେ ପଡ଼ିଲେ, ବିନା ନୋଟିସ୍‌ରେ ତା ଚାକିରିର ଟରମିନେସନ ଲେଟର ତା' ହାତରେ ଧରାଇ ଦେବେ ।

ମନଭିତରେ ଟିକିଏ ଚାପା ଚାପା ଉଦ୍‌ବେଗ୍ ନେଇ ସେଦିନ ଶ୍ରୀ ଘରକୁ ଫେରିଲା । ଶ୍ରୀ ଅଳକର କଥାର ମଝିରେ ବୁଝାଇବାକୁ ଚାହିଁଲା ଯେ ସବୁ ତା'ର ଦୋଷ ନାହିଁ । ଏଇଚ.ଏମ୍ ଜୋର କରି ତା'ର ବକ୍ତବ୍ୟ ଶୁଣିବାକୁ ଚାହିଁଲେ । ନହେଲେ ତୋ.....

ଏଥର ଧରିପାରୁଛ ଏହା ପଛର ଅସଲ ଉଦ୍ଦେଶ୍ୟ କ'ଣ ? କି ରାଜନୀତି କରୁଥିଲ କଲେଜ ଲାଇଫରେ ? ମୁହଁରେ ଗୋଟେ କଥା, ସେ କଥାଟା ଧରି ପାରୁନ ? ଆଉ ତା'ଛଡ଼ା ଜାଣ ଆମ କମ୍ପାନୀ ସଦ୍ୟ ରିସେଶନ କାଟି ଉଠିଛି । ତେଣୁ ଅବସ୍ଥା କ'ଣ ହୁଏ ? ସଭିଙ୍କ ଭିତରେ ଥାଇ । ଆଉ ତୁମେ ସେଠାରେ ଏତେ କଷ୍ଟ କରି ଗୋଟିଏ ଚାକିରୀ ଯାହା ହେଉ ପାଇଛ, ପ୍ରବେଶନ ପିରିୟଡ଼ରେ ବ୍ଲାକ ଲିଷ୍ଟେଡ଼ ହୋଇଗଲେ; କ'ଣ, ନା ନେତ୍ରୀ ସାଜି ଲମ୍ବା ବକ୍ତୃତା ଦେଇ ଆସିଲ । ନିଏ ଏବେ ଠେଲାଟା ସମ୍ଭାଳ । ହୋଲ ସର୍ଭିସ୍ ଲାଇଫ୍‌ଟା ତୁମକୁ ଏମାନେ ସହଜରେ ଛାଡ଼ିଦେବେ ? ପ୍ରାଇଭେଟ୍ ସ୍କୁଲ ତୁମେ ଜାଣିନ ।

କିଛିଦିନ ଭୟରେ ଭୟରେ କଟେଇ ଦେଲା ଶ୍ରୀ । ସତରେ ବଡ଼ ବେହିସାବି ଭଳି କାମ ହୋଇଯାଇଛି । ନୂଆ ଫ୍ଲାଟ ପାଇଁ ବର୍ତ୍ତମାନ କିଛି ଦିନ ଇ.ଏମ.ଆଇ ଚାଲିବ ଅନେକଦିନ ପିଲାଟାକୁ ପୁଣି ନାମୀ ଦାମୀ ସ୍କୁଲରେ ଭର୍ତ୍ତି କରାଯାଇଛି । ତା'ର ଖର୍ଚ୍ଚ ପୁଣି ଯଥେଷ୍ଟ । ଗାଁ ଘରେ ଅଳକର ମାଆ, ବାପା ମାସ ଶେଷରେ ଟଙ୍କା ପାଇଁ ଚାହିଁଥାନ୍ତି । ତା'ଛଡ଼ା ଆଜି ଏଟା କାଲି ସେଇଟା ଲାଗି କରି ରହିଛି । ଛୋଟ ନଣନ୍ଦଟି ପୁଣି ଆଗକୁ ଚାଲି ଆସିବ । କଲିକତା ଇଉନିଭରସିଟିରେ ପଢ଼ିବା ପାଇଁ ଖୁବ୍ ସ୍ୱପ୍ନ । ଦୁଇଜଣଙ୍କର ଚାକିରି ନହେଲେ ଏତେ ସବୁ ସମ୍ଭାଳିବା କ'ଣ ସମ୍ଭବ କି ?

କିନ୍ତୁ ତା'ର କପାଳଟା ହିଁ ଖରାପ । ପୁଣି ଶ୍ରୀ ଆଉ ଗୋଟିଏ ଘଟଣାରେ ଫସିଗଲା । ବାୟୋଲୋଜି ତା'ର ପଢ଼ାଇବା ସବ୍‌ଜେକ୍ଟ । ଦିନେ କ୍ଲାସରେ ପଢ଼ାଉ ପଢ଼ାଉ ନଜର ପଡ଼ିଲା, ଅର୍ନବ ବୋଲି ପିଲାଟିଏ ମନ ଦେଇ ଗୋଟିଏ ମ୍ୟାଗାଜିନର ପୃଷ୍ଠାକୁ ଲେଉଟାଇବାରେ ଲାଗିଛି । ପାଖରେ ଆଉ ଦୁଇଟି ପିଲା ବହି ଉପରେ ଝୁଙ୍କି ପଡ଼ିଛନ୍ତି । ଶ୍ରୀ ତାଙ୍କ ସାମ୍ନାକୁ ଯାଇ ଦେଖିଲା ଗୋଟେ କୁରୁଚିକର ମ୍ୟାଗାଜିନ ଟେବୁଲ ଉପରେ । ମଥାଟା ତା'ର ସେଇଠି ଖରାପ ହୋଇଗଲା । ମ୍ୟାଗାଜିନ୍‌ଟାକୁ ଛଡ଼ାଇ ନେଇ ଗୋଟେ କଷ୍ କରି ଚାପୁଡ଼ା ସେ ଅର୍ନବ ଗାଲରେ ଚଢ଼ାଇ ଦେଲା 'ସେମ୍‌ଲେଶ୍ ବୟ', ଏତେବଡ଼ ସାହାସ ତୋର, ଦେଖାଅ ତୁମ ଡ଼ାଏରୀଟା ଖୋଲ ।

ଅର୍ନବ ଭୟରେ କହିଲା - ମୁଁ ତ ଆଜି ଡ଼ାଏରୀ ଆଣି ନାହିଁ ମାମ୍ ।

ଶ୍ରୀ ନିଜେ ତା' ବ୍ୟାଗକୁ ଖେଳେଇ ଡାଏରୀ ବାହାର କଲା, ତା'ପରେ ଅର୍ନବ ଗାର୍ଡ଼ିଆନକୁ ଆସି ଦେଖା କରିବା ପାଇଁ ଡ଼ାଏରୀରେ ଲେଖି ଦେଲା ।

ପରଦିନ ଅର୍ନବ ତା'ବାପା ଓ ମାଆଙ୍କ ସାଙ୍ଗରେ ନେଇ ଆସିଲା ସତ କିନ୍ତୁ ଶ୍ରୀକୁ ଦେଖା ନକରି ସିଧା ଏଇଚ.ଏମଙ୍କ ଅଫିସ୍ ଭିତରକୁ ଗଲେ । ବାସ୍ ଶ୍ରୀର ପଲସ୍ ରେଟ୍ ବଢ଼ିବା ଆରମ୍ଭ ହୋଇଗଲା । ତେବେ ବି ସେ ମନକୁ ମନ ବୁଝାଉଛି ସେ ତ କିଛି ଅନ୍ୟାୟ କରିନି । ଜଣେ ଟିଚ୍‌ରର ଏଇ ଟିକେ ଶାସନର ଅଧିକାର କ'ଣ ନାହିଁ ? ଅଛି ନିଶ୍ଚୟ ।

ଏମାନେ ଚାଲିଗଲା କରେ ଏଇଚ.ଏମ୍ ଅଫିସ୍‌ରୁ ଶ୍ରୀ କୁ ଡ଼ାକରା ଆସିଲା । ଅଫିସ୍ ଭିତରକୁ ନପଶୁଣୁ ତା' ମୁହଁକୁ ନଚାହିଁ ଗୋଟିଏ ସାଧା କାଗଜରେ କ'ଣ ଲେଖୁ ଲେଖୁ ପଚାରିଲେ - ତୁମର କେତୋଟି ପିଲା ଶ୍ରୀ ?

ଆକଚା ମାକଚା ହୋଇ ଏମିତି ପ୍ରଶ୍ନ ଶୁଣି କହିଲା କାହିଁକି ବଡ଼ ଦିଦି ?

ଆହା ! ମୁଁ ତୁମ ପାଖରୁ ଗୋଟେ ଉତ୍ତର ଚାହୁଁଛି । କଥାରେ କଥାରେ ଆର୍ଗୁ କରିବା ତୁମର ଗୋଟେ ଖରାପ ଅଭ୍ୟାସ ମୁଁ ଦେଖୁଛି ।

"ଗୋଟିଏ ପୁଅ" ।

ତା'ର ସ୍ୱଭାବ କେମିତିକା ? ଆଇ ମିନ୍ ଖୁବ୍ ଥଣ୍ଡା, ଭଦ୍ର ଆଉ ସଭ୍ୟ ?

ନା', ଦୁଷ୍ଟ ଅଛି । ତେବେ ଲିମିଟ ଭିତରେ ଅଛି ।

ତା'ସ୍କୁଲରୁ ତୁମ ପାଖକୁ କେବେ ଗାଡ଼ିୟାନ୍ କଲ୍ ହୋଇଛି ?

ନା' । ଶ୍ରୀ ଲକ୍ଷ୍ୟ କରୁଥିଲା କେଉଁ ପ୍ରସଙ୍ଗରେ ଏହିସବୁ ପ୍ରଶ୍ନ ପଚାରା ଚାଲିଛି ।

ତାହାଲେ ବୁଝିପାରୁଛି କଥାରେ କଥାରେ ଗାଡ଼ିୟାନକୁ ହାରାସ କରିବା କୌଣସି କାମର କଥା ନୁହେଁ । ତୁମେ ଭଲ କରି ଦେଖ ତୁମ ପିଲା ସବୁବେଳେ ଏଇମିତି ଛୋଟମୋଟ ଦୁଷ୍ଟାମୀ କରୁଥିବ । କିନ୍ତୁ ସେଗୁଡ଼ାକ ଟିଚର ହିଁ ନିଜେ ଦାୟିତ୍ୱ ନେଇ ଟେକେଲ କରିନେବା କଥା । ତୁମେ ଜାଣ ଅର୍ନବର ବାପା କଲିକତାର ଜଣେ ନାମୀ ଦାମୀ ସର୍ଜ୍ଜନ । ଆଉ ତା'ର ମାଆ ପୁଲିସ୍ ବିଭାଗରେ ଏନ୍‌ଫୋରସ୍‌ମେଣ୍ଟ ବ୍ରାଞ୍ଚରେ ଅଛନ୍ତି । ଆଜି ତାଙ୍କର କେତେ କେତେ ଗୁରୁତ୍ୱପୂର୍ଣ୍ଣ କଥାକୁ ବନ୍ଦ ରଖି ଏଠାକୁ ଦୌଡ଼ି ଆସିଛନ୍ତି ।

ଶ୍ରୀର ଖୁବ୍ ଇଚ୍ଛା ହେଉଥିଲା କହିବା ପାଇଁ ଯେ ଅର୍ନବ ଛୋଟମୋଟ ଭୁଲ୍ କରିନାହିଁ ବଡ଼ ଦିଦି । ସେ ଯାହା କରିଛି ତାହା ଗାଡ଼ିୟାନର ଜାଣିବା ଦରକାର ଥିଲା । ନହେଲେ ତା' ସଙ୍ଗେସଙ୍ଗେ ଆଉ ପାଞ୍ଚଟା ଛୁଆ ପଲୁଟେଡ଼ ହୋଇଯିବେ ।

କିନ୍ତୁ ମୁହଁକୁ ଆସୁଥିବା କଥାଗୁଡ଼ିକ ପୁଣି ଶ୍ରୀକୁ ଢ଼ୋକିବାକୁ ପଡୁଥିଲା । ଅଳକ ଏଇ କେତେଦିନ ହେଲା କାନେ କାନେ ତାକୁ ଶିକ୍ଷା ଦେଉଛି । କର୍ପୋରେଟ ଦୁନିଆଟା କ'ଣ, ତାକୁ ଅନେକ ଧ୍ୟାନ ଧାରଣା ଦେବାପାଇଁ ବି ଚେଷ୍ଟା କରିଛି । ସୁତରାଂ ମୁହଁ ବୁଜି ଏଇଚ.ଏମ୍ ର ସବୁକଥାକୁ ନିରବରେ ଶୁଣି ଚାଲିଛି ।

ଏଇଚ.ଏମ ଗୋଟେ ରେଜିଷ୍ଟର ଓଲଟାଉ ଓଲଟାଉ କହିଲେ "ତୁମେ ବର୍ତ୍ତମାନ କ୍ଲାସକୁ ଯାଇ ଅର୍ନବକୁ ଡ଼ାକି କରି ଆଣ । ତାକୁ ଅଲଗା କରି ଖୁବ୍ ପୋଲାଇଟିଲି ବୁଝାଇବ ଯେ କାଲି ଯେଉଁ କାମଟା କଲ ସେଇଟା ବଡ଼ ଅନ୍ୟାୟ ହୋଇଛି । ଭବିଷ୍ୟତରେ ସ୍କୁଲରେ ଯେମିତି ଆଉ ଏମିତି ନକର ।

ଶ୍ରୀ ନିଶଢର ସବୁ ଶୁଣିକରି ଫେରି ଆସୁଥିଲା । କିନ୍ତୁ ଏଇଚ.ଏମଙ୍କ ଇସାରାରେ ଏଇଚ.ଏମ ଧରିଥିବା ଫୋନ କଲ୍‌କୁ ଅପେକ୍ଷା କରି ରହିଲା । ଦୁଇଥର ଲାଲ୍‌ବଜାର ପୁଲିସ କଥାଗୁଡ଼ିକ ଶୁଣିଲତ । ବାକି କଥା ସାମ୍ନାରେ କିଛି ଶୁଭୁଛିତ । ଏଇଚ.ଏମ୍‌ଙ୍କର ଏଇ କଥା କହିବାର ଢ଼ଙ୍ଗଟା ବେଶ୍ ପସନ୍ଦ ଥିଲା । କିଛି କହିବାକୁ ହେବ । ଅଳକ ସଂଗରେ କଥା କଟାକଟି ହେଲା ବେଳକୁ ସାତଖଣ୍ଡ ଗାଁ ଉଠିବ ପଡ଼ିବ ।

ଫୋନ୍ ଶେଷ କରି ଏଇଚ.ଏମ ପୁଣି ମୁଭିଙ୍ଗ ଚେୟାରଟାକୁ ଦୁଇଥର ଘୁରାଇ ଦେଲେ । ତା'ପରେ ହାତରେ ଥିବା କଲମଟା ଓଠ ଉପରେ ନଚାଇଲେ । କପାଳ କୁଞ୍ଚିତ । ଶ୍ରୀ ତୁମକୁ କିନ୍ତୁ ଅର୍ନବର ମାଆ ବାପାଙ୍କ ପାଖରେ ଆପୋଲୋଜି ମାଗିବାକୁ ହେବ । ମାନେ ! ଫର ହ୍ୱାଟ୍ ?

କାରଣ କାଲି ତୁମେ ଅର୍ନବର ଦେହରେ ହାତ ଦେଇଛ । ଡ଼ାଏରୀ ଖୋଜିବାକୁ ଯାଇ ତା'ର ବ୍ୟାଗ୍‌କୁ ତଲାସି ନେଇଛ । ମାଇନର ଗୋଟେ ଦୋଷ ପାଇଁ ତା' ଗାର୍ଡ଼ିୟାନ୍‌କୁ ହାରାସ୍ କରିଛ । ଅର୍ନବର ମାଆ କଥାଟାକୁ ସିରିୟସଲି ନେଇଛନ୍ତି । ଏଇକ୍ଷଣି କର୍ପୋରାଲ ପନିସ୍‌ମେଣ୍ଟ । ଜାଣ ଏହା ଗୋଟିଏ ପନିସେବ୍‌ଲ ଅଫେନ୍‌ସ । ତୁମ ଏଗେନେଷ୍ଟରେ ସେମାନେ ଏଲିଗେସନ୍ ଆଣିବାକୁ ଚାହିଁଛନ୍ତି । ସୋ ଆଇ ପର୍ସନାଲି ଥିଙ୍କ୍, ତୁମେ ତେଣୁ ତାଙ୍କ ପାଖରୁ ଏପୋଲୋଜି ନେଇ ନିଅ ବ୍ୟାପାରଟା ତାହାଲେ ଭଲରେ ଭଲରେ ମେଣ୍ଟିଯିବ ନହେଲେ ସ୍କୁଲର ବି ବଦ୍‌ନାମ । ନାନା ଧରଣର ମିଡ଼ିଆକୁ ଫେସ୍ କରିବାକୁ ହେବ ।

ଶ୍ରୀ ସ୍ତମ୍ଭିତ ହୋଇ ଖାଲି କଥାଗୁଡ଼ିକ ଶୁଣୁଥିଲା । ଏଇଚ.ଏମ ତା'ଚକ୍ଷୁ ଆଡୁଆଳରେ ଗଣିନେଲେ ଯେ ପ୍ରବେଶନ ପିରିୟଡ୍ ଶେଷ ହେବାକୁ ଆହୁରି ତିନିମାସ ବାକି ଅଛି । ଥମ୍ ଥମ୍ ହୋଇ ରୁମ୍‌ରୁ ବାହାରି ଆସୁ ଆସୁ, ହଠାତ୍ ଶୁଣିଲା ପଛରୁ ଏଇଚ.ଏମ କହୁଥିଲେ ୱାନ୍ ମୋର ଥିଙ୍ଗ ଶ୍ରୀ । ଏହି ବ୍ୟାପାରରେ ଆଇନ କାନୁନ ବର୍ତ୍ତମାନ ଭାରି ରିଜିଡ୍ । ତେଣୁ ଷ୍ଟୁଡ଼େଣ୍ଟମାନଙ୍କ ସଙ୍ଗରେ କଥା ହେବାକୁ ହେଲେ ଆଗେ ଗୋଟେ ପ୍ଲିଜ ଯୋଗ କରିବାକୁ ହେବ । ଏଥିରେ ଲଜ୍ଜା କରିବାର କିଛି ନାହିଁ । ନିଜ ଘର ପୁଅକୁ ବାବାରେ କହିବାଟାକୁ ମନେ କର ଟିକେ ।

(ତିନି)

ଘରକୁ ଫେରିବା ସମୟରେ ଆକାଶ କଳାହାଣ୍ଡିଆ କରି ମେଘ ବରଷିଲା । ଶ୍ରୀ ଦୌଡ଼ିଯାଇ ଗୋଟିଏ ଗଛମୂଳେ ଆଶ୍ରୟ ନେବା ପାଇଁ ବାଧ୍ୟ ହେଲା । ସାଙ୍ଗରେ ଛତା

ନାହିଁ। ମଥାଟା ଅନ୍ତତଃ ଓଦା ନହେଉ। ହଠାତ୍ ଦେଖିଲା ଦୁଇଟି ରୋଗା ରୋଗା ପୁଅ ଝିଅ ଖେଳୁଛନ୍ତି। ପୁଅଟି ଖୋଲା ଦେହ। ଧୂଳି ମାଟି ଗୋଟାପଣେ। ଝିଅଟି ପିନ୍ଧିଛି ଗୋଟେ ଛିଣ୍ଡା ଅପରିଚ୍ଛନ୍ନ ଫ୍ରକ୍। ବର୍ଷା ଆଡ଼କୁ ଏକ ଦୃଷ୍ଟିରେ ଅନାଇ କ'ଣ ଯେମିତି ଦେଖୁଛି ହଠାତ୍ ସିଏ କହି ଉଠିଲା ଏ ଛୋଟୁ ମୁଁ କହିଥିଲି ନା ବର୍ଷା ହେବ ବୋଲି ଆଜି।

ଛୋଟୁ ଗୋଟିଏ ପଥରରେ ଛୋଟ ଇଟାଖଣ୍ଡକୁ ଭାଙ୍ଗୁଥିଲା। କହିଲା କେମିତି ଜାଣିଲୁ ଫୁଲି ଆଗରୁ। ଝିଅଟି ହି ହି କରି ହସିଲା। ଗୋଟିଏ ହାତ ବଢ଼ାଇ ଟୁପ୍‌ଟାପ୍ ବର୍ଷାର ପାଣିକୁ ଧରି ସାରା ମୁହଁରେ ବୋଳି ହୋଇ ପଡୁ ପଡୁ କହିଲା - ମୁଁ ବର୍ଷାର ଗନ୍ଧ ବାରିପାରେ।

ଶ୍ରୀ ଅବାକ୍ ହୋଇ ଏମାନଙ୍କ କଥା ଶୁଣୁଛି ଦେଖି, ଏଥର ଟିକିଏ ଲାଜେଇ ଗଲା ଫୁଲି। ଛୋଟୁ କହିଲା - ଇଏ ନା ପାଗଳିଟାଏ। ତୁମେ ଆଉ ଟିକିଏ ଭିତରକୁ ଆସ ବର୍ଷାରେ ଲୁଗା ଭିଜି ଯିବ।

ଫୁଲି ସେତିକିବେଳେ ହାଫୁ ହାଫୁ କରି ବର୍ଷା ପାଣିକୁ ମାଖୁଛି। ବର୍ଷାଟା ବଢ଼ିଆ ଟିକିଏ ଭିଜିଗଲେ କିଛି ହେବ ନାହିଁ। କି ଥଣ୍ଡା, କେତେ ମିଠା ଏ ପାଣି।

ଶ୍ରୀ କହିଲା - ଲେଖା ପଢ଼ା କରୁ ନ ଖାଲି ଖେଳୁଛ।

ହଳଦିଆ ଦାନ୍ତ ବାହାର କରି ଛୋଟୁ କହିଲା - ବହି ତ ନାହିଁ ପଢ଼ିବି କେମିତି ?

ଭିଜା ଶରୀର ଭିଜା ମନ ନେଇ ସେଦିନ ଶ୍ରୀ ଘରକୁ ଫେରିଲା। ସାରା ରାସ୍ତା ଭାବି ଭାବି ଆସିଛି ରେଜିଗ୍‌ନେସନ୍ ବୟାନଟା କେମିତି ହେବ। ଅଳକ ଶୁଣି କରି ହିଁ ଚମକି ଉଠିଲା - ଏସବୁ ଭୂତ ମଥାର ବାହାର କର। ଏଇ ବଜାରରେ କେହି ଚାକିରୀ ଛାଡ଼େ। ଜୀବନରେ ସବୁ ଜାଗାରେ ଟିକିଏ ଅଧେ କମ୍ପରମାଇଜ କରିବାକୁ ହେବ।

ପରଦିନ ଅର୍ନବର ବାପା, ମାଆଙ୍କ ସାଂଗରେ କଥାହେଲା ଶ୍ରୀ। ମୋବାଇଲ ନମ୍ବର ଏଇଚ.ଏମ୍‌ଙ୍କ ପାଖରୁ ପାଇଛି। କହିଲେ, ଆମ ଘରୁ ହିଁ ଫୋନ୍ କର।

ଅର୍ନବର ମାଆ ଗଳା ଗମ୍ଭୀର। ବେଶ୍ ଟିକିଏ ଅପର ହ୍ୟାଣ୍ଡ ନେଇ କହିଲେ ଆପଣମାନେ ହିଁ ତ ଟ୍ରେନିଂ ନେଇ ଏଇ ପ୍ରଫେସନକୁ ଆସିଛନ୍ତି। ତାହାଲେ ଆପଣ ପ୍ରତ୍ୟେକ କଥାରେ ଆମ୍ଭମାନଙ୍କୁ ଡ଼ାକୁଛନ୍ତି କାହିଁକି ? ତାଛଡ଼ା ଆଡ଼ୋଲେସନ ପିରିୟଡ଼ରେ ସ୍ୱାଭାବିକ ଭାବେ କୌତୁହଳ ଜନ୍ମେ। ଆପଣ ବାୟୋଲୋଜିର ଟିଚର। ଇୟୁ ବେଟର ନୋ ହାଓ ଟୁ ଗିଭ ଆନସାର ଟୁ ଦେୟାର କୋୟାରିଜ ଏନିୱେ। ମୁଁ ଏଥର ଆପଣଙ୍କ ଉପରୁ ଗ୍ରୀଭାନ୍‌ସ ଉଠାଇ ନେଉଛି।

ଆଜିକାଲି ଶ୍ରୀ ଶରୀରରେ ଏକ ଅଦ୍ଭୁତ ଧରଣର କମ୍ପନ ଉଠୁଛି। ହଠାତ୍ ହଠାତ୍ ସାରା ଶରୀର ଭିତରେ ଜ୍ୱର ରୋଗୀ ଭଳି ତାପ ବାହାରୁଛି। ଅର୍ନବର ମାଆ କଥା ଶୁଣୁଶୁଣୁ

ପୁଣି ସେମିତି ହେଲା । ସେହି ସମୟରେ ସେ ପ୍ରାଣପଣେ ଅଳକର କଥା ଭାବିବାରେ ଲାଗିଛି । କମ୍ପ୍ରମାଇଜ୍, କମ୍ପ୍ରମାଇଜ୍ ।

ଶ୍ରୀ ଆଜିକାଲି ପ୍ରାୟ ଦିନ ସାଦାର୍ନ ଆଭିନିଭଏୟର ସେଇ ରାସ୍ତା ଦେଇ ଚାଲି ଚାଲି ଯାଉଛି । ଦାରିଦ୍ର୍ୟତାର ସଂଗେ ଉଠା-ବସା କରି ଛୋଟୁ ଆଉ ଫୁଲି କି ସୁନ୍ଦର ଖେଳର ଘର ତିଆରି କରନ୍ତି ସତରେ । ପ୍ରତିଦିନ ଦେଖିବାକୁ ଭାରି ଭଲ ଲାଗେ । ତାଙ୍କ ସଂଗରେ ବେଶ୍ ଭାବ ଜମିଯାଇଛି ଶ୍ରୀର ଏଇକ୍ଷଣି । ମଝିରେ ମଝିର ଠୁଙ୍ଗାରେ ବାଦାମ ଭଜା, ମୁଢ଼ି ମସଲା ନେଇ କରିଯାଏ । ଏହାକୁ ପାଇ ଦୁଇଜଣଙ୍କର କି ଆନନ୍ଦ ।

ଶ୍ରୀ ଏବେ ସ୍କୁଲ ସମୟରେ ନିଜର କାମରେ ବ୍ୟସ୍ତ ଥାଏ । ଷ୍ଟାଫ୍ କମନ ରୁମ୍‌ରେ ଥିଲେ ଖୁବ୍ ବେଶୀ କୌଣସି କଥାରେ କଥା କୁହେ ନାହିଁ । ଆଉ ମାତ୍ର ବାକି ପ୍ରବେଶନ ପିରିୟଡ଼ ସରିବାକୁ । ତେବେ ପରମାନେଣ୍ଟ ଟିଚ୍‌ରଙ୍କର ହାଲ ଯେ ଖୁବ୍ ଭଲ ତାହା ନୁହେଁ । ତେବେ ବି ସେମାନଙ୍କର ଖୁଷ୍ଟିରେ ଜୋର ବେଶୀ ।

ସେଦିନ ଲଞ୍ଚ ବ୍ରେକ ଶେଷ ହେବା ଆଗରୁ ଶ୍ରୀ ଏଇଟ କ୍ଲାସ ଭିତରକୁ ପଶିଗଲା । ଆଜି ଗୋଟିଏ କ୍ଲାସ ଟେଷ୍ଟ ଦେବାକୁ ହେବ । କୋଶ୍ଚେନ୍ ଚେକ୍ କରିବାକୁ ସମୟ ନାହିଁ । ତେଣୁ ଟିକେ ଆଗରୁ ଆସିଛି ।

ଫାଙ୍କା କ୍ଲାସ ରୁମ୍‌ରେ ଛଡ଼ା ଛଡ଼ା ହୋଇ କେତେଜଣ ବସିଛନ୍ତି । ବେଲ୍ ନ ବାଜିଲେ ସମସ୍ତେ କ୍ଲାସକୁ ଆସନ୍ତି ନାହିଁ । ହଠାତ୍ ପଛକୁ ଚାହିଁ ଦେଲାବେଳକୁ ଆଠ ଦଶ ଜଣ ପିଲା ଦଳ ବାନ୍ଧି ବସିଛନ୍ତି ମଝିରେ ଅର୍ନବ । ତା' ହାତରେ ଗୋଟେ ମୋବାଇଲ ।

ସେଠାରେ ନପହଞ୍ଚି ମଧ୍ୟ ଶ୍ରୀ ଜାଣିନେଲା । ଯେ ସେଠାରେ ନିଷିଦ୍ଧ କିଛି ଗୋଟାଏ ସେମାନେ କରୁଛନ୍ତି । ଛୋଟ ଛୋଟ ପୁଅଝିଅଗୁଡ଼ାଙ୍କର ମୁହଁର ଛବି ଗୁଡ଼ା ବଡ଼ ନିବାରୁଣ । ତା'ର ପାଦ ଦୁଇଟି ସଚଳ ଥାଇ ମଧ୍ୟ ସେ ଥମିଗଲା । ପୁଣି ସେଇ ଅର୍ନବ । ଏହାର ମାଆ ପୁଣି କେଉଁଠି ଚାକିରୀ କରେ ? ପୁଣି ପୁଲିସରେ.....ସେଥର ଶ୍ରୀକୁ କି କଥାରେ ଶାସନ କରିଥିଲା ।

ତୁହିନ ବୋଲି ଗୋଟେ ପିଲା ଜିଭ କାମୁଡ଼ି ଅନାଇଲା । ଶ୍ରୀ ସବୁ ବାଧା ସବୁ ଭୟକୁ ଯେମିତି କାଢ଼ି ଫୋପାଡ଼ି ଦେଲା ତତ୍‌କ୍ଷଣାତ୍ । ଛୁଟିଯାଇ ଅର୍ନବ ହାତରୁ ମୋବାଇଲଟା ଛଡ଼ାଇ ନେଇ ଦେଖିଲା କେତେଗୁଡ଼ିଏ ପର୍ନ ପିକ୍‌ଚର ଲୋଡ୍ ହୋଇଛି । ତାହାରି ପ୍ରଦର୍ଶନ ହେଉଥିଲା ।

(ଚାର)

ଟିକିଏ ଡ଼େରି ହୋଇଗଲା ଏଇଚ.ଏମ୍‌ଙ୍କ ଘରେ ପହଞ୍ଚିବାକୁ । କାରଣ ଅର୍ନବର ମୋବାଇଲଟା ଜମା କରିବା ଆଗରୁ ରେଜିଗନେସନ୍ ଲେଟରଟା ଲେଖି ନେଲା । ବୟାନର ଆଗରୁ ଠିକ୍ କରିବା ଥିଲା ।

ଏଇଚ.ଏମ ସବୁ ଶୁଣି ସ୍ତମ୍ଭିତ । କେବଳ କହିଲେ ମୁଁ ସବୁ ବ୍ୟାପାରଟା ଦେଖିଛି । ଲେଟରଟା ଫେରାଇ ନିଅ ବର୍ତ୍ତମାନ ।

ଷ୍ଟାଫରୁମରେ ସମସ୍ତେ ଅଦ୍ଭୁତ ରକମର ଥଣ୍ଡା ବ୍ୟବହାର କରିଲେ ଖୁବ୍ ନିକଟତର ସହକର୍ମୀମାନେ ବି ନିଶ୍ଚୁପ ଭାବ । ଶ୍ରୀ ବୁଝିପାରୁ ନଥାଏ ଏଇଟା ତା'ର ଜିତିବା ନା ହାରିବା । ହଠାତ୍ ମୋବାଇଲରେ ଅଳକାର ଫୋନ । ଧରିବା କ୍ଷଣି ଉତ୍ତେଜିତ ସ୍ୱରରେ କହିଲେ କହିଦେଇ ଆସ କାଲି ସ୍କୁଲରେ ପହଞ୍ଚିବାକୁ ଟିକେ ଡ଼େରିହେବ । କାହିଁକି ? ଶ୍ରୀର ନର୍ଭସ ଗଳା ।

ବାବାରେ ସ୍କୁଲରୁ ଗାଡ଼ିୟାନ କଲ ଆସିଛି । କାଲି ଆମକୁ ତା' ସ୍କୁଲକୁ ଯିବାକୁ ହେବ । କିଏ ଜାଣେ ପିଲାଟା କ'ଣ କରିଛି ସ୍କୁଲରେ । ଆଉ ବେଶୀ କିଛି କହିବାର ସୁଯୋଗ ନଦେଇ ଅଳକ ଫୋନ୍ ରଖିଦେଲା ।

ଘରକୁ ଶୀଘ୍ର ଫେରିବାକୁ ଶ୍ରୀର ମନ ଛଟପଟ ହୋଇଉଠିଲା । କିନ୍ତୁ କାହିଁକି କେଜାଣି ପାଦରେ ଚାଲିଚାଲି ଆସି ଛୋଟୁ ଆଉ ଫୁଲି ପାଖରେ ପହଞ୍ଚିଲା । ତାଙ୍କ ସଜାଇ ଥିବା ଖେଳ ଘରଟି ତାକୁ ଟାଣି ନେଉଛି । ତା' ଛଡ଼ା ମନ ଭିତରେ ଏକ ଶୁଖିଲା ଖାଁ ଖାଁ ଭାବ । କାଳେ ଫୁଲି ପାଖକୁ ଗଲେ ଯଦି ଟିକିଏ ବୃଷ୍ଟିର ଗନ୍ଧ ମିଳିବ ।

❐❐❐



ପ୍ରକାଶ ପାଇଛି
ବିଜ୍ଞାନ ଜଗତରେ ଚହଳ
ପକାଇଥିବା
ପ୍ରଯୁକ୍ତି ବିଦ୍ୟାର
ଅଭିନବ ଜ୍ଞାନ କୌଶଳର
ସଂକ୍ଷିପ୍ତ ସାରମର୍ମ

କବିତା ସ୍ୱତନ୍ତ୍ର



ସୁଚିତ୍ରା ପାଣିଗ୍ରାହୀ

କେତେଦୂର ଶୀତରୁ ବସନ୍ତ

କୁହ ତ'
କାହିଁ ଶୀତ... କାହିଁ ବା ବସନ୍ତ
ଏବେ ତ ସବୁ ଋତୁ ଖରା ଖରା
ନ ହେଲେ ବରଷା ଅସରା
ମେଘର ପସରା
କୁହ ତ' କାହିଁ ଲୁଚିଲାଣି ଶୀତ
ଆଉ ତା' ସାଥେ ବସନ୍ତ ।
ସାରା ଆକାଶରେ ଏବେ ଖାଲି
ଗୋଟାଏ ରଂଗ
ନାରଙ୍ଗୀ.. ନାରଙ୍ଗୀ
ସବୁ ଆଡେ ଖରା ଆଉ କଙ୍କି
ନାହାଁନ୍ତି ମହୁମାଛି କି ପ୍ରଜାପତି !!
ଖରାସିଝା ଦେହର ମଉଳା କାକୁତି
କେମିତି ବିତିବ ଏସବୁ ଦିନ
ଝିଅଟା ବି ଆସୁନାହିଁ ରାତି
କୋଉଠି କାହିଁ ଦିଶୁନାହିଁ
ଫୁଲଟେ କି ଗୋଟେ ମଲା ପ୍ରଜାପତି ॥
ନାଇଁ ତ,
ଦିନଦିନ ଧରି ସାରା ଆକାଶକୁ
ଘୋଡେଇ ରଖିଚି କଳା ମେଘ
ଧୂସର ପବନ ଉଡେଇ ନେଉଚି
ଗର୍ଭିଣୀ ଧାନର ଥୋଡ଼
ହିଡ଼ କଡ଼ରେ ମଥା କୋଡୁଚି ଦାସିଆ ଶଅର
ତା' ଭାତ ହାଣ୍ଡିଟା ଜାଣ ଉଜୁଡି ଗଲା ଏଥର
ପିଲା ଭାରିଜାଙ୍କ ମୁହଁରେ
କୋଉଠୁ ଆଣି ଦେବ ସେ ଆହାର !
ଏଇ ବେଳେ ତୁମେ ପଚରୁଛ
କୁହ କୁହ କେତେଦୂର ଶୀତ ରୁ ବସନ୍ତ ॥
ଶୀତ ତ ଆଜିକାଲି
ଫେରିବାଲାର କୁହାଟ ପରି
ଗଳି ମୁଣ୍ଡରୁ ଡାକଟେ ମାରି
ଝଲି ଗଲାଣି ଦୂରରୁ ଦୂରକୁ
ଡାକଶୁଣି ଆସିଲା ବେଳକୁ
ଶୀତ ସେଠୁ ଉଭାନ୍ ଛୁ ମାରି ॥
ଖୋଜୁଚ କି ବସନ୍ତକୁ ?
ଫୁଲମାନଙ୍କର ଅଦିନ ହାଟ
ଭଅଁର ଓ ପ୍ରଜାପତିଙ୍କ ଉଚ୍ଚାଟ
ସବୁକିଛି ଆଜିକାଲି ଲାଗୁଚି
ନକଲି ନକଲି,
ଆଗରୁ ବସନ୍ତ ଆସୁଥିଲା ସିନା
ଶୀତ ତାକୁ ଡାକେ ବୋଲି
ଏବେକୁ ଶୀତ ତ ନାହିଁ
ବସନ୍ତ ବି ଗଲାଣି ବାଟଭୁଲି ॥

ଅବସରପ୍ରାପ୍ତ ଅଧ୍ୟକ୍ଷା, ଭଦ୍ରକ

❐❐❐

ନିଆଁ

ପୀତାମ୍ବର ତରାଇ



ଆମର ଜୀବନ କହିଲେ କ'ଣ ବୁଝନ୍ତି ଆପଣ ?
ନା ଅଛି ବଂଶୀସ୍ୱନ, ନା ଅଛି ବର୍ଷା ବିତାନ
ସାରା ବର୍ଷ ଛାତି ତଳେ
ଅରଣା ମଇଁଷି ପରି ଡେଉଁଥାଏ ଅନ୍ଧାର,
ଲୁହ ଲହୁର ଚାଷବାସ ଅନ୍ତେ
କେଉଁ ହୁଏ କି ହସ ଖୁସିର ସ୍ୱପ୍ନ ଅମଳ
ନାହିଁ ହୋ ଚିତ୍ରକର, ଜଞ୍ଜାଳର ଜଗତ ଆମର

ଭାତ ଆଣିବାକୁ ଯାଇଛି ଯେ ଇଚ୍ଛାର
ଅଦୃଷ୍ଟ ଈଶ୍ୱର, ଚୁଲିରେ ଜଳୁଛି
କଷ୍ଟ ଅପ୍ରମିତ ସାତଦିନର ଭୋକ
ପାଣି ପାଇଁ ଯାଇଛି ଯେ ସ୍ୱପ୍ନର
ସୁହଟ ନାଗର
ମରଣର ମହକୁମାରେ ଗାତ ଖୋଳୁଛି
ଆଡ଼ ପାଗଳ ଶୋଷ ।

କେହି ଫେରନ୍ତି ନାହିଁ ବୋଲି ତ
ଅରକ୍ଷ ମଥା ଉପରେ ତାତିର ନୃତ୍ୟରଚେ
ଉପହାସର ଖରାବେଳ
ଚାଳିଘରେ କେବେ ଉଇଁଲେ ଚକାଜହ୍ନ
ସହିପାରେନାହିଁ ସମୟର ସୌଦାଗର
ଦୁଃଖ, ଶୋକ, ଅବସୋସର ସୁଧ ମୂଳ ସହ
ହିସାବ ଖାତାରେ ଗଡ଼ାଇଦିଏ
ଦାରିଦ୍ର୍ୟ ଗଣ୍ଡାକ ।
କେତେ ପ୍ରକାର ରଙ୍ଗ, କେତେ ତୁଳୀ
ଶୋଭା ବଢ଼ାଇ ପାରିବ ଆମ
ଦଗ୍ଧ ଜୀବନନାମାର ଚିତ୍ରପଟ ।

ଆମର ତ ଛାତି ଫାଟି ଦି' ଫାଳ
ବିବର୍ଣ୍ଣ ଭିତରୁ ବହିଯାଉଥାଏ
ଉତ୍କଟ ନିଆଁର ନଈ
ନିଆଁ ଆମର ଚିର ସହଚର ବୋଲି ତ
ଜଳିଯିବାର ଆନନ୍ଦ ବି ଲେଖିପାରେ
ଅଗ୍ନି ପୁରାଣ ।

ନିଆଁ ସହିତ ଆମର ଆଦିମ ସମ୍ପର୍କ
କେଉଁ ଜାଣେକି ମୁନି ନା ମୁନିବ
ସରକାର ନା ଈଶ୍ୱର ।
ଆମେ ଜଳି ପୋଡ଼ି ଫୁଟାଇପାରୁ
ରକ୍ତ ଲଟାରେ ପୀଡ଼ାର ନିଆଁଫୁଲ
ଆମେ କିଛି ନିଆଁର ମଣଷ ।

କି ଚିତ୍ର ଆଙ୍କିବ ହୋ ଚିତ୍ରକର
ଆଙ୍କିବାର ଅଛି ତ ଆସ
ଦୀର୍ଘଶ୍ୱାସରେ ନିର୍ମିତ କର୍ମ କଷଣର
କୂଳରେ ବସ, ଦେଖ-
ବିଡ଼ମ୍ବିତ ଭାଗ୍ୟର ଶୈଶବ
ବେଦନାର ବାଲିଦେଉଳ
ଅସହ୍ୟ ଅଭିଶାପ, ମୃତ୍ୟୁଯୋଗ
କେମିତି ଗଢୁଛି ନିଆଁର ନରକ ।

ଆମ ପିଲାଏ ଘା' କାନ୍ଥୁ, ପୂଯ ପାଣିରେ
ବୁଡ଼ିଥିଲେ ବି
ଭୋକ ଉପାସରେ ଶତୁଥିଲେ ବି
ଭେଦିଭେଦି ଅଗ୍ନିପିଣ୍ଡ, ବଜ୍ରନାଦ
ନିଦାଘର ଦାରୁଣ ଦହନ
ଗାଇପାରନ୍ତି ନିଆଁର ଗୀତ
ଭୋକ ହେଲେ ରଡ଼ ନିଆଁ ଭିତରେ
ଜାଳିପାରନ୍ତି ଆଶା ନିରାଶାର
ଦୁର୍ଦ୍ଧଷ ହାତ ।


ନିଆଁର ବି ଥାଏ ଗୋଟେ ପରିଚୟ
ଆମ ଭଳି ଲୋକବାକ, ଘରଝିଅ
ନ ପିନ୍ଧିଲେ ନିଆଁର ପୋଷାକ
ହୁଏନା ହରତାଳ, ଖବର ପ୍ରସାରଣ
କ୍ଷମତା ଦଖଲ
ହୁତୁହୁତୁ ନ ଜଳିଲେ ମନ, ପ୍ରାଣ, ଦେହ
ଜଣାପଡ଼େନି ତମ ଆମ ଇଲାକାରେ
ଅଛି ଗୋଟେ ଚମତ୍କାର ଚକିତ ଦେଶ ।

ଅଶ୍ୱନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତସିଂହପୁ-୭୫୪୧୪୧
ମୋ : ୯୪୩୭୧୬୩୪୨୧

❐❐❐

ପବନର ଚିକ୍କଣ ଆଇନାରେ

ସୌଭାଗ୍ୟବନ୍ତ ମହାରଣା



ପବନର ଚିକ୍କଣ ଆଇନାରେ
ନିଜକୁ ଚିହ୍ନିବା ବେଳେ ବେଳେ
ମୋ ଦେହର ରଙ୍ଗର ବାସ୍ତବତା
ବଳିଯାଏ ଦିନ ଦିପହରର ସପନକୁ ।
ନିଜ ମୁହଁର କଳାଦାଗମାନେ
ଜଳ ଜଳ ଦିଶୁଥାନ୍ତି ଅଶିଣ ମାସର
କାଚକେନ୍ଦୁ ଜଳରେ
ମୋ ଜନ୍ମ ମୃତ୍ୟୁର ହିସାବ ରଖିବାକୁ
ଯୌବନରୁ ଜରାଯାଏଁ ଲମ୍ବିଥିବା
ମୋ ବିତେଇଥିବା ମୁହୂର୍ତ୍ତଙ୍କ ସନ୍ନ୍ୟାସ ଭିତରେ ।

କଳା ମିସ୍ ମିସ୍ ଅନ୍ଧାରରେ ସ୍ୱପ୍ନ ବି ଆତୁର ହୁଏ
ଜହ୍ନରାତିର ଯୌବନ ଖୋଜିବାକୁ ପଳାଶ ବଣରେ ।
ନଇକୂଳିଆ ପବନର କଅଁଳ ପରଶ ପାଇ
ମୋ ରକ୍ତରେ ଅଗଣିତ ପଦ୍ମଅଁର
ମତୁଆଲା ମହକକୁ ଖେଳେଇ ଦେବାକୁ
ଭାଗ୍ୟ କ'ଣ ମୋ ପ୍ରତି ଅନୁକୂଳ ହେବ ?
ମନେହୁଏ ସତେ ଯେମିତି ପବନଠାରୁ ବି
ମୁଁ ହାଲୁକା ହୋଇଯାଇଛି
ମୋ ଦେହର ଓଜନର ଯଥାର୍ଥତା
ଆଉଥରେ ପରଖିନେବାକୁ !

ସୃଜନ ଓ ସପନ ମଧ୍ୟରେ
ତାଳମେଳର ଫାଙ୍କା ଖୋଜିବାକୁ
ଦିନ ଓ ରାତିର ମଧ୍ୟ ବିନ୍ଦୁରେ
ମୋ ଚରିତ୍ରର ତର୍ଜମା ଶୁଣିବାକୁ
ସେଇ ଅନୁରାଗୀ ଅଥଚ ବୈରାଗୀ ପବନ

ଟାକି ବସିଛି କାନଡ଼େରି କେତେ ଦିନରୁ ।
କ୍ରମଶଃ ବଢ଼ିଯାଉଛି ମୋ ଦେହଠାରୁ
ପବନର ଓଜନ ଗୋଟେ ଅଚିହ୍ନା ପୃଥିବୀରେ ।

ମୁଁ ବୁଲେ ଗ୍ରହ ନକ୍ଷତ୍ର, ତାରାମଣ୍ଡଳ
ସାଉଁଟିବାକୁ ନଷ୍ଟ ପାଉଁଶର ଧୂଳିକଣା
ଓ ଈଶ୍ୱର କଣିକାଙ୍କ ସୂକ୍ଷ୍ମ ଦେହ
ସମୟର ଶୂନ୍ୟସ୍ଥାନେ ଥାପାନା କରିବାକୁ ।
ଅକସ୍ମାତ୍ ଘୁରିଯାଏ ମଥା ମୋର
ପ୍ରାଣପୀଡ଼ାରୁ ତ୍ରାହି ପାଇବାକୁ
ଅବୁଝା ବେଳର ମାର୍ମକତା ମଧ୍ୟରେ ।

ଏ ଅସ୍ଥିର ପୃଥିବୀର ଜଟିଳତା ଭିତରେ
ମୋ ସରଳତାର ମାତ୍ରା ଓ ଅନୁପାତ
କିଏ ଆଉ ମାପିବ ତରାଜୁରେ,
ଯେବେ ପ୍ରତିଟି ମଣିଷକୁ ଘାରିଦିଏ
ନିଜ ନିଜ ଓଜନର ଠକାମିର ଦୁର୍ଭାଗ୍ୟ
ଓ ପୁରୁଣା ତରାଜୁର ବୈଧତାର ସର୍ତ୍ତ ?

'ଭାରତୀ ଭବନ'
ଶିବମ୍ କଲୋନୀ
ଆୟକର ଭବନପଛ,
ସମ୍ବଲପୁର-୭୬୮୦୦୪
ମୋ : ୯୪୩୭୪୫୭୭୩୬

❐❐❐

ଭୁଲ୍ ବୁଝାମଣା

ଧନଞ୍ଜୟ ସ୍ୱାଇଁ



ଆଜି ସିନା ତା' ସାଥେ ମୋ' ଭୁଲ୍ ବୁଝାମଣା
ନିଶ୍ଚୟ ଆସିବ ଦିନେ ଖୋଜି ମୋ ଠିକଣା ॥ ୦ ॥

ଆଜି ସିନା ଏ ପୃଥିବୀ ଶୀତରେ ଶ୍ରୀହୀନା
ନିଶ୍ଚେ କାଲି ମଣ୍ଡି ହେବ ଫୁଲେ ତା' ଅଗଣା
ଆଜି ସିନା କରିଛି ସେ ମନ ଟିକେ ଉଣା
ନିଶ୍ଚୟ ଆସିବ ଦିନେ ଖୋଜି ମୋ ଠିକଣା ॥ ୧ ॥

ଆଜି ସିନା କୁହୁଡ଼ିରେ ଦିଶୁନାହିଁ ବାଟ
ନିଶ୍ଚେ ବାଟ ବତାଇବ କାଲିର ପ୍ରଭାତ
ଆଜି ତୁଚ୍ଛାରେ ସିନା ସେ କରିଛି ଛଳନା
ନିଶ୍ଚୟ ଆସିବ ଦିନେ ଖୋଜି ମୋ ଠିକଣା ॥ ୨ ॥

ଆଜି ସିନା ଆକାଶରେ ଝଡ଼ର ସୂଚନା
ନିଶ୍ଚେ କାଲି ଚଇତାଳି ଛୁଟାଇବ ବାସ୍ନା
ଆଜି ସେ ମାଗିନି ସିନା ପ୍ରୀତିର ପାଉଣା
ନିଶ୍ଚୟ ଆସିବ ଦିନେ ଖୋଜି ମୋ' ଠିକଣା ॥ ୩ ॥

ମୋ : ୯୪୩୭୦୦୦୬୩୬

❐❐❐

ଅଳ୍ପ ଅଳ୍ପ ଶୀତ ଆଉ ବସନ୍ତ ବେଳରେ

ଅବନ୍ତୀ ମଲ୍ଲିକ୍



ଅଳ୍ପ ଅଳ୍ପ ଶୀତ ଆଉ
ସ୍ୱଳ୍ପ ସ୍ୱଳ୍ପ ବସନ୍ତ ବେଳରେ
ଗୀତ ଶୁଭେ ଚଇତି ମଳୟର
ଫୁଲ ଫୁଟେ ପାହାନ୍ତି ରାତିର
ପକ୍ଷୀମାନେ ଆସନ୍ତି ମତୁଆଲା ହୋଇ
ଖେଳିବାକୁ ଫଗୁର ରଙ୍ଗ
ବର୍ଣ୍ଣମୟୀ ଫଗୁଣର ।

ମୁଁ କେବେ ଅପେକ୍ଷା କରିନି
କା' ଆସିବାକୁ
କଥା ବି ଦେଇନି
ଖୋଲା ରଖିବି ଝରକା
କେହି ମନ ଖୋଲି ବସନ୍ତକୁ
ଡାକୁ ମୋ ଅଗଣାକୁ ।

ତଥାପି କେମିତି ଆସେ ବସନ୍ତ
ମଳୟରେ ମନ୍ଦ ମନ୍ଦ
ଖେଳାଇ ସ୍ପନ୍ଦନ
ଛୁଇଁ ବି ପାରେ ଯନ୍ତ୍ରଣାର
ଶିହରିତ ମନ ଆଉ
କାନ ଡେରି ଶୁଣି ପାରେ ଛାତି ତଳ
ଅବ୍ୟକ୍ତ ଗୁଞ୍ଜରଣ ,
ମାତ୍ର ମୁଁ ଯେ କୁହୁଡିର
ସୂକ୍ଷ୍ମ ଆବରଣ ପାଲଟି
ପହଁରି ପହଁରି ପଇଁତରା ମାରୁଛି
ସେଇ ବଳୟ ଚାରିପଟେ
ପାରି ହେଉଛି ନଈଟେ
ଏକ ଜୀବନ ଯୁଦ୍ଧର ।

ଏତେ ସବୁ ସତ୍ତ୍ୱେ
ଦେହରେ ମୋ ଶିହରଣ
କାହାର ଏ ସଙ୍ଗୀତ !
ଅଳ୍ପ ଅଳ୍ପ ଶୀତ !
ଆଉ ସ୍ୱଳ୍ପ ସ୍ୱଳ୍ପ ବସନ୍ତର !!

ଚରମ୍ପା, ଭଦ୍ରକ
ମୋ-୮୦୭୩୫ ୬୭୭୧୬

❐❐❐

ପ୍ରଶ୍ନୋତ୍ତର

ନିମାଇଁ ପଟ୍ଟନାୟକ



ଅକସ୍ମାତ ମୃତ୍ୟୁରେ ମୋର
ଦିଗବଳୟ ସେପାରିକୁ ଛୁଉଁଥିବା ସ୍ୱପ୍ନର
ଅପରୂପ ଇନ୍ଦ୍ରଧନୁ ଅନନ୍ୟ ଆଭାରେ
ଆଉ କାହା ଆଖିରେ ଉଜ୍ଜ୍ୱଳି ଉଠି
ପୂର୍ଣ୍ଣ କରିପାରିବ କି ମୋ ସପ୍ତରଙ୍ଗୀ
ଆସ୍ଥହାର ଅପୂର୍ବ ବର୍ଣ୍ଣାଳି ? ?

ପୁଣିଥରେ ଜନ୍ମ ହୋଇ
ସ୍ଥିତିକୁ ପରଖିଲାଯାଏ ଜୀବନ ରଙ୍ଗରେ
ମାଟିର ଏ ମହାଶ୍ମଶାନରେ
ଅର୍ଜିଥିବା ତପସ୍ୟା ଓ ପ୍ରାପ୍ତିର
ଅସରନ୍ତି ଅମାପ ସକଳ ଐଶ୍ୱର୍ଯ୍ୟ
ଥିବ କି ଅବିକଳ ସତେଜ ଉଜ୍ଜଳ ! !

ଈଶ୍ୱରଙ୍କ ଠିକଣା ନ ପାଇ
ମୋର ସବୁ ପ୍ରଶ୍ନ ଯେଣୁ ଫେରିଆସେ
ଜନ୍ମାନ୍ତରେ ମହାପ୍ରଶ୍ନ ହୋଇ
ମୋଠାରେ ସମାହିତ ତେଣୁ ସବୁ ଶେଷ ପ୍ରଶ୍ନଯାକ ॥

ବରଂ ଭଲ
ଚପଳ ଶିଶୁଟିଏ ପରି
ଆଶ୍ଚର୍ଯ୍ୟରେ ଜଗତ ଦେଖିବା
ସାରାଦିନ ସବୁଠି ନିଜକୁ ଖୋଜି ଖୋଜି
ଅକସ୍ମାତ ନିଜକୁ ଈଶ୍ୱର ବୋଲି ଘୋଷଣା କରିବା ! ! !

ଚାନ୍ଦବାଲି

ଫୋନ୍ : ୯୪୩୭୨ ୯୭୯୦୧

❐❐❐

ଚତୁର୍ଦ୍ଦିଗ ଚତୁର୍ଭୁଜ

ଜ୍ୟୋତି ପ୍ରକାଶ କର



ଅର୍ପଣ ତର୍ପଣ ଓ ସମର୍ପଣର
ତୀର୍ଥକ୍ଷେତ୍ରେ ସମବେତ ସମସ୍ତେ
ବନ୍ଦନରେ ଅଭିନନ୍ଦନରେ
ଆପଣାର ଦୁଃଖ ନିବେଦନରେ,
ବନ୍ଧୁ ଭାବି ବ୍ୟକ୍ତ କରିବାକୁ ବ୍ୟଥା
ବ୍ୟର୍ଥ ମନୋରଥେ ବିଶ୍ୱଦେବଙ୍କ ଦୁଆରେ ।
ଧୀକ କରି ଧନମାନ
ଧାୟୀ ଧରଣୀଧରଙ୍କୁ
ନମନ୍ତି ନାମବ୍ରହ୍ମଧାରୀମାନେ
ବ୍ରହ୍ମାଣ୍ଡ ଠାକୁରଙ୍କ ଧାମେ ।
ଚିନ୍ତାମଣିଙ୍କ ଚିନ୍ତନରେ
ଏକୀଭୂତ ଚିନ୍ତାମୁକ୍ତ ମନେ
ନାମ ସ୍ମରଣର ସୁଖ ପାଇଁ
ଚରଣ ତଳେ ଶରଣ ସକଳ ସଜ୍ଜନେ ।
ପାଦରେ ପାଦ ଛନ୍ଦି
ଆସନ୍ତି ଆଦିକନ୍ଦ ପୀତବାସ ପିନ୍ଧି
ଆଶୀଷର ପୀୟୁଷ ଧାରା ଧରି
ମନ୍ଦର-ଗିରିଧର ଶ୍ୟାମସୁନ୍ଦର
ପ୍ରଣମ୍ୟ ସେ ପ୍ରଣବାନନ୍ଦ ।
ଚାହିଁଦେଖ ଚତୁର୍ଦ୍ଦିଗ ପୂର୍ଣ୍ଣ ଚତୁର୍ବର୍ଣ୍ଣେ
ଚତୁର୍ଭୁଜଙ୍କ ଚତୁର୍ଦ୍ଧା ମୂରତି ଦର୍ଶନେ
ଚକଚକ ଦିଶନ୍ତି ସେ ଚକାଡୋଳା
ଚନ୍ଦନେ ଚର୍ଚ୍ଚିତ ନୀଳକନ୍ଦରର ନନ୍ଦବଳା
ନିନ୍ଦି ମେଘମାଳାର ଘନକଳା ।

ଭାବି ସେ ଭାବ ଭରସାର ଭଗବାନ
ଭୋକ ଶୋଷ ଭୁଲନ୍ତି ମୁନିଜନ,
ଦେଖି ଭୁଲାଣିଆ ଅପରୂପ ବେଶ
ଅଧିପତିଙ୍କ ଅଧରର ଅଧାଝରା ହସ
ଆସନ୍ତି ଅଧୀନ, ଅଧୀରୂଢ ଅଧୀଶ୍ୱର ପାଶ,
କଣିକାଏ କରୁଣା ପାଇଁ
ଆରତି କରନ୍ତି ଆରତରେ
ଆରତତ୍ରାଣଙ୍କୁ ଆତୁରରେ
ଆରାଧନା ଚରଣ ବନ୍ଦନାରେ ।

ପ୍ଲଟ ନଂ ୪୯/ସି, ଶକ୍ତିନଗର ,
ଲିଙ୍କ୍ ରୋଡ୍,କଟକ ୭୫୩୦୧୨
ମୋ-୯୪୩୮୫୩୨୪୫୭

❐❐❐

ଘାସଫୁଲ

ପୀତାମ୍ବର ମିଶ୍ର



ସାରସ୍ୱତ ବଗିଚାରେ ଘାସଫୁଲ ହସୁଛି,
ଭାଷାର ପୀୟୂଷ ତାର ଅଧରରୁ ଝରୁଛି । ॥ ୦ ॥
ଅଧ୍ୟୟନ କାଳେ ମନ ହେଲେ ମଧୁମାକ୍ଷୀ,
ଜ୍ଞାନ ମଧୁ ପାନ କରି ହୁଅଇ ସେ ସୁଖୀ ।
ବାଣ୍ଟିବାକୁ ଜ୍ଞାନ ମଧୁ ରଖଇ ସାଇତି,
ସମାଜ ହିତରେ ଆଣେ ଜାତୀୟ ସଂହତି ।
ଭଲ ପାଇବାର ମଞ୍ଜି ସାଉଁଟି ରଖିଛି,
ପାଠକ ପାଠିକା ହୃଦେ ବପନ କରୁଛି । ॥ ୧ ॥

ଓଡ଼ିଆ ଭାଷା ସାହିତ୍ୟ ବିଶ୍ୱରେ ମହାନ,
ସଭ୍ୟତା ସଂସ୍କୃତି ତାର ପ୍ରାଣର ସ୍ପନ୍ଦନ ।
ବିଭବରେ ବିଭୂଷିତ ତାର ବର୍ଣ୍ଣବୋଧ,
ପଞ୍ଚପ୍ରାଣେ ଭରୁଅଛି ପଞ୍ଚ ମୂଲ୍ୟ ବୋଧ ।
ଭାବରେ ମଜ୍ଜିଲେ ତାର ଅଭାବ ହଜୁଛି,
ଶାଶ୍ୱତ ପ୍ରୀତିରେ ନିତି ରାତିଟି ପାହୁଛି । ॥ ୨ ॥


ସ୍ୱଧ୍ୟାୟ କରିଲେ ମିଳେ ସରଗର ଶାନ୍ତି,
ସ୍ୱଧ୍ୟାୟୀଙ୍କ କାନେ କାନେ କହୁଥାଏ ନିତି ।
ଉତ୍ତମ କାର୍ଯ୍ୟେ ସଦା ରଖିଲେ ବିଶ୍ୱାସ,
ଜୀବନ ଯୁଦ୍ଧେ ବିଜୟୀ ହୋଇବ ମଣିଷ ।
ସୃଜନ ପ୍ରେମୀ ପ୍ରାଣକୁ ମୋହିତ କରୁଛି,
ଏକତାର ବନ୍ଧନରେ ସଭିଙ୍କୁ ବାନ୍ଧିଛି ।

ଗୀତିକାର ଆକାଶବାଣୀ
ବାଗଦାବିନାୟକପୁର, ବାସୁଦେବପୁର, ଭଦ୍ରକ
ମୋ : ୭୯୭୮୬୫୩୦୭୬

❐❐❐

ଜୀବନର ସାର୍ଥକତା

ଡ. ପୁରୁଷୋତ୍ତମ ଧଳ



ସମୟର ଦୋଛକିରେ
ଆମେ ସବୁ ମଣିଷମାନେ
ଦଣ୍ଡାୟମାନ,
ବେଳେବେଳେ କରୁଛେ
କିଛି ଭଲ କାମ
ସମାଜର ହେଉଛି ପ୍ରଭୁତ ଉନ୍ନତି
କିନ୍ତୁ ଅଧିକ ସମୟ ଦେଉଛେ
ପର କଥାରେ / ପର ଚର୍ଚ୍ଚାରେ ଆମେ ।
ଫଳରେ ସଚ୍ଚରିତ୍ର, ଦିବ୍ୟାତ୍ମାର
ଝଲକ ଦେଖିବାକୁ ମିଳୁନାହିଁ ଆମଠାରେ ।
ଆସନ୍ତୁ ଜାଣିବା ଏଇ କଥାର
ଗୁଢ଼ ରହସ୍ୟ । ଆମ ପୁରାଣ କହେ-
ବହୁ ଜନ୍ମାନ୍ତେ ମିଳେ
ଦୁର୍ଲଭ ମଣିଷ ଜନ୍ମ
ମଣିଷ ଜୀବନର ସାର୍ଥକତା ମିଳେ
ଯେତେବେଳେ, ଆମେ
କରି ପାରିବା ପରକୁ ଆପଣାର
ସେମାନଙ୍କ ମଧ୍ୟରେ ଦର୍ଶନ କରିବା ନିଶ୍ଚୟ
ସେଇ ନିରାକାର ପରଂବ୍ରହ୍ମ ପରମେଶ୍ୱର ।

ପଦିନାରାୟଣପୁର, ବାରିକପୁର ବଜାର, ଭଦ୍ରକ

❐❐❐

ହସ ହିଲ୍ଲୋଳ

ଉପେନ୍ଦ୍ର ନାଥ ପାତ୍ର



କାହିଁ ସେ ହସ ହିଲ୍ଲୋଳ,
ହସ ହସ ମୁଖ ସ୍ୱତଃପ୍ରବୃତ୍ତ, ଅନାବିଳ,
ଯାହା ପାଇଁ ଆମେ ଏତେ ବ୍ୟାକୁଳ ।
ଯୋଗୀ ଋଷି ବିଧାନ ମତେ ଉପଚାର,
କରେ ଶୁଦ୍ଧ ପୂତ କାୟୋମନବାକ୍ୟର,
ଖୋଜା ଲୋଡ଼ା ପଡ଼େ ସଭିଙ୍କର ।

ଏ ଯେ ମିଛ ମାୟା ମର୍ତ୍ତ୍ୟମଣ୍ଡଳ,
ଜୀବିକା ସୁଖ ସୁବିଧାକଙ୍କେ ସଂଗ୍ରାମ ପ୍ରବଳ,
ସ୍ୱାର୍ଥ ଭୋଗ ବାଦରେ ସଦା ମତ୍ତ ବିହ୍ୱଳ ।
ପରସ୍ପର ଈର୍ଷ୍ୟା ହିଂସା ଦ୍ୱେଷ ପୂର୍ଣ୍ଣ ଏ ସଂସାର,
ମସ୍ତିସ୍କ ମନ ହୃଦ ଅସମତୁଲ ଅସ୍ଥିର,
ହସ ଖୁସି କାହୁଁ ହେବ ନିର୍ମଳ ମଧୁର ।

ହେଲେ ପ୍ରାକୃତିକ ଉତ୍ସ ସ୍ରଷ୍ଟା ଖଞ୍ଜିଛନ୍ତି,
ବାଳସୂର୍ଯ୍ୟ ପ୍ରକାଶନ୍ତି ସୁଷମା ପ୍ରଭାତୀ,
ସରଞ୍ଜନ୍ତି ହସିହସି ବର୍ଣ୍ଣବିଭା ବାଣ୍ଟି ।
ଉଦ୍ୟାନେ ନବକଳିକା କି ସୁନ୍ଦର ବିକଶେ,
ବିତରେ ସୁବାସ ମନ୍ଦ ମନ୍ଦ ହାସ୍ୟେ,
ତନୁ ମନ ପୁଲକିତ ନୈସର୍ଗିକ ଦୃଶ୍ୟେ ।

ଜୀବନ ଯମୁନାରେ ଶୁଭବେଳା ଆସେ,
ଶିଶୁ ଲଭି ଦିବ୍ୟ ମାତୃପ୍ରେମ ଖିଲିଖିଲି ହସେ,
ଆମେ ହେବା ହିଲ୍ଲୋଳିତ ସତ୍‌ସଙ୍ଗ ପରଶେ ।


ମୁଖ୍ୟ ସଂପାଦକ -'କେଦାରଶ୍ରୀ, ସୋର,
ଫୋନ୍ ନଂ.୭୨୦୫୦୬୩୩୯

ମାର୍ଫତ: ଡ. ସଂଦୀପ ପାତ୍ର (ଏମ୍:ଏସ୍)
ପାତ୍ର ଲେପ୍ରୋସ୍କପି ହସ୍ପିଟାଲ
ନୂଆ ବସଷ୍ଟାଣ୍ଡ, ଭଦ୍ରକ

❐❐❐

ଆକାଶର ତାରା

ସାରଥି ପଣ୍ଡା



ବାପା !
ଆସନ୍ତା ତିଥିରେ ତୁମ ନାତି ବାହାଘର
ଯା' ମୁହଁକୁ ଦେଖିଲେ ପୋଛି ହେଇଯାଉଥିଲା
ତୁମ ଘର୍ମାକ୍ତ ମୁଖମଣ୍ଡଳ-ସମଗ୍ର ଶରୀର
ମଳୟ ପବନ ପରଶରେ ଶିହରିତ ହେଉଥିଲ ତୁମେ
ବୈଶାଖର ଡହଡହ ନିଆଁରେ ବି ।
ତା'ଭିତରେ ହିଁ ତୁମେ ଦେଖୁଥିଲ
ମନ ଭିତରେ ତୁମେ ସଜାଇ ରଖିଥିବା ସୁସଂଚ
ଭବିଷ୍ୟତ,
ତା'ର ପ୍ରତିଷ୍ଠା-ପରିବେଷ୍ଟନୀ-
ତା'ସହଧର୍ମିଣୀର ସ୍ୱରୂପ ବି ।
ତା'ଜନ୍ମ ପରେ
ମୋ ଅପେକ୍ଷା ସେ ଅଧିକ ଝଟକୁ ଥିଲା ତୁମ ଆଖି ଆଗରେ-
ଅନୁରସ୍ଥ ଗହୀର ଇଲାକାରେ
କେତେ ସଫଳ ହେଇଚି
ତୁମର ସେ ଅନବଦ୍ୟ ପ୍ରେମ-ସମର୍ପଣ-ସ୍ୱପ୍ନ;
ଏବେ,
କିଏ କହିଦେବ ମୋତେ ପାଖକୁ ଡାକି ?
ତୁମେ ତ ଆଖିରେ ଅସରନ୍ତି ଲୁହ ଦେଇ
ଏ ଶୁଭଲଗ୍ନର ମାତ୍ର କେଇଟା ବର୍ଷ ଆଗରୁ
ଆକାଶର ତାରା ହେଇ ସାରିଛ ।।

କବି ଓ ଶ୍ରୁତିନାଟ୍ୟକାର
ଓମନଗର, ଆନନ୍ଦବଜାର, ଭଦ୍ରକ

❐❐❐

ଅଧାଗଢା

ଡ. ଅନିଲ ନନ୍ଦ



ଆଗକୁ ଯାହା ହେବ ଦେଖାଯିବ
ଈଶ୍ୱର, ପାମର କି ବାନର ।

ହେଇ ଦେଖ ! ବଢ଼ି ଗଲାଣି ଖରା
ତରଳି ଚାଲିଚି ବରଫ
ଜିଭ ଲମ୍ବାଇ ଛୁଟି ଆସୁଛି ସମୁଦ୍ର
ଭୋକର ପକ୍ଷୀମାନେ ସର୍ବତ୍ର
ଖୋଜି ବୁଲୁଛନ୍ତି ଆହାର
ବାରମ୍ବାର ଭାଙ୍ଗି ପଡୁଛି ନିହାଣ
ଖସି ପଡୁଛି ହାତର ହାତୁଡି ।

କିଛି ତ ଗଢିଦେବାକୁ ହେବ
ଗଢ଼ି ଯିବାର ବେଳକୁ ସାର୍ଥକ କରି
ଯେମିତି ଆଗାମୀ ସକାଳ ହେବ
ମଙ୍ଗଳମୟ ଦେବତାଙ୍କ କରୁଣାରେ ।

ଗଢା ଚାଲିଛି ଅବିରାମ
କେତେବେଳୁ ରକ୍ତ ହେଲାଣି ଝାଳ
ପଥର ପାଲଟି ଗଲାଣି ଛାତି
ନିଦ ଫେରାଇ ଚାଲି ଯାଉଛି ରାତି
ଗୋଟେ ଯନ୍ତ୍ରଚାଳିତ ଆଗପଛ ଭୁଲି
ସେକେଣ୍ଡ କଣ୍ଟାରେ ମିଶାଇ ଦେଇଛି
ଠକ୍ ଠକ୍ ଶବ୍ଦ ।

ଆଜିଯାଏ ଯାହା ତିଆରି ସରିଛି
ସେସବୁ ବେଶି କିଛି ନୁହଁ
ଖାଲି ଆଖି ନଥିବା ଗୋଟେ ମୁଣ୍ଡ
ପାପୁଲି ନଥିବା ହଳେ ହାତ
ଦୁଃଖ ଶୁଣି ପାରୁନଥିବା କାନ
କ୍ରମଶଃ ଟାଣ ଓ ନିଷ୍ଠୁର ହେଉଥିବା
ଗୋଟେ ହୃଦୟବିହୀନ ଛାତି ।

ହଁ, ତିଆରି ଚାଲିଛି ସବୁଠି
ଗଢ଼ିଦେବାଟା ଦାୟିତ୍ୱ ବୋଲି
କେମିତି କହିହେବ ଏବେଠାରୁ
ଆଗକୁ କିଏ ଲଭିବ ପୂର୍ଣ୍ଣାଙ୍ଗ ରୂପ
ଦେବ,ଦାନବ ନା ମାନବ !

କ୍ୟାମ୍ପସ - ୯' କିଟ୍
ଭୁବନେଶ୍ୱର
ମୋ - ୯୯୩୭୮୪୩୩୬୮

❑❑❑

ବାପା

ବିଜୟ କୁମାର ଜେନା



ପ୍ରତ୍ୟହ ଦେଖେ :
ମନ୍ଦିରର ବିଗ୍ରହ ସବୁ ଦୁଶନ୍ତି,
ବାପାଙ୍କ ପରି ଚଳନ୍ତି ଈଶ୍ୱର
ସାକ୍ଷାତ ନୀଳକଣ୍ଠ ପରି, ସଦା ଚିତ୍‌ଘନ
ସିଏ ପ୍ରତିମୁହୂର୍ତ୍ତରେ ଆସନ୍ତି, ଯାଆନ୍ତି
ଛାଇ ପରି ଚାଲୁଥାନ୍ତି ଆଗରେ
ଥାଆନ୍ତି - ଅନୁଶାସନ,
କର୍ମ ଭକ୍ତି ପ୍ରେମ ଅର୍ଘ୍ୟରେ

ବାପାଙ୍କର ଅଭିଜାତ ପରିହିତ ଗାମ୍ଭୀର୍ଯ୍ୟର
ମୁହଁ ଦୁଶେ ଦୀପ୍ତ ଅନନ୍ତ ମହାକାଶ ।

ବାପା, ମୋ ସଂଘର୍ଷର ତ୍ରୀକାଳରେ
ଠିଆ ହେବାର ଭାରସାମ୍ୟ,
ଚେତନାର ଚାବୁକ୍,
ସମୟ ସ୍ରୋତରେ ନାଆର ନଙ୍ଗର
ନ ହାରିବା ସଭାର ।
ସେ, ଦିବ୍ୟ ଜ୍ଞାନର ପରିପ୍ରକାଶ
ମୋ ଭିତରେ ମୂଳ ଆଧାରର ପୃଥ୍ୱୀ
ଷଡ଼ ଚକ୍ରର ପ୍ରତି ଚକ୍ରରେ ବାପା
ମୋ ଉତୀର୍ଣ୍ଣତାର ଉତ୍ତରଣ
ମୁଁ ଘୂରେ ତାଙ୍କ ଚାରିପଟେ ଚକାଭଉଁରୀ ।

ବାପା, ମୋ ଚାରିପଟେ ମେଘନାଦ
ହିମାଳୟ ପରି ପ୍ରଲମ୍ବିତ ବକ୍ଷ ତାଙ୍କର
ମନ୍ଦିରର ସେଇ ମୃଣ୍ମୟ ପରି
କରୁଣା, କ୍ଷମା, ଦୟା, ତ୍ୟାଗର ନିରାପଦ
ଆଶ୍ରୟ ।

ବାପା, ଝଙ୍କାଳିଆ ଗଛର ଛାଇ,
ସାତ ପରସ୍ତର ମଥାନ ଖୁଣ୍ଟ
ବିବେକ୍ ବିଚାର, ଧର୍ମ, କର୍ମର ମୂର୍ତ୍ତିମନ୍ତ
ଶିଖେଇଥାନ୍ତି ଉଡ଼ି ଉଡ଼ି ସାରା ଆକାଶ
ପ୍ରତିସ୍ରୋତର ବିରୁଦ୍ଧେ
ପହଞ୍ଚିବା ଆର କୂଳର ।

ମଙ୍ଗଳାପଦା, ଚୁନିଦା, ଭଦ୍ରକ
ମୋ : ୯୬୬୮୭୧୨୩୪୧

❐❐❐

ଫଗୁଣ ଆସିଛି

ବାବୁଲାଲ ଦାସ



ଫଗୁଣ ଆସିଛି ବସନ୍ତ ଆସୁଛି ଆସୁଛି ମଳୟ ବାଆ
ପ୍ରେମୀକାର ଧ୍ୟାନ ଆତୁରିତ ମନ ଜଳୁଛି ଛାତିର ନିଆଁ । ॥ ୧ ॥

କୋଇଲି ବିଚରା ଏଡ଼ାଳେ ସେଡ଼ାଳେ କାକଳିର ତାଳେ ତାଳେ
ମଧୁରେ ମଧୁରେ ସୁଲଳିତ ସ୍ୱରେ ପିରତି ଇନ୍ଧନ ଢାଳେ । ॥ ୨ ॥
ହଳଦୀ ବସନ୍ତ ହୁଏ ହନ୍ତସନ୍ତ ସାଥିବିନା ଛନ ଛନ
ବୟସ ବସନ୍ତେ ପ୍ରେମୀକାଟି ଚିନ୍ତେ କୋମଳ ପରଶ ମନ । ॥ ୩ ॥

ଆହ୍ଲାଦିନୀ ରାଧା ଦିଏନାହିଁ ବାଧା ପ୍ରାଣଭରା ଆଲିଙ୍ଗନ
ପ୍ରେମୀକ ଯେସନେ ପ୍ରେମୀକାର ମନ ବୟସର ଉପବନ । ॥ ୪ ॥
ଫଗୁଣ ଅଭିର ପ୍ରୀତି ପାରିବାର ଦିଆନିଆ ଯେହ୍ନେ ହୁଏ
ପ୍ରେମୀକର ମନ ମାନ ଅଭିମାନ ପ୍ରେମୀକା ପଣତେ ଥାଏ । ॥ ୫ ॥

ଫଗୁଣ ଛାଡ଼ିବ ରଙ୍ଗ ବି ଛାଡ଼ିବ ଫିକା ଫିକା ନାହିଁ ଓଠ
ଅବୁଝା ମନଟା ହୁଏ ହଟହଠା ମିଛୁଟାରେ ପ୍ରୀତି ହାଟ । ॥ ୬ ॥

ସମ୍ପାଦକ
ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ
ଚରମ୍ପା

❑❑❑

ବିଶ୍ୱନାୟକ

ସଂଯୁକ୍ତା ଶରଣ



ମୋ ଦୃଷ୍ଟିର ଅନ୍ତରାଳେ ମୋ ଚେତନାର ବହିର୍ଭୁତ
କିଏ ତୁମେ କରିପାର ଚିନ୍ତା,
ଏ ବିଶ୍ୱ ଆଦ୍ୟ ପ୍ରାନ୍ତ ସାଗର ବକ୍ଷରେ ।
ସୃଜିପାର ଅସୀମ ଜୀବ କୂଳ
ପ୍ରକୃତିର ପଞ୍ଚ ଭୁତେ ତୃଣ ତରୁ
ନବ୍ୟ ଭବ୍ୟ ସୃଷ୍ଟିର ସମ୍ଭାର ।
ଏ ବିଶାଳ ରଙ୍ଗମଞ୍ଚେ ନାନା ରୂପେ
ଅଗଣିତ ନାଟକର ।
ନାଟକର ଚରିତ୍ରକୁ କେହି ଅଭିନୟ କରେ ନିଖୁଣ ଭାବରେ,
ଆନ କିଏ ଅଭିନୟେ ରଙ୍ଗ ମଞ୍ଚ ତ୍ୟାଗ କରେ
ତୁମରି ଇଚ୍ଛାରେ ।
ହେ ପ୍ରଭୁ, ରୂପହୀନ ବ୍ରହ୍ମ ସନାତନ
ବହୁରୂପୀ ସାଜିପାର ଗଢ଼ିପାର ଧର୍ମର କାନନ,
ଲେଖି ପାର ଗୀତା ଭାଗବତ ସମ ଆନ ଧର୍ମ ସନ୍ଧିଧାନ ।
ଏ ନାଟକରେ ମୁଁ ଅତି ନଗଣ୍ୟ,
ମୋ ଚିନ୍ତା ଚେତନାରେ ତୁମେ ଗୁଣା ତୀତ,

ବାର ମ୍ୟାର ହୃଦ ମଧ୍ୟେ ହୁଏ ଆନ୍ଦୋଳିତ,
କିଏ କଳାକାର,
ଅନାଦି ଅନନ୍ତ ଅବିନଶ୍ୱର
ପରାପ୍ତର ଅଦୃଶ୍ୟ ଅଖଣ୍ଡ ବିଶ୍ୱର ।

ଗାନ୍ଧୀ ମନ୍ଦିର ରୋଡ
ତହସିଲ ଅଫିସ ପାଖ
ଢେଙ୍କାନାଳ

❐❐❐

ଭଲପାଏ ବୋଲି

କସ୍ତୁରୀ ମଞ୍ଜରୀ ବାରିକ୍



ଭଲ ପାଏ ବୋଲି
ମାଟିରେ ପଦାର୍ପଣ କଲି
ମନକୁ ସଂଖୋଳିଲି
ନିରବରେ
ମଣିଷ ସହ ମିଶିଗଲି
ନିର୍ଦ୍ୱନ୍ଦ୍ୱରେ
ଜୀବନକୁ ବୁଝିବାକୁ
ଆରମ୍ଭ କଲି ।

ଭଲପାଏ ବୋଲି
ଦୁଃଖକୁ ସୁଖ ମଣିଲି
ନିନ୍ଦାକୁ ପ୍ରଶଂସା ଭାବିଲି
ବଡ଼ଲୋକିରୁ ଦୂରେଇ ରହିଲି
ଓ
ଜୀବନ ଚକ୍ରର ପ୍ରତି ପାହାଚକୁ
ବୁଝି ଜ୍ଞାନ ପ୍ରାପ୍ତ ହେଲି
ଝରିଁଲି ଚତୁର୍ଦ୍ଦିଗ ।
ଏବଂ
ଭଲପାଏ ବୋଲି
ଚାଲି ଆସିଲି ହାତ ଧରି
ଆଗରେ ଅନେକ ଅମଡ଼ା ବାଟ ।
ସଂକଳ୍ପ ଥିଲା ସାଉଁଟି ନେବି
ଜୀବନରେ ଜିଇବା ତକ
ଯାହା ଘଟୁ ଚଲା ପଥରେ ।

ଇଏ ଭଲ ପାଇବାର ବକ୍ର ଶପଥ
ବିଚାର କରେନା
ବାଧା ଓ ବନ୍ଧନ
ଅତର ପରି ମହମହ
ମାଟି ଓ ଆକାଶ ପରି ଲୋଭନୀୟ ।


ମାର୍ଫତ- ବାସୁଦେବ ବାରିକ୍
ଆରଡ଼ି ଛକ, ଭଦ୍ରକ
ମୋ-୮୫୯୯୦ ୭୭୮୧୮

(ଦିବଙ୍ଗତା କବୟିତ୍ରୀ କସ୍ତୁରୀ ମଞ୍ଜରୀ ବାରିକ୍‌ଙ୍କ 'ଭଲପାଏ ବୋଲି' ପୁସ୍ତକରୁ ସଂଗୃହୀତ)

❐❐❐

ଅକୁହା ବ୍ୟଥା

ଡା. ମନୋରଞ୍ଜନ ଦାଶ



ସଂଘର୍ଷ ସ୍ୱାର ଯେ ବହୁକାଳରୁ...
ସମସ୍ତଙ୍କୁ ଖୁସି କରିବାକୁ ଜଳୁଥାଏ ସେ
ପ୍ରତିଟି ମୁହୂର୍ତ୍ତରେ...
ସତେ ଯେମିତି ଜଳିଜଳି ବଞ୍ଚିବାକୁ
ଜନ୍ମ ତା'ର ।
ନିଜେ ଜଳିଲେ ବି କାହାକୁ କହି ହୁଏନି ।
କୋହକୁ ଛାତିରେ ଚାପି ରଖିବାକୁ ଦମ୍ଭ ବାନ୍ଧିବା ହିଁ ସାର..
ଆହୁରି ଜଳୁଥାଏ ସେ,ଏ ଦୁନିଆଁରେ, ମଣିଷ ପଣିଆର
ଉଜୁଡା ନିଆଁରେ....
ସରକାରୀ ଦପ୍ତର ରେ ଅପାଂକ୍ତେୟର କ୍ଷତ
ବ୍ୟଥିତ କରିଲେ ବି ଛାତିକୁ ପଥର କରିଚି ସେ ।
କାହାରି ଦୋଷ ଏଠି ନାହିଁ,ସତରେ ।
ଏସବୁ ନିଜର ଦୁର୍ଭାଗ୍ୟ ।
ଦୁବଘାସ ର ଦର୍ଶନ କୁ ପାଥେୟ ତା'ର ।
ମନର କାଗଜରେ ସିନା ସୃଜନର ଛବି ଆଙ୍କିପାରେ !
ଏସବୁ ଦେଖୁଚି କି ବୁଝୁଚି ଏଠି କିଏ !
ନିଜର ସ୍ୱାଭିମାନକୁ ଜାବୁଡ଼ି ଧରି ପାରୁନି ସିଏ ।
ଅହଂ ଔଦ୍ଧତ୍ୟର ସକ୍ଷାମାନଙ୍କ ପାଖରେ,
ହାରିଯାଉଚି ବାରମ୍ବାର...
ଅଭିଶପ୍ତ ଜୀବନଟିଏ ସତରେ ଇଏ !
ସେଇ ଅଦୃଶ୍ୟ ଦେବୀଙ୍କ ପାଖରେ
ଆଖିରୁ ଲୁହ ଗଡ଼େଇ ମୁଣ୍ଡ ବାଡେଇବା ଛଡା
ଆଉ କିଛି ପନ୍ଥା ନାହିଁ ବିଚରାର.....

ପ୍ରଭାବତୀ ନିଳୟମ୍, ଚୁନଢିହ,
ପଟ୍ଟାମୁଣ୍ଡାଇ ଜି : କେନ୍ଦ୍ରାପଡ଼ା
ମୋ -୯୪୩୭୩୧୭୭୨୨

❐❐❐

ସତ ଅଭିନୟ ଜୀବନ ଗପ

ପ୍ରଶାନ୍ତ କୁମାର ଦାଶ



ସ୍ନେହ ମମତାର ତଟିନୀଟିଏ ସେ
ମହୁବୋଳା ଅନୁରାଗ
ତାର ହାତରନ୍ଧା ମନଲାଖି ଚିଜ
କୋଟି କୈବଲ୍ୟର ଭୋଗ ॥

ତାର ହାତ କରେ ଛୋଟ ଘରଟିକୁ
ମମତା ମନ୍ଦିର ଏକ
ତାର ହାତଗଢା ଲବଣୀ ପିତୁଳା
ରଖିଥାଏ ଦେଶଟେକ ॥

ଘର ମାଟିକାନ୍ଥେ ଝୋଟି ଚିତା ଆଙ୍କି
ଲକ୍ଷ୍ମୀଙ୍କୁ ପୂଜଇ ବୋଉ
ସରସ ମଧୁର କରି ରାନ୍ଧିଦିଏ
ଗଛୁ ଆଣି ଖଟା ଓଉ ॥

ତା ହାତର ଗଢା ଗଛଡାଳେ ଫୁଟେ
ଶୋଭାଫୁଲ କରି ଠାଣି
ଭୋକ ବେଳେ ଭରେ ପେଟରେ ଆହାର
ପୁଅ ଝିଅ ମନ ଜାଣି ॥

ପିଲାଙ୍କ ପାଇଁକି ଥାଏ ତା ଆଖିରେ
ସ୍ୱପ୍ନଭରା ଅଙ୍ଗୀକାର
ଅଶିଣର ସେତ ନିରାସକ୍ତ ଖରା
ଶ୍ରାବଣ ବରଷା ଧାରା ॥

ଲୁହର କାଳିରେ ଜୀବନର ଦୁଃଖ
ଲେଖିଯାଏ ବୋଉ ତାର
ଘରଟିଏ ସାଜେ ତା ପାଇଁ ସୁନ୍ଦର
ସମ୍ଭାବନା କାରାଗାର ॥

ବିଶାଳ ନଈର ସୁଅରେ ବୋଉତ
ଶୁଖିଲା ପତର ପରି
ଲେଖିଯାଏ ତାର ଜୀବନର ଗପ
ସତ ଅଭିନୟ କରି ॥

କୁଞ୍ଜର- ସଙ୍ଗଳାଇ
ପିପିଲି- ପୁରୀ
ମୋ- ୯୬୬୮୮୨୨୧୯୦

❐❐❐

ଶୀତ ନାନୀ

ମନୋରମା ରାୟ



ଶୀତ ନାନୀ ଲୋ ଶୀତ ନାନୀ
କେତେ ହେଉ ତୁ ଅଭିମାନୀ
ବରଷକେ ଥରେ ଆସିଛୁ ଧରାକୁ
କେତେ ରଂଗ ବେରଂଗ ବେଶ ହେବାକୁ ।

ପାହାନ୍ତି କାକର ନେଇ ଆସିଛୁ
ଦୂରକୁ ସୁନ୍ଦର କେଡ଼େ ଦିଶୁଛୁ,
ଧୂଆଁଳିଆ ହୋଇ ତୁ ମାଡ଼ି ଆସିଛୁ
କଳାପାହାଡ଼ ପରି ଠିଆ ହୋଇଛୁ ।
ଜାତି ଜାତି ଫୁଲ ବାଡ଼ି ବଗିଚାର
ପ୍ରକୃତିକୁ କରୁ କେତେ ମନୋହର ।
ଗଭାରେ ଖୋସିବୁ ନାଲି ଗୋଲାପ
ଆନନ୍ଦ ଭରିବୁ ତୋ ପ୍ରେମିକ ମନର ।
ଶୀତ ନାନୀ ଲୋ ଶୀତ ନାନୀ
ହୁଅ ନାହିଁ ଏତେ ଅଭିମାନୀ ।

ଖଳାରେ ଧାନ ବଦାଡି ରଖି
କୃଷକ ମନକୁ କରୁଛୁ ଖୁସି
ନାନା ଜାତିର ପନି ପରିବା ଖାଇ
ତେବେ ଆମେ ସୁସ୍ଥ ହୋଇବା ଯାଇ ।
ରୋଗ ବ୍ୟାଧି ସବୁ ଯିବ ଦୂରେଇ
ଶୀତ ନାନୀକୁ ନେଲେ ଆପଣେଇ ।

ମାଘ ମାସ ଶୀତ ବାଘ ପରି
ପୌଷ ମାସର ଶୀତ ପବନ
ପୌଷ ପ୍ରୀତ ପଦୁଅଁ ପରି
ଶରୀର ଦିଶୁଛି କେତେ ମଳିନ ।

ମାଘୁଆ ଶୀତକୁ ମେଲାଣି ଦେଇ
ଧରାକୁ ଆସିବ ଋତୁରାଜ ବସନ୍ତ ।
ତା ସାଙ୍ଗେ ଆଣିବ ମୃଦୁ ମଳୟ
ସଭିଙ୍କ ମନ ହେବ ଉଲ୍ଲସିତ ।
ଶୀତନାନୀ ଲୋ ଶୀତ ନାନୀ
ହେବୁ ନାହିଁ ତୁ ଅଭିମାନୀ ।

ମଠସାହି, ଭଦ୍ରକ
ମୋ- ୯୮୬୧୧୦୫୦୩୫

❐❐❐

ସ୍ୱାଗତିକା

ଶକୁନ୍ତଳା ନାୟକ



ହପ୍ତେ ହେବ କାହିଁ ଶୁଭୁନାହିଁ ଆଉ
ଠୁକୁ ଠୁକୁ ବାଡ଼ି ଶବଦ ସ୍ୱର
ବିଚରା ସନିଆ ଦାଣ୍ଡ ପିଣ୍ଡାଠାରେ
ଗଡ଼ାଉଛି ବସି ଲୋତକଧାର ।
ପାଇଗଲେ ରାତି ଡାମରା କାଉଟା
ରାଉ ରାଉ ହୋଇ କହୁଛି କେତେ
ଝିଅ ଭୁଆଶୁଣି ଶବଦ ନାହିଁ ବା'
ଭିଡ଼ ନାହିଁ ଗାଁ ଖାଁଖାଁ ସତେ ।
ତେଲଭାଜି ମିଠା ଘୁଘୁନି ପକୁଡି
ପୁରି ଆଳୁଦମ ପସରା ଭରି,
କେତେ ରକମର ଝଖଣା ବିକି ସେ
ଶରୀର ପଡିଛି ବିଛଣା ଧରି ।
ପୁଷମାସ ଜାଡ଼େ ହେଲେ କେତେ ହାଲ
ଏକା ନୁହଁ ଯେତେ ସନିଆ ମାଆ
ଅର୍ଥେ-ଦହଗଞ୍ଜା ନିରୀହ ଜୀବନ
ଭୋକେ ମଲେ କାହିଁ କେତେ ସନିଆ
ଦୂରେ ଯାଅ ଶୀତ ଆସ ଗୋ ବସନ୍ତ !!
ବାର୍ଦ୍ଧକ୍ୟ କଷଣ ହେଉଗୋ ହର,
ମାତୃ ମମତାରେ ହସନ୍ତୁ ସନିଆ
ଆଖିରୁ ପୋଛିଣ ଲୋତକ ଧାର ।
ଫିକା ପଡ଼ିଲାଣି କାଶତଣ୍ଡି ଆଭା
ହସିଲାଣି ଲକ୍ଷେ ପଳାସ ପୁଣି
ଅଳ୍ପ ଶୀତଟାକୁ ବେଖାତିର କରି
ସ୍ୱାଗତେ ପ୍ରସ୍ତୁତ ପ୍ରକୃତି ରାଣୀ ।

ସାମରାଇପୁର, ଭଦ୍ରକ
ମୋ- ୯୩୪୪୮ ୩୭୦୬୧

❑❑❑

ତୁହି ମୋର ଗଳାମାଳିଆ

ମମତାରାଣୀ ଦାଶ



ତୁହି ମୋ କାଳିଆ ମୋ ଚକାଆଖିଆ
ତୁହି ମୋ ଗଳାମାଳିଆ
ଥରେ ନଦେଖିଲେ ତୋ ଶୀରି ବଦନ
ଦିନ ଲାଗେ ରାତି ଭଳିଆ
ତୁହି ମୋ ଗଳାମାଳିଆ..... । ॥ ୦ ॥

ତୋର ବିନା ଏହି ଜୀବନ ମୋହର
ଯାତନା ଜୁଇରେ ଜଳେ
ବଞ୍ଚିବାର ପଥ ଦେଖାଇଲୁ ମୋତେ
ଏ ସଂସାର ନଦୀର କୋଳେ
ନଦୀ ଲଙ୍ଘିବି ମୁଁ କେଉଁଭଳିଆ
ତୁହି ମୋ ଗଳାମାଳିଆ..... । ॥ ୧ ॥

ମାୟାଧର ତୁହିଁ ମାୟା ଲଗାଇଲୁ
ମାୟା ମୋହେ ଛନ୍ଦି ହେଲି
ବିପଦେ ସାହସ ଦିଅ ପ୍ରଭୁ ମୋତେ
ମୁଁ ବା ତୁମର କି କଲି
ସାହସ ଦିଅ ହେ କାଳିଆ
ତୁହି ମୋ ଗଳାମାଳିଆ..... । ॥ ୨ ॥

ଆମ ମାତୃଭାଷା ପରିଷଦ, ଭଦ୍ରକ
ମୋ- ୯୪୩୮୩୩୫୮୯୭

❐❐❐

ନିଝୁମ ରାତିର ଝଡ଼

ଜଗନ୍ନାଥ ନାୟକ



ତୁମ ବିନା ମୋର ସବୁ ତ ଅନ୍ଧାର ଅମାବାସ୍ୟା ରାତ୍ର ପରି,
ପ୍ରତିଟି ମୁହୂର୍ତ୍ତ ଅସହ୍ୟ ଯନ୍ତ୍ରଣା ବଞ୍ଚୁଅଛି ମରି ମରି ।
ଭଲ ପାଇଥିଲି ହୃଦୟ ସମର୍ପି ଦେଲି ବିନା ଆପତ୍ତିର,
ତୁମେକି ସତରେ ଏତେ ନିରିଦୟ ଅକର୍ମା ତୁଠ ପଥର ।
ଭାବିଥିଲି ମୁହିଁ ମଳୟ ବହିଲେ ଚନ୍ଦନ ପରି ବାସିବ,
ମରୁଭୂମି ପରି ଲାଗୁଅଛି ଏବେ ସତେକି ତୁମେ ଆସିବ ।
ଶୟନେ ସପନେ ଅବା ଜାଗରଣେ ତୁମ କଥା ମନେପଡେ,
ଅସଲ ରହସ୍ୟ ଖୋଲିଯାଏ ଏବେ ପରକୀୟା ଧରାପଡେ ।
ସ୍ୱପ୍ନ ରାଇଜରେ ବୁଲୁଥିଲି ମୁହିଁ ଧରିବାକୁ ରୂପାଚନ୍ଦ,
ଧୋକା ଖାଇବାରୁ ଜାଣିଲି ଏଥର କିଏ ଭଲ କିଏ ମନ୍ଦ ।
ସରଗରୁ ତାରା ଫୁଲ ତୋଳିବାରେ ବାନ୍ଧିଥିଲି ମନେ ଆଶା,
ନିଝୁମ ରାତିର ଅଦିନିଆ ଝଡ ପିଇଥିଲା କେଉଁ ନିଶା ।
କ୍ଷୀର ଠାରୁ ପାଣି ଅଲଗା ହୋଇଲା ଜଣା ପଡିଗଲା ସବୁ,
ଧୀର ପାଣି ସତେ ପଥରକୁ କାଟେ ଜାଣିଲେ ପରତେ ଯିବୁ ।

ସରିଫ୍ ପୁର, ଭଦ୍ରକ
ମୋ : ୯୯୩୭୯୨୨୬୨୫

❐❐❐

ମୁଁ

ରମେଶ ଚନ୍ଦ୍ର ସ୍ୱାଇଁ



ମୁଁ
ହିଂସାର ସମ୍ରାଜ୍ୟରେ ମାନବିକ
ମୂଲ୍ୟ ବୋଧ ଫିକା ଫିକା
କାହା ପାଇଁ ଭଲତ କାହାପାଇଁ
ନିଆରା ଇଲାକା ।
*
ମୁଁ
ଏକ ନୀରବ ରାସ୍ତାରେ ବାଦଶାହା
ଭୂଲ ଭଲ ବୁଝିବା ସମୟ ହାତରେ
ନାହିଁ କ୍ଷ ବେଳେ ବେଳେ ବିବେକ
ପ୍ରଶ୍ନ କରେ ମଣିଷ ତୋର ଜନ୍ମ
କାହିଁ ପାଇଁ କାହିଁ ପାଇଁ ?
*
ମୁଁ
ମୁଁ ମୋ ମନକୁ ଭରିଭଲ
କିଏ କଣ କହିଲା ଶୁଣିବାକୁ
ସମୟ ନାହିଁ,
କାହିଁକି କେଜାଣି ମୋ ଚତୁର୍ଦ୍ଦିଗେ
ନ୍ୟାୟ ପାଇଁ ସଂଗ୍ରାମ ବଂଚିବା ପାଇଁ ।
**
ଏଇ ହାତରେ ମୁଁ ଦାନ କରିଛି
ମୋ ନାମ ଖବର କାଗଜ କାଢ଼ିଛି ।
ମୁଁ ଜଣେ ମଣିଷ ଏଇ ଯୌବନ ମୋତେ
ସ୍ୱାର୍ଥ ପର କରି ବାହାଦୁରୀ ନେଇଛି ।
ମୁଁ
**
ମୁଁ ଭାବନା ରାଜ୍ୟରେ ଭାସିଛି
ବେଳେ ବେଳେ ମୋ ବିବେକ କୁ
ମୁଁ ନିର୍ଦ୍ଦୟ ଭାବେ ହତ୍ୟା କରିଛି
ଅଚଳାଚଳ ସମ୍ପତି ମୋରି ହେବାକୁ
ମୁଁ ମିଛ କହିଛି ।
ମୁଁ
**
ମୁଁ ଆଜି ଗୀତା ଭାଗବତ ପଢୁଛି
ସମାଜସେବୀ ଭାବେ ବାହାରକୁ
ବାହାରୁଛି । ଭଅପରାହ୍ନ କଳା ମିଚି ମିଚି
ରାତିରେ
ଦୂରରୁ ଶୁଭୁଚି ଶୃଗାଳ ମାନଙ୍କ
ବିକଟ ଚିତ୍କାର, ଦୂରରୁ ଶୁଭୁଛି ରାମନାମ
ସତ୍ୟର ଧ୍ୱନି । ଭାବୁଛି ମୁଁ ବି ପ୍ରସ୍ତୁତ
ଯିବାକୁ ସଜାଡି ଦିଅ ମୋର ଅହଂକାର
ପାଳ ଦଉଡ଼ିରେ ଛ ଖଣ୍ଡି କାଠର କୋକେଇ
ଯେଉଁଠି ଜଳୁଥିବି
ନାଟକ ମୋ ଶେଷ ମୁଁ ମୁଁ କାହାପାଇଁ ??

ଅଷ୍ଟରଙ୍ଗ ପୁରୀ
ମୋ- ୮୩୨ ୮୮୦ ୦୧୮୪

❑❑❑

ପ୍ରେମ

ମହାପାତ୍ର ସୁମତି ନାୟକ୍



ଆଜି ପୁଣି ଦେଖା ହେଲା
ନିଜ ସହ ବାସ୍ତବ ଜୀବନେ
ପ୍ରଶ୍ନିଳ ନୟନେ ଭୃକୁଟି ନଈ
ସ୍ନେହ ଆଉ କୋହଭରା ବାଷ୍ପରୁଦ୍ଧ କଣ୍ଠରୁ
ତା'ର ଝରିପଡିଲା ଅସୁମାରୀ
କେତେଯେ ଅକୁହା କଥା ।

ଅନେକ ଭାବିଲାପରେ
ରୋମନ୍ଥନ ହେଉଥିଲା
ମୋ ସ୍ମୃତିର ମାନସ ପଟରେ
ସ୍ତବ୍ଧ କରୁଥିଲା ମୋତେ
ତା'ର ସେଇ କେଇପଦ
ଗୁରୁ ଗମ୍ଭୀର କଥାର ଆତ୍ମୀୟତା ।

ବ୍ୟଥା ବେଦନାକୁ
ବକ୍ଷ ସ୍ଥଳେ ଚାପି ରଖି
ହସିହସି ଆବେଗରେ ଅବାଚିତଭାବେ
ଅଜାଡ଼ି ଦେଉଥିଲା
ମୋ କାନରେ କେଇପଦ
ଚୁପିଚୁପି ମିଠାମିଠା କଥା
ଭଲପାଇବାର କେତେ ଯେ ମିଳାମିଶା

ଏକାଏକା ଖୋଜେ ତାକୁ
ନିରୋଳାରେ ମୋ ସ୍ମୃତିପଟରେ
ଯନ୍ତ୍ରଣାରେ ଦିବାନିଶି ମିଶିବାର
ଅହେତୁକ ଆଶାନେଇ
ଅସୁମାରୀ ସ୍ୱପ୍ନସବୁ ଅଭିମାନ କରି
ମିଳେଇ ଯା'ନ୍ତି ପୁଣି ମୋ ବକ୍ଷସ୍ଥଳରେ ।


ତା' ରୂପ ମାଧୁରୀ ପୁଣି
ମୋତେ ମନେପକାଇ ଦେଲା
ସେଦିନର ସେଇ ସ୍ନିଗ୍ଧ ଶୀତଳ
ରୂପଲାବଣ୍ୟର ବାଟବଣା
ପଥିକର ନିରଳସ ପ୍ରେମ
ଆପଣାର କରିନେବାକୁ
ଅପେକ୍ଷାରେ ମୁଁ ।

ଧାମନଗର, ଭଦ୍ରକ
ମୋ-୯୭୭୭୫ ୫୬୮୧୮

❑❑❑

ଘାସଫୁଲର ଅବସୋସ

ଚୈତନ୍ୟ ପ୍ରସାଦ ବେହେରା



ଘାସ ଫୁଲଟିଏ ବୋଲି ମୁଁ ଆଦର
ପାଇନାହିଁ ଜୀବନରେ
ଭାଗ୍ୟହୀନ ସିନା ଧରା ବୁକେ ଏକା
ଅନୁଭବ ମୁହିଁ କରେ
ତୁମରି ସୃଷ୍ଟିରେ ପ୍ରଭୁ,
ଗୋଲାପ ହେନା ଯେ ଜୁଇଜାଇ ଚମ୍ପା
ସୌଭାଗ୍ୟ ତାଙ୍କର ସବୁ ॥

କେତେ କା'ଚରଣ କରି ମୁଁ ବରଣ
ସୁ କୋମଳ ଦେଇଅଛି
କାହାରି ଆଦର ପାଇନାହିଁ କେବେ
ମନ କଥା ମନେ ଅଛି
ମୁଁ ଛାର ଘାସର ଫୁଲ,
ମୋ ଭାଗ୍ୟରେ ନାହିଁ ଦେବତା ମଣ୍ଡନ
କାହୁଁବା ହୋଇବି ତୁଲ ॥

କାହାର ନଜର ଆସିନାହିଁ ଦିନେ
କାହାକୁ ଅଛି ମୁଁ ଚାହିଁ
ଛାର ଘାସ କୁଳେ ଫୁଟି ଅଛି ବୋଲି
ଶୋଚନା ଜମାରୁ ନାହିଁ
ଦୁଃଖ ଖାଲି ଗଲା ରହି,
ତଳେ ଅଛି ବୋଲି କଳିପାରିଲେନି
ସମାଜର ଜଣେ କେହି ॥

ଏ ଜୀବନ ମୋର କେଡ଼େ ହୀନିମାନ
ଭାବିଲେ ଲାଗୁଛି ଦୁଃଖ
ସେଇ ଦୁଃଖରେ ମୋ ଓଳିକ ଜୀବନ
ଲାଗୁଛି ସରଗ ସୁଖ
କବି କଲମର ଧାରେ,
ମୋତେ ବଞ୍ଚାଇଲେ ଛୋଟ ନ ଭାବିଣ
ତାଙ୍କୁ କୋଟି ମୁଁ ଜୁହାରେ ॥

ଅଧକ୍ଷ
ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ୍
ରଘୁନାଥ ବିହାର
ଖୋର୍ଦ୍ଧା : ୭୫୨୦୫୫
ମୋ-୯୪୩୭୩୬୩୭୪୧

❐❐❐



ସୂର୍ଯ୍ୟବଂଶୀ ସୂରଜ

ଆର୍ଯ୍ୟ ଦାସର ଆମ୍‌ଲିପି

ନିଜକୁ ସଅଁପି ଦେଇ ତ ଦେଖ

ନିରବୀ ଯାଇଥିଲା ଜନପଦ । ଆଶଙ୍କା ଓ ଅନାଗତ ଭୟରେ ତଟସ୍ଥ ହୋଇଯାଇଥିଲେ ଜନପଦୀମାନେ । ଆଖି ମୁଦିଲେ ଅନ୍ଧାର, ଆଖି ଖୋଲିଲେ ବି ଅନ୍ଧାର । ଦିନରାତି, ଋତୁ-ଅଋତୁର ପାର୍ଥକ୍ୟ ଜଣାପଡୁ ନ ଥିଲା । ଘରେ ଘରେ ତାଟି । ଆଖଡ଼ାଶାଳଠାରୁ ଆରମ୍ଭ କରି ମଠ-ମନ୍ଦିର, ଜେଗାଘର - ସବୁକିଛି ଶୂନଶାନ । ଚତୁର୍ଦ୍ଦିଗରେ ଖାଁ ଗୋଡ଼ାଉଥିଲା । ନିର୍ଭୀକ ପାଇକକୁଳ ନିଜ ଅସ୍ତ୍ର ଲୁଚାଇଥିଲେ ଗାଁ ପୋଖରୀ ବା ପାଳ ବଦାଡ଼ିରେ । କାଳଛାୟାର କରାଳତା ଢାଙ୍କି ଦେଇଥିଲା ହୃଦୟକୁ ।

କେହି ଜଣେ ଓଡ଼ିଆ ଗ୍ରହଣ କରିପାରୁ ନ ଥିଲା ଯେ, ତାର ମହାପ୍ରଭୁ, ଯିଏ ଜଗତର ପ୍ରଭୁ, ତାଙ୍କୁ ଦଳେ ଆଫଗାନୀ ଚମ ଦଉଡ଼ିରେ ବାନ୍ଧି ଶଗଡ଼ରେ ବୋହି ବଡ଼ଦାଣ୍ଡରେ ନେଇ ଚାଲିଯିବେ ! ନିରୁତା ହୋଇ ଦେଖୁଥିଲେ ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ । ଶଗଡ଼ ପିଠିରେ ଚିତ୍ ହୋଇ ନୀଳ ଆକାଶକୁ ଅନାଇ ମହାପ୍ରଭୁ ଶୋଇଛନ୍ତି । କ'ଣ ଭାବୁଥିବେ ମନେ ମନେ ?

"ତୁମେ କ'ଣ ସେଇ ଓଡ଼ିଆ, ମୋ ବିନୁ ଯାହାଙ୍କ ଦିନ ଆରମ୍ଭ ହୁଏ ନାହିଁ ? ତୁମେ କ'ଣ ସେଇ ଓଡ଼ିଆ, ଯିଏ ଦିନେ ଆଗଙ୍ଗାକାବେରୀ ଜୟ କରି ଉଡ଼ାଇଥିଲ ବିଜୟର ବାନା ? ଦେଖ, ତୁମ ମାଟିରେ ତୁମ ଠାକୁରଙ୍କୁ କିପରି ନେଇ ଯାଉଛନ୍ତି ବଙ୍ଗ ପ୍ରଦେଶକୁ । ମୋଗଲଗୋଳ ଭିତରେ କଳାପାହାଡ଼ର ମୁଷ୍ଟିମାଡ଼ ତୁମ ମେରୁଦଣ୍ଡକୁ ଦୋହଲାଇ ଦେଇଛି ସତେ । କବାଟ ଫାଙ୍କରୁ ମୋର ଏ ଅବସ୍ଥା ଦେଖିବାର ଯୁ ମଧ୍ୟ କୁଳାଉ ନାହିଁ । ଆସ୍ଥାର ପ୍ରାଣପିଣ୍ଡ ଆଗରେ କେତେ ଆଉ ଅନାସ୍ଥାର ପରିଚୟ ଦେବ ଯେ !"

ଉର୍ଦ୍ଧ୍ୱମୁଖ ମହାବାହୁ ଯଦି କିଛି ଭାବୁଥିବେ; ତେବେ ଏଇୟା ହିଁ ଭାବୁଥିବେ ବୋଲି ଅନୁଭବ ହେଲା ଜଣେ ବଇରାଗୀ ବଇଷମଙ୍କୁ । ବିଶର ମହାନ୍ତିଙ୍କୁ ।

ବାଷ୍ପରୁଦ୍ଧ ହୋଇ ଯାଉଥିଲା ଛାତି । ଆଖିର ଲୁହ ଓ ଅନ୍ତରର କୋହରେ ତାର ଫେଣ୍ଟାଫେଣ୍ଟି ଆବେଗ ଆଉ ଅଟକ ରଖି ପାରିଲା ନାହିଁ ତା ପାଦକୁ । ବିଣ୍ଡିପକା ହାତରେ ମୃଦଙ୍ଗ ବାଡ଼େଇ ବାଡ଼େଇ ମହାପ୍ରଭୁଙ୍କ ପଛେ ପଛେ ଛୁଟିଗଲେ ବିଶର । କଣ୍ଠ କହିବାକୁ ଚାହୁଁଥିଲା - 'କେଣେ ଘେନି ନେଇ ଯାଉଛ ମୋ ଜଗନ୍ନାଥଙ୍କୁ ?' ମନ ଏ ପଦକ କହିବାକୁ ଦେଉ ନ ଥିଲା । ହେଲେ, ବଡ଼ କଥା ହେଲା ଯେ, କିଏ କାହାକୁ ଘେନି ଯାଉଛି । ସୁପ୍ତ ଓଡ଼ିଆ ଜାତିର ମନରେ ବଳ ଜାଗ୍ରତ କରିବା ପାଇଁ ଏହା ମହାପ୍ରଭୁଙ୍କର ଏକ ସୁଆଙ୍ଗ ନୁହେଁ ତ ? ସେମିତିରେ ପତିତ ଉଦ୍ଧାର ପାଇଁ ମହାବାହୁ ବର୍ଷକୁ ଥରେ ରତ୍ନବେଦୀରୁ ଓହ୍ଲାଇ ଆସନ୍ତି । ପ୍ରଭୁଙ୍କ ବିନା ଇଚ୍ଛାରେ ପତ୍ରଟିଏ ବି ହଲେନାହିଁ, ତେବେ ଏହି ଘଟଣା-ଅଘଟଣ କ'ଣ ତାଙ୍କରି ନିର୍ଦ୍ଦେଶିତ ? ଏମିତି ଅନେକ ପ୍ରଶ୍ନ ସମୁଦ୍ରର ଢେଉ ପରି ବିଶର ମହାନ୍ତିଙ୍କ ମୁଣ୍ଡରେ ବାରମ୍ବାର ବାଡ଼େଇ ହେଉଥିଲା ।

ଶେଷରେ ଗଙ୍ଗାତୀରରେ ଯେବେ ଶ୍ରୀଅଙ୍ଗରେ ନିଆଁ ଲଗାଇ ଦିଆଗଲା, ବିଶର ମହାନ୍ତିଙ୍କ ଅନ୍ତରଟା ସତେ ଜଳିଉଠିଲା । ଲେଲିହାନ ଅଗ୍ନିଶିଖାରୁ ପ୍ରଭୁଙ୍କୁ କିପରି ରକ୍ଷା କରିବେ, ତାକୁ ନେଇ ବିଶରଙ୍କ ମୁଣ୍ଡ ବୁଲାଇ ଦେଉଥିଲାବେଳେ ମନକୁ ଆସିଲା ପ୍ରଭୁଙ୍କ 'ବ୍ରହ୍ମ' କଥା । ଆଫଗାନୀ ସେନା ଅଧା ଜଳା ଅବସ୍ଥାରେ ମହାପ୍ରଭୁଙ୍କୁ ଛାଡ଼ିଦେଇ ଗଲା ପରେ ଅତି ସନ୍ତର୍ପଣରେ ବିଶର ମହାନ୍ତି ବ୍ରହ୍ମକୁ ଆଣି ରଖିଲେ ମୃଦଙ୍ଗ ଭିତରେ । ସେଠାରୁ ସେ ପୁଣି ଶ୍ରୀକ୍ଷେତ୍ରକୁ ଫେରିଆସିଲେ । ତା' ପରେ ଯାହା; ତାହା ଇତିହାସ ।

ବୋଧହୁଏ ମହାପ୍ରଭୁ ହିଁ ଚାହିଁଥିଲେ ଓଡ଼ିଆ ଜାତିକୁ ତାର ପିଛିଲି ଦର୍ପଣ ଦେଖାଇବା ପାଇଁ । 'ପଣ ନୁହେଁ, ଜଣ' ହିଁ ମୋ ପାଇଁ ଦରକାର, ଯିଏ ଆଗପଛ ନ ବିଚାରି ଅଜାଡି ଦେବ ନିଜକୁ ସମାଜ ପାଇଁ । ସଂସାରଯାକର ଲୋକେ ଗୋଟେ ଦିଗରେ ଯାଆନ୍ତୁ, କିନ୍ତୁ ମତେ ଆଦରି ଯିଏ ଧର୍ମ ମାର୍ଗରେ ପାଦ ବଢ଼ାଉଥିବ, ମୁଁ ତାକୁ ଘଣ୍ଟ ଘୋଡ଼ାଇ ରଖିଥିବି । ଛାର କଳାପାହାଡ଼ ହେଉ ଅବା ସୁଲତାନ ସୁଲେମାନ ହେଉ, ତାର କିଛି କରିପାରିବ ନାହିଁ ।

ଇତିହାସର ମୋଡ଼ ସବୁବେଳେ କେବଳ ବଡ଼ବଡ଼ିଆ ବଦଳାନ୍ତି ନାହିଁ; ବିଶର ମହାନ୍ତିଙ୍କ ପରି ଅକିଞ୍ଚନ , ଅସାଧାରଣ ନିଷ୍ଠା ବଳରେ ଇତିହାସଠାରୁ ବଡ଼ ହୋଇଯାଆନ୍ତି । ବୋଧହୁଏ ଜଗନ୍ନାଥ ହିଁ ତାଙ୍କୁ ବଡ଼ କରନ୍ତି । କେବଳ ସାହସ ରଖି ନିଜକୁ ସମର୍ପି ଦେଇ ତ ଦେଖ ।

ସୁନନ୍ଦିନୀ ସୁହୃତ

□□□